

'ପରମ ସୁନ୍ଦରୀ' ପାଇଁ ୧୨ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-70 ◆WEDNESDAY ◆3 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୦ ◆ବୁଧବାର ◆୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଝିଅ କବିତାଙ୍କୁ ଦଳରୁ ନିଲମ୍ବନ କଲେ କେସିଆର୍

■ **ହାଇଦରାବାଦ, ୨।୯ (ଏଜେନ୍ସି):** ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଭାରତୀୟ ରାଷ୍ଟ୍ର ସମିତି (ବିଆରଏସ)ରେ ଭାଇ-ଭଉଣୀ କଳି ଉଗ୍ରରୂପ ଧାରଣ କରିଛି। ଏହି କ୍ଷମତା କନ୍ଦଳରେ ବାପା ପୁଅର ପକ୍ଷ ନେଇ ଝିଅ ତଥା ଏମଏଲସି କେ. କବିତାଙ୍କୁ ତତ୍କାଳ ପ୍ରଭାବରେ ମଙ୍ଗଳବାର ଦଳରୁ ନିଲମ୍ବନ କରିଦେଇଛନ୍ତି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିଆରଏସ ପକ୍ଷରୁ କୁହାଯାଇଛି। ଦିନକ ତଳେ ସାମ୍ବାଦିକ ସମ୍ମିଳନୀ କରି କବିତା ଭାଇ କେଟିଆର୍ ଏବଂ ସମ୍ପର୍କୀୟ ଭାଇ ଟି ହରିଶ ରାଓଙ୍କ ବିରୋଧରେ ଗୁରୁତର ଅଭିଯୋଗ



ଆଣିଥିଲେ। ଦଳର ସହଯୋଗୀମାନେ କେସିଆର ଛବି ଖରାପ କରୁଥିବା କହିଥିଲେ। ସୂଚନା ଅନୁଯାୟୀ ଦୀର୍ଘ ଦିନ ହେଲା ଦଳର ନେତୃତ୍ୱକୁ ନେଇ ନିଜ ଭାଇ କେଟିରାମା ରାଓ ଓରଫ କେଟିଆର ଏବଂ ସମ୍ପର୍କୀୟ ଭାଇ ଟି. ହରିଶଙ୍କ ସହ ତାଙ୍କର ବିବାଦ ଚାଲିଛି। କବିତା ଅଭିଯୋଗ କରିଥିଲେ ଯେ ବିଆରଏସର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କେଟିଆର ଦଳକୁ ବିଜେପିରେ ମିଶାଇବାକୁ ଚାହୁଁଛନ୍ତି। ସେହିପରି ବରିଷ୍ଠ ନେତା ଟି ହରିଶ ରାଓ ଏବଂ ପୂର୍ବତନ ସାଂସଦ ମେଘା କୃଷ୍ଣ ରେଡ୍ଡୀ ତାଙ୍କ ବାପାଙ୍କୁ ଦୁର୍ନୀତି ମାମଲାରେ ବଳି ବୋଦା କରିବାକୁ ଚାହୁଁଛନ୍ତି। ତେଲଙ୍ଗାନାର ▶ପୃଷ୍ଠା-୧୦

## ପୁଲିସକୁ ଗୁଳିକରି ଦୁଷ୍କର୍ମ ଅଭିଯୁକ୍ତ ବିଧାୟକ ଫେରାର

■ **ଚଣ୍ଡୀଗଡ଼, ୨।୯ (ଏଜେନ୍ସି):** ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ପଞ୍ଜାବ ଆମ ଆଦମୀ ପାର୍ଟି (ଆପ୍) ବିଧାୟକ ହରମିତ୍ ସିଂହ ପଠାଣମାଜରା ପୁଲିସକୁ ଗୁଳିକରି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ପୁଲିସ୍ ସୂଚନା ଅନୁଯାୟୀ, ଗିରଫ ପରେ ପଠାଣମାଜରାଙ୍କୁ ପଟିଆଲାର ଏକ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଉଥିବା ସମୟରେ ସେ ଏବଂ ତାଙ୍କ ସହଯୋଗୀମାନେ ପୋଲିସ ଉପରେ ଗୁଳି ଚଳାଇ ଏକ ଧଳା ଏସୟୁଭି ଗାଡ଼ିରେ ଖସି ପଳାଇଛନ୍ତି। ଜଣେ ପୁଲିସ୍ କର୍ମଚାରୀ ସେମାନଙ୍କ ଗୁଳିରେ ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ପଠାଣମାଜରାଙ୍କୁ



ହରିୟାଣାର କରନାଲ ଜିଲ୍ଲାର ଡାବରି ଗାଁରୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଗିରଫ କରାଯାଇଥିଲା। ତାଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସ ଏକ ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ କରିଛି।

ସୋମବାର ରାତିରେ ସନୌର ବିଧାୟକ ହରମିତ୍ ସିଂହ ପଠାଣମାଜରାଙ୍କ ବିରୁଦ୍ଧରେ ପଟିଆଲାର ସିଭିଲ୍ ଲାଇନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଜିରକପୁରର ଜଣେ ମହିଳାଙ୍କ ଅଭିଯୋଗ ଉପରେ ଏହି ଏଫଆଇଆର ରୁଜୁ ହୋଇଥିଲା। ପଠାଣମାଜରା ଏକ ଭିଡିଓ ଜାରି କରି ତାଙ୍କ ନିଜ ଦଳର ନେତୃତ୍ୱ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି।

### 'ସେମିକନ୍-୨୦୨୫' ସମ୍ମିଳନୀରେ ଓଡ଼ିଶାର ତିନି ଚିପ୍

## ଏନ୍ଆଇଟି ରାଉରକେଲା, ବ୍ରହ୍ମପୁର ପିଏମ୍ଇସିରୁ ପ୍ରସ୍ତୁତ ହୋଇଛି ଚିପ୍

■ **ଭୁବନେଶ୍ୱର, ୨।୯ (ସମିସ):** ଦିଲ୍ଲୀରେ ଆରମ୍ଭ ହୋଇଥିବା 'ସେମିକନ୍-୨୦୨୫' ସମ୍ମିଳନୀରେ ରାଜ୍ୟର ଦୁଇଟି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଦ୍ୱାରା ନିର୍ମିତ ୩ଟି ସେମିକଣ୍ଡକ୍ଟର ଚିପ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଏଥି ମଧ୍ୟରୁ ଦୁଇଟି ଚିପ୍ ଏନ୍ଆଇଟି ରାଉରକେଲା ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ଗୋଟିଏ ଚିପ୍ ବ୍ରହ୍ମପୁର ସ୍ଥିତ ପାରଳା ମହାରାଜ ଇଂଜିନିୟରିଂ କଲେଜ(ପିଏମ୍ଇସି)ରେ ପ୍ରସ୍ତୁତ ହୋଇଛି। ଦେଶର ୭୮ ଟି ବିଶ୍ୱବିଦ୍ୟାଳୟ ଓ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି ଚିପ୍ ପ୍ରସ୍ତୁତ କରିଛନ୍ତି। ସେମିକଣ୍ଡକ୍ଟର ଶିଳ୍ପର ବିକାଶ ଓ ପ୍ରସ୍ତୁତି କ୍ଷେତ୍ରରେ ଦେଶରେ ଆରମ୍ଭ ହୋଇଥିବା ବୈପ୍ଳବିକ ଯାତ୍ରାରେ ଓଡ଼ିଶାର ଯୋଗଦାନକୁ ଜାତୀୟ ସ୍ତରରେ ପ୍ରଶଂସା ମିଳିଛି। ଏହି ଚିପ୍‌ଗୁଡ଼ିକ ଭାରତର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ୍



ହୋଇଥିବାରୁ ପ୍ରଧାନମନ୍ତ୍ରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକାକୁ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଆମର ବିଗତ ଶତାବ୍ଦୀ ତେଲ ଦ୍ୱାରା ଗଢ଼ା ହୋଇଥିଲା। ବିଶ୍ୱର ଭାଗ୍ୟ ତୈଳ କୂପ ଦ୍ୱାରା ▶ପୃଷ୍ଠା-୧୦

### ଆଜିଠୁ ଜିଏସ୍‌ଟି ପରିଷଦ ବୈଠକ

## କମିବ ୧୭୫ ସାମଗ୍ରୀର ଟିକସ ହାର

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୯ (ସମିସ):** ବୁଧବାରଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେଉଛି ଜିଏସ୍‌ଟି ପରିଷଦର ୫୬ତମ ବୈଠକ। ସେପ୍ଟେମ୍ବର ୩ ଏବଂ ୪ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ବୈଠକ ଉପରେ ସାରା ଦେଶର ନଜର ରହିଛି। ଭାରତ ଉପରେ ଆମେରିକା ୫୦% ଟାରିଫ୍ ଲଗାଇଥିବା ପରିପ୍ରେକ୍ଷୀରେ ଏହି ବୈଠକ ବହୁ ଗୁରୁତ୍ୱବହନ କରୁଛି। ନିକଟ ଅତୀତରେ ଜିଏସ୍‌ଟି ମନ୍ତ୍ରୀ ପରିଷଦ ବୈଠକରେ ଜିଏସ୍‌ଟିର ୪ଟି ବର୍ଗ ମଧ୍ୟରୁ ୧୨% ଓ ୨୮% ଟିକସ ଉଚ୍ଛେଦ ସହ ଅତ୍ୟଧିକ ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୪୦% ପର୍ଯ୍ୟନ୍ତ ଟିକସ ଲାଗୁ ନିମନ୍ତେ ପ୍ରସ୍ତାବ ରହିଥିଲା। ଆସନ୍ତାକାଲି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇପାରେ। ତେବେ କେନ୍ଦୁପତ୍ର ଓ ହସ୍ତତନ୍ତ ଉପରେ ଆଦାୟ ହେଉଥିବା ଜିଏସ୍‌ଟି ଉଚ୍ଛେଦ ପାଇଁ ହେଉଥିବା ବହୁଦିନର ଦାବି ସଂକ୍ରାନ୍ତରେ କି ନିଷ୍ପତ୍ତି ନିଆଯିବ ତାହା ଏଯାଏ ସ୍ଥିର ହୋଇନାହିଁ।




▶ ସିଗାରେଟ ଉପରେ ଲାଗିବ ୪୦% ଟିକସ

▶ ଜିଏସ୍‌ଟି ମୁକ୍ତ ହୋଇପାରେ ବୀମା ଦେୟ

ସୂଚନା ଅନୁସାରେ ଜିଏସ୍‌ଟି ପରିଷଦ ବୈଠକରେ ପ୍ରାୟ ୧୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇପାରେ। ବୈଠକର କାର୍ଯ୍ୟସୂଚୀରେ ୫% ଏବଂ ୧୮% ଦୁଇଟି ମୁଖ୍ୟ ଟିକସ ହାର ସ୍ଥିର କରିବାର ପ୍ରସ୍ତାବ ରହିଛି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଟିଭି, ଫ୍ରିଜ୍, କାର, ବାଇକ୍, ପ୍ରସାଧନ ସାମଗ୍ରୀ, ଟାୟାର ଓ ଅନ୍ୟ ଉତ୍ପାଦଗୁଡ଼ିକ ଶସ୍ତା ହୋଇପାରେ ବୋଲି ଆଶା କରାଯାଉଛି। ତେଣୁ ସ୍ୱାଭାବିକ ଭାବରେ ଭାରତୀୟ ଉଦ୍ୟୋଗ, ନିବେଶକ ଏବଂ ସେୟାର ବଜାରର ନଜର ଏବେ ଏହି ଜିଏସ୍‌ଟି ପରିଷଦ ବୈଠକ ଉପରେ ରହିଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୩୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ବୈଠକ ପୂର୍ବରୁ ରାଜ୍ୟଗୁଡ଼ିକର ଜିଏସ୍‌ଟି ଅଧିକାରୀମାନଙ୍କର ଏକ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଯେଉଁଥିରେ ଟିକସ ହାର ପରିବର୍ତ୍ତନ ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ଏବଂ ଅନୁପାଳନ ପ୍ରସଙ୍ଗ ଉପରେ ଗଭୀର ଆଲୋଚନା ହୋଇଛି। ଏହି ବୈଠକରେ ୫ ଏବଂ ୧୮ ପ୍ରତିଶତର ଦୁଇ-ସ୍ତରୀୟ ଟିକସ ହାର ପ୍ରଚଳନ ସହ ଉଚ୍ଚମୂଲ୍ୟର ବିଳାସପୂର୍ଣ୍ଣ ଗାଡ଼ି ଉପରେ ୪୦% ଟିକସ ଲାଗୁ ହୋଇପାରେ ବୋଲି କୁହାଯାଉଛି। ପୂର୍ବରୁ ମନ୍ତ୍ରୀ ▶ପୃଷ୍ଠା-୧୦

### ସୃଷ୍ଟି ହେଲା ଲଘୁଚାପ

## ସାରା ରାଜ୍ୟରେ ପ୍ରବଳ ବର୍ଷା

### ପୁଣି ଉତ୍ତରରେ ଫୁଲିବ ନଦୀ

### ହାଟଡିହିରେ ସର୍ବାଧିକ ୨୨୫.୧ ମିମି ବର୍ଷା ରେକର୍ଡ

■ **ଭୁବନେଶ୍ୱର, ୨।୯ (ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ପ୍ରଭାବରେ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ଗୋଟିଏ ସ୍ଥାନରେ ଅତି ପ୍ରବଳ, ୪ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ୫ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। କେନ୍ଦୁଝରର ହାଟଡିହିରେ ସର୍ବାଧିକ ୨୨୫.୧ ମିମି ବର୍ଷା ରେକର୍ଡ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଅଧିକ ଘନୀଭୂତ ହେବା ସହ ଏହା ସଦୃଶ ଲଘୁଚାପରେ ପରିଣତ ହୋଇ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ଓ ଓଡ଼ିଶା ମଧ୍ୟ ଦେଇ ଆଗକୁ ଯିବ। ଫଳରେ ବୁଧବାର ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ନେଇ ▶ପୃଷ୍ଠା-୧୦



ବାଲେଶ୍ୱର ସହରରେ ବନ୍ୟା

### ରାସ୍ତାରେ ଜାଲ ପକାଇଲେ

■ **ବାଲେଶ୍ୱର, ୨।୯ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ବାଲେଶ୍ୱର ସହର ଉବୁଟୁବୁ ହୋଇଛି। ରେମୁଣା ଗୋଲେଇଠାରୁ ବାଲେଶ୍ୱର ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ନୂଆସାହି-ବାଲିଆ ରାସ୍ତାରେ ୪ଫୁଟ୍‌ରୁ ଊର୍ଦ୍ଧ୍ୱ ଉଚ୍ଚର ଜଳ ପ୍ରବାହିତ ହେଉଛି। ଏଥିସହ ସହରର ଅନ୍ୟ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇ ଲୋକେ ହନ୍ତସନ୍ତ ହୋଇଛନ୍ତି। ଆଜି ସ୍ଥାନୀୟ ଲୋକମାନେ ସେହି ରାସ୍ତା ଉପରେ ଲହଡି ମାରୁଥିବା ପାଣିରେ ଜାଲ ପକାଇ ଅଭିନବ ଭାବେ ପ୍ରତିବାଦ କରିଛନ୍ତି। ଏପରିକି, ଘଟଣାକୁ ସ୍ଥଳକୁ ▶ପୃଷ୍ଠା-୧୦

### ହୀରାକୁଦରୁ ୬ ଗେଟ୍‌ରେ ଜଳ ନିଷ୍କାସନ



■ **ସମ୍ବଲପୁର, ୨।୯ (ସମିସ):** ହୀରାକୁଦ ଜଳଭଣ୍ଡାରର ଜଳସ୍ତରରେ ବୃଦ୍ଧି ପାଉଥିବାରୁ ଆଜି ପର୍ଯ୍ୟାୟକ୍ରମେ ୬ଟି ଗେଟ୍ ଖୋଲାଯାଇଛି। ନଦୀବନ୍ଧର ବାମପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି, ଏହିଭଳି ମୋଟ୍ ୬ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପିଛା ୬୭,୧୨୯ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୩,୫୧୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୭,୦୧୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୨,୨୫୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ▶ପୃଷ୍ଠା-୧୦

### ବିଜେପିକୁ ଅଡୁଆ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

## ସେପଟେ ଲବି, ଏପଟେ ଚାପ

■ **ଭୁବନେଶ୍ୱର, ୨।୯ (ସମିସ):** ରାଜ୍ୟ ବିଜେପି ସରକାରକୁ ୧୫ ମାସ ଚାଲୁଥିବା ବେଳେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ନେଇ ଏଯାବତ୍ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ମନ୍ତ୍ରିମଣ୍ଡଳକୁ ନେଇ ଶୀର୍ଷ ନେତୃତ୍ୱ ସ୍ତରରେ ବାରମ୍ବାର ପ୍ରୟାସ ହୋଇଥିଲେ ହେଁ ବିଭିନ୍ନ କାରଣ ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ। ଏପଟେ ଖାଲିଥିବା ୬ ମନ୍ତ୍ରୀ ପଦ ପାଇଁ ଦଳର ଦୁଇ ଡଜନ ନେତା ଚାହିଁ ବସିଛନ୍ତି। ସେହିପରି ମନ୍ତ୍ରିମଣ୍ଡଳରେ ବର୍ତ୍ତମାନ ଥିବା କିଛି ମନ୍ତ୍ରୀଙ୍କୁ ବାଦ ଦିଆଯିବା ପାଇଁ ଯୋଜନା ହେଉଥିଲେ ହେଁ ଲବି ଓ ଚାପ ଯୋଗୁଁ ତାହା ସମ୍ଭବ ହୋଇପାରୁ ନାହିଁ।

ନିକଟ ଅତୀତରେ ଦଳର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ମନ୍ତ୍ରିମଣ୍ଡଳକୁ ନେଇ ଦଳକୁ ଅଡୁଆରେ ପକାଇବା ଭଳି ଅନେକ ଅଭିମାନପୂର୍ଣ୍ଣ ମନ୍ତବ୍ୟ ଦେଇଥିବା ବେଳେ ମଙ୍ଗଳବାର ପୁଣି ତାହାକୁ ଦୋହରାଇଛନ୍ତି। କେବଳ ଜୟ ନାରାୟଣ ନୁହନ୍ତି, ବିଧାୟକ ପ୍ରକାଶ ସୋରେନ ମଧ୍ୟ ବରିଷ୍ଠଙ୍କୁ

### ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ; ଓଡ଼ିଶାରେ ଅଭିମାନ

### ଖେଞ୍ଚ ମାରିଲେ ଜୟ, ଦାବି କଲେ ପ୍ରକାଶ

ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା କଥା କହି ନିଜ ଦାବି ଉପସ୍ଥାପନ କରିଛନ୍ତି।

ଜୟନାରାୟଣ କହିଛନ୍ତି ଯେ ସମ୍ପ୍ରସାରଣକୁ ନେଇ ଚର୍ଚ୍ଚା ଆଲୋଚନା ହୁଏ। ମନ୍ତ୍ରିମଣ୍ଡଳ ଯେହେତୁ ଖାଲି ଅଛି, ଚର୍ଚ୍ଚା ହେବା ଏକ ସ୍ୱାଭାବିକ କଥା। ସମ୍ପ୍ରସାରଣ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ଅଧୀନ ବିଷୟ। ସେ ଯେତେବେଳେ ଚାହିଁବେ ଏହାକୁ ପୂରଣ କରିବେ। ଏପରିକି ସେ ଏକା ମଧ୍ୟ ମନ୍ତ୍ରିମଣ୍ଡଳ ଚଳାଇପାରିବେ। ମୁଁ ଦଳର ଗୋଟେ ଛୋଟିଆ କର୍ମୀ, ତୃଣମୂଳ କାମ କରିବା ଜାଣେ; ଉପର କଥା ଜାଣେ ନାହିଁ। ରାଜନୀତିରେ ବରିଷ୍ଠ ଅଭିଜ୍ଞର କୌଣସି ମୂଲ୍ୟ ନାହିଁ। ଦଳ ପାଇଁ ନିଷ୍ଠାର ସହ କାମ ଏବଂ କେସ ଖାଇବା ମୂଲ୍ୟହୀନ। ଏସବୁର କିଛି ଗୁରୁତ୍ୱ ନଥାଏ। ମୋ ପାଇଁ ସରକାର ଆସିଛି କି କାହା ପାଇଁ ଆସିଛି ସେକଥା କିଏ ଜାଣେ। ଲୋକେ ନିଷ୍ପତ୍ତି ନେବେ। ମାତ୍ର ଅନେକ ଲୋକ ତାଙ୍କ ପାଇଁ ସରକାର ଆସିଛି ତାହାକୁ ଆମେ ସ୍ୱୀକାର କରୁଛୁ ବୋଲି କହୁଛନ୍ତି ବୋଲି ଜୟ ନାରାୟଣ ମନ୍ତବ୍ୟ ରଖିଛନ୍ତି। ସେହିପରି ଦଳର ଅନ୍ୟତମ ବିଧାୟକ ପ୍ରକାଶ ସୋରେନ ମଧ୍ୟ ▶ପୃଷ୍ଠା-୧୦

## ଫୁଲବାଣୀ, ତାଳଚେର ମେଡିକାଲ କଲେଜରେ ଡାକ୍ତରୀ ପାଠ୍ୟକ୍ରମକୁ ମଞ୍ଜୁରୀ

■ **ଭୁବନେଶ୍ୱର, ୨।୯ (ସମିସ):** ୨୦୨୫-୨୬ ଶିକ୍ଷାବର୍ଷରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜରେ ଏମବିବିଏସ ପାଠ୍ୟକ୍ରମ ଆରମ୍ଭ ହେବ। ଚଳିତ ଶିକ୍ଷା ବର୍ଷ ପାଇଁ ଉଭୟ କଲେଜରେ ୧୦୦ ଲେଖାଏଁ ଏମବିବିଏସ ସିଟ୍‌ରେ ନାମ ଲେଖା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ମାସରେ ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦୦ଟି ଲେଖାଏଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ ଅନୁରୋଧ କରିଥିଲେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଏହାପରେ କେନ୍ଦ୍ର ସରକାର ଉପରୋକ୍ତ

### ୧୦୦ ଲେଖାଏଁ ସିଟରେ ନାମଲେଖାକୁ ଅନୁମୋଦନ

### ପ୍ରଧାନମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ ଉପରୋକ୍ତ ଦୁଇଟି ମହାବିଦ୍ୟାଳୟ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରରେ ନୂଆଭାବେ ପ୍ରତିଷ୍ଠିତ ହୋଇଛି । ଏହି ଦୁଇ ଅନୁଷ୍ଠାନର ଡିନ ଓ ପ୍ରିନ୍ସିପାଲ ମାନେ ଅନୁମତି ପତ୍ର ପାଇବା ପାଇଁ ଆବେଦନ ଗତ ଜାନୁଆରୀ ୧୮ ତାରିଖରେ ନ୍ୟାସନାଲ ମେଡିକାଲ କମିଶନ(ଏନଏମସି)ର ▶ପୃଷ୍ଠା-୧୦

### ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍ ରିପୋର୍ଟ

## ବସ୍ତାନୀ ବୋଝରେ ବଙ୍କା ପିଲାଙ୍କ ମେରୁଦଣ୍ଡ

■ **ଭୁବନେଶ୍ୱର, ୨।୯ (ସମିସ):** ଆଜିକାଲି ଅନେକ ପିଲା କିଶୋର ବୟସରେ ମେରୁଦଣ୍ଡ ଯନ୍ତ୍ରଣା, କାନ୍ଧରେ ଚାପ ଓ ପିଠି ଯନ୍ତ୍ରଣା ଭଳି ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ଓଜନିଆ ସ୍କୁଲ ବ୍ୟାଗ୍ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ପ୍ରତିଦିନ ପିଲାମାନଙ୍କ କାନ୍ଧରେ ଝୁଲୁଥିବା ଏହି ବ୍ୟାଗ ସେମାନଙ୍କ ସ୍ୱାସ୍ଥ୍ୟ, ଅଙ୍ଗଭଙ୍ଗୀ ଏବଂ ଶାରୀରିକ ବୃଦ୍ଧି ଉପରେ ସିଧାସଳଖ ପ୍ରଭାବ ପକାଉଛି।

ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ପିଲାମାନେ ପ୍ରାୟତଃ ସେମାନଙ୍କ ଶରୀରର ଓଜନର ୧୦ ରୁ ୨୫ ପ୍ରତିଶତ ସ୍କୁଲ ବ୍ୟାଗ ବହନ କରନ୍ତି। ଯାହା ପିଲାଙ୍କ ସ୍ୱାସ୍ଥ୍ୟ ଓ ଶରୀର ପାଇଁ ବିପଦ ସୃଷ୍ଟି କରିଛି। ସାଧାରଣତଃ ଗୋଟିଏ ସ୍କୁଲ ପିଲା ଦିନକୁ ପ୍ରାୟ ୮ଟି ବିଷୟରେ ବିଦ୍ୟାଳୟରେ ପଢ଼ିଥାଏ। ତେଣୁ ସ୍କୁଲକୁ ଅତି କମରେ ୮ଟି ବହି ସମେତ ନୋଟବୁକ୍, ୱାର୍କସିଟ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ସାଥିରେ ନେଇଥାଏ। ଦିନକୁ ଅନ୍ୟୂନ ୨୦ ରୁ ୨୫ ମିନିଟ୍ ପାଇଁ ପିଲାମାନେ ତାକୁ କାନ୍ଧରେ ବୋହିଥାନ୍ତି। ଏଣୁ ସେମାନଙ୍କ ପିଠିରେ ଯନ୍ତ୍ରଣା ହୋଇଥାଏ। ଏହି ରିପୋର୍ଟ ଅନୁସାରେ ପୁଅମାନଙ୍କ ତୁଳନାରେ ଝିଅମାନେ ଏହି ଯନ୍ତ୍ରଣାରେ ଅଧିକ ପୀଡ଼ିତ ହୋଇଥାନ୍ତି। ବିଶେଷକରି ଭାରୀ ବ୍ୟାଗ୍ ବୋହିଥିବା ପିଲାମାନେ ବ୍ୟାଗ୍ ଓଜନରେ ସନ୍ତୁଳନ ଆଣିବା ପାଇଁ ପ୍ରାୟତଃ ଆଗକୁ ନଇଁ ଚାଲନ୍ତି। ଏହା ଶରୀରର ସ୍ଥିତିକୁ ଅସ୍ୱାଭାବିକ କରିବା ସହ ମେରୁଦଣ୍ଡକୁ କ୍ରମଶଃ ବଙ୍କା କରିଦିଏ। ସ୍କୋଲିଓସିସ୍ ପରି ମେରୁଦଣ୍ଡ ସମସ୍ୟା ଥିବା ପିଲାଙ୍କ କ୍ଷେତ୍ରରେ ଆହୁରି ଜଟିଳ ସ୍ଥିତି ସୃଷ୍ଟି ହୋଇଥାଏ। ପିଲାର ପିଠି, କାନ୍ଧ କିମ୍ବା ଗୋଡରେ ଯନ୍ତ୍ରଣା ହେବା ଆରମ୍ଭ ହେବା ଓଜନିଆ ବ୍ୟାଗର ପ୍ରଭାବ ହୋଇପାରେ। ଏହା ବ୍ୟତୀତ ପିଠି, ବେକ ଓ କାନ୍ଧରେ ଯନ୍ତ୍ରଣା ବା କଠିନ ହେବା, ହାତ ଝିମ୍‌ଝିମ୍ ହେବା, ଚାଲିବା ଓ ବସିବାରେ ଅସମାନତା, ଲଗାତାର ଅସ୍ଥିରତା, ହାଲୁକା ଜ୍ୱର କିମ୍ବା ଓଜନ ହ୍ରାସ, ପରିସ୍ରା ସମସ୍ୟା ତୀବ୍ର ହୁଏ କିମ୍ବା ଲାଗି ରହିବା ଏହାର ଅନ୍ୟତମ କାରଣ। ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହା ଖରାପ ପ୍ରଭାବ ପକାଇଥାଏ। ପିଲାଙ୍କ ମଧ୍ୟରେ ଚିଡ଼ିଚିଡ଼ା, ଅସ୍ଥିରତା ଏବଂ ସ୍କୁଲ୍ ନ ଯିବାକୁ ବାହାନା ଆଦି ଲକ୍ଷଣ ଦେଖାଯାଏ। ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିଲେ ▶ପୃଷ୍ଠା-୧୦



### ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ଗୁରୁତର ପ୍ରଭାବ

### ପୁଅଙ୍କ ଅପେକ୍ଷା ଝିଅମାନଙ୍କ ସ୍ୱାସ୍ଥ୍ୟ ଅଧିକ ପ୍ରଭାବିତ

# ତାଲୁଆରେ ବ୍ୟାପୁଛି ଝାଡ଼ାବାନ୍ତି ଜଣେ ମୃତ; ୨ ଗୁରୁତର



**ବଡ଼ଚଣା, ୨୧୯ (ସମିସ)**

ବଡ଼ଚଣା ବ୍ଲକ ସାଉଡିଆ ପଞ୍ଚାୟତ ଅନ୍ତର୍ଗତ ବଣିଆରି ରାଜସ୍ୱ ଗ୍ରାମର ତାଲୁଆ ୧୨ ନଂ ୱାର୍ଡରେ ଦୀର୍ଘ ଦିନ ହେବ ଝାଡ଼ାବାନ୍ତି ବ୍ୟାପୁଛି। ଗତ ରବିବାର ଚିକିତ୍ସାଧୀନ ଅବସ୍ଥାରେ ଝରଣା ମଲିକ ୪୭ ବର୍ଷଙ୍କର କଟକ ବଡ ମେଡିକାଲରେ ମୃତ୍ୟୁ ହୋଇଥିବା ବେଳେ ଆଜି ଦୁଇ ଜଣ ଆକ୍ରାନ୍ତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗତକାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ବିଡିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଖବର ପ୍ରକାଶନ ପରେ ଆଜି ଜିଲ୍ଲା ସ୍ତରୀୟ ବିଶେଷଜ୍ଞ ଦଳ ସାହିରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନାନୁସାରେ ଉକ୍ତ ସାହିରେ ପ୍ରାୟ ୧୭ ଗୋଟି ପରିବାର ଯାହାର ଲୋକ ସଂଖ୍ୟା ୮୦ରୁ ଅଧିକ ହେବ ବାସ କରନ୍ତି। ସମସ୍ତେ ଗରୀବ ଅନୁସୂଚିତ ଜାତି ବର୍ଗର ଅଟନ୍ତି। ଏଠାରେ ଗୋଟିଏ ହେଲେ ବି ସରକାରୀ ନଳକୂପ ନାହିଁ। ସମସ୍ତେ ଗୋଟିଏ ଖୋଲା କୂଅରୁ ପାଣି ବ୍ୟବହାର କରନ୍ତି। ଆହୁରି ମଧ କାହାରି ଘରେ ଶୈଚାଳୟ ନାହିଁ, ସମସ୍ତେ ବାହାରେ ମଳତ୍ୟାଗ କରନ୍ତି। ସାହି ଚାରିପଟେ ନାଗଦଳ ଭର୍ତ୍ତି ଜଳାଶୟ। ସାହିର ଦୁଇ ଜଣ ମା' କାଳୀ ମଲିକ ଓ ପୁଅ ଉମାକାନ୍ତ କଟକ ବଡ ମେଡିକାଲରେ ଚିକିତ୍ସାଧୀନ

### ଗାଁରେ ପହଞ୍ଚିଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ

ଅଛନ୍ତି। ଆଜି ପଞ୍ଚୁ ମଲିକ (୭୦) ଓ ପୁଅ ପ୍ରଭାତ (୪୦) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଜିଲ୍ଲା ମହାମାରୀ ବିଶେଷଜ୍ଞ ଡାକ୍ତର ଜ୍ୟୋତିରଞ୍ଜନ ରାଉତ, ବ୍ଲକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ପ୍ରସାରଣ ଅଧିକାରିଣୀ ମନୋରମା ସ୍ୱାଇଁ, ସରପଞ୍ଚ ଜଗନ୍ନାଥ ଖଣ୍ଡାଇଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ଗାଁରେ ପହଞ୍ଚି ଜଳନମୂନା ସଂଗ୍ରହ କରି ନେଇଥିଲେ। ଲୋକଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରିଥିଲେ। ଟ୍ୟାଙ୍କର ମାଧ୍ୟମରେ ଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ପଞ୍ଚାୟତ ପକ୍ଷରୁ କରାଯାଇଛି।

### ଆନ୍ତଃରାଜ୍ୟ ଗଞ୍ଜେଇ ରାକେଟ ଠାବ

# ୭୧ କିଲୋ ଗଞ୍ଜେଇ ଜବତ; ୩ ଗିରଫ



**ସୁକିନ୍ଦା/ଦାନଗଦି, ୨୧୯ (ସମିସ):** ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚୋରାଗଞ୍ଜେଇ କାରବାର କରୁଥିବା ତିନିଜଣ ଚୋରା ଗଞ୍ଜେଇ ବେପାରୀଙ୍କୁ କଳିଙ୍ଗନଗର ପୁଲିସ ଗିରଫ କରିବା ସହ ଏକ ବୋଲେରୋ ଗାଡ଼ି ଜବତ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଯାଜପୁର ଜିଲ୍ଲା କୋରାଇ ଥାନା ଗୌରପାଲ ଗ୍ରାମର ଧ୍ୱଜକୁମାର ରାଉତ ଓରଫ୍ ବୁଲୁ(୨୬), କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ମଧୁକେଶରୀ ଗ୍ରାମର ସୁଶାନ୍ତ କୁମାର ଚକ୍ର ଓରଫ୍ ସୁକୁଟା (୨୩) ଓ ବାତୋ ଗ୍ରାମର ସତ୍ୟବ୍ରତ ମହାନ୍ତି ଓରଫ୍ ଜଗା (୨୬) ବୋଲି ଜଣାପଡ଼ିଛି। ଏ ଘଟଣାରେ କଳିଙ୍ଗନଗର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରଶନ୍ନ ମଲ୍ଲିକ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ଗତ ଜୁଲାଇ ମାସ ୨୩ ତାରିଖ ରାତିରେ କଳିଙ୍ଗନଗର ପୁଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ଏକ ଟାଟା ପଞ୍ଚ କାର୍ (ଓଡି ୩୩ ଏପି ୯୩୯୫) ପୁଲିସକୁ ଦେଖି ହଠାତ୍ ବୁଲାଇ ଦ୍ରୁତ ଗତିରେ ପଳାଉଥିଲା। ସେହି ସମୟରେ ଗାଡ଼ିର ଚାଳକ ଭାରସାମ୍ୟ ହରାଇ ଡୁବୁରୀ-ସୁକିନ୍ଦା ରାସ୍ତାର ସିଆରିଆ ସରକାରୀ ବିଦ୍ୟାଳୟ ପାଚେରିରେ ଲାଖିରହିଥିଲା। ଗାଡି ଛାଡି ଚାଳକ ଫେରାର ହୋଇଯାଇଥିଲା। ସେହି କାରଟିକୁ ମାଜିଷ୍ଟ୍ରେଟ ତଥା ସୁକିନ୍ଦା ତହସିଲଦାରଙ୍କ ଉପସ୍ଥିତରେ ତନଖି କରିବା ସମୟରେ ୭୧.୬୬୫ କିଗ୍ରା ଗଞ୍ଜେଇ ଜବତ ହୋଇଥିଲା। କଳିଙ୍ଗନଗର ଥାନା ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିଲା। ଏହି ଚୋରା କାରବାରରେ ବ୍ୟବହୃତ ଅନ୍ୟ ଏକ ବୋଲେରୋ ଗାଡ଼ିକୁ ପୋଲିସ ଜବତ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଯଥାଶୀଘ୍ର ଗିରଫ କରାଯିବା ବୋଲି ପୁଲିସ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ପ୍ରକାଶ କୁମାର ସାହୁ, ତଦନ୍ତ ଅଧିକାରୀ ରମେଶ କୁମାର ବେହେରା ଉପସ୍ଥିତ ଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ





**ଜେନାପୁର, ୨୧୯ (ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ଜାରକା-କବାଟବନ୍ଧ ନଦୀବନ୍ଧର ଚଉଷଠିପଡ଼ା ଛକ ନିକଟରେ ଜେନାପୁର ପୁଲିସ ଏକ ବେଆଇନ ବାଲି ବୋଝଇ ଟ୍ରାକ୍ଟର ଜବତ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଜେନାପୁର ପୁଲିସ ଉକ୍ତ ନଦୀବନ୍ଧରେ ପାଟ୍ରୋଲିଂ କରୁଥିବା ସମୟରେ ଚଉଷଠିପଡ଼ା ଛକ ନିକଟରେ ଏକ ବାଲି ବୋଝଇ ହୋଇ ଯାଉଥିବା ଟ୍ରାକ୍ଟର ନଂ (ଓଡି୦୪କେ ୨୧୮୯) କୁ ଅଟକାଇ ବାଲିର କାଗଜପତ୍ର ଯାଞ୍ଚ କରିଥିଲେ। ଡ୍ରାଇଭର ବାଲିର କୌଣସି କାଗଜପତ୍ର ଦେଖାଇନପାରିବାରୁ ଉକ୍ତ ବାଲି ବୋଝେଇ ଟ୍ରାକ୍ଟରଟିକୁ ଜେନାପୁର ପୁଲିସ ଜବତ କରି ଥାନାକୁ ନେଇଯାଇଥିଲେ। ଘଟଣା ସ୍ଥଳରୁ ଡ୍ରାଇଭର୍ ଫେରାର ହୋଇଯାଇଥିଲା। ବାଲି ବୋଝେଇ ଟ୍ରାକ୍ଟରର ଆବଶ୍ୟକୀୟ କାଗଜପତ୍ର ନଥିବାରୁ ୩୦୬/୨୫ରେ ଏକ ମାମଲା ରୁଜୁ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ଖରସ୍ରୋତା ମହାବିଦ୍ୟାଳୟରେ ବୃକ୍ଷରୋପଣ

**ସିଂହପୁର, ୨୧୯ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ.ବ୍ରଜକିଶୋର ସାହୁ, ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର୍ ଅଧ୍ୟାପକ ଜଳଧର ସାହୁ, ଅଧ୍ୟାପକ କମଳ କୁମାର ସେଠୀ, ସୁରେନ୍ଦ୍ର କୁମାର ସାମଲ, ଅମ୍ବିକା ପ୍ରସାଦ ଜେନା, ମୀନକେତନ ତ୍ରିପାଠୀ, ଗଗନ ବିହାରୀ ବେହେରା, ପାଣ୍ଡବ ଚରଣ ସେଠୀ, ପ୍ରାଧ୍ୟପିକା ମମତା ମୟୀ ସାମଲ ରୂପାଳୀ ମହାରଣା, ମୁଖ୍ୟ କିରାଣି ଚିରସ୍ମିତା ନାୟକ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ କଲେଜ ପରିସରରେ ଶତାଧିକ ବୃକ୍ଷରୋପଣ କରିଥିଲେ। ଆସନ୍ତା ବର୍ଷ କଲେଜର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି।



# ସୁକିନ୍ଦା ଅଞ୍ଚଳରେ ଦନ୍ତା ହାତୀ ଆତଙ୍କ



**ସୁକିନ୍ଦା, ୨୧୯ (ସମିସ):** ଗତ କିଛି ଦିନ ଧରି ସୁକିନ୍ଦା ଅଞ୍ଚଳରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ଆଜି ସନ୍ଧ୍ୟାରେ ସୁକିନ୍ଦା ପଞ୍ଚାୟତର ରାମକି କାରଖାନା ପରିସରରେ ଏକ ଜଙ୍ଗଲି ଦନ୍ତା ହାତୀ ଦେଖି କର୍ମଚାରୀ ଭୟବିତ ହୋଇ ବନବିଭାଗ କର୍ମଚାରୀ ଙ୍କୁ ସୂଚନା ଦେଇଥିଲେ।

ପୂର୍ବରୁ ସେହି ହାତୀ ଦଳକି ଓ ପୁରୁଣାପାଣି ଗ୍ରାମରେ ପଶି ଆତଙ୍କ ସୃଷ୍ଟି କରିଥିବା ବେଳେ ଏକ ରହିବା ଘର ଭାଙ୍ଗିବା ସହ ଏକ ଗାଈକୁ ଆକ୍ରମଣ କରି ଗୁରୁତର ଆହତ କରିଥିବା ଜଣାପଡ଼ିଛି। ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଜଙ୍ଗଲି ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରଖିଥିବା ଦେଖିବାକୁ ମିଳିଛି।

# ୨୫ ବର୍ଷରେ ଭିକିପୁର ଗଣେଶ ପୂଜା ପୂଜା ମଣ୍ଡପ ବୁଲିଲେ ଥାନାଧିକାରୀ

**ବ୍ୟାସନଗର, ୨୧୯ (ସମିସ):** ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତର ଭିକିପୁର ଗ୍ରାମରେ ଅନୁଷ୍ଠିତ ଗଣେଶ ପୂଜାକୁ ଚଳିତ ବର୍ଷ ୨୫ ବର୍ଷ ଛୁଇଁଛି। ଏହି ଅବସରରେ ଅତ୍ୟନ୍ତ ଯାକଜମକରେ ଚଳିତ ବର୍ଷ ବିଘ୍ନ ବିନାଶକ ଗଣେଶ ମହାପ୍ରଭୁଙ୍କ ପୂଜାକୁ ହରି ଗୋସେଇଁ ସମ୍ପର୍କ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଭିକିପୁର ଗ୍ରାମବାସୀ ପାଳନ କରୁଛନ୍ତି। ତେବେ ସୋମବାର ଗ୍ରାମରେ ଅନୁଷ୍ଠିତ ଗଣେଶ ପୂଜା ବୁଲି ଦେଖିଛନ୍ତି ଯାଜପୁର ରୋଡ୍ ଆଦର୍ଶ ଥାନାଧିକାରୀ ଆଶିଷ କୁମାର ସାହୁ। ସନ୍ଧ୍ୟା ସମୟରେ ଥାନାଧିକାରୀ ଶ୍ରୀ ସାହୁ ପୂଜା ମଣ୍ଡପରେ ଥାନାର ଅନ୍ୟ କର୍ମଚାରୀଙ୍କ ସହିତ ପହଞ୍ଚି ଗଜାନନଙ୍କ ଆଶୀର୍ବାଦ ନେଇଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଥାନାଧିକାରୀ ଓ ଅନ୍ୟ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଶଙ୍କର୍ଷଣ ବିଶ୍ୱାଳ, ଲକ୍ଷ୍ମୀନଗର ପଞ୍ଚାୟତର ସମିତି ସଭ୍ୟ ବିକ୍ରମ ରାଜ, ଏସଆଇ ଲିଙ୍ଗରାଜ ବେହେରା ଅନ୍ୟମାନେ ଏଥିରେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ହୃଷୀକେଶ ମହଲା, ପ୍ରକାଶ ଚନ୍ଦ୍ର ଭଞ୍ଜ, ଦିଲିପ କୁମାର ସାହୁ, ବିବେକାନନ୍ଦ ପୃଷ୍ଟି, ଜଗନ୍ନାଥ ସାହୁ, କାଳନ୍ଦୀ ସାହୁ, ଶିବ ସାହୁଙ୍କ ସମେତ କ୍ଲବର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



### ଗୋଚାଲାଣ ବେଳେ କଣ୍ଟେନର ଜବତ

# ୨୯ ଗୋରୁ ମୃତ; ୩ ଗୁରୁତର

**ବଡ଼ଚଣା, ୨୧୯ (ସମିସ):** ଗତକାଲି ବିଳମ୍ବିତ ରାତିରେ ବଡ଼ଚଣା ପୁଲିସ ଏକ ବେଆଇନ ଗୋଚାଲାଣ କଣ୍ଟେନରକୁ ଜବତ କରିଛି। କଣ୍ଟେନରରେ ଥିବା ୫୦ଟି ଗୋରୁ ମଧ୍ୟରୁ ୨୯ଟି ଗୋରୁଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ୩ଟି ଗୋରୁ ଗୁରୁତର ଅବସ୍ଥାରେ ପଡ଼ିରହିଛନ୍ତି। ୧୮ଟି ଗୋରୁ ଜୀବିତ ଅଛନ୍ତି। ଘଟଣାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ବାଲିଚନ୍ଦ୍ରପୁର ନଳିପୁରରୁ କଲିକତାକୁ ଚୋରାରେ ଚାଲାଣ ହେଉଥିବା ଏକ କଣ୍ଟେନର (ନଂ. ୟୁପି୭୮ ସିଟି ୦୪୪୧)ରେ ୫୦ଟି ଗୋରୁ ନେଇ ଯାଉଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ୫୩ନମ୍ବର ଜାତୀୟ ରାଜପଥ ଶ୍ରୀରାଚନ୍ଦ୍ରପୁର ଟୋଲ ପ୍ଲାଜା ନିକଟରୁ କଣ୍ଟେନର କୁ ଜବତ କରିଥିଲେ। ଘଟଣାସ୍ଥଳରୁ ଚାଳକ ଓ ଗାଡ଼ିରେ ଥିବା ଅନ୍ୟ ୫ଜଣ ଫେରାର ହୋଇ ଯାଇଥିଲେ। ଥାନା ଅଧିକାରୀ ମଧୁସ୍ମିତା ମହାନ୍ତି କଣ୍ଟେନରକୁ ଖୋଲିଲା ପରେ ସେଥିରୁ ୨୯ଟି ଗୋରୁଙ୍କ ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ୩ଟି ଗୋରୁ ଗୁରୁତର ହୋଇଥିବା ବେଳେ ଅବଶିଷ୍ଟ ୧୮ଟି ଜୀବିତ ଥିଲେ।



### ବାଇକ୍-ବୁଲେଟ୍ ଧକ୍କା

# ପତ୍ନୀ ମୃତ; ସ୍ୱାମୀ ଗୁରୁତର

**ବରୀ, ୨୧୯ (ସମିସ):** ଯାଜପୁର ଜିଲ୍ଲା ବରୀ-ବରୁଆଁ ରାସ୍ତାର ଶଙ୍ଖାରିଗଡ଼ା ନିକଟରେ ବାଇକ ଓ ବୁଲେଟ ମଧ୍ୟରେ ଦୁର୍ଘଟଣା ଘଟିବା ଯୋଗୁଁ ପତ୍ନୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ଥିବା ଜଣାପଡ଼ିଛି। ମୃତକ ହେଲେ ବ୍ରହ୍ମବରଦା ଥାନା ଅନ୍ତର୍ଗତ ବନ୍ଧଡିହ ଗ୍ରାମର ପ୍ରକାଶ ମଲ୍ଲିକଙ୍କ ପତ୍ନୀ ସ୍ୱପ୍ନାରାଣୀ। ପ୍ରକାଶ ନିଜ ପତ୍ନୀ ଓ ଦୁଇ ଜଣ ଶିଶୁଙ୍କୁ ଧରି ଯାଜପୁର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସ୍ୱପ୍ନାରାଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରକାଶ ଏବେ ବି ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଦୁଇ ଜଣ ଶିଶୁ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ପୁଲିସ ଘଟଣା ସମ୍ପର୍କରେ ତଦନ୍ତ କରୁଛି।

# ଦୁଇ ମାସ ହେଲା ଭତ୍ତା ଟଙ୍କା ମିଳୁନି



**ରାମଚନ୍ଦ୍ରପୁର, ୨୧୯ (ସମିସ):** ଦୀର୍ଘ ଦୁଇ ମାସ ହେଲା ଭତ୍ତା ଟଙ୍କା ପାଇଁ ପଞ୍ଚାୟତରୁ ବ୍ୟାଙ୍କ ଡେ ଦୌଡ଼ି ନୟାନ୍ତ ହେଲେଣି ଅନେକ ବୃଦ୍ଧବୃଦ୍ଧା, ହେଲେ କେଉଁଠି ବି ଭତ୍ତା ଟଙ୍କା ମିଳୁନି। ଏପରିସ୍ଥଳେ ବାର୍ଦ୍ଧକ୍ୟଜନିତ ପୀଡ଼ା ଉଷମ ପାଇଁ ଔଷଧ ଖାଇବା ଚିନ୍ତା ଘାରିଛି ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଜନାର୍ଦ୍ଦନପୁରପାଟଣାର କେଶବ ବେହେରା (୭୫) ଏବଂ ଅଳତିର ଶାନ୍ତିଲତା ସାହୁ(୭୦)ଙ୍କ କ୍ଷେତ୍ରରେ। ଦୁଇ ମାସ ହେଲା ଭତ୍ତାକାର୍ଡ ସହ ଆଧାର ଏବଂ ବ୍ୟାଙ୍କ ଆକାଉଣ୍ଟର କପି ନେଇ ବ୍ୟାଙ୍କ ଦ୍ୱାରସ୍ଥ ହୋଇ ନୟାନ୍ତ ହୋଇପଡ଼ିଲେଣି, ହେଲେ ନା ହାତକୁ ନା ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ମିଳିଛି। ମାସକୁ ମିଳୁଥିବା ଏକ ହଜାର ଭତ୍ତା ଟଙ୍କାରେ ବାର୍ଦ୍ଧକ୍ୟଜନିତ ରୋଗବୈରାଗ ପାଇଁ ଔଷଧ କିଣା ଖର୍ଚ୍ଚ ମେଣ୍ଟୁଥିଲା, ହେଲେ ଏବେ ଭତ୍ତା ଟଙ୍କା ହୋଇଗଲା ଉଭାନ। ଘଟଣା ସମ୍ପର୍କରେ ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଶୁଭକାନ୍ତ ଜେନାଙ୍କ କହିବା କଥା, ଡିବିଟି ମାଧ୍ୟମରେ ଭତ୍ତା ହାତାଧିକାରୀ ବ୍ୟାଙ୍କ ଏକାଉଣ୍ଟକୁ ଯିବ ଭତ୍ତା ଟଙ୍କା। ଏକା ସଙ୍ଗେ ବକେୟା ଥିବା ମାସର ଭତ୍ତା ମଧ୍ୟ ମିଳିବ। ଏଠି କଥା ଉଠୁଛି, ମାସିକ ଭତ୍ତାକୁ ଆୟୁଧ କରି ଜୀବନ ଜୀଉଥିବା ବୃଦ୍ଧବୃଦ୍ଧା କେମିତି ଚଳିବେ ସ୍ଥାନୀୟ ବୁଦ୍ଧିଜୀବୀ ସରକାରଙ୍କ ଏଭଳି ଅଜବ ନିୟମକୁ ନେଇ ପ୍ରଶ୍ନ କରିଛନ୍ତି।

# ଟଙ୍କା ପାଇଁ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ସ୍ୱାମୀଙ୍କ ଆତ୍ମହତ୍ୟା

**ତୁରୁମୁଙ୍ଗା, ୨୧୯ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଦାଶରଥୀପୁର ଗ୍ରାମରେ ୩୦୦୦ ଟଙ୍କା ପାଇଁ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ପରେ କେସ୍ ଭୟରେ ସ୍ୱାମୀ ଆତ୍ମହତ୍ୟା କରିଛି। ମୃତକ ହେଲେ ଗ୍ରାମର ଅଭିମନ୍ୟୁ ମହାନ୍ତ (୪୦)। ସୂଚନା ଅନୁସାରେ, ଗତ ଶନିବାର ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଟଙ୍କା ପାଇଁ କଳହ ହୋଇଥିଲା। ସ୍ତ୍ରୀ ରୁସୁନିଙ୍କୁ ଅଭିମନ୍ୟୁ ୩୦୦୦ ଟଙ୍କା ମାଗିଥିଲା। ସେ ଟଙ୍କା ନଦେବାରୁ ଅଭିମନ୍ୟୁ ମଦ ନିଶାରେ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ରୁସୁନି ମହାନ୍ତ(୩୩)ଙ୍କୁ ମରଣାନ୍ତକ ଆକ୍ରମଣ କରି ହାତଗୋଡ଼ ବାନ୍ଧି ଘର ନିକଟ ଅମରି ବୁଦା ନିକଟରେ ପକାଇ ଦେଇଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ରୁସୁନି ଜୀବନ ମରଣ ସହ ଲଢ଼େଇ କରୁଥିବା ବେଳେ ଆଇନ ଭୟରେ ସ୍ୱାମୀ ସୋମବାର ରାତି ଘର ନିକଟରେ ଥିବା ଆମ୍ବଗଛରେ ଏକ ପ୍ଲାଷ୍ଟିକ ରଶି ସାହାଯ୍ୟରେ ଆତ୍ମହତ୍ୟା କରିଛି।

# ଜଳବନ୍ଦୀରେ ଜଳକଳଙ୍ଗ ଗାଁ ଓ ରାସ୍ତାଘାଟ





**ହାଟଡ଼ିହୀ, ୨୧୯ (ସମିସ):** ହାଟଡ଼ିହୀ ବ୍ଲକ୍ ଜଳକଳଙ୍ଗ ଗ୍ରାମର ମୁଖ୍ୟରାସ୍ତା ସହ ଅନ୍ୟାନ୍ୟ ରାସ୍ତା ବର୍ଷାଜଳରେ ବୁଡ଼ି ରହିଛି। ମୁଖ୍ୟ ରାସ୍ତାରେ ୩-୪ଫୁଟ୍ ଉଚ୍ଚ ବର୍ଷାପାଣି ପ୍ରବାହିତ ହେଉଛି। ଯାହାଫଳରେ ଗ୍ରାମବାସୀ ଗାଁ ଭିତରୁ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି। ଗାଁର ପ୍ରବେଶ ରାସ୍ତାରେ ଉଚ୍ଛୁଳା ବର୍ଷାଜଳ ପ୍ରବାହିତ ହେଉଥିବାରୁ ପାଣିରାସ୍ତା ପାରି ହୋଇ ଛାତ୍ରଛାତ୍ରୀମାନେ ସ୍କୁଲ, କଲେଜ ଯାଇପାରୁ ନାହାନ୍ତି। ଏପରିକି କୁନି କୁନି ଅଙ୍ଗନବାଡି ପିଲାଙ୍କୁ ସେମାନଙ୍କ ଅଭିଭାବକମାନେ ଟେକି ଟେକି ନେବା ଆଣିବା କରୁଛନ୍ତି। ରାସ୍ତାର ବୁଡ଼ାପାଣି ସକାଶେ ପିଲାମାନେ ଟ୍ୟୁସନ ମଧ୍ୟ ଯାଇପାରୁ ନାହାନ୍ତି। ଏନେଇ ଅନେକ ଛୋଟ ପିଲାଙ୍କ ସହ ବୃଦ୍ଧବୃଦ୍ଧା ଏବଂ ବଡ଼ ଲୋକଙ୍କୁ ମଧ୍ୟ ଅଣ୍ଡାକାଶ ଲାଗି ରହୁଛି। ଗାଁଠାରୁ ଶହେ ମିଟର ଦୂରତାରେ ମେଡିକାଲ ଥିଲେ ସୁଦ୍ଧା ପାଣିରେ ପଶି ମେଡିକାଲ ଆସିବା କଷ୍ଟସାଧ ହୋଇପଡୁଛି। ବର୍ଷାଜଳରେ ଭାସି ଆସୁଥିବା ସରୀସୃପ ମାନଙ୍କ ଆଘାତରେ ଗ୍ରାମବାସୀ ଶିକାର ହେଉଥିବା ନେଇ ଗ୍ରାମର କିଛି ମହିଳା ଅଭିଯୋଗ ଆଣିଛନ୍ତି। ସନ୍ଧ୍ୟା ମାତ୍ରକେ ଜଳପୂର୍ଣ୍ଣ ରାସ୍ତାଘାଟରେ ଯା'ଆସି କରିବାରେ ବିପଦ ବୃଦ୍ଧି ପାଉଛି। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଏଭଳି ଦୟନୀୟ ପରିସ୍ଥିତି ଉପୁଜିଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ମନୋରମା ନାୟକ, ଗୀତା ଦାସ, ମନୋଜ ପାତ୍ର, ଗୋପାଳ ନାୟକ, ପଙ୍କଜ ଜେନା, ସନ୍ତୋଷ ନାୟକ, ସଦାଶିବ ଚକ୍ର, ଚିତ୍ତରଞ୍ଜନ ମଲ୍ଲିକ, ଦିଲ୍ଲୀପ ମଲ୍ଲିକ, କାହ୍ନୁ ମୁଖି, ଶିବଚରଣ ଦାସ, କହ୍ନେଇ ଚରଣ ଓଝା, ଭଗବାନ ନାୟକ, ଦୟାନିଧି ନାୟକ, ଦେବେନ୍ଦ୍ର ପହି, ସନାତନ ଜେନା, ବଳରାମ ଦାସ, ପ୍ରଫୁଲ୍ଲ ଚକ୍ର, ସଞ୍ଜୟ ସେଠୀ, ବିଶ୍ୱଜିତ ନାୟକ ଗତିକୃଷ୍ଣ ପହି, ସତୀଶ ଯାଦବ, ବାଇଧର ରାଉତ, ଲକ୍ଷ୍ମୀଧର ସେଠୀ, ଯଶୋବନ୍ତ ମଲ୍ଲିକ ପ୍ରମୁଖ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ନଦେବାରୁ ଆଜି ପୂର୍ବାହ୍ନରେ ଗାଁର ମହିଳାମାନେ ଏକଜୁଟ ହୋଇ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ନନ୍ଦିପଦା ପୁଲିସ ଏବଂ ହାଟଡ଼ିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଗାଁ ଲୋକଙ୍କୁ ବୁଝାସୁଝା କରିବା ସହ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ କରିବାରୁ ରାସ୍ତା ଅବରୋଧ ହଟିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଯାନବାହନ ଚଳାଚଳରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ପାଣି ନିଷ୍କାସନ ନହେବାରୁ ରାଜରାସ୍ତା ଅବରୋଧ କଲେ ଗାଁ

# ୭ ବାଇକ୍ ଜବତ; ୨ ଲୁଟେରା ଗିରଫ

ଖୋର୍ଦ୍ଧା,୨।୯ (ସମିସ): ମୁକୁନ୍ଦପ୍ରସାଦ ଚେକ୍‌ପୋଷ୍ଟ ନିକଟରୁ ସୋମବାର ବିଳମ୍ବିତ ରାତିରେ ଶିଳ୍ପାଞ୍ଚଳ ପୁଲିସ ୨ଜଣ ବାଇକ ଲୁଟେରାଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ଖମାରସାହି କଉଡ଼ାର ସମୀର ନାୟକ ଓରଫ ଗଗନ (୨୦) ଓ କୃଷ୍ଣଚନ୍ଦ୍ରପାଟଣାର ଆକାଶ ରାଉତ (୨୦)। ସେମାନଙ୍କଠାରୁ ପୁଲିସ ନମ୍ବରବିହୀନ ୭ଟି ଚୋରା ବାଇକ୍, ଦୁଇଟି ମୋବାଇଲ୍ ଫୋନ୍ ଓ ବାଇକ୍ ଚୋରିରେ ବ୍ୟବହୃତ ଏକ ମାଷ୍ଟର ଚାବିକୁ ଜବତ କରିଛି।



ସୂଚନା ଅନୁସାରେ, ମୁକୁନ୍ଦପ୍ରସାଦ ବାଇପାସ୍ ଚେକ୍‌ପୋଷ୍ଟଠାରେ ସୋମବାର ରାତିରେ ପୁଲିସ ବ୍ଲକିଂ ଚେକିଂ କରୁଥିଲା। ଏହି ସମୟରେ ଆକାଶ ଓ ଗଗନ ଦୁଇଟି ନମ୍ବରବିହୀନ ବାଇକ୍‌ରେ ଆସିଥିଲେ। ପୁଲିସ ସେମାନଙ୍କୁ ଅଟକାଇ ଗାଡ଼ି କାଗଜପତ୍ର ଯାଞ୍ଚ କଲାବେଳେ ସେମାନେ କୌଣସି କାଗଜପତ୍ର ଦେଖାଇ ନ ଥିଲେ କି ଗାଡ଼ିର ନମ୍ବର କହିପାରି ନ ଥିଲେ। ପୁଲିସର ସନ୍ଦେହ ହେବାରୁ ସେମାନଙ୍କୁ ଧରି ଥାନାରେ ପଚରାଉଚରା କରିବାରେ ଦୁଇଟିଯାକ ଗାଡ଼ି ଚୋରିକରି ସେମାନେ ଗଡ଼ଖୋର୍ଦ୍ଧା-ଜେମାଦେଇ ରାସ୍ତା ପାର୍ଶ୍ୱର ଜଙ୍ଗଲ ମଧ୍ୟରେ ରଖିଥିବା ଚୋରା ଗାଡ଼ି ପାଖକୁ ନେଉଥିବା ପ୍ରକାଶ କରିଥିଲେ। ପୂର୍ବରୁ ୫ଟି ଚୋରି ବାଇକ୍ ରଖିଥିବା ପ୍ରକାଶ କରିଥିଲେ। ସେମାନେ ଖୋର୍ଦ୍ଧା ଓ ଭୁବନେଶ୍ୱର ଅଞ୍ଚଳରୁ ବାଇକ୍ ସବୁ ଚୋରି କରୁଥିବା ସ୍ୱୀକାର କରିଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଶିଳ୍ପାଞ୍ଚଳ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କ ବୟାନ ମୁତାବକ ପୁଲିସ ବରୁଣେଇ ପମ୍ପ୍ ହାଉସ୍ ପଛପଟ ଜଙ୍ଗଲରୁ ୫ଟି ନମ୍ବରବିହୀନ ଚୋରା ବାଇକ୍ ଜବତ କରିଛି। ଏହି ଘଟଣାରେ ପୁଲିସ ୨୦୮/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚଢ଼ଉରେ ଏସ୍‌ଆଇ ଜୟସିଂ, ଏଏସ୍‌ଆଇ ବି. ବିଶୋଇ, ସମ୍ବିତ ମହାନ୍ତି, ପ୍ରଦୀପ ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ।

# ଠକେଇ ମାମଲାରେ ୩ ବର୍ଷ ସଶ୍ରମ କାରାଦଣ୍ଡ

ବାଣପୁର,୨।୯ (ସମିସ): ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗ୍ରାମର ପ୍ରଶାନ୍ତ ଦାସ ନାମକ ଜଣେ ବ୍ୟକ୍ତି ଧାର ସୂତ୍ରରେ ଟଙ୍କା ନେଇ ଆଉ ଫେରାଇ ନ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଠକେଇ ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ବାଣପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଇପ୍ସିତା ପ୍ରିୟା ହିକ୍କା ଅଭିଯୁକ୍ତ ପ୍ରଶାନ୍ତ ଦାସଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ହଜାର ଟଙ୍କା ଅର୍ଥଦଣ୍ଡ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ମାସ ଜେଲ୍ ଦଣ୍ଡାଦେଶ ଶୁଣାଣି କରିଛନ୍ତି।

ସୂଚନା ମୁତାବକ, ଭୀମପୁର ଗ୍ରାମର ବିଶୋଇ ସାହିର ପ୍ରଶାନ୍ତ ଏକ ଜେନେରେଟର କିଣିବା ପାଇଁ ଟଙ୍କାର ଆବଶ୍ୟକ ଥିବା କହି ସେହି ଗ୍ରାମର ବାଳମୁକୁନ୍ଦ ଦାସଙ୍କଠାରୁ ଧାର ସୂତ୍ରରେ ୩ ଲକ୍ଷ ୮୦ହଜାର ଟଙ୍କା ନେଇ ୧ ମାସ ମଧ୍ୟରେ ଫେରାଇଦେବାକୁ କହି ଏଗ୍ରିମେଣ୍ଟ ମଧ୍ୟ କରିଥିଲେ। ହେଲେ ମାସେ ପରେ ଟଙ୍କା ନ ଫେରାଇ ଆଜିକାଲି କହି ଭଣ୍ଡେଇ ଚାଲି ଦୀର୍ଘ ଦିନ ଧରି ଟଙ୍କା ଆଉ ଫେରାଇ ନ ଥିଲେ। ବାଧ୍ୟ ହୋଇ ବାଳମୁକୁନ୍ଦ ବାଣପୁର ଥାନାର ଦ୍ୱାରସ୍ଥ ହେବା ପରେ ଥାନା ଅଧିକାରୀ ଉଭୟ ପ୍ରଶାନ୍ତ ଓ ବାଳମୁକୁନ୍ଦଙ୍କୁ ଥାନାରେ ବସାଇ ଭଦ୍ରଲୋକଙ୍କ ମାଧ୍ୟମରେ ନିଷ୍ପତ୍ତି କରାଯାଇଥିଲା। ଭଦ୍ରଲୋକଙ୍କ ନିଷ୍ପତ୍ତି ତଥା ସର୍ବସମ୍ମତି କ୍ରମେ ଉକ୍ତ ଧାର ଟଙ୍କା ବାବଦକୁ ପ୍ରଶାନ୍ତ ନିଜର ୮ ହାତ ଜମି ବାଳମୁକୁନ୍ଦଙ୍କ ନାମରେ ରେଜିଷ୍ଟ୍ରି କରିଦେବେ ବୋଲି ରାଜି ହୋଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ରଶାନ୍ତ ଏହାକୁ କାର୍ଯ୍ୟକାରୀ ନ କରିବାରୁ ଶେଷରେ ବାଳମୁକୁନ୍ଦ ବାଣପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଅଭିଯୋଗ କରିବାରେ ୫୮/୨୦୨୫ରେ ଏକ ଏତଲା ଦାୟର କରିଥିଲେ। ବିଚାରପତି ଏହି ମାମଲାର ବିଚାର କରି ଉଭୟ ପକ୍ଷଙ୍କ ଯୁକ୍ତି ଓ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଉକ୍ତ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଜଳନ୍ଧର ପ୍ରଧାନ ପରିଚାଳନା କରିଥିଲେ।

# ମିଷ୍ଟାନ୍ନ ଦୋକାନରୁ ଟଙ୍କା ଓ ସୁନା ଲୁଟ୍

ବେଗୁନିଆ,୨।୯ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳି ବଜାରର ଏକ ମିଷ୍ଟାନ୍ନ ଦୋକାନରୁ ସୋମବାର ରାତିରେ କାନ୍ଥ ତାଡ଼ି ନଗଦ ଟଙ୍କା, ସୁନାମୁଦି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାର ବେଗୁନିଆ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଅସରଳା ଗ୍ରାମର ସରୋଜ ପଣ୍ଡା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ପିଚୁକୁଳି ଆଦର୍ଶ ବିଦ୍ୟାଳୟ ନିକଟରେ ପଣ୍ଡା ସୁଇଟ୍‌ସ ଦୋକାନ କରିଛନ୍ତି। ବିଳମ୍ବିତ ରାତିରେ ଦୋକାନରୁ ୧୪ହଜାର ଟଙ୍କା, ଗୋଟିଏ ସୁନାମୁଦି ଓ ଖୁଚୁରା ପଇସା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ଖବର ଲେଖା ହେବା ସୁଦ୍ଧା ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ପଚାରିବାରେ କହିଥିଲେ ଯେ କୌଣସି ଅଭିଯୋଗ ହୋଇନାହିଁ।

# ବ୍ରାଉନ୍‌ସୁଗର ଓ ଗଞ୍ଜେଇ ଜବତ; ୨ ଗିରଫ

ନିରାକାରପୁର,୨।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଇନ୍‌ସପେକ୍ଟରଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ରମାବିଲି ଗ୍ରାମ ବସ୍ ଷ୍ଟପ୍ ସାମ୍ନାରୁ ଦିଲ୍ଲୀପ ମଙ୍ଗରାଜ (୪୨)ଙ୍କଠାରୁ ୩୭ ଗ୍ରାମ୍ ବ୍ରାଉନ୍‌ସୁଗର୍ ଜବତ ହୋଇଛି। ସେହିପରି ଭ୍ରାମ୍ୟମାଣ ଅବକାରୀ ପୁଲିସ ପାଟ୍ରୋଲିଂ କରୁଥିବାବେଳେ କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ ଥାନା ଅଞ୍ଚଳର ପ୍ରତିମା ସାହୁ (୪୫)ଙ୍କଠାରୁ ୫ କେଜି ଗଞ୍ଜେଇ ବାଘମାରୀ ଥାନା ସରୁଅ ନିକଟରୁ ଜବତ କରିଛନ୍ତି। ଉକ୍ତ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉରେ ଏସ୍‌ଆଇ ସୁଜିତ୍ କୁମାର ନାଗ, ଏଏସ୍‌ଆଇ ଜିତେନ୍ଦ୍ର ହେମ୍ବ୍ରମ, ସଞ୍ଜୟ ରାଉତ, କନେଷ୍ଟବଳ ସତ୍ୟବନ୍ତ ମାଝୀ ଓ ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ।

## ହରିଭାଇନା ଛକ ବ୍ୟବସାୟୀ ସଂଘର ନିଆରା ଗଣେଶ ପୂଜା

# ଏକାଠି ପୂଜା ପାଆନ୍ତି ଗଣେଶ, ଲକ୍ଷ୍ମୀ, ସରସ୍ୱତୀ ଓ ସତ୍ୟନାରାୟଣ

ଜଟଣୀ,୨।୯ (ସମିସ): ଜଟଣୀ ହରିଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ଚଳିତ ବର୍ଷ ଧୁମ୍‌ଧାମରେ ପାଳିତ ହେଉଛି ପ୍ରସିଦ୍ଧ ଗଣେଶ ପୂଜା। ଏହି ପୂଜା ମଣ୍ଡପରେ ବିଭିନ୍ନ କିମ୍ବଦନ୍ତୀ ଓ ଐତିହ୍ୟମାନ ରହିଛି। ଏହି ପୂଜା ଝଡ଼ଝଞ୍ଜା, ସୁବିଧା ଅସୁବିଧା ତଥା ବିଭିନ୍ନ ମୋଡ଼ ଦେଇ ଚଳିତବର୍ଷ ୮୧ ବର୍ଷରେ ପଦାର୍ପଣ କରିଛି। ଏନେଇ ପୂଜା କମିଟି ପ୍ରଭୁ ଗଜାନନଙ୍କ ନିକଟରେ ପ୍ରଣିପାତ ହୋଇ ଶୁଭମନାସିଛନ୍ତି। ତେବେ ଏଠାରେ ପ୍ରଭୁ ଗଜାନନଙ୍କ ପୂଜା ଏକ ନିଆରା ଢଙ୍ଗରେ ପାଳିତ ହୋଇଆସୁଛି। ପୂଜାରେ ଚଳିତ ବର୍ଷ ପାରମ୍ପରିକ ରୀତିନୀତି ଅନୁସାରେ, ୧୦ ଦିନ ବ୍ୟାପୀ ପାଲା ଅନୁଷ୍ଠିତ ହେବାର ସୁବ୍ୟବସ୍ଥା କରାଯାଇଛି। ଏହି ପୂଜା ମଣ୍ଡପରେ ଆଉ ଏକ ଐତିହ୍ୟ ରହିଛି



ପୂଜା ମଣ୍ଡପରେ ଏକସଙ୍ଗେ ଗଣେଶ, ଲକ୍ଷ୍ମୀ, ସରସ୍ୱତୀ ଓ ସତ୍ୟନାରାୟଣ ଠାକୁର ପୂଜା ପାଇଥାନ୍ତି। ଏହା ବ୍ୟତୀତ ପରମ୍ପରା ଓ ଐତିହ୍ୟ ଅନୁଯାୟୀ ଏଠାରେ ଠାକୁର ପୂର୍ବ ଦିଗକୁ ମୁଖ ଦର୍ଶନ ଦେଇ ପୂଜା ପାଇବାର କିମ୍ବଦନ୍ତୀ ଆଉ ଏକ ନିଆରା ଦିଗ୍‌ଦର୍ଶନ ଦେଇଛି। କାରଣ ଏହି ରୀତିନୀତିକୁ ଅନୁସରଣ କରି ହଜାର ହଜାର ଶ୍ରଦ୍ଧାଳୁ ଏଠାରେ ଠାକୁରଙ୍କ ନିକଟରେ ମାନସିକ ଲାଗି ଭିଡ଼ ଜମାଇଥାନ୍ତି। ଏହା ସହିତ ଗଜାନନଙ୍କ ଏହି ପୂଜାର ଶୁଭ ମୁହୂର୍ତ୍ତରେ ନାରାୟଣଙ୍କ ନିକଟରେ ମାନସିକ କଲେ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି କିମ୍ବଦନ୍ତି ରହିଛି।

ଏନେଇ ଜଟଣୀ ହରିଭାଇନା ଛକ ବ୍ୟବସାୟୀ ସଂଘ ସଭାପତି ଜାନକୀବଲ୍ଲଭ ମିଶ୍ର କୁହନ୍ତି, ଆମ ହରିଭାଇନା ଛକ ପୂଜା ମଣ୍ଡପ ଏକ ନିଆରା ପୂଜା ମଣ୍ଡପ। ପୂଜାର ଏହି ଶୁଭ ମୁହୂର୍ତ୍ତରେ ଠାକୁରଙ୍କ ନିକଟରେ ମାନସିକ ରଖିଲେ ସମସ୍ତ ମାନସିକ ପୂର୍ଣ୍ଣ ହୋଇଥିବା ଅନେକ ଉଦାହରଣ ରହିଛି। ତେଣୁ ପୂଜା ସମୟରେ ଏକାଧିକ ମାନସିକଧାରୀ ଶ୍ରଦ୍ଧାଳୁ ଏଠାରେ ମାନସିକ କରି ସଫଳ ହେବାପରେ ସେମାନେ ପାଲା କରିବାକୁ ଏଠାରେ ଯାଚଙ୍ଗା କରିଥାନ୍ତି। ବହୁବର୍ଷ ପୂର୍ବେ ଏକଦା ମରୁଡ଼ି ହୋଇଥିଲା। ତେଣୁ ଏଠାରେ ଠାକୁରଙ୍କ ନିକଟରେ ପାଲା ଯାଚଙ୍ଗା କରିବାରୁ ଅବିଳମ୍ବେ ବର୍ଷା ହୋଇଥିଲା। ସେବେଠାରୁ ଏଠାରେ ସାଂସ୍କୃତିକ ପାଲାର ଆୟୋଜନ କରାଯାଉଛି। ସେହିପରି ସଂଘର ସମ୍ପାଦକ ଦିଲ୍ଲୀପ କୁମାର ମାର୍ଥା କୁହନ୍ତି, ବର୍ତ୍ତମାନର ଆଧୁନିକ ଯୁଗରେ ଆମେ କିନ୍ତୁ ସେହି ପାରମ୍ପରିକ ରୀତିନୀତି ତଥା ପୁରାତନ ସଂସ୍କୃତି ଅନୁସାରେ ଠାକୁରଙ୍କ ପୂଜା କରୁଛୁ। ତେଣୁ ଏନେଇ ଆଧ୍ୟାତ୍ମିକ ମନୋବଳ ଓ ଅଞ୍ଚଳବାସୀଙ୍କ ପ୍ରଶଂସା ଆମକୁ ଏହି ପୂଜାକୁ ସରଶ ସୁନ୍ଦର କରିବାଲାଗି ପ୍ରେରଣା ଦେଉଛି ବୋଲି କହିଛନ୍ତି।

# ଗୋମାଂସ ବୋଝେଇ କଣ୍ଟେନରକୁ ପୁଲିସ ଜିମା

ଟାଙ୍ଗୀ,୨।୯ (ସମିସ): ଟାଙ୍ଗୀ ଥାନା ଅଧୀନସ୍ଥ ୧୬ନଂ ଜାତୀୟରାଜପଥ ଚଣ୍ଡେଶ୍ୱର ନିକଟରେ ଟାଙ୍ଗୀ ଓ କୁହୁଡ଼ିର ବଜରଙ୍ଗ ଦଳ କର୍ମୀମାନେ ଏକ ଗୋମାଂସ ବୋଝେଇ କଣ୍ଟେନରକୁ ଧରି ପୁଲିସକୁ ହସ୍ତାନ୍ତର ପରେ ଟାଙ୍ଗୀ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଥିବା ଜଣାପଡ଼ିଛି। ଜବତ ଗାଡ଼ି ଓ ଡ୍ରାଇଭରକୁ ସେମାନେ ଟାଙ୍ଗୀ ପୁଲିସକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ପ୍ରଶାସନର ଶିଥିଳତାକୁ ଲକ୍ଷ୍ୟ କରି ନିୟମିତ ଭାବେ ଗୋ-ଚାଲାଣ କରାଯାଉଥିବା ବେଳେ ମଙ୍ଗଳବାର ଅପରାହ୍ଣରେ ଗୋମାଂସ ଚାଲାଣ ଧରାପଡ଼ିଛି। ବଜରଙ୍ଗ ଦଳ କର୍ମୀମାନେ ଅକ୍ଲାନ୍ତ ପରିଶ୍ରମ




କରି ଗୋ-ଚାଲାଣକାରୀଙ୍କୁ କବ୍‌ଜା କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ସୂଚନା ଯେ, ପ୍ରତିଦିନ ବିଭିନ୍ନ ଗାଡ଼ିରେ କେତେବେଳେ ଜୀବନ୍ତ ଗୋରୁ ତ କେତେବେଳେ କଟା ଗୋରୁ ମାଂସକୁ ପ୍ୟାକେଟ୍ କରି ଚାଲାଣ କରାଯାଉଥିବା କାହାରିକୁ ଅଛପା ନାହିଁ। ଏପରିକି ଜାତୀୟ ରାଜପଥରେ ଶହ ଶହ ଗାଇଗୋରୁ ଶୋଇ ରହିବାର ସୁଯୋଗ ନେଇ କେତେକ ଅସାଧୁ ଗାଡ଼ି ଚାଳକ ଜାଣିଶୁଣି ଦୁର୍ଘଟଣା ଘଟାଇ ମୃତ ଗୋରୁଗାଇଙ୍କୁ ଉଠାଇ ନେଉଥିବା ଅଭିଯୋଗ ହେଉଛି। ଏପରିକି ରାଜରାସ୍ତାରେ ଶୋଇ ରହୁଥିବା ଜୀବନ୍ତ ଗୋରୁଗାଇଙ୍କୁ ମଧ୍ୟ କୌଶଳ କ୍ରମେ ଉଠାଇ ନିଆଯାଉଥିବା ଅଭିଯୋଗ ହେଉଛି।

# ଚିଲିକା ଆଞ୍ଚଳିକ ବିକାଶ ପରିଷଦର ବୈଠକ

ଚିଲିକା,୨।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ସମ୍ମୁଖ ଭାଗରେ ଥିବା ଆରାଧ୍ୟା ଠାକୁରାଣୀ ମା' ବରୁଣେଇ ଦେବୀଙ୍କ ପ୍ରାଙ୍ଗଣରେ ସ୍ଥାନୀୟ ଚିଲିକା ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ସୁଶାନ୍ତ କୁମାର ସାହୁ ଓ ସମ୍ପାଦକ ଗୋଦାବରୀଶ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଚିଲିକା ବ୍ଲକ୍ ଅନ୍ତର୍ଗତ ୭ଟି ପଞ୍ଚାୟତ ତଥା ହରିପୁର, ନଈରୀ, ବଉଳାବନ୍ଧ, କୁମାଣ୍ଡୋଳ ପାଟଣା, ବିରିବାଡ଼ି ସମେତ ନାଚୁଣୀ ଓ ମୋରାମୋରୀ ପଞ୍ଚାୟତର ବହୁ ବରିଷ୍ଠ ବ୍ୟକ୍ତିତ୍ୱ, ବୁଦ୍ଧିଜୀବୀ ସମେତ ଅନୁଷ୍ଠାନର ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ଏଥିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ବଉଳାବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବାଶିଷ ରଥ, ସମ୍ପାଦକ ଭାବେ ପ୍ରମୋଦ କୁମାର ଦାସ ଓ କୋଷାଧ୍ୟକ୍ଷ ଭାବେ ଜୟ କୁମାର ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ୭ଟି ପଞ୍ଚାୟତର ୧୪ଜଣ ସଦସ୍ୟଙ୍କୁ ନେଇ ନୂତନ ଭାବେ ଗଢ଼ାଯାଇଥିବା କମିଟିରେ ଅଶୋକ ବରାଳ, ସାମ୍ବାଦିକ ଅରୁଣ କୁମାର ଦାସ, ସୁକାନ୍ତ ନାୟକ, ସ୍ମୃତି ରଞ୍ଜନ ମାନସିଂହ, ଚିଲିକା ଓକିଲ ସଂଘର ପୂର୍ବତନ ସଭାପତି ପ୍ରଦୀପ୍ତ କୁମାର ନନ୍ଦ, ବିଜୟ ବେହେରା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ଅଜୟ ଖୁଣ୍ଟିଆ, ସନ୍ତାପ ଶତପଥୀ, ରାମଚନ୍ଦ୍ର ଖୁଣ୍ଟିଆ, ରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ଦୁର୍ଗା ହରିଚନ୍ଦନ ଓ ପୂର୍ବତନ ସରପଞ୍ଚ ଧର୍ମାନନ୍ଦ ସେଣଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

# ଗାଁ ମଝିରେ ଆଣ୍ଠୁଏ ପାଣି

ଗମ୍ଭାରୀମୁଣ୍ଡା,୨।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଆୟତପୁର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ। ଏହି ଅଞ୍ଚଳ ଦେଇ ପ୍ରତିଦିନ ଶହ ଶହ ଲୋକ ଗମ୍ଭାରୀମୁଣ୍ଡା, ବାଣପୁରକୁ ଯାତାୟାତ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଖରେ ଥିବା ଗାଁ ସ୍କୁଲ ପରିସରରେ ଆଣ୍ଠୁଏ ପାଣି ଜମିରହିଛି। ପାଣି ଭିତରେ ପଶି ବିଦ୍ୟାଳୟକୁ ଛୋଟ ଛୋଟ ପିଲାମାନେ ଯାତାୟାତ କରୁଛନ୍ତି। ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ ପାରି ଆୟତପୁର ପଞ୍ଚାୟତର ପ୍ରବେଶ ପଥରେ ସୃଷ୍ଟି ହେଇଛି ଏକ ବିଶାଳ କୃତ୍ରିମ ପୁଷ୍କରିଣୀ। ଯଦି ଗାଁ ପ୍ରବେଶ ପଥରେ ଫୁଟେ ଫୁଟେ ଅପରିଷ୍କାର ଜଳ ଜମି ପୁଷ୍କରିଣୀର ଭ୍ରମ ସୃଷ୍ଟି କରିବ, ତାହେଲେ ପରିମଳ ଅବସ୍ଥା ନ କହିବା ଭଲ। ଆୟତପୁର ପ୍ରବେଶ ପଥରେ ଓ ପାଖାପାଖି ଗାଁର ଚାରି ପାର୍ଶ୍ୱର ରାସ୍ତା ପାଣିରେ ବୁଡ଼ିକି ରହୁଛି।



ଯାହାଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠି ପାଖାପାଖି ୪୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ମୁଖ୍ୟ ରାସ୍ତାରେ ପାଣି ଜମି ରହୁଛି। ଅନେକଙ୍କ ଘର ଭିତରେ ଜଳ ପ୍ରବେଶ କରୁଛି। ଫଳରେ ବିଭିନ୍ନ ରୋଗରେ ଗ୍ରାମବାସୀ ଆକ୍ରାନ୍ତ ହେଉଛନ୍ତି। ଏଠି ରାଜ୍ୟ ସରକାରଙ୍କ ଜୀବନ ଜୀବିକାର ପ୍ରାଥମିକତାକୁ ଫୁ କରି ଉଡ଼େଇ ଦେଉଛନ୍ତି ବାଣପୁର ବିଡିଓ। ବାରମ୍ବାର ଗ୍ରାମବାସୀ ଏ ନେଇ ବିଡିଓ ଏବଂ ଅନ୍ୟ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରୁନାହାନ୍ତି ଅଧିକାରୀ।

# ଜଙ୍କିଆ ପଲ୍ଲୀ ଉତ୍ସବ ଉଦ୍‌ଯାପିତ



ନିରାକାରପୁର,୨।୯ (ସମିସ): ଆମ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ଭାଇଚାରା ସୃଷ୍ଟି କରିବା ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ରହୁ। ବିଭିନ୍ନ ଲୋକକଳା ସହିତ ପୂର୍ବ ପୁରୁଷମାନଙ୍କୁ ମନେ ପକାଇବାକୁ ଏହା ଗୋଟିଏ ପ୍ରକୃଷ୍ଟ ପରିବେଶ ବୋଲି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ବାସନ୍ତୀ କ୍ଲବ୍ ପଡ଼ିଆରେ ଅନୁଷ୍ଠିତ ଜଙ୍କିଆ ପଲ୍ଲୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

କମିଟି ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ଖୋର୍ଦ୍ଧାର ଇତିହାସ ଉପରେ ବର୍ଣ୍ଣନା କରିବା ସହ ଏଭଳି କାର୍ଯ୍ୟକ୍ରମ ଭାଇଚାରା ଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଙ୍କିଆ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ପରିଚାଳନା କରିଥିବାବେଳେ ଉପସ୍ଥାପକ କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି ଉପସ୍ଥାପନା କରିଥିଲେ। ଏଥିରେ କଟକ ବାଙ୍କୀ ସିଂଘମ୍ ଡ୍ୟାନ୍‌ସ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ନୃତ୍ୟର ତାଳେ ତାଳେ ଦର୍ଶକ ଝୁମିଥିଲେ। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ଦ୍ୱାରିକା ଡ୍ୟାନ୍‌ସ ଗ୍ରୁପ୍ ବାଜପୁର, ଭୁବନେଶ୍ୱର ପ୍ରଜ୍ଞା ନୃତ୍ୟାନ ଓ ଲୋକାଲ ଡ୍ୟାନ୍‌ସ ଗ୍ରୁପ୍ କଳାକାରମାନେ ନୃତ୍ୟ କଳା ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓମ୍ ଶ୍ରୀ ଗ୍ରୁପ୍ ସଦସ୍ୟ କେଦାର ବଳବନ୍ତରାୟ, ରାଜ କିଶୋର ବେହେରା, ଇନ୍ଦ୍ରଜିତ ଦାସ, ବଣ୍ଟି ଜେନା, ଅନିରୁଦ୍ଧ ବେହେରା, ସଂଗ୍ରାମ ପଟ୍ଟନାୟକ, ରାକେଶ ଜେନା, ଗୌତମ ବଳିଆରସିଂହ, ମହେଶ୍ୱର ବେହେରା, କୁଳଦୀପ ପଟ୍ଟନାୟକ, ପିଣ୍ଟୁ ପାତଳାସିଂହ, ତାପସ ବଳିଆରସିଂହ ପ୍ରମୁଖ ସହଯୋଗ କରିଥିଲେ।

# ୨୮ ରୁ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

ବେଗୁନିଆ,୨।୯ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମରେ ହର-ପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ ଦଶହରା ଉପଲକ୍ଷେ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ସୁଦର୍ଶନ ମାଣିକଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ଲକ୍ଷ୍ମୀଧର ପ୍ରଧାନ, ସମ୍ପାଦକ, କୋଷାଧ୍ୟକ୍ଷ, କମିଟି ସଦସ୍ୟ, ଗ୍ରାମର ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ପ୍ରତ୍ୟେକ ସାହିର ଯୁବକମାନେ ଉପସ୍ଥିତ ରହି ସର୍ବସମ୍ମତି କ୍ରମେ ପାଞ୍ଚ ଦିନ ଧରି ନାଟକ ପ୍ରତିଯୋଗିତା ଆୟୋଜନ କରାଯିବା ସହ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ନିଜର ମତ ଉପସ୍ଥାପନ କରିଥିଲେ। ଏହି ପ୍ରତିଯୋଗିତାଟି ଆସନ୍ତା ୨୮ ତାରିଖରେ ଆରମ୍ଭ ହୋଇ ଅକ୍ଟୋବର ୨ରେ ଉଦ୍‌ଯାପନ ହେବ। କାର୍ଯ୍ୟକ୍ରମରେ ଘାଟିକିଆ, କୁଞ୍ଜୁରି, ପତନୀବର, ଭୁବନେଶ୍ୱର ନୟାପଲ୍ଲୀ ଓ ଅନ୍ତିମ ଦିବସରେ ପୋଡ଼ାଡିହ ହର-ପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ "ବାବୁ ମୋତେ ମୁଠେ ଭିକ ଦିଅ' ନାଟକ ପରିବେଷଣ ହେବ ବୋଲି ସ୍ଥିର ହୋଇଛି।




'ଆମରି ସତ୍ୟ'ର ପଞ୍ଚଦଶ ବାର୍ଷିକ ଉତ୍ସବ

## କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ସାର ସ୍ଥିତି ସମୀକ୍ଷା

# କଳାବଜାରୀ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ

ଖୋର୍ଦ୍ଧା,୨।୯ (ସମିସ): ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଖୋର୍ଦ୍ଧା ଗସ୍ତରେ ଆସି ଜିଲ୍ଲାରେ ସାର ସ୍ଥିତି ସମୀକ୍ଷା କରିଛନ୍ତି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀ, ପାକ୍ସ ଓ ଲାମ୍ପ୍‌ସର କେତେଜଣ ସଭାପତି, ସମ୍ପାଦକଙ୍କ ସହ ଆଲୋଚନା କରିଛନ୍ତି। ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ) ରବି ନାରାୟଣ ସେନାପତି, ସମବାୟ ସମୂହ ସହ ଉପନିବନ୍ଧକ ଭାଗବତ ମାରାଣ୍ଡି, ଏଡିଓ(ଖୋର୍ଦ୍ଧା) ସୁବ୍ରତ କୁମାର ରଥ, ଏଡିଓ(ଭୁବନେଶ୍ୱର) ମନୋରଞ୍ଜନ ରାଉଳ, ଏଡିଓ(ଟାଙ୍ଗୀ) ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ,



ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି କେଳୁଚରଣ ଜଗଦେବ, ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ବର୍ଷ ଖରିଫ ଚାଷ ପାଇଁ ୭ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଆବଶ୍ୟକ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୯୩୦୩ ମେଟ୍ରିକ୍ ଟନ୍ ସାର ମହଜୁଦ ରହିଛି। ଖୋର୍ଦ୍ଧା ଜିଲ୍ଲାରେ ୧୯୮ ଜଣ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲର ଏବଂ ୧୧୨ଟି ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ବଣ୍ଟନ ପାଇଁ ଜିଲ୍ଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ସାର ବଣ୍ଟନରେ ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରିବେ, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି। ସାର ବଣ୍ଟନରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରୁଥିବା ୩ଜଣ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୫୬ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ଶ୍ରୀ ସାହୁ କହିଛନ୍ତି।

# କରାଟେରେ ଖୋର୍ଦ୍ଧା ଜିଲ୍ଲାରୁ ୫ଜଣ ବ୍ଲାକ୍ ବେଲ୍ଟ ହାସଲ

ବାଲୁଗାଁ,୨।୯ (ସମିସ): ଉତ୍କଳ କରାଟେ ସ୍କୁଲ, ଭୁବନେଶ୍ୱର ପରିସରରେ ସୁକୋକାଇ କରାଟେ ଡୋର ବ୍ଲାକ୍ ବେଲ୍‌ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାରେ ସମୁଦାୟ ୫୦ଜଣ କରାଟେକା ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବାବେଳେ ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଶାଖାରୁ ୩ ଜଣ ଓ ଖୋର୍ଦ୍ଧା ଟାଉନ୍ ଶାଖାରୁ ୨ ଜଣଙ୍କ ସମେତ ସମୁଦାୟ ୫ଜଣ କୃତକାର୍ଯ୍ୟ ହୋଇ ବ୍ଲାକ୍ ବେଲ୍ଟ ହାସଲ କରିବାରେ ସଫଳ ହୋଇଥିଲେ। ବ୍ଲାକ୍ ବେଲ୍ଟ ହାସଲକାରୀଙ୍କ ମଧ୍ୟରୁ ବାଲୁଗାଁ ଶାଖାର କୃତି ଦିପନ୍ ବଳବନ୍ତରାୟ, ଧୃତି ଦିପନ୍ ବଳବନ୍ତରାୟ, ରୁଦ୍ର ପ୍ରସାଦ ଶତପଥୀ ପ୍ରମୁଖ ୩ଜଣ ହୋଇଥିବାବେଳେ ଖୋର୍ଦ୍ଧା ଶାଖାର ଏମ୍‌ଡି ଅକିଲ, ଜୟ ଆନନ୍ଦ ସାଇ ପ୍ରମୁଖ ୨ଜଣ ପରୀକ୍ଷାରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇ ବ୍ଲାକ୍ ବେଲ୍ଟ ହାସଲ କରିବାରେ ସଫଳ ହୋଇଥିଲେ। ଏହି କରାଟେକା ପ୍ରଶିକ୍ଷାର୍ଥୀମାନେ ଉତ୍କଳ କରାଟେ ସ୍କୁଲ



ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କରାଟେ ପ୍ରଶିକ୍ଷକ କ୍ୟୋସି ଦୀପକ କୁମାର ସାମନ୍ତରାଙ୍କ ନିକଟରେ ଶିକ୍ଷା ଗ୍ରହଣ କରୁଛନ୍ତି।

ଉକ୍ତ ପରୀକ୍ଷାକୁ ସୁକୋକାଇ କରାଟେ ଡୋ ଭାରତର ମୁଖ୍ୟ ପ୍ରଶିକ୍ଷକ ହାନ୍‌ସି ଡ. ହରି ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସିହାନ୍ ଖାରବେଳ ମଲ୍ଲିକ, କ୍ୟୋସି ଦୀପକ କୁମାର ସାମନ୍ତରା ଓ ଅନ୍ୟ ବରିଷ୍ଠ ପ୍ରଶିକ୍ଷକମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ବ୍ଲାକ୍ ବେଲ୍ଟ ହାସଲ କରିଥିବା କରାଟେକାମାନଙ୍କୁ ତାଙ୍କ ପରିବାର ବର୍ଗ ଓ ଅଞ୍ଚଳର କ୍ରୀଡ଼ାପ୍ରେମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

**ସ୍ୱଚ୍ଛ ଭାରତ ମିଶନରେ ମହାଘୋଟାଲା**

# ଆବର୍ଜନା ବୁହା ଗାଡ଼ି କିଣାରେ ଅନିୟମିତତା

ନୟାଗଡ଼,୨।୯ (ସମିସ)

ନୟାଗଡ଼ ଜିଲ୍ଲାରେ ସ୍ୱଚ୍ଛ ଭାରତ ମିଶନରେ ବ୍ୟାପକ ଘୋଟାଲା ହୋଇଥିବା ସୂଚନା ମିଳିଛି । ନୟାଗଡ଼ ଜିଲ୍ଲା ପରିଷଦ ଅଧୀନରେ କାର୍ଯ୍ୟ କରୁଥିବା ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ବ୍ଲକର ସମସ୍ତ ପଞ୍ଚାୟତକୁ ବ୍ୟାଟେରି ଚାଳିତ ଆବର୍ଜନା ବୁହା ଗାଡ଼ି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା । ଏହି ବ୍ୟାଟେରୀ ଚାଳିତ ଗାଡ଼ି କିଣିବାକୁ ବ୍ଲକ ପ୍ରଶାସନ ୭୦ ପ୍ରତିଶତ ଅର୍ଥ ଏବଂ ପଞ୍ଚାୟତରୁ ୩୦ ପ୍ରତିଶତ ଅର୍ଥ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଥିଲା । ୨ ଲକ୍ଷ ୫୦ ହଜାରରୁ ୩ ଲକ୍ଷ ଟଙ୍କା ମଧ୍ୟରେ ଗାଡ଼ି କିଣିବାକୁ ସମସ୍ତ ବ୍ଲକକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ନୟାଗଡ଼ ଜିଲ୍ଲାରେ ଏଯାବତ ଭାପୁର ଓ ନୂଆଗାଁ ବ୍ଲକର ସମସ୍ତ ପଞ୍ଚାୟତକୁ ଆବର୍ଜନା ବୁହା ଗାଡ଼ି ଯୋଗାଇ ଦିଆଯାଇଥିବା ବେଳେ ଖଣ୍ଡପଡ଼ା, ରଣପୁର ଓ ଓଡ଼ଗାଁ ବ୍ଲକର ଅଧା ପଞ୍ଚାୟତକୁ ଗାଡ଼ି ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ଏହି ଗାଡ଼ି କିଣିବା ଦାୟିତ୍ୱ ବ୍ଲକ ପାଖରେ ରହିଥିଲା । ଏହାକୁ ଟେଣ୍ଡର କରି ଗାଡ଼ି କିଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଭିନ୍ନ ପଞ୍ଚାୟତକୁ ଯୋଗାଇ ଦିଆଯାଇଥିବା ଗାଡ଼ି ଗୁଡ଼ିକ ନିମ୍ନମାନର ଏବଂ ଗାଡ଼ିରେ ଆବର୍ଜନା ଭର୍ତ୍ତି ହେବା ପରେ ଗାଡ଼ି ଟାଣୁ ନଥିବା ଦେଖାଯାଇଛି । ଏହା ଭିତରେ ଏକ ବଡ଼ କେଲେଙ୍କାରୀ ସାମ୍ନାକୁ ଆସିଛି । ଖଣ୍ଡପଡ଼ା, ଭାପୁର ସମେତ ଅନ୍ୟ ବ୍ଲକ ପକ୍ଷରୁ କିଣାଯାଇଥିବା ଗାଡ଼ି ଗୁଡ଼ିକର ମୂଲ୍ୟ ସମ୍ପର୍କରେ ଖୋଳତାଡ଼ କରାଯିବାରେ ଏହା ଲକ୍ଷେ ଟଙ୍କାରୁ କମ



ମୂଲ୍ୟର ଗାଡ଼ି ବୋଲି ସୂଚନା ମିଳିଛି । ଖଣ୍ଡପଡ଼ାକୁ ଗାଡ଼ି ଯୋଗାଇଥିବା କମ୍ପାନୀ ଏହି ଗାଡ଼ିକୁ ୯୦ ହଜାର ଟଙ୍କାରେ ଯୋଗାଇ ପାରିବ ବୋଲି ଏକ ଗାଡ଼ି ବିକ୍ରି ଏଜେନ୍ସିକୁ ମୌଖିକ ଭାବେ କହିଥିବା ବେଳେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଏହି ଗାଡ଼ିକୁ ୨ ଲକ୍ଷ ୭୦ରୁ ହଜାର ଊର୍ଦ୍ଧ୍ୱ ଟଙ୍କାରେ କିଭଳି କିଣିଲେ ବୋଲି ପ୍ରଶ୍ନ ଉଠୁଛି । କେବଳ ଖଣ୍ଡପଡ଼ା ନୁହେଁ, ସମାନ ସ୍ଥିତି ଭାପୁର, ଓଡ଼ଗାଁ, ରଣପୁର ଓ ନୂଆଗାଁରେ ଦେଖାଯାଇଛି । କମ ଦାମର ଗାଡ଼ି କିଣି ଏହାକୁ ଉଚ୍ଚା ଦରରେ ବିଲ୍ କରାଯାଇଥିବା ଅନୁମାନ ହେଉଛି । ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବା ନିହାତି ଆବଶ୍ୟକ ବୋଲି ଅନେକ ସରପଞ୍ଚ ମତ ଦେଇଛନ୍ତି । ନୟାଗଡ଼ ଜିଲ୍ଲାର ଶହେରୁ ଊର୍ଦ୍ଧ୍ୱ ପଞ୍ଚାୟତକୁ ଗାଡ଼ି ଯୋଗାଣ କରି କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଘୋଟାଲା କରାଯାଇଥିବା ଅନୁମାନ ହେଉଛି । ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ, କିଆଝର ପଞ୍ଚାୟତ ଗାଡ଼ି ଅଚଳ ଅବସ୍ଥାକୁ ଚାଲି ଆସିଥିବା ଦେଖାଯାଇଛି । ଭାପୁର ବ୍ଲକରେ ଗାଡ଼ି ବ୍ୟବହାର ଯୋଗ୍ୟ ନୁହେଁ ବୋଲି ଅନେକ ମତ ଦେଇଛନ୍ତି । ଏହା ପଛରେ ବଡ଼ କେଲେଙ୍କାରୀ ରହିଥିବା ସନ୍ଦେହ ଦୃଢ଼ିଭୂତ ହେଉଛି । ଜୈନିକ ବରିଷ୍ଠ ଅଧିକାରୀ ଏହି ଗାଡ଼ି କମ୍ପାନୀକୁ ଚୟନ କରିଥିବା ଏବଂ ଉକ୍ତ ସଂସ୍ଥାରୁ ଗାଡ଼ି କିଣିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ଆଲୋଚନା ହେଉଛି ।

- **୩ ଗୁଣା ଦରରେ କିଣିଛି ବ୍ଲକ୍ ପ୍ରଶାସନ**
- **ଗାଡ଼ି ଟାଣୁନି, ଗାଡ଼ିକୁ ଟଣାଯାଉଛି**
- **ସନ୍ଦେହରେ ବରିଷ୍ଠ ଅଧିକାରୀଙ୍କ ଭୂମିକା**

## ନୟାଗଡ଼ ପୌର ପରିଷଦରେ ବଢୁଛି ଜବରଦଖଲ



**କାହିଁକି ଚୁପ୍ ବସିଛନ୍ତି ନିର୍ବାହୀ ଅଧିକାରୀ**

ନୟାଗଡ଼,୨।୯ (ସମିସ): ନୟାଗଡ଼ ବିକାଶକୁ ପୌର ପରିଷଦ ଦଳିମକଚି ଦେଇଥିବା ବେଳେ ଏବେ ବାଡ଼ ଫସଲ ଖାଇବା ଆରମ୍ଭ କରି ସାରିଲାଣି । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନା ଦେବୋତ୍ତର କଲୋନୀ ୪ର୍ଥ ଲେନ୍ ରାସ୍ତା ପାଶ୍ୱର୍ରେ ସରକାରୀ ଜାଗା ଓ ଡ୍ରେନ୍ ଜବରଦଖଲ କରି ୪ଟି ଦୋକାନ ଗୃହ ନିର୍ମାଣ ହୋଇଛି । ସ୍ଥାୟୀ ଦୋକାନ ଗୃହ କେଉଁ ଭଳି ଭାବେ ନିର୍ମାଣ ହେଲା ଏବଂ କିଏ ଏହାକୁ ପ୍ରୋତ୍ସାହନ ଦେଇଛି, ତାକୁ ନେଇ ସହର ବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଥିବା ବେଳେ ନୟାଗଡ଼ ପୌର ପରିଷଦ କିଛି ନେତା ଏବଂ ଜୈନିକ କରିତକର୍ମା କର୍ମଚାରୀ ଏହାକୁ ପ୍ରୋତ୍ସାହନ ଦେଇଥିବା ଚର୍ଚ୍ଚା ହେଉଛି । ଏହି ଦୋକାନ ଗୃହ ଜବରଦଖଲ କରି ନିର୍ମାଣ କରାଯିବା ପଛରେ ୧୦ ଲକ୍ଷ ଟଙ୍କାର ଭିତିରିଆ କାରବାର ହୋଇଥିବା ଆଲୋଚନା ହେଉଛି । ଅତ୍ୟନ୍ତ ଚତୁରତାର ସହ ଦୋକାନ ଗୃହ ନିର୍ମାଣ କରି ଦୁଇଟି ଭଡ଼ାରେ ଲଗା ସରିଛି । ଗୋଟିଏ ଦୋକାନ ଗୃହ ଅଧପନ୍ତରିଆ ଅବସ୍ଥାରେ ରହିଥିବା ବେଳେ ୩ଟିର ନିର୍ମାଣ ଯେନତେନ ଶେଷ ହୋଇଛି । କେବଳ ଏହି ସ୍ଥାନ ନୁହେଁ ନୟାଗଡ଼ ପୌର ପରିଷଦ ଅଞ୍ଚଳରେ ରହିଥିବା ଅନେକ ସରକାରୀ ସ୍ଥାନ ଜବରଦଖଲ କରାଯାଇଛି । ପୌର ନିର୍ବାହୀ ଅଧିକାରୀ ସବୁ ଜାଣି ନୀରବ ଦ୍ରଷ୍ଟା ସାଜିବାର କାରଣ କଣ ବୋଲି ଅନେକ କାଉନସିଲର ପ୍ରଶ୍ନ ଉଠାଇଛନ୍ତି । ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟ କଳାପକୁ ନେଇ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି କାଉନସିଲରମାନେ ମଧ୍ୟ ଅତ୍ୟନ୍ତ ଅସନ୍ତୁଷ୍ଟ ଅବସ୍ଥାରେ ରହିଛନ୍ତି । ଯାହାକୁ ନେଇ ଆଗାମୀ ଦିନରେ ବଡ଼ ଧରଣ ହୋହାଲ୍ଲା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଦେଖାଯାଇଛି । ତୁରନ୍ତ ସହରକୁ ଜବରଦଖଲ ମୁକ୍ତ କରିବାକୁ ଦାବି ହେଉଛି ।

**■ ବିଜେଡି ନଗର ସଭାପତିଙ୍କ ପରଲୋକ**

# ଗଭୀର ଶୋକବ୍ୟକ୍ତ କଲେ ବିଧାୟକ

ନୟାଗଡ଼,୨।୯ (ସମିସ): ନୟାଗଡ଼ ଜିଲ୍ଲା ନୟାଗଡ଼ ପୌର ପରିଷଦ ନଗର ସଭାପତି ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅମୂଲ୍ୟ କୁମାର ମହାନ୍ତିଙ୍କ ଆଜି ପରଲୋକ ଘଟିଛି । ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଦୀର୍ଘଦିନ ହେବ ସେ ଅସୁସ୍ଥ ରହିଥିଲେ । ତାଙ୍କର ଚିକିତ୍ସା କରାଯାଉଥିଲା । ଗତକାଲି ତାଙ୍କ ସ୍ୱାସ୍ଥ୍ୟରେ ଅବନତୀ ଘଟିଥିଲା । ତାଙ୍କ ପରଲୋକ ଖବର ପାଇ ନୟାଗଡ଼ରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଛି । ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ବୋରିଗିନା ନିକଟସ୍ଥ ଓଳାସ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶ୍ରୀଯୁକ୍ତ ମହାନ୍ତି ପୁଲିସ ବିଭାଗରେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ । ଅବିଭକ୍ତ ପୁରୀ ଜିଲ୍ଲାରେ ସେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ । ପୁରୀ ଟାଉନଥାନା, ସୁମଦ୍ରକୂଳ ଥାନା, ବୋଲଗଡ଼ ଥାନା ଓ ନୟାଗଡ଼ ଥାନାରେ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ଅବସର ସମୟରେ ସେ ଭିଜିଲାନ୍ସ ଏସ୍‌ପି ଭାବେ କାର୍ଯ୍ୟ କରିଥିଲେ । ଦୁଇ ଦୁଇ ଥର ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ନୟାଗଡ଼ ସହର ୩ନଂ ୱାର୍ଡ ଲକ୍ଷ୍ମଣନଗରରେ ସେ ସ୍ଥାୟୀ ବାସିନ୍ଦା ଭାବେ ଅବସ୍ଥାନ କରୁଥିଲେ । ଅବସର ପରେ ନୟାଗଡ଼ ସହରରେ ସମାଜସେବା ତଥା ବିଜେଡି ସାଂଗଠନିକ ଦାୟିତ୍ୱ ନିର୍ବାହ କରିଥିଲେ । ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସେ ଅନେକ କାର୍ଯ୍ୟ କରିଛନ୍ତି । ବରିଷ୍ଠ ନାଗରିକ ସଂଘ ସଭାପତି ଦାୟିତ୍ୱ ସମାପନ କରି ସୁନାମ ଅର୍ଜନ କରିଛନ୍ତି । ବିଜୁ ଜନତା ଦଳ ସଂଗଠନକୁ ସେ ମଜବୁତ କରିବା ସହ ଗତ ପୌର ନିର୍ବାଚନରେ ବିଜେଡି ୧୬ଟି ୱାର୍ଡ କାଉସନସିଲର ବିଜୟୀ ହୋଇଥିଲେ । ତାଙ୍କ ପରଲୋକ ଖବର ପାଇ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଗଭୀର ଶୋକବ୍ୟକ୍ତି କରିଛନ୍ତି । ତାଙ୍କ ଭଳି ଜଣେ ଦୃଢ଼ ସଂଗଠକଙ୍କ ପରଲୋକରେ ଦଳର ବ୍ୟାପକ କ୍ଷତି ହୋଇଥିବା କହିଛନ୍ତି । ଭଗବାନ ତାଙ୍କ ପରିବାରକୁ ଧର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ବିଧାୟକ କାମନା କରିଛନ୍ତି । ବିଧାୟକ ପରାମର୍ଶ କ୍ରମେ, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାଉନସିଲର ସ୍ୱୟଂପ୍ରଭା ମିଶ୍ର, ଅଳକା ମଞ୍ଜରୀ ନାୟକ, ପ୍ରଭାସିନୀ ନନ୍ଦଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ କରାଯାଇଛି ।

# ‘ସଂଗଠନ ସୃଜନ ଅଭିଯାନ’ ଶୁଭାରମ୍ଭ



ନୟାଗଡ଼,୨।୯ (ସମିସ): ନୟାଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜିଠାରୁ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି । ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଜାତୀୟ କଂଗ୍ରେସ ନେତା ତଥା ପର୍ଯ୍ୟବେକ୍ଷକ ମହେଶ ଶର୍ମା, ପୂର୍ବତନ ମନ୍ତ୍ରୀ ଅମର ପ୍ରଧାନ, ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତୀ, ପୂର୍ବତନ ସାଂସଦ ନକୁଳ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଜାତୀୟ କଂଗ୍ରେସ ନେତା ମହେଶ ଶର୍ମା, ନୟାଗଡ଼ ଜିଲ୍ଲାରେ କଂଗ୍ରେସ ସଂଗଠନ ଠିକଠାକ ଚାଲିନାହିଁ ବୋଲି କହିଥିଲେ । ଯେଉଁଥିପାଇଁ ଆମେ ଏଠିକୁ ଆସିଛୁ ବୋଲି ସୂଚନା ଦେଇଥିଲେ । ୮ ଦିନ ନୟାଗଡ଼ରେ ରହିବୁ, ସବୁ କଂଗ୍ରେସ ନେତା ଓ କର୍ମୀଙ୍କ ସହ ଆଲୋଚନା କରି ସେମାନଙ୍କ ଭାବନାକୁ ନେଇ ଦିଲ୍ଲୀ ଯିବି ବୋଲି ସୂଚନା ଦେଇଥିଲେ । ବ୍ଲକ କଂଗ୍ରେସ, ଜିଲ୍ଲା କଂଗ୍ରେସ, ଓବିସି ଶାଖା, ମହିଳା, ଦଳିତ ସଂଗଠନକୁ କିଭଳି ମଜବୁତ କରାଯିବା ତାହା ଉପରେ ଆଲୋଚନା କରି ସଂଗଠନକୁ ତୃଣମୂଳ ସ୍ତରରୁ ମଜୁବତ କରାଯିବ ବୋଲି କହିଥିଲେ । ଏହି ସମ୍ମିଳନୀରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ, ଜିଲ୍ଲା କଂଗ୍ରେସ ସଂଯୋଜକ ସତ୍ୟବ୍ରତ ନାୟକଙ୍କ ସମେତ ବହୁ ନେତା ଉପସ୍ଥିତ ରହିଥିଲେ ।

### ପଦାରେ ପଡ଼ିଲା କଂଗ୍ରେସ ଗୋଷ୍ଠୀ କନ୍ଦଳ

ନୟାଗଡ଼: ନୟାଗଡ଼ ଜିଲ୍ଲା କଂଗ୍ରେସରେ ତୀବ୍ର ଗୋଷ୍ଠୀ କନ୍ଦଳ । ଆଗକୁ ଜିଲ୍ଲା ସଭାପତି ଚୟନ ରହିଥିବାରୁ ପରସ୍ପର ବିରୋଧି ଓ ଇର୍ଷା ପରାୟଣତା ଚରମ ସ୍ଥିତିରେ ପହଞ୍ଚିଛି । ଯାହାକୁ ନେଇ ଆଜି ଗରମାଗରମ ସ୍ଥିତି ସୃଷ୍ଟି ହେବା ସହ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ସ୍ଥାନ ଓ ସମୟ ପରିବର୍ତ୍ତନ କରାଯାଇଛି । ନୟାଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ଦିନ ୧୧ଟା ୩୦ରେ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରାଯାଇଥିଲା । ନୟାଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏହି ସମ୍ମିଳନୀ ହେବ ବୋଲି କୁହାଯାଇଥିଲା । ୧୧ଟା ୨୦ରେ ସାମ୍ବାଦିକମାନେ ସେଠାରେ ପହଞ୍ଚିବା ପୂର୍ବରୁ ହଠାତ୍ ସମୟ ଓ ସ୍ଥାନ ପରିବର୍ତ୍ତନ କରାଗଲା । ନୀଳମାଧବ କଲ୍ୟାଣ ମଣ୍ଡପଠାରେ ୧୨ଟାରେ ସାମ୍ବାଦିକ ସମ୍ମିଳନୀ ହେବ ବୋଲି ସୂଚନା ଦିଆଗଲା । ମାତ୍ର ସମ୍ମିଳନୀ ଦିନ ୧ ଘଟିକା ବେଳକୁ ଆରମ୍ଭ ହୋଇଥିଲା । ଜିଲ୍ଲାର ସାଂଗଠନିକ ସ୍ଥିତିକୁ ପରଖିବା ପାଇଁ ଆଜି ପ୍ରମୁଖ କଂଗ୍ରେସ ନେତମାନେ ନୟାଗଡ଼ ଆସିଥିଲେ । ଯାହାକୁ ନେଇ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା । ମାତ୍ର ଜଣେ କଂଗ୍ରେସ କର୍ମୀଙ୍କୁ ନିମନ୍ତ୍ରଣ କରାଯିବାକୁ ନେଇ ନେତା ନେତାଙ୍କ ମଧ୍ୟରେ ଆଜି ତୁମୁଳକାଣ୍ଡ କାରଣରୁ ସାମ୍ବାଦିକ ସମ୍ମିଳନୀ ସ୍ଥାନ ଓ ସମୟ ପରିବର୍ତ୍ତନ ହୋଇଥିବା ସୂଚନା ମିଳିଛି । ଜଣେ ପୂର୍ବତନ ସରପଞ୍ଚଙ୍କୁ ଆଜି ଜୈନିକ ନେତା କାର୍ଯ୍ୟକ୍ରମକୁ ଡାକିଥିଲେ । ଯାହାକୁ ନେଇ ଜଣେ ପୂରଣା ସଂଗଠନ ତଥା କଂଗ୍ରେସ ନେତା ଏହାକୁ ବିରୋଧ କରିଥିଲେ । ମୁଁ କଲ୍ୟାଣ ମଣ୍ଡପ ବୁଝିଛି, ଏଠାରେ କୌଣସି କାର୍ଯ୍ୟକ୍ରମ କରାଇ ଦେବି ନାହିଁ ବୋଲି କହି ଗଣ୍ଡଗୋଳ ସୃଷ୍ଟି କରିଥିଲେ । ଯାହାକୁ ନେଇ ସମ୍ମିଳନୀ ସ୍ଥାନ ପରିବର୍ତ୍ତନ ହୋଇଥିବା ବେଳେ କଂଗ୍ରେସ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଥିବା ଜଣାପଡ଼ିଛି ।

## ବାଉଁଶରାଣୀ ଖେଳର ଜନକଙ୍କ ପାଇଁ ସ୍ମୃତିଚାରଣ



ଓଡ଼ଗାଁ,୨।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ସନ୍ନିକଟ ନାଥିଆ ପଲ୍ଲୀ ଗ୍ରାମର ବାଉଁଶରାଣୀ ଖେଳର ଜନକ ପୂର୍ଣ୍ଣ ଦାସଙ୍କ ଅବର୍ତ୍ତମାନରେ ମଙ୍ଗଳବାର ଦଶାହ କାର୍ଯ୍ୟ ଦିବସରେ ପରିବାର, ଜ୍ଞାତି କୁଟୁମ୍ବଙ୍କ ସହିତ ଗ୍ରାମବାସୀ ତାଙ୍କର ସ୍ମୃତିଚାରଣ କରାଯାଇଛି । ଗରିବ ପରିବାର ହେତୁ ଖାଦ୍ୟ ବସ୍ତ୍ର ଯୋଗାଡ଼ ପାଇଁ ପୂର୍ଣ୍ଣ ଦାସ ସ୍ତ୍ରୀ ଛାୟା ଦାସଙ୍କ ସହିତ ପିଲାମାନଙ୍କୁ ସାଙ୍ଗରେ ନେଇ ପରିବାର ଭରଣପୋଷଣ ଉଦ୍ଦେଶ୍ୟରେ ବାଉଁଶରାଣୀ ଖେଳ ପ୍ରଦର୍ଶନ କରୁଥିଲେ । ସେଥିରୁ ଉପାର୍ଜନ ଅର୍ଥରେ ସାରା ପରିବାର କଷ୍ଟେମଷ୍ଟେ ଚଳି ଯାଉଥିଲେ । ଦେଶ ସହିତ ବିଦେଶ ଫ୍ରାନ୍ସରେ ଖେଳ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହେବା ପରେ ଏହାର ପ୍ରଚାର ପ୍ରସାର ହୋଇଥିଲା । ଓଡ଼ିଶା ରାଜ୍ୟ ଓ ଜାତୀୟ ଦୂରଦର୍ଶନରେ କାର୍ଯ୍ୟକ୍ରମର ପ୍ରସାରଣ ହୋଇଥିଲା । ବାଉଁଶରାଣୀ ଖେଳ ସହିତ ଜିମ୍ନାଷ୍ଟିକ ଖେଳ ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ଆକୃଷ୍ଟ କରି ପାରୁଥିବାରୁ ଜଣେ ଭାରତୀୟ ସେନା ଅଧିକାରୀ ବଡ଼ ଝିଅକୁ ସେନା ବାହିନୀରେ ଭର୍ତ୍ତି କରିଥିଲେ । ପୂର୍ଣ୍ଣଙ୍କ ଉପସ୍ଥିତି ନଥିଲେ ମଧ୍ୟ ତାଙ୍କର ବଂଶୀ, ସାହାନାଇ, ହାରମନିୟମ ଏବଂ ବାଦ୍ୟ ଯନ୍ତ୍ରର ଶବ୍ଦ ସମସ୍ତଙ୍କ ମନରେ ଗୁଞ୍ଜରିତ ହେଉଥିବ ନିଶ୍ଚୟ ।

## ମୁଣ୍ଡିଆ ହନୁମାନ ପୀଠରେ ହନୁମାନ ଚାଳିଶା

ଖଣ୍ଡପଡ଼ା,୨।୯ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠରେ ୭ମ ବାର୍ଷିକ ଶ୍ରୀଅଖଣ୍ଡ ହନୁମାନ ଚାଳିଶା ପାଠ ଓ ଘୃତଯଜ୍ଞ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଶ୍ରୀମୁଣ୍ଡିଆ ହନୁମାନ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନୀଳକଣ୍ଠପ୍ରସାଦ, ଗୋଛାବାରି, ମିଟୁଆଣି, ମାଧପୁର, ବେଣାଗାଡିଆ, ମର୍ଦ୍ଦରାଜପୁର ଗ୍ରାମର ଚାଳିଶା ମଣ୍ଡଳୀର ସଦସ୍ୟମାନେ ଉପସ୍ଥିତ ରହି ହନୁମାନ ଚାଳିଶା ପଠନ କରିଥିଲେ । ଏ ଅବସରରେ ପ୍ରାତଃ ସମୟରେ ଘଟ କଳସ ସ୍ଥାପନ ଓ ସୂର୍ଯ୍ୟନାରାୟଣଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ପୂର୍ଣ୍ଣାହୁତି ଉତ୍ସବରେ ଯୋଗଦେଇ ବିଗ୍ରହଙ୍କୁ ଦର୍ଶନ କରିଥିଲେ ।

**● ଚାଉଳ ହେର୍‌ଫେର୍ କରିଛନ୍ତି ଏବିଇଓ**

# ରସିଦ୍‌ରେ ୨୨ ବସ୍ତା; ଦେଇଛନ୍ତି ୨୧ ବସ୍ତା

ଗଣିଆ,୨।୯ (ସମିସ): ବାଡ଼ ଖାଉଛି ଫସଲ । ଦରମା ଅଣ୍ଟିଲାନି ଯେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଚାଉଳରେ ଆଖି ପକାଇଲେ ଖୋଦ୍ ଅତିରିକ୍ତ ଶିକ୍ଷା ଅଧିକାରୀ । ରସିଦରେ ୨୨ ବସ୍ତା ଲେଖି ପ୍ରଧାନଶିକ୍ଷକଙ୍କଠାରୁ ଦସ୍ତଖତ ନେଲେ କିନ୍ତୁ ଚାଉଳ ଦେଲେ ୨୧ ବସ୍ତା । ଏ ନେଇ ସଂପୃକ୍ତ ପ୍ରଧାନଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଥିବା ଜଣାପଡିଛି । ଘଟଣାରୁ ଜଣାପଡିଛି ଗଣିଆ ବ୍ଲକ ରାଉତପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପିଏମ ପୋଷଣ ଏବଂ ଏମ୍‌ଏମ୍ ପୋଷଣ ଯୋଜନାରେ ଗତ ୨୫ ତାରିଖରେ ଚାଉଳ ନେଇ ପହଞ୍ଚି ଥିଲେ ଅତିରିକ୍ତ ଶିକ୍ଷା ଅଧିକାରୀ ରବୀନ୍ଦ୍ର ବେହେରା । ପ୍ରାଥମିକ ସ୍ତରର ପିଲାଙ୍କ ପାଇଁ ୧୪ ବସ୍ତା (୭ କ୍ୱିଣ୍ଟାଲ) ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରର ପିଲାଙ୍କ ପାଇଁ ୮ ବସ୍ତା (୪କ୍ୱିଣ୍ଟାଲ); ଏପରି ୨୨ ବସ୍ତାର ରସିଦ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଧାନଶିକ୍ଷକଙ୍କୁ ଦେଇଥିବା ବେଳେ ତାଙ୍କୁ ୧୯ ବସ୍ତା ଚାଉଳ ଦେଇଥିଲେ । ଦ୍ୱିତୀୟ ଦିନ ୩ ବସ୍ତା ଦେବେ କହି ୨ ବସ୍ତା ଦେଇଥିବା ବେଳେ ଆଉ ଗୋଟିଏ ବସ୍ତା ଚାଉଳ ଦେଉନାହାନ୍ତି । ଗତ ୭ ଦିନରୁ ଅଧିକ ବିତି ଯାଇଥିଲେ ମଧ୍ୟ ଚାଉଳ ନ ଦେବାରୁ ମଙ୍ଗଳବାର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମିଳନ କୁମାର ପଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ରସିଦ୍ ୨୨ ବସ୍ତା ଦିଆଯାଇଛି ତେବେ ୨୧ ବସ୍ତା ଚାଉଳ କାହିଁକି ଦିଆଗଲା । ୭ ଦିନ ବିତିଯାଇଥିଲେ ମଧ୍ୟ ଆଉ ଗୋଟିଏ ବସ୍ତା ଚାଉଳ କାହିଁକି ଦିଆଯାଇନାହିଁ । ଯଦି ଆବଶ୍ୟକୀୟ ଚାଉଳ ନଥିଲା ତେବେ ରସିଦରେ ୨୨ ବସ୍ତା ଲେଖାଗଲା କାହିଁକି । ଚାଉଳ ନଥିଲା ବୋଲି ଦିଆଯାଇନାହିଁ ନା ହେରଫେର ହୋଇଛି ଏଭଳି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି । ପ୍ରଧାନଶିକ୍ଷକଙ୍କ ଅଭିଯୋଗ ପରେ ଉକ୍ତ ଘଟଣା ଜଣାପଡିବା ପରେ କେବଳ ଏହା ଗୋଟିଏ ସ୍କୁଲର ସମସ୍ୟା ନା ଏଭଳି ଅନେକ ବିଦ୍ୟାଳୟରେ ଏହି ସମସ୍ୟା ଲାଗି ରହିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଭୂସମ୍ପତ୍ତି ଜବରଦଖଲ ଉଚ୍ଛେଦ ପାଇଁ ଦାବି

ଓଡ଼ଗାଁ,୨।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀରଘୁନାଥଜିଉଙ୍କ ଭୁସମ୍ପତି ଜବରଦଖଲ ହୋଇଛି । ଏହାକୁ ଉଚ୍ଛେଦ କରିବା ପାଇଁ ଓଡ଼ଗାଁ ନଗର ବାସିନ୍ଦାଙ୍କ ତରଫରୁ ସୁଶାନ୍ତ କୁମାର ସାହୁ, ପ୍ରତାପ କୁମାର ଦାସ, ତପନ କୁମାର ସାମନ୍ତରାୟ, ସନ୍ତୋଷ କୁମାର ପ୍ରଧାନଙ୍କ ସହିତ ୨୦ ଜଣରୁ ଊର୍ଦ୍ଧ୍ୱ ମନ୍ଦିର ପରିଚାଳକଙ୍କ ଜରିଆରେ ନୟାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ୭ ଦିନ ମଧ୍ୟରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାନଗଲେ ଓଡ଼ଗାଁ ସହରବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଶ୍ରୀରଘୁନାଥଜୀଉଙ୍କ ଭୂସମ୍ପତ୍ତିକୁ ଯେଉଁମାନେ ସେବା ସୂତ୍ରରେ ଦଖଲ କରିଥିଲେ ଏବଂ ଯେଉଁମାନେ ମନ୍ଦିର କାର୍ଯ୍ୟରୁ ସେବା ନିବୃତ ଅଛନ୍ତି, ସେମାନଙ୍କ ଦଖଲରେ ଥିବା ସମ୍ପତ୍ତି ଉଚ୍ଛେଦ କରିବା ପାଇଁ ଦାବି ହୋଇଛି । ବିଶେଷ କରି ଅନୁସୂଚିତ ଜାତିର ଅନେକେ ରଘୁନାଥଙ୍କ ସେବା ଛାଡି ସାରିବା ପରେ ମଧ୍ୟ ରଘୁନାଥ ସମ୍ପତ୍ତିର ଉପୋଭୋଗ କରୁଛନ୍ତି ।

## ଉପ-ନିର୍ଦ୍ଦେଶକ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

ରଣପୁର,୨।୯ (ସମିସ): ଆଜି ନୟାଗଡ ଜିଲ୍ଲା ରଣପୁର ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଉପନିର୍ଦ୍ଦେଶକ ସୁଶ୍ରୀ ସଙ୍ଗୀତା ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବନଲତା ବେହେରା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ସେମାନେ ଶିକ୍ଷକ-ଶିକ୍ଷୟତ୍ରୀଙ୍କ ସହିତ ଆଲୋଚନା କରି ଶିକ୍ଷାର ଗୁଣତ୍ତ୍ୱ ନିପୁଣ ଭାରତ କାର୍ଯ୍ୟକ୍ରମର ପ୍ରଗତି, ଆସ ସ୍କୁଲ କାର୍ଯ୍ୟକ୍ରମ ଯିବା କାର୍ଯ୍ୟକ୍ରମର ପ୍ରଗତି, ଶିକ୍ଷାଦାନ ସମୟରେ ଶିକ୍ଷଣ ସାମଗ୍ରୀ ବ୍ୟବହାର, ମଧ୍ୟାହ୍ନ ଭୋଜନର ମାନ ଆଦିକୁ ସମୀକ୍ଷା କରିଥିଲେ । ରଣପୁର ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ମଝିଆଖଣ୍ଡ ରଘୁନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ନୟାଗଡ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ‘ଦୀପା’ କମ୍ପ୍ୟୁଟର ପ୍ରୋଗ୍ରାମ ସମ୍ବନ୍ଧରେ ମଧ୍ୟ ତଦାରଖ କରିଥିଲେ । ଏହା ସହିତ ମାଳ ଜାମୁଗଣ୍ଡ ଅଞ୍ଚଳକୁ ଯାଇ ଶିକ୍ଷକ ମିହିର କୁମାର ଭୂୟାଁଙ୍କ ସହିତ ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ପରିଦର୍ଶନ ସମୟରେ ରଣପୁର ବ୍ଲକ ଶିକ୍ଷା ଅଧିକାରୀ ପିଣ୍ଟୁ କୁମାର ପ୍ରଧାନ, ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗିରିଜାକାନ୍ତ ମହାପାତ୍ର, ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣା, ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଉଚ୍ଚ ଅଧିକାରୀମାନଙ୍କ ଏହି ପରିଦର୍ଶନରୁ ବିଦ୍ୟାଳୟର ଶିକ୍ଷାମାନ ସୁଧାର ଓ ପିଲାଙ୍କ ସାର୍ବଜନୀନ ଉନ୍ନତି ପାଇଁ ସକାରାତ୍ମକ ପରିଣାମ ଆସିବ ବୋଲି ଆଶା କରାଯାଉଛି ।

**ଭାପୁର ବ୍ଲକ୍ ଦଶମ ସାଧାରଣ ଅଧିବେଶନ**

# ଜନପ୍ରତିନିଧିଙ୍କ ପ୍ରଶ୍ନବାଣରେ ବିଡିଓ ଘାଇଲା

ଭାପୁର,୨।୯ (ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଦଶମ ସାଧାରଣ ଅଧିବେଶନରେ ନାହିଁ ନଥିବା ହାଙ୍ଗାମା ହୋଇଛି । ବିଭିନ୍ନ ଦୁର୍ନୀତି ଲୁଚାଇବାକୁ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀଙ୍କୁ ସଭାକୁ ନଆସିବାକୁ ବିଡିଓ ଦେଇଥିବା ନିର୍ଦ୍ଦେଶକୁ ଉପାଧ୍ୟକ୍ଷ ଦୃଢ ବିରୋଧ କରିବା ସହ ଏହା ସମ୍ବିଧାନ ବିରୋଧୀ ବୋଲି କହିଥିଲେ । ବିଧାୟକ ଏହାକୁ ନାପସନ୍ଦ କରିଥିଲେ । ସବୁଠାରୁ ଅଧିକ ହାଙ୍ଗାମା ହୋଇଥିଲା ଆଇଟିଆଇରେ ଭୂଲ ତଥ୍ୟ ପ୍ରଦାନ ଓ ଜନପ୍ରତିନିଧିଙ୍କୁ ଚିଠି ନ କରି ଗଛ ନଲଗାଇ ବିଲ ହୋଇଥିବା ଜଣାପଡିବା ପରେ ସଭାରେ ନାହିଁ ନ ଥିବା ପାଟିତୁଣ୍ଡ ହୋଇଥିଲା । ବ୍ଲକ ସଦଭାବନ କକ୍ଷରେ ଆୟୋଜିତ ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି ମଧ୍ୟରେ ସଦଭାବନା କମ ଦେଖିବାକୁ ମିଳିଥିଲା । ଜନପ୍ରତିନିଧିଙ୍କୁ ଅଣଦେଖା ଓ ବେଖାତିର କରିବା ସହ ସେମାନଙ୍କୁ ଗୌଣ କରିବା ପାଇଁ ବିଡିଓ ସମସ୍ତ



ଉଦ୍ୟମ ପୂର୍ବ ଦିନରୁ ପ୍ରସ୍ତୁତି କରିଥିଲେ । ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ୨୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ସାଂସଦଙ୍କ ବ୍ଲକ ପ୍ରତିନିଧି ତୋଫାନ ପ୍ରଧାନ ଓ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଯୋଗ ଦେଇଥିଲେ । ଏହି ବୈଠକରେ ଶିକ୍ଷା, କୃଷି, ଆବାସ ବିଭିନ୍ନ ଉନ୍ନୟନ ବିଷୟ ନେଇ ଆଲୋଚନା ହୋଇଥିଲା । ଅନ୍ତ୍ୟୋଦୟ ଗୃହ ଯୋଜନାରେ ହୋଇଥିବା ମହାଦୁର୍ନୀତି ନେଇ ଆଲୋଚନା ସରଗରମ ହୋଇଥିଲା । ହିତାଧିକାରୀ ଚୟନ କରିବା ପାଇଁ ବ୍ଲକ ପ୍ରଶାସନ ତରଫରୁ ଯାଇଥିବା ନୋଡାଲ ଅଫିସରଙ୍କ ରିପୋର୍ଟକୁ ସମ୍ପୂର୍ଣ୍ଣ ଓଲଟାଇ ଅଯୋଗ୍ୟ ଲୋକଙ୍କୁ ହିତାଧିକାରୀ ଭାବେ ଚୟନ ହୋଇଥିବା ଜନପ୍ରତିନିଧି ମାନେ ଅଭିଯୋଗ କରିଥିଲେ । ଏନେଇ ବିଡିଓ କୌଣସି ଉତ୍ତର ନଦେଇ ଚୁପ ରହିଥିଲେ । ସୂଚନା ଅଧିକାର ଆଇନ ମାଧ୍ୟମରେ ମଗାଯାଇଥିବା ଅନ୍ତ୍ୟୋଦୟ ଗୃହ ଯୋଜନା ଉପରେ ବିଡିଓ ସମ୍ପୂର୍ଣ୍ଣ ମିଛ ତଥ୍ୟ ପ୍ରଦାନ କରିଥିବା ଉପାଧ୍ୟକ୍ଷ ପ୍ରମାଣ ଦେବା ପରେ ଗୃହରେ ବିଡିଓଙ୍କ ବିରୋଧରେ ନାହିଁ ନଥିବା ଆକ୍ରୋଶ ପ୍ରକାଶ ପାଇଥିଲା । ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ସରପଞ୍ଚ, ସମିତିଙ୍କୁ ଅଣଦେଖା କରି ବ୍ଲକ ପ୍ରଶାସନ ମନଇଛାରେ ବିଭିନ୍ନ ପ୍ରକଳ୍ପ ନାମ ଦେଇଥିବା ନେଇ ମଧ୍ୟ ବିଡିଓ ଉତ୍ତର ବିହିନ ରହିଥିଲେ । ପ୍ରଧାନମନ୍ତ୍ରୀଙ୍କ ମହତ ଯୋଜନା ମା’ ପାଇଁ ଗଛଟିଏ ବିଷୟରେ ମନରେଗା ଯୋଜନାରେ କୌଣସି ଜନପ୍ରତିନିଧିଙ୍କୁ ଚିଠି ନ କରି ଗୋଟିଏ ବି ଗଛ ନ ଲଗାଇ ବ୍ଲକ ପ୍ରଶାସନ ଖର୍ଚ୍ଚ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ଦେଇଥିବା ଜଣାପଡିବା ପରେ ଉପାଧ୍ୟକ୍ଷ ଓ ସମସ୍ତ ସରପଞ୍ଚ ବିଡିଓଙ୍କୁ ପ୍ରଶ୍ନବାଣରେ ପୋତି ପକାଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଅଧିବେଶନକୁ କୌଣସି ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ଓ ଜିଆର୍‌ଏସଙ୍କୁ ନ ଆସିବାକୁ ବିଡିଓ ପୂର୍ବ ଦିନରୁ ମୌଖିକ ନିର୍ଦ୍ଦେଶ ଦେଇଥିବା ଜଣାପଡିବା ଓ ଏହି ଅଧିକାରୀମାନେ ସଭାରେ ଅନୁପସ୍ଥିତ ରହିବା ବ୍ଲକ ପ୍ରଶାସନର ସ୍ୱଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ବିଡିଓ ସଭା ଗୃହରେ ଜାଗା ନଥିବା କହି କଥାକୁ ଏଡାଇବାକୁ ଚେଷ୍ଟା କରିଥିଲେ ।

- **ଭୁଲ ତଥ୍ୟ ନେଇ ବର୍ଷିଲେ ଉପାଧ୍ୟକ୍ଷ**
- **ସଭାକୁ ନ ଆସିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ**
- **ଗଛ ନ ଲାଗି ବିଲ୍ ହୋଇଥିବା ଜଣାପଡିଲା**

ଗଣେଶ ଭସାଣ ଉତ୍ସବ

# ଡିଜେ ସାଉଣ୍ଡରେ କମ୍ପିଲା ବନ୍ଦର ସହର

ପାରାଦୀପ,୨।୯ (ସମିସ): ବନ୍ଦର ସହର ପାରାଦୀପରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ସପ୍ତାହ ବ୍ୟାପୀ ଚାଲିଥିବାବେଳେ ଭସାଣ ପର୍ବ ଅନୁଷ୍ଠିତ ହୋଇଛି। ଗତକାଲି କେତେକ କ୍ଲବ ଭସାଣି ଉତ୍ସବ ଶେଷ କରିଥିବାବେଳେ ଆଜି ସନ୍ଧ୍ୟାରେ କେତେକ କ୍ଲବର ଭସାଣ ଉତ୍ସବ ଆୟୋଜିତ ହୋଇଛି। ତେବେ ଗତକାଲି ନୂଆବଜାର ମାର୍କେଟ କଳିଙ୍ଗ ଯୁଥ କ୍ଲବ ପକ୍ଷରୁ ଆୟୋଜିତ ଭସାଣ ଉତ୍ସବରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଥାନା ପର୍ଯ୍ୟନ୍ତ କଥା ଯାଇଥିଲା। ପୁଲିସ ଡିଜେକୁ ଥାନାରେ ଅଟକ ରଖି କାର୍ଯ୍ୟକ୍ରମକୁ ବନ୍ଦ କରିଥିଲା। ଆଜି ସନ୍ଧ୍ୟାରେ ସମ୍ରାଟ ମେମୋରିଆଲ କ୍ଲବ ପକ୍ଷରୁ ଭସାଣି ଉତ୍ସବ ସମାପନ ହୋଇଛି। ତାରିଣୀଗଡା ଯୁଥ ଫେଡରେସନ କ୍ଲବ, କବରଖାନା ସୁପର ଷ୍ଟାର କ୍ଲବ, ଏୟାରଟେଲ ଛକ ଶିବଶକ୍ତି ଯୁଥ କ୍ଲବ ପକ୍ଷରୁ ଆସନ୍ତାକାଲି ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ମଧୁବନ ଯୁଥ କ୍ଲବ ପକ୍ଷରୁ ଶୁକ୍ରବାର ଭସାଣି ଉତ୍ସବ ହେବା ଜଣାପଡିଛି। ଏହି ଭସାଣି ଉତ୍ସବରେ ଡିଜେ ବାଜିବାକୁ ନେଇ ପ୍ରଶାସନର ରହିଥିବା ନିୟମକୁ ଯେପରି ଉଲ୍ଲଂଘନ କରା ନ ଯାଏ ସେନେଇ ପୁଲିସ ସତର୍କ ରହିଛି। ଏହି ଭାଷାଣି ଉତ୍ସବରେ କମ୍ ସାଉଣ୍ଡରେ ଡିଜେ ବଜାଇବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲେ ହେଁ ଗଣେଶ କମିଟି ବା କ୍ଲବ ପକ୍ଷରୁ ଏହାକୁ ପାଳନ କରିବାକୁ ପୁଲିସ ଭସାଣି ଅନୁମତି ନେବା ବେଳେ ସତର୍କ କରାଇଛି। ତେବେ କେତେକ ଜାଗାରେ ମତୁଆଲା ଯୁବକ ଅଧିକ ସାଉଣ୍ଡରେ ଡିଜେ ବଜାଉଥିବା ଦେଖିବାକୁ ମିଳିଛି। କାଲି ଓ ଆଜି ସନ୍ଧ୍ୟାରେ ବିଭିନ୍ନ କ୍ଲବ ଓ କମିଟି ପକ୍ଷରୁ ଶୋଭାଯାତ୍ରାରେ ଅଧିକ ସାଉଣ୍ଡରେ ଡିଜେ ବାଜିଥିଲା। ଏଥିପ୍ରତି ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମେରୀ ଏଲିଜା ନର୍ସିଂ କଲେଜରେ ରାଷ୍ଟ୍ରୀୟ ପୋଷଣ ସପ୍ତାହ




ତିର୍ତ୍ତୋଲ,୨।୯ (ସମିସ): ସାରା ଦେଶରେ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୋଷଣସପ୍ତାହ ପାଳନ ପରିପ୍ରେକ୍ଷୀରେ ତିର୍ତ୍ତୋଲସ୍ଥ ମେରୀ ଏଲିଜା ନର୍ସିଂ ମହାବିଦ୍ୟାଳୟରେ ଏହା ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଜୀବନବଲ୍ଲଭ ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୦ରୁ ଅଧିକ ବିଏସସି ନର୍ସିଂ ଓ ଜିଏନଏମ ଛାତ୍ରୀ ୮ଟି ପ୍ରକଳ୍ପ ଜରିଆରେ ସୁଷମ ଖାଦ୍ୟ ଦ୍ୱାରା କିପରି ସୁସ୍ଥ ଓ ନିରାମୟ ଜୀବନଯାପନ ହାସଲ କରିହେବ ପ୍ରଦର୍ଶିତ କରିଥିଲେ । ତିର୍ତ୍ତୋଲ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ରସାୟନ ବିଭାଗର ଅବସରପ୍ରାପ୍ତ ପ୍ରାଧାପକ ଡଃ କ୍ଷୀରୋଦ ଓଝା ପରିଦର୍ଶକ ଭାବେ ପ୍ରକଳ୍ପ ବୁଲି ଦେଖିବା ସହ ସମୀକ୍ଷା କରିଥିଲେ। ମହାବିଦ୍ୟାଳୟ ପରିସରରେ ଥିବା ଆଇଟିଆଇ, ଉଚ୍ଚମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ, ବିବିଏ, ବିସିଏ ଓ ଫାର୍ମାସୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ନର୍ସିଂ ଛାତ୍ରୀଙ୍କଠାରୁ କିପରି ସୁଷମ ଖାଦ୍ୟ ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିହେବ, ସେ ସମ୍ପର୍କରେ ବୁଝିଥିଲେ। ଅଧ୍ୟକ୍ଷା ଗୀତାଞ୍ଜଳି ଦାସ, ପ୍ରକଳ୍ପ ପ୍ରଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଶ୍ୱରଞ୍ଜନ ସାହୁ, ବରଦା ପ୍ରସନ୍ନ ସେନାପତି ଓ ରାଜେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଇଫ୍‌କୋ ଲେଡିଜ୍ କ୍ଲବ୍‌ର ସଫଳତା



ପାରାଦୀପ,୨।୯ (ସମିସ): ଜୟଦେବ ସଦନରେ ମହିଳା ସମାନତା ଦିବସ ଅବସରରେ ଆୟୋଜିତ ଆନ୍ତଃକ୍ଲବ ନାଟକ ପ୍ରତିଯୋଗିତାରେ ଇଫ୍‌କୋର ଜ୍ୟୋତି ଲେଡିଜ କ୍ଲବ ଉଚ୍ଚକୋଟୀର ପ୍ରଦର୍ଶନ କରି ସଫଳତା ଅର୍ଜନ କରିଛି। ସୃଜନଶୀଳତା ଓ ଦଳଗତ ଭାବେ ଚମତ୍କାର ନାଟକ ପ୍ରଦର୍ଶନରେ କ୍ଲବ ଅନେକ ପୁରସ୍କାର ହାସଲ କରିଛି। ଶ୍ରେଷ୍ଠ ନାଟକ, ପୋଷାକ, ଅଭିନେତ୍ରୀରେ ଦୁଇଟି, ସହାୟକ ଅଭିନେତା ପୁରସ୍କାର ସହ କ୍ରୀଡ଼ା ଚାମ୍ପିଅନ ଟ୍ରଫି ଓ ମାନନି ଚାମ୍ପିଅନ ଟ୍ରଫି ହାସଲ କରି ଜ୍ୟୋତି ଲେଡିଜ କ୍ଲବ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି। କ୍ଲବର ସଭାନେତ୍ରୀ ସନ୍ଦୀପା ସୁଚରିତା ରଥ ଓ ସମ୍ପାଦିକା ଲିପିକା ଦଳାଇଙ୍କ ଦକ୍ଷ ନେତୃତ୍ୱ ଓ ସମସ୍ତଙ୍କ ପୂର୍ଣ୍ଣ ସମର୍ଥନରେ ଏହି ସଫଳତା ସମ୍ଭବ ହୋଇପାରିଥିବା କୁହାଯାଇଛି।

# ସ୍ନାକ୍ସ ଦୋକାନରେ ଅଗ୍ନିକାଣ୍ଡ

ପାରାଦୀପ, ୨।୯ (ସମିସ): ଆଜି ଭୋରୁ ବଡପଡ଼ିଆ ମାର୍କେଟରେ ଥିବା ସ୍ନାକ୍ସ ଦୋକାନରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏଥିରେ ଦୋକାନର ବିଶେଷ କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ଦୁଇ କିମ୍ବା ତିନୋଟି ସ୍ନାକ୍ସ ରହିଥିବା ଟ୍ରେ ସମ୍ପୂର୍ଣ୍ଣ ପୋଡିଯାଇଛି। ଏହାକୁ ଦେଖି ସ୍ଥାନୀୟ କିଛି ଦୋକାନୀ ମେନ ସୁଇଚରୁ କରେଣ୍ଟ ପ୍ରଥମେ କାଟି ଦେଇଥିଲେ। ଯଦ୍ୱାରା ନିଆଁ ଆଉ ଅଧିକ ଲାଗି ନ ଥିଲା। ପାଣି ପକାଇବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଫଳରେ ବଡପଡ଼ିଆ ମାର୍କେଟ ବଡ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିବା କୁହାଯାଉଛି। ବଡପଡ଼ିଆ ମାର୍କେଟର ଦୋକାନ ଯେଉଁଭଳି ଭାବେ ଲାଗିଲାଗି ରହିଛି, ବଡ଼ ଅଘଟଣ ଘଟିଥା'ନ୍ତା। ତେବେ ନିଆଁକୁ ଆୟତ୍ତ କରାଯାଇଥିଲା। ଯଦି ରାତିରେ ଏଭଳି ଅଘଟଣ ଘଟିଥାନ୍ତା ତେବେ ମାର୍କେଟର ବହୁତ କ୍ଷୟକ୍ଷତି ହୋଇଥାନ୍ତା ବୋଲି ଅନୁମାନ କରାଯାଉଛି।

ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି ବୈଠକ

# କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

ଜଗତସିଂହପୁର,୨।୯ (ସମିସ)




ଜଗତସିଂହପୁର ଜିଲ୍ଲାସ୍ତରୀୟ ଉନ୍ନୟନ, ସମନ୍ୱୟ ଓ ତଦାରଖ (ଦିଶା) କମିଟିର ଷଷ୍ଠ ବୈଠକ ସଁଅରାସ୍ଥ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ଶ୍ରୀ ତରାଇ ସୂଚନା ଦେଇଥିଲେ। ଏସବୁ ଯୋଜନାର ସଠିକ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା ଦିଶା କମିଟିର ସମସ୍ତ ଲୋକପ୍ରତିନିଧି, ସଭ୍ୟ/ସଭ୍ୟା ଓ ସମ୍ପୃକ୍ତ ବିଭାଗର ଅଧିକାରୀ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ରହିଛି ବୋଲି ସାଂସଦ ମତବ୍ୟକ୍ତ କରିଥିଲେ।

ଉକ୍ତ ବୈଠକରେ କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ପାନୀୟଜଳ ଯୋଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ଜାତୀୟ ରାଜପଥ ଭିତ୍ତିଭୂମି ବିକାଶ, ସମନ୍ୱିତ ଶିଶୁ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ହେଲଥ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ, ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା, କାମଧେନୁ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଦ୍ୟୁତ୍ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରାଣୀ ସମ୍ପଦ ବିଭାଗର ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ପୂର୍ବକ ସମୀକ୍ଷା କରାଯାଇଥିଲା। ବୈଠକରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଜିଲ୍ଲା ପରିଷଦର ସଭପତି ମନୋଜ କୁମାର ଭୋଇ, ଜିଲ୍ଲାପାଳ ଜେ. ସୋନାଲ, ଜିଲ୍ଲା ପରିଷଦର ଉପସଭପତି ସୁଜାତା ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଓ ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ନିଜର ମତ ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଜିଲ୍ଲାର ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ଅନ୍ୟାନ୍ୟ ଜନପ୍ରତିନିଧି ଓ ଦିଶା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସମାଜସେବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପ୍ରଶାସନର ଅଣଦେଖା

# ୫ ଅସହାୟ ପରିବାର ଆବାସରୁ ବଞ୍ଚିତ







ବାଲିକୁଦା,୨।୯ (ସମିସ): ବାଲିକୁଦା ବ୍ଲକ ବାଲିକୁଦା ପଞ୍ଚାୟତ ବାଲିସାହି ଗ୍ରାମର ୫ ଅସହାୟ ପରିବାର ଆବାସ ଯୋଜନାରୁ ବଞ୍ଚିତ ଅଛନ୍ତି। ଏପରିକି ଅଳ୍ପ ବୟସରେ ବୈଧବ ଜୀବନ ବିତାଉଥିବା ସାମସେରା ବିବିଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନ ଥିବା ନେଇ ବ୍ଲକ ଓ ଜିଲ୍ଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି।

ସୂଚନା ମୁତାବକ, ବାଲିସାହି ଗ୍ରାମର ବୁଦ୍ଧିଆ ଦାସ, ସାମସେରା ବିବି, ଭାରତୀ ସାହାଣୀ, ବନିତା ଗୋଛାୟତ, ପୂଜାରାଣୀ ଗୋଛାୟତ ପ୍ରମୁଖ ଆବାସ ଯୋଜନାରେ ସାମିଲ ପାଇଁ ସମସ୍ତ ଯୋଗ୍ୟତା ରଖିଥିବାବେଳେ ଏହି ଅସହାୟ ପରିବାର ପ୍ରତି ନିଦାବିଷ୍ଣୁ ସାଜିଛି ବ୍ଲକ ପ୍ରଶାସନ। ବାରମ୍ବାର ଆବେଦନ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ମଧ୍ୟ ତଦନ୍ତ ଆଳରେ ମିଥ୍ୟା ପ୍ରତିଶ୍ରୁତି ଦେଇ ବ୍ଲକ ପ୍ରଶାସନ ଭଣ୍ଡାଉଥିବା ଅଭିଯୋଗ କରିଛନ୍ତି ଏସବୁ ପରିବାର। ଭଙ୍ଗା ଚାଳ ଛପର ଘରେ ବର୍ଷାଦିନେ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ରହୁଛନ୍ତି ଏହି ପରିବାର। ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିବା ଏହି ପରିବାରର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିବାବେଳେ ଘରଡିଅ ଛଡ଼ା ଚାଷଜମି ଖଣ୍ଡିଏ ମଧ୍ୟ ନାହିଁ। ପକ୍କାଘର ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଥିବାବେଳେ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତୋଦୟ ଯୋଜନା କାର୍ଯ୍ୟକାରୀ କେଉଁଙ୍କ ପାଇଁ କରିଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି ଏହି ପରିବାର। ଏଣୁ ସରକାର ତଦନ୍ତ କରି ଗୃହ ଯୋଗାଇ ଦେବାକୁ ଦାବି ହୋଇଛି।

# ସରକାରୀ ସ୍ୱୀକୃତିପ୍ରାପ୍ତ ବରିଷ୍ଠ ନାଗରିକ ସଂଘ ବୈଠକ



ବାଲିକୁଦା,୨।୯ (ସମିସ): ବାଲିକୁଦା ଥାନା ପରିସରରେ ବାଲିକୁଦା ସରକାରୀ ସ୍ୱୀକୃତିପ୍ରାପ୍ତ ବରିଷ୍ଠ ନାଗରିକ ସଂଘର ୪୯ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଶରତ କିଶୋର କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନଗରିକଙ୍କ ଦୀର୍ଘାୟୁ କାମନା କରିବା ସହିତ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ସଂଘରେ ନୂତନ ଭାବେ ପଞ୍ଜିକୃତ କରିଥିବା ସଦସ୍ୟ/ସଦସ୍ୟା କୈଳାସ ଚନ୍ଦ୍ର ରାଉତ, କିଶୋର ଚନ୍ଦ୍ର ସାହୁ, ସଂଯୁକ୍ତା ନାୟକ, ଅଜୟ ମହାନ୍ତି, ନିକୁଞ୍ଜ ବିହାରୀ ନାୟକ, ଧନଞ୍ଜୟ ସ୍ୱାଇଁ, ପ୍ରମିଳା ସେଠୀ, କଲ୍ୟାଣୀ ସ୍ୱାଇଁ, ବସନ୍ତ ସେଠୀ, ଯୋଗୀ ଦାସ, ମାଗୁ ସେଠୀ, କେଦାର ଚରଣ ସ୍ୱାଇଁ, ପଦ୍ମଚରଣ ସ୍ୱାଇଁ, ନବଘନ ପରିଡ଼ା ପ୍ରମୁଖଙ୍କୁ ମୁଖ୍ୟଅତିଥି ଶ୍ରୀ ସାହୁ ପରିଚୟପତ୍ର ପ୍ରଦାନ କରିଥିଲେ। ଏହି ବୈଠକରେ ସଂଘର ସମସ୍ତ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ।

# ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ



ଡେରାବିଶ, ୨।୯ (ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଇନ୍ଦାଲୋ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଅନୀଲ ସାମନ୍ତରାୟ (୬୩)ଙ୍କ ଗତକାଲି ପରଲୋକ ହୋଇଯାଇଛି। ଶ୍ରୀ ସାମନ୍ତରାୟ ଅଢ଼ଙ୍ଗା ଗ୍ରାମରୁ ତିନିଥର ୱାଡର୍ ମେମ୍ବର ଭାବେ ନିର୍ବାଚିତ ହୋଇଥିବାବେଳେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଇନ୍ଦାଲୋ ପଞ୍ଚାୟତର ନାଏବ ସରପଞ୍ଚ ଭାବେ ସୁଚାରୁରୂପେ କାର୍ଯ୍ୟ କରିଥିଲେ। ୬ ମାସ ପୂର୍ବେ ଶ୍ରୀ ସାମନ୍ତରାୟ ଚାନ୍ଦୋଳ ବଜାରରୁ ଫେରି ନିଜ ଗ୍ରାମ ଅଭିମୁଖେ ଯାଉଥିବାବେଳେ ଫାଣ୍ଡିବର ଛକ ନିକଟରେ ତାଙ୍କ ବାଇକ୍ ଉପରକୁ ଏକ ମାଙ୍କଡ଼ କୁଦା ମାରିବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ଡାକ୍ତର ତାଙ୍କୁ ସପ୍ତାହକ ତଳେ ଘରକୁ ପଠାଇ ଦେଇଥିଲେ। ଗତକାଲି ତାଙ୍କର ପରଲୋକ ହୋଇଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ସାନଝିଅ ସ୍ମୃତିପ୍ରଜ୍ଞା ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ବଡ଼ଝିଅ, ଭାଇ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଶିକ୍ଷାବିତ୍ ସୁଧାକର ସାମନ୍ତରାୟ, ପ୍ରଶାନ୍ତ ସାମନ୍ତରାୟ, ସନ୍ତୋଷ ସାମନ୍ତରାୟ, ଜନ୍ମେଜୟ ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# 'ଶିଆଳିରେ ଉପକୂଳ କ୍ଷୟ ଆଶଙ୍କା ଓ ହେନ୍ତାଳ ବଣ ପୁନରୁଦ୍ଧାର' କର୍ମଶାଳା

ଜଗତସିଂହପୁର,୨।୯ (ସମିସ)




ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ, ଜିଲ୍ଲା ପ୍ରକୃତିବନ୍ଧୁ ପରିଷଦ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଜିଲ୍ଲା ଶାଖା ମିଳିତ ଆନୁକୂଲ୍ୟରେ ଓଡ଼ିଶା ପରିବେଶ ସମିତି ବୈଷୟିକ ସହାୟତାରେ ଏରସମା ବ୍ଲକ୍ ଅନ୍ତର୍ଗତ ଗଡ଼ହରିଶପୁର ପଞ୍ଚାୟତସ୍ଥ ସରବନ୍ତର ବଳଦେବଜୀଉ ମନ୍ଦିର ପରିସରରେ 'ଶିଆଳି ବେଳାଭୂମିରେ ଉପକୂଳ କ୍ଷୟ ଆଶଙ୍କା ଓ ହେନ୍ତାଳ ବଣ ପୁନରୁଦ୍ଧାର' ଶୀର୍ଷକ ଏକଦିବସୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ଶିକ୍ଷାବିତ୍ ପ୍ରକାଶ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାକୁ ସ୍ଥାନୀୟ ବୟୋଜ୍ୟେଷ୍ଠ ସମାଜସେବୀ ନକୁଳାନନ୍ଦ ବେହେରା ଉଦ୍‌ଘାଟନ କରିଥିବାବେଳେ କାର୍ଯ୍ୟକ୍ରମ ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁର ପଞ୍ଚାୟତ ସମିତି ସଭ୍ୟ ନାରାୟଣ ସେଠୀ ଓ ଗଡ଼ହରିଶପୁର ସମିତି ସଭ୍ୟଙ୍କ ପ୍ରତିନିଧି ଭୀମସେନ ରାଉତ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପରିଷଦର ଯୁଗ୍ମସମ୍ପାଦିକା ସ୍ମିତା ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗଛ ମଣିଷ କାର୍ତ୍ତିକ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଇନ୍‌ସାଫର କାର୍ଯ୍ୟକାରୀ ସଭାପତି ସାହିତ୍ୟିକ ମହେନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଷୟିକ ସମ୍ପାନରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ, ସମ୍ମାନିତ ବକ୍ତ ଭାବେ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଓ ପଞ୍ଚାୟତିରାଜ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଦିଲ୍ଲୀପ ରାୟ ଯୋଗଦେଇ ଉପକୂଳ କ୍ଷୟର କାରଣ, ପ୍ରଭାବ ଓ ସମାଧାନର ବହୁବିଧ ଉପାୟମାନ ସମ୍ପର୍କରେ ଦର୍ଶାଇବା ସହ ହେନ୍ତାଳ ବଣର ଉପକୂଳ କ୍ଷୟରୋଧୀ ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ସ୍ଥାନୀୟ ମାର୍କଣ୍ଡ ବିଦ୍ୟାମନ୍ଦିର, ଗଡହରିଶପୁର ଓ ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ଓଲରାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରକୃତିବନ୍ଧୁ ପରିଷଦର ଉପସଭାପତି ଡକ୍ଟର ଶରତ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଦଳଗତ ଆଲୋଚନା ଓ ପର୍ଯ୍ୟାଲୋଚନା ଅଧିବେଶନରେ ଲୋକସଂସଦର ସମ୍ପାଦକ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ଅଧ୍ୟକ୍ଷତାରେ ସମ୍ମାନିତ ବକ୍ତା ଭାବେ ରିଲାଏନ୍ସ ଫାଉଣ୍ଡେସନ୍‌ର ରାଜ୍ୟ ପ୍ରକଳ୍ପ ଅଧିକାରୀ ଜ୍ୟୋତିର୍ମୟ ବିଶ୍ୱାଳ ଓ ଶିଆଳିସ୍ଥ ଦୋଳଗୋବିନ୍ଦ ଯୁବ ସଂଗଠନର ସମ୍ପାଦକ ସୁଶାନ୍ତ ସାମନ୍ତ ପ୍ରମୁଖ ଯୋଗଦେଇ ହେନ୍ତାଳବଣ ସୃଷ୍ଟି ଦିଗରେ ନିରନ୍ତର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିବା ସହ ତା'ର ସୁରକ୍ଷାରେ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ। ଆଞ୍ଚଳିକ ସଂଯୋଜକ ତଥା ଶିକ୍ଷାବିତ୍ ନିମାଁଇ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ପରେ ଓଡ଼ିଶା ପରିବେଶ ସମିତି ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପାରାଦୀପ ଆଞ୍ଚଳିକ ଶାଖାର ମିଳିତ ଆନୁକୂଲ୍ୟରେ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ଉପାଦେୟ ଫଳଚାରା ରୋପଣ କରାଯାଇଥିଲା। ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ବିଜୟ ବେହେରା ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରୋହିତ ମହାପାତ୍ର, ସଂଯମ କିଶୋର ମହାନ୍ତି, କନକଲତା ପରିଡା, ଡକ୍ଟର ବସନ୍ତ ମଞ୍ଜରୀ ଦାସ, ରାମଚନ୍ଦ୍ର ଶତପଥୀ, ରାଜକିଶୋର ବିଶ୍ୱାଳ, ମନୋଜ ନାୟକ, ପ୍ରାଣନାଥ ମିଶ୍ର, ପ୍ରଫୁଲ୍ଲ ଷଡଙ୍ଗୀ, ଦିବ୍ୟଜୀବନ ବେହେରା, ଶରତ ପଣ୍ଡା, ଚିତ୍ତରଞ୍ଜନ ଗୁରୁ, ଅବନୀକାନ୍ତ ମହାରଣା ପ୍ରମୁଖ ଏହି କର୍ମଶାଳାକୁ ପରିଚାଳନା କରିଥିଲେ। କର୍ମଶାଳାରେ ଏକଶହରୁ ଅଧିକ ପରିବେଶପ୍ରେମୀ, ଯୁବ ସଂଗଠନର ସଦସ୍ୟସଦସ୍ୟା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଯୋଗ ଦେଇଥିଲେ। ଶେଷରେ ଶିଆଳି ବେଳାଭୂମି ଭ୍ରମଣରେ ଯାଇ ବିଶେଷଜ୍ଞ ଦଳ ସ୍ଥିତି ଅନୁଧ୍ୟାନ କରିଥିଲେ।

# ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କ ପରଲୋକ



ବାଲିକୁଦା,୨।୯ (ସମିସ): ବୋରିକିନା ପଞ୍ଚାୟତର ଓଲାଶ ଗ୍ରାମରେ ଜନ୍ମିତ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅମୂଲ୍ୟ ମହାନ୍ତି (୭୧)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ମରଶରୀରକୁ ନୟାଗଡସ୍ଥ ବାସଭବନ ନିଆଯାଇଥିବାବେଳେ ନୟାଗଡ଼ ଥାନା ପରିସରରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ଓ ପରେ ପୁରୀ ସ୍ୱର୍ଗଦ୍ୱାର ଶେଷକୃତ୍ୟ କରାଯାଇଥିଲା। ପୁଅ ରୟାଲ ମହାନ୍ତି ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ବାଲିକୁଦାର ବରିଷ୍ଠ ସାମ୍ବାଦିକ ସଞ୍ଜୟ ମହାନ୍ତି, ପତ୍ନୀ, ପୁଅବୋହୂ ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ରାଜ୍ୟର ବିଭିନ୍ନ ଥାନାରେ ନିଷ୍ଠାର ସହ କାର୍ଯ୍ୟ କରିବା ସହ ଅନେକ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କୁ ରାଷ୍ଟ୍ରପତି ସାହସିକତା ପୁରସ୍କାର ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁର୍ଦ୍ଦାନ୍ତ ଅପରାଧୀ ଛୁଆଳ ସିଂକୁ ଏନକାଉଣ୍ଟର କରିବା ପରେ ସାରା ରାଜ୍ୟରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା। ଅବସର ପରେ ନୟାଗଡ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଥିବାବେଳେ ରାଜନୀତିରେ ରୁଚି ରଖିଥିବା କାରଣରୁ ସେ ବିଜୁ ଜନତା ଦଳରେ ସାମିଲ ହୋଇ ନୟାଗଡ ଏନଏସି ବିଜେଡି ସଭାପତି ହୋଇଥିଲେ। ବାଲିକୁଦା ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ସୁପ୍ରିମକୋର୍ଟ ଆଇନଜୀବୀ ଡଃ ସୁଶାନ୍ତ କୁମାର କାନୁନଗୋ, ଆଇନଜୀବୀ ଡଃ ବୀରନାରାୟଣ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବବିତା ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଭାଇଚାରା ଫେରାଇ ଆଣିବାକୁ ବିକାଶ ପରିଷଦର ଦାବିପତ୍ର

**ପଟ୍ଟାମୁଣ୍ଡାଇ, ୨।୯ (ସମିସ):** ଦିନକୁ ଦିନ ପଟ୍ଟାମୁଣ୍ଡାଇ ସହରରେ ଶାନ୍ତିଭଙ୍ଗ ହେଉଥିବାରୁ ଉଦବେଗ ପ୍ରକାଶ କରିଛି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ। ସହରରେ ଶାନ୍ତି ଫେରାଇ ଆଣିବା ସହିତ ଭାଇଚାରା ବଜାୟ ରଖିବାକୁ ପ୍ରଶାସନ ଉଦ୍ୟମ କରିବାକୁ ବିକାଶ ପରିଷଦର ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ପଟ୍ଟାମୁଣ୍ଡାଇ ତହସିଲଦାର, ଏସଡିପିଓ, ଆଦର୍ଶ ଥାନା ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହରରେ ଭାଇଚାରା ନଷ୍ଟ ହେବା ସହିତ ମହିଳାଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାରୁ ଉଦବେଗ ପ୍ରକାଶ କରିଛି ବିକାଶ ପରିଷଦ। ଭାଇଚାରା ଓ ସାମାଜିକ ସୁରକ୍ଷା ବଞ୍ଚାଇ ରଖିବାକୁ ବିକାଶ ପରିଷଦ ପକ୍ଷରୁ ଜନସାଧାରଣଙ୍କ ସହଯୋଗ କାମନା କରାଯିବା ସହିତ ପଟ୍ଟାମୁଣ୍ଡାଇର ପ୍ରଶାସନିକ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ମୁଖ୍ୟ, ଲୋକ ପ୍ରତିନିଧି, ବିଭିନ୍ନ ସମ୍ପ୍ରଦାୟର ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନର ମୁଖ୍ୟ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଛି।

## ଅଳପୁଆ ଆଞ୍ଚଳିକ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ, ୨।୯ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତର ତଳାପଡ଼ିଆ ଦୁର୍ଗା ମଣ୍ଡପରେ ଆଞ୍ଚଳିକ ଦୁର୍ଗାପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ସଫଳତାର ସହ ଆୟୋଜନ କରିବାକୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଭ୍ରୁବାହାନ ଧଳଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ୧୫ନଂ ଜୋନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ପୂର୍ବତନ ସରପଞ୍ଚ ରମେଶ ଦାସ, ପୂର୍ବତନ ସମିତ ସଭ୍ୟ ଚନ୍ଦନ ସାହୁ, ରତିକାନ୍ତ ଧଳ, ରବୀନ୍ଦ୍ର ଧଳ, ଦିଲ୍ଲୀପ ବିଶ୍ୱାଳ, ପ୍ରଧାପକ ଅଶୋକ ନାୟକ, କିଶୋର ରାଉତ, ନିରଞ୍ଜନ ଧଳ, କିଶୋର ବିହାରୀ, ରବୀନ୍ଦ୍ର ପରିଡ଼ା, ଅଚ୍ୟୁତାନନ୍ଦ ଦାଶ, ଗଦାଧର ନାୟକ, ନିରାକାର ବିଶ୍ୱାଳ, ଅଖିଳ ଦାସ, ସୁଶାନ୍ତ ସେଠୀ, ଅଧର ଜେନା, ପଦ୍ମନାଭ ନାୟକ, ଜାନକୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ। ଦିଲ୍ଲୀପ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ୮ ଫୁଟ ଲମ୍ବର ଅଜଗର ଉଦ୍ଧାର

ରାଜନଗର, ୨।୯ (ସମିସ): ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତର ରଗଡ଼ାପାଟିଆ ଗାଁରୁ ୮ ଫୁଟ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ଗ୍ରାମର ଖାଣ୍ଟୁ ମହିଷାଳଙ୍କ ବାଡ଼ରେ ଦିଆଯାଇଥିବା ଜାଲରେ ଅଜଗର ସାପ ଲାଗିଥିବା ଦେଖିଥିଲେ। ଏ ନେଇ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ କର୍ମଚାରୀ ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନ ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ଏହି ଉଦ୍ଧାର କାର୍ଯ୍ୟରେ ବନରକ୍ଷୀ କଳ୍ପତରୁ ସେଠୀ, ଯଶୋବନ୍ତ ବେହେରା, କୁନା ବେହେରା, ବାବୁଲି ବିଶ୍ୱାଳ, ବାବୁଲି ଦାସ ନିୟୋଜିତ ଥିଲେ।

## ବିଦ୍ୟାଳୟରେ ଉଡ଼ିଲା ପାକିସ୍ତାନ ପତାକା

**ଡେରାବିଶ, ୨।୯ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଏକ ଉଚ୍ଚବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ର ପାକିସ୍ତାନ ପତାକା ସାଇକଲରେ ଉଡ଼ାଇ ବିଦ୍ୟାଳୟକୁ ଆସିବା ସହିତ ଶ୍ରେଣୀଗୃହକୁ ନେଇ ଉଡ଼ାଇଥିଲା। ଏହି ଘଟଣାରେ ଶ୍ରେଣୀ ଶିକ୍ଷକ ତାଗିଦ କରିବାରୁ ଛାତ୍ର ଜଣକ ଶିକ୍ଷକଙ୍କ ସହିତ ବଚସା କରିଥିଲା। ଘଟଣାଟି ତୁରନ୍ତ ପ୍ରଚାର ହେବା ପରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ପ୍ରଧାନଶିକ୍ଷକ ଛାତ୍ରକୁ ଏହି ପତାକା ଉଡ଼ାଇବାରୁ ନିବୃତ୍ତ ରଖିବା ସହ ତା'ର ଅଭିଭାବକଙ୍କୁ ବିଦ୍ୟାଳୟକୁ ଡକାଇଥିଲେ। ଛାତ୍ରର ଅଭିଭାବକ ବିଦ୍ୟାଳୟକୁ ଆସି କ୍ଷମା ପ୍ରାର୍ଥନା କରିବା ସହ ଏପରି ଆଗକୁ ଆଉ ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଗୁଞ୍ଜରିତ ହେବା ପରେ ଏହି ଘଟଣାଟିକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚାପିଦେଇଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାକିସ୍ତାନ ପତାକା କେଉଁଠୁ ଆସିଲା, ତାହାର ବିଧିବଦ୍ଧ ତଦନ୍ତ କରାଯାଇ ଦେଶଦ୍ରୋହୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି।

## ରୋଲସନ ପାଇବେ ରାଷ୍ଟ୍ରପତି ପୁରସ୍କାର



**ଗରଦପୁର, ୨।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଗରଦପୁର ବ୍ଲକ ଜଗଦଳପୁର ଗ୍ରାମର ଇଞ୍ଜିନିୟର ଏସ୍.ପି. ରୋଲସନ ରାଉତ ରାଷ୍ଟ୍ରପତି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସିଟିଟିସିରେ ବୃତ୍ତିଗତ ତାଲିମ ଓ ଉଦ୍ୟମିତା ବିକାଶରେ ଉତ୍କର୍ଷତା ପାଇଁ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ସେ ମନୋନୀତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆସନ୍ତା ୫ ତାରିଖରେ ଇଂ ଶ୍ରୀ ରାଉତଙ୍କୁ ମାନପତ୍ର, ମେଡାଲ ଓ ୫୦ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ଏଥିପାଇଁ ତାଙ୍କୁ ଦିଲ୍ଲୀ ବିଜ୍ଞାନ ଭବନକୁ ନିମନ୍ତ୍ରଣ କରାଯାଇଛି। ଭୁବନେଶ୍ୱରସ୍ଥ ସିଟିଟିସିରେ ଶ୍ରୀ ରାଉତ କାର୍ଯ୍ୟରତ ଅଛନ୍ତି। ଶ୍ରୀ ରାଉତ ତାଙ୍କ ଦକ୍ଷତାର ପ୍ରତିପାଦନ କରିବା ସ୍ୱରୂପ କିଛିଦିନ ତଳେ ଲିଓନ ଫ୍ରାନ୍ସରେ ହେଉଥିବା ୱାର୍ଲ୍ଡ ସ୍କିଲ ପ୍ରତିଯୋଗିତାରେ ଭାରତ ପାଇଁ ତାଙ୍କ ଛାତ୍ର ବ୍ରୋଞ୍ଜ ପଦକ ଆଣିଥିଲେ। ଏଥିପାଇଁ ଶ୍ରୀ ରାଉତଙ୍କୁ ରାଷ୍ଟ୍ରପତି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ତାଙ୍କ ମାତା ସୁଲୋଚନା ରାଉତ ଓ ପିତା ପ୍ରମୋଦ ରାଉତ ପୁଅର ଏହି ସଫଳତା ପାଇଁ ଖୁସି ବ୍ୟକ୍ତ କରିଛନ୍ତି।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ୪ ଆହତ; ଥାନାରେ ଏତଲା

**ପଟ୍ଟାମୁଣ୍ଡାଇ, ୨।୯ (ସମିସ)**

ଆଜି କେତେକ ଦୁର୍ବୃତ୍ତଙ୍କ ଆକ୍ରମଣରେ ସଂଖ୍ୟାଲଘୁ ସମ୍ପ୍ରଦାୟର ୪ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇଜଣ ପଟ୍ଟାମୁଣ୍ଡାଇ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ଦୁଇ ଗୁରୁତରଙ୍କୁ ଜିଲ୍ଲା ମେଡିକାଲକୁ ପଠାଇ ଦିଆଯାଇଛି। ଏ ନେଇ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦାଏର ହୋଇଛି। ଏହାକୁ ନେଇ ଅଶାନ୍ତ ହୋଇଉଠିଛି ପଟ୍ଟାମୁଣ୍ଡାଇ ସହର। ଭାଇଚାରାର ସହର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏବେ ଦିନକୁ ଦିନ ବଢ଼ିଚାଲିଛି ଆତଙ୍କରାଜ। ଏହାକୁ ନେଇ ପ୍ରଶାସନର ମୁଣ୍ଡବିନ୍ଧା ଆରମ୍ଭ ହୋଇଥିବାବେଳେ ସହରର ବୁଦ୍ଧିଜୀବୀ ଏହି ଘଟଣାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପଦକ୍ଷେପ ନେବାକୁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ତେବେ ଏହି ଘଟଣାକୁ ପ୍ରଶାସନ ଗୁରୁତର ଭାବେ ଗ୍ରହଣ କରିଥିବାବେଳେ ଆସନ୍ତାକାଲି ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକଙ୍କ ପୌରୋହିତ୍ୟରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ସଭାଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହେବାକୁ ପ୍ରଶାସନ ସ୍ଥିର କରିଛି। ଏଣେ ସହର ଅଶାନ୍ତ ହେଉଥିବାରୁ ପୁଲିସ ପକ୍ଷରୁ



- ସଂଖ୍ୟାଲଘୁ ମହିଳାଙ୍କ ଧାରଣା, ପୁଲିସର ଫ୍ଲାଗ୍‌ମାର୍ଚ୍ଚ
- ଆସନ୍ତାକାଲି ଶାନ୍ତି କମିଟି ବୈଠକ

ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଛନ୍ତି।

ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ସହରରେ ଶାନ୍ତିଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବା ପାଇଁ ଗଣ୍ଡଗୋଳକାରୀ ଉଭୟ ଗୋଷ୍ଠୀଙ୍କୁ ନିବେଦନ କରିବା ସହିତ ଉଭୟ ଗୋଷ୍ଠୀର ମୁରବୀଙ୍କୁ ଥାନାକୁ ଡକାଇ ଆଲୋଚନା କରିଛନ୍ତି। ଏଥିସହିତ ସହରରେ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। କିଛିଦିନ ପୂର୍ବେ ପଟ୍ଟାମୁଣ୍ଡାଇ ବଜାରରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ ଦୁର୍ବୃତ୍ତ। ଅନ୍ୟପଟେ ଗୋରୁ ଚାଲାଣକୁ ନେଇ ଚାରିଦିନ ତଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ଫଳରେ ଦୁଇ ଗୁରୁତର ଏବେ ସୁଦ୍ଧା କଟକ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ପୁଣି ଆଜି ସକାଳେ ମରଣାନ୍ତକ ଆକ୍ରମଣରେ ପଟ୍ଟାମୁଣ୍ଡାଇ ବସ୍ତି ୧୧ ନମ୍ବର ୱାର୍ଡର ଦୁଇଜଣ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ଦୁଇ ଗୁରୁତରଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ମହିଳା ପଟ୍ଟାମୁଣ୍ଡାଇ ଥାନା ଓ ମେଡିକାଲରେ ପହଞ୍ଚିବା ଫଳରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ମହିଳାମାନେ ଦାବି କରିଥିଲେ। ଗଣ୍ଡଗୋଳର କାରଣ ଅସ୍ପଷ୍ଟ ଥିବାବେଳେ ଥାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ବିନା କାରଣରେ ମାଡ଼ ମାରିବା ସହିତ ଭୁଜାଲିରେ ହାଣିବା ପାଇଁ ଦୁର୍ବୃତ୍ତ ଉଦ୍ୟମ କରିଥିବା କହିଛନ୍ତି ଆହତ ସେକ ମୁସ୍ତାକ। ଏ ଘଟଣାରେ ଶତାଧିକ ମହିଳା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ପଟ୍ଟାମୁଣ୍ଡାଇ ଏସଡିପିଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ଜଗନ୍ନାଥପୁର ଗ୍ରାମ ହତ୍ୟା ଘଟଣା

## ଶୁଣିଲାନି ନିକିରାଇ ଥାନା, ଜିଲ୍ଲାପାଳଙ୍କୁ ଭେଟିଲେ ମୃତକଙ୍କ ପରିବାର

**ପଞ୍ଚୁପାଣ୍ଡବ, ୨।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅଧୀନରେ ଥିବା ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା ହୋଇଥିଲା। ନିକିରାଇ ପୁଲିସ ପକ୍ଷରୁ ମାମଲା ବାଟବଣା ହୋଇଥିବାବେଳେ ଆଜି ମୃତକ ନୃସିଂହ ସେଠୀଙ୍କ ସ୍ତ୍ରୀ ଉର୍ମିଳା ସେଠୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି।

ଆମ ଜମିକୁ ୬ଟି ପରିବାର ଜବରଦସ୍ତ ଦଖଲ କରିଥିବାବେଳେ ମୋ ସ୍ୱାମୀଙ୍କୁ ପାଞ୍ଚଥର ଆକ୍ରମଣ କରିଛନ୍ତି। ମୁଁ ଏ ସମ୍ପର୍କରେ ନିକିରାଇ ଥାନାରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ମୋତେ କିଛି ନ୍ୟାୟ ମିଳି ନ ଥିଲା। ଯଦ୍ୱାରା ମୋ ସ୍ୱାମୀଙ୍କୁ ଗତ ୧୪ ତାରିଖରେ ଗାଁ ଦାଣ୍ଡରେ ପିଟି ପିଟି ହତ୍ୟା କରିଥିଲେ। ସୋମବାର ରାତିରେ କଳ୍ପତରୁ ସେଠୀ, ଗଙ୍ଗାଧର ସେଠୀ, ପାଣ୍ଡବ ସେଠୀ, ଗଣେଶ ସେଠୀ, ନିରଞ୍ଜନ ସେଠୀ ଓ ଗୀତାଞ୍ଜଳି ସେଠୀ ଖଣ୍ଡା ଭୁଜାଲି ନେଇ ଆମକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଉର୍ମିଳା ଜିଲ୍ଲପାଳଙ୍କୁ ଅଭିଯୋଗ କରିଛନ୍ତି।



ଆମେ ନିକିରାଇ ଥାନାର ଭାରପ୍ରାପ୍ତ ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ଲୁଚି ଥିବା ଆସାମୀଙ୍କ ଖବର କହିଲେ ସେ କହୁଛନ୍ତି ଆମେ ଖବର ପାଇଛୁ ସେମାନେ ଘରେ ରହୁନାହାନ୍ତି, ତୁମେ ଧରି ଆଣି ଦିଅ। ମୋ' ସ୍ୱାମୀ ମୃତ୍ୟୁରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଉର୍ମିଳା କହିଛନ୍ତି।

ସୂଚନା ମୁତାବକ, ଜଗନ୍ନାଥପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇ ନୃସିଂହ ଚରଣ ସେଠୀ (୪୨)ଙ୍କ ମୃତ୍ୟୁ ହୋଇଥିଲା। ନୃସିଂହଙ୍କ ସ୍ତ୍ରୀ ଉର୍ମିଳା ସେଠୀ ନିକିରାଇ ଥାନାରେ ୧୯ ଜଣଙ୍କ ବିରୋଧରେ ଅଭିଯୋଗ କରିଥିଲେ। ନିକିରାଇ ପୁଲିସ ସନ୍ଦେହରେ ଗ୍ରାମରୁ କିଛି ଲୋକଙ୍କୁ ଅଟକ ରଖିଥିଲା। ସେମାନଙ୍କ ମଧ୍ୟରୁ ଉର୍ମିଳା ସେଠୀ ୨ ଜଣଙ୍କୁ ଚିହ୍ନଟ କରିବାରୁ ପୁଲିସ ଅନ୍ୟମାନଙ୍କୁ ଛାଡ଼ିଦେଇଥିଲା। ଏହି ମାମଲାରେ ପୁଲିସ ଦୁଇଜଣଙ୍କୁ ଜେଲ ପଠାଇ ଚୁପ୍ ବସିଥିବାବେଳେ ମୁଖ୍ୟ ଆସାମୀକୁ ଧରିବାରେ ବିଫଳ ହୋଇଛି।

## ବନିତା ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ଯାଜପୁରରୁ ଗିରଫ

**ପଟ୍ଟାମୁଣ୍ଡାଇ, ୨।୯ (ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବନିତା ରାଉତ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଯାଜପୁରରୁ ଗିରଫ କରିଛି। ଅଭିଯୁକ୍ତ ପୁଲିସ ଆଗରେ ଦୋଷ ସ୍ୱୀକାର କରିଥିବା ଜଣାପଡ଼ିଛି। ରହସ୍ୟାବୃତ୍ତ ହୋଇରହିଥିବା ଏହି ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ କରିବାକୁ ପୁଲିସ ପୂରା ଦମରେ ଲାଗି ପଡ଼ିଥିବାବେଳେ ଅଭିଯୁକ୍ତକୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ତିନୋଟି ସ୍କ୍ୱାର୍ଡ ଗଠନ କରାଯାଇଥିଲା। ଖସିଯିବାର ସମସ୍ତ ରାସ୍ତା ବନ୍ଦ ହୋଇଯିବାରୁ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ୩୧ନଂ ଭେଣ୍ଡିଂ ଜୋନ କ୍ୟାବିନରେ ଅଣ୍ଡା ଆମଲେଟ ଓ ଚକୁଳି ବିକୁଥିବା ଯାଜପୁର ବରୀ ଅଞ୍ଚଳର ସନ୍ତୋଷ ପରିଡ଼ା ଓରଫ ବାୟା ଯାଜପୁର ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲା। ପଟ୍ଟାମୁଣ୍ଡାଇ ଥାନାର ଏକ ସ୍ୱତନ୍ତ୍ର





ପୁଲିସ ଆଗରେ ଦୋଷ ସ୍ୱୀକାର

ପୁଲିସ ଟିମ ଆଜି ବିଳମ୍ବିତ ରାତିରେ ଅଭିଯୁକ୍ତ ସନ୍ତୋଷକୁ ଯାଜପୁରରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ଆଣିଛି। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମସାଗର ପଣ୍ଡା, ଆଇଆଇସି ବନ୍ଦନା ପାତ୍ର ଅଭିଯୁକ୍ତ ସନ୍ତୋଷକୁ ଜେରା କରିବା ବେଳେ ସନ୍ତୋଷ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିବା ଜଣାପଡ଼ିଛି। ଏହି ହତ୍ୟାକାଣ୍ଡ ଘଟଣା ପଛରେ ପ୍ରକୃତ କାରଣ କ'ଣ ରହିଛି, ଏ ନେଇ ପୁଲିସ ଅଧିକ ଖୋଳତାଡ଼ ଆରମ୍ଭ କରିଛି।

### 'ଏକ ପେଡ୍ ମାଆ କେ ନାମ୍' କାର୍ଯ୍ୟକ୍ରମ

## ଜିଲ୍ଲାରେ ଲାଗିବ ଅଢ଼େଇ ଲକ୍ଷ ଚାରା



**କେନ୍ଦ୍ରାପଡ଼ା, ୨।୯ (ସମିସ):** ଆସନ୍ତା ୧୭ ତାରିଖରୁ ଏକ ବିଶାଳ ଚାରାରୋପଣ ଅଭିଯାନ ଚାଲିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ପାଖାପାଖି ଅଢେଇ ଲକ୍ଷ ଗଛ ଲଗାଯିବ। 'ଏକ ପେଡ ମାଆ କି ନାମ ୨.୦' ଅଧୀନରେ ଏସବୁ ଚାରା ଲଗାଯିବ। ଜିଲ୍ଲାରେ ଏହି ଅଭିଯାନ କିପରି ସଫଳତାର ସହ ଆୟୋଜିତ ହେବ, ଏ ନେଇ ମଙ୍ଗଳବାର ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଓସ୍ୱାନ ହଲରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା, ଉଦ୍ୟାନ, ବନବିଭାଗ, କ୍ରୀଡ଼ା, ମିଶନ ଶକ୍ତି, ମୃତ୍ତିକା ସଂରକ୍ଷଣ, ସାମାଜିକ ସୁରକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ କଲେଜ ଅଧ୍ୟକ୍ଷ ଓ ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଚାରାରୋପଣ ପ୍ରସ୍ତୁତିକୁ ନେଇ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରଙ୍କଠାରୁ ପଚାରି ବୁଝିଥିଲେ। ଚାରାରୋପଣ ପାଇଁ ସ୍ଥାନ ଓ ଜାଗା ଚିହ୍ନଟ ସହିତ ଚାରାରୋପଣ ସ୍ଥାନର ରୋଡ଼ମ୍ୟାପ ଚୂଡାନ୍ତ କରିବାକୁ କୁହାଯାଇଛି। ଚାରାରୋପଣ ସହ ମେରୀଲାଇଫ ପୋର୍ଟାଲରେ ତଥ୍ୟ ଓ ଜିଓଟ୍ୟାଗ ଫଟୋ ଅପଲୋଡ଼ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା।

### କପିଳେଶ୍ୱର କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା

## ୬ଦିନ ପରେ ଛାତ୍ରୀଙ୍କ ବାପାଦେଲେ ଏତଲା

**ରାଜକନିକା, ୨।୯ (ସମିସ):** ବାପାମାଆଙ୍କ ଅନୁପସ୍ଥିତିରେ ଝିଅ କଲେଜ ଯାଇ ଗଣେଶ ପୂଜା ସାରି ଘରକୁ ଫେରି ଆତ୍ମହତ୍ୟା କରିବା ଘଟଣାରେ ଛାତ୍ରୀଙ୍କ ବାପା ଗତକାଲି ଥାନାରେ ଏତଲା ଦେଇ ଝିଅ ମୃତ୍ୟୁର ତଦନ୍ତ ଦାବି କରିଛନ୍ତି। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଥିବାବେଳେ ଝିଅର ବାପା କେରଳରୁ ଆସି ରାଜକନିକା ଥାନାରେ ଏତଲା ଦେଇ ଖଣ୍ଡେଇତା ଗାଁର ଜଣେ ଯୁବକଙ୍କ ସହ ଝିଅର ସମ୍ପର୍କ ଓ ବଚସା କାରଣରୁ ଝିଅ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଉଲ୍ଲେଖ କରି ତଦନ୍ତ ଦାବି କରିଛନ୍ତି। ଏତଲା ପାଇବା ପରେ ପୁଲିସ ୪୫୫/୨୫ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି। ରାଜକନିକା ଥାନା କାଟଣାବଣିଆ ପଞ୍ଚାୟତର ଡାଏଣିଗିରି ଗ୍ରାମର ବିନୋଦ ସେଠୀଙ୍କ ଝିଅ ପୂର୍ଣ୍ଣିମା (୧୬) କପିଳେଶ୍ୱର କଲେଜରେ +୨ ପ୍ରଥମବର୍ଷରେ ପଢୁଥିଲେ। ସେ କଲେଜରେ ଗଣେଶ ପୂଜା ସାରି ଘରକୁ ଫେରିବା ପରେ ଅପରାହ୍ନରେ ଓଢ଼ଣୀ ଦେଇ ଶୋଇବା ଘରେ ଆତ୍ମହତ୍ୟା କରିଥିଲେ। ଛାତ୍ରୀଙ୍କ ବାପାମାଆ ଝିଅର ମୋବାଇଲକୁ ବାରମ୍ବାର କଲ କରି ନିରାଶ ହେବା ପରେ ପଡୋଶୀଙ୍କୁ ଝିଅ କାହିଁକି ଫୋନ ଉଠାଉନାହିଁ କହିବାରୁ ଗାଁ ଲୋକେ ଘରେ ଝିଅ ରଶି ଲଗାଇଥିବା ଦେଖି ପୁଲିସରେ ଖବର କରିଥିଲେ। ପୁଲିସ ଶବ ଜବତ କରି

## ପଲ୍ଲୀ ଶିକ୍ଷାଶ୍ରମ, ଅଙ୍ଗନବାଡ଼ି କେନ୍ଦ୍ର ଓ କୁତରଙ୍ଗ ବିଦ୍ୟାଳୟ ଗସ୍ତ

# କୁନି କୁନି ପିଲାଙ୍କୁ ପଢ଼ାଇଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା, ୨।୯ (ସମିସ)**

ସ୍କୁଲ ପିଲାଙ୍କୁ ପାଠ ପଢ଼ାଇଲେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର। ଜିଲ୍ଲାପାଳ ଭାବେ ଯୋଗଦେବା ପରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଜିଲ୍ଲାପାଳ ଅଣ୍ଟା ଭିଡିଛନ୍ତି। ସେ ମଙ୍ଗଳବାର କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତରଙ୍ଗ ପଞ୍ଚାୟତର ପଲ୍ଲୀ ଶିକ୍ଷାଶ୍ରମ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ପିଲାଙ୍କୁ ପାଠ ପଢ଼ାଇଛନ୍ତି। ଜିଲ୍ଲାପାଳ ପିଲାଙ୍କୁ ସାଧାରଣ ଜ୍ଞାନ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏଥିସହ ପିଲାଙ୍କୁ ସାଧାରଣ ଜ୍ଞାନ ବିଷୟରେ ପ୍ରତିଦିନ ଶିକ୍ଷା ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିଥିଲେ। ଛାତ୍ରଛାତ୍ରୀ ପାଠ୍ୟକ୍ରମ ସହ ସାଧାରଣ ଜ୍ଞାନ ପଢ଼ିବା ନିହାତି ଆବଶ୍ୟକ। ସାଧାରଣ ଜ୍ଞାନ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବେଶ ସହାୟକ ହେବ। ସାଧାରଣ ଜ୍ଞାନ ବିଷୟରେ ଶିଶୁ ବାଟିକା ଓ ବିଦ୍ୟାଳୟ ସ୍ତରରୁ ଶିକ୍ଷାଦାନ ଦିଆଗଲେ ପିଲାଙ୍କ ମଧ୍ୟରେ ପିଲାଟି ଦିନରୁ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ହେବ। ଭବିଷ୍ୟତରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ ଏହି ସାଧାରଣ ଜ୍ଞାନ ବେଶ ସହାୟକ ହେବ ବୋଲି ଜିଲ୍ଲାପାଳ କହିଥିଲେ।

> **ନୂତନ କୌଶଳ ଆପଣେଇବାକୁ ପରାମର୍ଶ**
>
> **'କୌଣସି ମାନରେ ସରକାରୀ ବିଦ୍ୟାଳୟ କମ୍ ନୁହେଁ'**

ଜିଲ୍ଲାପାଳ ପିଲାଙ୍କୁ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଥିଲେ। ଏଥିସହ ନିଜେ କେତେକ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ। ନୂଆ ନୂଆ କୌଶଳ ଆପଣେଇ ପିଲାଙ୍କୁ ପାଠ ପଢ଼ାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଆଜି ସରକାରୀ ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟଠାରୁ କୌଣସି ଗୁଣରେ କମ୍ ନ ଥିବା କହିଥିଲେ। କେବଳ ପାଠପଢ଼ା ଶୈଳୀ ଓ କୁନି କୁନି ପିଲାଙ୍କ ଯତ୍ନ ଆମକୁ ସଫଳତା ଦେବ ବୋଲି ସେ କହିଛନ୍ତି।

ପିଲାଙ୍କୁ ପଢ଼ାଇ ସାରିବା ପରେ ଜିଲ୍ଲାପାଳ ଦୁଇଟି ବିଦ୍ୟାଳୟ ପରିସରରେ ପାନୀୟଜଳ ବ୍ୟବସ୍ଥା ଅଛି କି ନାହିଁ ତାହା ଯାଞ୍ଚ କରିଥିଲେ। କେଉଁ ଉତ୍ସରୁ ପିଲାଙ୍କୁ ପାନୀୟଜଳ ପିଇବାକୁ ଦିଆଯାଉଛି, ତାହା ସୁରକ୍ଷିତ ଅଛି କି ନାହିଁ, ସେ ସମ୍ପର୍କରେ ଯାଞ୍ଚ କରିଥିଲେ। ପିଲାମାନଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କହିଥିଲେ। ସେହିପରି ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଉଛି କି ନିମ୍ନମାନର ରନ୍ଧା ଖାଦ୍ୟ ଦିଆଯାଉଛି ତାହା ଜିଲ୍ଲାପାଳ ନିଜେ ପରୀକ୍ଷା କରିଥିଲେ। ପିଲାଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟରୁ ଜିଲ୍ଲାପାଳ କିଛି ଖାଇ ତାହାର ମାନ ପରୀକ୍ଷା କରିଥିଲେ। ସେହିପରି ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ରକ୍ଷା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିଦେଇଥିଲେ।

## ସିମେଣ୍ଟ କୁଣ୍ଡରେ ବିରଳ ପଦ୍ମ



**ମାର୍ଶାଘାଇ, ୨।୯ (ସମିସ):** ଆପଣ ପୋଖରୀ କିମ୍ବା ନାଳରେ ପଦ୍ମଫୁଲ ଫୁଟିବା ଦେଖିଥିବେ। କେବେ ଭାବି ନ ଥିବେ ସିମେଣ୍ଟ କୁଣ୍ଡରେ ଛାତ ଉପରେ ପଦ୍ମ ଫୁଟିପାରିବ। ତେବେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଗ୍ରାମର ଦିଲ୍ଲୀପ ସ୍ୱାଇଁ ତାଙ୍କ ଛାତ ଉପରେ ୫୦ ପ୍ରକାରରୁ ଉର୍ଦ୍ଧ୍ୱ ପ୍ରଜାତିର ପଦ୍ମ ଫୁଲ ଫୁଟାଇ ପାରିଛନ୍ତି। ତାହା ମଧ୍ୟରୁ ବିରଳ ହେଉଛି ହଜାର ପାଖୁଡ଼ାର ପଦ୍ମ ଫୁଲ। ଦିଲ୍ଲୀପ ତିନିବର୍ଷ ପୂର୍ବେ ବିଦେଶରୁ ପଦ୍ମ 'ଟ୍ରିବର' ମଗାଇ ଛାତ ଉପରେ ସିମେଣ୍ଟ କୁଣ୍ଡରେ ଲଗାଇଥିଲେ। ସବୁ ପ୍ରଜାତିର ପଦ୍ମ ଫୁଟୁଥିବାବେଳେ ହଜାର ପାଖୁଡାର ପଦ୍ମ ଫୁଟୁ ନ ଥିଲା। ଆଜି ଏହି ବିରଳ ପଦ୍ମ ଦିଲ୍ଲୀପଙ୍କ ଛାତ ଉପରେ ଫୁଟିବା ପରେ ପରିବାର ସଦସ୍ୟ ଖୁସିବ୍ୟକ୍ତ କରିଛନ୍ତି। ଏହି ବିରଳ ପଦ୍ମକୁ ଦେଖିବାକୁ ବହୁ ଫୁଲପ୍ରେମୀ ଭିଡ଼ ଲଗାଇଛନ୍ତି। ଏହି ପଦ୍ମ ଓଡ଼ିଶାରେ ପ୍ରଥମ ଥର ଢେଙ୍କାନାଳରେ ଜଣଙ୍କ ଘରେ ଫୁଟିଥିଲା।

## ବେତନଟୀ ଓ ରାସଗୋବିନ୍ଦପୁରରେ ହାତୀ ଉପଦ୍ରବ

# ଉଜାଡୁଛନ୍ତି ଫସଲ; ଭାଙ୍ଗୁଛନ୍ତି ଘର



**ମୋରଡ଼ା, ୨।୯ (ସମିସ):** ମୋରଡ଼ା ଏବଂ ରାସଗୋବିନ୍ଦପୁର ବ୍ଲକରେ ହାତୀପଲର ଉପଦ୍ରବ ଯୋଗୁଁ ଲୋକେ ଅତିଷ୍ଠି ହୋଇପଡ଼ିଲେଣି। ହାତୀପଲ ଫସଲ ଉଜାଡିବା ସହିତ ଘରଦ୍ୱାର ଭାଙ୍ଗିଦେଉଛନ୍ତି। ବିଭିନ୍ନ ସଂରକ୍ଷିତ ଜଙ୍ଗଲରୁ ହାତୀପଲ ବାହାରି ଗାଁ ମୁହାଁ ହୋଇ ପ୍ରତିଦିନ ଉପଦ୍ରବ କରୁଛନ୍ତି। ସରକାରଙ୍କ ତରଫରୁ ବିଭିନ୍ନ କଟକଣା ଥିବାବେଳେ ଘଉଡାଇବା ନିମନ୍ତେ କୌଣସି ସାମଗ୍ରୀ ଯୋଗାଇ ଦିଆଯାଉ ନ ଥିବାରୁ ଦୀର୍ଘବର୍ଷ ଧରି ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛନ୍ତି ହାତୀପଲ। ସୋମବାର ରାତିରେ ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ଶୁଖିଲାଖାଲି ସଂରକ୍ଷିତ ଜଙ୍ଗଲରୁ ଏକ ୧୮ ଟିକିଆ ହାତୀପଲ ମଦନଡ଼ିହି, ସମାଇଡିହି, ସଂଗାଡି ଓ ଚୁଆଶୋଳ ଗାଁରେ ପଶି ଅଧିକାଂଶ ଚାଷ ଜମିକୁ ଦଳିଚକଟି ନଷ୍ଟ କରିଦେଇଛନ୍ତି। ମଦନଡ଼ିହି ଗ୍ରାମବାସୀଙ୍କ ଧାନ ଚାଷ, ପନିପରିବା, କଦଳୀ ବାଡ଼ିରେ ହାତୀ ପଶି ନଷ୍ଟ କରି ଜଙ୍ଗଲକୁ ପଳାଉଛନ୍ତି। ହାତୀପଲ ପାଇଁ ବିଦ୍ୟୁତ ମଧ୍ୟ ବିଚ୍ଛିନ୍ନ କରାଯାଉଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ଘଟୁଛି। ସୂଚନା ମୁତାବକ, ରାସଗୋବିନ୍ଦପୁର ରେଞ୍ଜର ଶୁଖିଲାଖାଲି ସଂରକ୍ଷିତ ଜଙ୍ଗଲରେ ୧୮ଟି, ଅମରଦାରେ ୨ଟି ଏବଂ ବେତନଟୀ ରେଞ୍ଜର ବଡାମପୁର ଜଙ୍ଗଲରେ ୨ଟି, ଅସନବଣୀରେ ୧୨ଟି, ଦୁର୍ଗାପୁରରେ ୧୧ଟି ଏବଂ ନୂଆଗାଁର ଗୋଟିଏ ହାତୀ ରହିଥିବା ବନବିଭାଗ ତରଫରୁ ସୂଚନା ମିଳିଛି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂଙ୍କୁ ପଚାରିବାରୁ ହାତୀପଲକୁ ସହଜରେ ଘଉଡାଇବା କଷ୍ଟକର। ତେଣୁ ସେମାନଙ୍କ ଗତିବିଧି ପ୍ରତି ନଜର ରଖାଯାଉଛି। ଯେଉଁ ଚାଷୀଙ୍କ ଚାଷ କ୍ଷତିଗ୍ରସ୍ତ ହୋଇଛି ସେମାନେ ଆବେଦନ କଲେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ପୁରଡିହି ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ବିପଜ୍ଜନକ

# ରାଜରାସ୍ତାକୁ ଓହ୍ଲାଇଲେ ଅଭିଭାବକ, ଛାତ୍ରଛାତ୍ରୀ

**କୁଆମରା, ୨।୯ (ସମିସ)**

ଗୋପବନ୍ଧୁନଗର ବ୍ଲକ ଜୟପୁର ପଞ୍ଚାୟତ ପୁରଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ବିପଦପୂର୍ଣ୍ଣ ଶ୍ରେଣୀ ଗୃହକୁ ନେଇ ମଙ୍ଗଳବାର ଅଭିଭାବକମାନେ ନିଜ ନିଜ ପିଲାଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଫଳରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଶତାଧିକ ଅଭିଭାବକ ରାସ୍ତାରୋକରେ ସାମିଲ ହୋଇଥିଲେ। ଫଳରେ ଉଦଳା-ଜୟପୁର ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବା ବେଳେ ଏଠାରେ ମାତ୍ର ୩ଟି ଶ୍ରେଣୀ ଗୃହ ରହିଛି। ସେଥିରୁ ୨୫ ବର୍ଷ ତଳେ ନିର୍ମିତ ଶ୍ରେଣୀ ଗୃହଟି ଦୁଇ ବର୍ଷ ହେବ ବିପଜ୍ଜନକ ଅବସ୍ଥାରେ ରହିଛି। ଫଳରେ ପିଲାମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ତେଣୁ ଆଜି ବାଧ୍ୟହୋଇ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ବିଦ୍ୟାଳୟର ଶିଶୁ ବାଟିକା ସହ ଅଧ୍ୟୟନରତ ୧୧୭ ଜଣ ଛାତ୍ରଛାତ୍ରୀଙ୍କୁ ଉକ୍ତ ତିନୋଟି ଗୃହରେ ଶିକ୍ଷାଦାନ ଦିଆଯାଉଛି। ତେବେ ଦୀର୍ଘଦିନ ହେବ ଏହି ବିପଦପୂର୍ଣ୍ଣ ଗୃହ ସମ୍ପର୍କରେ ବିଡ଼ିଓ ଓ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏ ଦିଗରେ କେହି ଦୃଷ୍ଟି ନଦେବା ଯୋଗୁଁ ଆଜି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିଲେ ଅଭିଭାବକ। ଖବର ପାଇ ତହସିଲଦାର ଓମ୍‌ପ୍ରକାଶ ମହାନ୍ତି, ଏବିଇଓ କୁଳମଣି ନାଏକ, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଣ୍ଡିଆ ଏବଂ ପୁଲିସ ଅଧିକାରୀ ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଅପରାହ୍ନ ସୁଦ୍ଧା ସମାଧାନର ରାସ୍ତା ବାହାରି ପାରିନାହିଁ। ଅଭିଭାବକମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ତେବେ ଆଜି ବିଡ଼ିଓ ପୃଥିରାଜ ପରିଡ଼ା ଅନ୍ୟ କାର୍ଯ୍ୟରେ ବାହାରକୁ ଯାଇଥିବାରୁ ଏ ନେଇ ଆସନ୍ତାକାଲି ଆଲୋଚନା ହେବ ବୋଲି ଏବିଇଓ କୁଳମଣି ନାଏକ କହିଛନ୍ତି।



# ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ



**କପ୍ତିପଦା, ୨।୯ (ସମିସ):** କପ୍ତିପଦା ବ୍ଲକ ନୁଦଡିହା ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୋନ ସ୍ତରୀୟ କ୍ରୀଡା ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଟି କ୍ଲଷ୍ଟର ଅଧୀନ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ପାଣିଗ୍ରାହୀ ସଭାପତିତ୍ୱ କରି ଖେଳକୁଦ ଦ୍ୱାରା ପିଲାଙ୍କ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଘଟିଥାଏ ବୋଲି ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ଖେଳଶିକ୍ଷକ ଗୌରଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଖେଳଦ୍ୱାରା ପାରସ୍ପରିକ ସୁସମ୍ପର୍କ ସୃଷ୍ଟି ହେବା ସହିତ ବିଦ୍ୟାଳୟ ତଥା ବ୍ଲକ, ଜିଲ୍ଲା, ରାଜ୍ୟ ଓ ଦେଶ ସୁନାମ ଅର୍ଜନ କରିଥାଏ ବୋଲି ବୋଲି କହିଥିଲେ। ଏହି ଅବସରରେ ଜୁନିୟର ଓ ସିନିୟର ଏବଂ ଛାତ୍ରୀମାନଙ୍କ ମଧ୍ୟରେ ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ, ଗୋଳା ଫିଙ୍ଗା, କବାଡି, ଫୁଟ ବଲ, ଭଲି ବଲ, କ୍ରିକେଟ, ଖୋ-ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ପ୍ରତିଭା ମାନଙ୍କୁ ଚୟନ କରାଯାଇଥିଲା। ଶିକ୍ଷୟିତ୍ରୀ ସାଗରିକା ମହାନ୍ତ, ଶୁଭଶ୍ରୀ ଶୁଭସ୍ମିତା ପରିଡ଼ା, ହେମଲତା ପ୍ରଧାନ, ଦେବଦର୍ଶୀ ପୃଷ୍ଟି ଓ ଖେଳ ଶିକ୍ଷକ ନିହାର ରଞ୍ଜନ ବେହେରା, କାର୍ତ୍ତିକ ଚନ୍ଦ୍ର ମହାନ୍ତି ଓ ନିର୍ମଳ ମହାଳିକ ପରିଚାଳନା କରିଥିଲେ।

# ଗୋଷ୍ଠୀ ଜଙ୍ଗଲ ପରିଚାଳନା କମିଟି ଗଠିତ



**ମହୁଲଡିହା, ୨।୯ (ସମିସ):** ଭାଲିଆଡାଳ ଗ୍ରାମ ପଞ୍ଚାୟତ ବାଗଦଫାଠାରେ ୭ଟି ସାହିର ଲୋକଙ୍କୁ ନେଇ ଏକ ଗୋଷ୍ଠୀ ଜଙ୍ଗଲ ସମ୍ପଦ ପରିଚାଳନା କମିଟି ଗଠିତ ହୋଇଛି। କେନ୍ଦ୍ର ସରକାରଙ୍କ ଧରତି ଆବା ଜନଜାତି ଉତ୍କର୍ଷ ଅଭିଯାନ ପାଇଁ ଓଡ଼ିଶାର ୧୦୦ଟି ଗ୍ରାମକୁ ବଛା ଯାଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରୁ ୨୨ଟି ଗ୍ରାମ ମଧ୍ୟରୁ ଠାକୁରମୁଣ୍ଡା ବ୍ଲକରେ ପ୍ରଥମ କରି ୫ଟି ଗ୍ରାମ ସ୍ଥାନ ପାଇଛି। ମଙ୍ଗଳବାର ବାଗଦଫା ୱାର୍ଡ ସଭ୍ୟ ଯୁଧିଷ୍ଠିର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସରପଞ୍ଚ ଜାହ୍ନବୀ ସୟ ଯୋଗଦେଇ ଗ୍ରାମବାସୀଙ୍କୁ ଆଲୋଚନାରେ ଭାଗ ନେବାକୁ ଉତ୍ସାହିତ କରିଥିଲେ। ଜଙ୍ଗଲ ଜମି ଅଧିକାର ଉପରେ ଦୀର୍ଘ ଦିନରୁ ଏହି ଅଞ୍ଚଳରେ କାମ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଆରସିଡ଼ିସିର କାର୍ଯ୍ୟକ୍ରମ ପରିଚାଳକ ଆନନ୍ଦ ସେଠୀ ସାଧନ ଯୋଗ ଦେଇ ଏହି କମିଟି ଗଠନ ଓ ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ପ୍ରଦାନ ଅନୁଷ୍ଠାନ ପକ୍ଷରୁ ପ୍ରଭାତୀ ନାୟକ ଯୋଗଦେଇ ଜଙ୍ଗଲ ଓ ଆଦିବାସୀଙ୍କ ସମ୍ପର୍କ ନିବିଡ଼ ପାଇଁ ଜଙ୍ଗଲ ସମ୍ପଦ ସୁପରିଚାଳନା ପାଇଁ ଦକ୍ଷ କମିଟି ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବନରକ୍ଷୀ ପ୍ରମିଳା ମହାନ୍ତ ଯୋଗଦେଇ ମହିଳାଙ୍କ ଭାଗିଦାରିତାର ଗୁରୁତ୍ୱ ପ୍ରକାଶ କରିଥିଲେ। ସଭାପତି ଭାବେ କଳାକାର ନାୟକ, ସମ୍ପାଦକ ଭାବେ ସରିତା ହୋ, କୋଷାଧ୍ୟକ୍ଷ ଭାବେ କେଶରାମ ହୋ, ସଦସ୍ୟ/ ସଦସ୍ୟା ଅନାଦି ନାୟକ, କୁନି ବାରି, କେଶବ ବାଙ୍କିରା, ବିରଞ୍ଚି ବିନ୍ଧାଣି, ମାନସିଂହ ହୋ, ମାନ୍ଦ୍ରାଜ ହୋ, ସୁନ୍ଦରୀ ମୁଣ୍ଡା, ରୀନା ନାୟକ, ସରିତା କାଣ୍ଡେୟାଙ୍କୁ ଚୟନ କରାଯାଇଛି।

# କରମ୍ ପରବକୁ ଛୁଟି ଘୋଷଣା ଦାବିକଲେ କୁଡୁମୀ



**ବାରିପଦା, ୨।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ସମେତ ଓଡ଼ିଶାରେ ପ୍ରାୟ ୩୦ଲକ୍ଷରୁ ଉର୍ଦ୍ଧ୍ୱ କୁଡୁମୀ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଏହି ସମ୍ପ୍ରଦାୟର ମୁଖ୍ୟ ଜୀବିକା ହେଉଛି ଚାଷ। ଏମାନଙ୍କର ଉଚ୍ଚ ଧୀଶକ୍ତି ଥିଲେ ମଧ୍ୟ ଚାଷ କାମ ସହ ବିଭିନ୍ନପର୍ବ ପର୍ବାଣିକୁ ମଉଜ ମଜଲିସରେ ପାଳନ କରୁଥିବାରୁ ସମୟର ଯଥା ବିନିଯୋଗ କରି ନ ପାରି ତଥା ପରିବାରର ଆର୍ଥିକ ସଙ୍କଟ ଯୋଗୁଁ ଏ ଜାତିର ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷିତ ହୋଇପାରି ନ ଥାନ୍ତି। ଓଡ଼ିଶାରେ ବାରମାସରେ ତେର ପର୍ବ ପାଳନ ହେଉଥିବା ବେଳେ ଏମାନେ କୋଡ଼ିଏରୁ ଉର୍ଦ୍ଧ୍ୱ ପରବ ପାଳନ କରିଥାନ୍ତି। ବିଭିନ୍ନ ପର୍ବପର୍ବାଣି କରମ ପର୍ବ ଅନ୍ୟତମ। ଏହି ପର୍ବରେ ଉପବାସ କରି ବିଧିପୂର୍ବକ କରମା ଗଛର ଡାଳକୁ ଆଣି ପୂଜା କରି ୫ଦିନ ଧରି ଝୁମର ନାଚି ଉତ୍ସବ ପାଳନ କରାଯାଏ। ଏହା କେଉଁ ଅନାଦି କାଳରୁ ଚାଲିଛି କେହି କହିପାରିବେ ନାହିଁ। ଏହା କୃଷି ଭିତ୍ତିକ ପର୍ବ ହେଲେ ମଧ୍ୟ ଯଥାବିଧି ଉପବାସ କରି ରାତ୍ରି ଉଜାଗର ରହି ଜାଗର ଜାଳିଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଏଣୁ ଏହାକୁ ସମସ୍ତେ ପାଳନ କରିଥାନ୍ତି। କରମା ଦେବତାଙ୍କୁ ପ୍ରତ୍ୟକ୍ଷ ଦେବତା ଭାବେ ମାନି ନିଷ୍ଠାର ସହିତ ପୂଜାର୍ଚ୍ଚନା ପୂର୍ବକ ପାଳନ କରିଥାନ୍ତି। ଏବେ କୁଡୁମୀ ଲୋକଙ୍କ ସଂସ୍ପର୍ଶରେ ଆସୁଥିବା ଭୂମିଜ, କୋଲ୍ହ ଓ ବିନ୍ଧାଣୀ ଆଦି ସମ୍ପ୍ରଦାୟର ଲୋକେ ମଧ୍ୟ ଏହି ପରବକୁ ଆଗ୍ରହ ସହକାରେ ପାଳନ କରୁଛନ୍ତି। କୁଡୁମୀମାନେ ଆବାହନକାଳରୁ ପ୍ରକୃତି ପୂଜକ। କରମା ଗଛକୁ ସେମାନେ ପୂଜା କରନ୍ତି। କରମା ଗଛକୁ ସେମାନେ କାଟନ୍ତି ନାହିଁ ଏବଂ ଏହି କାଠରେ ନିର୍ମିତ କୌଣସି ଆସବାବପତ୍ର ମଧ୍ୟ ବ୍ୟବହାର କରନ୍ତି ନାହିଁ। ବର୍ତ୍ତମାନ ଜଙ୍ଗଲ ସୁରକ୍ଷା ତଥା ବୃକ୍ଷରୋପଣ ପାଇଁ ସାରା ବିଶ୍ୱ ଚିନ୍ତିତ। କୁଡୁମୀମାନେ କାହିଁ କେତେବର୍ଷ ତଳୁ ପ୍ରକୃତିର ପୂଜକ ଆଉ ପ୍ରକୃତିର ରକ୍ଷକ ଭାବେ ରହି ଆସିଛନ୍ତି। ପ୍ରକୃତିକୁ ସୁରକ୍ଷା ଦେବାରେ କୁଡୁମୀ ଜାତିର ଭୂମିକା ଅଗ୍ରଣୀ। ଗଛ ଲଗାଅ ପରିବେଶ ବଞ୍ଚାଅ ନାରାକୁ ଏହି ଜାତି ବହୁ ଆଗରୁ ସରକାରଙ୍କ ଅଜ୍ଞାତସାରରେ ପାଳନ କରି ଆସୁଛି। ତେଣୁ ଏହି କରମା ପର୍ବ ଉପଲକ୍ଷେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରରେ ଛୁଟି ଘୋଷଣା ହୋଇଆସୁଛି। ଓଡ଼ିଶା ସରକାର କରମା ପର୍ବ ପାଇଁ ଛୁଟି ଘୋଷଣା ପାଇଁ ଦାବି ହୋଇଆସୁଥିବା ବେଳେ ତାହା କାର୍ଯ୍ୟକାରୀ ହୋଇନାହିଁ। ଏଥିପ୍ରତି ଦୃଷ୍ଟି ଦେବାକୁ କୁଡମୀଙ୍କ ପକ୍ଷରୁ ଦାବି କରାଯାଇଛି।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ଠାକୁରମୁଣ୍ଡା/ମହୁଲଡିହା, ୨।୯ (ସମିସ):** ଠାକୁରମୁଣ୍ଡା ବ୍ଲକ ପଡ଼ିଆବେଡା ଗ୍ରାମ ପଞ୍ଚାୟତ ନିଶାପଷି ଗ୍ରାମରେ ମଙ୍ଗଳବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି ନିଶାପଷି ଗ୍ରାମର ଖିରାୟ ମହାନ୍ତ (୬୫)। ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଖିରାୟ ମହାନ୍ତ ଶୌଚ ହେବାପାଇଁ ଘର ନିକଟ ଜଙ୍ଗଲକୁ ଯାଇଥିବା ସମୟରେ ଗୋଟିଏ ଭାଲୁ ହାବୁଡ଼ରେ ପଡ଼ି ଯାଇଥିଲେ। ଫଳରେ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ସେ ପାଟି କରିବାରୁ ଅନ୍ୟ ଲୋକେ ପହଞ୍ଚି ଯିବାରୁ ଭାଲୁଟି ଖସି ପଳାଇଥିଲା। ପରେ ସ୍ଥାନୀୟ ଲୋକେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖିରାୟ ମହାନ୍ତଙ୍କ ବାମ ହାତ ଓ ଛାତିରେ ଗଭୀର ଆଘାତ ଲାଗିଛି।



## କଂଗ୍ରେସର 'ସଂଗଠନ ସୃଜନ' ଅଭିଯାନ

# ଏଆଇସିସିକୁ ଦିଆଯିବ ଜିଲ୍ଲା ସଭାପତି ତାଲିକା



**ବାରିପଦା, ୨।୯ (ସମିସ):** ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ 'ସଂଗଠନ ସୃଜନ' ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ମୟୂରଭଞ୍ଜ କଂଗ୍ରେସ ସାଂଗଠନିକ ଜିଲ୍ଲା (ପୂର୍ବ) ସଭାପତି ଚୟନ ପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକ ଅଖିଳେଶ ଶୁକ୍ଲା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଯୁବ ଓ ଛାତ୍ର କଂଗ୍ରେସ ରାଜ୍ୟ ସଂଯୋଜକ ନଳିନୀ ମହାନ୍ତି ଦିନିକିଆ ଗସ୍ତରେ ଆସି ଫେରିଛନ୍ତି। ବାରିପଦା ସର୍କିଟ ହାଉସରେ ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ପର୍ଯ୍ୟବେକ୍ଷକ ଶ୍ରୀ ଶୁକ୍ଲା ତାଙ୍କ ଟିମ ସହ ୭ ଦିନ ବିଭିନ୍ନ ବ୍ଲକ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଆଲୋଚନା କରିବେ। ଏହି ସମୟ ମଧ୍ୟରେ ସଭାପତି ପାଇଁ ସେମାନେ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧି ଉପରେ ଗୁରୁତ୍ୱ ଦିଆଯିବ।

# ଏମ୍‌ପିସି ମହାବିଦ୍ୟାଳୟରେ ଇଣ୍ଡକ୍‌ସନ୍ କାର୍ଯ୍ୟକ୍ରମ



**ବାରିପଦା, ୨।୯ (ସମିସ):** ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏମସିଏ, ଏମବିଏ, ବିସିଏ ଓ ବିବିଏ ବିଭାଗରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଡକସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ଡ. ଆଲବେର୍ଟିନା ତିର୍କୀଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥି ଅଧ୍ୟାପିକା ସୁଶ୍ରୀ ରୂପାଲି ଜେନା ଅତିଥି ପରିଚୟ ଦେଇଥିଲେ। ଡ. ଅନାମ ଚରଣ ରାଉଳ, ବିଷୟ ସଂଯୋଜକ ସ୍ୱାଗତ ଭାଷଣରେ ଏହି କାର୍ଯ୍ୟକ୍ରମର ଆବଶ୍ୟକତା ବିଷୟରେ କହିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା ଡ. ତିର୍କୀ ନିଜର ଆଭିମୁଖ୍ୟ ଭାଷଣରେ ନୂତନ ବର୍ଷର ପିଲାମାନଙ୍କୁ ସ୍ୱାଗତ କରିବା ସହ ମହାବିଦ୍ୟାଳୟ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଶାସନିକ ମୁଖ୍ୟ ଡ. ପ୍ରିୟବ୍ରତ ବେହେରା ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ବିଭାଗ ଏବଂ ତାର ସୁବିଧା ସୁଯୋଗ ଉପରେ ପିଲାଙ୍କୁ ଅବଗତ କରାଇଥିଲେ। ଶୈକ୍ଷିକ ମୁଖ୍ୟ ଡ. ବିଦ୍ୟୁତ ପ୍ରଭା ଦାସ ପିଲାମାନଙ୍କୁ ବୈଷୟିକ ଶିକ୍ଷାର ମହତ୍ୱ ବିଷୟରେ କହିବା ସହିତ ତାଙ୍କୁ ଉତ୍ସାହିତ କରିଥିଲେ। ବିଷୟ ପରିଚାଳକ ଡ. ପ୍ରକାଶ ଚନ୍ଦ୍ର ଦାସ ପିଲାମାନଙ୍କୁ ନିୟମିତ ଉପସ୍ଥାନର ଗୁରୁତ୍ୱ ଉପରେ କହିଥିଲେ। ଖେଳ ବିଭାଗର ଶିକ୍ଷକ ସତ୍ୟନାରାୟଣ ବାରିକ ପାଠପଢ଼ାରେ ଖେଳକୁଦ ତଥା ଶାରୀରିକ ବ୍ୟାୟାମର ଉପଯୋଗିତା ଉପରେ କହିଥିଲେ। ବିଭାଗୀୟ ଅତିଥି ଅଧ୍ୟାପକ ଅଧ୍ୟାପିକା ମାନସୀ ପରିଡ଼ା, ଡ. ଗାୟତ୍ରୀ ଦେ, ଜାହିର ହୁସେନ ଏସିଏ, ବିସିଏ ଓ ଏମବିଏ ପାଠ୍ୟକ୍ରମ ଏବଂ ପରୀକ୍ଷା ପ୍ରଣାଳୀ ଉପରେ ସମ୍ୟକ ଧାରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଇଶ୍ରୀତା ମହାନ୍ତି, ରାଜେଶ କୁମାର ରାୟ, ଅନୁଭବ ତ୍ରିପାଠୀ, ବ୍ରଜଗୋପାଳ ଦ୍ୱାରି, ଆଶିଷ ଧଳ, ଲଳିତ ସାହୁ, ପ୍ରଶାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଅଧ୍ୟାପକ ଗୋବର୍ଦ୍ଧନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ହଷ୍ଟେଲ ପାଚେରୀ ଡେଇଁ ଦୁଇ ଛାତ୍ରୀ ଫେରାର

# ଲିଖିତ ଅଭିଯୋଗ କଲେ ଶିକ୍ଷକ

**କଳାବାଡିଆ, ୨।୯ (ସମିସ):** ବାଙ୍ଗିରିପୋଷି ଥାନା ଅଞ୍ଚଳର ଏକ ବିଦ୍ୟାଳୟର ହଷ୍ଟେଲରୁ ନବମ ଓ ଦଶମ ଶ୍ରେଣୀର ଦୁଇ ଜଣ ଛାତ୍ରୀ ବିଳମ୍ବିତ ରାତିରେ ପାଚେରି ଡେଇଁ ଫେରାର ହୋଇଯାଇଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୁସୁମବନ୍ଧ ଓ ବିଶୋଇ ଅଞ୍ଚଳର ଦୁଇ ଜଣ ଛାତ୍ରୀ ନିଖୋଜ ହୋଇଥିବାରୁ ତାଙ୍କ ପରିବାର ମଧ୍ୟ ଥାନାରେ ପହଞ୍ଚିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ନାଥ ଦତ୍ତ ଘଟଣା ବିଷୟରେ ପ୍ରଧାନ ଶିକ୍ଷକଙ୍କୁ ପଚାରି ବୁଝିଛନ୍ତି। ଛାତ୍ରୀ ନିବାସରୁ ଏକ ସ୍ମାର୍ଟ ୱାଚଫୋନ ମିଳିଥିବାରୁ ପୁଲିସକୁ ଦିଆଯାଇଛି। ତେବେ ମେସ ମଧ୍ୟକୁ କେମିତି ଗଲା ସ୍ମାର୍ଟୱାଚ ତାହା ତଦନ୍ତ ସାପେକ୍ଷ। ତେବେ ମେସ ଗେଟରେ କାହିଁକି ତାଲା ଦିଆଯାଇ ନ ଥିଲା ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ୧୨୮ ଜଣ ଛାତ୍ରୀ ହଷ୍ଟେଲରେ ରହୁଥିବାବେଳେ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟାଳୟ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଆବାସିକ ହଷ୍ଟେଲ ମଧ୍ୟ ରହିଛି। ଫେରାର ଛାତ୍ରୀଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ପୁଲିସ ଚେଷ୍ଟା କରୁଛି ବୋଲି ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି କହିଛନ୍ତି।

## ଶୁକ୍ଳି ବ୍ଲକ୍‌ରେ କୃଷି ଓ କୃଷକ ସମସ୍ୟା ଉତ୍କଟ

# ୟୁରିଆ ସାର ନ ପାଇ ଚାଷୀ ହନ୍ତସନ୍ତ

**ଖୁଣ୍ଟ, ୨।୯ (ସମିସ)**

ଶୁକ୍ଳି ବ୍ଲକର ଚାଷୀ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରିଥା'ନ୍ତି। ଅଧିକାଂଶ ଗାଁ ଗଣ୍ଡାର ଚାଷୀ ତିନି ଚାରି ସପ୍ତାହ ହେଲା ଧାନ ରୁଆ ଏବଂ ବେଉଷଣ ପାଇଁ ଲାଗିଥିବାବେଳେ ୟୁରିଆ ସାର ଅଭାବ ଯୋଗୁଁ ହନ୍ତସନ୍ତ ହେଉଛନ୍ତି। ବ୍ଲକରେ ବଡ ବଡ଼ ସାର ଡିଲର ଥିଲେ ସୁଦ୍ଧା ଚାଷୀମାନେ ଅବଶ୍ୟକ ମୁତାବକ ସାର ପାଉନାହାନ୍ତି। ଫଳରେ ଏ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଚାଷୀମାନେ ଦୂର ଦୁରାନ୍ତରୁ ସାଇକଲ କିମ୍ବା ବାଇକ ଯୋଗେ ଶୁକ୍ଳି ଯାଇ ଅଧାର କାର୍ଡ ଦାଖଲ କଲେ ଗୋଟିଏ ମାତ୍ର ସାର ବ୍ୟାଗ ମିଳୁଛି। ସାର କିଣିବା ସମୟରେ ଡିଲର ପାଖରେ ଚାଷୀ ଆଧାର କାର୍ଡ ନମ୍ବର ପଞ୍ଜୀକରଣ କରିବା ବାଧ୍ୟତାମୂଳକ ଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଆଧାର କାର୍ଡ ପ୍ରକୃତ ଚାଷୀର ପରିଚୟ ନୁହେଁ। ଆମ ଦେଶର ଭୂମିହୀନ ଭିକ୍ଷୁକଠାରୁ ଆରମ୍ଭ କରି ବୃହତ ଚାଷୀ ଜମିଦାର ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଆଧାର କାର୍ଡ ଉପଲବ୍ଧ। ତେଣୁ ଯେ କୌଣସି ବ୍ୟକ୍ତି ଆଧାର କାର୍ଡ ଦାଖଲ କରି ସାର କ୍ରୟ କରିବାରେ କୌଣସି କଟକଣା ନାହିଁ ବୋଲି ଚାଷୀ ପ୍ରକାଶ କରିଛନ୍ତି। ତେଣୁ ଏହି ନିୟମର ଯୁକ୍ତିଯୁକ୍ତତା ଉପରେ ବିଭିନ୍ନ ମତ ପ୍ରକାଶ ପାଉଛି। ଆଧାର କାର୍ଡ ଜଣେ ଚାଷୀର ପ୍ରମାଣ ପତ୍ର ହୋଇନଥିବା ବେଳେ ଯେ କୌଣସି ବ୍ୟକ୍ତି ଏହା ସାହାଯ୍ୟରେ ସାର କ୍ରୟ କରିପାରୁଥିବାରୁ ଅନେକ ସମୟରେ କୃତ୍ରିମ ଅଭାବ ପରିଲକ୍ଷିତ ହେଉଛି। ସମବାୟ ସମିତିକୁ ଯେତିକି ପରିମାଣରେ ସାର ଆସିଥିଲା ତାହା ସମୁଦ୍ରକୁ ଶଙ୍ଖେ। ୟୁରିଆ ସାର ଅଭାବ ହେଲେ ଅମଳ କମିଯିବା ଆଶଙ୍କାରେ ଚାଷୀ ବାଧ୍ୟହୋଇ ଚଢ଼ା ଦରରେ ଖୋଲା ବଜାରରୁ କିଣୁଛି। ଏଣୁ ସରକାର ପ୍ରକୃତ କୃଷିଜୀବୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଆବଶ୍ୟକ ପରିମାଣର ସାର ରିହାତି ଦରରେ ଯୋଗାଇଦେବାକୁ ଦାବି ହେଉଛି। ଏଥିସହିତ ବର୍ତ୍ତମାନ କେତେକ ଚାଷ ଜମିରେ ପତ୍ରମୋଡା ରୋଗ ପରିଲକ୍ଷିତ ହେଉଥିବାରୁ ଚାଷୀ ଚିନ୍ତାରେ ପଡ଼ିଲେଣି। ଏହାର ନିରାକରଣ ପାଇଁ ସ୍ଥାନୀୟ କୃଷି ବିଭାଗ ଚାଷୀଙ୍କ କ୍ଷେତ ପରିଦର୍ଶନ କରି ଉଚିତ ପରାମର୍ଶ ଦେବାକୁ ଦାବି ହେଉଛି।





## ନଦୀରେ ଭାସିଯାଇ ବୃଦ୍ଧ ନିଖୋଜ



ବେଲବାହାଲି,୨।୯ (ସମିସ): ଘସିପୁରା ଥାନା ଅନ୍ତର୍ଗତ ଟୋଲଙ୍କପଡା କୁସେଇ ନଦୀର ହନୁମାନ ଘାଟ ନିକଟରେ ଶୌଚହେବା ସମୟରେ ନଦୀରେ ଭାସିଯାଇ ବୃଦ୍ଧ ନିଖୋଜ ଅଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି ପରେ ବୃଦ୍ଧଙ୍କ ପତ୍ତା ମିଳିନାହିଁ। ଉକ୍ତ ଗ୍ରାମର ରାମଚନ୍ଦ୍ର ସାହୁ (୭୦) ଆଜି ଦିନ ୧୦ଟା ସମୟରେ କୁସେଇ ନଦୀକୁ ଶୌଚ ହେହବାକୁ ଯାଇଥିବା ସମୟରେ ହଠାତ୍ ଗୋଡ ଖସିଯିବାରୁ ପ୍ରଖର ସ୍ରୋତରେ ଭାସି ଯାଇଛନ୍ତି। ପାଖରେ ଉପସ୍ଥିତ ଥିବା ଲୋକେ ପରିବାର ଲୋକଙ୍କୁ ଖବର କରିବା ପରେ ପରିବାର ଲୋକେ ଅଗ୍ନିଶ୍ରମ ବିଭାଗକୁ ଖବର କରିଥିଲେ। ଘଷିପୁରା ଅଗ୍ନିଶମ ବିଭାଗ ଓ ଗ୍ରାମବାସୀ ମିଳିତ ହୋଇ ବହୁ ସମୟ ଧରି ଖୋଜା ଖୋଜି କରିବା ପରେ ମଧ ତାଙ୍କ ପତ୍ତା ମିଳି ନଥିଲା।

## ଟଙ୍କା ପାଇଁ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ସ୍ୱାମୀଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା, ୨।୯ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଦାଶରଥୀପୁର ଗ୍ରାମରେ ୩୦୦୦ ଟଙ୍କା ପାଇଁ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ପରେ କେସ୍ ଭୟରେ ସ୍ୱାମୀ ଆତ୍ମହତ୍ୟା କରିଛି। ମୃତକ ହେଲେ ଗ୍ରାମର ଅଭିମନ୍ୟୁ ମହାନ୍ତ (୪୦)। ସୂଚନା ଅନୁସାରେ, ଗତ ଶନିବାର ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଟଙ୍କା ପାଇଁ କଳହ ହୋଇଥିଲା। ସ୍ତ୍ରୀ ରୁସୁନିଙ୍କୁ ଅଭିମନ୍ୟୁ ୩୦୦୦ ଟଙ୍କା ମାଗିଥିଲା। ସେ ଟଙ୍କା ନଦେବାରୁ ଅଭିମନ୍ୟୁ ମଦ ନିଶାରେ ଉତ୍ୟକ୍ତ ହୋଇ ସ୍ତ୍ରୀ ରୁସୁନି ମହାନ୍ତ(୩୩) ଙ୍କୁ ମରଣାନ୍ତକ ଆକ୍ରମଣ କରି ହାତଗୋଡ଼ ବାନ୍ଧି ଘର ନିକଟ ଅମରି ବୁଦା ନିକଟରେ ପକାଇ ଦେଇଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ରୁସୁନି ଜୀବନ ମରଣ ସହ ଲଢ଼େଇ କରୁଥିବା ବେଳେ ଆଇନ ଭୟରେ ସ୍ୱାମୀ ସୋମବାର ରାତି ଘର ନିକଟରେ ଥିବା ଆମ୍ବଗଛରେ ଏକ ପ୍ଲାଷ୍ଟିକ ରଶି ସାହାଯ୍ୟରେ ଆତ୍ମହତ୍ୟା କରିଛି। ମଙ୍ଗଳବାର ସକାଳୁ ତୁରୁମୁଙ୍ଗା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଏସ୍ଆଇ କିଶୋରଚନ୍ଦ୍ର ପାତ୍ର ତଦନ୍ତ କରୁଛନ୍ତି।

## ଦାନ୍ତିଆ ଆଶ୍ରମ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଟଙ୍କା ହଡ଼ପ ଘଟଣା: କାର୍ଯ୍ୟାନୁଷ୍ଠାନ ଶୂନ

ରାମଚୁନ୍ଦ୍ରପୁର,୨।୯ (ସମିସ): ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଦାନ୍ତିଆ ଆଶ୍ରମ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ଚଞ୍ଚକତା କରି ମାଧାହ୍ନ ଭୋଜନ ଟଙ୍କା ହଡପ କରିବା ଅଭିଯୋଗ ପରେ ତଦନ୍ତ ପ୍ରକ୍ରିୟା ଶେଷ ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆକାଶ ଜେନା ଦାନ୍ତିଆ ଆଶ୍ରମ ବିଦ୍ୟାଳୟରେ ପହଞ୍ଚି ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ହସ୍ତଗତ ହୋଇଥିଲେ ସୁଦ୍ଧା ଉକ୍ତ ଘଟଣାରେ କାର୍ଯ୍ୟାନୁଷ୍ଠାନ ଏଯାଏ ହୋଇ ନଥିବା ଜଣାପଡ଼ିଛି। ଏହିଭଳି ସମାନ ଘଟଣାରେ କେନ୍ଦୁଝର ପାଟଣା ଅଞ୍ଚଳର ଜଣେ ପ୍ରଧାନଶିକ୍ଷକ ନିଲମ୍ବିତ ହୋଇଥିବା ବେଳେ, ଏହି ଘଟଣା ଏକ ସପ୍ତାହ ବିତିଯାଇଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସଙ୍ଗିନ ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବାକୁ ଅଣ୍ଟାଭିଡିଛନ୍ତି ଦାନ୍ତିଆ ଗ୍ରାମବାସୀ।

## ଦୁର୍ଘଟଣାଗ୍ରସ୍ତ ଗାଡ଼ଭାଲୁର ମୃତ୍ୟୁ

ତୁରୁମୁଙ୍ଗା, ୨।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମୁଷାପଡା ନିକଟରୁ ଏକ ଗାଡଭାଲୁକୁ ଗୁରୁତର ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଗାଡ଼ଭାଲୁକୁ ଉଦ୍ଧାର କରି ରେଞ୍ଜ କାର୍ଯ୍ୟାଳୟରେ ଚିକିତ୍ସା କରୁଥିବା ସମୟରେ ମଙ୍ଗଳବାର ଭାଲୁର ମୃତ୍ୟୁ ହୋଇଛି। ଭାଲୁଟିକୁ କୌଣସି ଗାଡ଼ି ଧକ୍କା ଦେଇଥିଲା। ପାଟଣା ବ୍ଲକ ପଶୁ ଚିକିତ୍ସାଧିକାରୀ ଚିକିତ୍ସା କରିଥିଲେ। ବ୍ଲକ ପଶୁ ଚିକିତ୍ସାଧିକାରୀ ସତ୍ୟପ୍ରକାଶ ଦ୍ୱିବେଦୀଙ୍କ ଦ୍ୱାରା ମୃତଦେହକୁ ବ୍ୟବଚ୍ଛେଦ କରିବା ପରେ ମୃତ ଗାଡ଼ଭାଲୁକୁ ରେଞ୍ଜ କାର୍ଯ୍ୟାଳୟରେ ପୋତି ଦିଆଯାଇଛି।

## ପାଟବିଲାରେ ମାଗଣା ସ୍ୱାସ୍ଥ୍ୟ ଶିବିର



ବାଲିବନ୍ଧ,୨।୯ (ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖେଣ୍ଡରା ପଞ୍ଚାୟତ ପାଟବିଲା ଗ୍ରାମରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଗଣେଶ ପୂଜା କମିଟି ପକ୍ଷରୁ ଏହି ମେଗା ସ୍ୱାସ୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିଲା। ଏସସିବି ମେଡିକାଲ କଲେଜ ହସ୍ପିଟାଲର ପ୍ରଫେସର ଡା. ଅରୁଣା ଆଚାର୍ଯ୍ୟ, ପ୍ରଫେସର ଡା. ହଳଧର ନାଏକ, ଡା. ବିଶ୍ୱଜିତ ମହାନ୍ତି, ଡା. ଦିବ୍ୟକାନ୍ତି ଦାଶ ୫୭୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଔଷଧ ପ୍ରଦାନ କରିଥିଲେ। ଶିବିରରେ ଲିଭର ଫିବ୍ରେ ସ୍କାନ, କିଡନୀ ପରୀକ୍ଷା, ଡାଇବେଟିସ, ବ୍ଲଡ ସୁଗାର ଆଦି ପରୀକ୍ଷା ମାଗଣାରେ ଉପଲବ୍ଧ କରାଯାଇଥିଲା। ପୂଜା କମିଟିର ସଦସ୍ୟ ଯୋଗେନ୍ଦ୍ର ନାଏକ, ଭୀମସେନ ମହାନ୍ତ, ସଞ୍ଜୟ ମହାକୁଡ଼, ହରେକୃଷ୍ଣ ମହାକୁଡ଼, କୌତୁକ ନାଏକ, ଲକ୍ଷ୍ମଣ ନାଏକ, ଦେବାଶିଷ ତନ୍ତୀ, ଦିଲ୍ଲୀପ ନାଏକ, ବିଷ୍ଣୁଚରଣ ନାଏକ, ଜଗନ୍ନାଥ ତନ୍ତୀ, ଗୋପାଳ ନାଏକ, ଗୋବିନ୍ଦଚନ୍ଦ୍ର ନାଏକ, ବିଦେଶୀ ନାଏକ, ବିକ୍ରମ ନାଏକ ସହଯୋଗ କରିଥିଲେ।

# ଜଳବନ୍ଦୀରେ ଜଳକଳଙ୍ଗ ଗାଁ ଓ ରାସ୍ତାଘାଟ





ହାଟଡ଼ିହୀ,୨।୯ (ସମିସ): ହାଟଡ଼ିହୀ ବ୍ଲକ୍ ଜଳକଳଙ୍ଗ ଗ୍ରାମର ମୁଖ୍ୟରାସ୍ତା ସହ ଅନ୍ୟାନ୍ୟ ରାସ୍ତା ବର୍ଷାଜଳରେ ବୁଡ଼ି ରହିଛି। ମୁଖ୍ୟ ରାସ୍ତାରେ ୩-୪ଫୁଟ୍ ଉଚ୍ଚ ବର୍ଷପାଣି ପ୍ରବାହିତ ହେଉଛି। ଯାହାଫଳରେ ଗ୍ରାମବାସୀ ଗାଁ ଭିତରୁ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି। ଗାଁର ପ୍ରବେଶ ରାସ୍ତାରେ ଉଚ୍ଛୁଳା ବର୍ଷାଜଳ ପ୍ରବାହିତ ହେଉଥିବାରୁ ପାଣିରାସ୍ତା ପାରି ହୋଇ ଛାତ୍ରଛାତ୍ରୀମାନେ ସ୍କୁଲ, କଲେଜ ଯାଇପାରୁ ନାହାନ୍ତି। ଏପରିକି କୁନି କୁନି ଅଙ୍ଗନବାଡି ପିଲାଙ୍କୁ ସେମାନଙ୍କ ଅଭିଭାବକମାନେ ଟେକି ଟେକି ନେବା ଆଣିବା କରୁଛନ୍ତି। ରାସ୍ତାର ବୁଡ଼ାପାଣି ସକାଶେ ପିଲାମାନେ ଟ୍ୟୁସନ ମଧ ଯାଇପାରୁ ନାହାନ୍ତି। ଏନେଇ ଅନେକ ଛୋଟ ପିଲାଙ୍କ ସହ ବୃଦ୍ଧବୃଦ୍ଧା ଏବଂ ବଡ଼ ଲୋକଙ୍କୁ ମଧ ଅଣ୍ଡାକାଶ ଲାଗି ରହୁଛି। ଗାଁଠାରୁ ଶହେ ମିଟର ଦୂରତାରେ ମେଡିକାଲ ଥିଲେ ସୁଦ୍ଧା ପାଣିରେ ପଶି ମେଡିକାଲ ଆସିବା କଷ୍ଟସାଧ ହୋଇପଡୁଛି। ବର୍ଷାଜଳରେ ଭାସି ଆସୁଥିବା ସରୀସୃପ ମାନଙ୍କ ଆଘାତରେ ଗ୍ରାମବାସୀ ଶିକାର ହେଉଥିବା ନେଇ ଗ୍ରାମର କିଛି ମହିଳା ଅଭିଯୋଗ ଆଣିଛନ୍ତି। ସନ୍ଧ୍ୟା ମାତ୍ରକେ ଜଳପୂର୍ଣ୍ଣ ରାସ୍ତାଘାଟରେ ଯା'ଆସି କରିବାରେ ବିପଦ ବୃଦ୍ଧି ପାଉଛି। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଏଭଳି ଦୟନୀୟ ପରିସ୍ଥିତି ଉପୁଜିଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ମନୋରମା ନାୟକ, ଗୀତା ଦାସ, ମନୋଜ ପାତ୍ର, ଗୋପାଳ ନାୟକ, ପଙ୍କଜ ଜେନା, ସନ୍ତୋଷ ନାୟକ, ସଦାଶିବ ଚକ୍ର, ଚିତ୍ତରଞ୍ଜନ ମଲ୍ଲିକ, ଦିଲ୍ଲୀପ ମଲ୍ଲିକ, କାହ୍ନୁ ମୁଖି, ଶିବଚରଣ ଦାସ, କହ୍ନେଇ ଚରଣ ଓଝା, ଭଗବାନ ନାୟକ, ଦୟାନିଧି ନାୟକ, ଦେବେନ୍ଦ୍ର ପହି, ସନାତନ ଜେନା, ବଳରାମ ଦାସ, ପ୍ରଫୁଲ୍ଲ ଚକ୍ର, ସଞ୍ଜୟ ସେଠୀ, ବିଶ୍ୱଜିତ ନାୟକ ଗତିକୃଷ୍ଣ ପହି, ସତୀଶ ଯାଦବ, ବାଇଧର ରାଉତ, ଲକ୍ଷ୍ମୀଧର ସେଠୀ, ଯଶୋବନ୍ତ ମଲ୍ଲିକ ପ୍ରମୁଖ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ନଦେବାରୁ ଆଜି ପୂର୍ବାହ୍ନରେ ଗାଁର ମହିଳାମାନେ ଏକଜୁଟ ହୋଇ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ନନ୍ଦିପଦା ପୁଲିସ ଏବଂ ହାଟଡ଼ିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଗାଁ ଲୋକଙ୍କୁ ବୁଝାସୁଝା କରିବା ସହ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ କରିବାରୁ ରାସ୍ତା ଅବରୋଧ ହଟିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଯାନବାହନ ଚଳାଚଳରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ପାଣି ନିଷ୍କାସନ ନହେବାରୁ ରାଜରାସ୍ତା ଅବରୋଧ କଲେ ଗାଁ ମହିଳା

## ପାଣି ଘେରରେ ଗାଁ, ଭାଙ୍ଗିଲା କଚ୍ଚାଘର





ଆନନ୍ଦପୁର, ୨।୯ (ସମିସ): ପାଣିଘେରରେ ରହିଛି ଆନନ୍ଦପୁର ପୌରପାଳିକା ଫକିରପୁର ଗାଁର ୨ଟି ୱାର୍ଡ। ଗତକାଲି ରାତିରେ ବାଦଲ ଫଟା ବର୍ଷା ଯୋଗୁଁ ୮ନଂ ଓ ୯ ନଂ ୱାର୍ଡର ଅନେକ ଘର ଜଳବନ୍ଦୀ ଅବସ୍ଥାରେ ରହିଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୫ଟି କଚ୍ଚା ଘର ବର୍ଷା ପାଣିରେ ଭାଙ୍ଗି ଯାଇଛି। ସୂଚନା ଅନୁସାରେ, ସାନମଲିକ ସାହି, ନାଥସାହି, ମୁସଲମାନ ବସ୍ତି ଏବଂ ବୋଡ଼୍ବିଲ ପ୍ରାଥମିକ ସ୍କୁଲ ଏବେ ବି ପାଣି ଘେରରେ ରହିଛି। ମଙ୍ଗଳବାର ସକାଳୁ ଖବରପାଇ ଉଭୟ ୱାର୍ଡର କାଉନସିଲର ସନତ କୁମାର କର ଏବଂ ସୁରେନ୍ଦ୍ର କୁମାର ଦାଶଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗର ସହାୟତାରେ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ ହୋଇଛି। ୱାର୍ଡ ନଂ ୯ରେ ଅଗ୍ନିଶମ ବିଭାଗର ଦୁଇଟି ମଟର ପମ୍ପ ଓ ୮ରେ ଗୋଟିଏ ମଟର ପମ୍ପ ମାଧ୍ୟମରେ ଜଳ ନିଷ୍କାସନ କାର୍ଯ୍ୟ ଚାଲିଛି। ଘର ଭାଙ୍ଗିଯାଇ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ନିକଟସ୍ଥ ସ୍କୁଲକୁ ସ୍ଥାନାନ୍ତର କରାଯିବାକୁ ସ୍ଥିର କରାଯାଇଛି। ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ ଜଳ ନିଷ୍କାସନ ହୋଇଯିବ ବୋଲି ଆଶା ରହିଛି। ଅନ୍ୟପଟେ, ପାଣିପାଗ ବିଭାଗ ପୂର୍ବାନୁମାନ ଅନୁସାରେ ଆହୁରି ୪ଦିନ ବର୍ଷା ଲାଗିରହିବ। ଯାହାକି ଏବେ ଲୋକଙ୍କ ଚିନ୍ତା ବଢାଇବା ସହ ଆଗାମୀ ଦିନରେ ଜଳବନ୍ଦୀ ରହିବାର ଆଶଙ୍କା ମଧ ବୃଦ୍ଧି ପାଇଛି।

## ଦୁଇ ମାସ ହେଲା ଭତ୍ତା ଟଙ୍କା ମିଳୁନି

### ଔଷଧ ଖର୍ଚ୍ଚ ଭରଣା ହେବ କେମିତି ?



ରାମଚନ୍ଦ୍ରପୁର, ୨।୯ (ସମିସ): ଦୀର୍ଘ ଦୁଇ ମାସ ହେଲା ଭତ୍ତା ଟଙ୍କା ପାଇଁ ପଞ୍ଚାୟତରୁ ବ୍ୟାଙ୍କ ଡେି ଦୌଡ଼ି ନୟାନ୍ତ ହେଲେଣି ଅନେକ ବୃଦ୍ଧବୃଦ୍ଧା, ହେଲେ କେଉଁଠି ବି ଭତ୍ତା ଟଙ୍କା ମିଳୁନି। ଏପରିସ୍ଥଳେ ବାର୍ଦ୍ଧକ୍ୟଜନିତ ପୀଡ଼ା ଉପଶମ ପାଇଁ ଔଷଧ ଖାଇବା ଚିନ୍ତା ଘାରିଛି ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଜନାର୍ଦ୍ଦନପୁରପାଟଣାର କେଶବ ବେହେରା (୭୫) ଏବଂ ଅଳତିର ଶାନ୍ତିଲତା ସାହୁ(୭୦)ଙ୍କ କ୍ଷେତ୍ରରେ। ଦୁଇ ମାସ ହେଲା ଭତ୍ତାକାର୍ଡ ସହ ଆଧାର ଏବଂ ବ୍ୟାଙ୍କ ଆକାଉଣ୍ଟର କପି ନେଇ ବ୍ୟାଙ୍କ ଦ୍ୱାରସ୍ଥ ହୋଇ ନୟାନ୍ତ ହୋଇପଡ଼ିଲେଣି, ହେଲେ ନା ହାତକୁ ନା ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ମିଳିଛି। ମାସକୁ ମିଳୁଥିବା ଏକ ହଜାର ଭତ୍ତା ଟଙ୍କାରେ ବାର୍ଦ୍ଧକ୍ୟଜନିତ ରୋଗବୈରାଗ ପାଇଁ ଔଷଧ କିଣା ଖର୍ଚ୍ଚ ମେଣ୍ଟୁଥିଲା, ହେଲେ ଏବେ ଭତ୍ତା ଟଙ୍କା ହୋଇଗଲା ଉଭାନ। ଘଟଣା ସମ୍ପର୍କରେ ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଶୁଭକାନ୍ତ ଜେନାଙ୍କ କହିବା କଥା, ଡିବିଟି ମାଧ୍ୟମରେ ଭତ୍ତା ହାତାଧିକାରୀ ବ୍ୟାଙ୍କ ଏକାଉଣ୍ଟକୁ ଯିବ ଭତ୍ତା ଟଙ୍କା। ଏକା ସଙ୍ଗେ ବକେୟା ଥିବା ମାସର ଭତ୍ତା ମଧ ମିଳିବ। ଏଠି କଥା ଉଠୁଛି, ମାସିକ ଭତ୍ତାକୁ ଆୟୁଧ କରି ଜୀବନ ଜୀଉଥିବା ବୃଦ୍ଧବୃଦ୍ଧା କେମିତି ଚଳିବେ ସ୍ଥାନୀୟ ବୁଦ୍ଧିଜୀବୀ ସରକାରଙ୍କ ଏଭଳି ଅଜବ ନିୟମକୁ ନେଇ ପ୍ରଶ୍ନ କରିଛନ୍ତି। ଘଷିପୁରା ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଅସହାୟ ହିତାଧିକାରୀଙ୍କ ସମସ୍ୟା ପ୍ରତି ଯତ୍ନବାନ ହୋଇ ତୁରନ୍ତ ତ୍ରୁଟି ସୁଧାରି ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି।

## ଭଣ୍ଡାରିଡିହା ଓ ଶାମୁକାନେଣ୍ଡିରେ ମିଳୁନି ସାର; ଚାଷୀ ହନ୍ତସନ୍ତ



ଆନନ୍ଦପୁର/ବେଲବାହାଲି, ୨।୯ (ସମିସ): ରୁଆପୋତା କାମ ସରିଲାଣି, ଧାନଗଛ ବଢିବା ପାଇଁ ସାର ଆବଶ୍ୟକ ପଡୁଥିଲେ ମଧ ସାର ମିଳୁନାହିଁ। ସମବାୟ ସମିତିକୁ ଏଯାଏ ପହଞ୍ଚି ପାରିନି ସାର। ବାରମ୍ବାର ଚାଷୀମାନେ ସାର ପାଇଁ ସମବାୟ ସମିତିର ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କେବେ ସାର ପହଞ୍ଚିବ ତାର ସଠିକ୍ ଉତ୍ତର କେହି ଦେଉନାହାନ୍ତି। ଏଭଳି ଏକ ଅଚଳାବସ୍ଥା ଦେଖାଦେଇଛି ଘଷିପୁରା ବ୍ଲକ୍ ଭଣ୍ଡିରିଡିହା ସମବାୟ ସମିତିରେ। ଭଣ୍ଡାରିଡିହା ଓ ସାମୁକାନାଣ୍ଡି ଭଳି ଦୁଇଟି ବଡ ପଞ୍ଚାୟତକୁ ନେଇ ୨ ବର୍ଷ ପୂର୍ବରୁ ଭଣ୍ଡାରିଡିହା ସମବାୟ ସମିତି ଗଠିତ ହୋଇଥିଲା। ଉଭୟ ପଞ୍ଚାୟତକୁ ମିଶାଇଲେ ପାଖାପାଖି ୧୫୦୦ ଚାଷୀ ଧାନଚାଷ ଉପରେ ନିର୍ଭର କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ୭୦୪ ଜଣ ଚାଷୀ ଧାନବିକ୍ରି ପାଇଁ ପଞ୍ଜୀକରଣ କରିସାରିଥିଲେ ମଧ ଉଚିତ୍ ସମୟରେ ସାର ନମିଳିବାରୁ ଏବର୍ଷର ଧାନଚାଷ କିପରି ହେବ ଚିନ୍ତାରେ ଚାଷୀକୁଳ। କେହି କେହି ବାଧ ହୋଇ ବଜାରରୁ ଚଢାଦରରେ ସାର କିଣି ଧାନବିଲରେ ପକାଉଛନ୍ତି। ହେଲେ ଚାଷୀ ସରକାରୀ ଦରରେ ସାର କିଣିବାକୁ ଏବେ ମଧ ଚାହିଁବସିଛନ୍ତି। ଏବାବଦରେ ସମବୟ ସମିତିର ସମ୍ପାଦକଙ୍କୁ ପଚାରିବାରୁ ସେ ଆଶ୍ଚର୍ଯ୍ୟଜନକ ତଥ୍ୟ ରଖିଛନ୍ତି। ସମବାୟ ସମିତିର ନିଜସ୍ୱ ଜମି ନଥିବାରୁ ସାର ଓ ବିହନ ପାଇଁ ଲାଇସେନସ ହୋଇପାରି ନାହିଁ। ଉପରିସ୍ଥ ଅଧିକାରୀ ଚାହିଁଲେ ସାର ଚାଷୀ ପାଇପାରିବେ; ନହେଲେ ସାର ମିଳିବାର କୌଣସି ସମ୍ଭାବନା ନାହିଁ। ଚାଷୀଙ୍କ ହିତଦୃଷ୍ଟିକୁ ଆଖିଆଗରେ ରଖି ଘଟଣାକୁ ଗୁରୁତ୍ୱର ସହ ନେଇ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ସାର ଯୋଗାଇବାର ଆବଶ୍ୟକତା ରହିଛି। ଯଥାଶୀଘ୍ର ସାର ଯୋଗେଇବା ପାଇଁ ଚାଷୀ ପ୍ରସନ୍ନ ପୁହାଣ, ସବ୍ୟସାଚୀ ନାୟକ, ଅକ୍ଷୟ ରଣା ଦାବି କରିଛନ୍ତି।

## ଯୁବସମାଜସେବୀ ପାଇଲେ ବ୍ରାଣ୍ଡ ଆମ୍ବାସାଡର ପୁରସ୍କାର



ଆନନ୍ଦପୁର, ୨।୯ (ସମିସ): ଯୁବ ସମାଜସେବୀ ତ୍ରିଲୋଚନ ସାହୁଙ୍କୁ ବ୍ରାଣ୍ଡ ଆମ୍ବାସାଡର୍ ସମ୍ମାନ ପ୍ରଦାନ କରାଯାଇଛି। ଆନନ୍ଦପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ସଂଯୋଜନାରେ ଅଧକ୍ଷା ରଜନୀରାଣୀ ଖଟୁଆ ଓ ସମସ୍ତ କାଉନସିଲର ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ସାହୁ ବିଗତ ଦିନରେ ଆନନ୍ଦପୁର ପୌରପାଳିକାକୁ ସବୁଜ ସୁନ୍ଦର କରିବାପାଇଁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିଆସିଛନ୍ତି। ନେକ୍ସଟ୍ ଇଣ୍ଡିଆ ତରଫରୁ ଫକୀରପୁରସ୍ଥିତ ଜୟଦୁର୍ଗା ପ୍ରାଥମିକ ବିଦ୍ୟାଳୟ ନିକଟ କ୍ଷୁଦ୍ର ଜଙ୍ଗଲରେ ବିଶ୍ୱ ବନ୍ୟପ୍ରାଣୀ ଦିବସରେ ସ୍ଥାନୀୟ ଯୁବ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କରିଥିଲେ। ସେହିପରି ପକ୍ଷୀମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳ ଠେକି ବ୍ୟବସ୍ଥା କରି ପ୍ରକୃତିବନ୍ଧୁ ସମ୍ମାନ ପାଇବାର ଗୌରବ ଅର୍ଜନ କରିଥିଲେ। ଗ୍ରୀଷ୍ମ ଋତୁରେ ରୌଦ୍ରତାପ ବଢୁଥିବା ଅବସ୍ଥାରେ ବିଭିନ୍ନ ସମୟରେ ବନ୍ୟପ୍ରାଣୀ ଏବଂ ପକ୍ଷୀମାନଙ୍କ ପାଇଁ ପାଣି ଅଭାବରୁ ସମସ୍ୟାକୁ ସମାଧାନ କରିବାକୁ ଯାଇ ସମାଜସେବୀ ଶ୍ରୀ ସାହୁ ଆନନ୍ଦପୁର ପୌରାଞ୍ଚଳର ଶାଳବଣି ଛକ, ମୋଚିନ୍ଦା ଛକ-ଫକୀରପୁର ରାସ୍ତା, ଘଷିପୁରା, ଫକୀରପୁର, ଇରିଆ, ଜଅଁରା, ଝଡେଶ୍ୱର ନଦୀ ଘାଟ ଓ ବ୍ରିଜ୍ ଛକ ଆଦି ବିଭିନ୍ନ ସ୍ଥାନରେ ପକ୍ଷୀଙ୍କ ଉଦ୍ଦେଶ୍ୟରେ ଜଳ ଭର୍ତ୍ତି ଠେକି ବାନ୍ଧିଥିଲେ। ପ୍ରତ୍ୟେକ ସପ୍ତାହରେ ପାଣି ଦେବା, ପକ୍ଷୀଙ୍କ ସୁରକ୍ଷା ଏବଂ କାଉ ବଂଶ ବୃଦ୍ଧି ପାଇଁ ବିଭିନ୍ନ ଅଭିନବ ପନ୍ଥା ଅବଲମ୍ବନ କରି ସୁରକ୍ଷା କରିବା ସହ ମୋଚିନ୍ଦା ଛକ-ଫକୀରପୁର ରାସ୍ତାରେ ସକାଳ ଓଳି କେତେକ କାଉ ମାନଙ୍କର ସୁରକ୍ଷା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାଯାଇଛି।

## ବିଜୟାନନ୍ଦ ପଟ୍ଟନାୟକ ଆଇକେୟାର ସେଣ୍ଟରରେ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ସୁବିଧା ଶୁଭାରମ୍ଭ

କେନ୍ଦୁଝର, ୨।୯ (ସମିସ)



ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ (ଟିସିଆଇଟି) ଓ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ୍) ପକ୍ଷରୁ ଏଲ୍ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ (ଏଲଭିପିଇଆଇ) ସହ ସହଭାଗିତାରେ କେନ୍ଦୁଝର ସହରର ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଣ୍ଟର (ବିଏନପିଇସି) ଠାରେ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାର ଶୁଭାରମ୍ଭ ମଙ୍ଗଳବାର କରାଯାଇଛି। ସମାରୋହରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (କେନ୍ଦୁଝର) ପ୍ରଦୀପ କୁମାର ମିଶ୍ର, ଟାଟା ସନ୍ସ ଅଧୀନସ୍ଥ ଟାଟା ସଷ୍ଟେନେବିଲିଟି ଗ୍ରୁପ୍‌ର ସୋସିଆଲ ସର୍ଭିସେସ୍ କ୍ଲଷ୍ଟର ମୁଖ୍ୟ ଶ୍ରୀରଙ୍ଗ ଧବାଲେ, ଟାଟା ଷ୍ଟିଲ ଯୋଡା ଚିଫ ରାଜେଶ କୁମାର, ଟିସିଏସ୍ ଡେଲିଭେରି ସେଣ୍ଟର ହେଡ୍ ବିଭୁ ପଣ୍ଡା, ଟାଟା ଷ୍ଟିଲ୍ ଫାଉଣ୍ଡେସନର ଯୋଡା କ୍ଲଷ୍ଟର ମୁଖ୍ୟ ରବିନ୍ଦ୍ର କୁମାର, ଏଲଭିପିଇଆଇର ପବ୍ଲିକ୍ ହେଲ୍ଥ ନେଟ୍‌ୱର୍କ ଡାଇରେକ୍ଟର ଡ. ରୋହିତ ଖାନ୍ନା, ଚିଫ ହ୍ୟୁମାନ୍ ରିସୋର୍ସ (ଟିଏସ୍ଏଫ୍) ସୁଧୀର ସିଂଙ୍କ ସହ ଟାଟା ଷ୍ଟିଲ ଏବଂ ଟିଏସ୍ଏଫ୍‌ର ବହୁ ଅଧିକାରୀ ଓ ଏଲ୍ଭି ପ୍ରସାଦ ଚିକିତ୍ସାଳୟର ବହୁ କର୍ମଚାରୀ ଉପସ୍ଥିତ ଥିଲେ। କେନ୍ଦୁଝର ଓ ଆଖପାଖ ଜିଲ୍ଲାର ଲୋକମାନଙ୍କୁ ସେବା ପ୍ରଦାନ କରୁଥିବା ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଣ୍ଟରକୁ ୧୩ଟି ଅତ୍ୟାଧୁନିକ ଅସ୍ତ୍ରୋପଚାର ଓ ନିଦାନ ଉପକରଣ ପ୍ରଦାନ କରାଯାଇଛି। ଏଥିରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ସେଟ୍, ଗୋଟିଏ ଭିଜନ ମନିଟର ସହ ଅନ୍ୟାନ୍ୟ ଆଧୁନିକ ଜରୁରିକାଳୀନ ଉପକରଣ ଅନ୍ତର୍ଭୁକ୍ତ ରହିଛି। ଟାଟା ଷ୍ଟିଲ ଫାଉଣ୍ଡେସନର କାର୍ଯ୍ୟକ୍ଷେତ୍ର କଳିଙ୍ଗନଗର, ବ୍ରାହ୍ମଣୀପାଳ, ସୁକିନ୍ଦା ଓ ଯୋଡା ପର୍ଯ୍ୟନ୍ତ ଏହା ସମ୍ପ୍ରସାରିତ। ଆସନ୍ତା ତିନି ବର୍ଷରେ ୧୦ ହଜାରରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ସହ ପ୍ରାୟ ୨,୨୫୦ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିବାକୁ ଲକ୍ଷ୍ୟ ରଖାଯାଇଛି।

## ପ୍ରିନ୍ସ କ୍ଲବ୍‌ର ଶ୍ରୀଗଣେଶ ସମାରୋହ ଉଦ୍‌ଯାପିତ



ଆନନ୍ଦପୁର, ୨।୯ (ସମିସ): ଶାଳପଡା ପ୍ରିନ୍ସ କ୍ଲବର ଶ୍ରୀଗଣେଶ ପୂଜାର ଉଦଯାପନୀ ସମାରୋହ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। କ୍ଲବର ସଦସ୍ୟ ସ୍ୱର୍ଗତ ଶୁଭମ ଦାଶଙ୍କ ସ୍ମୃତିରେ ଡିଜେ, ରଙ୍ଗିଲା ମେଲୋଡିକୁ ବାଦ୍‌ଦେଇ ପାଞ୍ଚ ହଜାର ନାରାୟଣଙ୍କ ପାଇଁ ପ୍ରସାଦ ବିତରଣ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ସମୟରେ ଅତିଥି ରୂପେ ଇଂ ଅଶୋକ ଦାଶ, ସୁଧାକର ଓଝା, ପୁରନ୍ଦର ମିଶ୍ର, ପ୍ରଫୁଲ୍ଲ ପତି, ଜଗବନ୍ଧୁ ପତି, ହେମନ୍ତ ପତି, ଅମର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାପତି ସନାତନ ପତି ପ୍ରଥମେ ମା'ଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ଶୁଭମଙ୍କ ପାଇଁ ସ୍ମୃତି ଚାରଣ ପାଠ କରାଯାଇଥିଲା। ପରେ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଉଦଘାଟନ କରିଥିଲେ। ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ବୀଣାପାଣି କଳା ନିକେତନ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ମାନସ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶନାରେ ସମ୍ପର୍କ ମ୍ୟୁଜିକର କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ନୃତ୍ୟ ଶିଳ୍ପୀ ଓ ଗୀତିକାରଙ୍କୁ ପ୍ରିନ୍ସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା।

ସକାଳ THE SAKALA



# ସୀମା ଟପିଲାଣି ଚାଷୀଙ୍କ ଦୁର୍ଦ୍ଦଶା

ବରଗଡ଼,୨।୯ (ସମିସ)




ନୂତନ ଧାନ ବିକ୍ରି ପଞ୍ଜୀକରଣରୁ ବାଦ ପଡିଥିବା ଜିଲ୍ଲାର ଚାଷୀ ଅସନ୍ତୋଷ ଦେଖାଦେଇଛି। ନିଜନିଜ ସୋସାଇଟି ମାନଙ୍କୁ ବନ୍ଦ କରି ଉପରୀସ୍ଥ ଅଧିକାରୀ ମାନଙ୍କୁ ବଞ୍ଚିତ ଥିବା ସମସ୍ତ ଚାଷୀ କିପରି ତୁରନ୍ତ ପଞ୍ଜୀକରଣ କରିପାରିବେ ସେଦିଗରେ ପଦକ୍ଷେପ ନେବା ପାଇଁ ଦାବି ଜଣାଇଛନ୍ତି। ମଙ୍ଗଳବାର ଆଗଲପୁର ଏବଂ ଜାମସେଟ ସୋସାଇଟିର ଧାନ କାର୍ଡ ତିଆରିରୁ ବଞ୍ଚିତ ହୋଇଥିବା ଶହଶହ ଚାଷୀ ଆଜି ଜିଲ୍ଲାପାଳଙ୍କୁ ଦାବିପତ୍ର ଜରିଆରେ ସମୟ ସୀମା ବୃଦ୍ଧି ଏବଂ ତୁରନ୍ତ ପଞ୍ଜୀକରଣ ପାଇଁ ଜିଲ୍ଲାପାଳ ଅଫିସକୁ ଆସିଥିଲେ। ହେଲେ ଗେଟ ସମ୍ମୁଖରେ ପୁଲିସ ଲଗାଇ ସେମାନଙ୍କୁ ଅଟକାଇ ଦିଆ ଯାଇଥିଲା। ପରେ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ତପନ ମିଶ୍ର, ଟେକରାଜ ପଧାନ, ସୁଦାମ ପାତ୍ର, ନିରଞ୍ଜନ ପଧାନ, ସୁରେଶ ନିକେଣ୍ଟି, ରବିଶଙ୍କର ପଧାନ, ବାବୁ ସାହୁ ଆସି ଜୋରଜବଦସ୍ତ ଭିତରକୁ ପଶିଥିଲେ। ହେଲେ ପୁଣି କାର୍ଯ୍ୟାଳୟ ପାଖରେ ଥିବା ଦ୍ୱିତୀୟ ଗେଟକୁ ପୁଲିସ ସମ୍ପୂର୍ଣ୍ଣ ବନ୍ଦ କରିଥିଲା। ସଂଗଠନ ସହ ଆଲୋଚନା ନ କରି ପୁଲିସର ମାତ୍ରାଧିକ ପ୍ରୟୋଗକୁ ନିନ୍ଦା କରି ସମସ୍ତେ ଧାରଣାରେ ବସିଥିଲେ। ଚାଷୀଙ୍କ ପଞ୍ଜୀକରଣ ଏବଂ ସାରର ଉତ୍କଟ ଅଭାବ ଶୀଘ୍ର ସମାଧାନ କରିବା ପାଇଁ ଧାରଣା କରାଯାଇଥିଲା। ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ନୀତି ଏବଂ ସମ୍ବେଦନହୀନ ସ୍ୱାର୍ଥପର ଅଧିକାରୀଙ୍କ ପାଇଁ ଏତେ ପରିମାଣର ଚାଷୀ ପଞ୍ଜୀକରଣରୁ ବାଦ ପଡିଥିବା ସଂଗଠନ ଅଭିଯୋଗ କରିଛି।

ସୋସାଇଟି କର୍ମଚାରୀ ଯୋଗ୍ୟ ଚାଷୀ କାଗଜପତ୍ର ଦେଲାବେଳେ ଅନଲାଇନ ନ କରି ରଖି ଦେବାପାଇଁ କହୁଥିଲେ; ମାତ୍ର ଦଲାଲ ବା ମଧ୍ୟସ୍ଥି ମାନଙ୍କର ରେଜିଷ୍ଟ୍ରେସନ ତୁରନ୍ତ କରୁଥିଲେ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ସେଥିପାଇଁ ଆଗଲପୁର ସୋସାଇଟିରେ ୪୦୯ ଜଣ ଏବଂ ଜାମସେଟ ସୋସାଇଟିରେ ୩୦୦ ଜଣ ପ୍ରକୃତ ଚାଷୀ ବଞ୍ଚିତ ହୋଇଛନ୍ତି। ଏହାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି। ବଞ୍ଚିତ ସମସ୍ତ ଚାଷୀ ତୁରନ୍ତ ଧାନ ବିକ୍ରି କାର୍ଡ କରିପାରିବେ ଏବଂ ଆବଶ୍ୟକ ରାସାୟନିକ ସାର ସୁଲଭ ମୂଲ୍ୟରେ ଯୋଗାଇ ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦୀର୍ଘ ୪ ଘଣ୍ଟା ଧରି ଧାରଣାରେ ବସିବା ପରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଜିଲ୍ଲା ଉପ ନିବନ୍ଧକ ଯୁଗଳ ଦାସ ଆସି ସମସ୍ୟା ପ୍ରସଙ୍ଗରେ ବୁଝିଥିଲେ। ଅଗଷ୍ଟ ୨୫ ତାରିଖ ସୁଦ୍ଧା ଯେଉଁ ଚାଷୀ ସୋସାଇଟିରେ କାଗଜପତ୍ର ଦେଇଛନ୍ତି, ସେହି ସମସ୍ତ ଚାଷୀ ପଞ୍ଜୀକରଣର ସୁଯୋଗ ପାଇବେ ଏବଂ ଦୁଇ ତିନି ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ଧାରଣାରୁ ଉଠିଥିଲେ। ଆଗଲପୁର ସୋସାଇଟି ଅଧୀନସ୍ଥ ଆଗଲପୁର, ତିଳେଇମୋଲ, ତିନକାନୀ, ତେଜଙ୍ଗ ପଞ୍ଚାୟତର ବିଶ୍ୱନାଥ ନାୟକ, ସୁଶୀଲ ମହଲା, ବଲିଷ୍ଠ ସା, ପଦ୍ମଚରଣ ବଡ୍ରେଇ, ସୁଦାମ ଦୀପ ଏବଂ ମାଣ୍ଡୋସିଲ ଅଞ୍ଚଳରୁ ଗିରିଶ ଡନସେନା, ଦଶରଥ ବିନଷ୍ଟ, ରସୁଲ ରଙ୍ଗରାଜ, ଟୁକୁ ମହାନ୍ତି, ଟିକେଶ ବିଶ୍ୱାଳ ତଥା ଶହଶହ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

- **ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର**
- **ଦଲାଲଙ୍କ ପାଇଁ କାମ କରୁଛନ୍ତି ସୋସାଇଟି କର୍ମଚାରୀ**

● ଜିଲ୍ଲାପାଳ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା

## ପଞ୍ଜୀକରଣ ସମସ୍ୟାରୁ ଆତ୍ମାହୁତି ଚେତାବନୀ



ପାଇକମାଲ,୨।୯ (ସମିସ): ପାଇକମାଲ ବ୍ଲକ୍ ଜାମସେଠ ସମବାୟ ସମିତି ଲିଃ ଅଧୀନରେ ଥିବା ଶତାଧିକ ଚାଷୀ ଧାନ କାର୍ଡ ତିଆରିରୁ ବଞ୍ଚିତ ହୋଇଛନ୍ତି। ଏନେଇ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଓ ସମୟ ସୀମା ବୃଦ୍ଧି କରିବାକୁ ଦାବିପତ୍ର ଦେବାକୁ ଯାଇଥିଲେ। ଯଦି ବଞ୍ଚିତ ଚାଷୀଙ୍କ ପଞ୍ଜୀକରଣ ନହୁଏ ତେବେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ ହେବେ ବୋଲି କହିଥିଲେ। ଏଥିରେ କୃଷିମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ଗିରୀଶ ଡନସେନା, ଦଶରଥ ବିନାଟ, ଗୁଲାମ ରସୁଲ ରଙ୍ଗରେଜ, ମନ୍ମଥ ମହାନ୍ତି, ଟିକେଶ ବିଶ୍ୱାଳ, ସୁରଥ ରଣା, ନିରଞ୍ଜନ ଡନସେନା, ନିରବାସ ସିଦାର ସମେତ ଶତାଧିକ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ।

## ମନରେଗା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ବ୍ଲକ୍‌ସ୍ତରୀୟ ଜନଶୁଣାଣି

ଝାରବନ୍ଧ,୨।୯ (ସମିସ): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ର ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଝାରବନ୍ଧ ବ୍ଲକ୍ କାର୍ଯ୍ୟାଳୟ ସ୍ଥିତ ସଭା ଗୃହରେ ଅନୁଷ୍ଠିତ ହୋଇଛି। ଶିବିରରେ ୧ ଅକ୍ଟୋବର ୨୦୨୪ରୁ ୩୧ ମାର୍ଚ୍ଚ ୨୦୨୫ ଆର୍ଥିକ ବର୍ଷ ୨୦୨୫/୨୬ (ପ୍ରଥମ ଚକ୍ର) ସାମାଜିକ ସମୀକ୍ଷା ହୋଇଥିଲା। ଶିବିରରେ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଳା, ଜିଲ୍ଲା ସାମାଜିକ ସମୀକ୍ଷକ ଆନନ୍ଦ ପ୍ରଧାନ ଯୋଗ ଦେଇ ସମସ୍ତ ପଞ୍ଚାୟତରେ ହୋଇଥିବା ମନରେଗା କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲାପରିଷଦ ସନ୍ତୋଷ ବେହେରା, ସୁଶୀଲ ମରେଇ, ବରିଷ୍ଠ କିରାଣୀ ଲୁକେଶ୍ୱର ସାହୁ, ଏଇଇ ବେଣୁଧର ଗରଡିଆ, ଏପିଇଓ ବେଲାଲ ସେନ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ୧୪ଟି ପଞ୍ଚାୟତର ନୂତନ ଜବ କାର୍ଡଧାରୀଙ୍କ ଆଧାର, ଆକାଉଣ୍ଟ ସଂଯୋଗ ପାଇଁ ଆବେଦନ ପ୍ରକ୍ରିୟା ପଡି ରହିଥିବାରୁ ମାଟି କାମ କରିବାରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଥିଲା। ୧୦୦ ଦିନ କାମ ପାଇ ଭର୍ତ୍ତି ଶେଷ ହୋଇ ଥିବାରୁ ଲୋକେ ମାଟି କାମ କରିପାରୁ ନାହାନ୍ତି। ତେଣୁ ୩୦୦ ଦିନର ମାଟି କାମ ଯୋଗାଇ ଦେବା ପାଇଁ ଶ୍ରମିକ ମାନେ ଅଭିଯୋଗ କରିଥିଲେ। କେତକ ଶ୍ରମିକ ମାନେ ମାଟି କାମ କରିଥିବା ସତ୍ତ୍ୱେ ଟଙ୍କା ମିଳୁନ ଥିବା ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ। କିଛି ପଞ୍ଚାୟତ ରୋଜଗାର ଦିବସ ପାଳନ ନ କରିବା, ସୂଚନା ଫଳକ ନ ଦେବା, ମେଟ ପେମେଣ୍ଟରେ କିଛି ଅନିୟମିତତା, ସଠିକ କାଗଜ ପତ୍ର ନଥି ନ କରିଥିବାରୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ ପୂର୍ବକ ସାତ ଦିନ ମଧ୍ୟରେ ଠିକ କରି ଲିଖିତ ଭାବେ ଜଣାଇବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଠିକ ଭାବେ ପ୍ରଚାର ପ୍ରସାର ହୋଇ ନ ଥିବାରୁ ଲୋକେ ଯୋଗଦେଇ ନାହାନ୍ତି ୧୪ଟି ପଞ୍ଚାୟତରୁ ଯେଉଁଭଳି ଲୋକେ ସାମିଲ ହେବା କଥା ହୋଇ ପାରିନାହାନ୍ତି ବୋଲି ସ୍ୱେଚ୍ଛାସେବୀମାନେ ଅଭିଯୋଗ କରିଥିଲେ। ବ୍ଲକ୍ ସାମାଜିକ ସମୀକ୍ଷକ ଟଙ୍କଧର ସାହୁ, ମନରେଗା ସହାୟକ ରମାକାନ୍ତ ବହିଦାର, ଏସିପି ଉମେଶ ଲୁହାର, ପ୍ରମୋଦ ମିର୍ଦ୍ଧା, କନ୍ଦାଡଙ୍ଗର ସରପଞ୍ଚ ସୁନୀଲରାୟ, ଅମଠି ସରପଞ୍ଚ ଶାନ୍ତି ଥପା ପ୍ରମୁଖ ସାମିଲ ଥିବା ବେଳେ ପିଇଓ, ଜିଆରଏସ, ଭିଆରପି, ମେଟ ମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର; ପରିବାର ଆଣିଲା ହତ୍ୟା ଅଭିଯୋଗ



ଭେଡେନ,୨।୯ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍‌ର ପପଙ୍ଗା ପାହାଡ ଜଙ୍ଗଲରେ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣଙ୍କ ହେଲେ କନ୍ଧମାଳ ଜିଲ୍ଲା, ତୁମୁଲିବନ୍ଧ ଥାନା ସିଲିକି ଗାଁର ମାଧବ ଦିଗାଲ (୨୨)। ପରିବାର ଲୋକଙ୍କ ସୂଚନା ଅନୁସାରେ ଭେଡେନ ଅଞ୍ଚଳର କିଛି ଯୁବକଙ୍କ ସହ ମାଧବ ବହୁ ବର୍ଷ ହେଲା କେରଳରେ ରହି କାମ କରୁଥିଲେ। ଗତ ୨୫ ତାରିଖରେ ନୂଆଁଖାଇ ପାଇଁ ଘରକୁ ଫେରୁଥିବା ପରିବାର ଲୋକଙ୍କୁ କହିଥିଲେ। ପରେ ପୁଣି ୨୬ ତାରିଖରେ ଭେଡେନ ବ୍ଲକ୍ କୁଦୋପାଲି ଗାଁରେ ଜଣେ ସାଙ୍ଗ ଘରକୁ ଯିବା କଥା ଫୋନରେ କହିଥିଲେ। ମାତ୍ର ସେ ନୂଆଁଖାଇ ଆଗରୁ ଘରେ ନ ପହଞ୍ଚିବାରୁ ଏବଂ ଫୋନ ନ ଉଠାଇବାରୁ ପରିବାର ଲୋକେ ପ୍ରଥମେ ନିକଟସ୍ଥ ଥାନାରେ ନିଖୋଜ ମାମଲା ଦେଇଥିଲେ। ଭେଡେନ ଥାନା ଅଧିକାରୀ ସୁଶାନ୍ତ ଦାଶ ଓ ପୁଲିସ ଟିମ ଖୋଜା ଖୋଜି କରିବା ସହ ମୃତଙ୍କ ମୋବାଇଲ ଟ୍ରାକିଂ କଲାପରେ ତାହା ପପଙ୍ଗା ପାହାଡର ଲୋକେସନ ଦେଖାଇଥିଲା। ମଙ୍ଗଳବାର ସକାଳୁ ପପଙ୍ଗା ପାହାଡରେ ପୁଲିସ ଟିମ ଖୋଜା ଖୋଜି କରିଥିଲା। ଜଙ୍ଗଲ ଭିତରେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ମାଧବର ମୃତଦେହ ଦେଖିବାକୁ ମିଳିଥିଲା। ମୃତଦେହଟି ପଚି ସଢ଼ି ଯାଇଥିବାରୁ ପରିବାର ଲୋକଙ୍କ ଦ୍ୱାରା ଚିହ୍ନଟ କରାହୋଇଥିଲା। ସାଇଣ୍ଟିଫିକ ଟିମ ଆସି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଯାଇଛି। ଘଟଣା ସ୍ଥଳରୁ ମୋବାଇଲ, ଲୁଗାପଟା, କାଗଜପତ୍ର ଥିବା ଫାଇଲକୁ ପୁଲିସ ଜବତ କରିଛି। ଏନେଇ ପରିବାର ଲୋକେ ମାଧବକୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଭେଡେନ ଥାନା ଅଧିକାରୀ ସୁଶାନ୍ତ ଦାଶଙ୍କୁ ପଚରା ଯିବାରୁ ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା ପରି ଜଣାପଡୁ ଥିବା କହିଥିଲେ। ତେବେ ସେଥିପାଇ ଅପମୃତ୍ୟୁ ମାମଲା ସହ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ବି ତଦନ୍ତ ଚାଲୁଥିବା କହିଛନ୍ତି।

## ଘେଁସ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାବି




ମେଲଛାମୁଣ୍ଡା,୨।୯ (ସମିସ): ବରଗଡ଼ ଜିଲ୍ଲା ଘେଁସ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବାକୁ ଘେଁସ ଓ ଅଞ୍ଚଳବାସୀଙ୍କ ଦୀର୍ଘ ଦିନରୁ ଦାବି ହେଉଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନୀତକରଣ ପାଇଁ ଘେଁସ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ବହୁଦିନରୁ ଦାବି କରିଆସୁଛି। ବରଗଡ଼ ଜିଲ୍ଲା ଘେଁସ ସ୍ଥିତ ବହୁପୁରାତନ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେବାର ଦୀର୍ଘ ୭ ଦଶନ୍ଧି ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର କୌଣସି ପ୍ରକାର ଉନ୍ନତି ହୋଇ ପାରିନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଘେଁସ, କୁଚିପାଲି, ଶନିମାଲ, କଲଙ୍ଗାପାଲି, ବେହେରାପାଲି, ପେଟୁପାଲି, ଝେର, ବିର୍ଜାମ ଏବଂ ପଡୋଶୀ ବ୍ଲକ୍ ବିଜେପୁର ବ୍ଲକ୍‌ର ତାଲପଦର ଓ ସାନବାଉଁସେନ ପଞ୍ଚାୟତର ଶତାଧିକ ରୋଗୀ ଚିକିତ୍ସା ପାଇଁ ନିର୍ଭରଶୀଳ। କିନ୍ତୁ ଏଠାରେ ରୋଗ ନିରୂପଣ ପାଇଁ ପରୀକ୍ଷାଗାର ନଥିବା ବେଳେ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ପ୍ରାଥମିକ ଚିକିତ୍ସା ନିମନ୍ତେ ଡ୍ରେସର୍ ନାହାନ୍ତି, ପ୍ରସୂତି କକ୍ଷ ରହିଥିଲେ ବି କର୍ମଚାରୀ ଅଭାବରୁ ପ୍ରସୂତି ମାନଙ୍କୁ ବରଗଡ଼ କିମ୍ବା ବୁର୍ଲା ଡାକ୍ତରଖାନା ପଠାଯାଉଛି। ନାମକୁମାତ୍ର ଥିବା ସ୍ୱାସ୍ଥ୍ୟକେନ୍ଦ୍ରଟି କେବଳ ରେଫର୍ କେନ୍ଦ୍ର ଭଳି କାମ କରୁଛି। ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରତିଷ୍ଠା ହେବା ସମୟରେ ୬ଟି ଶଯ୍ୟା ବିଶିଷ୍ଟ ଅନ୍ତର୍ବିଭାଗ ଦୀର୍ଘ ୫୦ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥିଲା। ହେଲେ ଦୀର୍ଘବର୍ଷ ଠାରୁ ଏହା ବନ୍ଦ ହୋଇଯାଇଛି। ଏଣୁ ଡାକ୍ତରଖାନାଟିର ଉନ୍ନୀତକରଣ ହେଲେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରିବା ଆଶା ନେଇ ଅଞ୍ଚଳବାସୀ ବହୁବାର ସ୍ୱାସ୍ଥ୍ୟବିଭାଗକୁ ଦାବିପତ୍ର ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଘେଁସ ଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କୁ ଜଣାଇବା ପାଇଁ ଉଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଘେଁସ ଓ ଅଞ୍ଚଳବାସୀ ଦାବିପତ୍ର ଦେଇ ଜଣାଇଛନ୍ତି।

## ୪୧ ୟୁନିଟ୍ ରକ୍ତ ସଂଗ୍ରହ

ସୋହେଲା,୨।୯ (ସମିସ): ବରଗଡ଼ ଜିଲ୍ଲାସ୍ତରୀୟ ଡ୍ରାଇଭର ଦିବସ ମଙ୍ଗଳବାର ସୋହେଲାରେ ପାଳିତ ହୋଇଯାଇଛି। ଏହି ଅବସରରେ ଡ୍ରାଇଭର ମହାସଂଘ ଏବଂ ନିଷ୍ଠା ପରିବାର ମିଳିତ ଭାବେ ସାପ୍ତାହିକ ବଜାର ପ୍ରାଙ୍ଗଣରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଶିବିରରୁ ମୋଟ ୪୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଉଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡ୍ରାଇଭର ଦିବସ ଅବସରରେ ବରଗଡ଼ ଜିଲ୍ଲାର ସମସ୍ତ ୧୨ଟି ବ୍ଲକ୍‌ରୁ ଡ୍ରାଇଭର ମାନେ ଯୋଗ ଦେଇଥିଲେ। ସକାଳେ ମହାସଙ୍ଘର ସଦସ୍ୟ ମାନେ ମାଁ ଦୁର୍ଗାଙ୍କ ମନ୍ଦିର ପରିସରରେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣକୁ ଯାଇଥିଲେ। ଶୋଭାଯାତ୍ରାରେ ମହାସଂଘର ଜିଲ୍ଲା ସଭାପତି ନୀଳାମ୍ବର ସାହୁ, ଉପସଭାପତି ସୁରୁ ବାରିହା, ସମ୍ପାଦକ ସୁଦାମ ରଥ, ସହ ସମ୍ପାଦକ ବୁଲୁ ବର୍ଗତି, କୋଷାଧ୍ୟକ୍ଷ ସୁମନ୍ତ ମେଣ୍ଡୁଲି, ଉପଦେଷ୍ଟା ଆଶ୍ରମ ଖମାରୀ, ସୁଶାନ୍ତ ଦେବଗୁରୁ, ସୁମନ୍ତ ବାରିହା, ଦିଲ୍ଲୀପ ସାହୁ, ବାମଦେବ ନାୟକ, ଶିଶିର କଲେତ, କଳ୍ପବଟ ପାଢ଼ୀ, ଶେଷ ନାୟକ, ସୁଧାକର ପଧାନ, ନରେଶ କାଣ୍ଡ ପ୍ରମୁଖଙ୍କ ସମେତ ଶତାଧିକ ଡ୍ରାଇଭର ସାମିଲ ହୋଇଥିଲେ। ରକ୍ତଦାନ ଶିବିରକୁ ବୁର୍ଲା ରକ୍ତଭଣ୍ଡାରରୁ ଆସିଥିବା କର୍ମଚାରୀ ପରିଚାଳନା କରିଥିବା ବେଳେ ନିଷ୍ଠା ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଅଶ୍ୱିନୀ ତ୍ରିପାଠୀଙ୍କ ସହ ବହୁ ସ୍ୱେଚ୍ଛାସେବୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

● ବରଗଡ଼-ଭୁବନେଶ୍ୱର ସକାଳୁଆ ଟ୍ରେନ୍ କେବେ?

## ସାଂସଦଙ୍କ କଥାକୁ ରେଳ ମହାପ୍ରବନ୍ଧକଙ୍କ ବେଖାତିର

ବରଗଡ଼,୨।୯ (ସମିସ): ୧୯୬୩ରେ ଆରମ୍ଭ ହୋଇଥିବା ସମ୍ବଲପୁର-ଟିଟିଲାଗଡ ସେକ୍ସନରେ ବରଗଡ଼ ରୋଡ ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ। ରେଳବାଇ ଏହି ଷ୍ଟେସନରୁ ଯାତ୍ରୀଭଡା ବ୍ୟତୀତ ମାଲ ପରିବହନ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଆୟ କରିଥାଏ। କିନ୍ତୁ ତଦନୁଯାୟୀ ଷ୍ଟେସନର ବିକାଶ କିମ୍ବା ଯାତ୍ରୀସେବା ଯୋଗାଇ ଦିଆଯାଉନାହିଁ। ୬୦ ବର୍ଷରୁ ଅଧିକ ପୁରାତନ ଷ୍ଟେସନ ହେବା ସତ୍ତ୍ୱେ ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟିର ସୁବିଧା ଏଠାରେ ନାହିଁ। ଏହି ସେକ୍ସନ ଦେଇ ଦିଲ୍ଲୀ ପାଇଁ ମଧ୍ୟ କୌଣସି ଟ୍ରେନ ନାହିଁ। କିନ୍ତୁ ୧୯୯୯ରେ ଆରମ୍ଭ ହୋଇଥିବା ଅନୁଗୋଳ, ରେଢ଼ାଖୋଲ ଷ୍ଟେସନ ଦେଇ ୨ଟି ଇଣ୍ଟରସିଟି ଏବଂ ୩ଟି ଦିଲ୍ଲୀ ଟ୍ରେନ ଯାତାୟତ କରୁଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ବରଗଡ଼ ଇଣ୍ଟରସିଟି ପାଇଁ ସଂସଦରେ ପ୍ରଶ୍ନ ଉତ୍ଥାପନ କଲା ପରେ ଲୋକଙ୍କ ମନରେ ଆଶା ସଞ୍ଚରିତ ହେଲା। ପରେ ଜୁନ ୨୪ ତାରିଖରେ ସାଂସଦ ଭୁବନେଶ୍ୱରରେ ପୂର୍ବତଟ ରେଳବାଇ ମହାପ୍ରବନ୍ଧକଙ୍କୁ ଭେଟି ଅଞ୍ଚଳରେ ଟ୍ରେନର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ଶାସକ ଦଳର ଜଣେ ସାଂସଦଙ୍କ ଏଭଳି ପ୍ରଚେଷ୍ଟାକୁ ଦେଖି ବରଗଡ଼ ବାସୀ ଟ୍ରେନ ଖୁବ୍ ଶୀଘ୍ର ଚାଲିବ ବୋଲି ନିଶ୍ଚିତ ହୋଇଥିଲେ। କିନ୍ତୁ ଦୁଇମାସ ଅତିକ୍ରମ ହୋଇଥିଲେ ସୁଦ୍ଧା ଏହି ବିଷୟରେ କୌଣସି ସୂଚନା ଆସି ନାହିଁ। ଏସବୁକୁ ନେଇ ଲୋକଙ୍କ ମନରେ ଏବେ ଆଶଙ୍କା ଉଠିଛି। ସାଂସଦଙ୍କ ପକ୍ଷରୁ ଯୋଗାଯୋଗର ଅଭାବ ନା ସାଂସଦଙ୍କ ପ୍ରତି ମହାପ୍ରବନ୍ଧକଙ୍କ ଉପେକ୍ଷା ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି।

## ଭେଡେନ ବ୍ଲକ୍‌ସ୍ତରୀୟ ଜନଶୁଣାଣି

ଭେଡେନ,୨।୯ (ସମିସ): ଭେଡେନ ବ୍ଲକ୍ ସ୍ଥିତ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମାର୍ଦ୍ଧରେ ହୋଇଥିବା କାର୍ଯ୍ୟଗୁଡିକର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭେଡେନ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭେଡେନ ବ୍ଲକ୍ ଏବିଡିଓ ପ୍ରିତେଶ ଦୋରା, ଏଇଇ ସୁନୀଲ ପୁଷ୍ଟି, ଏଇରଞ୍ଜନ ଭୋଇ, ଯୋଗାଣ ନିରୀକ୍ଷକ ପିଙ୍କୁ ଭୁଏ ଭେଡେନ ପଞ୍ଚାୟତ ସମିତିର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ବ୍ଲକ୍ ସାମାଜିକ ସମୀକ୍ଷକ ସୁନୀଲ ଦାଶ, ଏପିଓ ଶିବନାରାୟଣ ରାଉତଙ୍କ ସମେତ ସମସ୍ତ ଜେଇ, ସିପି, ଏସିପି, ପିଇଓ, ଜିଆରେଶ ତଥା ଶ୍ରମିକଙ୍କୁ ନେଇ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏବିଡିଓ ପ୍ରିତେଶ ଦୋରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସୁନୀଲ ଦାଶ ବିବରଣୀ ଓ ସମସ୍ତ ସମସ୍ୟା ଗୁଡିକ ପଠନ କରିଥିଲେ। ଏବିଡିଓ ଶ୍ରୀ ଦୋରା ଉପସ୍ଥିତ ଅଧିକାରୀଙ୍କୁ ୭ଦିନ ଭିତରେ ସମସ୍ତ ସମସ୍ୟାର ସମାଧନ କରିବାକୁ କହିଥିଲେ। ଆର୍ଥିକ ବର୍ଷରେ ବ୍ଲକ୍‌ରେ ମୋଟ ୭୦୭ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୨୧୦ଟି ସମ୍ପୂର୍ଣ୍ଣ ହୋଇଛି ତଥା ୭୦,୨୩୩ ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ୧କୋଟି ୭୮ ଲକ୍ଷ ୬୩ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଖାଦ୍ୟ ସୁରକ୍ଷା ଆଇନରେ ମୋଟ ୩୦,୯୦୪ ଟି ରାସନ କାର୍ଡ ଅଛି। ସେଥିରେ ୧,୦୨,୩୮୪ ଜଣ ସଦସ୍ୟ ରାସନ ସାମଗ୍ରୀ ପାଉଥିବା ପ୍ରକାଶ କରାଯାଇଛି। ଶେଷରେ ଏବିଡିଓ ଧନ୍ୟବାଦ ପ୍ରଦାନ କରିଥିଲେ।

## ମାର୍ଜାର କେଶରୀ କର୍ମକାଣ୍ଡି ପରିଷଦର ବୈଠକ

ପାଇକମାଲ,୨।୯ (ସମିସ): ଓଡ଼ିଶାର ପ୍ରସିଦ୍ଧ ତୀର୍ଥ କ୍ଷେତ୍ର ଶ୍ରୀଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜ ସଭା ଗୃହରେ କର୍ମକାଣ୍ଡି ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ପଣ୍ଡିତ ସୁବଳ ପଣ୍ଡା ସଭାପତିତ୍ୱ କରିଥିଲେ। ପ୍ରେମାନନ୍ଦ ଦେବତା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏକ ସୁସ୍ଥ ସମାଜ ଗଠନ ପାଇଁ ବ୍ରାହ୍ମଣଙ୍କ ଯଥେଷ୍ଟ ଅବଦାନ ରହିଛି ବୋଲି ସଭାରେ ଉପସ୍ଥିତ କୈଳାଶ ଚନ୍ଦ୍ର ପଣ୍ଡା ମତ ରଖିଥିଲେ। ପଣ୍ଡିତ ଗିରିଶ ନାୟକ, ପଣ୍ଡିତ ଶଙ୍କର ଦାଶ, ପଣ୍ଡିତ ଡିଗ୍ରୀ ଦେବତା, ପଣ୍ଡିତ ରଙ୍ଗମାଣି ଦେବତା, ପଣ୍ଡିତ ଠାକୁର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ସନ୍ତୋଷ ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ନାଚଗୀତରେ ଜମୁଛି ନୂଆଁଖାଇ ଭେଟ୍‌ଘାଟ୍

ଦହିତା,୨।୯ (ସମିସ)

### ଚେତନା ପରିଷଦ



ଚେତନା ପରିଷଦ ଏବଂ ନୂଆଁଖାଇ ଭେଟଘାଟ କମିଟି ପକ୍ଷରୁ ଦହିତାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ସଂଗଠନର ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂ ବାବୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜମରତଲା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ଖମାରୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ନେତାଜୀ କ୍ଲବ୍‌ର ସଭାପତି ସରୋଜ ପାଣିଗ୍ରାହୀ ଏବଂ ପବିତ୍ର ମେହେର ରହିଥିଲେ। ଅତିଥି ବୃନ୍ଦଙ୍କ ଦ୍ୱାରା ହାସ୍ୟ କବି ଦେବେନ୍ଦ୍ର ସାହୁ, ହାସ୍ୟ ତଡକା ଶିଶିର ପୁରୋହିତ, ବ୍ୟଙ୍ଗ କବି ସଦାନନ୍ଦ ମେହେର ଏବଂ କଣ୍ଠଶିଳ୍ପୀ ଗଜାନନ ବାଗଙ୍କୁ ମାନପତ୍ର ଏବଂ ଗାଁର ବୟୋଜ୍ୟେଷ୍ଠ ଗୋପାଳ ମେହେର, ଯୁଧିଷ୍ଠିର ମେହେର, ସନ୍ତୋଷ ରଣା, ଥବିର ରଣା, ସହଦେବ ମେହେରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରୁ ରଞ୍ଜନ ହୋତା ସଙ୍ଗୀତ ଗାନ କରିଥିବା ବେଳେ ଛାତ୍ରୀ ଲିପୁନ ଭୋଇ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଲକ୍ଷ୍ମୀକାନ୍ତ ମେହେର, ସଞ୍ଜୟ ସାହୁ, କିଶୋର ଭୋଇ, ପଦ୍ମନ ଭୋଇ, ଚନ୍ଦ୍ରଭାନୁ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାସୁଦେବ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମ୍ବଲପୁରୀ ବ୍ୟଙ୍ଗ କବିତା ପାଠ ହୋଇଥିଲା।

### ଗଣେଶ ପୂଜା କମିଟି



ଗାଇସିଲେଟ: ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ କଟାବାହାଲ ପଞ୍ଚାୟତ ଅଧୀନ କେନ୍ଦୁମାଲ ଗାଁରେ ଗଣେଶ ପୂଜା କମିଟି ତରଫରୁ ନାଏବ ସରପଞ୍ଚ ଉପେନ୍ଦ୍ର ବିଭାରଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅର୍ପିତା ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଶାନ୍ତ ପଣ୍ଡା, ନବୀନ ସାହୁ, ଗୌନ୍ତିଆ ଦୁର୍ଯ୍ୟୋଧନ ସାହୁ, ସୁଦାମ ସାହୁ, ବିଦ୍ୟାଧର ବରିହା, ଲେକୃ ମହାନନ୍ଦ, ପାଲଙ୍କ କୁମ୍ଭାର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୁନି କୁନି କଳାକାର ମାନଙ୍କୁ ନେଇ ନୃତ୍ୟ ପରିବେଷଣ ହୋଇଥିବା ବେଳେ ସୁଦାମ ସାହୁଙ୍କ ନେତୃତ୍ୱରେ ଏକ ମହିଳା କୀର୍ତ୍ତନ ଦଳର ଶୁଭାରମ୍ଭ ହୋଇଥିଲା। ଏହି ମହିଳା ସଙ୍କୀର୍ତ୍ତନ ମଣ୍ଡଳୀରେ ଗାଁର ସୁନୀତା ସାହୁ ଗାୟିକା ଓ ହୃଷୀକେଶ ବରିହା ବାୟକ ଦାୟିତ୍ୱରେ ରହିଛନ୍ତି। ଗଣେଶ ପୂଜା କମିଟିର ସଦସ୍ୟ ଜିତେନ୍ଦ୍ର ମହାନନ୍ଦ, ବିଜୟ କୁମ୍ଭାର, ବୁଲୁ କୁମ୍ଭାର, ସର୍ଜନ ସୁନା, ମଧୁ ସୁନା, ଭୋଜରାଜ ତାଣ୍ଡି, ନୂଆଁ କୁଅଁର, ଲଳିତ ବିଭାର ପ୍ରମୁଖ ସହଯୋଗ କରିଥିବା ବେଳେ ସାମାରୁ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ବରଗଡ଼ ନାଗରିକ ମଞ୍ଚ



ବରଗଡ଼: ବରଗଡ଼ ସହରରେ ପ୍ରଥମ ଥର ପାଇଁ ବରଗଡ଼ ନାଗରିକ ମଞ୍ଚ ସାମୂହିକ ଭେଟଘାଟ ଉତ୍ସବ ଆୟୋଜନ କରିଛି। ଲୋକ ମଣ୍ଡପ ପଡିଆରେ ଶାସନ, ପ୍ରଶାସନ ଓ ବିରୋଧୀଙ୍କ ସହ ବିଭିନ୍ନ କ୍ଷେତ୍ରର ବ୍ୟକ୍ତି ବିଶେଷ ଭେଟଘାଟ ଉତ୍ସବରେ ସାମିଲ ହୋଇଥିଲେ। ଏହି ଅବସରରେ ଜିଲ୍ଲାର ଦୁଇ ଗୌରବ ପଦ୍ମଶ୍ରୀ ହଳଧର ନାଗ ଓ ପଦ୍ମଶ୍ରୀ ଭଗବାନ ପଧାନ ବରଣ୍ୟ ଅତିଥି ଭାବେ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ। ନାଗରିକ ମଞ୍ଚର ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସମସ୍ତଙ୍କୁ ଶୁଭେଚ୍ଛା ଦେଇଥିଲେ। ସେହିପରି ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଡ.ସୁବଳ କର, ସମାଜସେବୀ ଚନ୍ଦ୍ର ଶେଖର ବାଗ, କ୍ରିଷ୍ଣା ବିକାଶ ସ୍କୁଲ ଚେୟାରମେନ ଡି.ମୁରଲୀ କ୍ରିଷ୍ଣା ଉପସ୍ଥିତ ରହି ବରଗଡ଼ ବାସୀଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଦଶମ ଟପ୍ପର ବବିତା ରଥ, ଇଣ୍ଡିଆ ବୁକ ରେକର୍ଡ ବିଜେତା ସ୍ମୃତି ସୋଲନ ଭୋସାଗର, ସିଏମ ଟ୍ରଫି ବିଜେତା ଦଳ, ରାଷ୍ଟ୍ରପତି ପୁରସ୍କାର ବୁଣାକାର ଈଶ୍ୱର ମେହେର, ଜୈବିକ ଚାଷୀ ଅଶୋକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ସେହିପରି କବି ନୀତିଶ ଆଚାର୍ଯ୍ୟ, କବି ସଚ୍ଚି ପଣ୍ଡା, ଚିତ୍ରଶିଳ୍ପୀ ରାଜେନ୍ଦ୍ର ସିକନ୍ଦର, ଶିକ୍ଷାବିତ ସୁରଜ ପ୍ରକାଶ ବାଙ୍କଙ୍କୁ ମଧ ସମ୍ମାନିତ କରାଯାଇ ଥିଲା। ଉତ୍ସବରେ ଝାରସୁଗୁଡା ଜିଲ୍ଲାର ରାଇଁଝାଇଁ ସଂସ୍କୃତିକ ଅନୁଷ୍ଠାନ, ବଲାଙ୍ଗିରର ଘୁଡୁକା ଦଳ, ବାରପାହାଡ ସଂସ୍କୃତିକ ଅନୁଷ୍ଠାନ, ବରଗଡ଼ ଡୁଳିଆଖୁସା, ଅତାବିରାରୁ ହୀରାଖଣ୍ଡ ସାଂସ୍କୃତିକ ଅନୁଷ୍ଠାନ, ବରଗଡ଼ରୁ ବଳରାମ ଡ୍ୟାନ୍ସ, ରିଙ୍କୁ ଡ୍ୟାନ୍ସ, ରାଜେଶ ଡ୍ୟାନ୍ସ ଗ୍ରୁପ ନିଜର କଳା ସଂସ୍କୃତି ପ୍ରଦର୍ଶନ କରିଥିଲେ। ଶେଷରେ ସମ୍ପାଦକ ଭବାନୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଇଂ.ମୁଗ୍ଧା ଦାଶ ଓ ବ୍ୟଙ୍ଗ କବି ସଚ୍ଚି ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ନୃସିଂହନାଥ ବ୍ରାହ୍ମଣ ସମାଜ

ପାଇକମାଲ: ପାଇକମାଲ ବ୍ଲକ୍ ପବିତ୍ର ନୃସିଂହନାଥ ପୀଠରେ ଥିବା ସଂସ୍କୃତି ମଣ୍ଡପରେ ଶ୍ରୀ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗାୟତ୍ରୀ ବାହିନୀ ଦ୍ୱାରା ପରିଚାଳିତ ହୋଇଥିଲା। ମାତୃପ୍ରସାଦ ରଥଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣ ସମାଜର ସଭାପତି ଗିରିଶ ଚନ୍ଦ୍ର ନାୟକ, ଶଙ୍କର ଦାସ, ସୁଶୀଲ ମହାପାତ୍ର, ସୁବଳ ପଣ୍ଡା, ମନୋହର ମିଶ୍ର, ବୁଲୁ ନାୟକ ଓ ସତ୍ୟନାରାୟଣ ଯୋଶୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଳ୍ପନା ବଡ଼ପଣ୍ଡା, ସୌରେନ୍ଦ୍ରି ପଣ୍ଡା, ସୀମାରାଣୀ ଦାଶ, ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ ଓ ତପସ୍ୱିନୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ସୁଶାନ୍ତ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଭିମସାର୍‌ରେ ଲାଞ୍ଚ କାରବାର ଅଭିଯୋଗ

ସମ୍ବଲପୁର, ୨।୯ (ସମିସ) :

ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡର କିଛି ଅଞ୍ଚଳର ଲୋକେ ନିର୍ଭର କରୁଥିବା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ବିଭିନ୍ନ କାରଣକୁ ନେଇ ରୋଗୀମାନଙ୍କ ଭରସାଯୋଗ୍ୟ ହୋଇପାରୁନାହିଁ। ବିଶେଷଜ୍ଞ ଡାକ୍ତର ଅଭାବ, ମେସିନ ଅଚଳ ଆଦି ସମସ୍ୟା ଲାଗି ରହିଥିବାବେଳେ ଗରିବ ରୋଗୀ ମାନଙ୍କଠାରୁ ଅପରେସନ ଓ ଅନ୍ୟ ସେବା ପାଇଁ ଟଙ୍କା ଲାଞ୍ଚ ମାଗିବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଭିମସାର କର୍ତ୍ତୃପକ୍ଷ ଏହା ଉପରେ ରୋକ୍ ଲଗାଇ ପାରୁନାହାନ୍ତି।

ଭିମସାରର ଚାରିଆଡ଼େ କାହାରିକୁ ଲାଞ୍ଚ ଦେବେନାହିଁ, ଟଙ୍କା ମାଗିବା ଅପରାଧ, ସମସ୍ତ ଚିକିତ୍ସା ମାଗଣା କରାଯାଉଛି ବୋଲି ବଡ଼ ବଡ଼ ହୋର୍ଡିଙ୍ଗ ଲାଗିଛି। କିନ୍ତୁ ତାହା ମୂଲ୍ୟହୀନ। ବିଡ଼ମ୍ବନାର ବିଷୟ, କାହାରିକୁ ଟଙ୍କା ଲାଞ୍ଚ ମାଗିଲେ ସେ କାହାକୁ ଅଭିଯୋଗ କରିବ ସେନେଇ କିଛି ଉଲ୍ଲେଖ କରାଯାଇନାହିଁ। ଭିମସାର କର୍ତ୍ତୃପକ୍ଷ କେବଳ ନାମକୁ ମାତ୍ର ହୋର୍ଡିଂ ଲଗାଇଛନ୍ତି। କିନ୍ତୁ ଅଭିଯୋଗ କରିବା ପାଇଁ ଫୋନ୍ ନମ୍ବର, ହ୍ୱାଟସ୍‌ଆପ୍ ନମ୍ବର, ଇ-ମେଲ ଆଦି ଦିଆଯାଇନାହିଁ। ଏହାଫଳରେ ରୋଗୀ ସମ୍ପର୍କୀୟମାନେ ଅନନ୍ୟୋପାୟ ହୋଇ ଲାଞ୍ଚ ଦେବାକୁ ବାଧ ହେଉଛନ୍ତି। ଭିମସାରରେ ଲାଞ୍ଚ କାରବାର କରୁଥିବା କର୍ମଚାରୀଙ୍କ ସହ କିଛି ଅଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥିବା ମଧ ଅଭିଯୋଗ ହେଉଛି।

ଇ-ମେଲ ଅଭିଯୋଗ ଅନୁଯାୟୀ, କେଇମାସ ତଳେ ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ ପ୍ରସୂତି ପାଇଁ ଭିମସାରରେ ଭର୍ତ୍ତି କରିଥିଲେ। ଅପରେସନ ଥିଏଟରକୁ ନେବାପୂର୍ବରୁ ଜଣେ ହସପିଟାଲ ଷ୍ଟାଫ୍ ଆସି କିଛି ଔଷଧ ମିଳୁନାହିଁ ଏବଂ ୫୦୦ ଟଙ୍କା ଦେଲେ ତାଙ୍କ ପିଲା ଯାଇ ନେଇ ଆସିବ କହିଲେ। ଉକ୍ତ ବ୍ୟକ୍ତିଙ୍କ କିଛି ଚାରା ନଥିଲା ସେ ସେହି ଟଙ୍କା ଦେଲେ। ଅପରେସନ ଥିଏଟର ଭିତରେ ଥିବାବେଳେ ଜଣେ ଷ୍ଟାଫ୍ କହିଲେ ଏହି ସିଜରିଆନ୍ ତୁମେ ବେସରକାରୀ ହସପିଟାଲରେ କରିଥିଲେ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଥାନ୍ତ, ଆମେ ୨୦ ଜଣ ଅଛୁ ଆମକୁ ୫ ହଜାର ଟଙ୍କା ଦିଅ। ପୁଣି ଉକ୍ତ ବ୍ୟକ୍ତି ଟଙ୍କା ଦେଲେ। ବ୍ୟକ୍ତିଜଣକ ଇ-ମେଲ ଅଭିଯୋଗରେ ଲେଖିଛନ୍ତି - ସ୍ପଷ୍ଟ ଜଣାପଡୁଛି ଏଥିରେ ଡାକ୍ତରମାନେ ସମ୍ପୃକ୍ତ ନୁହଁନ୍ତି, ଏହା କର୍ମଚାରୀମାନଙ୍କ କାମ। ପୁଣି ସେମାନେ ମଦ ପିଇବା ପାଇଁ ଟଙ୍କା ମାଗୁଥିଲେ ଯାହା ଉକ୍ତ ବ୍ୟକ୍ତିଜଣକ ମନା କରିଦେଲେ। ପୁଣି ଗାଏନୋକୋଲୋଜି ୱାର୍ଡକୁ ସ୍ଥାନାନ୍ତରଣ କରିବା ସମୟରେ ଜଣେ ମହିଳା ଷ୍ଟାଫ୍ ୧୦୦ ଟଙ୍କା ମାଗିଲେ। ଏହିଭଳି ରୋଗୀ ପ୍ରିୟଜନଙ୍କଠାରୁ ବାରମ୍ବାର ଟଙ୍କା ଲାଞ୍ଚ ମାଗୁଥିଲେ ହେଁ ସେଥିପ୍ରତି ଭିମସାର କର୍ତ୍ତୃପକ୍ଷ ଉଦାସୀନତା ପ୍ରଦର୍ଶନ କରୁଛନ୍ତି।

ଅଭିଯୋଗ ଇ-ମେଲ୍‌ରେ ରହିଥିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ରୋଗୀ ମାନଙ୍କ ସକାଶେ ଆସୁଥିବା ଖାଦ୍ୟ ଟୋକନ ପ୍ରକୃତ ରୋଗୀକୁ ନଦେଇ କର୍ମଚାରୀମାନେ ବିକ୍ରି କରିଦେଉଛନ୍ତି। ଏହାଫଳରେ ଗରିବ ରୋଗୀମାନେ ସେମାନଙ୍କ ପାଇଁ ସରକାର ଦେଉଥିବା ଖାଦ୍ୟ ନପାଇ ହନ୍ତସନ୍ତ ହେଉଛନ୍ତି।

ଏନେଇ ଭିମସାର ଅଧୀକ୍ଷକ ଡା. ଲାଲମୋହନ ନାୟକଙ୍କୁ ପଚାରିବାରୁ ଏକ କମିଟି ଗଠନ କରାଯାଇ ଏଭଳି ଅଭିଯୋଗ ଗୁଡ଼ିକର ତଦନ୍ତ କରାଯାଉଛି ଏବଂ ସମ୍ପୃକ୍ତ କର୍ମଚାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଜଣେ ବରିଷ୍ଠ ଡାକ୍ତରଙ୍କ ଅନୁଯାୟୀ ଭିମସାରରେ ଏହା ଏକ ନିୟମିତ ଘଟଣା। ଭିମସାର କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ନେଇ ଟଙ୍କା ଲାଞ୍ଚ ମାଗୁଥିବା ପ୍ରତିଟି କର୍ମଚାରୀ ଏବଂ ଦଲାଲ ମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଉଚିତ।

## ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ପ୍ରସ୍ତୁତି



ସମ୍ବଲପୁର,୨।୯ (ସମିସ): ବୁର୍ଲାରେ ନୂଆଁଖାଇ ଭେଟଘାଟ ଲାଗି ପ୍ରସ୍ତୁତି ବୈଠକ ସ୍ଥାନୀୟ ପ୍ରତିଷ୍ଠା ପରିବାରର ଇନ୍ଦ୍ରପ୍ରସ୍ତ ଭବନରେ ଅନୁଷ୍ଠିତ ହୋଇଯାଇଛି। ଦେବାଶିଷ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ଅନେକ ବୁଦ୍ଧିଜୀବୀ, ସ୍ଥାନୀୟ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ସମସ୍ତେ ବୁର୍ଲା ଠାରେ ଏକ ନୂଆଁଖାଇ ଭେଟ୍‌ଘାଟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉପସ୍ଥିତ ଥିବା ସମସ୍ତ ଜନସାଧାରଣ ଭେଟ୍‌ଘାଟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମତାମତ ଦେଇଥିଲେ। ଆସନ୍ତା ୭ ତାରିଖରେ ସ୍ଥାନୀୟ ଭାରତୀ କ୍ଲବ୍ ପଡିଆରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହେବ। ସର୍ବସମ୍ମତିକ୍ରମେ କମିଟି ଗଠନ କରାଯାଇ ବୀରେନ୍ଦ୍ର କୁମାର ନାୟକ ସଭାପତି, ତ୍ରାହିକର ଡୁଙ୍ଗୁରି ଓ ଜୟନ୍ତ କୁମାର ସାହୁ ଉପସଭାପତି, ରାମେଶ୍ୱର ସିଂ ସମ୍ପାଦକ, ସଂଜୀବ ପଣ୍ଡା କୋଷାଧ୍ୟକ୍ଷ ରୂପେ ମନୋନୀତ ହୋଇଥିଲେ। ଭୀମସାରର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବ୍ରଜ ମୋହନ ମିଶ୍ର, ଆଡ଼ଭୋକେଟ ପ୍ରସନ୍ନ କୁମାର ସାହୁ ଓ ଦେବାଶିଷ ନନ୍ଦ ଉପଦେଷ୍ଟା ଭାବରେ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ଅଭ୍ୟର୍ଥନା କମିଟି, ଶୃଙ୍ଖଳା କମିଟି, ମଞ୍ଚ କମିଟି, ଖାଦ୍ୟ କମିଟି ଗଠନ କରାଯାଇଥିଲା। ଶେଷରେ ପ୍ରେମାନନ୍ଦ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

## 'କର୍ମକ୍ଷେତ୍ରରେ ଯୌନ ନିର୍ଯାତନା' ଆଲୋଚନାଚକ୍ର



ସମ୍ବଲପୁର, ୨।୯ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ 'ପତଙ୍ଗ' ଅନୁଷ୍ଠାନ ସହଭାଗିତାରେ 'କର୍ମକ୍ଷେତ୍ରରେ ଯୌନ ନିର୍ଯାତନା' ଶୀର୍ଷକ ଏକ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ପୁଷ୍ପାରାଣୀ ମହାପାତ୍ର ଅତିଥି ଭାବେ ଯୋଗଦେଇ କର୍ମକ୍ଷେତ୍ରରେ ବିଶେଷଭାବେ ମହିଳା ମାନଙ୍କ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ଏହାସହ ଏଭଳି ସମସ୍ୟାର ସମ୍ମୁଖୀନ ହେଲେ କେଉଁ ସ୍ତରରେ କିଭଳି ଭାବେ ଅଭିଯୋଗ କରିବାସହ ଆଇନଗତ ଦିଗ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ମନସ୍ତତ୍ତ୍ୱ ବିଭାଗ ସମେତ ଅନ୍ୟ ବିଭାଗର ଛାତ୍ରଛାତ୍ରୀ, ଗବେଷକ ଏବଂ ଅଧ୍ୟାପକ ଅଧ୍ୟାପିକା ସକ୍ରିୟଅଂଶଗ୍ରହଣ କରିଥିଲେ।

## ସମ୍ବଲପୁରୀ ଭାଷା ପାଇଁ ଶ୍ରୀବଲ୍ଲଭଙ୍କ ଅବଦାନ ଅତୁଳନୀୟ




ସମ୍ବଲପୁର, ୨।୯ (ସମିସ) : ଶ୍ରୀବଲ୍ଲଭ ପାଣିଗ୍ରାହୀ ରାଜନୈତିକ ବ୍ୟକ୍ତି ଭାବରେ ଅନେକ ଉପଲବ୍ଧି ହାସଲ କରିଥିଲେ। ତେବେ ଜଣେ ସାଂସ୍କୃତିକ ଗବେଷକ ଭାବେ ତାଙ୍କ ସମ୍ବଲପୁରୀ ଭାଷା ପ୍ରତି ଅବଦାନ ମଧ ଗୁରୁତ୍ୱପୂର୍ଣ୍ଣ। ସମ୍ବଲପୁରୀ ଭାଷାର ଉନ୍ନତି ଏବଂ ସାମ୍ବିଧାନିକ ମାନ୍ୟତା ପାଇଁ ସେ ଚେଷ୍ଟା ଚଳାଇଥିଲେ। ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ତୃଣମୂଳସ୍ତରରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ଦାବି ଉପସ୍ଥାପନ କରିଥିଲେ। ଶ୍ରୀବଲ୍ଲଭଙ୍କ ନେତୃତ୍ୱରେ ସମ୍ବଲପୁରୀ ଭାଷାର ମାନ୍ୟତା ଦାବିରେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲାର ବିଭିନ୍ନ ନେତା, ଶିକ୍ଷାବିତ, ଲେଖକ, କର୍ମୀ ଏବଂ ସମାଜସେବୀଙ୍କୁ ଏକତ୍ରିତ କରିପାରିଥିଲେ ବୋଲି ମୁଖ୍ୟଅତିଥି ସମ୍ବଲପୁରୀ ଭାଷା ସାହିତ୍ୟ ଗବେଷକ ଡଃ ଶ୍ୟାମ ସୁନ୍ଦର ଧର କହିଛନ୍ତି। ପୂର୍ବତନ ମନ୍ତ୍ରୀ, ସାଂସଦ, ଟ୍ରେଡ୍ ୟୁନିଅନ ନେତା ତଥା ଶିକ୍ଷାବିତ୍ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ୮୫ତମ ଜନ୍ମବାର୍ଷିକୀ ମଙ୍ଗଳବାର ତାଙ୍କ ଜନ୍ମସ୍ଥାନ ବରଗାଁଠାରେ ପାଳିତ ହୋଇଯାଇଛି। ବୀର ସୁରେନ୍ଦ୍ର ସାଏ ପଞ୍ଚାୟତ ହାଇସ୍କୁଲ, ବରଗାଁର ସଭାପତି ସୁଭାଷ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡଃ ଧର ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ପ୍ରଫେସର ଡଃ ବୀଣାପାଣି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବା ଦିଗରେ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ଅବଦାନ ବିଷୟରେ ଅତିଥିମାନେ ମତ ରଖିଥିଲେ। ସମ୍ମାନିତ ଅତିଥି ପ୍ରଫେସର ମହାପାତ୍ର କହିଲେ ଯେ, ଶ୍ରୀବଲ୍ଲଭ ବାବୁ ଶେଷ ପର୍ଯ୍ୟନ୍ତ ତାଙ୍କ ସଚ୍ଚୋଟତାର ନୀତି ସହିତ କେବେବି ସାଲିସ କରିନଥିଲେ। ସମ୍ବଲପୁରରେ ଏମସିଏଲ ମୁଖ୍ୟାଳୟ ସ୍ଥାପନ, ସମ୍ବଲପୁରରେ ରେଳ ଡିଭିଜନ ପ୍ରତିଷ୍ଠା ଏବଂ ସୁପରଫାଷ୍ଟ ହୀରାକୁଦ ଏକ୍ସପ୍ରେସ ପ୍ରଚଳନରେ ତାଙ୍କ ଅବଦାନ ଚିରକାଳ ମନେରହିବ। ବରଗାଁର ଏହି ସ୍କୁଲକୁ ସେ ବୀର ସୁରେନ୍ଦର ସାଏଙ୍କ ନାମରେ ନାମିତ କରିଥିବା ନେଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ବାଲାରସେନ ଅମାତ ବକ୍ତବ୍ୟ ରଖିଥିଲେ। ଏହାପୂର୍ବରୁ ଛଚାନପାଲିସ୍ଥିତ ରୁକ୍ମିଣୀ ଲାଠ ଆଶ୍ରମରେ ସ୍ଥାପିତ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ୫ ଲକ୍ଷରେ ବିକ୍ରି ଘଟଣାର କରୁଣ କାହାଣୀ ବଖାଣିଲେ

**● ନ୍ୟାୟ ପାଇଁ ୪ କିଲୋମିଟର ରାତିରେ ଚାଲିଥିଲେ**

ସମ୍ବଲପୁର,୨।୯ (ସମିସ): ଅତି ନିକଟର ଦୁଇଜଣ ସାଙ୍ଗ କିପରି ଜଣେ ଯୁବତୀକୁ ବିକ୍ରି କରିଦେଇଥିଲେ ତାର କରୁଣ କାହାଣୀ ବଖାଣିଛନ୍ତି ଖୋଦ୍ ପୀଡ଼ିତା। ସବୁ ବେଳେ ସାଙ୍ଗ ହୋଇ ଗୋଟାଏ ସ୍ଥାନରେ କାମ କରୁଥିଲେ। ପରେ ଅତି ଚାଲାକରେ ରାଜ୍ୟ ବାହାରକୁ ବୁଲି ଯିବା ପାଇଁ କହିଥିଲେ। ଶେଷରେ ବାହାରକୁ ବୁଲାଇ ନେଇ ବିକି ଦେଇଥିଲେ। ପୀଡିତା କିଭଳି ଚତୁରତା ସହ ଘରକୁ ଫେରିଛନ୍ତି କହିଛନ୍ତି। ଯୁଯୁମୁରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦୁଇ ଜଣ ସାଙ୍ଗ ୫ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ଜଣେ ସାଙ୍ଗ ସମ୍ବଲପୁର ଫାଟକ ଅଞ୍ଚଳର ପୁନମ ଓ ଅନ୍ୟ ଜଣେ ବରଗଡ଼ ପିଙ୍କି ବୋଲି କହିଛନ୍ତି। ଏକାଠି କାମ କରୁଥିଲେ। ଦିଲ୍ଲୀ ବୁଲିଯିବା ପାଇଁ କହିଥିଲେ। କିନ୍ତୁ ରାଜସ୍ଥାନ ଜୟପୁର ନେଇ ଯାଇଥିଲେ। ସେଠାରେ ଜଣେ ବୟସ୍କ ଲୋକଙ୍କୁ ୫ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ବୟସ୍କ ବ୍ୟକ୍ତି ଜଣଙ୍କ ଯୁବତୀଙ୍କ ପ୍ରତି ଅସଦାଚରଣ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ରାତିରେ ସେ ଘରୁ ପଳେଇ ଆସିଥିଲେ। ନ୍ୟାୟ ପାଇବା ଆଶାରେ ରାତି ସାରା ଆଖୁ କ୍ଷେତରେ ପ୍ରାୟ ୪ କିଲୋମିଟର ଚାଲିଥିଲେ। ଭୋର ୪ଟା ବେଳେ ଜଣେ ଲୋକଙ୍କ ସହ ଦେଖାହୋଇଥିଲା। ସେଠାରେ ନିକଟସ୍ଥ ଥାନା ବିଷୟରେ ବୁଝି ଥାନାକୁ ଯାଇ ସମସ୍ତ ଘଟଣା କହିଥିଲେ। ପୁଲିସ ତାକୁ ସଖି ସେଣ୍ଟରରେ ରଖିଥିଲା। ପରିବାର ଲୋକ ଖବର ପାଇ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ପରେ ଯୁଯୁମୁରା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ ଏବେ ଯାଏଁ କାହାକୁ ହେଲେ ଗିରଫ କରିନାହି।

## କଟଙ୍ଗପାଣିରେ ନୂଆଁଖାଇ ଭେଟ୍‌ଘାଟ୍

ଜମନକିରା,୨।୯ (ସମିସ): ଜମନକିରା ବ୍ଲକ୍ କଟଙ୍ଗପାଣି ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇ ଯାଇଛି। ନୂଆଁଖାଇ ସାରିବା ପରେ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଜୁହାର ଭେଟ୍ ହୋଇ ବିଭିନ୍ନ ପ୍ରକାର ଖେଳ କୁଦ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ନାଚ, ଗୀତ, ବହୁରୂପୀ, କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଗ୍ରାମକମିଟିର ସଭାପତି ଋଷି ସୁନାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଚୁଡ଼ାମଣି ପଟେଲ ଯୋଗଦେଇ ନୂଆଁଖାଇ ପାଳନ ଉପରେ ସୂଚନା ଦେଇ ପ୍ରତି ଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅତୁଲ୍ୟ ମାଝୀ, ପ୍ରମୋଦ ପଟେଲ, ପ୍ରଶାନ୍ତ ପ୍ରଧାନ, ଖିର ସାଗର ପ୍ରଧାନ, ଗୌରୀ ଶଙ୍କର ଠାକୁର, ପ୍ରଶାନ୍ତ ଦାସ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ଡକାୟତି ଅଭିଯୋଗରେ ୭ ଗିରଫ

ସମ୍ବଲପୁର,୨।୯ (ସମିସ): ଦୁଇ ଜଣ ବାଇକ୍‌ରେ ଘରକୁ ଫେରୁଥିଲେ। ବାଟରେ ୬ରୁ୭ ଜଣ ବ୍ୟକ୍ତି ଅଟକାଇ ଟଙ୍କା ମାଗିଲେ। ଟଙ୍କା ନମିଳିବାରୁ ବାଇକ୍ ଚାବି ଛଡ଼ାଇ ମାଡ଼ ମାରି ଲହୁଲୁହାଣ କରିଥିଲେ। ଥାନାରେ ଅଭିଯୋଗ ପରେ ଠେଲକୋଲୋଇ ପୁଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କୁମ୍ଭାରପଡ଼ାର ରିକୁ ଘାସି(୨୨), ରଞ୍ଜିତ ପାରେଖ(୨୨), ପ୍ରକାଶ ରାଣା(୧୯), ହାଡୁ ଷଣ୍ଢ(୨୧), ସୁରେନ୍ଦ୍ର ଦିଲା ଓରଫ ଭୂଷଣ(୧୯), ତପନ କୁମାର ଷଣ୍ଢ(୨୭) ଓ ବାବୁଲି ଭୋଇ(୨୫)। ସୂଚନା ଅନୁସାରେ ଝାରସୁଗୁଡ଼ାର ସାୟନ ରଣବିଡ଼ା(୩୦) ଗତ ୨୯ ତାରିଖ ତାଙ୍କ ସାଙ୍ଗ ସହ ବାଇକରେ ଠେଲକୋଲୋଇରୁ ଘରକୁ ଫେରୁଥିଲେ। ଗୁମକର୍ମା-ଘିଚାମୁଣ୍ଡା ରାସ୍ତାରେ ୭ଦୁର୍ବୃତ୍ତ ଜଣ ଦୁଇ ସାଙ୍ଗଙ୍କୁ ଅଟକାଇ ୧୫ ହଜାର ଟଙ୍କା ମାଗିଥିଲେ। ଅଭିଯୋଗକାରୀ ଏତେ ଟଙ୍କା ଦେବା ପାଇଁ ସକ୍ଷମ ନଥିବା କହିଥିଲେ। ପରେ ଅଭିଯୁକ୍ତମାନେ ବାଇକ୍‌ର ଚାବି ଛଡ଼ାଇ ମାଡ ମାରି ୨୨୦୦ ଟଙ୍କା ଓ



ମୋବାଇଲ ନେଇ ଫେରାର ହୋଇଥିଲେ। ପରେ ସିଏଚସି କୋଲାବିରାରେ ଚିକିତ୍ସା ହୋଇ ଘରକୁ ଯାଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଶାନ୍ତିନିକେତନରେ ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର, ୨।୯ (ସମିସ) : ବିଶ୍ୱଭାରତୀ ସାହିତ୍ୟ ପରିଷଦ ତରଫରୁ ପଶ୍ଚିମବଙ୍ଗ ଶାନ୍ତିନିକେତନରେ ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିନିକେତନରେ ଅଧ୍ୟୟନ କରୁଥିବା ଓଡ଼ିଶାର ଛାତ୍ରଛାତ୍ରୀ ତଥା କାର୍ଯ୍ୟରତ ଅଧ୍ୟାପକ ଅଧ୍ୟାପିକାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରି ନୂଆ ଚାଉଳ ଲାଗି କରାଯାଇଥିଲା। ଏହାପରେ ସମସ୍ତେ ଏକାଠି ବସି ନବାନ୍ନ ଭକ୍ଷଣ କରିଥିଲେ। ବିଭିନ୍ନ ପ୍ରକାର ଓଡ଼ିଆ ଖାଦ୍ୟ ପିଠା ଖିରି ଆଦି ପ୍ରସ୍ତୁତ ହୋଇଥିଲା। ନୂଆଁ ଖାଇସାରିବା ପରେ 'ଜୁହାର୍ ଭେଟ୍'



କରି ବୟୋଜ୍ୟେଷ୍ଠଙ୍କଠାରୁ ଛୋଟମାନେ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଘରଠାରୁ ଦୂରରେ ତଥା ରାଜ୍ୟ ବାହାରେ ରହି ମଧ ନିଜ ସଂସ୍କୃତି, ଓଡ଼ିଆ ପର୍ବର ପାଳନ କରି ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାରେ ବିଶ୍ୱଭାରତୀ ସାହିତ୍ୟ ପରିଷଦର ଏହାଥିଲା ଅନନ୍ୟ ପ୍ରୟାସ। ଏହାର ଗୋଟିଏ ଝଲକ ହେଉଛି ନୂଆଁଖାଇ ପର୍ବ। ଡଃ ହରେକୃଷ୍ଣ ମିଶ୍ର, ପ୍ରଣତୀ ମିଶ୍ର, ଡଃ ସୁଶିଲ କୁମାର ସାହୁ, ଡଃ ରମେଶ ମେହେର, ଡଃ ସନତ କୁମାର ରଥ, ଡଃ କାହ୍ନୁ ଚରଣ ସାହୁ, ଡଃ ଇନ୍ଦ୍ରମଣି ସାହୁ, ଡଃ ଶରତ କୁମାର ଜେନା, ଅମୂଲ୍ୟ କୁମାର ଜେନା, ରଶ୍ମିରେଖା ମେହେର, ଡଃ ଦେବାଶିଷ ପଣ୍ଡା, ପ୍ରତିମା ମଲ୍ଲିକ, ସୌରଭ ଜାଲ, ବିବେକ ପଟେଲ, ବାସୁଦେବ ଚୌହାନ, ଆୟୁଷ ଗୁରୁ, ଯଜ୍ଞାସେନୀ ନାୟକ, ସାଇଲକ୍ଷ୍ମୀ ଜେନା, ଶ୍ରୀତମ ବାରିକ, ଶୁଭମ ଦେହେରୀ, ଲିକିସ୍ମିତା ଦାସ, ମାମିନା ପ୍ରଧାନ, ବିକାଶ ସାହୁ ପ୍ରମୁଖ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ତଥା ପରିଷଦର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**■ ରାଜ୍ୟସରକାର ମୁକାବିଲା କରିବାରେ ବିଫଳ**

## ନାରୀ ନିର୍ଯାତନକୁ ନେଇ ବର୍ଷିଲା କଂଗ୍ରେସ ନାରୀ ବାହିନୀ



ସମ୍ବଲପୁର,୨।୯ (ସମିସ): ସମ୍ବଲପୁର ଜିଲ୍ଲାରେ ନାରୀ ନିର୍ଯାତନ ବଢ଼ିବାରେ ଲାଗିଛି। ବିଶେଷ ଭାବେ କିଛି ମାସ ବ୍ୟବଧାନରେ ଯୁଯୁମୁରା ଥାନା ଅଞ୍ଚଳରେ ଅଧିକ ମାତ୍ରାରେ ନାରୀ ନିର୍ଯାତନା ଘଟଣା ଘଟିଛି । ଗଣଦୁଷ୍କର୍ମ ଠାରୁ ଆରମ୍ଭ କରି ଯୁବତୀ ବିକ୍ରି ଘଟଣା ଘଟିଛି। ଏହା ସତ୍ତ୍ୱେ ମଧ ପୁଲିସ ଅପରାଧୀଙ୍କୁ ଗିରଫ କରିବାରେ ବିଫଳ ସାଜିଛି। ସମ୍ବଲପୁରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା କଂଗ୍ରେସ ନାରୀବାହିନୀ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ ପାଇଛି। ନିକଟରେ ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ଘଟଣା ସମ୍ବଲପୁର ଜିଲ୍ଲାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ପୁଣିଥରେ ଉଜାଗର କରିବା ସହ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ଓ ନାବାଳିକା ଅତ୍ୟାଚାର ଘୃଣ୍ୟ ପରମ୍ପରାକୁ ପ୍ରମାଣିତ କରିଛି। ଯୁଯୁମୁରା ଥାନା ଅଞ୍ଚଳରେ ଘଟିଥିବା ବିଭିନ୍ନ ନାରୀ ନିର୍ଯାତନା ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନେକ ଅଭିଯୋଗରେ ପୁଲିସ ହାତ ଖାଲି କରି ବସିଛି ବୋଲି କହିଛନ୍ତି। କଂଗ୍ରେସ ନାରୀବାହିନୀର ରାଜ୍ୟ ସଂଯୋଜିକା ଡ.ଗାୟତ୍ରୀ ବିଶ୍ୱାଳ କହିଛନ୍ତି, ଏହି ଥାନା ଅଞ୍ଚଳର ଜଣେ ଝିଅକୁ ତାର ଝିଅ ସାଙ୍ଗମାନେ ବୁଲିଯିବା ଆଳରେ ରାଜସ୍ଥାନ ଜୟପୁର ନେଇଥିଲେ। ସେଠାରେ ଜୁଲାଇ ମାସ ୨୭ ତାରିଖରେ ୫ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ଝିଅଟି କୌଶଳକ୍ରମେ ଖସିଆସି ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ। ପରବାର ଲୋକ ଝିଅକୁ ଉଦ୍ଧାର କରି ଯୁଯୁମୁରା ଆଣିଥିଲେ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସାଙ୍ଗ, କିମ୍ବା ବିକ୍ରେତା କିମ୍ବା ଗ୍ରାହକ କାହାକୁ ହେଲେ ଗିରଫ କରିନାହି। କେବଳ ଥାନାରେ ମାମଲା ରୁଜୁ କରି ଚୁପ ବସିଛି। ସେହିପରି ଯୁଯୁମୁରା ଥାନରେ କେସ ନମ୍ବର୧୭୪/୨୫ରେ ଜଣେ ନାବାଳିକା ଝିଅ ସହ ଗଣଦୁଷ୍କର୍ମ ହୋଇଥିଲା। ଏହି ଘଟଣାରେ ପୁଲିସ ଜଣକୁ ଗିରଫ କରିବା ସହ ୨ ଜଣ ନାବାଳକକୁ ଜୁଭିନିଆଲରେ ଦାଖଲ କରିଛି। କିନ୍ତୁ ଅନ୍ୟ ମୁଖ୍ୟ ଅଭିଯୁକ୍ତ ଏବେ ମଧ ଫେରାର ରହିଛି। ତାକୁ ମଧ ଗିରଫ କରିପାରୁନାହି। ଏତେ ସବୁ ଘଟଣା ସମ୍ବଲପୁରରେ ଘଟୁଛି, କିନ୍ତୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ରାଜ୍ୟ ସରକାର ବିଫଳ ସାଜିଛନ୍ତି। ତେଣୁ ସମସ୍ତ ଅଭିଯୁକ୍ତମାନଙ୍କୁ କୋଠର ଆଇନ ବଳରେ ଦଣ୍ଡ ଦିଆଯାଉ। ଯାହାଫଳରେ ଆଗାମୀ ଦିନରେ ଏପରି ଅପରାଧ କରିବେ ନାହି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ସେଫାଳି ଶର୍ମା, ନିବେଦିତା ପଟ୍ଟନାୟକ, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ ଓ ସୃଷ୍ଟି ସୋମେନ ଉପସ୍ଥିତ ଥିଲେ।

## ଏମ୍‌ସିଏଲ ଆନନ୍ଦ ବିହାରରେ ଗଣେଶ ଚତୁର୍ଥୀ

ସମ୍ବଲପୁର,୨।୯ (ସମିସ): ଏମ୍‌ସିଏଲ ମୁଖ୍ୟାଳୟ ଆନନ୍ଦ ବିହାର ଗଣେଶ ପୂଜା କମିଟି ପକ୍ଷରୁ ଗଣେଶ ଚତୁର୍ଥୀ ଅନୁଷ୍ଠିତ ହୋଇଛି। ବିଶ୍ୱ ରାଣା ମହାନିଷ୍ଠାର ସହିତ ମୂର୍ତ୍ତିକୁ ରୂପ ଓ ଆକାର ଦେଇଥିଲେ। ଦ୍ୱିତୀୟ ଦିନରେ, ମହିଳା ସଦସ୍ୟମାନଙ୍କ ମଧ୍ୟରେ ମହମବତୀ ଆଲୋକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ରବିବାର ଦିନ ମୂର୍ତ୍ତି ବିସର୍ଜନ ସହିତ ଉତ୍ସବ ଶେଷ ହୋଇଥିଲା। ଶୋଭାଯାତ୍ରାରେ ସଂକୀର୍ତ୍ତନ, ଡିଜେ, ଆଦିବାସୀ ନୃତ୍ୟ, କାଳ ଭୈରବୀ ନୃତ୍ୟ, ଲୋକନୃତ୍ୟକୁ ସାମିଲ କରାଯାଇଥିଲା।



# ରେଢ଼ାଖୋଲ ସହରରେ ବାଇପାସ୍ ଦାବି ଜୋର୍ ଧରିଲା

ରେଢ଼ାଖୋଲ,୨।୯ (ସମିସ):

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର କଦମ୍ବ ପଡିଆସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରାମଲାଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ସଭାରେ ରେଢ଼ାଖୋଲ ଜନସାଧାରଣ ସହରରେ ବାଇପାସ୍ ପାଇଁ ପ୍ରବଳ ଦାବି ଉପସ୍ଥାପନ କରିଥିଲେ। ରେଢ଼ାଖୋଲ ଏନ୍‌ଏସି ଅଧକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ବୁର୍ଡା ପଞ୍ଚାୟତ ସରପଞ୍ଚ ରାଜା ପାଲ, ସମିତି ସଭ୍ୟ ସଞ୍ଜୟ ବେହେରା, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, ଚିନ୍ମୟ ପଣ୍ଡା ପ୍ରମୁଖ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବାଇପାସ୍ ପାଇଁ ସମର୍ଥନ ଜଣାଇ ମତ ପ୍ରକାଶ କରିଥିଲେ। ଉଲ୍ଲେଖ କରିଥିଲେ ଯେ ରେଢ଼ାଖୋଲ ସହର ଦେଇ ଯାଉଥିବା ୫୫ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ହେଲେ ବିଭିନ୍ନ ପ୍ରକାର ସମସ୍ୟା ଜନସାଧାରଣଙ୍କୁ ଭୋଗିବାକୁ ପଡ଼ିବ। ଏଥିରେ ସହର ଦେଇ ଯାଉଥିବା ପାଉଁଶ ବୋଝେଇ ଗାଡି ସ୍ଥାୟୀ ଭାବରେ ପତିକାର ନାହିଁ। ଏଥିରୁ ନିର୍ଗତ ହେଉଥିବା ବିଷାକ୍ତ ପାଉଁଶ ଗୁଣ୍ଡ ଯୋଗୁଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବାକୁ ଲାଗିଛି। ତା ସହିତ ପୂର୍ବ ଦିନରେ ଅନେକ ବାରମ୍ବାର ସଡ଼କ ଦୁର୍ଘଟଣା ଯୋଗୁଁ ବହୁତ ଅଞ୍ଚଳବାସୀ ସମେତ ଛାତ୍ରଛାତ୍ରୀ ମୃତ୍ୟୁବରଣ କରିଛନ୍ତି। ବିଶେଷ କରି ରେଢ଼ାଖୋଲ ଜାତୀୟ ରାଜପଥ ପାଶ୍ୱର୍ରେ ବହୁ ସଂଖ୍ୟାରେ ଅଞ୍ଚଳବାସୀ ୭୦ ବର୍ଷରୁ ଉର୍ଦ୍ଧର ହେବ ସରକାରୀ ଜମିରେ ଘର କରି ରହି ଆସୁଛନ୍ତି। ସେମାନେ ଭୂମିହୀନ ରହିଥିବା ବେଳେ ରାସ୍ତା ସମ୍ପ୍ରସାରଣ ହେଲେ ପରିବାର ଲୋକଙ୍କୁ ନେଇ କୁଆଡେ ଯିବେ ବୋଲି ଭୟଭୀତ ଅବସ୍ଥାରେ ରହିଛନ୍ତି। ତା ସହିତ ରାସ୍ତା ପାଶ୍ୱର୍ରେ ଛୋଟ ଛୋଟ ଦୋକାନ ବଜାର କରି ପରିବାର ଭରଣ ପୋଷଣ କରି ଆସୁଥିବା ଦୋକାନୀ ବିସ୍ଥାପିତ ପରେ କଣ କରିବେ ବୋଲି ଚିନ୍ତାରେ ରହିଛନ୍ତି। ବୈଠକରେ ସହର ଭିତର ଦେଇ ରାସ୍ତାସମ୍ପ୍ରସାରଣକୁ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ବାଇପାସ୍ ପାଇଁ ଆନ୍ଦୋଳନ ତୀବ୍ରତର କରିବାକୁ ସମର୍ଥନ ଜଣାଇଥିଲେ। ଏଥିରେ ବାଇପାସ୍ ସମର୍ଥନର ମୁଖ୍ୟ ସ୍ରୋତ ଜେନାମଣି ଯୋଗଜନ୍ମା ଦାସ ଶର୍ମା ବୈଠକକୁ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ଅଞ୍ଚଳବାସୀ ସହରରେ ବାଇପାସ୍ ପାଇଁ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦିଲ୍ଲୀପ ପ୍ରଧାନ, ବିଶ୍ୱଜିତ ପଣ୍ଡା, ନନ୍ଦୁ ମିରୀ, ହୃଷୀକେଶ ବିଶ୍ୱାଳ, ସୁଶାନ୍ତ ବେହେରା, ବ୍ରହ୍ମା ମହାକୁଡ଼, ପ୍ରଶାନ୍ତ ମହାକୁଡ଼, ବିଦେଶୀ ସାହୁ, ବାନାମ୍ବର ବାରିକ ପ୍ରମୁଖ ସମେତ ଶତାଧିକ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



# ଆର୍‌ଏସ୍‌ପି ପକ୍ଷରୁ ମାଷ୍ଟର ଟ୍ରେନରଙ୍କ ପାଇଁ କର୍ମଶାଳା



ରାଉରକେଲା, ୨।୯ (ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ରେ ତିନି ଦିନ ବ୍ୟାପୀ ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ ଜନସେବା କାର୍ଯ୍ୟକ୍ରମର ସାମର୍ଥ୍ୟ ଗଠନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାର ଉଦଯାପନୀ ଅଧିବେଶନରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଅଧକ୍ଷତା କରିଥିଲେ। ଏହି ଅବସରରେ ଏଚ୍‌ଆର୍‌ଏଲ ଏଣ୍ଡ ଡି ବିଭାଗର ସିଜିଏମ୍ ପିକେ ସାହୁ ମଞ୍ଚାସୀନ ଥିଲେ। ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣକାରୀଙ୍କ ସହ ମତବିନିମୟ କରିବା ସହିତ ସେମାନଙ୍କର ମତାମତ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କାରଖାନାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ମାଷ୍ଟର ଟ୍ରେନର ଭାବେ ତାଲିମ ଦିଆଯାଇଥିଲା, ଯେଉଁମାନେ ସମ୍ପୃକ୍ତ ବିଭାଗର କର୍ମଚାରୀମାନଙ୍କୁ ତାଲିମ ଦେବେ। ଏହି ଅବସରରେ ଶ୍ରୀ କୁମାର ଏକ ପ୍ରତିକ୍ରିୟାଶୀଳ, ଦକ୍ଷ ଏବଂ ନାଗରିକ-କୈନ୍ଦ୍ରିକ କର୍ମଶକ୍ତି ଗଠନରେ ରାଷ୍ଟ୍ରୀୟ କର୍ମଯୋଗୀ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀ ସାହୁ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ଟିଆଇ ସିଏଚଆରଡି ବିଭାଗର ଜିଏମ୍ ଜେଏନ୍ ହେମ୍ବ୍ରମ ଏବଂ କେଆଇଓଏମ୍‌ର ଡିଜିଏମ ଆର. ବିଶ୍ୱାସ ତାଲିମ ପ୍ରଦାନ କରିଥିଲେ। ମାଷ୍ଟର ପ୍ରଶିକ୍ଷକମାନେ ଆର୍‌ଏସ୍‌ପି ଏବଂ ଓଡ଼ିଶା ଗ୍ରୁପ ଅଫ୍ ମାଇନ୍ସର ଅବଶିଷ୍ଟ କର୍ମଚାରୀମାନଙ୍କ ପାଇଁ ଏକ ଦିନିକିଆ କର୍ମଶାଳା ପରିଚାଳନା କରିବେ।

### ପୋଲ ଉପରେ ତିନି ଫୁଟ୍ ଉଚ୍ଚର ପାଣି

# ବାହ୍ୟ ଜଗତରୁ ବିଚ୍ଛିନ୍ନ ଭାଲୁପାଣି ପଞ୍ଚାୟତ

ବଣାଇଁ, ୨।୯ (ସମିସ)



ବଣାଇଁ ବ୍ଲକ ସରସରା ପଞ୍ଚାୟତ ବଲାଙ୍ଗ ଛକ ନିକଟରେ ପ୍ରବାହିତ ହେଉଛି ପଟଙ୍ଗା ନାଳ। ଗତ କାଲିଠାରୁ ପଶ୍ଚିମ ଓଡ଼ିଶାରେ ବର୍ଷାର ମାତ୍ରା ବଢ଼ିଥିବା ବେଳେ ପ୍ରବଳ ବର୍ଷା ଯୋଗୁଁ ପଟଙ୍ଗା ନାଳ ଉପରେ ଥିବା ପୋଲ ଉପରେ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଯାହା ଫଳରେ ଉଭୟ ପାର୍ଶ୍ୱରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଲୋକମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଛାତ୍ରଛାତ୍ରୀ ସ୍କୁଲ ଯିବା ଆସିବାଠାରୁ ଆରମ୍ଭ କରି ସରସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ଯିବା ଆସିବା ପାଇଁ ସେହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ନାଳ ଉପରେ ଥିବା ପୋଲଟି ବହୁତ ପୁରୁଣା ତଥା କମ୍ ଉଚ୍ଚତାରେ ଥିବା ହେତୁ ବର୍ଷା ହେଲେ ପାହାଡ଼ିଆ ଅଞ୍ଚଳର ପାଣି ତୁରନ୍ତ ମାଡ଼ିଆସି ପୋଲ ଉପର ଦେଇ ପ୍ରବାହିତ ହୁଏ। ଫଳରେ ସରସରା ପଞ୍ଚାୟତ ଉପରେ ନିର୍ଭର କରୁଥିବା ଲୋକମାନେ ଘଣ୍ଟା ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ରହିଥାନ୍ତି। ପରେ ପାଣି ଟିକିଏ କମିଗଲେ ଜୀବନକୁ ବାଜି ଲଗାଇ ଯିବାଆସିବା କରିଥାନ୍ତି। ବର୍ଷା ସମୟରେ ଗର୍ଭବତୀ ମହିଳା, ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନା ନେବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼େ। ଫଳରେ ୧୦ଟି ଗାଁ, ଭାଲୁପାଣି, ବରଘାଟ, ଉଲସୁରା, ଭାଡ଼ିମରା, ଇତ୍ୟାଦିର ଲୋକମାନେ ଜଳବନ୍ଦୀ ଭାବେ ଜୀବନ ବିତାଇବାକୁ ବାଧ ହୋଇଥାନ୍ତି। ବର୍ଷେ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବାବେଳେ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରୁନାହିଁ। ତେଣୁ ଏହି ସମସ୍ତ ଗ୍ରାମର ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଟଙ୍ଗା ନାଳ ଉପରେ ଏକ ଉଚ୍ଚ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡିୱାଇଏଫ୍‌ଆଇ ସମ୍ମିଳନୀ ଉଦ୍‌ଯାପିତ



**ରାଉରକେଲା, ୨।୯ (ସମିସ):** ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍‌ଆଇ) ଓଡ଼ିଶା ରାଜ୍ୟ କମିଟିର ୧୩ତମ ଦୁଇ ଦିନିଆ ସମ୍ମିଳନୀ ରାଉରକେଲାସ୍ଥିତ ଆଦର୍ଶ ପାଠାଗାରଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସଂଗଠନର ପ୍ରାକ୍ତନ ରାଜ୍ୟ ସଭାପତି ଯୁଧିଷ୍ଠିର ବେହେରା ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ନିର୍ବାଚନ ସମୟରେ ଦେଶର ଯୁବ ସମାଜକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ସମ୍ପୂର୍ଣ୍ଣ ପ୍ରତାରଣାରେ ପରିଣତ ହୋଇଛି ବୋଲି କହିଥିଲେ। ସମ୍ମିଳନୀରେ ରାଜ୍ୟ ସଭାପତି ସରୋଜ ନାୟକ, ରାଜ୍ୟ ଉପସଭାପତି ରାଜ କିଶୋର ପ୍ରଧାନ ଓ ଅପର୍ଣ୍ଣା ନାଏକ ଉପସ୍ଥିତ ଥିଲେ। ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ଯୁଗ୍ମ ସମ୍ପାଦକ ଶେଖର ଶର୍ମା, ଅଜିତ ପାଣିଗ୍ରାହୀଙ୍କୁ ନେଇ ପରିଚାଳନା କମିଟି ସମ୍ମିଳନୀ ଗଠନ କରାଯାଇଥିଲା। ଶେଷରେ ଆଗାମୀ ଦିନ ପାଇଁ ଏକ ୧୯ ଜଣିଆ ରାଜ୍ୟ କମିଟି ଗଠିତ ହୋଇଥିଲା। କମିଟିର ରାଜ୍ୟ ଆବାହକ ଭାବରେ ସରୋଜ ନାୟକ ନିର୍ବାଚିତ ହୋଇଥିବା ବେଳେ ରାଜ୍ୟ କମିଟିକୁ ଶେଖର ଶର୍ମା, ବାଦଲ ବାରିକ୍, ମନୋଜ ପୂର୍ତ୍ତି, ବିପିନ୍ ବାଜୁ, ବିରଞ୍ଚି ପ୍ରଧାନ, ଶ୍ରୀଧର ସ୍ୱାଇଁ, ପ୍ରଦୀପ ମଣ୍ଡଳ, ଚନ୍ଦନ ସାହୁ, ଚନ୍ଦନ କାମିଲା ପ୍ରମୁଖଙ୍କ ସମେତ ଅନ୍ୟମାନେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଶେଷରେ ଅଭ୍ୟର୍ଥନା କମିଟି ପକ୍ଷରୁ କୋଷାଧକ୍ଷ ଚନ୍ଦ୍ରଭାନୁ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଜେପି ପକ୍ଷରୁ ସମ୍ବର୍ଦ୍ଧନା

**କୁତ୍ରା, ୨।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକରେ ବିଜେପି ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା ବିଡିଓଙ୍କୁ ସ୍ୱାଗତ ଓ ପୁରୁଣା ବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଡିଓ ଯୁଗଳ କିଶୋର ବିଶ୍ୱାଳଙ୍କ ବୌଦ୍ଧ ବ୍ଲକକୁ ବଦଳି ହୋଇଯାଇଛି। ସିମୁଳିଆ ବ୍ଲକର ବିଡିଓ ଗୋପୀନାଥ ଖାଖା କୁତ୍ରା ବ୍ଲକକୁ ବଦଳି ହୋଇ ଆସିଛନ୍ତି। କୁତ୍ରା ବ୍ଲକରେ ନୂତନ ଭାବେ ବରିଷ୍ଠ ଯନ୍ତ୍ରୀ ସମରା କିଣ୍ଡୋ ଯୋଗ ଦେଇଛନ୍ତି। ସମସ୍ତଙ୍କୁ କୁତ୍ରା ବିଜେପିର ସାଂସଦ ପ୍ରତିନିଧି ଦେବେନ୍ଦ୍ର ସିଂହ, କୁତ୍ରା ବିଜେପି ମଣ୍ଡଳ ସଭାପତି ରାଜେଶ ଲାକ୍ରା, ଖତକୁରବାହଲ ମଣ୍ଡଳ ବିଜେପି ସଭାପତି ରମେଶ ସିଂ, କୁତ୍ରା ବ୍ଲକ ପୂର୍ବତନ ସାଂସଦ ପ୍ରତିନିଧି ମହାରାଜ ମାଝୀ, କୁତ୍ରା ମଣ୍ଡଳ ପୂର୍ବତନ ବିଜେପି ସଭାପତି ସଞ୍ଜୀବ



ମହାନନ୍ଦିଆ, ଖତକୁରବାହଲର ମଣ୍ଡଳ ପୂର୍ବତନ ସଭାପତି ପ୍ରଫୁଲ୍ଲ ସିଂ, ପ୍ରକାଶ କେରକେଟା, କରୁଣାକର ଜୟପୁରିୟା, ବର୍ମା ହେସ, ପୁନମ ଟପ୍ପୋ, ପ୍ରବିନ ସାହୁ, ବଦ୍ରି ସାହୁ, ସଞ୍ଜିବ ବରୁଆ ଓ କାହ୍ନୁ ଚରଣ ସାହୁ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଶେୟାର୍ ପକ୍ଷରୁ ଜାତୀୟ କ୍ରୀଡ଼ା ସପ୍ତାହ

**ରାଉରକେଲା, ୨।୯ (ସମିସ):** ସାମାଜିକ ସଂଗଠନ ଶେୟାର୍ ପକ୍ଷରୁ ବସ୍ତିଆ ଭବନରେ ଜାତୀୟ କ୍ରୀଡ଼ା ସପ୍ତାହ ପାଳିତ ହୋଇଯାଇଛି। ଶେୟାର୍ ଅଧକ୍ଷ ସରୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଦିଗମ୍ବର ଦାସ, ନିର୍ଦ୍ଦେଶକ ଦିଲୀପ କୁମାର ପରିଡ଼ା, ଆନ୍ତର୍ଜାତୀୟ ରେଫରୀ ନିଖିଳ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଦିଲୀପ କୁମାର ପରିଡ଼ା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅଧକ୍ଷ ସରୋଜ କୁମାର ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନିଖିଳ ପ୍ରଧାନ, ପ୍ରଦୀପ କୁମାର ଦାସ ଓ ଦିଗମ୍ବର ଦାସ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ହକିରେ କୃଷ୍ଣ ମୋହନ, ଟେବୁଲ୍ ଟେନିସ୍‌ରେ ମିସ୍ ଆନି କିଣ୍ଡୋ, ଅଥଲେଟିକ୍‌ରେ ପ୍ରତିକ ମହାରଣା, କବାଡିରେ ନବୀନ ରତନ ଦାସ, ବ୍ୟାଡମିଣ୍ଟନରେ ଗୀତାଶ୍ରୀ ଦେୟ, ଭଲିବଲରେ ରାଜ୍ କିଣ୍ଡୋ, ଡିସେବଲ୍‌ଡ୍ କ୍ରିକେଟରେ ନରେଶ କୁଜୁର,



ଚେସ୍‌ରେ ବନାନୀ ମୁଖାର୍ଜୀ, ବାସକେଟ୍ ବଲରେ ଆର୍ଚ୍ଚିତା ମହାପାତ୍ର, ଅଥ୍ଲେଟ୍‌ରେ ଅଦିତ୍ୟ କୁମାର ରାଉତଙ୍କୁ 'ଶେୟାର ସ୍ପୋର୍ଟସ' ଆୱାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ଜାତୀୟ ଓ ଆନ୍ତର୍ଜାତୀୟ କୋଚ୍ ଶିବ ପ୍ରସାଦ ମିଶ୍ରଙ୍କୁ ସ୍ପୋର୍ଟସ କଣ୍ଟ୍ରିବ୍ୟୁସନ ଆୱାର୍ଡ, ପ୍ରତିକ ମହାରଣାଙ୍କୁ 'ସ୍ପୋର୍ଟସ ପର୍ସନ ଅଫ୍ ଦି ଇୟର', ପଦ୍ମନାଭ ମହାପାତ୍ରଙ୍କୁ ସୋସିଆଲ କଣ୍ଟ୍ରିବୁସନ ଆୱାର୍ଡ ଓ କଳ୍ପନା ମହାତୋଙ୍କୁ ଡିସାବୁଲ ଟିଚର ସ୍ୱତନ୍ତ୍ର ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ପ୍ରଦୀପ୍ତ ମହାନ୍ତି, ଉପାଧକ୍ଷ ଅନ୍ନା କେରକେଟା, ଧର୍ମେନ୍ଦ୍ର ଦାସ, ସଂଯୋଗୀ ସମନ୍ୱୟକାରୀ ସସ୍ମିତା ଦାସ, ସହସଚିବ ବିମଳ ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ରଶ୍ମିତା ଚୌଧୁରୀ, ସରୋଜ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନିଲ ମଲ୍ଲିକ୍ ପରିଚାଳନା କରିଥିବା ବେଳେ ଧର୍ମେନ୍ଦ୍ର ଦାସ, ଆନ୍ନା କେରକେଟା, ସସ୍ମିତା ଦାସ, ରାଜୀବ ନାୟକ, ଜିତେନ୍ ମହାନ୍ତି, ଅଭିନାଶ ଖଟୁଆ, ପ୍ରଦୀପ୍ତ ମହାନ୍ତି, ଲିନା ସେନାପତି, ମନୋଜ ନାୟକ, ସଞ୍ଜିତ ମଲ୍ଲିକ୍, ଆଲବର୍ଟ କିଣ୍ଡୋ, ବସନ୍ତ ସ୍ୱାଇଁ, ଅଜିତ ବୱ୍ରା, ବିମଳ ସାହୁ ଓ ଅନିଲ ମଲ୍ଲିକ ସହଯୋଗ କରିଥିଲେ। ଡ. ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପିର ଗୁଣବତ୍ତା ମଣ୍ଡଳୀ ପ୍ରତିଯୋଗିତା

**ରାଉରକେଲା, ୨।୯ (ସମିସ):** ଆର୍‌ଏସ୍‌ପିର ଗୁଣବତ୍ତା ମଣ୍ଡଳୀ (ପିଏଲ୍‌କ୍ୟୁସି) ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଏଥିରେ ରେକର୍ଡ ସଂଖ୍ୟକ ଗୁଣବତ୍ତା ମଣ୍ଡଳୀ, କାରଖାନାର ବିଭିନ୍ନ ବିଭାଗରୁ ୩୯ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୩୪ଟି ଦଳ ସ୍ୱର୍ଣ୍ଣ ପୁରସ୍କାର ହାସଲ କରିଥିଲେ। ପ୍ରତିଯୋଗିତାର ପରବର୍ତ୍ତୀ ପର୍ଯ୍ୟାୟ ଚାପ୍ଟର କନ୍‌ଭେନସନ୍ ଅଫ୍ କ୍ୱାଲିଟି ସର୍କଲ୍ (ସିସିକ୍ୟୁସି -୨୦୨୪) ପ୍ରତିଯୋଗିତା ସେପ୍ଟେମ୍ବର ୨୦ ଓ ୨୧ ତାରିଖରେ ଅନୁଷ୍ଠିତ ହେବ। ଆର୍‌ଏସ୍‌ପିର ଗୋପବନ୍ଧୁ ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମର ପୁରସ୍କାର ବିତରଣ ସମାରୋହରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧକ୍ଷତା କରିଥିଲେ। ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଆତିଶ ଚନ୍ଦ୍ର ସରକାର, ମେଣ୍ଟେନାନ୍ସ ବିଭାଗର ଏସ୍ ଏସ୍ ରାୟଚୌଧୁରୀ ଏବଂ ଏଚଆର ଏଲ୍‌ଏଣ୍ଡଡି ବିଭାଗର ପିକେ ସାହୁ ଉପସ୍ଥିତ ଥିଲେ। ଉତ୍କର୍ଷତା ହାସଲ କରିଥିବା ଦଳଗୁଡ଼ିକୁ ବରିଷ୍ଠ ଅଧିକାରୀମାନେ ସମ୍ମାନିତ କରିଥିଲେ। ଏଥିସହ ଆର୍‌ଏସ୍‌ପିର ମାନବସମ୍ବଳକୁ ଶିଳ୍ପର ସର୍ବୋତ୍ତମ ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଚାରକ ମଣ୍ଡଳୀର ସଦସ୍ୟଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏଥିରେ ରୋଲ ସପ ବିଭାଗର ଜିଏମ୍ ଇନ୍‌ଚାର୍ଜ ସମୀର ମହାପାତ୍ର, ବିଇ, ଆଇଇଡି ଏଣ୍ଡ ଏଚଏ ବିଭାଗର ଜିଏମ ଆରକେ ବର୍ମା, ନୂତନ ପ୍ଲେଟ ମିଲ ବିଭାଗର ଜିଏମ ନୀଳମଣି ମହାପାତ୍ର, ସିଇଡି ବିଭାଗର ଜିଏମ ଏସ୍‌ଆର୍ ପତି, ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଜିଏମ୍ ୟୁକେ ଭୁଜବଳ, ଟେକ୍ନିକାଲ୍ ସେଲ୍ ବିଭାଗର ଡିଜିଏମ ଫରାଜ ଆବାସିଙ୍କ ସମେତ ପାଇପ ପ୍ଲାଣ୍ଟ ବିଭାଗର ଡିଜିଏମ ଏମପିଭି



ନାଇଡୁ ସାମିଲ ଥିଲେ। ଆର୍ ଆଣ୍ଡ ସି ଲାବୋରେଟୋରୀ ବିଭାଗର ଜିଏମ୍ ଇନ୍‌ଚାର୍ଜ ଆର୍‌ଏସ୍ ଶର୍ମା ସମାବେଶକୁ ସ୍ୱାଗତ କରିଥିବା ବେଳେ ଉକ୍ତ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଖୁସବୁ ମିଶ୍ର, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆର୍ କିରଣ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ସମ୍ମିଳନୀର ନୂତନ କର୍ମକର୍ତ୍ତା ଚୟନ

**ରାଉରକେଲା, ୨।୯ (ସମିସ):** ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାର ଏକ ସାଧାରଣ ପରିଷଦ ବୈଠକ ଛେଣ୍ଡ କଲୋନୀ ସ୍ଥିତ ଧାମରା ସଂଘ ସଭାଗୃହରେ ଶାଖାର ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଅଧିକାରୀ ଗିରିଜା ଶଙ୍କର ଦ୍ୱିବେଦୀ କେନ୍ଦ୍ରୀୟ ପର୍ଯ୍ୟବକ୍ଷକ ରାଜ୍ୟ ଉପସଭାପତି ପଦ୍ମନାଭ ସାମଲ ଯୋଗଦେଇ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ଏହି ଅବସରରେ ସଭାପତି ଭାବେ ସୁଦାମ ଚନ୍ଦ୍ର ଦାଶ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ଚିତ୍ତ ରଞ୍ଜନ ଦାଶ, ତପସ୍ୱିନୀ ବହିଦାର, ଡକ୍ଟର କିଶୋରୀ ଦାଶ, ନବଘନ ପାଣି, ଅନୀଲ କୁମାର ଦାଶ ଓ ସାଧାରଣ ସମ୍ପାଦକ ଭାବେ ଅକ୍ଷୟ କୁମାର ଦାସ ମନୋନୀତ ହୋଇଛନ୍ତି। ସେହିପରି ସହ ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ବରାଳ, କୋଷାଧକ୍ଷ ଭଗବାନ ମହାପାତ୍ର, ସମ୍ପାଦକ ରାଜ କିଶୋର ମିଶ୍ର, ହରିହର ଶତପଥୀ, ବିଜୟ କୁମାର ସାହୁ, ନିରଞ୍ଜନ ସାମଲ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଡ. ଉମାକାନ୍ତ ପଣ୍ଡା, ରାଜେନ୍ଦ୍ର କୁମାର ମହାନ୍ତି, ଡ. ଚନ୍ଦ୍ରକାନ୍ତି ନାୟକ, ସରଳା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ନାୟକ, ସୁଶାନ୍ତ କୁମାର ନାୟକ, ଅଜୟ କୁମାର ପ୍ରଧାନ, ଉତ୍ତମ କୁମାର ବାରିକ, ଅରୁଣ କୁମାର ପରିଡ଼ା, ବାଳକୃଷ୍ଣ ସ୍ୱାଇଁ, ସୌଭାଗ୍ୟବତୀ ସାହୁ, ଉର୍ବଶୀ ଦାଶପତି, ହରିହର ଶତପଥୀ, ସୁନୀଲ କୁମାର ମହାନ୍ତି, ସୂର୍ଯ୍ୟ ନାରାୟଣ ପଣ୍ଡା, ନାରାୟଣ ଚନ୍ଦ୍ର ସାମଲ, ଅରବିନ୍ଦ ପାତ୍ର, ଲକ୍ଷ୍ମଣ ପରିଡ଼ା, ସୁବାସ ଚନ୍ଦ୍ର ଲେଙ୍କା, ପ୍ରଦୀପ କୁମାର ମହାନ୍ତି, ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ମନୋନୀତ ହୋଇଛନ୍ତି। ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ନିଶିକାନ୍ତ ମିଶ୍ର ଏବଂ ରାଜଗାଙ୍ଗପୁର ଶାଖା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ନିର୍ବାଚନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଉପସଭାପତି ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପିୟୁଟିରେ ଜାତୀୟ ମହାକାଶ ସପ୍ତାହ

**ରାଉରକେଲା, ୨।୯ (ସମିସ):** ଜାତୀୟ ମହାକାଶ ସପ୍ତାହ ୨୦୨୫ ପାଳନ ଅବସରରେ ରାଉରକେଲା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରେ 'ଭାରତର ଗୌରବମୟ ମହାକାଶ କାହାଣୀ: ପ୍ରାଚୀନ ଆକାଶରୁ ଆଧୁନିକ ଦିଗନ୍ତ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ନେତାଜୀ ସୁଭାଷ ଅଡିଟୋରିୟମ୍ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ମହାକାଶ ବୈଜ୍ଞାନିକ ଗନ୍ଧର୍ବ ବେହେରା ଅଭିଭାଷଣ ପ୍ରଦାନ କରିଥିଲେ।



ଓଡ଼ିଶା ରିମୋଟ୍ ସେନ୍ସିଂ ଆପ୍ଲିକେସନ୍ ସେଣ୍ଟର (ଓର୍ସାକ)ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଇସ୍ରୋର ରିମୋଟ୍ ସେନ୍ସିଂ ଆପ୍ଲିକେସନ୍ ଏବଂ ଭୌଗୋଳିକ ସୂଚନା ପ୍ରଣାଳୀର ଉପନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିବା ଶ୍ରୀ ବେହେରା ଭାରତର ଉଲ୍ଲେଖନୀୟ ମହାକାଶ ଯାତ୍ରା ବିଷୟରେ ଦର୍ଶକଙ୍କୁ ମାର୍ଗଦର୍ଶନ କରିଥିଲେ।

ଏହି କାର୍ଯ୍ୟକ୍ରମ ଭାରତୀୟ ବୈଜ୍ଞାନିକମାନଙ୍କର ଅବିଶ୍ୱସନୀୟ ସଫଳତା ଏବଂ ଦେଶର ମହାକାଶ ମିଶନଗୁଡ଼ିକୁ ସଫଳତାର ସହିତ ପ୍ରଦର୍ଶନ କରିଥିଲା। ଯାହା ଛାତ୍ର ଏବଂ ଅଧ୍ୟାପକଙ୍କୁ ପ୍ରେରଣା ଏବଂ ଗର୍ବ ଅନୁଭବ କରାଇଥିଲା। ଆଗାମୀ ପିଢ଼ିକୁ ମହାକାଶ ଅନୁସନ୍ଧାନରେ ଭାରତର ଜାରି ରହିଥିବା ଐତିହ୍ୟରେ ଯୋଗଦାନ ଦେବାକୁ ପ୍ରେରଣା ଦେବା ଏହି ଆଲୋଚନାର ଉଦ୍ଦେଶ୍ୟ ରହିଥିଲା।

# ଟ୍ରାଭେଲର ଓ ବାଇକ୍ ମୁହାଁମୁହିଁ ଧକ୍କା

**ବଣାଇଁ, ୨।୯ (ସମିସ):** ବଣାଇଁ ସହରସ୍ଥିତ ବିଜୁ ପାର୍କ ନିକଟରେ ଗତ ରାତିରେ ଏକ ଟ୍ରାଭେଲର ଓ ବାଇକ୍ ମୁହାଁମୁହିଁ ଧକ୍କା ହେଇଛି। ଟ୍ରାଭେଲର ଟି ଓଏମ୍‌ସିରୁ କାର୍ଯ୍ୟ ସାରି କର୍ମଚାରୀଙ୍କୁ ନେଇ ବଣାଇଁ ଫେରୁଥିବାବେଳେ ବଣାଇଁ ପଟୁ ବାଇକ୍ ଯୋଗେ ଭରତ ମହାକୁଳ, ଶ୍ୟାମସୁନ୍ଦର ମହାକୁଳ, ଓ ଗଣେଶ ଆପଟ ତାଙ୍କ ଗ୍ରାମ ଫୁଲଝର ଅଭିମୁଖେ ଯାଉଥିବାବେଳେ ବିଜୁ ପାର୍କ ନିକଟରେ ଉଭୟଙ୍କ ଧକ୍କା ହୋଇଥିଲା। ବାଇକ୍‌ରେ ବସିଥିବା ତିନି ଜଣ ରାସ୍ତା ଉପରେ ଛିଟିକି ପଡ଼ିବାରୁ ୨ ଜଣ ଗୁରୁତର ହେବା ସହିତ ଜଣେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ୬୫ ବର୍ଷ ପରେ ବି ସ୍ମାର୍ଟ ସିଟିରେ କାର୍ଯ୍ୟରତ ସିଏଫ୍‌ଓ

ରାଉରକେଲା, ୨।୯ (ସମିସ)

୬୫ ବର୍ଷ ପରେ କୌଣସି ଅଧିକାରୀ କୌଣସି କାର୍ଯ୍ୟାଳୟରେ କାର୍ଯ୍ୟ କରି ପାରିବେ ନାହିଁ ବୋଲି ରହିଥିବା ସରକାରୀ ନିର୍ଦ୍ଦେଶନାମାକୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ କାର୍ଯ୍ୟାଳୟରେ ଉଲ୍ଲଂଘନ କରାଯାଇଥିବା ଜଣାପଡ଼ିଛି। ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ଚିଫ୍ ଫାଇନାନ୍ସ ଅଫିସର (ସିଏଫ୍‌ଓ)ଙ୍କ ବୟସ ସମ୍ପ୍ରତି ୬୮ ବର୍ଷ ହୋଇଥିଲେ ମଧ ସରକାରୀ ନିର୍ଦ୍ଦେଶକୁ ବେଖାତିର କରି ତାଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାଯୋଗ୍ୟ ଯେ ୬୫ ବର୍ଷ ବୟସରୁ ଅଧିକ ବୟସ୍କ ବ୍ୟକ୍ତି ଚାକିରିରେ ନିଯୁକ୍ତି ନଦେବା ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୨୦୨୪ ମସିହା ସେପ୍ଟେମ୍ବର




୧୨ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଏ ନେଇ ସମସ୍ତ ବିଭାଗକୁ ଅବଗତ କରାଯାଇଥିଲା। ତେବେ ଜିଏ ବିଭାଗର ଏହି ନିର୍ଦ୍ଦେଶନାମା ରାଉରକେଲାର ସ୍ମାର୍ଟ ସିଟି ଲିମିଟେଡ୍ କାର୍ଯ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଅଫିସରେ ଚିଫ ଫାଇନାନ୍ସିଆଲ୍ ଅଫିସର ୟୁସି ପାତ୍ର ନାମକ ଜଣେ ଆର୍‌ଏସ୍‌ପିରୁ ଅବସର ଗ୍ରହଣ କରିବା ପରେ ଚିଫ୍ ଫାଇନାନ୍ସିଆଲ ଅଫିସର ଭାବେ ୮ ବର୍ଷ ହେବ କାର୍ଯ୍ୟ କରୁଛନ୍ତି। ଶିକ୍ଷିତ ବେକାରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇ ପାରୁନଥିବା ବେଳେ ସରକାରୀ ନିୟମର ଉଲ୍ଲଙ୍ଘନ କରି ବୟସ ଅତିକ୍ରାନ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେବା ବିଭାଗୀୟ ଉଦାସୀନତାକୁ ପଦାରେ ପକାଇଛି।

ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର ଚିଫ ଫାଇନାନ୍ସିଆଲ୍ ଅଫିସର ଶ୍ରୀ ପାତ୍ରଙ୍କ କାର୍ଯ୍ୟକାଳ ସମୟରେ ବିଭିନ୍ନ ଅନିୟମିତା ଓ ଦୁର୍ନୀତି ହୋଇଥିବା ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅଭିଯୋଗ କରାଯିବା ସହ ସମସ୍ତ କାର୍ଯ୍ୟର ତଦନ୍ତ କରିବା ପାଇଁ ଦାବି କରାଯାଇଛି। ଏ ନେଇ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ ଚିଫ ଫାଇନାନ୍ସିଆଲ୍ ଅଫିସର ଶ୍ରୀ ପାତ୍ରଙ୍କୁ ପଚାରିବାରୁ ସେ ତାଙ୍କର ବୟସ ୬୮ ବର୍ଷ ହୋଇଥିବା ମାନିବା ସହ ସରକାର ତାଙ୍କୁ ନିଯୁକ୍ତି ଦେଇଛନ୍ତି, ଯେବେ ବାହାର କରିଦେବେ ସେ ଛାଡ଼ି ଦେବେ ବୋଲି କହିଛନ୍ତି। ସେପଟେ ଶାସକ ଦଳ ବିଜେପିର ବରିଷ୍ଠ ନେତା ରାଜ୍ୟ ମୁଖପାତ୍ର ଧୀରେନ ସେନାପତି କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ବେଆଇନ। ସରକାରଙ୍କ ନିୟମ ଖିଲାପ କରି କିପରି ୬୫ ବର୍ଷ ପରେ ସିଏଫ୍‌ଏଲ୍ କାର୍ଯ୍ୟ କରୁଛନ୍ତି ତା'ର ତଦନ୍ତ ପାଇଁ ସେ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

# ଆଇନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**ରାଉରକେଲା, ୨।୯ (ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ଅପରେସନ ସିନ୍ଦୂରର ବିଜେତା ବୀର ସୈନିକମାନଙ୍କ ସମ୍ମାନାର୍ଥେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡାକ୍ତର ବିଭୁରଞ୍ଜନ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ତଥା ପୁରାତନ ଛାତ୍ରସଂସଦର ସଦସ୍ୟ, ମହାବିଦ୍ୟାଳୟର ପ୍ରାଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ।

## ନାବାଳିକା ଅପହରଣକାରୀ ଯୁବକ ଗିରଫ

ଝାରସୁଗୁଡ଼ା,୨।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଥାନା ଅଞ୍ଚଳରେ ଜଣେ ୧୭ ବର୍ଷୀୟ ନାବାଳିକାକୁ ବିବାହ ପ୍ରତିଶ୍ରୁତି ଦେଖାଇ ଅପହରଣ କରି ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଗିରଫ ଅଭିଯୁକ୍ତକୁ ମଙ୍ଗଳବାର କୋର୍ଟଚାଲାଣ କରିଥିବା ବେଲପାହାଡ ପୁଲିସ ସୂଚନା ଦେଇଛି। ପୀଡିତା ନାବାଳିକାଙ୍କ ମାଆ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କ ମାଙ୍କ ଅଭିଯୋଗ ମୁତାବକ ଗତ ଅଗଷ୍ଟ ୭ ତାରିଖ ବେଲପାହାଡ ଥାନାଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ଜଣେ ୨୭ ବର୍ଷୀୟ ଯୁବକ ବିବାହ ପ୍ରତିଶ୍ରୁତି ଦେଖାଇ ଜୋର ଜବରଦସ୍ତି ଅପହରଣ କରି ରାଉରକେଲାକୁ ନେଇଥିଲା। ସେଠାରେ ଯୁବକ ଜଣକ ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲା। ସେଠାରେ ଦୀର୍ଘ ୨୪ ଦିନ ଅତିବାହିତ କରି ସୋମବାର ନାବାଳିକା ସହ ଯୁବକ ଜଣକ ନିଜ ଘରକୁ ଫେରିଥିଲା। ଖବରପାଇ ନାବାଳିକାଙ୍କ ପରିବାର ତୁରନ୍ତ ଯୁବକ ଘରୁ ନାବାଳିକାକୁ ଉଦ୍ଧାର କରିଥିଲେ। ଏହା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ବିଦାୟ ନେଲେ ଗଜାନନ

ଝାରସୁଗୁଡ଼ା,୨।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଗୁମାଡେରା ମାର୍କେଟ ବଏଚ ଆସୋସିଏସନ୍ ଦ୍ୱାରା ଧୁମଧାମରେ ବିଘ୍ନ ବିନାଶକ ଗଜାନନଙ୍କ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଘ୍ନ ବିନାଶକଙ୍କ ବିସର୍ଜନ ରୀତିନୀତି ପରେ ମଙ୍ଗଳବାର ସନ୍ଧ୍ୟା ୬ ଟା ୩୦ରୁ ଗୁମାଡେରା ସହରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଝାରଖଣ୍ଡର ଆଦିବାସୀ ନୃତ୍ୟ, କୋଲକାତାର କାଳୀମା ନୃତ୍ୟ, ଛତିଶଗଡର ଅଘୋରୀ ନୃତ୍ୟ, ରାଇପୁର ଝାଙ୍କି, ବାଙ୍ଗାଲୋରର ଡୁପ୍ଲିକେଟ୍ ମୋଦି, ପୁରୀର ନିଆଁ ନୃତ୍ୟ, ବେଲପାହାଡର ଗରିଲା ନୃତ୍ୟ, ବରଗଡ଼ର ଢୋଲବାଜା, ବୌଦ୍ଧର ଘୁମୁରୁ ନୃତ୍ୟ, ଛତିଶଗଡର ଝୁମର୍ ବାଜା ଏବଂ ବେଲପାହାଡ କଳକେ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ବିସର୍ଜନ କାର୍ଯ୍ୟକ୍ରମରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ମାର୍କେଟ ବଏଚ ଏସୋସିଏସନ ପକ୍ଷରୁ ଗଣେଶ ପୂଜା ୨୫ବର୍ଷରେ ପହଞ୍ଚିଛି। ଫଳରେ ଗୁମାଡେରାରେ ଗଣେଶ ପୂଜାକୁ ବିଶେଷ ଉତ୍ସାହର ସହିତ ପାଳନ କରାଯାଇଥିଲା। ସୁନ୍ଦର ପାଣ୍ଡାଲ୍, ସୁଉଚ୍ଚ ତୋରଣ ଓ ଆଲୋକ ସାଜସଜ୍ୟା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତିଦିନ ଭକ୍ତମାନଙ୍କ ପାଇଁ ଭୋଗ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ବିସର୍ଜନ କାର୍ଯ୍ୟକ୍ରମ ସୁରୁଖୁରରେ ନିର୍ବାହ ପାଇଁ ବେଲପାହାଡ ଥାନା ଅଧିକାରୀଙ୍କ ସହ ୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା

ଦେବଗଡ଼,୨।୯ (ସମିସ): ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମର ତିନି ଦିନିଆ ଜିଲ୍ଲାସ୍ତରୀୟ କର୍ମଶାଳାକୁ ମଙ୍ଗଳବାର ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଶୁଭାରମ୍ଭ କରିଛନ୍ତି। ଆଦି କର୍ମଯୋଗୀ ଅଭିଯାନର ଦେବଗଡ଼ ଜିଲ୍ଲା ପ୍ରଭାରୀ ଅରବିନ୍ଦ ମୁଦଗଲ ପରିଦର୍ଶକ ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଧରତୀ ଆବା ଜନଜାତୀୟ ଗାଁ ଉତ୍କର୍ଷ ଅଭିଯାନ ଅଧୀନ ଦେବଗଡ଼ ଜିଲ୍ଲାର ୫୨ଟି ଗାଁରେ ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କାର୍ଯ୍ୟକାରୀ ହେବା ସମ୍ପର୍କରେ ମୁଖ୍ୟ ଅତିଥି ଶ୍ରୀ ସାହୁ ଅବଗତ କରିଥିଲେ। ଅଭିଯାନର ଅଂଶରୂପେ ଧରତୀ ଆବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ୩୨ଟି ପଞ୍ଚାୟତ ଅଧୀନ ୫୨ଟି ଗାଁରେ ସଚେତନତା ଶିବିର ଆୟୋଜନ ପାଇଁ ପ୍ରସ୍ତାବ ହୋଇଛି। ବୈଠକରେ ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଭାତ ଓଝା, ଏସିଏଫ୍ ଅରୁଣ ବେହେରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ କଲ୍ୟାଣ ପ୍ରଶାର ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ଓସ୍ୱାସ୍‌ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ତାଲିମ ଶିବିର

ଦେବଗଡ଼,୨।୯ (ସମିସ): ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଓସ୍ୱାସ୍‌ର ସମ୍ମିଳନୀ କକ୍ଷରେ ଭର୍ଚୁଆଲ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସମସ୍ତ ଫାଇଲ ଡିଲିଂ ଅଧିକାରୀ ଏବଂ କର୍ମଚାରୀ କମ୍ପ୍ୟୁଟର ମାଧ୍ୟମରେ ଫାଇଲ ପ୍ରୋସେସିଂ କରିବା ପାଇଁ ଓସିଏସି ଏବଂ ଟିସିଏସ ଦ୍ୱାରା ଓସ୍ୱାସ ପ୍ଲାଟଫର୍ମରେ ଭର୍ଚୁଆଲ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ସମସ୍ତ ବିଭାଗର ଅଧିକାରୀ କର୍ମଚାରୀ, ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଜିଲ୍ଲା ଇ-ପ୍ରଶାସନ ପରିଚାଳକ ବିକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଅତାବିରାରେ ବ୍ଲକ୍‌ସ୍ତରୀୟ ସଂସ୍କୃତ ଦିବସ

ବରଗଡ଼,୨।୯ (ସମିସ): ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ମୂଳାଧାର ସଂସ୍କୃତ ବଞ୍ଚିଲେ ସଂସ୍କୃତି ବଞ୍ଚିବ ବୋଲି ଅତାବିରା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ୍‌ସ୍ତରୀୟ ସଂସ୍କୃତ ଦିବସ ପାଳନ ଅବସରରେ ବକ୍ତାଗଣ ମତ ପ୍ରକାଶ କରିଛନ୍ତି। ବ୍ଲକ୍ ସଭାପତି ଦିଲ୍ଲୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସୁଧୀର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ ଯୋଗ ଦେଇ ସଂସ୍କୃତ ଭାଷାର ମହନୀୟତା ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ କାର୍ତ୍ତିକ ବାଗ ପ୍ରଧାନ ଶିକ୍ଷକ ମନୋଜ ହରିପାଲ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳ ବାଗ, ଲବ ସାହୁ, ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଯୁଗ୍ମ ସଂପାଦକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂସ୍କୃତ ନାଟକ, ନୃତ୍ୟ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଘନଶ୍ୟାମ ପଣ୍ଡା, କିରଣ ବିଶ୍ୱାଳ, ମୋହନ ମେହେର, ଅରୁଣ ପଣ୍ଡା ପ୍ରମୁଖ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଦ୍ମାଳୟା ଭୋଇ, ସଗାରିକା ଦାସ, ମିଳି ଦାସ, ଜ୍ୟୋତିର୍ମୟ, ସୁଷମା ସାହୁ, ଶୁଭଶ୍ରୀ ବାରିକ, ସରିତା ପଣ୍ଡା ପ୍ରମୁଖଙ୍କ ସମେତ ଅତାବିରା ବ୍ଲକ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ମେଦିନୀ କାନ୍ତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରୁଚିଦା ହାଇସ୍କୁଲରେ ଯକ୍ଷ୍ମା ନିରାକରଣ ସଚେତନତା

ଅମ୍ବାଭୋନା,୨।୯ (ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବରଗଡ଼ ଆନୁକୂଲ୍ୟରେ ଜିଲ୍ଲା ଯକ୍ଷ୍ମା ବିଭାଗ ପକ୍ଷରୁ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ପୁରୁଷୋତ୍ତମ ହାଇସ୍କୁଲ ରୁଚିଦାରେ ଯକ୍ଷ୍ମା ନିରାକରଣ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶଙ୍କର ପ୍ରସାଦ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସ୍ୱାସ୍ଥ୍ୟ ଅଧିକାରୀ ଡ. ଭବାନୀ ଶଙ୍କର ପ୍ରଧାନ ଯୋଗ ଦେଇ ଯକ୍ଷ୍ମାରୋଗର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ସମସ୍ତଙ୍କୁ ଧାରଣା ଦେଇଥିଲେ। ଟିବି ଚାମ୍ପିଅନ ପ୍ରଣତି ଭୋଇଙ୍କୁ ତାଲିମ୍ ପୁସ୍ତିକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବଳରାମ ରଣା, ସୁବୋଧ ଭୋଇ, ହରବଲ୍ଲଭ ପ୍ରଧାନ, ପ୍ରଭାତ ନାୟକ, ତରଣୀସେନ୍ ପଧାନ, ଶିକ୍ଷୟିତ୍ରୀ ରୀନା ମେହେର, ମେନକା ସୁନା, ମେନକା ମେହେର, ତନୟା ଡନସନା, ପୁଷ୍ପାଞ୍ଜିନୀ ଭୁଏ ପ୍ରମୁଖ ସହଯୋଗ କରିଥିଲେ।

# ଟଙ୍କା ହେରଫେରର ମାମଲାରେ ପୂର୍ବତନ ଇଓ ଗିରଫ

ଝାରସୁଗୁଡ଼ା,୨।୯ (ସମିସ)

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌରପରିଷଦରେ ଆର୍ଥିକ ଅନିୟମିତତା ଘଟଣାରେ ବେଲପାହାଡର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି। ବେଲପାହାଡ ପୌର ପରିଷଦର ପୂର୍ବତନ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ୨୦୨୪-୨୫ ବର୍ଷରେ କୋଟି କୋଟି ଟଙ୍କାର ହେରଫେର କରି ଦୁର୍ନୀତିରେ ଛନ୍ଦି ହୋଇଥିଲେ। ତେବେ ଇଓଡବ୍ଲ୍ୟୁ ଘଟଣାର ତଦନ୍ତ କରି ମଧୁସ୍ମିତାଙ୍କୁ ଗିରଫ କରିଥିବା ନେଇ ମଙ୍ଗଳବାର ସୂଚନା ମିଳିଛି। ଅନ୍ୟପଟେ ଘଟଣାରେ ପୂର୍ବରୁ ପୌର ପରିଷଦ ଆକାଉଣ୍ଟାଣ୍ଟ ବିଭୂତି ଭୂଷଣ ସାହୁ ଗିରଫ ହୋଇଥିବା ବେଳେ ସାନିଟାରୀ ଏକ୍ସପର୍ଟ ସୋମ୍ୟ ବିଶ୍ୱରଞ୍ଜନ ମହାଳି ଗତ ୧୮ ତାରିଖରୁ ଫେରାର ଅଛନ୍ତି। ଘଟଣାର ତଦନ୍ତ ଏବେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କରୁଛି। ପୂର୍ବରୁ ମଧ୍ୟ ଇଓଡବ୍ଲ୍ୟୁର ଦୁଇ ଜଣିଆ ଟିମ ବେଲପାହାଡ ପୌର ପରିଷଦ ଆସି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ।



ଏହାସହ ସ୍ୱତନ୍ତ୍ର ଅଡିଟ ଟିମ ମଧ୍ୟ ଅଡିଟ ଶେଷ କରି ନିଜ ରିପୋର୍ଟ ଦାଖଲ କରି ସାରିଛି। ଏହି ଦୁର୍ନୀତି ନେଇ ବେଲପାହାଡ ନଗରପାଳ ପୂର୍ବରୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଗତ ୧୮ ତାରିଖ ବେଲପାହାଡ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପ୍ରଥମେ ବେଲପାହାଡ ପୁଲିସ ଏବଂ ପରେ ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ କରିଥିଲା।

## ଆକାଉଣ୍ଟାଣ୍ଟ ତଥା ଡାଟାଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ନିଲମ୍ବନ

ଦେବଗଡ଼,୨।୯ (ସମିସ): ରିଆମାଳ ବ୍ଲକ୍ କରଲଗା ପଞ୍ଚାୟତର ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର କିଶୋର ସାହୁଙ୍କ ବିରୋଧରେ ମଙ୍ଗଳବାର ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସରକାରୀ କାର୍ଯ୍ୟରେ ଅବହେଳା, ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶ ଅବମାନନା ଏବଂ କାର୍ଯ୍ୟାଳୟରେ ବାରମ୍ବାର ଅନୁପସ୍ଥିତ ରହିବା ହେତୁ ଜିଲ୍ଲାପାଳ କବିନ୍ଦ୍ର ସାହୁ ଆଜି ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

# ଓସେପା ଯୁଗ୍ମ ନିର୍ଦ୍ଦେଶିକାଙ୍କ ବିଦ୍ୟାଳୟ ପରିଦର୍ଶନ

ଝାରସୁଗୁଡ଼ା,୨।୯ (ସମିସ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଓଡ଼ିଶା (ଏମ୍‌ଆଇଏସ୍)ର ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁ ଦ୍ୱିଦିବସୀୟ ଝାରସୁଗୁଡା ଜିଲ୍ଲା ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ଦିବସର ପ୍ରଥମାର୍ଦ୍ଧରେ ସେ ଜିଲ୍ଲାର ବେଲପାହାଡ ସ୍ଥିତ ଗିରିଧରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସ୍ମାର୍ଟ



ଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଛାତ୍ରୀମାନଙ୍କ ସହିତ ମଧ୍ୟାହ୍ନ ଭୋଜନ କରିବା ସହିତ ସେମାନଙ୍କୁ ସ୍କୁଲ ୟୁନଫର୍ମ ବଣ୍ଟନ କରିଥିଲେ। ଏଚ୍ କଟାପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗସ୍ତ କରି ଶିକ୍ଷାଦାନ, ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନାଗାର ଆଦିର ତଦାରଖ କରିବା ସହିତ ଶ୍ରେଣୀଗୃହରେ ପାଠପଢ଼ା ନିରୀକ୍ଷଣ କରିଥିଲେ। ବିଦ୍ୟାଳୟ ପରିଦର୍ଶନ ପରେ ସେ ଜିଲ୍ଲା ଶିକ୍ଷା ଓ ଶ୍ରେଣୀ ଗୃହ, ଅଟଳ ଟିଙ୍କରିଂ ଲ୍ୟାବ୍, ରିଡ୍‌ରୁମ୍, ବିଜ୍ଞାନାଗାର ଆଦି ଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିବା ସହିତ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜନା ଅଧୀନରେ ନିର୍ମାଣାଧିନ କୋଠା ତଥା ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟଗୁଡିକର ତଦାରଖ କରିଥିଲେ। ଏହାପରେ ବ୍ରଜରାଜନଗର ଓପିଏମ୍ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟଗୁଡିକର ସମୀକ୍ଷା କରିଥିଲେ। ଦଶମ ଶ୍ରେଣୀର ଏ୧ ଆକାଂକ୍ଷୀ ତାଲିମ ପ୍ରତିଷ୍ଠାନ, ଝାରସୁଗୁଡାଠାରେ ଜିଲ୍ଲାର ସିଆରସିସି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ନେଇ ବୈଠକରେ ହରିତ୍ ବିଦ୍ୟାଳୟ, ୟୁଏସ ଆଦି ବିଷୟରେ ଆଲୋଚନା କରିଥିଲେ। ଏହି ପରିଦର୍ଶନରେ ଜିଲ୍ଲା ଶିକ୍ଷା ଅଧିକାରୀ ଡରାଧାକାନ୍ତ ଗଡତିଆ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ ପଟେଲ ଓ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ସାମିଲ ଥିଲେ।

## ପଦ୍ମପୁର ଏନ୍‌ଏସି ତରଫରୁ ସ୍ୱାୟତ୍ତ ଶାସନ ଦିବସ

ପଦ୍ମପୁର,୨।୯ (ସମିସ): ପଦ୍ମପୁର ଏନ୍‌ଏ ସି ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପଦ୍ମପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାଉନସିଲରଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଥିଲା। ସଫେଇ କର୍ମଚାରୀଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ କର୍ମଚାରୀ ମାନଙ୍କୁ ନୂଆ ବସ୍ତ୍ର ପ୍ରଦାନ କରାଯାଇଥିଲା। ସରକାରୀ ଡାକ୍ତରଖାନା ପରିସରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଟାଉନ୍ ହଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଧକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷ ଭାରତୀ ପଟ୍ଟନାୟକ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଏସଡିପିଓ ପାଣ୍ଡବ ଶବର ସାଂସଦଙ୍କ ପ୍ରତିନିଧି ଭାବେ ସୁନିଲ ଅଗ୍ରୱାଲ ଓ ସମସ୍ତ କାଉନସିଲର ଯୋଗଦାନ କରିଥିଲେ। ବକ୍ତା ଭାବେ ଓଡ଼ିଆ ବିଭାଗର ଡ. ସରୋଜ ନାୟକ ଯୋଗଦାନ ଦେଇଥିଲେ। ଏନ୍‌ଏସି ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଡିସିବି ବ୍ୟାଙ୍କ ପଦ୍ମପୁର ଶାଖା ତରଫରୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଏନ୍‌ଏସିରେ କାର୍ଯ୍ୟରତ ବିଭିନ୍ନ ସଫେଇ କର୍ମଚାରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କଳାକାର, ନାଟ୍ୟ ପ୍ରତିଭା, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲ୍ଲାରେ କଂଗ୍ରେସର ସଂଗଠନ ସିର୍ଜନ ଅଭିଯାନ

ଦେବଗଡ଼,୨।୯ (ସମିସ): ୨୦୨୫ ମସିହାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ସମଗ୍ର ଭାରତରେ ସଂଗଠନ ସିର୍ଜନ ଅଭିଯାନ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଦେବଗଡ଼ ଜିଲ୍ଲାରେ ମଧ୍ୟ ଏହି ଅଭିଯାନ ଆରମ୍ଭ ହୋଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ କମିଟିର ପ୍ରବକ୍ତା ଚରଣ ସିଂ ସାପ୍ରା ଆଜି ଦେବଗଡ ଗସ୍ତରେ ଆସି ଅଭିଯାନର ଶୁଭାରମ୍ଭ କରିଛନ୍ତି। ବସନ୍ତ ନିବାସ ଡାକବଙ୍ଗଳା ଠାରେ ଜିଲ୍ଲା କଂଗ୍ରେସ ସଂଯୋଜକ ସେମ୍ ହେମ୍ବ୍ରମଙ୍କ ସଂଯୋଜନାରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଶ୍ରୀ ସାପ୍ରା ଗଣମାଧ୍ୟମକୁ ସମ୍ବୋଧିତ କରି ଅଭିଯାନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାରେ କଂଗ୍ରେସର ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ସେ ଦେବଗଡ ଜିଲ୍ଲାରେ ସେ ୫/୬ ଦିନ ରହିବେ। ପୌରାଞ୍ଚଳ ସମେତ ଜିଲ୍ଲାର ତିନୋଟି ଯାକ ବ୍ଲକ୍ ଗସ୍ତ କରି ତୃଣମୂଳ





ସ୍ତରରେ ଥିବା ଦଳୀୟ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସାମାଜିକ ଓ ନାଗରିକ ଅନୁଷ୍ଠାନ, ବଣିକ ସଂଘର କର୍ମକର୍ତ୍ତାଙ୍କୁ ସାକ୍ଷାତ କରିବେ। କର୍ମକର୍ତ୍ତାଙ୍କ ସହିତ ଆଲୋଚନା ପୂର୍ବକ ବୁଥସ୍ତରୀୟ କମିଟି ଗଠନ ଉପରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। କଂଗ୍ରେସ ଦଳକୁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କରିବା ଲକ୍ଷ୍ୟ ନିମନ୍ତେ ଜିଲ୍ଲା କମିଟି ଓ ଜିଲ୍ଲା ସଭାପତି, ବ୍ଲକ୍ କମିଟି ଓ ବ୍ଲକ୍‌ସ୍ତରୀୟ କର୍ମକର୍ତ୍ତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, କଂଗ୍ରେସ ସେବାଦଳ, ଛାତ୍ର କଂଗ୍ରେସ, କଂଗ୍ରେସ ଏସ୍‌ଟି(ଜନଜାତି) ସେଲ ଓ କଂଗ୍ରେସ ସଂଖ୍ୟା ଲଘୁ ସେଲ ଗଠନ ଓ ଏହାର କର୍ମକର୍ତ୍ତା ମନୋନୟନ ନେଇ ଶ୍ରୀ ସାପ୍ରା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ ବିଜେପି ଦଳର ଭୋଟ ଚୋରୀ ପ୍ରସଙ୍ଗରେ ମଧ୍ୟ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସୂଚନା ଦେଇ ଜାଲିଆତି କରି ସରକାର ଗଠନ କରିଥିବାରୁ ମୋଦିଜୀଙ୍କର କ୍ଷମତାରେ ରହିବାର ଅଧିକାରୀ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, କଂଗ୍ରେସ ନେତା ହଳଧର ସେଠୀ, ସୁବ୍ରତ ପ୍ରଧାନ ଓ ପ୍ରମୋଦ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କଂଗ୍ରେସ ସଂଯୋଜକ ଶ୍ରୀ ହେମ୍ବ୍ରମ ସଭା ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନନ୍ତ ପୂଜା ମହୋତ୍ସବ ପାଇଁ ସମନ୍ୱୟ କମିଟିର ବୈଠକ

ବିଜେପୁର,୨।୯ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ସହରରେ କେଉଁ ଆବାହମାନ କାଳରୁ ଅନନ୍ତ ନାରାୟଣଙ୍କ ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ୬ ରୁ ୯ ଏହା ମହାସମାରୋହରେ ଅନୁଷ୍ଠିତ ହେବ। ସମୁଦାୟ ୮ଟି ସ୍ଥାନରେ ଅନନ୍ତ ନାରାୟଣ ମେଢ଼ ନିର୍ମାଣ ଖୁବ୍ ଜୋରରେ ଚାଲିଥିବା ବେଳେ ପ୍ରବଳ ଭିଡକୁ ଆଖି ଆଗରେ ରଖି ସ୍ଥାନୀୟ ବ୍ଲକ୍ ଅଫିସ ସଭାଗୃହ ଠାରେ ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ସଦସ୍ୟ ଗଣଙ୍କୁ ନେଇ ସମନ୍ୱୟ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠକ ତଥା ସାମ୍ବାଦିକ ଜିତେନ୍ଦ୍ରିୟ ମେହେରଙ୍କ ଆବାହକତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ବିଧାୟକ ତଥା ଜମିଦାର ସନତ ଗଡତୀଆ ଅଧ୍ୟକ୍ଷତା କରିଥିଲେ। ସଭାରେ ବ୍ଲକ୍ ଅଧ୍ୟକ୍ଷ ଜୟକୃଷ୍ଣ ଡନସନା, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁଦତ୍ତ ସାହୁ, ବିଜେପୁର ସିଏଚସି ଇନଚାର୍ଜ ଡ. ସୁଶାନ୍ତ ମେହେର, ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି, ଫାୟାର ଅଫିସର ଭକ୍ତ ଚରଣ ତାଣ୍ଡି, ଇଲେକ୍ଟ୍ରିକାଲ ଏସଡିଓ ସୁଧୀର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମହୋତ୍ସବ ପୂର୍ବରୁ ସହର ସଫାସୁତୁରା, ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ସଦାସର୍ବଦା ବିଦ୍ୟୁତ ସରବରାହ ରହିବା, ଟ୍ରାଫିକ ସମସ୍ୟା, ଅଗ୍ନିଶମ ବିଭାଗ ସବୁବେଳେ ସଜାଗ ରହିବା, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଭଳି ଅନେକ ବିଷୟକୁ ନେଇ ଉପସ୍ଥିତ ଅଧିକାରୀ ମାନେ ନିଜସ୍ୱ ମତ ପ୍ରଦାନ କରିଥିଲେ।

## ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କଲା ଅଟଳ ପରିବାର

ଅମ୍ବାଭୋନା,୨।୯ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ବରଗଡ଼ରୁ ରାୟଗଡ ଛତିଶଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବଡ ଦର୍ଲିପାଲି ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ରୁଚିଦା ଗାଁ ଗଣପତି ନାୟକ(୭୨) ଏକ ବ୍ୟାଟେରୀ ଚାଳିତ ସ୍କୁଟି ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ବଡ ଦର୍ଲିପାଲି ଗାଁର କୃଷ୍ଣ ନାମକ ବ୍ୟକ୍ତିଙ୍କ ସହିତ ଧକ୍କା ହୋଇଥିଲା। ଯାହା ଫଳରେ ଗଣପତି ନାୟକଙ୍କ ଗୋଡ, ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହି ସମୟରେ ଅଟଳ ପରିବାରର ସଦସ୍ୟ ଶିବାଜୀ ପଟେଲ, ପ୍ରଫୁଲ୍ଲ ପ୍ରଧାନ, ନିତ୍ୟାନନ୍ଦ ବେହେରା, ଜନାର୍ଦ୍ଦନ ସାହୁ ଓ ବାସୁଦେବ ସା ଖବର ପାଇ ସାଙ୍ଗେ ସାଙ୍ଗେ ଦୁର୍ଘଟଣା ସ୍ଥଳରୁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଚିକିତ୍ସା କରାଇବା ସହିତ ତାଙ୍କର ସମ୍ପର୍କୀୟଙ୍କୁ ଯୋଗାଯୋଗ କରିଥିଲେ। ସ୍ଥିତି ଗମ୍ଭୀର ହେବାରୁ ତାଙ୍କୁ ଡାକ୍ତର ବରଗଡ଼ ସ୍ଥିତ ଖେଦାପାଲି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ।

## ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ

ବିଜେପୁର,୨।୯ (ସମିସ): ନାରୀମାନେ ଭଗବତ ଅଭିମୁଖୀ ହେଲେ ଦିବ୍ୟ ଯୁଗ ସମ୍ଭବ ହେବ ବୋଲି ବରଗଡ଼ ଜିଲ୍ଲା ବିଜେପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ମାତୃତୀର୍ଥ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀରେ ଆଲୋଚକଗଣ ମତପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ସାଧକ ଶ୍ରୀଧର ସାହୁ ମାତୃ ପତାକା ଉତ୍ତୋଳନ କରିଥିଲେ ଏବଂ ବନ୍ଦେମାତରମ ସଂଗୀତ ଗାନ କରାଯାଇଥିଲା। ଜିଲ୍ଲାସ୍ତରୀୟ ସମ୍ମିଳନୀକୁ ସଂଗତୀ ମଣ୍ଡଳ ସଂଯୋଜକ ପ୍ରଫୁଲ୍ଲ ପଣ୍ଡା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମହିଳା ପାଠଚକ୍ରର ସଙ୍ଗଠକ ଜୟନ୍ତୀ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଲଳିତା ପ୍ରଧାନ, ରାଜଲକ୍ଷ୍ମୀ ମହାରଣା, ସୀମାଞ୍ଜଳୀ ସ୍ୱାଇଁ ପ୍ରମୁଖ ମନ୍ତ୍ର ଉଚ୍ଚାରଣ କରିଥିଲେ। ମମତା ଦାସ, ବୈଜୟନ୍ତୀ ଧରୁଆ, ଆହ୍ଲାଦିନୀ ଦଳାଇ, ତପସ୍ୱିନୀ ମହାପାତ୍ର, ପ୍ରତିମା ଗୁରୁ, ଶ୍ରୀଧର ସାହୁ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶକୁନ୍ତଳା ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ପରିଚାଳନା କମିଟି ସଦସ୍ୟ ରାଜେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀପ୍ରିୟା ରାଉତଙ୍କ ସଂଯୋଜନାରେ ଦ୍ୱିତୀୟ ଅଧିବେଶନରେ ପ୍ରଫୁଲ୍ଲ ପଣ୍ଡା ଓ ଅଧ୍ୟାପକ ରାଧାକାନ୍ତ ମିଶ୍ର ଆଲୋଚନା ଭାବେ ଯୋଗ ଦେଇଥିଲେ। ସଂପାଦକ ଦେବାର୍ଚ୍ଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଶେଷରେ ସଭାପତି ଲୋକନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ଗଡତୀଆ, ସାମାଜିକ କର୍ମୀ ଯୋଗେନ୍ଦ୍ର ପଧାନ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ଜିଲ୍ଲାର ୩୦ଟି ଶିକ୍ଷା କେନ୍ଦ୍ର ସମେତ ମହିଳା ପାଠଚକ୍ରର କର୍ମୀ ଅପାଭାଇ ଯୋଗ ଦେଇଥିଲେ। ସମସ୍ତ ଅପାଭାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୮ ଫୁଟିଆ ଅଜଗର ଉଦ୍ଧାର



ପାଇକମାଳ,୨।୯ (ସମିସ): ପାଇକମାଳ ଭାରତ ପେଟ୍ରୋଲିୟମ ପାଖରେ କେନ୍ଦୁଭଟ୍ଟା ଛକ ନିକଟରେ ସକାଳେ ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ପାଇକମାଳ ସ୍ନେକ ହେଲ୍ପ ଲାଇନ ଚିମନଲାଲ କଟାପଲିଆ ଓ ବନବିଭାଗ ମିଳିତ ଭାବେ ଉଦ୍ଧାର କରି ନିକଟସ୍ଥ ଗନ୍ଧମାର୍ଦ୍ଦନ ପର୍ବତ ଉପରେ ଛାଡିଦେଇ ଥିବା ଜଣା ପଡିଛି। ସାପଟି ୮ ଫୁଟ ଥିବା ବେଳେ ୧୩ କେଜି ଓଜନ ସାପ ଥିଲା ବୋଲି ବନ ବିଭାଗ ସୂଚନା ଦେଇଛି।

## ଟ୍ରାଫିକ୍ ଓ ଆଇନ ଶୃଙ୍ଖଳା ନେଇ ଏସ୍‌ପିଙ୍କୁ ଭେଟିଲା ଓକିଲ ସଂଘ

ଝାରସୁଗୁଡ଼ା,୨।୯ (ସମିସ): ଝାରସୁଗୁଡ଼ା ସହରରେ ଲାଗି ରହିଥିବା ଟ୍ରାଫିକ ସମସ୍ୟା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ନୂତନ ଭାବେ ଯୋଗ



ଦେଇଥିବା ଏସ୍‌ପିଙ୍କୁ ମଙ୍ଗଳବାର ଭେଟିଛନ୍ତି। ସଂଘ ସଭାପତି ତ୍ରିନାଥ ଗୁଆଲ ଏବଂ ସମ୍ପାଦକ ନୀଳାଦ୍ରି ବିହାରୀ ପଣ୍ଡା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ଭେଟି ସହରର ଟ୍ରାଫିକ ସମସ୍ୟାକୁ କିପରି ସମାଧାନ କରାଯାଇ ପାରିବ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଇନ ଶୃଙ୍ଖଳା ଠିକ ନ ଥିବା ନେଇ ଆଲୋଚନା କରିଥିଲେ। ଏସ୍‌ପି ଏହା ଉପରେ ପଦକ୍ଷେପ ଗ୍ରହଣ କରିବା ସହିତ ଜିଲ୍ଲାରେ ଶାନ୍ତି ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପୁଲିସ ପକ୍ଷରୁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

# ବିଇଓଙ୍କୁ ପାଇକମାଳ ପାଚକ ପାଚିକା ସଂଘର ଦାବିପତ୍ର

ପାଇକମାଳ,୨।୯ (ସମିସ)

ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟ ସଂଘ ଆନୁକୂଲ୍ୟରେ ପାଇକମାଳ ଶାଖା ବ୍ଲକ୍‌ର ପାଚକ ପାଚିକା ସଂଘ ୩ ଦଫା ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଇକମାଳ ବିଇଓଙ୍କ ଜରିଆରେ ଦାବିପତ୍ର ସୋମବାର ଦେଇଛି। ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଞ୍ଜଳୀ ଯାଦବ, ବ୍ଲକ୍ ସଭାନେତ୍ରୀ ଉର୍ମିଳା ମେହେରଙ୍କ ନେତୃତ୍ୱରେ ନୃସିଂହନାଥ ଧର୍ମଶାଳା ସମ୍ମିଳନୀ କକ୍ଷରେ ନିଖିଳ ଓଡ଼ିଶା



ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟ ସଂଘ, ପାଇକମାଳ ବ୍ଲକ୍ ଶାଖା ସଦସ୍ୟ ମାନଙ୍କୁ ନେଇ ସଭା ଅନୁଷ୍ଠିତ ହୋଇଛି। ସଭାରେ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ଉପ ସଭାନେତ୍ରୀ ସୁମିତ୍ରା ରଥ, ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଞ୍ଜଳୀ ଯାଦବ, ରାଜ୍ୟ ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର, ରାଜ୍ୟ ସମ୍ପାଦକ ବିଜୟ ରଥ, ବ୍ଲକ୍ ସଭାନେତ୍ରୀ ଉର୍ମିଳା ମେହେର, ପଦ୍ମପୁର ସଭାନେତ୍ରୀ ଇନ୍ଦ୍ରାବତୀ ନାୟକ, ସମ୍ପାଦିକା ରିନା ପ୍ରଧାନ, ଉପସଭାନେତ୍ରୀ ସୌଦାମିନି ମାହାର, ଭାଗ୍ୟଶ୍ରୀ ସାହୁ, ରମାଦେବୀ ଭୁଏଁ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ପାଚିକା ମାନେ ଦୀର୍ଘ ୨୭/୨୮ ବର୍ଷ ଧରି ପିଏମ ପୋଷଣ ମଧ୍ୟାହ୍ନ ଭୋଜନ ଯୋଜନାରେ କାର୍ଯ୍ୟକରି ଆସୁଥିଲେ ସୁଦ୍ଧା ବହୁତ କମ୍ ପାରିଶ୍ରମିକ ପାଉଥିବାରୁ ଦୁଃଖ ପ୍ରକାଶ କରିବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପାଚିକା ମାନଙ୍କ ଦାବିକୁ ତୁରନ୍ତ ପୂରଣ କରିବାକୁ ଦାବି କରିଛନ୍ତି। ଦୈନିକ ସର୍ବନିମ୍ନ ମଜୁରୀ ୪୬୨ ଟଙ୍କା ଦିଆଯାଉ, ପରିଚୟ ପତ୍ର, ନିଯୁକ୍ତି ପତ୍ର, ଅବସରକାଳୀନ ଭତ୍ତା, ମୃତ୍ୟୁ କାଳୀନ ସହାୟତା, ୬୦ ବର୍ଷ ବୟସରେ ଅବସରକାଳୀନ ସମେତ ଅନ୍ୟାନ୍ୟ ଅନେକ ଦାବି ଗୁଡିକ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଭା ପରେ ଏକ ରାଲି କରି ବିଇଓ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କ ଜରିଆରେ ଦାବିପତ୍ର ଦେଇଥିଲେ। ଶେଷରେ ଉର୍ମିଳା ମେହେର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରେଳ ଧାରଣା ରାସ୍ତା କଂକ୍ରିଟ୍ କରିବାକୁ ଦାବି

ବରଗଡ଼,୨।୯ (ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅଧୀନ ମୂଳବାର ଓ କମଗାଁ ପଞ୍ଚାୟତ ଅଧୀନରେ ଥିବା କମଗାଁ, ରାଉତପଡା, ଖଜୁରିଆ, ଭିଞ୍ଜୋତୋରା, ତେଜାଗୋଲା, ରୁନିପାଲି, ଶରଧାପାଲି, ରାୟଶୋଭା, କର୍ଲାଯୋରୀ, ଅନ୍ତପାଲି ଆଦି ଗାଁରୁ ଭଟଲି ବ୍ଲକ୍ କାର୍ଯ୍ୟାଳୟ କିମ୍ବା ଜିଲ୍ଲା ସଦରମହକୁମାକୁ ଯିବାକୁ ହେଲେ ଅନେକ ସମୟରେ ପିପଲମୁଣ୍ଡା ଅତିକ୍ରମ କରି ଯିବାକୁ ହୁଏ। ତେବେ ଶୀଘ୍ର ପହଞ୍ଚିବାକୁ ହେଲେ ଗୋପାଳପୁର ସ୍ଥିତ ରେଲୱେ କ୍ରସିଂ ଅତିକ୍ରମ କରିଯିବାକୁ ପଡିଥାଏ। ରେଲୱେ



କ୍ରସିଂ ନିକଟରେ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ଏହି ରାସ୍ତା ଦେଇ ଦୈନିକ ଯାତାୟାତ କରୁଥିବା ଶହ ଶହ ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ରେଲୱେ କ୍ରସିଂ ନିକଟରେ ସ୍ଲିପ ହୋଇ ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ଯାତାୟାତ କରୁଥିବା ଜନସାଧାରଣଙ୍କୁ ସମ୍ଭାବ୍ୟ ଦୁର୍ଘଟଣାରୁ ମୁକ୍ତ କରିବା ସକାଶେ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି। ତେଣୁ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନ ରାସ୍ତାର ଉନ୍ନତିକରଣ ସହିତ ରେଳ ଧାରଣାକୁ ଲାଗି ରହିଥିବା ରାସ୍ତାକୁ କଂକ୍ରିଟ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜଳମଗ୍ନ ହୋଇଗଲା ପାଟଣାଗଡ଼ ଡାକ୍ତରଖାନା

## ବିଦ୍ୟୁତ୍ କଟିଗଲା, ମୋବାଇଲ ଲାଇଟରେ ଚିକିତ୍ସା କଲେ ଡାକ୍ତର ଆଉଟଡୋରରେ ବି ପାଣି ପଶିଲା, ରୋଗୀ ହନ୍ତସନ୍ତ





ପାଟଣାଗଡ଼,୨।୯(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନା ବିଭିନ୍ନ ସମସ୍ୟାକୁ ନେଇ ଅନେକ ସମୟରେ ଚର୍ଚ୍ଚାରେ ରହିଆସିଛି। ମଙ୍ଗଳବାର ପୁଣି ଏହି ଡାକ୍ତରଖାନାରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଅସରାଏ ବର୍ଷାରେ ଡାକ୍ତରଖାନା ପରିସର ଜଳମଗ୍ନ ହୋଇ ପୋଖରୀର ଭ୍ରମ ସୃଷ୍ଟି କରିଛି। ଏପରିକି ଲାଇଟ୍ ଚାଲିଯିବାରୁ ଆଉଟଡୋରରେ ଅନ୍ଧାରରେ ମୋବାଇଲ ଲାଇଟ ସାହାଯ୍ୟରେ ଡାକ୍ତର ଜଣେ ରୋଗୀଙ୍କ ସେବା କରୁଥିବା ଦେଖିବାକୁ ମିଳିଥିଲା।

ମଙ୍ଗଳବାର ଅପରାହ୍ନ ୫ଟାରେ ସହରରେ ବର୍ଷା ହୋଇଥିଲା। ବର୍ଷା ପାଣି ଡାକ୍ତରଖାନା ପରିସର ଭିତରକୁ ପଶି ଜଳମଗ୍ନ ହୋଇ ପୋଖରୀର ଭ୍ରମ ସୃଷ୍ଟି କରିଥିଲା। ଏପରିକି ଚିକିତ୍ସା ସେବା ସ୍ଥାନ ଆଉଟଡୋର ଭିତର ମଧ୍ୟ ଜଳମଗ୍ନ ହୋଇପଡ଼ିଥିଲା। ଏହାଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ଏଥିସହ ଲାଇଟ ଚାଲିଯିବାରୁ ଆଉଟଡୋରରେ ଅନ୍ଧାରୁଆ ରୋଗୀ ସେବା କରିବାକୁ ପଡିଥିଲା। ମୋବାଇଲ ଲାଇଟକୁ ଭରସା କରି ଡାକ୍ତର ଚିକିତ୍ସା କରିବାକୁ ବାଧ ହୋଇଥିଲେ। ଏକ ଗୁରୁତର ଶିଶୁକୁ ତାଙ୍କ ସମ୍ପର୍କୀୟ ଜଳମଗ୍ନ ଆଉଟଡୋର ଭିତରକୁ ନେଇଥିଲେ। ସେଠାରେ ଉପସ୍ଥିତ ଡାକ୍ତର ଅନ୍ଧାର ପରିସ୍ଥିତିରେ ମୋବାଇଲ ଲାଇଟରେ ଚିକିତ୍ସା କରିବାକୁ ବାଧ ହୋଇଥିଲେ। କେହି କେହି ତ ଥଟ୍ଟାରେ ପାଟଣାଗଡ଼ର ମହାନଦୀ କହି ସୋସିଆଲ ମିଡିଆରେ ଟ୍ରୋଲ କରୁଥିବା ଜଣାପଡିଛି।

ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ବର୍ଷା ସମୟରେ ଏଭଳି ସମସ୍ୟା ଲାଗି ରହିଥିଲେ ହେଁ ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆ ନ ଯିବା ବୁଦ୍ଧିଜୀବୀ ତଥା ରୋଗୀଙ୍କ ସମ୍ପର୍କୀୟ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜିଲ୍ଲାର ଏକ ଉପଖଣ୍ଡ ଡାକ୍ତରଖାନାରେ ଏଭଳି ସମସ୍ୟା ଲାଗିରହିଥିବା ନେଇ ଜନସାଧାରଣ ମହଲରେ ଘୋର ନିନ୍ଦା କରାଯାଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋକସରା,୨।୯(ସମିସ): କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ତେନ୍ତୁଳିପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ନାଗଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କୋକସରା ବ୍ଲକ୍ କର୍ମକର୍ତ୍ତାଙ୍କ ତରଫରୁ ଏହି ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ କ୍ଲଷ୍ଟରୁ ଶିକ୍ଷକ ମାନେ ଯୋଗଦେଇଥିଲେ। ଏହି କ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନାଗଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏବଂ ତାଙ୍କର ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରାଯାଇଥିଲା।




## ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଦେଓଗାଁ,୨।୯(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ମୁରସିଂଗାଁ ମଣ୍ଡପରେ ସ୍ଥାନୀୟ ପ୍ରିନ୍ସକ୍ଲବ ପକ୍ଷରୁ ଚଳିତବର୍ଷ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମନୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁନୀଲ କୁମାର ହରପାଲ, ସମ୍ମାନିତ ଅତିଥିଭାବେ ଗଣ୍ଡାରାମ ପ୍ରଧାନୀ ଓ ଇନ୍ଦ୍ରମଣୀ ସାହୁ ପ୍ରମୁଖ ଯୋଗଦେଇ ଗାଁର ଛାତ୍ର ହିମାଂଶୁ କୁମାର ଭୋଇଙ୍କୁ ଉପଢ଼ୌକନ ସହ ସହାୟତା ରାଶୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟଯେ, ଛାତ୍ର ହିମାଂଶୁ ଜଣେ ଅତି ଗରୀବ ପରିବାରର ହୋଇଥିବା ବେଳେଗତ୨୦୨୧ ମସିହାରେ ତାଙ୍କ ପିତା ହେମକାନ୍ତ ଭୋଇଙ୍କ ପରଲୋକ ହୋଇଛି। ତାଙ୍କୁ ତାଙ୍କ ମାଁ ମୂଲମଜୁରୀ ଲାଗି ପୁଅ ଓ ଝିଅକୁ ପାଠପଢ଼ାଛନ୍ତି। ହିମାଂଶୁ ବଲାଙ୍ଗିର ରାଜେନ୍ଦ୍ର କଲେଜରେ ଯୁକ୍ତଦୁଇ ପଢ଼ିସାରିବାପରେ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିଲେ। ଅର୍ଥାଭାବରୁ କୋଚିଂ କରିନପାରିବାରୁ ତାଙ୍କ ମାଁ ଗ୍ରୁପ ଋଣ ଆଣି ଗୋଟିଏ ମୋବାଇଲ କିଣି ଦେଇଥିଲେ। ସେଥିରେ ସେ ନିଟ୍ ପରୀକ୍ଷ ପାଇଁ ପ୍ରସ୍ତୁତି କରି ସଫଳତାର ସହ ସର୍ବଭାରତୀୟସ୍ତରରେ ୪୪୭୨ରାଙ୍କ ହାସଲ କରି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ଏହି ସଫଳତାରେ ଗାଁ ପାଇଁ ଏକ ଗୌରବର କଥା ବୋଲି ଉପସ୍ଥିତ ଗ୍ରାମବାସୀ ଓ ଅତିଥିବୃନ୍ଦ ମତ ପୋଷଣ କରିବାସହ ଛାତ୍ରର ବିଭିନ୍ନ ଅସୁବିଧା ସମୟରେ ସମସ୍ତେ ସହଯୋଗର ହାତ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପରିଶେଷରେ ଚିତ୍ତ ରଞ୍ଜନ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ୫ ଛାତ୍ରୀ ଜାତୀୟ କ୍ରୀଡ଼ା ସମ୍ମିଳନୀ ପାଇଁ ମନୋନୀତ



ଧର୍ମଗଡ଼,୨।୯(ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ଧରମଗଡ଼ ଅଧ୍ୟୟନ କରୁଥିବା ୫ଜଣ ଛାତ୍ରୀ କେଭିଏସ୍ ନ୍ୟାସନାଲ୍ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। ପ୍ରତିଯୋଗିତା ୭ ଅକ୍ଟୋବରରୁ ୧୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ କେନ୍ଦ୍ରୀୟ ବିଦ୍ୟାଳୟ, ଦିଲ୍ଲୀ କ୍ୟାଣ୍ଟ୍ ନଂ୧, ଦିଲ୍ଲୀଠାରେ ଆୟୋଜିତ ହେବ। କ୍ରୀଡା ପ୍ରତିଯୋଗିତା ରେ ୧୭ ବର୍ଷରୁ କମ ବୟସ ବାଳିକା ବିଭାଗ ପାଇଁ ଧର୍ମଗଡ କେନ୍ଦ୍ରିୟ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀ କୃତିକା ଠାକୁର,ନବମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ନାୟକ,ଓମ ପ୍ରିୟା ସିକା, ଓ ସାନଭି ପ୍ରଜ୍ଞା ରାଉତ ଏବଂ ଅଷ୍ଟମ ଶ୍ରେଣୀ ଛାତ୍ରୀ ଡୋଲେଶ୍ୱରୀ ମାଝି ମନୋନୀତ ହୋଇଛନ୍ତି। ସମସ୍ତେ ଭୁବନେଶ୍ୱର ଅଞ୍ଚଳ (ରିଜନ)ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନୀତିନମାନ ସୂଚନା ଦେଇଛନ୍ତି। ସୂଚନା ଯେ' ୨୦୨୫-୨୬ ମସିହା ପାଇଁ ଦିଲ୍ଲୀଠାରେ ଆସନ୍ତା ଅକ୍ଟୋବର ୭ଠାରୁ ୧୧ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। କ୍ରିକେଟ୍‌ରେ ଅଲ୍ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର ଟିମ୍ ମନୋନୀତ ହେବା ଖବର ପରେ ଅଭିଭାବକ ମହଲରେ ଖୁସିର ଲହରୀ ଖେଳି ଯାଇଛି। ବିଦ୍ୟାଳୟର ଅଧକ୍ଷ ବିଜୟ ଭର୍ସନେ ଛାତ୍ରୀଙ୍କ ସଫଳତା କାମନା କରିଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପ୍ରଧାନଶିକ୍ଷକ ଅଟକ

ଜୁନାଗଡ,୨।୯(ସମିସ):କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ବଳଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ହାଇଡ୍ରାମା ଦେଖିବାକୁ ମିଳିଛି। ସ୍ଥାନୀୟପ୍ରଧାନଶିକ୍ଷକ ସ୍କୁଲର କିଛି ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଓ ବିଭିନ୍ନ ସମୟରେ ତାଙ୍କୁ ସ୍ପର୍ଶ କରୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇଁ ଜୁନାଗଡ଼ ବିଇଓଙ୍କ ଠାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ପାଇଁ ଅପରାହ୍ନରେ ଜୁନାଗଡ଼ ଶିକ୍ଷା ବିଭାଗର ବିଆରସିସି ସୁଶାନ୍ତ ଠାକୁର,ଏବିଇଓ କ୍ଷୀରୋଦ ଭୋଇ, ଶିକ୍ଷୟତ୍ରୀ ଚିନ୍ମୟୀ ପରିଡା ସ୍କୁଲକୁ ଯାଇଥିଲେ। ଏହି ସମୟରେ ଛାତ୍ରୀଙ୍କ ଅଭିଭାବକ ଓ ଗ୍ରାମବାସୀ ସ୍କୁଲକୁ ଉତ୍ୟକ୍ତ ହୋଇ ଆସିବାରୁ ଭୟରେ ପ୍ରଧାନଶିକ୍ଷକ ମେହେର ସ୍କୁଲ ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ସେହିପରି ଉପସ୍ଥିତ ଗ୍ରାମବାସୀ ମାନେ ମଧ୍ୟ ଆଗ ପଟରୁ ତାଲା ପକାଇ ଦେଇଥିଲେ। ପରେ ସେଠାରେ ପରିସ୍ଥିତି ଅଣାୟତ ହେବାରୁ ଜୁନାଗଡ଼ ବିଇଓ ତପନ ମାଝୀ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜୁନାଗଡ଼ ପୁଲିସ ଘଟଣାସ୍ଥଳକୁ ପହଞ୍ଚିଥିଲା। ସ୍କୁଲର ଭିତରୁ ପ୍ରଧାନ ଶିକ୍ଷକଙ୍କୁ ପୁଲିସ ଉଦ୍ଧାର କରି ଗାଡ଼ିରେ ବସାଇବା ବେଳେ ସ୍ଥାନୀୟ ଲୋକେ ପୁଲିସ ଗାଡିକୁ ଛାଡି ନ ଥିଲେ। ଯାହାଫଳରେ ଦୀର୍ଘ ସମୟ ଧରି ସେଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ପୁଲିସ ପ୍ରଧାନ ଶିକ୍ଷକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜୁନାଗଡ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଗୋଲାମୁଣ୍ଡା ବ୍ଲକ୍‌ରେ ନୂତନ ଏବିଡିଓଙ୍କ ଯୋଗଦାନ



ଧର୍ମଗଡ଼/ଗୋଲାମୁଣ୍ଡା, ୨।୯(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍‌ର ନୂତନ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଯୋଗଦାନ କଲେ ବିଜୟ କୁମାର ନାୟକ। ପୂର୍ବରୁ ଶ୍ରୀ ନାଏକ ବଲାଙ୍ଗିର ଜିଲ୍ଲା ତରଭା ବ୍ଲକରେ କାର୍ଯ୍ୟରତ ଥିଲେ। ଗୋଲାମୁଣ୍ଡା ବ୍ଲକରେ ଯୋଗଦାନ ପରେ ତାଙ୍କୁ ବ୍ଲକ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

## ଗଣେଶପୂଜା ପାଇଁ ଚଳଚଞ୍ଚଳ କେସିଙ୍ଗା ସହର

କେସିଙ୍ଗା,୨।୯(ସମିସ): କେସିଙ୍ଗା ସହରରେ ଗଣେଶ ପୂଜା ଧୁମ୍‌ଧାମରେ ପାଳନ ହେଉଛି। ପ୍ରତ୍ୟେକ ସାହି ସମେତ ଅନେକ ଛକରେ ବିଘ୍ନରାଜଙ୍କ ବଡ଼ ବଡ଼ ମୂର୍ତ୍ତି ସହ ଆକର୍ଷଣୀୟ ପେଣ୍ଡାଲ ସାଙ୍ଗକୁ ଚିତାକର୍ଷକ ଆଲୋକ ସାଜସଜ୍ଜାରେ ରାତିରେ ଚାମକୁଛି କେସିଙ୍ଗା ସହର। ପୂଜା ଆରମ୍ଭ ହୋଇ ୭ ଦିନ ବିତି ଯାଇଥିଲେ ମଧ୍ୟ ଛାଡ଼ିନି ଗଣେଶ ପୂଜାର ନିଶା। କେସିଙ୍ଗା ସହରରେ ସମୁଦାୟ ପ୍ରାୟ ୩୦ଟି ପୂଜା ମଣ୍ଡପରେ ବିଘ୍ନରାଜଙ୍କ ପୂଜା ଅନୁଷ୍ଠିତ ହୋଇଥିଲା କେତେକ ସ୍ଥାନରେ ବିସର୍ଜନ ସରିଯାଇଥିବା ବେଳେ ଅନେକ ସ୍ଥାନରେ ଆଜି ପର୍ଯ୍ୟନ୍ତ ବିଘ୍ନରାଜ ପୂଜା ପାଉଛନ୍ତି।

## ମୁନିସିପାଲିଟି ଦାବିରେ ଗୁରୁବାର ବିଜେଡିର ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ଡାକରା

କଣ୍ଟାବାଞ୍ଜି,୨।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଏନଏସିକୁ ମୁନିସିପାଲିଟି ଦାବି ଜୋର୍ ଧରିଛି। ଗୁରୁବାର ବିଜେଡି ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ଡାକରା ଦେଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ବିଜୁ ଜନତା ଦଳ ନେତ୍ରୀ ନିରୁପମା ମାଝିଙ୍କ ନେତୃତ୍ୱରେ ଏହି ବନ୍ଦ ଡାକରା ଦିଆଯାଇଛି। ନବୀନ ପଟ୍ଟନାୟକଙ୍କ ସରକାର ଗତ ସାଧାରଣ ନିର୍ବାଚନ ପୂର୍ବରୁ କଣ୍ଟାବାଞ୍ଜି ଏନଏସିକୁ ମୁନିସିପାଲିଟି ଘୋଷଣା କରିଥିଲା। ତେବେ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ନୂଆ ଏନଏସି ଓ ମୁନିସିପାଲିଟି ଘୋଷଣାରେ କଣ୍ଟାବାଞ୍ଜିକୁ ଉପେକ୍ଷା କରିଛନ୍ତି। ମୁନିସିପାଲିଟି ହେବାରୁ ଏହା ବାଦ ପଡିଛି। ଏହାକୁ ନେଇ ଏଠାରେ ଜନ ଅସନ୍ତୋଷ ଦେଖା ଦେଇଛି।













## ଲାଞ୍ଜିଗଡରେ ନୂଆଁଖାଇ ପାଳନ



ଲାଞ୍ଜିଗଡ଼,୨।୯(ସମିସ): କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହର, ମଦନପୁର ରାମପୁର, ଲାଞ୍ଜିଗଡ଼, ଥୁଆମୂଳ ରାମପୁର, ଜୟପାଟଣା ସମେତ ଗଡ଼ଜାତ ଅଞ୍ଚଳରେ ମଙ୍ଗଳବାର ନୂଆଁଖାଇ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଭାଦ୍ରବ ଶୁକ୍ଳପକ୍ଷ ଦଶମୀ ସକାଳ ୮. ୪୫ମି. ଗତେ ଓ ସକାଳ ୯. ୫ମି.ରେ ମଧ୍ୟରେ ଭବାନୀପାଟଣା ମା' ମାଣିକେଶ୍?ରୀ ପୀଠରେ ନବାନ୍ନ ଭୋଗ ଲାଗିବା ପରେ ସର୍ବସାଧାରଣଙ୍କ ନିମନ୍ତେ ସକାଳ ୧୦. ୫୫ ମି. ଗତେ ଓ ଅପରାହ୍ନ ୧ଟା ମଧ୍ୟ ନବାନ୍ନ ଭକ୍ଷଣ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଥିଲା। କଳାହାଣ୍ଡି ଜିଲ୍ଲାର କିଛି ଅଞ୍ଚଳରେ ପଞ୍ଚମୀ ତିଥିରେ ନୂଆଁଖାଇ ସରିଥିବା ବେଳେ ଗଡ଼ଜାତ ଅଞ୍ଚଳରେ ଦଶମୀ ତିଥିରେ ନୂଆଖାଇ ଥିଲେ। ଏହିପରିପେକ୍ଷୀରେ ଲାଞ୍ଜିଗଡ଼ ଗ୍ରାମଦେବ ଭୈରବ ପୀଠରେ ନବାନ୍ନ ପୂଜା ସମାପନ କରାଯାଇଥିଲା। ମନ୍ଦିରରେ ପୂଜା ସମାପନ ହେଲାପରେ ଅଞ୍ଚଳର ସର୍ବସାଧାରଣ ନବାନ୍ନ ଭକ୍ଷଣ କରିଥିଲେ। ସେହିପରି ନୂଆଁଖିଆ ପର୍ବ ଶେଷ ହେବା ପରେ ଗାଁ ଗାଁରେ ନୂଆଖାଇ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାରେ ପାଞ୍ଚଟି ପର୍ଯ୍ୟାୟରେ ନୂଆଁଖାଇ ପାଳନ ହେଉଥିବା ବେଳେ ଧର୍ମଗଡ଼ ଉପଖଣ୍ଡ ଅଞ୍ଚଳ ସମେତ ଜିଲ୍ଲାର ପ୍ରାୟ ସ୍ଥାନରେ ପଞ୍ଚମୀ ତିଥିରେ ନୂଆଁଖାଇ ପାଳନ ହେଇସାରିଛି।

## ବାଇକ୍ ଚୋରି ମାମଲାରେ ଗିରଫ

ଦେଓଗାଁ,୨।୯(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ଗାଁ ନିକଟ ଥାଲବନ୍ଧ ରାସ୍ତାରୁ କିଛିଦିନ ତଳେ ହୋଇଥିବା ବାଇକ୍ ଚୋରି ମାମଲାରେ ପୁଲିସ ସୋମବାର ଜଣେ ଯୁବକ ଓ ଜଣେ ନାବାଳକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ସଇଁନ୍ତଲା ଥାନା ଅଞ୍ଚଳର ଜିତେନ ସାହାଣୀ। ଉଭୟଙ୍କ ନିକଟରୁ ଚୋରି ବାଇକ୍ ଉଦ୍ଧାର କରିବାସହ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଡିଏସପି ସମର୍ଥ କେ. ବେହେରା ସୂଚନା ଦେଇଛନ୍ତି।

ସୂଚନାନୁସାରେ ଗତ ମାସ ୨୫ ତାରିଖରେ ଉପରଝର ଗାଁର ହିମାଂଶୁ ଶେଖର ସାହୁ ରାତିପ୍ରାୟ ୮ଟା୩୦ମିନିଟ ସମୟରେ ଶୌଚ ହେବାକୁ ଯାଇଥିବା ବେଳେ ତାଙ୍କ ବାଇକ୍ ନଂ ଓଡି୦୩ବି -୨୪୮୪କୁ ଥାଲବନ୍ଧ ରାସ୍ତାରୁ ଚୋରି କରିନେଇଥିବା ନେଇ ଦେଓଗାଁ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ପରେ ଚର୍ଚ୍ଚାରେ କାର୍ମି ଓରାମ / ଡ୍ରେନ୍ ସଫାକଲେ ବିଡିଓ

ନୂଆପଡ଼ା/ସିନାପାଲି,୨।୯(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ବିଡ଼ିଓ କାର୍ମି ଓରାମଙ୍କ ନର୍ଦ୍ଦମା ସଫା କାର୍ଯ୍ୟ ଅନେକ ଲୋକଙ୍କ ଆଖି ଖୋଲି ଦେଇଛି। ସିନାପାଲି ସହର ମଧ୍ୟରେ ପୁରୁଣା ଡ୍ରେନ୍ ଯାଇଛି। ପଞ୍ଚାୟତ କର୍ତ୍ତୃପକ୍ଷ ଯେତେ ସଫା କଲେ ବି ସ୍ଥାନୀୟ ଲୋକେ ଡଷ୍ଟବିନ ଭଳି ଡ୍ରେନ୍‌ରେ କୁଢ଼ କୁଢ଼ ଆବର୍ଜନା ଫିଙ୍ଗି ଦେଉଛନ୍ତି। ଓଲଟା ସଫା କରାଯାଉ ନ ଥିବା ପ୍ରଶାସନକୁ ଆରୋପ କରୁଛନ୍ତି। ଏହାକୁ ନେଇ ଖୋଦ ବିଡ଼ିଓ ନିଜେ ଡ୍ରେନରେ ପଶି ଆବର୍ଜନା ଗୋଟାଇଛନ୍ତି।



ମଙ୍ଗଳବାର ସିନାପାଲି ବ୍ଲକ ସଦର ମହକୁମା ସିନାପାଲି ପଞ୍ଚାୟତରେ 'ଗାଁରେ ପ୍ରଶାସନ' କାର୍ଯ୍ୟକ୍ରମ ଚାଲିଥିଲା। ସମସ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଯୋଗ ଦେଇଥିଲେ। ହଠାତ କିଛି ଲୋକ ଅଭିଯୋଗ ଦେବାକୁ ଆସିଥିଲେ। ସେମାନଙ୍କ ଘର ପାଖରେ ଥିବା ନାଳ ସଫା ହେଉ ନାହିଁ ବୋଲି ଅଭିଯୋଗ କରିଥିଲେ। ପ୍ରଶାସନ ଡ୍ରେନ୍ ସଫା କରିବା ଦରକାର ବୋଲି କହି ସେମାନେ ଅସନ୍ତୋଷ ଝାଡିଥିଲେ। ଅଭିଯୋଗ ଶୁଣାଣି ଶିବିରରେ ବସିଥିବା ବିଡ଼ିଓ କାର୍ମି ଓରାମ ବ୍ୟତିବ୍ୟସ୍ତ ହୋଇ ଅନ୍ୟଅଧିକାରୀମାନଙ୍କ ସହ ଡ୍ରେନ୍ ଦେଖିବାକୁ ଯାଇଥିଲେ। ନାଳରେ କୁଢ଼ କୁଢ଼ ମଇଳା ପଡିଥିବା ଦେଖି କାହାକୁ କହିଛି କହି ନ ଥିଲେ। ସିଧା ଡ୍ରେନ୍ ଭିତରେ ପଶି ଆବର୍ଜନା ଉଠାଇଥିଲେ। ଏହା ଦେଖି ଅଭିଯୋଗକାରୀମାନେ ନିଜକୁ ଲଜ୍ଜିତ ମନେ କରିଥିଲେ। ଏ କାର୍ଯ୍ୟ ନ କରିବାକୁ ସେମାନେ ବିଡ଼ିଓଙ୍କୁ ଅନୁରୋଧ କରିଥିଲେ। ବିଡ଼ିଓ କିନ୍ତୁ କାହା କଥା ନ ଶୁଣି ନର୍ଦ୍ଦମା ସଫାରେ ଲାଗି ପଡିଥିଲେ। ସବୁବେଳେ ସବୁ କାମ ପାଇଁ ପ୍ରଶାସନ ଉପରେ ଆଶା ନ ରଖିବାକୁ ସେ ଲୋକଙ୍କୁ କହିଥିଲେ। ପ୍ରଶାସନକୁ ବୋଝ ଦେଲେ ହେବନି ବୋଲି ବୁଝାଇଥିଲେ। ନିଜେ କିଛି କରିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ତେବେ ଏହି ଘଟଣା ମଙ୍ଗଳବାର ସିନାପାଲିରେ ଯେତିକି ଚର୍ଚ୍ଚା ସୃଷ୍ଟି କରିଛି ସେତିକି ମଧ୍ୟ ଭିଡିଓ ଭାଇରାଲ ହେବାରେ ଲାଗିଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ବିଭିନ୍ନ କାର୍ଯ୍ୟ, ପଦକ୍ଷେପ ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି କରିଛି। ଏବେ ସିନାପାଲି ବିଡିଓଙ୍କ ଏହି ପଦକ୍ଷେପ ତା ପଛକୁ ଯୋଡି ହୋଇ ଯାଇଛି। ବିଡିଓଙ୍କ ଏଭଳି କାର୍ଯ୍ୟକୁ ଅନେକ ପ୍ରଶଂସା କରିଛନ୍ତି। ଏହିଭଳି ଅଧିକାରୀ ଆବଶ୍ୟକ ବୋଲି ଅନେକ ମତ ରଖିଛନ୍ତି।



● ଉପ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏମିତି ଚାଲିଛି ସ୍ୱାସ୍ଥ୍ୟସେବା

# ଆଶାକର୍ମୀଙ୍କ ମାଧ୍ୟମରେ ଲାଞ୍ଚ ନେଉଛନ୍ତି ଡାକ୍ତର, ନର୍ସ

କଣ୍ଟାବାଞ୍ଜି,୨।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ସରକାରୀ ଡାକ୍ତରଖାନା ଅନେକ ସମୟରେ ଅବ୍ୟବସ୍ଥାକୁ ନେଇ ଚର୍ଚ୍ଚାରେ ରହୁଛି। ଏବେ ଅର୍ଥ କାରବାରକୁ ନେଇ ଏହି ଡାକ୍ତରଖାନା ବଦମାନ ହୋଇଛି। ଏଠି ଆଶାକର୍ମୀଙ୍କ ମାଧ୍ୟମରେ ଡାକ୍ତର, ନର୍ସ ଲାଞ୍ଚ ନେଉଛନ୍ତି। ଏହାର ଭିଡିଓ ଏବେ ଭାଇରାଲ ହୋଇଛି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନରେ ଏଭଳି ଘଟଣା ଘଟିଛି।



କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ଉପରେ ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେକେଲା ବ୍ଲକର ଲୋକେ ନିର୍ଭରଶୀଳ। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନୂଆ କୋଠା ନିର୍ମାଣ କରାଯାଇଛି। ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ମାସିକ ଦରମା ଦେଇ ଡାକ୍ତର, ନର୍ସ ସହ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହା ସ୍ୱତ୍ତେ ଡାକ୍ତର ଓ ନର୍ସମାନେ ଏଠି ଟଙ୍କା ନ ନେଲେ ପ୍ରସବ କରାଉ ନାହାନ୍ତି।

ତୁରେକେଲା ବ୍ଲକ୍ ଅଞ୍ଚଳର ଜଣେ ଗର୍ଭବତୀ ମହିଳା ପ୍ରସବ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନକୁ ଚିକିତ୍ସା ଲାଗି ଆସିଥିଲେ। ସନ୍ତାନ ପ୍ରସବ ହେବା ପରେ ଡାକ୍ତର, ନର୍ସଙ୍କ ସହ ଅନ୍ୟ କର୍ମଚାରୀମାନେ ଆଶାକର୍ମୀଙ୍କ ଜରିଆରେ ତାଙ୍କ ପରିବାର ଲୋକଙ୍କୁ ୧୮୦୦ ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ଡାକ୍ତରଙ୍କ ଭାଗ ୫୦୦, ୨ ଜଣ ନର୍ସଙ୍କ ଭାଗ ୧୦୦୦ ଟଙ୍କା ଏବଂ ଅନ୍ୟ ଜଣେ କର୍ମଚାରୀଙ୍କ ୩୦୦ ଶହ ଟଙ୍କା ଭାଗ ରହିଥିବା ଜଣା ପଡିଛି। ଭିଡ଼ିଓରେ ଆଶାକର୍ମୀ ଜଣକ ସ୍ପଷ୍ଟ ଭାବେ ସବୁ କହିଛନ୍ତି। କେବଳ ସେତିକି ନୁହେଁ ଗର୍ଭବତୀଙ୍କ ସମ୍ପର୍କୀୟଙ୍କୁ ସର୍ଫ ଓ ସାବୁନ ମଧ୍ୟ ମଗାଯାଉଥିବା ଅଭିଯୋଗ ହେଉଛି।

**ପ୍ରସବ ପାଇଁ ୧୮ ଶହ ଟଙ୍କା ଲାଞ୍ଚ ନେବା ଭିଡ଼ିଓ ଭାଇରାଲ**

# ଆନ୍ଧ୍ର କପାଚାଷୀଙ୍କ କବ୍‌ଜାରେ ସରକାରୀ ଜମି

## ରାଜସ୍ୱ ଓ ବନ ବିଭାଗ ଅଧିକାରୀ ସ୍ଥାଣୁ | ସହଯୋଗ କରୁଛନ୍ତି ମଧ୍ୟସ୍ଥି ସାଜିଥିବା ମୁଷ୍ଟିମେୟ ଲୋକ

ବଲାଙ୍ଗିର,୨।୯ (ସମିସ)

ବଲାଙ୍ଗିର ଜିଲ୍ଲାରେ ଆନ୍ଧ୍ର କପାଚାଷୀଙ୍କ ଦାଦାଗିରି। ଲୋକଙ୍କୁ ଡରାଇ ଧମକାଇ ସରକାରୀ ଜମି କବଜା କରି କପାଚାଷ ଚଳାଇଛନ୍ତି। ଗାଁର କିଛି ମୁଷ୍ଟିମେୟ ଓ କୁଜିନେତାଙ୍କୁ ହାତ କରି ଏହି ବେଆଇନ କାରବାର ଚାଲିଛି। ରାଜସ୍ୱ ଓ ବନ ବିଭାଗର ଅଧିକାରୀ ସବୁ ଦେଖି ମଧ୍ୟ ଚୁପ୍ ବସିଛନ୍ତି। ଏହିଭଳି ଏକ ଅଭିଯୋଗ ଜିଲ୍ଲାପାଳଙ୍କ ପାଖରେ ପହଞ୍ଚିଛି। ଦିନକୁ ଦିନ ଏହି ଅଭିଯୋଗ ତାଲିକା ବଢିବାରେ ଲାଗିଛି। ଗ୍ରାମ୍ୟ ଜଙ୍ଗଲ, ଗୋଚର ଜମି ଉପରେ ଏହି ଆନ୍ଧ୍ର ବ୍ୟବସାୟୀମାନେ ନଜର ପକାଇଛନ୍ତି। ମଧ୍ୟସ୍ଥି ସାଜିଥିବା ମୁଷ୍ଟିମେୟ ଲୋକମାନେ ସେମାନଙ୍କୁ ସହଯୋଗ କରୁଛନ୍ତି।

ବଲାଙ୍ଗିର ଜିଲ୍ଲାର ବିଭିନ୍ନ ତହସିଲ ଅଧୀନରେ ଥିବା ଜମି ଏବେ ଆନ୍ଧ୍ର କପାଚାଷୀ କବଜାରେ। ଚାଷୀମାନଙ୍କଠାରୁ ଏହି କପାଚାଷୀମାନେ ଜମି ଲିଜ୍ ନେଉଛନ୍ତି। ଏହାପରେ ଜମି ସହିତ ଲାଗିରହିଥିବା ସରକାରୀ ଜମିକୁ ବି ହଡପ କରୁଥିବା ଅଭିଯୋଗ ହୋଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଆନ୍ଧ୍ରରୁ ଆସୁଥିବା କପା ଚାଷୀମାନେ ବହୁ ପରିମାଣର ଜମିକୁ ନିଜ କବଜାକୁ ନେଇଛନ୍ତି।ରାଜସ୍ୱ ବିଭାଗ କିନ୍ତୁ କୌଣସି ପଦକ୍ଷେପ ନେଉନାହିଁ। ଏପରିକି ଗ୍ରାମ୍ୟ ଜଙ୍ଗଲକୁ ବି ଏହି କପା ଚାଷୀମାନେ ଛାଡୁ ନ ଥିବା ଅଭିଯୋଗ ହୋଇଛି ଯେଉଁଥିପାଇଁ ବିଭିନ୍ନ ଗାଁରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ଜିଲ୍ଲାର ପ୍ରାୟତଃ ଲୋଇସିଂହା, ପୁଇଁନ୍ତଲା, ଖପ୍ରାଖୋଲ, ବେଲପଡା, ପାଟଣାଗଡ, ତୁରେକେଲା, ବଙ୍ଗୋମୁଣ୍ଡା ତହସିଲରେ ବିଶେଷ କରି



ଏହି କାରବାର ଚାଲିଛି। ସରକାରୀ ଜମିକୁ ଖୋଲାଖୋଲି ବେଆଇନ ଜବରଦଖଲ କରିବା ପାଇଁ ଏମାନଙ୍କୁ କିଏ ଅନୁମତି ଦେଉଛି ତାହା ସନ୍ଦେହ ସୃଷ୍ଟି କରିଛି। ଏବିଷୟରେ ସତରେ ତହସିଲଦାରମାନେ ଜାଣିନାହାନ୍ତି ନା ଜାଣିଶୁଣି ନିଜ ଭାଗ ନେଇ ଚୁପ୍ ରହୁଛନ୍ତି ତାହା ବଡ ପ୍ରଶ୍ନ। କେବଳ ବଲାଙ୍ଗିର କି ପୁଇଁନ୍ତଲା ତହସିଲ ନୁହଁ; ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହିଭଳି ଭାବେ ସରକାରୀ ଜମିକୁ କପା ଚାଷ ପାଇଁ ଏହି ଆନ୍ଧ୍ରଚାଷୀମାନେ ଅକ୍ତିଆର କରିନେଉଛନ୍ତି। ପରବର୍ତ୍ତି ସମୟରେ ତାହାକୁ ନିଜ କବଜାରେ ରଖୁଥିବା ଅଭିଯୋଗ ହୋଇଛି। ଏହି ସରକାରୀ ଜମିକୁ କୌଶଳକ୍ରମେ ହଡପ କରୁଥିବା ଦେଖିବାକୁ ମିଳିଛି। ବେଆଇନ ଜବରଦଖଲ କରିଥିବା ବ୍ୟକ୍ତି ସରକାରୀ ଜମି ପାଖରେ ଥିବା ରୟତି ଜମିକୁ ନଜର କରିଥାନ୍ତି। ସେହି ଜମିକୁ କିଣିବା କିମ୍ବା ଲିଜରେ ନେବା ପରେ ପାଖରେ ଥିବା ସରକାରୀ ଜମିକୁ ହଡପ କରିଥାନ୍ତି। ବଲାଙ୍ଗିର ଜିଲ୍ଲାରେ ଏବେ ଏକ ବଡ ର୍‌ୟାକେଟ କାମ କରୁଛି। ଜିଲ୍ଲାର ଶହ ଶହ ଏକର ସରକାରୀ ଜମି ଏବେ ଏହି ଆନ୍ଧ୍ର କପାଚାଷୀଙ୍କ କବଜାରେ ଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ମୁହଁ ଖୋଲିବାକୁ ନାରାଜ।

ଏନେଇ ଲୋକେ ଅଭିଯୋଗ କରୁଛନ୍ତି ସତ; କିନ୍ତୁ ଅଭିଯୋଗର କୌଣସି ମୂଲ୍ୟ ରହୁ ନ ଥିବା ଲୋକେ କହିଛନ୍ତି।

# ବିଦ୍ୟୁତ୍ ବିଭାଗର ଦୁର୍ଗାମଣ୍ଡପ ଉଦ୍‌ଘାଟିତ



ଟିଟିଲାଗଡ଼ ୨।୯ (ସମିସ): ଟିଟିଲାଗଡ଼ ବିଦ୍ୟୁତ୍ ବିଭାଗର ନୂତନ ଦୁର୍ଗାମଣ୍ଡପ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରମେଶ ଅଗ୍ରୱାଲ, ରଞ୍ଜିତ ଲେଙ୍କା, ମନୋଜ ପଟ୍ଟନାୟକ, ଅମ୍ଲାନ ନାୟକ, ପ୍ରକାଶ ଦାସ, ଅମରେଶ ଶତପଥୀ, ପ୍ରସାଦ ବାବୁ, ପ୍ରକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶା ନିବାରଣ, ସ୍ୱଚ୍ଛତା ସଚେତନତା ପଥପ୍ରାନ୍ତ ନାଟକ

ବଲାଙ୍ଗିର,୨।୯ (ସମିସ): ବଲାଙ୍ଗିର ଜିଲ୍ଲା ପୁଲିସ ପ୍ରଶାସନ ଓ ପୌରପରିଷଦ ପକ୍ଷରୁ ନିଶା ନିବାରଣକୁ ନେଇ ମଙ୍ଗଳବାର ସ୍ଥାନୀୟ ବ୍ରାହ୍ମଣପଡା ଛକରେ ପଥପ୍ରାନ୍ତ ନାଟକର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ବିଧାୟକ କଳିକେଶ ନାରାୟଣ ସିଂଦେଓ,



ପୌରଧ୍ୟକ୍ଷା ଲୀନା ସାହୁ ଓ ଟାଉନ ଥାନା ଆଇଆଇସି ଅବନୀ ସାହୁଙ୍କ ସମେତ ବରିଷ୍ଠ କାଉନସିଲର ଶମ୍ଭୁ ନାଗ ଓ ନନ୍ଦିନୀ ପୋଦ୍ଦ ଉପସ୍ଥିତ ଥିଲେ। ନିଶାରୁ ଲୋକେ ଦୂରେଇ ରହିବା ପାଇଁ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଛି। ବଲାଙ୍ଗିର ସହରର ପ୍ରତି ୱାର୍ଡର ଥିବା ବିଭିନ୍ନ ପଡା ଓ ଛକରେ ନିଶାମୁକ୍ତ ଅଭିଯାନକୁ ନେଇ ପଥପ୍ରାନ୍ତ ନାଟକ ଜରିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ସଚେତନତା କରାଯିବ ବୋଲି ସୂଚନା ଦିଆଯାଇଛି। ବଲାଙ୍ଗିର ସହରରେ ଦିନକୁ ଦିନ ନିଶା କାରବାର ବଢ଼ିବାରେ ଲାଗିଛି। ନିଶା ଯୋଗୁ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ସହରରେ ବଢୁଛି। ଏହାଫଳରେ ସାଧାରଣ ଜନତା ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଶା ନିବାରଣରୁ ଦୂରେଇ ରହିବା, ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସହରରେ ଏଭଳି ସଚେତନତା କାର୍ଯ୍ୟକ୍ରମ କରାଯାଇଛି।

# ବାପାଙ୍କ ତାଗିଦରେ ଝିଅର ଆତ୍ମହତ୍ୟା

ଖପ୍ରାଖୋଲ,୨।୯ (ସମିସ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଘୁନସର ପଞ୍ଚାୟତ ଲାଠୋର ଥାନା ଅଧୀନ ଝାକ୍ରିପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତିଙ୍କ ତାଗିଦରେ ତାଙ୍କ ଝିଅ ଆତ୍ମହତ୍ୟା କରିଛନ୍ତି।



ମୃତକ ହେଲେ ଗ୍ରାମର ନାରାୟଣ ମାଝୀଙ୍କ ସାନ ଝିଅ ଦୀପାଞ୍ଜଳି ମାଝୀ (୧୯) ଗାଁରେ ଗଣେଶ ମେଢ ବିସର୍ଜନ ସମୟରେ ସାଙ୍ଗମାନଙ୍କ ସହ ସେ ନାଚିଥିଲେ। ଏହା ଦେଖି ନାରାୟଣ ନାପସନ୍ଦ କରିବା ସହ ଝିଅକୁ ତାଗିଦ କରିଥିଲେ। ଏହାକୁ ସହ୍ୟ କରି ନ ପାରି ଦୀପାଞ୍ଜଳି ତାଙ୍କ ଜମି ନିକଟରେ ଥିବା ପିଜୁଳି ଗଛରେ ଆତ୍ମହତ୍ୟା କରିଥିଲେ। ଖବର ପାଇ ଲାଠୋର ପୁଲିସ ଶବ ଜବତ କରିଥିଲା। ଏନେଇ ଲାଠୋର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି।

ବେଲପଡା ପଞ୍ଚାୟତ

# ମନରେଗା ଦୁର୍ନୀତି ତଦନ୍ତ ଦାବିରେ ବ୍ଲକ୍ ଘେରଉ



କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା,୨।୯ (ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ବେଲପଡା ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ଏହାର ତଦନ୍ତ ଦାବି କରି କଂଗ୍ରେସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ୍ ଅଫିସରେ ପହଞ୍ଚି ଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହାସହ ବ୍ଲକ୍ ଅଫିସ ଘେରଉ କରାଯାଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ବିଡ଼ିଓ ସୁଶାନ୍ତ ପାଣିଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ତଦନ୍ତ ନ ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିଘ୍ନରାଜ ନାଏକ, ତୁରେକେଲା ଜିଲ୍ଲା ପରିଷଦ ସଦସ୍ୟ କୌଶିକ ମେହେର, ବଙ୍ଗୋମୁଣ୍ଡା ଜିଲ୍ଲା ପରିଷଦ ସଦସ୍ୟ ଓମ୍ ପ୍ରକାଶ କୁମ୍ଭାରଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଶିକ୍ଷାବିତ୍ ତ୍ରିବିକ୍ରମ ମହାକୁଡ଼ ପାଇବେ ଶିକ୍ଷକ ରତ୍ନ ଉପାଧି



ବେଲପଡ଼ା,୨।୯ (ସମିସ): ବଲାଙ୍ଗିର ଆଦର୍ଶପଡ଼ାର ଭାରତୀ ନୀଡ଼ ତଥା ରାଜବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ଚତୁର୍ଥ ବାର୍ଷିକ ଉତ୍ସବ, ଗୁରୁ ପୂଜନ, ପ୍ରତିଭା ସମ୍ମାନ ଓ ନୂଆଖାଇ ଭେଟଘାଟ-୨୦୨୫ ଆୟୋଜିତ ହେବ। ଏହି ଅବସରରେ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଦୀନ ରଘୁ ମେହେର ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଶିଷ୍ଟ ଶିକ୍ଷାବିତ୍ ତ୍ରିବିକ୍ରମ ମହାକୁଡ଼ ଶିକ୍ଷକ ରତ୍ନ ଉପାଧି ପାଇବେ। ସେହିଭଳି ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବନମାଳୀ ପାଣିଗ୍ରାହୀ, ପଣ୍ଡିତ ମୋହନଦାସ ଠାକୁର, ସଦାଶିବ ମେହେର, ନିରଞ୍ଜନ ବେହେରା, କୁଞ୍ଜମଣି ମେହେର, ଚାଣକ୍ୟ ସାହୁ, ନବୀନ ମେହେର, ସୁରେଶଚନ୍ଦ୍ର ମେହେର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ। ଅନୁଷ୍ଠାନର ସଂପାଦକ ନବକିଶୋର ବେହେରା ଏହି ସୂଚନା ଦେଇଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ବଲାଙ୍ଗିରର କୁନି ଝିଅ ଅନଭିକା

ବଲାଙ୍ଗିର,୨।୯ (ସମିସ): ବଲାଙ୍ଗିର ରାଜେନ୍ଦ୍ରପଡା ନିବାସୀ ଅଶୋକ ତ୍ରିପାଠି ଓ ମାନସୀ ହୋତାଙ୍କ କୁନି ଝିଅ ଅନଭିକା ତ୍ରିପାଠୀ (୨ ବର୍ଷ ୬ ମାସ) ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ-୨୦୨୫ରେ ସ୍ଥାନ ପାଇଛନ୍ତି।



ଏତେ କମ୍ ବୟସରେ ତାଙ୍କ ନିକଟରେ ଅସାଧାରଣ ସ୍ମରଣଶକ୍ତି ରହିଥିବା ଦେଖିବାକୁ ମିଳିଛି। କୌଣସି କଥାକୁ ସେ ଥରେ ମାତ୍ର ଶୁଣି ମନେ ରଖି ପାରନ୍ତି ଏବଂ ତାହା କହି ପାରନ୍ତି। ପ.ରି ଥିବା ପ୍ରଶ୍ନ ଶୁଣୁ ଶୁଣୁ ନିର୍ଭୁଲ୍ ଭାବେ ଉତ୍ତର ଦେଇ ପାରନ୍ତି। ସେ ଶରୀରର ବିଭିନ୍ନ ଅଙ୍ଗ, ପଶୁପକ୍ଷୀ, ସପ୍ତାହର ୭ ଦିନ, ଯାନବାହାନ, ୬ ଋତୁ, ବିଭିନ୍ନ ରଙ୍ଗ, ବିଭିନ୍ନ ରାଜ୍ୟ, ବିଭିନ୍ନ ଦେଶ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପନିପରିବା ନାମ ଇତ୍ୟାଦି କହି ପାରୁଛନ୍ତି।

# ୬ ନାଟକ ପୁସ୍ତକ ଉନ୍ମୋଚିତ



ବଲାଙ୍ଗିର,୨।୯ (ସମିସ): ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରଠାରେ ନଟରାଜ କଳାପରିଷଦ ପକ୍ଷରୁ ମାଁ ସମଲେଇଙ୍କଠାରେ ପୂଜାର୍ଚ୍ଚନା କରାଯାଇଛି। ଚଳିତ ବର୍ଷ ନାଟକ ପ୍ରସ୍ତୁତି ପାଇଁ ୬ଟି ପୁସ୍ତକ ଉନ୍ମୋଚିତ ହୋଇଛି। ବା, ତ୍ରିଶଙ୍କୁ, ଯାଦୁବାଲା, ଜମିଦାର, ଭୁଲତା, ପରଶମଣି ଆଦି ପୁସ୍ତକ ଉନ୍ମୋଚିତ ହୋଇଛି। ପ୍ରହଲ୍ଲାଦ ଦର୍ଜି, ରାମ ଦାସ ଓ ସତ୍ୟବ୍ରତ ଆ.ର୍ଯ୍ୟ ପ୍ରମୁଖ ଏହି ନାଟକରେ ନିର୍ଦ୍ଦେଶନା ଦେବା ପାଇଁ ସ୍ଥିର ହୋଇଛି।

# ସ୍ୱାମୀକୁ ମାରି ସ୍ତ୍ରୀ ଫେରାର

ଟିଟଲାଗଡ ୨।୯ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଧୀନ ଡଙ୍ଗରପଡା ଗାଁରେ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ହତ୍ୟା କରି ଫେରାର ହୋଇ ଯାଇଛି। ମୃତକ ହେଲେ ଗାଁର ସନ୍ତୋଷ ପରାଭୁଏ। ସ୍ତ୍ରୀ ଭବାନୀ ପରାଭୁଏଙ୍କ ସହ ସନ୍ତୋଷଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ସକାଳେ ଗାଁ ଦାଣ୍ଡରେ ସନ୍ତୋଷଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିଲା। ପରିବାର ଲୋକେ ସନ୍ତୋଷଙ୍କୁ ଟିଟିଲାଗଡ଼ ଡାକ୍ତରଖାନା ନେଇଥିଲେ; ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ଉଭୟଙ୍କ ମଧ୍ୟରେ ଅନେକ ସମୟରେ ଗଣ୍ଡଗୋଳ ଲାଗି ରହୁଥିଲା। ସୋମବାର ରାତିରେ ମଧ୍ୟ ଗଣ୍ଡଗୋଳ ହୋଇଥିଲା। ସ୍ତ୍ରୀ ଭବାନୀ ଛୁରିରେ ସନ୍ତୋଷଙ୍କୁ ହତ୍ୟା କରି ୪ ପୁଅଝିଅଙ୍କୁ ନେଇ ଫେରାର ହୋଇଯାଇଛି।

# ଖଗସାରେ ମନରେଗା ଦୁର୍ନୀତିର ତଦନ୍ତ

କଣ୍ଟାବାଞ୍ଜି,୨।୯ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଖଗସା ପଞ୍ଚାୟତରେ ମନରେଗା ଦୁର୍ନୀତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ତୁରେକେଲା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ କରାଯାଉଥିବା ଗାଁର ଭୋଇମୁଣ୍ଡା ଟ୍ୟାଙ୍କ କାମରେ ୯ ଲକ୍ଷ ଟଙ୍କା କାମ ହେବ ବୋଲି ଫଳକରେ ଦର୍ଶା ଯାଇଛି। ଏହାରି ଭିତରେ ଏବେ କାମ କିନ୍ତୁ କମ୍ ହୋଇଥିବା ମଧ୍ୟ ଜଣାପଡିଛି। ବାରମ୍ବାର ଫଳକ ତିଆରି କରି ଭୋଇମୁଣ୍ଡାରେ ପ୍ରଶାସନ କାମ କରିଛି; ହେଲେ ଅନେକ ବର୍ଷ ହେଲା କାମ ଶେଷ ହୋଇନାହିଁ। ଖଗସା ସରପଞ୍ଚଙ୍କ ସ୍ୱାମୀ ମାୟା ତାଣ୍ଡି ଦେଇଥିବା ସୂଚନା ଅନୁସାରେ ଭୋଇମୁଣ୍ଡା ଟ୍ୟାଙ୍କ କାମ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି। ପୂର୍ବତନ ବିଡିଓ ଦେବାଶିଷ ସାମଲଙ୍କ ସମୟରେ ଆମେ ସରକାରୀ ଜମି ଖୋଜି ଦେଲେ ସେଠାରେ ଟ୍ୟାଙ୍କ କାମ ଆଗେଇବ ବୋଲି କୁହାଯାଇଥିଲା। ଏହାପରେ ଜଣେ ଆରଆଇ ଗାଁକୁ ଯାଇ ସରକାରୀ ଜମି ଚିହ୍ନଟ କରିଥିଲେ; କିନ୍ତୁ ତାହା ବାସ୍ତବରେ ବେସରକାରୀ ଜମି ଥିଲା। ସେହି ଜମିରେ କାମ ଆରମ୍ଭ ହୋଇଥିଲା; ହେଲେ ସେହି ଜମିଟି କୁଲିଆଦର ଗାଁର ଜଣେ ବ୍ୟକ୍ତିଙ୍କ ବୋଲି ଜଣାପଡିଥିଲା। କାମ ଆରମ୍ଭ ହୋଇ କିଛି ମାଟି କାମ ମଧ୍ୟ ଆରମ୍ଭ ହୋଇଥିଲା। ତେବେ ଏହି ଘଟଣାରେ ଜମି ମାଲିକ କେଶ୍ କରିବାରୁ କାମ ବନ୍ଦ ହୋଇଥିଲା। ଏବେ ଘଟଣା ହେଲା ପରେ ଆଉ ଜଣେ ଆରଆଇ ଏହା ସରକାରୀ ଜମି ନୁହଁ; ବରଂ କୁଲିଆଦର ଗାଁର ଜଣକ ଜମି ବୋଲି କହିଥିଲେ। ଦୁଇ ଜଣ ଆରଆଇ ଦୁଇଟି କଥା କହିବା ପରେ ପରିସ୍ଥିତି ଜଟିଳ ହୋଇ ପଡିଛି।




ତେବେ ପ୍ରଶାସନର ଏଭଳି ଖାମଖିଆଲି ମନୋଭାବ ଓ କାର୍ଯ୍ୟ ଲାଗି ଲୋକେ ହଇରାଣ ହେଉଛନ୍ତି। ଏବେ ଯେଉଁ ସ୍ଥାନରେ ମନରେଗା କାମ ଚାଲିଛି ତାହା ମଧ୍ୟ ସରକାରୀ ନା ବେସରକାରୀ ଜମି କାହାକୁ ଜଣାନାହିଁ। ଅନ୍ୟପକ୍ଷେ ଏହି ପଞ୍ଚାୟତରେ କେତେ ଶ୍ରମିକ ପ୍ରକୃତରେ କାମ କରୁଛନ୍ତି ତାହା ମଧ୍ୟ ଯାଞ୍ଚ ହେବା ଜରୁରୀ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ବିଡିଓ ଶ୍ରୀ ପୁଟେଲ କହିଛନ୍ତି ଯେ, କାଗଜ ପତ୍ର ଅଛି ଯାଞ୍ଚ ହେବ। ଯେତେ କାମ ହୋଇଥିବ ସେତିକି ହିଁ ବିଲ୍ ହେବ। ଦୁର୍ନୀତିର ପ୍ରଶ୍ନ ଉଠୁନି। ତୁରେକେଲା ବ୍ଲକରେ ଏମିତି କୌଣସି ଘଟଣା ହେଉନାହିଁ। ସରକାରୀ କର୍ମଚାରୀ ଏବଂ ସେ ନିଜେ ସମସ୍ତ କାଗଜ ପତ୍ର ଠିକ୍ ଭାବେ ଯାଞ୍ଚ କରୁଥିବା କହିଛନ୍ତି।

# ଜୀବନ ନେଉଛି ଅପମିଶ୍ରିତ ମଦ | ଜାଣି ଅଜଣା ଅବକାରୀ ବିଭାଗ

ବଲାଙ୍ଗିର,୨।୯ (ସମିସ): ବଲାଙ୍ଗିର ଜିଲ୍ଲାରେ ବିଷାକ୍ତ ମଦର ବନ୍ୟା ଛୁଟୁଛି। ମଦ ନାମରେ ବଜାରରେ ଅପମିଶ୍ରିତ ମଦ ବିକ୍ରି ହେଉଛି। ଏହା ଏବେ ଧୀର ବିଷ ଭାବେ ଲୋକଙ୍କ ଜୀବନ ନେଉଛି। କୁଚିଆ ମଦ ଧରିବାରେ ବ୍ୟସ୍ତ ଅବକାରୀ ବିଭାଗର କିନ୍ତୁ ଏଥିପ୍ରତି ଧ୍ୟାନ ନାହିଁ। ବିଶେଷ କରି ବଲାଙ୍ଗିର ଜିଲ୍ଲାରେ ଏହି କାରବାର ଚାଲୁଛି। ଏହି ଦୁଇ ଅଞ୍ଚଳ ଦାୟିତ୍ୱରେ ଥିବା ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ମୁଖ୍ୟାଳୟରେ ନ ରହି ପରୋକ୍ଷରେ ଏହି ମଦ ବେପାରୀଙ୍କୁ ସୁଯୋଗ ଦେଉଥିବା ଅଭିଯୋଗ ହୋଇଛି।



ଆଗକୁ ପାର୍ବଣ। ଏହାକୁ ଟାର୍ଗେଟରେ ରଖି ଅପମିଶ୍ରିତ ମଦ ତିଆରି କରୁଥିବା ବ୍ୟବସାୟୀମାନେ ନିଜ ବ୍ୟବସାୟକୁ ଆହୁରି ଜୋରଦାର କରିଛନ୍ତି। ଗୋଟିଏ ପଟେ ଅବକାରୀ ବିଭାଗ ଫାଇଲ ଚାଷ କରିବା ଲକ୍ଷ୍ୟରେ କୁଚିଆ ବେପାରୀଙ୍କୁ ହାତ ମାରୁଥିବା ବେଳେ ଏହାର ସୁଯୋଗ ନେଇ ଅପମିଶ୍ରିତ ମଦ କାରବାର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଅଭିଯୋଗ ଅନୁସାରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଅପମିଶ୍ରିତ ମଦ ତିଆରି ହେଉଥିବା ଅଭିଯୋଗ ହୋଇଛି। ଏହି ବେପାରୀମାନେ ନିଜ ଘରେ ମଦ ପ୍ରସ୍ତୁତ କରି ମନଇଚ୍ଛା ଦରରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। କିଏ ଘରେ ତିଆରି କରୁଛି ତ କିଏ ନିଜ ଖଳାରେ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି।ର ଗୋଟିଏ ଲିଟର ରନ୍ଧା ମଦ ଆଣି ପାଖାପାଖି ୧୦ ଲିଟର ମଦ ପ୍ରସ୍ତୁତ କରି ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ଦେଶୀ ମଦଭାଟି ଦର ତୁଳନାରେ ଏହା କମ୍ ରହୁଥିବାରୁ ଏହାକୁ ଗାଁଗୁଡିକରେ ବହୁମାତ୍ରାରେ ବ୍ୟବହାର କରାଯାଉଥିବା ଜଣାପଡିଛି; କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ଡାକ୍ତରମାନେ ମତ ରଖିଛନ୍ତି। ବର୍ଷକ ଭିତରେ ମଦ ପାଇଁ ଜୀବନ ହାରିଥିବା ଅନେକଙ୍କ ଜୀବନ ଏହି ଅପମିଶ୍ରିତ ମଦ ଯୋଗୁଁ ହିଁ ହୋଇଥିବା ଜଣାପଡିଛି। ତେବେ ଏହି ମଦ ଧୀର ବିଷ ଭାବେ କାମ କରୁଥିବାରୁ ହଠାତ ଜଣକର ମୃତ୍ୟୁ ନ ହୋଇ କିଛି ମାସ ବ୍ୟବହାର ପରେ ଆପେ ଆପେ ଶରୀରର ବିଭିନ୍ନ ଅଙ୍ଗ ନଷ୍ଟ ହେଉଥିବା ବିଶେଷଜ୍ଞମାନେ ମତ ରଖିଛନ୍ତି। ଅନ୍ୟପେ୪

- ● ଅପମିଶ୍ରିତ ମଦ କାରବାରକୁ ପ୍ରୋତ୍ସାହନ
- ● କୁଚିଆ ମଦ କାରବାର ପଛରେ ଅବକାରୀ ବିଭାଗ
- ● ମଦ ନାମରେ ବିଷ ପିଆଉଛନ୍ତି ବ୍ୟବସାୟୀ
- ● ମୁଖ୍ୟାଳୟରେ ରହୁନାହାନ୍ତି ଅଧିକାରୀ ଓ କର୍ମଚାରୀ

ଅବକାରୀ କାର୍ଯ୍ୟାଳୟଗୁଡିକ ସରକାରୀ ଅଫିସ ଟାଇମ ଭଳି ଖୋଲୁଥିବା ଅଭିଯୋଗ ହୋଇଛି। ଷ୍ଟେସନ ଦାୟିତ୍ୱରେ ଥିବା ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ମୁଖ୍ୟାଳୟରେ ନ ରହିବା ଏହିଭଳି ବେଆଇନ ମଦ କାରବାରକୁ ସୁହାଉଥିବା ଅଭିଯୋଗ ହୋଇଛି। ଅପମିଶ୍ରିତ ମଦ ପ୍ରସ୍ତୁତ କରୁଥିବା କିଛି ବ୍ୟବସାୟୀଙ୍କ ପାଖରୁ ନିୟମିତ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ପାଖକୁ ଲାଞ୍ଚ ଯାଉଥିବାରୁ ଏହି ବେପାରୀମାନଙ୍କୁ ଅବକାରୀ ବିଭାଗ ଧରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କେତେବେଳେ କେମିତି ପୁଲିସ ଏହି ମଦ ବ୍ୟବସାୟୀଙ୍କୁ ଗିରଫ କରୁଥିବା ବେଳେ ଅବକାରୀ ବିଭାଗର ନୀରବତା ଭିନ୍ନ ଆଡକୁ ଇଙ୍ଗିତ କରୁଛି। ଏପରିକି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଜାଣତରେ ଏହି କାରବାର ଚାଲିଥିବାରୁ ଗୋଟିଏ ପଟେ ଦେଶୀମଦ ବିକ୍ରି କମିବା ସହ ରାଜସ୍ୱ କମି ଚାଲିଥିବା ଜଣାପଡିଛି। ଏହାର ସୁଯୋଗ ଏହି ବ୍ୟବସାୟୀମାନେ ନେଉଥିବା ଅଭିଯୋଗ ହୋଇଛି। ତେବେ ଏ ନେଇ ବିଭିନ୍ନ ସମୟରେ ଅବକାରୀ ଅଧିକାରୀଙ୍କୁ ପଚାରିବାରୁ ନିୟମିତ ଚଢଉ କରାଯାଉଛି। ଯେତେବେଳେ କିଛି ବି ସନ୍ଧାନ ମିଳିଥାଏ ଚଢଉ କରି ମଦ ନଷ୍ଟ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। କିଛି ମାସ ଭିତରେ ଏହା ହ୍ରାସ ପାଇଛି। ଆଗକୁ ଆହୁରି ହ୍ରାସ ପାଇବ ବୋଲି ଅଧିକାରୀମାନେ ଆଶା କରିଛନ୍ତି।

# ଲୁର୍କୀରେ ନାଗପୂଜା ଯାତ୍ରା

ତୁଷୁରା,୨।୯ (ସମିସ): ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକ୍ ତୁଷୁରା ସମରା ପଞ୍ଚାୟତ ଲୁର୍କୀ ଗ୍ରାମରେ ନାଗପୂଜା ଯାତ୍ରା ଅନୁଷ୍ଠିତ ହେଇଛି। ପ୍ରଥମେ ଛତ୍ର ସହ ମହାଦେବ ମନ୍ଦିରରୁ ବାହାରି ଘାଟ ପୂଜା କରାଯାଇଥିଲା। ପୋଖରୀରୁ ଘାଟ ପୂଜା ସାରିବା ପରେ ସ୍ଥାନୀୟ ମହୁଲ ପଡିଆସ୍ଥିତ ପୂଜା ଖଳାରେ ସ୍ଥାପନା କରାଯାଇଥିଲା। ପରେ ସମସ୍ତ ଦେହେରିମାନଙ୍କ ଦେହରେ ଠାକୁର ଆବିର୍ଭାବ ହେଇ ଗ୍ରାମର ସମସ୍ତ ଘରକୁ ଯାଇ ଫୁଙ୍କାଝରା କରିଥିଲେ।



# ଦେଓବନ୍ଧ ଭାଟି ଘେରିଲେ କୋଇଲିମୁଣ୍ଡା ପଞ୍ଚାୟତବାସୀ



ଚନ୍ଦାହାଣ୍ଡି,୨।୯ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଧୀନ ଦେଓବନ୍ଧ ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଭାଟିକୁ ଆଜି କୋଇଲିମୁଣ୍ଡା ସରପଞ୍ଚ ହରଲାଲ ଝାଙ୍କର ଓ ଯୁବନେତା ଭୋଜରାମ ସିହ୍ନାଙ୍କ ନେତୃତ୍ୱରେ ଘେରିଲେ କୋଇଲିମୁଣ୍ଡା ପଞ୍ଚାତର ଶହ ଶହ ମହିଳା ଓ ଯୁବକ । ଏଥି ପୂର୍ବରୁ ସନ୍ଧିମୁଣ୍ଡା ଭାଟି ମଧ୍ୟରେ ବିକ୍ରୟ ନ କରି ବେଆଇନ ଭାବରେ ଗ୍ରାମରେ ଗଳି କନ୍ଦିରେ ମଦକୋଚିଆ ତିଆରି କରି ମଦ ପହଞ୍ଚାଇବା ଓ ବିକ୍ରୀ କରୁଥିବା ଫଳରେ ଅନକାବେଡା ଗ୍ରାମପଞ୍ଚାୟତର ନୂଆପଡା, ସନ୍ଧିମୁଣ୍ଡାର ଶହ ଶହ ମହିଳା ଓ ଯୁବକ ନିଶାମୁକ୍ତ ପାଇଁ ଅଣ୍ଟା ଭିଡ଼ିବା ସହ ମଦ ପାଉଚ ଫିଙ୍ଗା ଫୋପଡ଼ା ସହ ନଷ୍ଟ କରିଥିଲେ । ପ୍ରତ୍ୟେକ ଗ୍ରାମର ଯୁବଗୋଷ୍ଠୀ ନିଶାସକ୍ତ ହେବା ସହ ଗ୍ରାମରେ ଅନେକ ସମୟରେ ଅପ୍ରୀତିକର ପରିବେଶ ଦେଖାଯାଉଛି । ଆଜି କୋଇଲିମୁଣ୍ଡା ପଞ୍ଚାୟତର କେନ୍ଦୁଗୁଡା, ଖାଡ଼ଖଡ଼ି, ଘଣ୍ଟିଗୁଡା, କଦୋଭଟା, ଝୁଲେନବର କୋଇଲିମୁଣ୍ଡା ଗ୍ରାମରେ ମଦକୋଚିଆ ବନ୍ଦ କରିବା ପାଇଁ ପଞ୍ଚାୟତର ଶହ ଶହ ମହିଳା ଓ ଯୁବ ଗୋଷ୍ଠୀ ଗାଁ ମୁଣ୍ଡରେ ଏକତ୍ରିତ ହୋଇ ମଦ ବନ୍ଦ ନେଇ ବିଭିନ୍ନ ନାରାବାଜି ଦେବା ସହ ରାଲି କରି ଲାଇସେନ୍ସ ପ୍ରାପ୍ତ ଦେଓବନ୍ଧ ମଦ ଭାଟିରେ ପହଞ୍ଚି ଭାଟି ଘେରିଥିଲେ । ଆଗାମୀ ଦିନରେ ଅବୈଧ ମଦ ବିକ୍ରି କଲେ ଆଇନକୁ ନିଆଯିବ ବୋଲି ଚେତାବନୀ ଦେଇଥିଲେ । ପୂର୍ବରୁ ସୂଚନା ପାଇ ପୁଲିସ ଏଏସଆଇ ଦିଲୀପ କୁମାର ବାରିକଙ୍କ ନେତୃତ୍ୱରେ ପୋଲିସ ଟିମ ମୁତୟନ ହୋଇଥିଲେ । ପୋଲିସ ଉପସ୍ଥିତିରେ ଭାଟି ଭିତରକୁ ଲୋକେ ଧସେଇ ପଶିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା । ପୋଲିସର ବୁଝାସୁଝା ଓ କୋଇଲିମୁଣ୍ଡା ପଞ୍ଚାୟତର କୋଚିଆଙ୍କୁ ମଦ ନ ଦେବା ପାଇଁ ଦେଓବନ୍ଧ ଭାଟି ମ୍ୟାନେଜର ଲିଖିତ ପ୍ରତିଶୃତି ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

## ସରକାରୀ ଚାଉଳ ଗୋଦାମରେ ଜାଗା ଅଭାବ

# କଷ୍ଟମ୍ ମିଲର୍ସ ଚାଉଳ ପ୍ରଦାନରେ ସମସ୍ୟା

ଜୟପୁର,୨।୯ (ସମିସ): କୋରାପୁଟ ଜିଲ୍ଲା ଚାଉଳ ମିଲ ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କଷ୍ଟମ ମିଲର୍ସ ଚାଉଳ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ନିଗମ ଏବଂ କେନ୍ଦ୍ର ସରକାରଙ୍କ ଭାରତୀୟ ଖାଦ୍ୟ ନିଗମ ପକ୍ଷରୁ ଗୋଦାମର ଜାଗା ଅଭାବ ଦର୍ଶାଇ ଗ୍ରହଣ କରାଯାଉ ନାହିଁ ବୋଲି ଉଦ୍‌ବେଗ ପ୍ରକାଶ କରାଯାଇଛି । କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ଖରୀଫ ଏବଂ ରବି ଧାନ ପ୍ରାୟ ୩୦ଲକ୍ଷ କ୍ୱିଣ୍ଟାଲ ଧାନ ୯୦ରୁ ଅଧିକ ମିଲର୍ସ ଗ୍ରହଣ କରିଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା କେବଳ ୩୨ ପ୍ରତିଶତ ଚାଉଳ ବିଭିନ୍ନ ସରକାରୀ ଗୋଦାମ ଗୁଡିକକୁ ପ୍ରଦାନ କରାଯାଇଛି । ସେହିପରି ଧାନକୁ ମିଲିଂ କରାଯାଇ ଚାଉଳ ପ୍ରଦାନ କରିବା ନେଇ ମିଲର୍ସ ମାନେ ପ୍ରସ୍ତୁତ ରହିଥିଲେ ସୁଦ୍ଧା ଗୋଦାମରେ

**୯ ମାସରେ ମିଳିଛି ମାତ୍ର ୩୨ ପ୍ରତିଶତ ଚାଉଳ**

ଜାଗା ଅଭାବ ନେଇ ଚାଉଳ ଗ୍ରହଣ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରୀ ଗୋଦାମ ଗୁଡିକରେ କରାଯାଉନାହିଁ । ଫଳରେ ମିଲ ମାଲିକ ମାନେ ଉଭୟ ଖରିଫ ଏବଂ ରବି ଧାନ ନିଜ ନିଜ ମିଲ ଗୋଦାମ ଗୁଡିକରେ ଗଚ୍ଛିତ ରଖିଛନ୍ତି । ଉଭୟ ଧାନ ଏବଂ ଚାଉଳ ଗଚ୍ଛିତ ରଖିବାରେ ଦୀର୍ଘ ମାସ ସୁରକ୍ଷିତ ରଖିବାରେ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଜିଲ୍ଲାର ମିଲ ମାଲିକ ମାନେ ଧାନ ମିଲିଂ କରିପାରୁନାହାନ୍ତି । ଫଳରେ ମିଲରେ ଶ୍ରମିକ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବୃଦ୍ଧି ହେଉଥିଲେ ସୁଦ୍ଧା କାର୍ଯ୍ୟ ହୋଇପାରୁନାହିଁ । ତେଣୁ ତୁରନ୍ତ ଚାଷୀ ମାନେ ଗ୍ରହଣ କରିଥିବା ଧାନରୁ ପ୍ରସ୍ତୁତ ଚାଉଳ ବିଭିନ୍ନ ଗୋଦାମ ଗୁଡ଼ିକରେ ଗ୍ରହଣ କରିବା ନେଇ ନିର୍ଦ୍ଦେଶ ଦିଆଯାଉ ବୋଲି ଦାବି କରିଥିବା ସଂଘର ସଭାପତି ଗୋପାଳ ପଣ୍ଡା ଏବଂ ସମ୍ପାଦକ ବି.ତିରୁପତି ରାଓ ସୂଚନା ଦେଇଛନ୍ତି ।

# ଗୁମ୍ମା ଘାଟି ମଝିରେ ଓଲଟିଲା ଟ୍ରେଲର, ରାସ୍ତା ଜାମ୍

ରାୟଗଡ଼ା, ୨।୯ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୁମ୍ମା ନିକଟ ଘାଟି ମଝିରେ ଗୋଟିଏ ଟ୍ରେଲର ଓଲଟି ପଡିବା ଯୋଗୁଁ ରାୟଗଡ଼-କୋରାପୁଟ-କାଶୀପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ୩୨୬ ନଂ ଜାତୀୟ ରାଜପଥ ଅବରୋଧ ହୋଇ ଯାତାୟାତ ଠପ୍ ହୋଇ ଯାଇଥିଲା । ଆଜି ସକାଳୁ ଗୁମ୍ମା ଘାଟିର ଏକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଟ୍ରେଲରଟି ଓଲଟି ପଡିଥିଲା । ଦୁର୍ଘଟଣା ଫଳରେ ରାୟଗଡ଼ଠାରୁ କୋରାପୁଟ, କାଶୀପୁର ଯାତାୟାତ ସମ୍ପୂର୍ଣ ବନ୍ଦ ହୋଇଯାଇଛି । ଉଭୟ ପଟରେ ଶତାଧିକ ଗାଡି ଅଟକି ରହିଥିଲା । ଖବର ପାଇ ଘଟଣା ସ୍ଥଳରେ ରାୟଗଡ଼ା ପୁଲିସ ପହଞ୍ଚି ୮ ଘଣ୍ଟା କସରତ ପରେ ରାସ୍ତାରୁ ଟ୍ରେଲରଟିକୁ ହଟାଇବା ପରେ ଏହି ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଥିଲା । ବୁଲାଣିରେ ବାରମ୍ବାର ଦୁର୍ଘଟଣା ଘଟି ରାସ୍ତା ଜାମ ହେଉଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ରାୟଗଡ଼ ବିଧାୟକ ଆପଲାସ୍ୱାମୀ କାଡ୍ରାକା ଅଭିଯୋଗ କରିଛନ୍ତି ।

# ତଳଡବାରି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ

ବନ୍ଧୁଗାଁ, ୨।୯ (ସମିସ): ପ୍ରବଳ ବର୍ଷା ଯୋଗୁଁ ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତର ଦାସିନି ଗ୍ରାମର ମୁଖ୍ୟ ରାସ୍ତାରୁ ତଳଡ଼ାବାରି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ବାହ୍ୟଜଗତରୁ



ସମ୍ପୂର୍ଣ୍ଣ ହୋଇଯାଇଛି । ତଳଡ଼ାବାରି ଗ୍ରାମକୁ ଲାଗି ଚାରି ଦିଗରେ ବିରାଟ ପାହାଡ ରହିଛି । ଗାଁ ଦେଇ ଚିରସ୍ରୋତା ଝରଣା ପାଣି ବାହାରି ଆସୁଛି । ଆଜକୁ ୩ ବର୍ଷ ତଳେ ଏନ୍‌ବିସିସି ଦ୍ୱାରା ପାହାଡ଼ କାଟି ରାସ୍ତା ନିର୍ମାଣ କରାଯାଇଥିଲା । ରାସ୍ତା ନିର୍ମାଣ ସମୟରେ ଝରଣା ଉପରେ ନିମ୍ନମାନର ଛୋଟ କଲଭର୍ଟ ନିର୍ମାଣ ହୋଇଥିଲା । ବର୍ଷା ଋତୁରେ ପାହାଡ଼ରୁ ପାଣି ବହୁ ଯୋରରେ ବହି ଆସିବାରୁ ସାଥିରେ ଶୁଖିଲା କାଠ, ପଥର ଓ ଅନ୍ୟାନ୍ୟ ଲତା ବୁଦା ଆସି କଲଭର୍ଟରେ ଅଟକି ରହିଛି । ଫଳରେ ରାସ୍ତା ଧୋଇ ହେବା ସହ କଲଭର୍ଟ୍‌ର୍ ଭାଙ୍ଗି ଉପରେ ପାଣି ବହୁଛି । ବର୍ତ୍ତମାନ ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି ।

# ସରପଞ୍ଚ, ସମିତି ସଭ୍ୟଙ୍କ ବିରୋଧରେ ବିଡିଓଙ୍କୁ ଫେରାଦ

କୁନ୍ଦୁରା, ୨।୯ (ସମିସ): ସରପଞ୍ଚ ଓ ସମିତି ସଭ୍ୟଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ବିଡ଼ିଓଙ୍କ ନିକଟରେ ଫେରାଦ ହେଲେ ପଞ୍ଚାୟତବାସୀ । କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଆସନା ପଞ୍ଚାୟତର ନାଏବ ସରପଞ୍ଚ ରାମସିଂ ଗୌଡ଼ଙ୍କ ନେତୃତ୍ୱରେ ୬ ଜଣ ୱାର୍ଡ ସଭ୍ୟ ସଭ୍ୟା ଏବଂ ଗ୍ରାମବାସୀ ସ୍ଥାନୀୟ ବିଡିଓ ପି.ମନସ୍ୱିତାଙ୍କୁ ଭେଟି ଏକ ଲିଖିତ ଅଭିଯୋଗ କରିଛନ୍ତି ।



ଅଭିଯୋଗ ଅନୁଯାୟୀ, ସରପଞ୍ଚ ଜୟନ୍ତୀ କୁଷପାରିଆ ଓ ସମିତି ସଭ୍ୟ ଗୋରୀ ହରିଜନ ନିର୍ବାଚିତ ପ୍ରତିନିଧି ହୋଇବି କ୍ଷମତାକୁ ଆସିବାର ତିନିବର୍ଷ ବିତିଗଲାଣି ଲୋକଙ୍କ ସମସ୍ୟା ବୁଝିବା ତ ଦୂରର କଥା କୌଣସି ଗୋଟିଏ ହେଲେ ଗାଁରେ ପାଦ ପକାଇନାହାନ୍ତି । କିନ୍ତୁ ଆସନା ପଞ୍ଚାୟତରେ କାର୍ଯ୍ୟରତ ପିଇଓ କାଳୀଚରଣ ସ୍ୱାଇଁ ସାମୂହିକ ଓ ବ୍ୟକ୍ତିଗତ ସରକାରୀ କାର୍ଯ୍ୟରେ ପ୍ରତି ଗାଁ ଗାଁକୁ ଯାଇ ଲୋକଙ୍କ ସମସ୍ୟା ବୁଝି ଆସୁଛନ୍ତି । କିନ୍ତୁ କିଛି ଦିନ ପୂର୍ବେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟା ଏବଂ କିଛି ବ୍ୟକ୍ତିବିଶେଷ ଆସନା ପିଇଓଙ୍କ ବିରୋଧ ଅଭିଯୋଗ ଆଣିଥିଲେ । ସରପଞ୍ଚ ଓ ସମିତିଙ୍କ ଅଭିଯୋଗ ଅନୁଯାଇ, ପଞ୍ଚାୟତ ବାର୍ଷିକ କାର୍ଯ୍ୟଖସଡ଼ା ପ୍ରସ୍ତୁତରେ ସରପଞ୍ଚଙ୍କୁ ନ ପଚାରିବା ଓ ଏଥିରେ ସରପଞ୍ଚଙ୍କ ଜାଲ ଦସ୍ତଖତ କରିଥିବା, ଧମକ ଦେବା, ମଦ୍ୟପାନ କରି ଉପଦ୍ରବ କରିବା ଆଦି ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ସହ ପିଇଓଙ୍କ ବଦଳି ଦାବି କରିଥିଲେ । କିନ୍ତୁ ସରପଞ୍ଚ ଓ ସମିତି ଆଣିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଦାବି କରିଛନ୍ତି ସ୍ଥାନୀୟ ଗ୍ରାମବାସୀ ଓ ୬ ଜଣ ୱାର୍ଡ ସଭ୍ୟ ସଭ୍ୟା । ଏନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବେ ପିଇଓଙ୍କ ବଦଳି ବାତିଲ କରାଯାଉ ବୋଲି ବିଡ଼ିଓ ଙ୍କ ନିକଟରେ ଫେରାଦ ହୋଇଛନ୍ତି ଅଞ୍ଚଳବାସୀ । ଏହି ଘଟଣାକୁ ନେଇ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି ।

# ସାର ଅଭାବ ପଛରେ ସ୍ୱୀକୃତିପ୍ରାପ୍ତ ଦୋକାନ!

ଜୟପୁର,୨।୯ (ସମିସ): କୋରାପୁଟ ଜିଲ୍ଲାରେ ୟୁରିଆ ସାର ପାଇଁ ଚାଷୀମାନେ ଗତ ୧୦ ଦିନ ହେଲାଣି ଯେଭଳି ଭାବେ ସମବାୟ ବିକ୍ରେତା କେନ୍ଦ୍ର, ଡିଲର ମାନଙ୍କ ଦୋକାନ ସମ୍ମୁଖରେ ଭିଡ ଜାରି ରହିଛି । ଅନ୍ୟ ପକ୍ଷରେ ଚାଷୀ ମାନେ ନିଜ ଜମି ନିମନ୍ତେ ଆବଶ୍ୟକ ସାର ପାଉନଥିବା ବେଳେ କଳାବଜାରୀ ମାନେ ସାର ବିଭିନ୍ନ ସମବାୟ ବିକ୍ରି ସଂସ୍ଥା ଏବଂ ପାଇକାରୀ ଓ ଡିଲର ମାନଙ୍କ ଠାରୁ ହାସଲ କରିବା ସହ ବସ୍ତା ପିଛା ଅଧିକ ୫୦୦ରୁ ୬୦୦ ଟଙ୍କାରେ ବିକ୍ରି କରୁଛନ୍ତି । ଏହାକୁ ତଦାରଖ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ କୃଷି ବିଭାଗ ପକ୍ଷରୁ ମିଳିତ ଭାବେ ଘନଘନ ଚଢଉ ଜାରି ରଖିଲେ ପରିସ୍ଥିତ ଠିକ୍ ହୋଇଯିବ ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି । କିନ୍ତୁ ପ୍ରଶାସନର ନିରବତାର ସୁଯୋଗ ନେଇ ସ୍ୱୀକୃତ ପ୍ରାପ୍ତ ବିକ୍ରେତା ମାନଙ୍କ ସହ କଳାବଜାରୀ ମାନଙ୍କ ଭିତରିଆ ସଲାସୂତରା ଯୋଗୁଁ ୟୁରିଆ ସାରକ ଜାଣି ଶୁଣି ବିକ୍ରେତା ମାନେ କୃତ୍ରିମ ଅଭାବ ସୃଷ୍ଟି କରିବା ସହ ବେଆଇନ ଭାବେ ବିକ୍ରି କରାଯାଉଛି । ଜୟପୁର ଅଞ୍ଚଳରୁ ଏକ ସାର ବିକ୍ରେତା କେନ୍ଦ୍ରରୁ ଗତ ଦୁଇଦିନ ପୂର୍ବରୁ ରାତିରେ ଏକ ମିନିଟ୍ରକ ଯୋଗେ ୧୦୦ ବସ୍ତା ୟୁରିଆ ସାର କୋଟପାଡ ଅଞ୍ଚଳର ମକା ବ୍ୟବସାୟୀ ମାନଙ୍କୁ ବେଆଇନ ଭାବେ ଗୁପ୍ତରେ ପଠାଯାଇ ଅଧିକ ଦର ଆଶାରେ ବିକ୍ରି କରାଯାଇଥିବା ନେଇ କିଛି ଚାଷୀ ଅଭିଯୋଗ ସହିତ ତଦନ୍ତ କରିବାକୁ ଦାବି କରିଛନ୍ତି । ଏହିପରି ଜିଲ୍ଲା କୃଷି ବିଭାଗ ପକ୍ଷରୁ ଚଳିତ ବର୍ଷ ଜିଲ୍ଲାର ଖରିଫ ଚାଷ କାର୍ଯ୍ୟପାଇଁ ୨୧ ହଜାର ମେଟ୍ରିକ ଟନ୍ ସାର ଆବଶ୍ୟକତା ନେଇ ରିପୋର୍ଟ ଦେଇଥିଲେ ସୁଦ୍ଧା ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାକୁ ୧୮ ହଜାର ମେଟ୍ରିକ ଟନ୍ ଦେବାକୁ ନିର୍ଦ୍ଧାରିତ କରାଯାଇଛି । ଆଗାମୀ ୨ ଦିନ ମଧ୍ୟରେ ୟୁରିଆ ମାଲବାହୀ ଟ୍ରେନ ଯୋଗେ ପହଞ୍ଚିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି । କୋରପୁଟ ଜିଲ୍ଲାରେ ୨୯ଟି ପାଇକାରୀ ଦୋକାନୀ ରହିଥିବା ବେଳେ ୨୪୩ଟି ଖୁଚୁରା ଦୋକାନୀ ରହିଛନ୍ତି । ସେହିପରି ଆଞ୍ଚଳିକ ସମବାୟ ବଜାର କମିଟି ଏବଂ ଲ୍ୟାମ୍ପସ ଗୁଡିକ ପକ୍ଷରୁ ବିକ୍ରି କରାଯାଉଛି ।

# କଟାଗାଁକୁ ବ୍ଲକ୍ ମାନ୍ୟତା ଦାବି ଜୋର୍ ଧରିଲା



କୋଷାଗୁମୁଡା,୨।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କଟାଗାଁ ଠାରେ କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ତାରାଗାଁ ପଞ୍ଚାୟତ ସ୍ଥିତ କଟାଗାଁକୁ ନୂତନ ବ୍ଲକ ମାନ୍ୟତା ଦେବା ପାଇଁ ଦାବି ଜୋର ଧରିବାରେ ଲାଗିଛି । ଏନେଇ ତାରାଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ବୈଠକ ଆୟୋଜନ କରାଯାଇଛି । ଆୟୋଜିତ ବୈଠକରେ ୧୦ ପଞ୍ଚାୟତର ସମସ୍ତ ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ । କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ୧୦ ପଞ୍ଚାୟତ ଯଥା ତାରାଗାଁ, ବଡ଼ଗୁମୁଡା, ଆଟିଗାଁ,ବାଲେଙ୍ଗା, ଏକରୀ, ମୋତିଗାଁ, ବାଙ୍କୁଲୀ,ଏମକେରାଗାଁ, ବି.ଏମ. ସେମଳା ଓ ଟେମରା ପଞ୍ଚାୟତବାସୀଙ୍କୁ ବ୍ଲକ କାର୍ଯ୍ୟାଳୟ ଯିବାକୁ ହେଲେ ୪୦ କିଲୋମିଟରରୁ ଅଧିକ ରାସ୍ତା ଯିବାକୁ ପଡୁଥିବା ଯୋଗୁଁ ସବୁବେଳେ ହଇରାଣ ହୋଇଆସୁଛନ୍ତି । ତେଣୁ କୋଟାଗାଁ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ଦେଲେ ଉପରୋକ୍ତ ୧୦ ଗୋଟି ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଆଜିର ବୈଠକରେ ଆଲୋଚନା କରାଯାଇଥିଲା । ପୂର୍ବରୁ ମଧ୍ୟ ୨୦୧୪ ମସିହାରୁ କଟାଗାଁକୁ ସ୍ୱତନ୍ତ୍ର ବ୍ଲକ ପାଇଁ ଦାବି ହୋଇ ଆସୁଛି । ଏହି ଦାବି ପୂରଣ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ନେଇ ଆଜି ସ୍ଥିର କରାଯାଇଛି । ଅନ୍ୟପଟେ କୋଷାଗୁମୁଡା ବ୍ଲକ ସ୍ଥିତ କୋଡ଼ିଙ୍ଗା ଅଞ୍ଚଳବାସୀ ମଧ୍ୟ କିଛି ପଞ୍ଚାୟତ ର ସମର୍ଥନ ନେଇ ବିଗତ ଦିନରେ କୋଡ଼ିଙ୍ଗାକୁ ନୂତନ ବ୍ଲକ ଗଠନ ଦାବିରେ ବସିଥିବା ମଧ୍ୟ ଦେଖିବାକୁ ମିଳିଥିଲା । ବର୍ତମାନ ସରକାର ଉଭୟ କୋଡ଼ିଙ୍ଗା ଏବଂ କଟାଗାଁରୁ ଉଠୁଥିବା ଦାବିକୁ କେତେ ଗୁରୁତର ସହ ନେଇ କାହା ଦାବିକୁ ପ୍ରାଧାନ୍ୟ ଦିଆଯିବ ତାହା ଦେଖିବାକୁ ବାକି ରହିଛି ।

# ୧୦୮ ଡ୍ରାଇଭରଙ୍କ ହୃଦ୍‌ଘାତରେ ପରଲୋକ

କୁନ୍ଦୁରା, ୨।୯ (ସମିସ): କୁନ୍ଦୁରା ବ୍ଲକ ଆସନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ହୃଦଘାତରେ ମୃତ୍ୟୁ ଘଟିଛି ।



ମୃତକ ହେଲେ ୩୭ ବର୍ଷୀୟ ବୁଦ୍ରା ପରଜା । ପ୍ରତିଦିନ ଭଳି ଗତକାଲି ମଧ୍ୟ ସେ ନିଜ ଦାୟିତ୍ୱ ତୁଲାଇଥିଲେ । ଜଣେ ରୋଗୀଙ୍କୁ ୧୦୮ରେ ନେଇ ଜୀବନ ବଞ୍ଚାଇଥିଲେ । କିନ୍ତୁ ସେ ଆଜି ଆରପାରିକୁ ଚାଲିଯାଇଛନ୍ତି । ଗତ ରାତି ୯ଟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକେ ନିକଟସ୍ଥ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରୁ ଜୟପୁରକୁ ସ୍ଥାନାନ୍ତର କରାଯାଇଥିଲା । ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ରାତ୍ର ପ୍ରାୟ ୧୨ ଘଣ୍ଟା ସମୟରେ ତାଙ୍କର ମୃତ୍ୟୁ ଘଟିଛି । ଉଚ୍ଚ ରକ୍ତଚାପ ଓ ହୃଦଘାତ କାରଣରୁ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ଏହି ଘଟଣାକୁ ନେଇ କୁନ୍ଦୁରାରେ ଶୋକର ଛାୟା ଖେଳିଯାଇଛି ।

# ଲ୍ୟାମ୍ପ୍‌ସରେ ତାଲା ପକାଇବେ କୋରାପୁଟ ବିଧାୟକ !



ବୈପାରିଗୁଡ଼ା,୨।୯ (ସମିସ): ଭଲ ଦୁଇ ପଇସା ଆଶାରେ ମଣ୍ଡିରେ ଚିନା ବାଦାମ ବିକ୍ରି କରିଥିଲେ ଚାଷୀ । କିନ୍ତୁ ବାଦାମ ବିକ୍ରି କରି ୩ ମାସ ବିତିଲା । ତଥାପି ଚାଷୀଙ୍କ ଆକାଉଣ୍ଟକୁ ଏ ପର୍ଯ୍ୟନ୍ତ ଟଙ୍କା ଆସିଲାନି । ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ କରିଛି । ସେପଟେ କୋରାପୁଟ ବିଧାୟକ ରଘୁରାମ ମାଛ ଲ୍ୟାମ୍ପ୍‌ସ କାର୍ଯ୍ୟାଳୟରେ ପହଞ୍ଚି ଚିନାବାଦାମ ଚାଷୀଙ୍କ ସମସ୍ୟା ସମାଧାନ ଯଦି ନ କରାଯାଏ ତେବେ ଲ୍ୟାମ୍ପ୍‌ସରେ ତାଲା ଠୁଙ୍କିବେ ବୋଲି ଚେତାବନୀ ଦେଇଛନ୍ତି । ବୈପାରିଗୁଡା ବ୍ଲକ ବୋଦାପୁଟ ଏବଂ ଦଶମନ୍ତପୁର ପଞ୍ଚାୟତର ଶତାଧିକ ଚାଷୀ ଚିନାବାଦାମ ଚାଷ କରିଥିଲେ । ଚିନାବାଦାମ ଅମଳ ପରେ ବୈପାରିଗୁଡା ଲ୍ୟାମ୍ପସ୍ ମଣ୍ଡିରେ ତିନି ମାସ ପୂର୍ବେ ବିକ୍ରି କରାଯାଇଥିଲା । ବିକ୍ରିର ୨୪ ଘଣ୍ଟା ଭିତରେ ଚାଷୀଙ୍କ ଏକାଉଣ୍ଟକୁ ଟଙ୍କା ଯିବ ବୋଲି ସରକାର ଘୋଷଣା କରିଥିଲେ । କିନ୍ତୁ ଲ୍ୟାମ୍ପସ୍ ଚାଷୀଙ୍କୁ ଟଙ୍କା ଦେବାରେ ବିଳମ୍ବ କରି ଆସୁଥିଲା । ଶତାଧିକ ଚାଷୀ ବାରମ୍ବାର ଟଙ୍କା ପାଇଁ ଲ୍ୟାମ୍ପସର ଦ୍ୱାରସ୍ଥ ହେବାପରେ ମଧ୍ୟ ନିରାଶ ହୋଇ ଫେରିଥିଲେ । ଏଥିଲାଗି ଗତ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣିରେ କୁରୁକୁଟି, କୁସପାର, ପକୁଲୁ ପୋଡା,ଭରୁଆ ବାଡ଼ି, ପଟ୍ରଗୁଡା,ଦରାପୁଟ ଗାଁ ଲୋକେ ସମସ୍ୟା ଜଣାଇଥିଲେ କ୍ଷ କିନ୍ତୁ ସମସ୍ୟା ସମାଧାନ ହେଲାନି ଶେଷରେ କୋରାପୁଟ ବିଧାୟକ ରଘୁରାମ ମାଛ ଆଜି ବୈପାରୀଗୁଡା ଲ୍ୟାମ୍ପସ କାର୍ଯ୍ୟାଳୟରେ ପହଞ୍ଚି ଏମଡି ରବି ରବି ନାରାୟଣ ମିଶ୍ରଙ୍କୁ ତାଗିଦ କରିଛନ୍ତି । କୌଣସି ଜିଲ୍ଲାରେ ଏଭଳି ସମସ୍ୟା ଦେଖା ଦେଇନଥିବା ବେଳେ ବୈପାରିଗୁଡାରେ କାହିଁକି ଚାଷୀଙ୍କୁ ହଇରାଣ କରାଯାଉଛି ବୋଲି କହିବା ସହ ଯଥାଶୀଘ୍ର ଯଦି ଚାଷୀଙ୍କ ଟଙ୍କା ପ୍ରଦାନ କରାଯାଉ, ନଚେତ କାର୍ଯ୍ୟାଳୟରେ ଚାବି ପକାଯିବ ବୋଲି ଚେତାବନୀ ଦେଇଛନ୍ତି ।

# ଜିଲ୍ଲାପାଳଙ୍କ ଏସ୍‌ଏଲ୍‌ଏନ୍‌ସିଇସି ପରିଦର୍ଶନ



ସେମିଳିଗୁଡ଼ା,୨।୯ (ସମିସ): କୋରାପୁଟ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ମନୋଜ ସତ୍ୟବାନ ମହାଜନ ସେମିଳିଗୁଡାସ୍ଥିତ ସହିଦ ଲକ୍ଷ୍ମଣ ନାୟକ ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ର ( ଏସଏଲଏନସିଇସି) ମଙ୍ଗଳବାର ସନ୍ଧ୍ୟାରେ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ବୈଠକରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ମୁଖ୍ୟ ବିକାଶ ଅଧିକାରୀ ବେଣୁଧର ଶବର ଆଇଏଏସ୍ ପ୍ରୋବେସନାରୀ ଅଧିକାରୀ ସନ୍ତୋଷ ପାତ୍ର, ସେମିଳିଗୁଡା ବ୍ଲକ ଉନ୍ନୟନ ଅଧିକାରୀ, ଜସ୍ମିନ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସେମିଳିଗୁଡା ଲିଲୀ ଅଣ୍ଟାବାରିଆ, ଏସଏଲଏନସିଇସି ସମ୍ପାଦକ, ଡ. ନବୀନ ଚନ୍ଦ୍ର ଗରଡା, କୋର୍ସ ସଂଯୋଜକ, ଏସଏଲଏନସିଇସି, ଡ. ଚନ୍ଦ୍ର ଖେମୁଣ୍ଡୁ ଉପସ୍ଥିତ ଥିଲେ । ଜିଲ୍ଲାପାଳ, ସେମିଳିଗୁଡା ପରି ଏକ ସ୍ଥାନରେ ଏତେ ସଂଖ୍ୟାରେ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଦେଖି ଗଭୀର ପ୍ରଶଂସା କରିଛନ୍ତି । ଜିଲ୍ଲାପାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । ଏସଏଲଏନସିଇସି ର ସମ୍ପାଦକ ଡକ୍ଟର ନବୀନ ଚନ୍ଦ୍ର ଗରଡା ଜିଲ୍ଲାପାଳଙ୍କ ସହ କେନ୍ଦ୍ରର ଭିତ୍ତି ଭୂମି ବିକାଶ ଏବଂ ଲାଇବ୍ରେରୀ ସୁବିଧାର ପ୍ରଗତି ବିଷୟରେ ଆଲୋଚନା କରିଥିଲେ । ଏସଏଲଏନସିଇସିର କୋର୍ସ ସଂଯୋଜକ ଡକ୍ଟର ଚନ୍ଦ୍ର ଖେମୁଣ୍ଡୁ ଶ୍ରେଣୀଗୁଡ଼ିକର ପରିଚାଳନା ଏବଂ କାର୍ଯ୍ୟପ୍ରଣାଳୀ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ ।

# ସାର ଗୋଦାମରେ ଜିଲ୍ଲାପାଳଙ୍କ ଯାଞ୍ଚ

ଉମରକୋଟ,୨।୯ (ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଉମରକୋଟ ଗସ୍ତରେ ଆସିଥିବା ଅବସରରେ ଉମରକୋଟ ଲ୍ୟାମ୍ପ୍‌ସ, ଅଧିକାରୀଗୁଡା ଠାରେ ଥିବା ଜିତ ଫର୍ଟିଲାଇଜର, ଉମରକୋଟ ସହର ନିକଟସ୍ଥ ଦାଢ଼ିଗୁଡା ଠାରେ ଥିବା ସିଦ୍ଧି ବିନାୟକ ଟ୍ରେଡର୍ସର ଗୋଦାମ ଗୁଡ଼ିକରେ ପଶି ଅଚାନକ ସାରର ଷ୍ଟକ୍, କାଗଜପତ୍ର ଓ ରେଜିଷ୍ଟର ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଜିଲ୍ଲାପାଳ କୌଣସି ତ୍ରୁଟି ପାଇ ନଥିଲେ । ଉମରକୋଟ ଅଞ୍ଚଳରେ ସାର ଅଭାବ ରହିଥିଲା । ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣର ସାର ଉମରକୋଟକୁ ଯୋଗାଇ ଦିଆଯାଇଛି । ଚାଷୀ ବ୍ୟସ୍ତବିବ୍ରତ ନହୋଇ ଲ୍ୟାମ୍ପ୍‌ସ ଓ ଡିଲରଙ୍କ ପାଖରୁ ସାର ନେଇ ପାରିବେ । କଳାବଜାରୀ ରୋକିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି । ଜିଲାପାଳଙ୍କ ସହ ଉମରକୋଟ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକ, ରାଇଘର ବ୍ଲକ କୃଷି ଅଧିକାରୀ ରଶ୍ମିକାନ୍ତ ସାହୁ, କୃଷି ଜିଲା ଅଧିକାରୀ ନିହାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବତୀଙ୍କ ଆତ୍ମହତ୍ୟା

ସୁନାବେଡ଼ା,୨।୯ (ସମିସ): ସୁନାବେଡା-୧ ସ୍ଥିତ ହାଉସିଂ ବୋର୍ଡ କଲୋନୀର ସାନଭି ନାୟକ (୧୬) ଆତ୍ମହତ୍ୟା କରିଛନ୍ତି । ସେ ସୁନାବେଡ଼ାର କେନ୍ଦ୍ରୀୟ ବିଦ୍ୟାଳୟରେ ୧୦ ଶ୍ରେଣୀରେ ପଢୁଥିଲେ । ଘରେ କେହି ନ ଥିବା ବେଳେ ମଙ୍ଗଳବାର ରାତି ୯.୩୦ ସମୟରେ ଘର ପଙ୍ଖାରେ ବାପାଙ୍କ ଲୁଙ୍ଗି ଲଗାଇ ସେ ଆତ୍ମହତ୍ୟା କରିଥିବା ଜଣାପଡିଛି । ପରିବାର ଲୋକେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି ।

# ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା ,୩ ଅଟକ

କୋରାପୁଟ,୨।୯ (ସମିସ): କୋରାପୁଟ ଟାଉନ ଥାନା ଅନ୍ତର୍ଗତ ପଦ୍ମପୁର-ପଣସପୁଟ ରାସ୍ତାର ବାଉଁଶଗୁଡ଼ା ଛକ ନିକଟରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ଘଟଣାରେ ପୁଲିସ ତିନି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି । ଗତମାସ ୩୧ ତାରିଖ ସକାଳେ ଦଶମନ୍ତପୁର ବ୍ଲକ ମାଳିତୋଳା ଗ୍ରାମର ଅନ୍ତେ ମାଳିଙ୍କର (୩୦) ମୃତଦେହ ବାଉଁଶଗୁଡ଼ା ଛକରୁ ମିଳିଥିଲା । ସେହି ରାସ୍ତା ଦେଇ ଯାଉଥିବା ଲୋକେ ପୁଲିସକୁ ସୂଚନା ଦେବା ପରେ ଡୁମୁରିପୁଟ ଫାଣ୍ଡି କର୍ମଚାରୀଙ୍କ ସମେତ କୋରାପୁଟ ଏସଡିପିଓ ସଞ୍ଜୀୟ କୁମାର ମଣ୍ଡଳ,ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାର୍ଡ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ମୃତକଙ୍କ ମୋଟରସାଇକଲ୍ ରାସ୍ତା କଡ଼ରେ ପଡ଼ି ଥିବାବେଳେ ମୃତ ଅନ୍ତେ ମାଳିଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଥିବା ଦେଖି ଏହା ଏକ ସଂଘବଦ୍ଧ ଆକ୍ରମଣ ବୋଲି ପୁଲିସ ସନ୍ଦେହ କରି ତଦନ୍ତ ଜାରି ରଖି ସନ୍ଦେହରେ ବିଭିନ୍ନ ସ୍ଥାନରୁ ତିନିଜଣଙ୍କୁ ଉଠାଇଥିଲା । ଅଟକ ଯୁବକ ମାନଙ୍କୁ ପଚରା ଉଚରା ସହ ସିନ ରିକ୍ରିଏସନ କରିଥିବା ଜଣାପଡ଼ିଛି । ଖୁବ୍ ଶୀଘ୍ର ଘଟଣାର ସତ୍ୟତା ଜଣା ପଡ଼ିବ । ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ପ୍ରକାଶ କରିଛନ୍ତି ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ୟୁଜିସି ୨ଏଫ୍ ସ୍ୱୀକୃତି




ଜୟପୁର,୨।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ୟୁନିଭରସିଟି ଗ୍ରାଣ୍ଟସ ସମିସ -୨ଏଫ ସ୍ୱୀକୃତ ପ୍ରାପ୍ତ କରିଛି । ଏଥିନେଇ ଆଜି ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନ କାର୍ଯ୍ୟାଳୟରେ ଠାରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଗତ ୨୦୨୩ ମସିହା ଜୁନ ମାସରେ ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲା । ଏହାପରେ ପର୍ଯ୍ୟାୟ କ୍ରମେ ଏହାର ବିଶ୍ୱବିଦ୍ୟାଳୟ ନିମନ୍ତେ ଆବଶ୍ୟକ ବିଭିନ୍ନ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଥିଲା । ଏହିପରି ଭାବେ ୟୁଜିସି- ୨ଏଫ ପାଇଁ ୨୦୨୩ ମସିହାରୁ ଆବେଦନ କରାଯାଇଥିଲା ଏବଂ ଉକ୍ତ ଆବେଦନ କ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱୀକୃତ ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ୟୁଜିସି ୧୨- ବି, ଏଆଇଏସଏଚଇ ଏବଂ ନାକ୍ ନିମନ୍ତେ ଆବେଦନ କରାଯିବା । ବିଶ୍ୱବିଦ୍ୟାଳୟକୁ ପାଇବାକୁ ରହିଥିବା ବିଭିନ୍ନ ମାନ୍ୟତା ଆସନ୍ତା ୨୦୨୯ ତାରିଖ ସୁଦ୍ଧା ପ୍ରାପ୍ତ ହୋଇଯିବ ବୋଲି କୁଳପତି ପ୍ରଫେସର ମିଶ୍ର ଆଶା ପ୍ରକଟ କରିଛନ୍ତି । ଏହିପରି ବର୍ତ୍ତମାନ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ର ସରକାରଙ୍କ ୨୦ କୋଟି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୨୪ କୋଟି ଟଙ୍କା ମଞ୍ଜୁର କରାଯାଇଛି । ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ପାଇଁ ୪୦ ଏକର ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହିପରି ୪୦ ଏକର ଜମି ନିମନ୍ତେ ବିଭିନ୍ନ ପାଠ୍ୟକ୍ରମ ଭବନ,ଖେଳପଡିଆ ଏବଂ ଅନ୍ୟାନ୍ୟ ପ୍ରଶାସନିକ, ସମ୍ମିଳନୀ ଭବନ ନିମନ୍ତେ ମାଷ୍ଟର ପ୍ଲାନ ହୋଇଯାଇଛି । ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ୧୩ଟି ବିଭାଗରେ ସ୍ନାତକତ୍ତୋର ବିଭାଗରେ ୧୧୧ ପଦବୀ ରହିଛି । ସ୍ଥାୟୀ ନିଯୁକ୍ତି ହୋଇନଥିବା ଯୋଗୁଁ ଅତିଥି ଅଧାପକ ମାନେ ଶିକ୍ଷା ପ୍ରଦାନ କରୁଛନ୍ତି । ଆଗାମୀ ଦିନରେ ସ୍ଥାୟୀ ପ୍ରଧାପକ ମାନଙ୍କୁ ନିଯୁକ୍ତି ପରେ ଏହା କାର୍ଯ୍ୟକାରୀ ହୋଇଯିବ । ଅଗାମୀ ୨୦୨୯ ମସିହା ସୁଦ୍ଧା ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବା ସହ ସ୍ଥାନୀୟ ପରିବେଶ, ଉତ୍ତମ ପ୍ରାଧାପକ, ଅଣଶିକ୍ଷା ବିଭାଗ ଏବଂ ଶୃଙ୍ଖଳିତ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅତିଶିଘ୍ର ଏହି ବିଶ୍ୱବିଦ୍ୟାଳୟ ଆସନ୍ତା ୧୦ ବର୍ଷ ମଧ୍ୟରେ ଦେଶର ଏକ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ପରିଗଣିତ ହେବ ବୋଲି କୁଳପତି ପ୍ରଫେସର ମିଶ୍ର ଆଶା ପ୍ରକୋଟ କରିଛନ୍ତି । ଆଗାମୀ ଦିନରେ ଅଧିକ ଜମି ଆବଶ୍ୟକ ଅନୁଯାୟୀ ଜମି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି ।



● ୟୁରିଆ ପାଇଁ ଲ୍ୟାମ୍ପସ ଆଗରେ ବିକ୍ଷୋଭ

## ଉତ୍ତ୍ୟକ୍ତ ଚାଷୀଙ୍କୁ ନିୟନ୍ତ୍ରଣ କଲା ପୁଲିସ



କାକିରିଗୁମା,୨।୯ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କାକିରିଗୁମା ଲ୍ୟାମ୍ପ୍ସ ସମ୍ମୁଖରେ ଦୀର୍ଘ ଦିନ ହେଲାଣି ସାର ପାଇଁ ଶତାଧିକ ଚାଷୀଙ୍କ ଭିଡ଼ ଦେଖବାକୁ ମିଳିଛି। ପଞ୍ଚଡା, ତୁନୁପାର, ଭିତରଗୁଡ, ଗୌଡଗୁଡା କାକିରିଗୁମା, କୁସୁମକୁ ଗୁଡା,ତୋୟାପୁଟ, ଚମ୍ପି ପ୍ରମୁଖ ୮ ଟି ପଞ୍ଚାୟତର ୧୬୦୦୦ ହଜାରରୁ ଅଧିକ ଚାଷୀ ସାରା ନେବାକୁ ଲ୍ୟାମ୍ପ୍ସ ଆଗରେ ଭିଡ଼ ଜମାଉଛନ୍ତି। ସାର ମିଳୁ ନଥିବାରୁ ଚାଷୀକୁଳ ହତାଶ ହୋଇପଡିଛନ୍ତି। ଚାଷୀ ମାନେ କାମଧନ୍ଦା ଛାଡ଼ି ବାରମ୍ବାର ସାର ପାଇଁ ୨୦ରୁ ୨୫ କିଲୋମିଟର ଦୂରରୁ ଆସି ନିରାଶ ହେଇ ଫେରୁଥିବା ଅଭିଯୋଗ କରୁଛନ୍ତି। ରାଜ୍ୟ ସାରା ଚାଷ କାମ ଚାଲିଛି। ୟୁରିଆ ସାର ଅଭାବରୁ ଚାଷୀ କାର୍ଯ୍ୟରେ ବାଧକ ସାଜୁଛି। ତେଣୁ ଚାଷୀଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଛି। ସାର ପାଇଁ ଚାଷୀ ଲ୍ୟାମ୍ପ୍ସ ଆଗରେ ଭିଡ଼ ଜମାଉଥିବାରୁ ଲ୍ୟାମ୍ପ୍ସ ଏମ୍‌ଡି କାକିରିଗୁମା ପୁଲିସକୁ ଜଣାଇବା ପରେ ପୁଲିସ୍ ଲ୍ୟାମ୍ପ୍‌ରେ ପହଞ୍ଚି ଭିଡ଼କୁ ନିୟନ୍ତ୍ରଣ କରିଛି। ଚାଷୀଙ୍କୁ ବୁଝାସୁଝା କରିଥିଲା ପୁଲିସ। ଚାଷୀମାନେ ପ୍ରବଳ ପାଟିତୁଣ୍ଡ କରି ସରକାରଙ୍କ ବିରୋଧରେ ସ୍ଲୋଗାନ ମାନ ଦେଇଥିଲେ। ସାର୍ ସମସ୍ୟା ନେଇ ବାରମ୍ବାର ଲ୍ୟାମ୍ପ୍ସ ଅଚଳ କରାଯାଉଛି। ଚାଷୀ ପୂର୍ବ ସରକାରଙ୍କ ସମୟରେ ଏପରି ସମସ୍ୟାର ସମ୍ମୁଖୀନ ହେଇନଥିଲା ବୋଲି ପ୍ରକାଶ କରିଛି। ୬୦୦ରୁ ୭୦୦ ବସ୍ତା ୟୁରିଆ ସାର ଆସିଛି ବୋଲି ଲ୍ୟାମ୍ପ୍ସ ପରିଚାଳନା କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି।

■ ନିମ୍ନମାନର ରାସ୍ତା କରୁଛି ବିଆର୍‌ସି ଠିକା ସଂସ୍ଥା

## ନିର୍ମାଣର ୧୫ ଦିନରେ ଦବିଗଲା ରାସ୍ତା

### ପୂର୍ତ୍ତବିଭାଗ ଛତ୍ରଛାୟାରେ ଠିକାଦାର

ଗୁଣୁପୁର,୨।୯ (ସମିସ): ଗୁଣୁପୁର ସହରର ବାଇପାସ୍ ରାସ୍ତାକୁ ଲାଗିଛି ଗ୍ରହଣ ଦୋଷ। ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ସାଙ୍ଗକୁ ଲୋକଙ୍କ ଜୀବନ ଯାଉଥିବା ବେଳେ ଆଉ ଏକ ଦୃଶ୍ୟ ସାମ୍ନାକୁ ଆସିଛି। ବାଇପାସ୍ ରାସ୍ତା ନିର୍ମାଣ କରୁଥିବା ବିଆର୍‌ସି ନାମକ ଆନ୍ଧ୍ରର ଠିକା ସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ରାସ୍ତା ନିର୍ମାଣରେ ଅନେକ ତ୍ରୁଟି ଓ ବ୍ୟତିକ୍ରମ ଦେଖାଯାଉଛି। ଗତ ୧୫ ଦିନ ପୂର୍ବେ ନିର୍ମାଣ ହୋଇଥିବା ରାସ୍ତା ଦବି ଯାଇଥିବା ଦେଖିବାକୁ ମିଳିଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାଇପାସ୍ ରାସ୍ତା ନିକଟରେ ଏକ କଡ଼ରେ କଂକ୍ରିଟ୍ ଢ଼ଳାଇ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଯୋଗୁଁ ନିର୍ମାଣର ୧୫ ମଧ୍ୟରେ ରାସ୍ତାଟି ଦବି ଯାଇଥିବାର ଦେଖିବାକୁ ମିଳିଛି। ଏଭଳି ବ୍ୟତିକ୍ରମକୁ ପୂର୍ତ୍ତବିଭାଗ କିଭଳି ପ୍ରଶ୍ରୟ ଦେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ତରବରିଆ ଭାବେ ରାସ୍ତା ନିର୍ମାଣ କରାଗଲେ, ଏକ ବର୍ଷ ମଧ୍ୟରେ ରାସ୍ତା ଅବସ୍ଥା ଶୋଚନୀୟ ହେବ ବୋଲି ବୁଦ୍ଧିଜିବୀ ମତ ପ୍ରକାଶ କରିଛନ୍ତି।

## ପୂର୍ବତନ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ବିୟୋଗରେ ଶୋକ



ଗୁଣୁପୁର,୨।୯ (ସମିସ): ଅବସରପ୍ରାପ୍ତ ଭାରତୀୟ ସେନାର ଯବାନ ତଥା ଆଧ୍ୟାତ୍ମିକବାଦୀ ସଂଗଠକ ମନୋରଞ୍ଜନ ରଥ ଓ ପୂର୍ବତନ ଜିଲ୍ଲା ମଙ୍ଗଳ ଅଧିକାରୀ ହରିଶ୍ଚନ୍ଦ୍ର ପଣ୍ଡାଙ୍କ ବିୟୋଗରେ ଆଜି କାଳୀ ପୂଜା କମିଟି ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ତ୍ରିନାଥ ମନ୍ଦିର ମଣ୍ଡପରେ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ସଦସ୍ୟ ସୀମାଞ୍ଚଳ କର, କୈଳାସ ଦାସ, ରମେଶ ମିଶ୍ର, ସନ୍ତୋଷ ରଥ, ଦୁର୍ଗା ପାଣିଗ୍ରାହୀ, ପ୍ରଶାନ୍ତ ହୋତା, ପ୍ରଦୀପ ପାଢ଼ୀ, ନରସିଂହ ଶତପଥୀ ପ୍ରମୁଖ ଦୁଇ ଦିବଙ୍ଗତଙ୍କ ସ୍ମୃତି ଚାରଣ କରିଥିଲେ। ଏହି ସ୍ମୃତି ଚାରଣ ସଭାକୁ ସମ୍ପାଦକ ନରସିଂହ ଶତପଥୀ ସଂଯୋଜନା କରିଥିଲେ। ଶେଷରେ ରମେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ଟୁକୁରୁ ପାଣିଗ୍ରାହୀ, ଉପ ସଭାପତି ଜନାର୍ଦ୍ଦନ ମହାପାତ୍ର, କୋଷାଧ୍ୟକ୍ଷ ବିରଞ୍ଚି ପାଣିଗ୍ରାହୀ, କାଳିଆ ରଥ, ବିମଳ ମିଶ୍ର, ରିଙ୍କୁ ଦାସ, ରାମ ପଟ୍ଟନାୟକ, ବାବୁଲି ଖାଡ଼ଙ୍ଗା ପରିଚାଳନା କରିଥିଲେ।

### ସାର ପାଇଁ ରାଜରାସ୍ତାରେ ଚାଷୀ

# ଚଢ଼ାଦରରେ ବିକ୍ରି ହେଉଛି ଆନ୍ଧ୍ର ସାର

ନାରାୟଣପାଟଣା,୨।୯ (ସମିସ):

ନାରାୟଣପାଟଣା ବ୍ଲକରେ ପ୍ରାୟ ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ମାସେରୁ ଅଧିକ ସମୟ ହେବ ଚାଷ କାମ ସରିଥିବା ବେଳେ ଜମିରେ ଖାଲି ସାର ପକାଇବା ବାକି ରହିଛି। କିନ୍ତୁ କୃଷି ବିଭାଗ ସାର ଯୋଗାଇ ଦେବାପାଇଁ ଦିନ ପରେ ଦିନ ଗଡ଼ାଇ ଚାଲିଛି। ତେଣୁ ଆଜି ନାରାୟଣାପାଟଣା ବ୍ଲକର ଶତାଧିକ ଚାଷୀ କୃଷି ବିଭାଗର ଅଧିକାରୀଙ୍କୁ ଭେଟି ସମସ୍ୟା ଜଣାଇ ଥିଲେ। କିଛି ଚାଷୀ ତାଙ୍କର ଚାଷ ବୁଡିଯାଉଛି ବୋଲି ପାଟିତୁଣ୍ଡ କରିବା ଦେଖିବାକୁ ମିଳିଛି। ଖାଲି ଏତିକି ନୁହେଁ, ଯଦି ତିନି ଦିନ ଭିତରେ ଚାଷୀଙ୍କୁ ସାର ଯୋଗାଇ ଦିଆଯିବନାହିଁ, ଚାଷ ଉଜୁଡି ଯିବ। ତେଣୁ ସେମାନେ ଆଗାମୀ ଦିନରେ ରାଜରାସ୍ତା ସହ ଅଫିସରେ ମଧ ତାଲା ପକାଇବାକୁ ଧମକ ମଧ ଦେଇଛନ୍ତି। ଚାଷୀଙ୍କ ସମସ୍ୟା ନେଇ ଉପରିସ୍ଥ ଅଫିସରଙ୍କ ସହ କଥା ହୋଇ ଯଥା ସମ୍ଭବ ସାର ଯୋଗାଇ ଦେବେ ବୋଲି ଏଡିଓ ଶ୍ରଦ୍ଧାଞ୍ଜଳି ସିଂ କହିଛନ୍ତି। ଚଳିତ ବର୍ଷ ମକା ଚାଷ ଅଧିକ ହୋଇଛି। ତେଣୁ ଆସିଥିବା ୩୫୦୦ କ୍ୱିଣ୍ଟାଲ ସାର ନିଅଣ୍ଟ ପଡିଲା । ଆବଶ୍ୟକ ପଡୁଥିବା ସାର ମଗାଯାଇଛି। ଏହି ସପ୍ତାହରେ ଆସିବ ଆଉ ସମସ୍ତ ଚାଷୀଙ୍କୁ ଉଚିତ ମୂଲ୍ୟରେ ବଣ୍ଟନ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଏହାର ଫାଇଦା ନେଇ ଚାଷୀଙ୍କୁ ଖାଲି ଲୁଟି ଚାଲିଛନ୍ତି ଆନ୍ଧ୍ର ସାର ବେପାରୀ। ସରକାରୀ ଦାମରୁ ସେମାନେ ଅଧିକ ଟଙ୍କା ନେଉଥିବା ଅଭିଯୋଗ। ସୂଚନା ମୁତାବକ ୨୮୦ ଟଙ୍କାର ୟୁରିୟା ସାର ପ୍ୟାକେଟ୍ ୫୫୦ରୁ ୭୦୦ ଟଙ୍କାରେ ବିକୁଛନ୍ତି ସାର ବେପାରୀ। ଏଥିରେ ଚାଷୀ ଶୋଷଣର ଶିକାର ହେଉଥିବା ବେଳେ



ମାଲେମାଲ୍ ହେଉଛନ୍ତି ସାର ବେପାରୀ। କୋରାପୁଟ ଜିଲ୍ଲା ନାରାୟଣାପାଟଣା ବ୍ଲକର ବିଭିନ୍ନ ପଞ୍ଚାୟତ ହଜାର ହଜାର ଚାଷୀ ଏବେ ସାର ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଆନ୍ଧ୍ରର କିଛି ବେପାରୀ ନାରାୟଣାପାଟଣାରେ ଟ୍ରକ୍ ଟ୍ରକ୍ ସାର ଆନ୍ଧ୍ରପ୍ରଦେଶରୁ ଶସ୍ତାରେ ଆଣି ଲୁଚାଇ ରଖିଥିବା ବେଳେ ଚାଷୀଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହି ସାର ବେପାରୀ ବିନା ଲାଇସେନ୍ସରେ ଆନ୍ଧ୍ରରୁ ଟ୍ରକ ଟ୍ରକ ସାର ଆଣି ଖୋଲାଖୋଲି କଳାବଜାର ଚଳାଇଛନ୍ତି। ଚଢ଼ା ଦରରେ ସାର ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି କିଛି ଚାଷୀ। ନାରାୟଣାପାଟଣାରେ ଲ୍ୟାମ୍ପ୍ସ ଥିବା ସତ୍ତ୍ୱେ ଚାଷ ଆରମ୍ଭରୁ ସାର ଅଭାବ ଯୋଗୁ ଚାଷୀ ଚିନ୍ତାରେ। ବ୍ଲକରେ ଦେଖାଦେଇଛି ସାରର ଅଭାବ। ସାର ମିଳୁନଥିବାରୁ ଲକ୍ଷ୍ମୀପୁର ଚାଷୀ ଆନ୍ଧ୍ରରୁ ବାଧ ହୋଇ ସାର ଆଣୁଛି। ବିଲରେ ତଳି ଲଗା କାମ ସରି ଥିବା ବେଳେ ସାର ମିଳୁନଥିବା ଅଭିଯୋଗ କରୁଛନ୍ତି ଚାଷୀ। କଳା ବଜାରରେ ୟୁରିଆ ସାରର ଦାମ ଆକାଶ ଛୁଆଁ ହୋଇଥିବାରୁ ଚାଷୀ କିଣିବାକୁ ସକ୍ଷମ ନାହାନ୍ତି। ସରକାର ଚାଷୀଙ୍କୁ ତୁରନ୍ତ ସାର ଉପଲବ୍ଧ କରିବାକୁ ଚାଷୀ ମାନେ ଅନୁରୋଧ କରିଛନ୍ତି। ସ୍ୱୀକୃତି ପ୍ରାପ୍ତ ସାର ବେପାରୀ କହିବା ଅନୁଯାୟୀ, ସରକାର ୟୁରିଆ ସହ ନାନୋ ୟୁରିଆ ଯୋଡିକି ନେବାପାଇଁ ବାଧ କରୁଛନ୍ତି। ଚାଷୀ ନାନୋର ବ୍ୟବହାର ଜାଣିନଥିବା ବେଳେ ନେବାକୁ ଇଚ୍ଛା କରୁ ନାହାନ୍ତି। ତେଣୁ ଖାଲି ୟୁରିଆ ଦେଲେ ସେମାନେ କ୍ଷତିରେ ପଡୁଥିବା କହିଛନ୍ତି।

## ମୟୂରଭଞ୍ଜ ଜିଲ୍ଲା ପଞ୍ଚାୟତ ପ୍ରତିନିଧିଙ୍କ କୋରାପୁଟ ଗସ୍ତ

କୋରାପୁଟ,୨।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କ ଏକ ଦଳ କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ବ୍ଲକ ପରିଦର୍ଶନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ପରିଷଦ ଆନୁକୁଲ୍ୟରେ ଆସିଥିବା ଉକ୍ତ ଦଳରେ ବିଭାଗୀୟ ଅଧିକାରୀ ମାନଙ୍କ ବ୍ୟତୀତ ୫୦ ଜଣ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ସଭ୍ୟ ସଭ୍ୟା କୋରାପୁଟ ଜିଲ୍ଲା ଗସ୍ତରେ ଆସି କୋରାପୁଟ ଜିଲ୍ଲା ପରିଷଦ ଓ ବ୍ଲକ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ



ସେମାନେ ମଙ୍ଗଳବାର ପଟାଙ୍ଗି ବ୍ଲକର ବିଭିନ୍ନ ପ୍ରକଳ୍ପ ଓ ଦେଓମାଳି ଶୃଙ୍ଗ ଏବଂ କୋରାପୁଟ ବ୍ଲକ ଡୁମୁରିପୁଟ ୨୬ ନଂ ଜାତୀୟ ରାଜପଥରେ ଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ। ସ୍ଥାନୀୟ ପ୍ରଶାନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ କାଫେରେ ମଧ୍ୟାହ୍ନଭୋଜନ ଗ୍ରହଣ କରି ମା'ମାନଙ୍କ ହାତ ରନ୍ଧା ଖାଦ୍ୟର ପ୍ରଶଂସା କରିଥିଲେ। କୋରାପୁଟ ଜିଲ୍ଲା ପରିଷଦର ଏପିଡି ହିମାଂଶୁ କୁମାର ସାହୁ, ସନ୍ତୋଷ କୁମାର,ବିପିସି ମଞ୍ଜୁଳା ପାତ୍ର ଏବଂ ଅନ୍ୟମାନେ ଅତିଥି ମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେଇଥିଲେ।

## ଜିଲ୍ଲାପାଳଙ୍କ ସେମିଲିଗୁଡ଼ା ବ୍ଲକ୍ ପରିଦର୍ଶନ



ସେମିଲିଗୁଡ଼ା, ୨।୯ (ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସେମିଲିଗୁଡା ବ୍ଲକରେ ମଙ୍ଗଳବାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ସେ ବ୍ଲକର ରାଜପୁଟରେ ଥିବା ଅତ୍ୟାଧୁନିକ ମିଲ୍ଲେଟ ପ୍ରୋସେସିଂ ୟୁନିଟକୁ ବୁଲି ଦେଖିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ସ୍ୱାବଲମ୍ବୀ ହେବା ପାଇଁ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ ସତ୍ୟବାନ ମହାଜନ ପ୍ରଦାନ କରିଥିଲେ। ମିଲ୍ଲେଟ୍ସ ବ୍ୟବହାର ବୃଦ୍ଧି କରିବା ପାଇଁ ଆଦେଶ ଜାରି କରିଥିଲେ। ମିଲ୍ଲେଟ ପ୍ରୋସେସିଂ ୟୁନିଟ ପରିସରରେ ବୃକ୍ଷ ରୋପଣ କାର୍ଯକ୍ରମରେ ଜିଲ୍ଲାପାଳ ଯୋଗ ଦେଇ ଚାରାରୋପଣ କରିଥିଲେ। ପରେ ବିଭିନ୍ନ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ତାଦରିଖ କରିଥିଲେ। ଜିଲ୍ଲା ପରିଷଦ କାର୍ଯ ନିର୍ବାହ ଅଧିକାରୀ ବେଣୁଧର ଶବର, ସେମିଲିଗୁଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର ପ୍ରଧାନ , ବ୍ଲକ ଅଧକ୍ଷା ଲିଲି ଅଣ୍ଡାବିରିଆ ,ରାଜୁପୁଟ ସରପଞ୍ଚ ପିତାମ୍ବର କିର୍ସାନୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଉମରକୋଟ,୨।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ଦଣ୍ଡକାରଣ୍ୟ ଠାରେ ଥିବା ଉତ୍କଳ କଳା ସଂସଦ ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ପୂଜା ତଥା ମାଟି ଅନୁକୂଳ ହୋଇଯାଇଛି। ପ୍ରଥମେ ଦୁର୍ଗା ମଣ୍ଡପ ଠାରେ ମା'ଙ୍କ ସମସ୍ତ ପୂଜା ସାମଗ୍ରୀ ନେଇ ମାଁ ଦୁର୍ଗାଙ୍କୁ ପୂଜା କରାଯାଇଛି। ଭାସ୍କେଲ ନଦୀ ମୁଖରୁ ମା' ଦୁର୍ଗାଙ୍କ ମୂର୍ତ୍ତି ନିମନ୍ତେ ପୂଜାପାଠ କରି ମାଟି ଅଣାଯାଇଥିଲା। ଏହି ମାଟି ପୂଜା ସମୟରେ କୋଷାଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସମ୍ପାଦକ ସୁଧାଂଶୁ ବିଶ୍ୱାଳ, ସଭାପତି ନକୁଳ ଚାନ୍ଦ, ମାଲକାନଗିରିରୁ ଆସିଥିବା କାରିଗର ଓ କଳା ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଅଳ୍ପ ଦିନରେ ମୂର୍ତ୍ତି କାମ ଆରମ୍ଭ ହେବ। ଚଳିତ ବର୍ଷ ମୀନାବଜାର ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ନିରାଶ୍ରୟ ମହିଳାଙ୍କୁ ଆଇନ ସହାୟତା

ରାୟଗଡ଼ା,୨।୯ (ସମିସ): ରାୟଗଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣର ପାରା ଲିଗାଲ୍ ଭଲ୍ୟୁଣ୍ଟର କୁମାରୀ ବାଡ଼ତ୍ୟା ରାୟଗଡ଼ା ଜେଏସ୍‌କୋ ନୂଆ ସାହିର ଜନସେନ ନାୟକଙ୍କ ପତ୍ନୀ କୁମାରୀ ନାଏକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। କୁମାରୀ ନାଏକଙ୍କ ଅସୁବିଧା ସମ୍ପର୍କରେ ସେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ମହିଳା ଜଣକ ନିଜର ରହିବା, ଖାଇବା ଓ ନିଜର ଅସୁବିଧା କଥା ଲେଖି ଜଣାଇବା ସହିତ ସ୍ନେହା ସ୍ୱଧାର ଗୃହରେ ତାଙ୍କୁ ରହିବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ପାରା ଲିଗାଲ୍ ଭଲ୍ୟୁଣ୍ଟର ଶ୍ରୀମତି କୁମାରୀ ବାଡତ୍ୟାଙ୍କ ସହାୟତାରେ ଉକ୍ତ ମହିଳାଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରାୟଗଡ଼ା ସ୍ଥିତ ସ୍ନେହା ସ୍ୱଧାର ଗୃହରେ ଅବସ୍ଥାପିତ କରାଯାଇଛି।

● ବ୍ଲକ୍ କଲୋନୀ କ୍ୱାର୍ଟର୍ସରୁ ଚୋରି

## କାମରେ ଆସୁନି ପୁଲିସ ପାଟ୍ରୋଲିଂ

ନନ୍ଦପୁର,୨।୯ (ସମିସ): ନନ୍ଦପୁର ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଚୋରି ହେଉଛି। ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଚୋରଙ୍କୁ ରୋକି ପାରୁନାହିଁ। ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ବ୍ଲକ୍ କଲୋନୀ କ୍ୱାର୍ଟର୍ସରେ ରହୁଥିବା କ୍ୟାସିଅର ପ୍ରବୀର ସିଂହଙ୍କ କ୍ଷେତ୍ରରେ। ତାଙ୍କ ଘରୁ ଚୋରମାନେ ଆଲମିରା ଭାଙ୍ଗି ୭ ହଜାର ଟଙ୍କା, ଗ୍ୟାସ ଚୁଲା ଓ ସିଲିଣ୍ଡର ନେଇ ଯାଇଥିବା ଜଣାପଡ଼ିଛି। ରାଜ୍ୟ ଅମଲା ସଂଘ ଆନ୍ଦୋଳନ ପାଇଁ ସେ ଛୁଟିରେ ଥିବା ବେଳେ ସେ ବାସଗୃହରେ ଅନୁପସ୍ଥିତ ଥିଲେ। ଏହାର ସୁଯୋଗ ନେଇ ଚୋରି ହୋଇଥିବା ଜଣାପଡ଼ିଛି। ଗଣେଶ ପୂଜା ଠାରୁ ପାର୍ବଣ ଆରମ୍ଭ ହୋଇଥିବା ବେଳେ ଚୋରମାନେ ସକ୍ରିୟ ହେବା ଆଶଙ୍କା କରି ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯାଉଥିବା ବେଳେ ଚୋରମାନେ ପୁଲିସ ଆଖିରେ ଧୂଳିଦେଇ ଚୋରି କରୁଛନ୍ତି।

## ଜିଲ୍ଲାପାଳଙ୍କ ନନ୍ଦପୁର ବ୍ଲକ୍ ପରିଦର୍ଶନ

ନନ୍ଦପୁର,୨।୯ (ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମଙ୍ଗଳବାର ନନ୍ଦପୁର ବ୍ଲକ୍ ପରିଦର୍ଶନ କରି ଫେରିଛନ୍ତି। କୋରାପୁଟ ଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ପରେ ନନ୍ଦପୁର ବ୍ଲକକୁ ପ୍ରଥମ ଥର ପରିଦର୍ଶନ ପାଇଁ ଆସିଥିଲେ। ପ୍ରଥମେ ନନ୍ଦପୁର ବ୍ଲକ୍ ଅଧିନସ୍ଥ ହିକିମ ପଞ୍ଚାୟତର ଲୁଜିଂ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ କୁନି କୁନି ପିଲାଙ୍କ ଗହଣରେ ଗୀତ ଶୁଣିଥିଲେ। ପରେ ନିଜେ ଆଣିଥିବା ଚକ୍‌ଲେଟ ପିଲାଙ୍କୁ ଦେଇଥିଲେ। ପରେ



ଅଙ୍ଗନବାଡି କେନ୍ଦ୍ରର ଆନୁସଙ୍ଗିକ ବ୍ୟବସ୍ଥା ବୁଲି ଦେଖିବା ସହ କେନ୍ଦ୍ରରେ ଯାହା ଆବଶ୍ୟକତା ରହିଛି, ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କୁ ଆଦେଶ ଦେଇଥିଲେ। ପରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ପିଲାଙ୍କ ପାଠପଢ଼ା ଉପରେ ଆଲୋଚନା କରିଥିଲେ। ଏବେଠାରୁ ପ୍ରସ୍ତୁତି ଆରମ୍ଭ କରି ଭଲ ରେଜେଲ୍ଟ କରିବାକୁ ପରାମର୍ଶ ଦେଇ ବିଦ୍ୟାଳୟର ସ୍ଥିତି ଓ ଭିତ୍ତିଭୂମି ସମୀକ୍ଷା କରିଥିଲେ। ଖେଳପଡିଆର ଉନ୍ନତି କରଣ କରିବାକୁ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ପରେ ନୂତନ ମେଡିକାଲ କୋଠା ଓ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସ୍ଥଳରେ ପହଞ୍ଚି ବିରକ୍ତି ଭାବ ପ୍ରକାଶ କରି ତୁରନ୍ତ ଧାର୍ଯ୍ୟ ସମୟ ତାରିଖରେ ନିର୍ମାଣ ଶେଷ କରିବାକୁ ତାଗିଦ କରିଥିଲେ। ମଧ୍ୟାହ୍ନରେ ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରି ପ୍ରକୃତିର ମନୋଲୋଭା ଦୃଶ୍ୟକୁ ଉପଭୋଗ କରିଥିଲେ। ସେ ବନ ବିଭାଗ ଦ୍ୱାରା ଚାଲିଥିବା କାରୁକାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ବିଡ଼ିଓ ଶ୍ରୀ ଦୋରାଙ୍କ ସମେତ ସିଡିଓ ବେଣୁଧର ଶବର, ଏଇଇ ଯଶକେତନ ବେହେରା, ସିଡିପିଓ ମିନତିବାଳା ପଟ୍ଟନାୟକ, ବ୍ଲକ ଶିକ୍ଷା ଅଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ଏବିଓ ମମତାଜ ଗମାଙ୍ଗ, ସୁପରଭାଇଜର ହରପ୍ରିୟା ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ଇଗ୍ନୋ ନାମଲେଖା ପ୍ରଚାର ସଭା

ସେମିଲିଗୁଡ଼ା,୨।୯ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ମହାବିଦ୍ୟାଳୟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ନାମଲେଖା ପ୍ରଚାର ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦୂର ଶିକ୍ଷାର ଗୁରୁତ୍ୱ ଓ ଇଗ୍ନୋ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ବିଷୟକ ଶିକ୍ଷା, ସାର୍ଟିଫିକେଟ, ଡିପ୍ଲୋମା, ଡିଗ୍ରୀ, ମାଷ୍ଟାର ଡିଗ୍ରୀ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍‌ସି ସିଂହଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲତିକା କୁମାରୀ ମିଶ୍ର, ସହାୟକ ଆଞ୍ଚଳିକ ନିର୍ଦ୍ଦେଶକ ଡା. ମାଧବ ବିଷୋଇ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଗଦାଧର ନାୟକ ଯୋଗ ଦେଇଥିଲେ। ଅଧ୍ୟାପକ ଶିବାଶିଷ ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ଦେଇ ସଭା କାର୍ଯ୍ୟ ପ୍ରାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଡ. ମିଶ୍ର ବକ୍ତବ୍ୟରେ କହିଥିଲେ ଯେ, ଇଗ୍ନୋ ଦ୍ୱାରା ପ୍ରଦାନ କରାଯାଉଥିବା ଶିକ୍ଷା ନମନୀୟ ଓ ବ୍ୟୟ ସାପେକ୍ଷ। କୋରାପୁଟ ଭଳି ଆର୍ଥିକ ଅନଗ୍ରସର ଜିଲ୍ଲାରେ ଦୂର ନିରନ୍ତର ଶିକ୍ଷା ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଇଗ୍ନୋ ଶିକ୍ଷା ପରାମର୍ଶଦାତା ଡ.ପ୍ରିତିଶ ବେହେରା ଉପସ୍ଥିତ ମୁଖ୍ୟ ଅତିଥି ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ଦଶହରା ପ୍ରସ୍ତୁତି ବୈଠକ

ଲକ୍ଷ୍ମୀପୁର, ୨।୯ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାର ଦୁର୍ଗା ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବାସନ୍ତୀ କଲ୍ୟାଣ ମଣ୍ଡପ ଠାରେ ସୋମବାର ଦିନ ଆୟୋଜନ କରାଯାଇଥିଲା। ଏଥିରେ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଛି। ଉକ୍ତ କମିଟିର ସଭାପତି ଉମାଶଙ୍କର କର୍କରାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ପୂଜାର ରୌପ୍ୟ ଜୟନ୍ତୀ ପାଳନ କରାଯାଉଥିବାରୁ ସଭାପତି ଆଗ୍ରହ ପ୍ରକାଶ କରିଥିଲେ। ଏଥିରେ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ଚଳିତ ବର୍ଷ କିପରି ମା ଙ୍କ ପୂଜା କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସରକୁ ମଧ କଡା ନଜର ରଖିବାକୁ ଅନୁରୋଧର କରାଯାଇଥିଲା। ସଭାପତିଙ୍କ ସମେତ ସମ୍ପାଦକ ଓଜାଶି ସାହୁ, ଉପ ସଭାପତି ମନଜ ସାହୁ, ଯୁଗ୍ମ ସମ୍ପାଦକ ବଳିଆ ବିଷୋୟୀ, କୋଷାଧ୍ୟକ୍ଷ ଭି. ଶ୍ରବଣ କୁମାର ଓ ଅନ୍ୟମାନେ ଉପସ୍ଥିତ ରହି ଥିଲେ।

## ବାୟୋ ଡିଗ୍ରେଡବଲ୍ କ୍ୟାରି ବ୍ୟାଗ୍ ୟୁନିଟ୍ ଉଦ୍‌ଘାଟିତ

ଉମରକୋଟ,୨।୯ (ସମିସ): ଉପାନ୍ତ ଅଞ୍ଚଳରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟକୁ କର୍ମ ଯୋଗାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଉଚ୍ଚ ଶିକ୍ଷିତା ଯୁବତୀ। ପଲିଥିନ ମୁକ୍ତ ପାଇଁ ଯେଉଁ ବାର୍ତ୍ତା ସରକାର ଦେଉଛନ୍ତି ତାକୁ ସାକାର କରିବା ପାଇଁ ପ୍ରୟାସ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳର ଡାଙ୍ଗରୀଗୁଡା ଠାରେ ବାୟୋ ଡିଗ୍ରେଡବଲ୍ କ୍ୟାରି ବ୍ୟାଗ ଉତ୍ପାଦନ ୟୁନିଟ ଆରମ୍ଭ କରିଛନ୍ତି ରିତୁ ମହନ୍ତ। କୃଷିବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଚାକିରି ପଛରେ ନ ଦଉଡ଼ି ନିଜେ କିଛି କରିବା ପାଇଁ ଏକ ପ୍ରଚେଷ୍ଟା କରିଥିଲେ ଏବଂ ବାପାଙ୍କ ପ୍ରେରଣାରେ ପ୍ରେରିତ ହୋଇ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ପ୍ଲାଷ୍ଟିକ ମୁକ୍ତ କେରିବ୍ୟାଗ ପ୍ରସ୍ତୁତ କରୁଛନ୍ତି। ନବରଙ୍ଗପୁର ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହର ଉଦ୍‌ଘାଟନ କରିଛନ୍ତି। ଏହି ପ୍ଲାଣ୍ଟରେ କୌଣସି ଧୂଆଁ ବାହାରିବ ନାହି କିମ୍ବା କୌଣସି ଶବ୍ଦ ହେବନାହିଁ। ଏହି କେରିବ୍ୟାଗ ପ୍ରସ୍ତୁତ ପାଇଁ କଞ୍ଚାମାଲ ମକା ଗୁଣ୍ଡରୁ ପ୍ରସ୍ତୁତ ଓ ବର୍ତ୍ତମାନ ଏହା ଗୁଜୁରାଟରୁ ଆମଦାନୀ କରାଯାଉଛି। ଏହି ପ୍ଲାଣ୍ଟରୁ ପ୍ରସ୍ତୁତ କେରି ବ୍ୟାଗ ଶୂନ୍ୟ ପ୍ରତିଶତ ପ୍ଲାଷ୍ଟିକ। ଏହା ସମ୍ପୂର୍ଣ୍ଣ ଭାବେ ପରିବେଶ ଅନୁକୂଳ। ଏହା ମାଟିରେ ପଡ଼ିଲେ ୨ ରୁ ୩ ମାସ ମଧ୍ୟରେ ମିଶିଯାଏ ଓ ପାଣିରେ ପଡ଼ିଲେ ସଙ୍ଗେ ସଙ୍ଗେ ମିଳେଇଯାଏ। ଏହି ବ୍ୟାଗକୁ ଗାଈ, ଗୋରୁ କିମ୍ବା ଛେଳି ଖାଇଲେ ମଧ ତାଙ୍କ ଶରୀରକୁ କ୍ଷତି କରିବ ନାହିଁ ବୋଲି ରିତୁ ମହନ୍ତ ସୂଚନା ପ୍ରଦାନ କରିଛନ୍ତି। ଦୈନିକ ୮ ଘଣ୍ଟା ପ୍ଲାଣ୍ଟ ଚାଲେ ପ୍ରତିଦିନ ୨ ରୁ ୩ କ୍ୱିଣ୍ଟାଲ ଯାଏଁ କେରିବ୍ୟାଗ ଉତ୍ପାଦନ ହୋଇପାରିବ। ବର୍ତ୍ତମାନ ଏହି ପ୍ଲାଣ୍ଟରେ ପାଉଚ ଠାରୁ ଆରମ୍ଭ କରି ୨୫ କେଜିଆ ବ୍ୟାଗ ଉତ୍ପାଦନ କରାଯାଉଛି। ଉତ୍ପାଦିତ କେରି ବ୍ୟାଗ ବର୍ତ୍ତମାନ ଜିଲ୍ଲାର ବ୍ୟବସାୟୀଙ୍କୁ ଦିଆଯି। ପରବର୍ତ୍ତୀ ସମୟରେ ଏହା ଅନ୍ୟ ଅଞ୍ଚଳକୁ



ଯୋଗାଣ କରାଯିବ। ଏହି ପ୍ଲାଣ୍ଟ ବର୍ତ୍ତମାନ ୧୦ ରୁ ୧୨ ଜଣଙ୍କୁ ରୋଜଗାର ଦେବାରେ ସମର୍ଥ । ସେଥି ମଧ୍ୟରୁ ୫ ଜଣ ମହିଳା କର୍ମଚାରୀ ରହିଛନ୍ତି। ପ୍ଲାଷ୍ଟିକ ମୁକ୍ତ ହୋଇଥିବାରୁ ବିଭିନ୍ନ ସରକାରୀ ଅନୁଷ୍ଠାନ ଗୁଡିକରେ ବ୍ୟବହାର ପାଇଁ ପ୍ରେରିତ କରିବା ସହ ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରାଯିବ ବୋଲି କହିଛନ୍ତି ଜିଲାପାଳ ଡ଼. ମହେଶ୍ୱର ସ୍ୱାଇଁ।




### ନାଲ୍‌କୋ ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ସରିଛି ସର୍ଭେ

# ସିପିପି ବସ୍ତି ଉଚ୍ଛେଦ ପାଇଁ ଲାଗିଲା ନୋଟିସ୍

ଅନୁଗୋଳ,୨।୯ (ସମିସ)





ନାଲ୍‌କୋ ସିପିପି ପ୍ଲାଣ୍ଟର ଆଉ ଦୁଇଟି ୟୁନିଟ୍ ସମ୍ପ୍ରସାରଣ ପାଇଁ ଯୋଜନା କରୁଛି। ଏଥିଲାଗି ଯାଗା ସର୍ଭେ କାର୍ଯ୍ୟ ସରିଛି। ଆନୁସଙ୍ଗିକ ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ସରିଛି। ବସ୍ତିବାସିନ୍ଦାଙ୍କ ଉକ୍ତ ଜାଗା ଖାଲି କଲେ ପ୍ଲାଣ୍ଟ ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ ହେବ। ସିପିପି ପ୍ଲାଣ୍ଟ ସମ୍ମୁଖ ଟାଙ୍କି ହାଟିଂ ବସ୍ତି ଉଚ୍ଛେଦ ପାଇଁ ନାଲକୋ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏନେଇ ଅଧିବାସୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଦୀର୍ଘ ୪୦ବର୍ଷ ଧରି ଏଠାରେ ବସବାସ କରିଆସୁଥିବା ଅଧିବାସୀଙ୍କ ଥଇଥାନ ପାଇଁ ବସ୍ତିବାସିନ୍ଦା ଦାବି କରୁଛନ୍ତି। ଏନେଇ ବସ୍ତିବାସିନ୍ଦା ଘନ ଘନ ଆଲୋଚନା ବୈଠକ କରୁଛନ୍ତି। ସେମାନଙ୍କର ଶ୍ରମ ସୁରକ୍ଷା ଓ ଥଇଥାନ ପାଇଁ ବିଭିନ୍ନ ମହଲରେ ଦାବି ଉପସ୍ଥାପନ କରୁଛନ୍ତି। ଏକଦା ନାଲକୋ ପ୍ଲାଣ୍ଟର ମୂଳଦୁଆ କାର୍ଯ୍ୟ ଆରମ୍ଭ କରିଥିବା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଅଂଚଳର ମୂଳତଃ ଆଦିବାସୀ ଲୋକ ରୋଜଗାର ସନ୍ଧାନରେ ଆସିଥିଲେ। ଆଦିବାସୀ ଶ୍ରମିକମାନେ ସିପିପି ପ୍ଲାଣ୍ଟ ସମ୍ମୁଖ ଖୋଲାମେଲା ପରିତ୍ୟକ୍ତ ଲଟାବୁଦାରେ ପୂର୍ଣ ପଡ଼ିଆକୁ ସଫାସୁତରା କରି କୁଡ଼ିଆ ବାନ୍ଧି ବିପଜ୍ଜନକ ଭାବେ ଆଶ୍ରୟ ସ୍ଥାନ ଗଢ଼ିଥିଲେ। କ୍ରମେ ଏହା ଆଜି ସିପିପି ଟାଙ୍କି ହାଟିଂ ଭାବେ ପରିଚିତ ହୋଇଛି। ଏହି ବସ୍ତିକୁ ବିଭିନ୍ନ କାର୍ଯ୍ୟକ୍ରମରେ କେନ୍ଦ୍ର ତଥା ରାଜ୍ୟର ନେତା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସରକାରୀ ଅଧିକାରୀ କର୍ମଚାରୀମାନେ ମଧ୍ୟ ଯୋଗଦେଇଛନ୍ତି। ଏ ବସ୍ତି ବର୍ତ୍ତମାନ ବଆଁରପାଳ ବ୍ଲକ୍ ଅଧୀନ କୁଲାଡ଼ ପଞ୍ଚାୟତ ଅନ୍ତର୍ଭୁକ୍ତ। ୪୦ବର୍ଷରୁ ଊର୍ଦ୍ଧ୍ୱ ଦିନ ହେଲା ଲୋକେ ବସବାସ କରିଛନ୍ତି। ଅନେକ ଲୋକଙ୍କର ଏହା ଜନ୍ମ ମାଟି ହେବାସହ କର୍ମକ୍ଷେତ୍ର ହୋଇଛି। କେତେକ ନିଜ ମୂଳ ବାସସ୍ଥାନ ଠିକଣା ଭୁଲି ଯାଇଛନ୍ତି। ଏଇଠି ସେମାନଙ୍କର ସମ୍ପୂର୍ଣ୍ଣ ଠିକଣା ହୋଇଛି। ସରକାରୀ ଯୋଜନାରେ ଆଧାରକାର୍ଡ, ରାସନକାର୍ଡ ଭୋଟରକାର୍ଡ, ଜନ୍ମମୃତ୍ୟୁ ପ୍ରମାଣପତ୍ର ଆଦି ପ୍ରାପ୍ତହୋଇ ବିଭନ୍ନ ଯୋଜନାରେ ହିତାଧିକାରୀ ହୋଇ ଜନମଙ୍ଗଳ ଯୋଜନାରୁ ଲାଭ ଉଠାଇଛନ୍ତି। ସଭିଏଁ ପଢିବେ, ସଭିଏଁ ବଢ଼ିବେ ଯୋଜନାରେ ଅଙ୍ଗନବାଡି କେନ୍ଦ୍ର, ସରକାରୀ ପ୍ରାଥମିକ ବିଦ୍ୟାଳୟ, ସ୍ୱାସ୍ଥ୍ୟକ୍ଷେତ୍ରରେ ଟୀକାକରଣ କେନ୍ଦ୍ର, କୋଭିଡ, ମ୍ୟାଲେରିଆ, ଫାଲେରିଆ

**ଥଇଥାନ ପାଇଁ ବସ୍ତିବାସିନ୍ଦାଙ୍କ ଦାବି**



ନିରାକରଣ ଯୋଜନାରେ ବସ୍ତିବାସିନ୍ଦାଙ୍କ ସହଯୋଗିତା ରହିଛି। ବସ୍ତିବାସିନ୍ଦାଙ୍କ ପାଇଁ ନାଲକୋ ମଧ୍ୟ ସହାୟତା ପ୍ରଦାନ କରିଆସୁଛି। ସେମାନଙ୍କ ପାନୀୟ ଜଳ ଯୋଗାଣ ପାଇଁ ଓଭର ହେଡ ପାଣି ଟ୍ୟାଙ୍କି ନିର୍ମାଣ କରି ଜଳଯୋଗାଣ କରିଥିଲା। କାଳକ୍ରମେ ଉକ୍ତ ଟାଙ୍କି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ହୋଇପଡ଼ିବାରୁ ସିପିପି ପ୍ଲାଣ୍ଟ ପରିସରରୁ ପାଇପ ଯୋଗେ ନିଃଶୁଳ୍କ ପାନୀୟ ଜଳଯୋଗାଣ କରିଆସୁଛି। ପ୍ଲାଣ୍ଟରୁ ବିଦ୍ୟୁତ ସପ୍ଲାଇ ମଧ୍ୟ ହୋଇଛି। ଏପରିକି ଶ୍ରମିକମାନଙ୍କ ଚିତ୍ତବିନୋଦନ ପାଇଁ ବସ୍ତିରେ ନାଲକୋ ପକ୍ଷରୁ ପରଦା ଚଳଚିତ୍ର ପ୍ରଦର୍ଶନ କରାଯାଉଥିଲା। ଏଠାରେ ରହୁଥିବା ଶ୍ରମିକମାନେ ମୁଖ୍ୟତଃ ନାଲକୋ କାରଖାନାର ମୂଳଦୁଆଠାରୁ ଆଜି ପର୍ଯ୍ୟନ୍ତ ଠିକା ଶ୍ରମିକ ଭାବେ କାର୍ଯ୍ୟ କରିଆସୁଛନ୍ତି। ଇତି ମଧ୍ୟରେ ୬୯୯ଟି ପରିବାର ବାସ କରୁଥିବା ସରକାରୀ ତଥ୍ୟରୁ ଜଣାପଡିଛି। ପ୍ରାୟ ୬ହଜାର ଲୋକ ବସ୍ତିବାସିନ୍ଦା ହୋଇଛନ୍ତି। ଅଙ୍ଗନବାଡି କେନ୍ଦ୍ରରେ ଅଧୁନା ୨୦ଜଣ କୁନି ଶିଶୁଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ଯାଏ ଥିବା ସିପିପି ମୁଣ୍ଡା ହାଟିଂ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷ ୧୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ଏବଂ ସେମାନଙ୍କୁ ଶିକ୍ଷା ବିଭାଗର ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ପୋଷାକ, ପାଠ୍ୟୋପକରଣ, ମଧ୍ୟାହ୍ନ ଭୋଜନ ମିଳୁଛି। ଅଙ୍ଗନବାଡି କେନ୍ଦ୍ରକୁ ସ୍ୱତନ୍ତ୍ର ଭାବେ ସରକାରୀ ବିଦ୍ୟୁତ ସଂଯୋଗ ହୋଇଛି। ଏସବୁକୁ ଦେଖିବା ପରେ ଉକ୍ତ ବସ୍ତି ଏକ ପ୍ରକାର ସରକାରୀ ସ୍ୱୀକୃତି ପ୍ରାପ୍ତ ବସ୍ତି ବୋଲି ମନେ ହେଉଥିବା ବେଳେ ନାଲକୋ କାରଖାନା ସମ୍ପ୍ରସାରଣ କରିବା ଲକ୍ଷ୍ୟରେ ଉକ୍ତ ବସ୍ତିକୁ ଉଚ୍ଛେଦ କରିବାକୁ ଉଦ୍ୟମ କରିଛି। ପୂର୍ବରୁ ଏଭଳି ଦୁଇ ତିନିଥର ଉଦ୍ୟମ କରିଥିଲେ। ବସ୍ତିବାସିନ୍ଦାଙ୍କ ଥଇଥାନ ଯୋଜନା ନ କରି ବଳପୂର୍ବକ ଉଚ୍ଛେଦ କରିବାକୁ ନୋଟିସ ଜାରୀ କରିଛି। ଶ୍ରମିକ ଶ୍ରେଣୀର ଲୋକମାନେ କୁଆଡ଼େ ଯିବେ ଏବଂ କେଉଁଠି ରହିବେ ଓ କିପରି କାମ ଧନ୍ଦା କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି।

## ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ; ଦୁଇ ଗିରଫ



ଅନୁଗୋଳ,୨।୯ (ସମିସ): ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ଏବଂ ଆରପିଏଫଷ୍ଟାଫ ମିଳିତ ଭାବେ ଚଡ଼ଉକରି ଅନୁଗୋଳ ରେଳଷ୍ଟେସନରୁ ୫ଲକ୍ଷ ୪୦ହଜାର ଟଙ୍କା ମୂଲ୍ୟର ଚୋରା ଗଞ୍ଜେଇ ଜବତ କରିବାସହ ୨ ଜଣଙ୍କୁ ଗିରଫ କରିଛନ୍ତି। ମଙ୍ଗଳବାର ସକାଳେ ୨ ଜଣ ବେପାରୀ ଚୋରାରେ ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ କରିବାପାଇଁ ଅନୁଗୋଳ ରେଳ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଅନୁଗୋଳ ଅବକାରୀ ଅଧିକାରୀମାନେ ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଏନେଇ ଆରପିଏଫଷ୍ଟାଫଙ୍କୁ ଖବର ଦେଇଥିଲେ। ଅବକାରୀ ଅଧିକାରୀ ଏବଂ ଆରପିଏଫଷ୍ଟାଫ ପ୍ରମୁଖ ମିଳିତ ଭାବେ ରେଳଷ୍ଟେସନରେ ଚଡ଼ଉ କରିଥିଲେ। ସେଠାରୁ ୨ଜଣ ଗଞ୍ଜେଇ ବେପାରୀ ମହାରାଷ୍ଟ୍ରର ଥାନେ ଜିଲ୍ଲାର ବବଲୁ କୁମାର ନିଶାଦ ଏବଂ ରମେଶ କୁମାରଙ୍କୁ ଗିରଫ କରି ସେମାନଙ୍କ ପାଖରୁ ୫ଲକ୍ଷ ୪୦ହଜାର ଟଙ୍କା ମୂଲ୍ୟର ୫୪କେଜି ଗଞ୍ଜେଇ ଜବତ କରିଥିଲେ।

## ପାନ ଛେପ ପକାଇ ଦଣ୍ଡ ଗଣିଲେ କ୍ୟାସିୟର

ଅନୁଗୋଳ,୨।୯ (ସମିସ): ସହରର ପରିମଳ କଥା ବୁଝୁଥିବା ପୌର କର୍ମଚାରୀ ଯଦି ନିଜେ ସ୍ୱଚ୍ଛତାର ଅର୍ଥ ନ ବୁଝିବେ ତେବେ କାହାକୁ କହିବା। ଏଭଳି ଏକ ପରିସ୍ଥିତିରେ ଗତକାଲି ଜଣେ ପୌର କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି। ପୌର ପାଳିକା କ୍ୟାସିୟର ପ୍ରଦୀପ ସାହୁ(କ) କାର୍ଯ୍ୟାଳୟରେ ବସି ପାନ ଛେପ ପକାଉଥିଲା ବେଳେ ନିର୍ବାହୀ ଅଧିକାରୀଙ୍କ ନଜରକୁ ଆସିଥିଲା। ଡ୍ୟୁଟି ସମୟରେ ପାନ ଖାଇବା, ଏବଂ ଡଷ୍ଟବିନକୁ ସଫା ନ ରଖିବା ଅପରାଧରେ ତାଙ୍କୁ ତତକ୍ଷଣାତ୍ ୫୦୦ ଟଙ୍କା ଫାଇନ୍ କଟାଯାଇଥିଲା। ମୁଣ୍ଡ କାନ ଆଉଁସି ଟଙ୍କା ଗଣି ଦେଇଥିଲେ କ୍ୟାସିୟର୍।

## ନାବାଳକ ସହ ଅପ୍ରାକୃତିକ ଯୌନକ୍ରିୟା, ଯୁବକ ଗିରଫ

ଅନୁଗୋଳ,୨।୯ (ସମିସ): ନାଲକୋ ନଗର ଥାନା ଅଧୀନ ତେନ୍ତୁଳା ହାଟିଂରେ ଜଣେ ୪ବର୍ଷ ନାବାଳକ ସହ ୨୮ ବର୍ଷର ଯୁବକ ଆପ୍ରାକୃତିକ ଯୌନକ୍ରିୟା ଅଭିଯୋଗରେ ଗିରଫ ହୋଇଛି। ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରେ ତେନ୍ତୁଳା ହାଟିଂରେ ରହୁଥିବା ୪ବର୍ଷର ନାବାଳକ ନିଜ ଘର ପାଖରେ ଖେଳୁଥିବା ବେଳେ ନାରାୟଣ ଟୁଡୁ(୨୮) ସନ୍ଧ୍ୟା ୫ଟା ବେଳକୁ ଦୋକାନରୁ ଖାଇବାକୁ ଦେବି କହି ନିଛାଟିଆ ସ୍ଥାନକୁ ଡାକିନେଇ ଦୁଷ୍କର୍ମ କରିଥିଲା। ପରିବାର ଲୋକେ ପୁତ୍ରକୁ ସନ୍ଧ୍ୟା ପର୍ଯ୍ୟନ୍ତ କେଉଁଆଡ଼େଗଲା ବୋଲି ଖୋଜା ଖୋଜି କରୁଥିଲେ। ପ୍ରାୟ ଘଣ୍ଟାଏ ପରେ ନାବାଳକ ପୁତ୍ର କାନ୍ଦି କାନ୍ଦି ଆସି ନିଜ ପରିବାର ଲୋକଙ୍କୁ ସମସ୍ତ କଥା କହିଥିଲା। ଘଟଣାକୁ କେନ୍ଦ୍ର କରି ଶିଶୁ ପୁତ୍ରର ପିତା ନାଲକୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

ତାଳଚେର,୨।୯ (ସମିସ): ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ମହାଆଡ଼ମ୍ବରରେ ଚାଲୁଥିବା ବେଳେ ଆଜି ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଏକ ଟିମ ଅଚାନକ ଭାବେ ତାଳଚେର ହାଟତୋଟା, ଶର୍ମାଛକ ଓ ହାଣ୍ଡିଧୁଆଁ ଅଞ୍ଚଳରେ ଖାଦ୍ୟ ପଦାର୍ଥ ଦୋକାନଗୁଡ଼ିକ ଉପରେ ଯୋରଦାର ଚଢ଼ଉ କରିଥିବା ଜଣାପଡ଼ିଛି। ଚଢ଼ଉରେ ଲାକ୍ରା ମ୍ୟାଡମ, ଏସିଏସଓ ଲିପ୍ସାରାଣୀ ରାଉତ, ସୁମିତ ସୌରଭ ପରିଡ଼ା, ଶ୍ରୀବନ୍ତ ଖଣ୍ଡଗିରି, ନୀଳାମ୍ବର ପ୍ରଧାନଙ୍କ ଉପସ୍ଥିତିରେ ପ୍ରତ୍ୟେକ ଦୋକାନଗୁଡ଼ିକରୁ ଖାଦ୍ୟ ପଦାର୍ଥ ଯାଞ୍ଚ କରାଯାଇ କେମିକାଲ ଯୁକ୍ତ ଖାଦ୍ୟକୁ ପୋଫାଡ଼ି ଦେବା ସହ ସେମାନଙ୍କ ନିକଟରୁ ୪ହଜାର ୬ଶହ ଟଙ୍କା ଫାଇନ ଆଦାୟ କରାଯାଇଛି। ଦୋକାନୀମାନେ ଗ୍ରାହକମାନଙ୍କୁ ଆକୃଷ୍ଟ ଏବଂ ସ୍ୱାଦିଷ୍ଟ କରିବାପାଇଁ ବିଭିନ୍ନ ରାସାୟନିକ ରଙ୍ଗ ଖାଦ୍ୟ ପଦାର୍ଥରେ ଲେପନ କରି ବିକ୍ରି କରିବା ସହିତ ବିଭିନ୍ନ ଭେଜାଲ ତେଲ, ମସଲା ଇତ୍ୟାଦି ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି ବୋଲି ଅଭିଯୋଗ ହେଉଛି।

## ନୂତନ ସିଜିଏମ୍‌ଙ୍କୁ ସାକ୍ଷାତ ଓ ସମ୍ବର୍ଦ୍ଧନା



ନାଲକୋ ନଗର,୨।୯ (ସମିସ): ନାଲକୋ ଠିକା ଶ୍ରମିକ ସମନ୍ୱୟ ସମିତି ଏସ୍ ଆଣ୍ଡେ ପି କମ୍ପ୍ଲେକ୍ସ ଅନୁଗୋଳର ଏକ ପ୍ରତିନିଧି ମଣ୍ଡଳୀ ନାଲକୋ ଏସଆଣ୍ଡପିର ନୂତନ ସିଜିଏମଙ୍କୁ ସ୍ୱାଗତ ଜଣାଇଛନ୍ତି। ଏଥିସହିତ ନାଲକୋର ଠିକା ଶ୍ରମିକମାନଙ୍କ ବିଭିନ୍ନ ପ୍ରକାରର ସମସ୍ୟା ଯଥା ଠିକ୍ ସମୟରେ ଠିକା ଶ୍ରମିକଙ୍କ ଦରମା ଦେବା, ଛଟେଇ ହୋଇଥିବା ୩ଜଣ ଶ୍ରମିକଙ୍କୁ ତୁରନ୍ତ ନିଯୁକ୍ତି ଦେବା, ଲାଭାଂଶରୁ ବୋନସ ତୁରନ୍ତ ନାଲକୋ ତରଫରୁ ଘୋଷଣା କରାଯାଉ ଓ ପଦୋନ୍ନତି ତୁରନ୍ତ କାର୍ଯ୍ୟକାରୀ କରାଯାଉ ଆଦି ଆଲୋକପାତ କରିଥିଲେ। ନାଲକୋ ଠିକା ଶ୍ରମିକ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଟିକନ ଚନ୍ଦ୍ର ଦାସ, ସଭାପତି ପ୍ରସନ୍ନ ମହାନ୍ତି, କାର୍ଯ୍ୟକାରୀ ସଭାପତି ବାବୁଲି ସେଠି, ଉପ-ସଭାପତି ବିନୟ କୁମାର ପାତ୍ର, ଉପସଭାପତି ଦୀପକ ଦାସ, ଉପ-ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସାମଲ ଓ ଅନ୍ୟାନ୍ୟ ପଦାଧିକାରୀମାନେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

## ଗୋପୀନାଥପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ 'ସ୍କୁଲ୍ ମ୍ୟୁଜିୟମ୍' ଉଦ୍‌ଘାଟିତ



ଅନୁଗୋଳ,୨।୯ (ସମିସ): ଗୋପୀନାଥପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱପୂଜ୍ୟା ସ୍ୱାଇଁଙ୍କ ଦ୍ୱାରା "ସ୍କୁଲ୍ ମ୍ୟୁଜିୟମ୍' ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଐତିହ୍ୟ ଓ ସଂସ୍କୃତିକୁ ରକ୍ଷା କରିବା ନିମନ୍ତେ ଏହା ଏକ ନୂଆ ପଦକ୍ଷେପ। ଏହି ସ୍କୁଲ ମ୍ୟୁଜିୟମରେ ବିଦ୍ୟାଳୟର ପୁରୁଣା ଫଟୋ, ପାଠପଢ଼ା ଉପକରଣ, ଦେଶୀ ହସ୍ତଶିଳ୍ପ, ଛାତ୍ରଛାତ୍ରୀଙ୍କ ନିଜ ହାତର କାମ ଓ ସ୍ଥାନୀୟ ସଂସ୍କୃତି ଓ ଐତିହ୍ୟର ବିଭିନ୍ନ ଆଦାନ-ପ୍ରଦାନ ଦେଖାଯାଉଛି। ଛାତ୍ରଛାତ୍ରୀଙ୍କୁ ତାଙ୍କର ଇତିହାସ ସହ ଯୋଡ଼ିବା ସହିତ ସ୍ୱାଭିମାନ ଓ ଉତ୍ସାହ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଆଶା ରଖାଯାଇଛି। ଏହିଅବସରରେ ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱପୂଜ୍ୟା ସ୍ୱାଇଁ କହିଛନ୍ତି, "ବିଦ୍ୟାଳୟ କେବଳ ପାଠ ପଢ଼ିବା ଜାଗା ନୁହେଁ, ଏହା ଏକ ଐତିହ୍ୟ ଓ ସଂସ୍କୃତିର ମାଧ୍ୟମ ରୂପେ ଜୀବନ୍ତ ଉଦାହରଣ। ମ୍ୟୁଜିୟମ୍ ଛାତ୍ରଛାତ୍ରୀଙ୍କ ଶିକ୍ଷା ଯାତ୍ରାକୁ ଅଧିକ ସୃଜନଶୀଳ ଓ ଅନୁପ୍ରେରଣା ଦାୟକ କରିବ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସ୍ଥାନୀୟ ଅଭିଭାବକ ଓ ସମୁଦାୟ ଲୋକ ଏହି ନୂଆ ପଦକ୍ଷେପକୁ ସ୍ୱାଗତ ଜଣାଇଛନ୍ତି।

## କବାଡ଼ିଆ ଦୋକାନରୁ ଚୋରି ସାମଗ୍ରୀ ଜବତ; ୪ ଗିରଫ




ଅନୁଗୋଳ,୨।୯ (ସମିସ): ଅନୁଗୋଳ ସହର ଶିମିଳିପଡାରେ ଥିବା କବାଡ଼ିଆ ଦୋକାନ ଉପରେ ପୁଲିସ ଅତର୍କିତ ଚଢ଼ାଉ କରି ବିଭିନ୍ନ ଚୋରି ସାମଗ୍ରୀ ଜବତ କରିବାସହିତ ଦୁଇ କବାଡ଼ିଆଙ୍କ ସମେତ ୪ଜଣଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଗତ ମାସରେ ଏକ ରେଷ୍ଟୁରାଣ୍ଟରୁ ଗ୍ୟାସ ଚୁଲ୍ଲା, ୪ଟି ନୂଆ ସିଲଭର ହଣ୍ଡା, ବାସନ କୁସନ ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ପଞ୍ଚମୁଖୀ ମାର୍କେଟରୁ ଏକ ଦୋକାନର ଏସି ପାଇପ ଚୋରି ଏବଂ ଅନ୍ୟ ଏକ ଘଟଣାରେ ଗୋଟିଏ କମର୍ସିୟାଲ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ଥାନାରେ ଅଭିଯୋଗ ହେବାସହ ପୁଲିସ ତଦନ୍ତ ଜାରି ରଖିଥିଲା। ଶିମିଳିପଡା ଏକ କବାଡ଼ିଆ ଦୋକାନ ଉପରେ ଚଢ଼ଉ କରି ଉପରୋକ୍ତ ଚୋରି ସାମଗ୍ରୀକୁ ଜବତ କରିବା ସହିତ ଅମଲାପଡାର ସେଖ ଇସିଲାମ(୨୦), ସେଖ ମୁନା ଓରଫ କାଳିଆ (୨୫), ଶିମିଳିପଡାର କବାଡି ଦୋକାନୀ ରିଙ୍କୁ ଓରଫ ଶୁଭ୍ରଜ୍ୟୋତି ଜେନା(୩୫) ଏବଂ କବାଡି ଦୋକାନୀ ବାବୁ ବେହେରା(୪୯)ଙ୍କୁ ପୁଲିସ ଗିରଫ କରିଛି।

### ପଞ୍ଚାୟତକୁ ଯାତାୟାତ ପାଇଁ ବାଧକ ଅନ୍ଧାରି-ଗଣ୍ଡିଜୋର ନାଳ

## ୧ କିମି ପରିବର୍ତ୍ତେ ୯ କିମି ଯିବାକୁ ପଡ଼େ ହାଇସ୍କୁଲ



ଖମାର,୨।୯ (ସମିସ): ଛାତ୍ରଛାତ୍ରୀଙ୍କ ହାଇସ୍କୁଲକୁ ଯାତାୟାତ ଏବଂ ପଞ୍ଚାୟତକୁ ଯିବାଆସିବାରେ ବାଧକ ସାଜିଛି ଅନ୍ଧାରି ଓ ଗଣ୍ଡିଜୋର ନାଳ ବୋଲି ଅଭିଯୋଗ ହେଉଛି। ପାଲଲହଡ଼ା ବ୍ଲକ ବଡ଼ସଡ଼ା ପଞ୍ଚାୟତ ଏକ ଆଦିବାସୀ ବହୁଳ ଅଞ୍ଚଳ। ପଞ୍ଚାୟତରେ ୧୩ଟି ରାଜସ୍ୱ ଗ୍ରାମ ଥିବା ବେଳେ ପଞ୍ଚାୟତର ମୁଖ୍ୟ କାର୍ଯ୍ୟାଳୟଠାରୁ ଯାତାୟାତରେ ବାଧକ ସାଜୁଥିବା ନାଳର ବିପରୀତ ଗାଁ ସବୁ ହେଲା ପଦାପଶି, ବାହାଡାକାନୀ, ତମ୍ବୁରୁ, ତାଳବାହାଳୀ ଓ ଚିଙ୍ଗୁଡ଼ିମୁଣ୍ଡା। ପ୍ରାୟତଃ ଏହି ସବୁରେ ସମ୍ପୂର୍ଣ୍ଣ ଭାବେ ୪ ହଜାର ଜନସାଧାରଣ ଅସୁବିଧା ଭୋଗୁଛନ୍ତି ବୋଲି ଅଭିଯୋଗ ହେଉଛି। ବର୍ଷା ଋତୁରେ ଉକ୍ତ ନାଳରେ ସବୁବେଳେ ପାଣି ବଢୁଥିବା ବେଳେ ବର୍ତ୍ତମାନ ୫ଟି ଗ୍ରାମର ବାସିନ୍ଦା ୧ କିଲୋମିଟର ରାସ୍ତା ପରିବର୍ତ୍ତେ ୯ କିଲୋମିଟର ରାସ୍ତା ଦେଇ ପ୍ରତିଦିନ ଦୈନିକ ବଜାର ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଛାତ୍ରଛାତ୍ରୀ ହାଇସ୍କୁଲକୁ ଯାଉଛନ୍ତି। ଚାଷୀମାନେ ସମବାୟ ସମିତି ପକ୍ଷରୁ ବ୍ୟାଙ୍କ କିମ୍ବା ଆଞ୍ଚଳିକ କାର୍ଯ୍ୟାଳୟକୁ ଯିବାରେ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ପୂର୍ବରୁ ଏଭଳି ସମସ୍ୟା ଦିଗରେ ସମାଧାନ ପାଇଁବାରମ୍ବାର ଜିଲ୍ଲା ପ୍ରଶାସନ ଠାରୁ ରାଜନେତାଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ହୋଇପାରିନି ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ଏହି ଅନ୍ଧାରି ଓ ଗଣ୍ଡିଜୋର ୨ଟି ପୋଲ ନିର୍ମାଣ ହେବା ଫଳରେ ଏରାସ୍ତାଟି ୯ କିଲୋମିଟର ଯିବା ପରିବର୍ତ୍ତେ ୧ କିମି ଯିବାରୁ ସୁଯୋଗ ପାଇବେ ୫ଟି ଗ୍ରାମର ବାସିନ୍ଦା। ମୁଖ୍ୟତଃ ଏହି ୨ ପୋଲ ହେଲା ପରେ ଯାତାୟାତ, ସଂଯୋଗ ହେବ ଏବଂ ବାଣିଜ୍ୟ, ଶିକ୍ଷା, ଗମନାଗମନ ସୁଗମ ହୋଇପାରିବ। ସ୍ଥାନୀୟ ବିଧାୟକ ବର୍ଷେ ପୂର୍ବରୁ ପୋଲ ପାଇଁ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ତାହା କାର୍ଯ୍ୟରେ ଶୂନ ହୋଇରହିଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଅଞ୍ଚଳର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀଙ୍କ ସମେତ ହଜାର ହଜାର ଜନସାଧାରଣ ପୋଲ ନିର୍ମାଣ ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଠାକୁରଗଡ଼ ଗଣେଶ ପୂଜା ଆଜ୍ଞାଲଡୁ ୫୪ ହଜାରରେ ନିଲାମ



ଆଠମଲ୍ଲିକ,୨।୯ (ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗଣେଶ ବଜାର ପୂଜା କମିଟି ପକ୍ଷରୁ ପ୍ରତି ବର୍ଷ ପରି ଏବର୍ଷ ମଧ୍ୟ କମିଟି ସଭାପତି ଶୁଭକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବେଶ ଧୂମଧାମର ସହ ପ୍ରଭୁ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରତେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶୁଭକାନ୍ତଙ୍କ ସଭାପତିତ୍ୱରେ ମଙ୍ଗଳବାର ଗଜାନନଙ୍କ ଆଜ୍ଞା ଲଡୁ ନିଲାମ ହୋଇଥିଲା। ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ଠାକୁରଗଡ଼ ଥାନା ଭାରପ୍ରାପ୍ତ ଅଧିକାରୀ ଶଶିଭୂଷଣ ବେହେରା, ଗ୍ରାମ୍ୟ କମିଟି ସଭାପତି ଯୋଗେଶ୍ୱର ସାହୁ, ଦୁର୍ଗା ବଜାର କମିଟି ତରଫରୁ ଅନିଲ କୁମାର ସାହୁ, ଚନ୍ଦନ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଆଜ୍ଞାଲଡୁର ନିଲାମ ମୂଲ୍ୟ ୧୫ହଜାର ୫୩୩ ଟଙ୍କା ଧାର୍ଯ୍ୟ ରଖାଯାଇଥିବା ସଭାପତି ଘୋଷଣା କରିବା ପରେ ନିଲାମ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ କୃତିବାସପୁର ପଞ୍ଚାୟତ ଜରପଡା ଅଞ୍ଚଳର ଯୁବ ବ୍ୟବସାୟୀ ସିଦ୍ଧାର୍ଥ ସାହୁ ସର୍ବାଧିକ ୫୪ ହଜାର ଟଙ୍କାରେ ଆଜ୍ଞା ଲଡୁକୁ ଡାକି ବିଜେତା ହୋଇଥିଲେ। ଉପସ୍ଥିତ ସମସ୍ତ ଅତିଥି ଆଜ୍ଞା ଲଡୁକୁ ସିଦ୍ଧାର୍ଥଙ୍କୁ ପ୍ରଦାନ କରିଥିଲେ। ପୂଜା କମିଟିର ସମ୍ପାଦକ କିଶୋର ସାହୁଙ୍କ ସମେତ ସମସ୍ତ ସଦସ୍ୟ ନିଲାମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଦିବାକର ପ୍ରଧାନ ଓ ରାକେଶ ରୋଷନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ଆରମ୍ଭ




ଅନୁଗୋଳ,୨।୯ (ସମିସ): ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନୁଗୁଳ ଜିଲ୍ଲାର ନତଡ଼ା ପଞ୍ଚାୟତ ଅଧୀନ ବଡ଼ମହିତଳା ଗ୍ରାମରେ ଜାତୀୟ ପୋଷଣ ସପ୍ତାହ ୨୦୨୫ର ଶୁଭାରମ୍ଭ ହୋଇଛି। ଏନେଇ ଏକ ସ୍ୱାସ୍ଥ୍ୟ ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୧୦୦ରୁ ଅଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଆଇସିଡିଏସ ଛେଣ୍ଡିପଦାର ସହଯୋଗରେ ଶିବିରରେ ସନ୍ତୁଳିତ ଖାଦ୍ୟ, ହାତ ଧୋଇବା ଅଭ୍ୟାସ ଏବଂ ଦୈନନ୍ଦିନ ପରିଷ୍କାର ପରିଚ୍ଛନ୍ନତାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ଖାଦ୍ୟ ସାମଗ୍ରୀକୁ କିପରି ସୁଲଭ ଏବଂ ପୁଷ୍ଟିକର ଖାଦ୍ୟରେ ପରିଣତ କରାଯାଇପାରିବ ତାହା ପ୍ରଦର୍ଶନୀରେ ଜରିଆରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ଏହି ଅଧିବେଶନ ଅବସରରେ ସଜନା ଗଛ ରୋପଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା କାର୍ଯ୍ୟକ୍ରମକୁ ଛେଣ୍ଡିପଦାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଷମା ସେଠି, ଆଇସିଡିଏସ ପର୍ଯ୍ୟବେକ୍ଷକ କାମିନୀ ବାଳା ସାହୁ, ସିଏସଆର ବିଭାଗର ଅନୁଗୋଳ ମୁଖ୍ୟ ଜୟନ୍ତ କୁମାର ମହାନ୍ତି, ସିଏସଆର ଟିମର ସଦସ୍ୟ ଏବଂ ଅଙ୍ଗନବାଡି କର୍ମୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଏବଂ ଆଚରଣଗତ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ପ୍ରସବ ପୂର୍ବର ଯତ୍ନ, ସର୍ବୋତ୍ତମ ସ୍ତନ୍ୟପାନ ଅଭ୍ୟାସ, ପରିପୂରକ ଖାଦ୍ୟ, ରକ୍ତହୀନତା ନିୟନ୍ତ୍ରଣ, ଅଭିବୃଦ୍ଧିରେ ତଦାରଖ, ସନ୍ତୁଳିତ ଖାଦ୍ୟ, ବିବାହର ସଠିକ ବୟସ ଏବଂ ପରିମଳ ବ୍ୟବସ୍ଥା ଆଦି ପ୍ରମୁଖ କ୍ଷେତ୍ର ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଜୀବନର ପ୍ରଥମ ୧୦୦୦ ଦିନ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯିବ। କୁପୋଷଣ ରୋକିବାରେ ଜିନ୍ଦଲ ଫାଉଣ୍ଡେସନ 'ଚିରଞ୍ଜୀବ' ଏବଂ 'ସ୍ନେହ' ଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି। ଯାହା ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଦୁର୍ବଳ ବର୍ଗର ପୁଷ୍ଟିକର ଆବଶ୍ୟକତାକୁ ପୂରଣ କରୁଛି। ଆନିମିଆ ମୁକ୍ତ ଭାରତ ଅଭିଯାନ ଅଧୀନରେ, ଜିନ୍ଦଲ ଫାଉଣ୍ଡେସନ ସାରା ଭାରତରେ ୮ ଲକ୍ଷରୁ ଅଧିକ ଝିଅଙ୍କୁ ମଧ୍ୟମ ଏବଂ ଗୁରୁତର ରକ୍ତହୀନତା ସମସ୍ୟାରୁ ଉଦ୍ଧାର କରିପାରିଛି।

### ସେବା ସମବାୟ ସମିତିରେ ମିଳୁନି ସାର

# ଦୁଇଗୁଣା ଚଢ଼ା ଦରରେ ବିକ୍ରି କରୁଛନ୍ତି ଦଲାଲ୍




ଛେଣ୍ଡିପଦା,୨।୯ (ସମିସ): ଖରିଫ୍ ଧାନ ଚାଷ ପାଇଁ ରୁଆ ବେଉଷଣ କାମ ଚାଲିଛି। ଖରିଫ୍ ଋତୁର ଆରମ୍ଭ ସମୟରେ ଲଗାଣ ବର୍ଷା ଯୋଗୁଁ ପ୍ରାୟତଃ ଚାଷୀ ମାନଙ୍କର ଧାନତଳୀ ନଷ୍ଟ ହୋଇଯାଇଥିଲା। ଅନେକ ଚାଷୀ ଏବର୍ଷ ସରକାରୀ ବିହନ ନପାଇ ଖୋଲା ବଜାରରୁ ଚଢ଼ାଦରରେ ବିହନ କିଣି ଦ୍ୱିତୀୟ ଥର ତଳି ପ୍ରସ୍ତୁତ କରି ରୁଆ ବେଉଷଣ କାମ ଆରମ୍ଭ କରିଥିଲେ। ଏହି ସମୟରେ ସାରର ଆବଶ୍ୟକତା ଥିବା ବେଳେ ସେବା ସମବାୟ ସମିତିରେ ସାର ମିଳୁନଥିବା ଜଣାପଡିଛି। ଫଳରେ ଚାଷୀମାନେ ହତାଶ ହୋଇ ଚାରି ଗୁଣା ଚଢ଼ା ଦରରେ ସାର କିଣୁଛନ୍ତି ଏବଂ ଚାଷ ହିସାବରେ ସାର ଯୋଗାଇ ଦେବାରେ ସରକାର ବିଫଳ ହୋଇଛନ୍ତି ବୋଲି ଅଭିଯୋଗ ହେଉଛି। ଏବର୍ଷ ଧାନଚାଷର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବଢିଥିବାରୁ ଚାଷପ୍ରତି ଚାଷୀମାନଙ୍କର ଆଗ୍ରହ ବଢିଥିଲା, ହେଲେ ସରକାର ବିହନ ଓ ସାର୍ ଯୋଗାଇ ନପାରି ଚାଷୀମାନଙ୍କୁ ନିରାଶ କରିଛନ୍ତି। ଏନେଇ ଗରିବ ଶ୍ରେଣୀର ଚାଷୀଟିଏ ବାରମ୍ବାର ସମବାୟ ସମିତିକୁ ଆସି ସାର ନପାଇ ଫେରିଯିବା ଫଳରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଛେଣ୍ଡିପଦା ବ୍ଲକ୍‌ର ଛେଣ୍ଡିପଦା, ବାଗଡିଆ ପାତ୍ରପଡା, କଣଲୋଇ, ନୁଆଁଗା, ଡଙ୍ଗାପାଳ, ଟଙ୍ଗିର୍ ଆଦି କୌଣସି ସମବାୟ



ସମିତିରେ ମିଳୁନି ସାର। ଫଳରେ ଚାଷୀ ବାଧ୍ୟ ହୋଇ୨୬୬.୫୦ଟଙ୍କା ୟୁରିଆ ସାରକୁ ବାହାରୁ ୫୫୦ରୁ ୬୦୦ଟଙ୍କାରେ କିଣୁଛି। ଡିଏପିର ସରକାରୀ ମୂଲ୍ୟ ୧୩୦୦ଟଙ୍କା ଥିବାବେଳେ ତାହା୧୯୦୦ରୁ୨୦୦୦ ଟଙ୍କାରେ ବିକ୍ରୀ ହେଉଛି। ଫଳରେ ଚାଷୀଟି ନାହିଁ ନଥିବା କ୍ଷତି ସହୁଛି। କିନ୍ତୁ ଏବେ କଳାବଜାରୀଙ୍କ ପାଇଁ ପୁଷମାସ ପାଲଟିଛି। ଏବର୍ଷ ଚାଷୀମାନେ ପଞ୍ଜୀକରଣ ଠାରୁ ଆରମ୍ଭ କରି ବିହନ ଓ ସାର ପର୍ଯ୍ୟନ୍ତ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏବେ ଧାନ ରୋଇବାପରେ ସାର ଅଭାବ ଚାଷୀଙ୍କୁ କନ୍ଦାଇ ସାରିଲାଣି। ସାର ଅଭାବରୁ କ୍ଷେତରେ ଚାଷ ଉଜୁଡିବାକୁ ବସିଲାଣି। କଳାବଜାରୀରେ ସାର୍ ଦୁଇଗୁଣରେ ବିକ୍ରୀ ହେଉଥିଲେ ମଧ୍ୟ ସରକାରୀ ସ୍ତରରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆ ଯାଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଛେଣ୍ଡିପଦା ବ୍ଲକ୍‌ରେ କେବେ ଦୂର ହେବ ସାର ସଙ୍କଟ। ଆଗାମୀ ଦିନରେ ଯଦି ସରକାର ଉପଯୁକ୍ତ ପରିମାଣର ସାର ଯୋଗାଇ ନ ଦିଅନ୍ତି ତେବେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି କହିଛନ୍ତି।

# ୟୁରିଆ ସାରର ବ୍ୟାପକ କଳାବଜାର

## ଚାଷୀ ହଟହଟା; ଆନ୍ଦୋଳନ ଚେତାବନୀ



**ନିଶ୍ଚିନ୍ତକୋଇଲି,୨।୯ (ସମିସ):** ଡବଲ ଇଞ୍ଜିନ ସରକାରରେ କୃଷି ଓ କୃଷକ ସଶକ୍ତିକରଣକୁ ମିଶନ ଭାବେ ଗ୍ରହଣ କରି ବିଭିନ୍ନ ସମୟରେ ନାନା ପ୍ରକାର ଯୋଜନାମାନ ପ୍ରଣୟନ କରୁଛି । ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ସରକାରଙ୍କର ଲକ୍ଷ୍ୟଭ୍ରଷ୍ଟ ହେଉଥିବା ଅଭିଯୋଗ ହୋଇଛି । ଏଭଳି ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖାଯାଇଛି ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ। ସରକାର ଚାଷୀଙ୍କୁ ସହଜ ଓ ସଠିକ୍ ମୂଲ୍ୟରେ ସାର ଯୋଗାଇଦେବା ପାଇଁ ସମବାୟ ସମିତି ମାଧ୍ୟମରେ ବ୍ୟବସ୍ଥା କରିଥିଲା ବେଳେ ଏହି ବ୍ଲକ ଅଞ୍ଚଳରେ ରହିଥିବା କୃଷି ଋଣ ସମବାୟ ସମିତି ଗୁଡ଼ିକୁ ସଠିକ୍ ଭାବେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇ ଦିଆଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଚାଷୀମାନେ ସଠିକ୍ ଭାବେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ପାଇପାରୁ ନ ଥିବାରୁ ବଜାରରୁ ଚଢ଼ାଦରରେ ୟୁରିଆ କିଣୁଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସମବାୟ ସମିତି ଗୁଡ଼ିକୁ ସାର ଯୋଗାଇଦେବା ପାଇଁ ସରକାରଙ୍କର ସାର ଯୋଗାଣର ମୁଖ୍ୟ ସଂସ୍ଥା ମାର୍କଫେଡ଼ ରହିଥିବା ବେଳେ ସେ ମଧ୍ୟ ସଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇ ପାରୁନାହିଁ। ଏହି ମାର୍କଫେଡ଼ ସଂସ୍ଥା ପର୍ଯ୍ୟାପ୍ତ ପରିମାଣରେ ସାର ଉଠାଉଥିଲା ବେଳେ କଣ ପାଇଁ ସମବାୟ ସମିତି ଗୁଡ଼ିକୁ ଆବଶ୍ୟକୀୟ ୟୁରିଆ ଯୋଗାଉ ନାହିଁ ସେ ନେଇ ପ୍ରଶ୍ନ ଉଠିଛି। ଅପରପକ୍ଷରେ ଏହି ବ୍ଲକରେ ଚାଷୀଙ୍କୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ଯୋଗାଇବା ପାଇଁ ଡିଲର ନିଯୁକ୍ତି ହୋଇଥିଲେ ମଧ୍ୟ ସେମାନେ ସଠିକ୍ ଭାବେ ସାର ଯୋଗାଇ ପାରୁନାହାନ୍ତି। ଏହି ବ୍ଲକରେ ଥିବା ଏକମାତ୍ର ସାର ହୋଲସେଲିଂ ଡ଼ିଲରକୁ କମ୍ପାନୀ ପର୍ଯ୍ୟାପ୍ତ ସାର ଯୋଗାଇ ପାରୁ ନ ଥିବାରୁ ଚାଷୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ପାଇପାରୁ ନାହାଁନ୍ତି। ଯାହାଦ୍ୱାରା ଏହି ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବିନା ଲାଇସେନ୍ସରେ ବହୁ ବେପାରୀ ୟୁରିଆ ସାରର କଳାବଜାର କରି ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସମବାୟ ସମିତି ଗୁଡ଼ିକରେ ସାର ମିଳୁ ନ ଥିବାରୁ ବଜାରରେ ବେଆଇନ ଭାବେ ବହୁ ବ୍ୟବସାୟୀ ଅତ୍ୟଧିକ ଚଢ଼ାଦରରେ ସାର ବିକ୍ରି କରୁଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କୃଷି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଦୁର୍ନୀତିଖୋର ବ୍ୟବସାୟୀଙ୍କ ଠାରୁ ଚାଷୀମାନେ ଚଢ଼ାଦରରେ ସାର କିଣି ନାହିଁ ନ ଥିବା ହଟହଟା ହେଉଛନ୍ତି। ଖରିଫ ଧାନ ଚାଷର ରୁଆପୋତା ସମୟରେ ଚାଷୀମାନେ ବହୁତ ଚଢ଼ା ଦରରେ ସାର କିଣି ଧାନ ତଳି ରୁଆପୋତା କାର୍ଯ୍ୟ କରିଥିଲେ। ବର୍ତ୍ତମାନ ଧାନରେ ୟୁରିଆ ପକାଇବା ସମୟ ହୋଇଥିବାରୁ ଚାଷୀମାନେ ଏବେ ୟୁରିଆ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ସାର ବସ୍ତା ପ୍ରତି ୫୦କେଜି ଡ଼ିଏପି ମୂଲ୍ୟ ୧୩୩୩ ଟଙ୍କା, ପିପିଏଲ ୨୮-୨୮ ୫୦ କେଜି ପ୍ରତି ୧୬୯୧ ଟଙ୍କା ଏବଂ ୟୁରିଆ ୪୫ କେଜି ପ୍ରତି ୨୬୬ ଟଙ୍କା ରହିଥିବା ବେଳେ ଦୁର୍ନୀତିଖୋର ବ୍ୟବସାୟୀମାନେ ସାର କଳାବଜାର କରି ୟୁରିଆ ବସ୍ତା ୩୮୦ରୁ ୪୦୦ ଟଙ୍କା, ପିପିଏଲ ୨୮-୨୮ ବସ୍ତା ପ୍ରତି ୧୮ଶହରୁ ୨ହଜାର ଟଙ୍କା ଏବଂ ଡ଼ିଏପି ବସ୍ତା ପ୍ରତି ୧୫ଶହରୁ ୧୮ଶହ ଟଙ୍କା ବିକ୍ରି କରୁଥିବା ଦେଖାଦେଇଛି। ଏହି ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଖରିଫ ଧାନ ଚାଷ ପାଇଁ ପର୍ଯ୍ୟାପ୍ତ ୟୁରିଆର ଆବଶ୍ୟକତା ରହିଥିବା ବେଳେ ଚାଷୀମାନେ ସମବାୟ ସମିତି ଓ ସରକାର ଡ଼ିଲରମାନଙ୍କଠାରୁ ସାର ନ ପାଇ ଖୋଲା ବଜାରରେ ଲାଇସେନ୍ସ ନ ଥିବା ଦୁର୍ନୀତିଖୋର ବ୍ୟବସାୟୀଙ୍କ ଠାରୁ ଚଢ଼ା ଦାମରେ ସାର କିଣିବା ପାଇଁ ବାଧ୍ୟ ହେଉଥିବା ପ୍ରକାଶ କରିଛନ୍ତି। ଯଥାଶୀଘ୍ର ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇଦେବା ପାଇଁ ଦାବି ହୋଇଛି। ଏହି ବ୍ଲକ ଅଞ୍ଚଳକୁ ଆବଶ୍ୟକ ମୁତାବକ ୟୁରିଆ ଯୋଗାଇ ନ ଦେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି।

### ୟୁରିଆ ଓ ପଟାସ ସାରର କୃତ୍ରିମ ଅଭାବ

**କଣ୍ଟାପଡ଼ା,୨।୯ (ସମିସ):** ସାରା ଓଡ଼ିଶାରେ ସାର ସମସ୍ୟା ଲାଗି ରହିଥିବା ବେଳେ କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକର ନାହାଳପୁର, ନୂଆଗାଁ ଓ ଗୋବିନ୍ଦପୁର ପଞ୍ଚାୟତରେ ୟୁରିଆ ଓ ପଟାସ ସାରର କୃତ୍ରିମ ଅଭାବ ହେଉଥିବା ପରିଲକ୍ଷିତ ହେଉଛି। ଏହି ତିନି ପଞ୍ଚାୟତରେ ନାହାଳପୁର ଓ ଗୋବିନ୍ଦପୁର ଦୁଇଟି ସେବା ସମବାୟ ସମିତି ଥିଲେ ମଧ୍ୟ ଏହା ଚାଷୀଙ୍କ ହିତରେ ନ ଲାଗି ଅହିତରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସୁଧା ଏହି ଦୁଇ ସମିତି କୌଣସି ପ୍ରକାରର ଗୋଟିଏ ବସ୍ତା ସାର ଚାଷୀଙ୍କୁ ଯୋଗାଇ ଦେଇନାହାଁନ୍ତି। ଅପରପକ୍ଷରେ ଏହି ବ୍ଲକ ଅନ୍ତର୍ଗତ ଅଡଶପୁର ସେବା ସମବାୟ ସମିତି ପକ୍ଷରୁ ଗତ ଦୁଇଦିନ ହେଲା ଚାଷୀଙ୍କୁ ସାର ବଣ୍ଟନ କରିଚାଲିଛି। କିନ୍ତୁ ଏହି ଦୁଇ ସମିତିରେ ପଞ୍ଜିକୃତ ହୋଇଥିବା ଚାଷୀ ସାର ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଏଠାରେ ସାରର କୃତ୍ରିମ ଅଭାବ ହେଉଥିବା ଦେଖିବାକୁ ମିଳିଛି। ସରକାର ମଣ୍ଡିରେ ଧାନ କିଣିବା ପାଇଁ ଚାଷୀ ପଞ୍ଜିକରଣଠାରୁ ଆରମ୍ଭ କରି ରିଆତି ମୂଲ୍ୟରେ ବିହନ ବିକ୍ରୟ କଲେ ହେଲେ ରିଆତି ମୂଲ୍ୟରେ ସମିତିକୁ ସାର କାହିଁକି ଆସୁନି ତାହା, ଚାଷୀ ମହଲରେ ସନ୍ଦେହ ସୃଷ୍ଟି କରିବା ସହ ଘଟଣାରେ ସମିତି କର୍ମଚାରୀ ଓ ଅସାଧୁ ସାର ବ୍ୟବସାୟୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ଚାଷୀ ମହଲରେ ଆଲୋଚନା ବିଷୟବସ୍ତୁ ପାଲଟିଛି। ଘଟଣାର ଗୁରୁତ୍ୱ ଓ ଚାଷୀଙ୍କ ହିତ ପାଇଁ କୃଷି ବିଭାଗ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସ୍କୁଟି ଡିକିରୁ ଲୁଟିଲେ ୩ ଲକ୍ଷ ଟଙ୍କା



**ଚୌଦ୍ୱାର,୨।୯ (ସମିସ):** ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକିରୁ ୩ ଲକ୍ଷ ଟଙ୍କା ଲୁଟ କରିଥିବା ଚୌଦ୍ୱାର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମଙ୍ଗଳବାର ମଧ୍ୟାହ୍ନ ସମୟରେ ଗୁରୁଡ଼ିଝାଟିଆ ଥାନା ନଇମାଳିଆ ଗ୍ରାମର ବୈକୁଣ୍ଠ ନାଥ ରାଉତ ଚୌଦ୍ୱାର ଧୂମାବତୀ ନିକଟସ୍ଥ ଷ୍ଟେଟବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟି ଡିକିରେ ରଖି ସ୍କୁଟି ଚଳାଇ ଯାଇ ଚୌଦ୍ୱାର ଚାରବାଟିଆ ବଜାରର ଶାନ୍ତି ପ୍ଲାଜା ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସି ରାସ୍ତାରେ ପଡିଥିବା କିଛି ଦଶଟଙ୍କିଆ ନୋଟକୁ ଦେଖାଇ ଟଙ୍କା ତାଙ୍କର କି ବୋଲି ପଚାରିଥିଲେ। ଉକ୍ତ ଟଙ୍କା ତାଙ୍କର ବୋଲି କହି ବୈକୁଣ୍ଠ ରାସ୍ତାରେ ପଡ଼ିଥିବା ଟଙ୍କା ଗୋଟାଇବାରେ ଲାଗି ପଡିଥିଲେ। ଏହି ସମୟରେ ଅନ୍ୟଜଣେ ବ୍ୟକ୍ତି ଆସି ବୈକୁଣ୍ଠଙ୍କ ସ୍କୁଟି ଡିକି ଖୋଲି ଡିକି ଭିତରେ ଥିବା ଟଙ୍କାକୁ ନେଇ ପାଖରେ ବାଇକରେ ଥିବା ଜନୈକ ଯୁବକଙ୍କ ସହିତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଟଙ୍କା ଉଠାଇବାକୁ କହିଥିବା ବ୍ୟକ୍ତି ଜଣକ ମଧ୍ୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ବୈକୁଣ୍ଠ ତୁରନ୍ତ ଏ ସମ୍ପର୍କରେ ଚୌଦ୍ୱାର ଥାନାକୁ ଖବର ଦେବା ପରେ ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

## ଚଳନ୍ତା କାର୍ ଉପରେ ଭାଙ୍ଗିପଡ଼ିଲା ଗଛ ଡାଳ

**କନ୍ଦରପୁର,୨।୯ (ସମିସ):** କଟକ-ପାରାଦୀପ ଏନଏଚ ୫୫ର ନାହାଭଙ୍ଗା ନିକଟରେ ଆଜି ଦିନ ୧୦ଟାରେ ଏକ ବଡ ଆକାଶୀ ଗଛ ଭାଙ୍ଗି ପଡିଥିଲା। ଗଛର ମୋଟା ଡାଳ କାର ଉପରେ ପଡ଼ିଥିଲା। ସେହି କାରର ହୁଡ୍ ଭାଙ୍ଗି ଯାଇଥିବାବେଳେ ଯାତ୍ରୀ ସୁରକ୍ଷିତ ଥିଲେ। ମାତ୍ର କାରକୁ ଅତିକ୍ରମ କରି ଯାଉଥିବା ୨ ବାଇକ ଆରୋହୀଙ୍କ ଶରୀରରେ ଗଛ ଡାଳର ଆଘାତ ଲାଗିଛି। ଉଭୟଙ୍କୁ ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ କଟକ ବଡ଼ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇ ଦିଆଯାଇଥିଲା। ରାସ୍ତାରେ ସିସିଟିଭି ଲାଗିଥିଲା ବେଳେ ପ୍ରତ୍ୟେକ ଦିନ ବିଚାରପତି, ଆଇଏଏସ ଅଫିସର, ମନ୍ତ୍ରୀ, ନେତା ଯାତାୟାତ କରୁଛନ୍ତି। ରାସ୍ତାରେ ପରିବହନ ସମସ୍ୟା ଉପରେ କାହାର ନଜର ନ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ନାହାଭଙ୍ଗା ଭଙ୍ଗା ଅଞ୍ଚଳର ଯୁବନେତା ତଥା ଯାଦବ ମହାସଭାର କଟକ ଜିଲ୍ଲା ସଭାପତି ସମର ବେହେରା କହିଛନ୍ତି। ଏହି ରାସ୍ତା ପାର୍ଶ୍ୱରେ ବହୁ ସଂଖ୍ୟାରେ ଟ୍ରକ ରହଣୀ କରୁଥିବାରୁ ଏଥିରେ ଧନଜୀବନ କ୍ଷତି ଘଟିବା ନିଶ୍ଚିତ ହୋଇଯାଉଛି।

## କେୟାର ଆଣ୍ଡ ସେୟାର ଫାଉଣ୍ଡେସନ ପକ୍ଷରୁ କୃତଜ୍ଞତା




**ବଡମ୍ବା,୨।୯ (ସମିସ):** ବଡମ୍ବା ବ୍ଲକ ଅଧୀନ ବଡମ୍ବା ହାଟ ନିକଟସ୍ଥ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ରାଜ୍ୟସରକାରଙ୍କ ତରଫରୁ ବଡମ୍ବା ନରସିଂହପୁରକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା ପରେ କେୟାର ଆଣ୍ଡ ସେୟାର ଫାଉଣ୍ଡେସନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବଡମ୍ବା ନରସିଂହପୁର ବିଧାୟକଙ୍କ ଉଦ୍ୟମକୁ ମଧ୍ୟ ପ୍ରଶଂସା କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଯୁବ ଇଞ୍ଜିନିୟର ଲାଲମୋହନ ସାହୁ, ସମାଜସେବୀ ଜ୍ୟୋତି ରଞ୍ଜନ ବଳବନ୍ତରାୟ, ଯୁବ ଇଞ୍ଜିନିୟର କୁମାରେଶ ବେଉରା, ବରିଷ୍ଠ ଆଇନଜୀବୀ ସନ୍ତୋଷ ପଣ୍ଡା, ସମାଜସେବୀ ପ୍ରକାଶଚନ୍ଦ୍ର ମହାପାତ୍ର, ସମାଜସେବୀ ପ୍ରକାଶଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦ ଖେଳ ମହୋତ୍ସବ ପାଇଁ ସଚେତନତା



**ତିଗିରିଆ,୨।୯ (ସମିସ):** ସେପ୍ଟେମ୍ବର ୨୧ ତାରିଖରୁ ଆରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ପ୍ରତିଯୋଗିତା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ନେତା ଅଭୟ କୁମାର ବାରିକ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଓ ଅତିରିକ୍ତ ଉପଜିଲ୍ଲାପାଳ ମାନସ କୁମାର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ପୂର୍ବତନ ସମିତିସଭ୍ୟ ସଞ୍ଜୟ କର, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦତ୍ତ, ଯୁବନେତା ତପନ ଲେଙ୍କା ଯୋଗଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମସ୍ତ ଅତିଥି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଚଳିତ ମାସ ୨୧ରୁ ଆରମ୍ଭ ହେବାକୁ ଯାଉଥିବା ସାଂସଦ ଖେଳ ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ। ଏଥିସହିତ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଖଟୁଆ ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର ସଂଯୋଜନା କରିଥିଲେ।

## ଗଣମାଧ୍ୟମ ପ୍ରତିନିଧି ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା



**ସାଲେପୁର,୨।୯ (ସମିସ):** ସାଲେପୁର ଏନ୍ଏସି ମାନ୍ୟତା ପାଇବା ପରେ ସାଲେପୁରକୁ ଏନ୍ଏସି ଘୋଷଣା ଦାବି ନେଇ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନକୁ ଲିଖିତ ଅବଗତ କରିବା ଓ ସାଲେପୁର ଏନ୍ଏସି ମାନ୍ୟତା ପ୍ରଦାନ ଦାବି କରି ବିଭିନ୍ନ ସମୟରେ ସଂଗ୍ରାମ କରିଆସିଥିବା ବ୍ୟକ୍ତିବିଶେଷ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଜେପି ନେତା ହିମାଂଶୁ ମହାନ୍ତି ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ସାଲେପୁର ଏନ୍ଏସି ମାନ୍ୟତା ପାଇବାର ଶ୍ରେୟ ମୁଖ୍ୟତଃ ଗଣମାଧ୍ୟମ ଓ ସହରାଞ୍ଚଳ ବିକାଶ ପରିଷଦର ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ। ସହରାଞ୍ଚଳ ବିକାଶ ପରିଷଦର ଅଧ୍ୟକ୍ଷ ନନ୍ଦ କିଶୋର ଭୂୟାଁ ଓ ସାଲେପୁର ଅଞ୍ଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ମିଠା ବାଣ୍ଟି ଖୁସି ମନାଇଥିଲେ। ଏହି ଅବସରରେ ସାଲେପୁର ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମିହିର ଜେନା ମଧ୍ୟ ହିମାଂଶୁ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାଲେପୁର ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମକୁ ଅନ୍ତର୍ଯ୍ୟାମୀ ସାହୁ, ଶଶିକାନ୍ତ ମହାନ୍ତି, ମାନସ କରଣ, ରାଜୀବ ଦ୍ୱିବେଦୀ, ରିତେଶ ଦାଶ, ମଳୟ ରଞ୍ଜନ ଦାସ, ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ବାବୁନା ଲେଙ୍କା, ସଞ୍ଜୟ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ବିଷ୍ଣୁପ୍ରିୟା ସେବା ସମିତି ପକ୍ଷରୁ ଚାରାରୋପଣ



**କନ୍ଦରପୁର,୨।୯ (ସମିସ):** କଟକ ସଦରର ସାମାଜିକ ସଂଗଠନ "ବିଷ୍ଣୁପ୍ରିୟା ସେବା ସମିତି' ପକ୍ଷରୁ ରାଜହଂସ କାଠଯୋଡି ନଦୀ ପଠାରେ ଚାରାରୋପଣ କାର୍ଯ୍ୟକ୍ରମ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରାଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଷ୍ଣୁପ୍ରିୟା ସେବା ସମିତିର ଅଧ୍ୟକ୍ଷା ତଥା କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ଅଖିଳ ଭାରତ ଯୁବ ଯାଦବ ମହାସଭାର ସଭାପତି ଇଂ ପ୍ରଦୀପ ବେହେରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପାଖାପାଖି ୪୦୦ ଚାରାରୋପଣ କରାଯାଇଥିଲା। ହୃଷୀକେଶ ଜେନା, ଉଗ୍ରସେନ ଭୂୟାଁ, ସମର ବେହେରା, ଅଶୋକ ପାତ୍ର, ନିର୍ମଳ ଦାସ, ଅନିରୁଦ୍ଧ ରାଉଳ, ରାକେଶ ବେହେରା, ସନ୍ତୋଷ ରାଉତ ପ୍ରମୁଖ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।

## ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ସ୍ମାରକପତ୍ର



**କଟକ,୨।୯ (ସମିସ):** ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସୁଧାରିବା ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ କଟକ ଜିଲ୍ଲା ପକ୍ଷରୁ ଦାବି କରାଯାଇଛି। ଶିକ୍ଷକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଦେବା ପାଇଁ ନିଷ୍ପତି ନିଆଯାଇଥିଲା। କଟକ ଜିଲ୍ଲା ମାଧ୍ୟମିକ ଶିକ୍ଷକ ସଂଘର ନିଷ୍ପତ୍ତିକ୍ରମେ ଆଜି ଶିକ୍ଷକଙ୍କ ଚାକିରି ସର୍ତ୍ତାବଳୀ, ସଂଶୋଧନ କରିବା, ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କୁ ସଂଶୋଧିତ ହାରରେ ପେନସନ ପ୍ରଦାନ, ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ପାଇଁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। କଟକ ଜିଲ୍ଲା ଶିକ୍ଷକ ସଂଘର ସମ୍ପାଦକ ବିଜୟ କୁମାର ଛତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ବଡ଼ମ୍ବା ବ୍ଲକ ସଭାପତି ଶ୍ୟାମବନ୍ଧୁ ବେହୁରା, କଲ୍ୟାଣୀ ରାଉତ, ସୁବ୍ରଜିତ ପ୍ରଧାନ, ପ୍ରମୋଦ ସିଂ, କଳିଙ୍ଗ କେଶରୀ ପ୍ରଧାନ, ଶ୍ରୀମନ୍ତ ମହାପାତ୍ର, କିଶୋର ପ୍ରଧାନ, ମନମୋହନ ମହାରଣା, ଦିଲ୍ଲୀପ ପଣ୍ଡା, ପ୍ରଦୋଷ ଧଳ, ସନ୍ତୋଷ ପରିଡ଼ା, ଭକ୍ତବତ୍ସଳ ସାହୁ ଉପସ୍ଥିତ ଥିଲେ।

## ଥାନାପତି ବଡ଼ ଗଣେଶଙ୍କ ବିସର୍ଜନ



**ମାହାଙ୍ଗା,୨।୯ (ସମିସ):** କଲ୍ୟାଣପୁରଠାରେ ବଡ଼ ଗଣେଶ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁହୁଣ୍ଡା ପଞ୍ଚାୟତ "ଯୁଗଜ୍ୟୋତି ସାଂସ୍କୃତିକ ପରିଷଦ' କଲ୍ୟାଣପୁର ପକ୍ଷରୁ ଦୀର୍ଘ ୪୮ ବର୍ଷ ଧରି ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ଚଳିତ ବର୍ଷ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତି ପୌରାଣିକ କଥାବସ୍ତୁ ଉପରେ ନିର୍ମାଣ ହୋଇଥିଲା। ମଙ୍ଗଳବାର ବଡ଼ ଗଣେଶଙ୍କ ବିସର୍ଜନ ଉତ୍ସବ ଦେଖିବା ପାଇଁ କଲ୍ୟାଣପୁର ଗାଁରୁ କୋଠପଦା ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ବାଜା ବାଣ ରୋଶଣିରେ ଦୁଲୁକିଥିଲା ଗାଁ' ଦାଣ୍ଡ। ଗାଁ'ର ମୁରବୀ ରବୀନ୍ଦ୍ର ନାଥ ଦାସ, ଅଖିଳେଶ ମହାନ୍ତି, ହେମନ୍ତ ପ୍ରଧାନ, ନିମାଇଁ ଚରଣ ବେହେରା,ବିଭୂତି ଭୂଷଣ ଦାସ, ଦିଲ୍ଲୀପ ବାରିକ, ସୁଶାନ୍ତ ଦାସ, ସୁମନ୍ତ ପଲେଇ, ଶିବ ପ୍ରସାଦ ବେହେରା, ପ୍ରଦୀପ ପଲେଇ, ହିମାଂଶୁ ବେହେରା, ରାକେଶ ବେହେରା, ପ୍ରଣବ ବେହେରା, ଗଦାଧର ସାହୁ, ଅଚ୍ୟୁତାନନ୍ଦ ପଣ୍ଡା, ରମେଶ ମହାନ୍ତି, ମାନସ ବେହେରା ପ୍ରମୁଖ ଅନୁଷ୍ଠାନର ଅଗ୍ରଣୀ ଯୁବକ ପରିଚାଳନା କରିଥିଲେ। ବିରୂପା ନଦୀର କଲ୍ୟାଣପୁର ଘାଟରେ ବଡ଼ ଗଣେଶ ଏବଂ ସାନ ଗଣେଶ ଉଭୟ ବିଗ୍ରହକୁ ବିସର୍ଜନ କରାଯାଇଥିଲା।

## ହ୍ୟୁଜ୍ ଇଣ୍ଡିଆନ୍ ଆପ୍‌ରେ ଠକେଇ

## ଟାଙ୍ଗୀ ଆଞ୍ଚଳିକ ମୁଖ୍ୟ ଗିରଫ



**ଟାଙ୍ଗୀ,୨।୯ (ସମିସ):** ଅନଲାଇନ୍ ଗେମ୍ ହ୍ୟୁଜ୍ ଇଣ୍ଡିଆ ଆପରେ କୋଟି କୋଟି ଟଙ୍କା ଠକେଇ ଘଟଣା ସମଗ୍ର ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ କଟକ ଜିଲ୍ଲା ଟାଙ୍ଗୀ ପୁଲିସ ଉକ୍ତ ସଂସ୍ଥାର ଟାଙ୍ଗୀ ମୁଖ୍ୟ ବୋଲାଉଥିବା ଟୁକୁ ନନା ଓରଫ ପ୍ରଦୀପ କୁମାର ଦାସ(୬୩)ଙ୍କୁ ଗିରଫ କରି ମଙ୍ଗଳବାର ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଟାଙ୍ଗୀ ଥାନା ଜରିପଡ଼ା ପଞ୍ଚାୟତ ଜଗନ୍ନାଥପୁର ବାସିନ୍ଦା। ଥାନା କେସ୍ ନଂ-୨୭୬, ଦଫା ୩୧୮(୪), ୩୧୯(୨), ୩(୫) ଭାରତୀୟ ନ୍ୟାୟ ସଂହିତା ଓ ଆରଡବ୍ଲୁ ସେକ୍ସନ ୬୬(ସି) ଏବଂ (ଡ଼ି) ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଶ୍ରୀ ଦାସ ନିକଟରୁ କମ୍ପାନୀର ନିଯୁକ୍ତି ପତ୍ର ସହ ନଗଦ ୪୫ ହଜାର ୫୦୦ ଟଙ୍କା, ୬ଟି ଡେବିଟ କାର୍ଡ, ଗୋଟିଏ ପାନ କାର୍ଡ, ଗୋଟିଏ ମୋବାଇଲ ଫୋନ, ଆଧାର ଓ ଭୋଟର କାର୍ଡ ଜବତ କରାଯାଇଥିବା ଥାନା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକଙ୍କ ସୂଚନା ଅନୁଯାୟୀ ଅନଲାଇନ ଗେମର କଟକ ଜିଲ୍ଲା ମୁଖ୍ୟଭାବେ ପାର୍ଥସାରଥୀ ଦାସ, ଟାଙ୍ଗୀ ମୁଖ୍ୟ ପ୍ରଦୀପ ଦାସ ଓ ପ୍ରଫୁଲ୍ଲ କୁମାର ସ୍ୱାଇଁ ନାମକ ୩ ଜଣ ବ୍ୟକ୍ତି ଜରିପଡ଼ା ପଞ୍ଚାୟତ ଟିକରା ନିକଟରେ ଏକ ବିରାଟ ମିଟିଂ ଆୟୋଜନ ପୂର୍ବକ ସଂସ୍ଥାରେ ନିବେଶ କଲେ ଘରେ ବସି ପୁଳାପୁଳା ଟଙ୍କା ରୋଜଗାର ବିଷୟ ବୁଝାଇଥିଲେ। ଫଳରେ ଉକ୍ତ ପଞ୍ଚାୟତର ୨ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଅଧିକ ଲୋଭ ଆଶାରେ ଟଙ୍କା ନିବେଶ କରି ଠକାମୀର ଶିକାର ହୋଇଥିଲେ। ଏ ସଂକ୍ରାନ୍ତରେ କଣି ଗ୍ରାମର କୈଳାସ ବେହେରା ନାମକ ନିବେଶକାରୀ ଗତ ଅଗଷ୍ଟ ୨୩ ତାରିଖରେ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ମାମଲା ରଜୁପୂର୍ବକ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଏଭଳି ଠକେଇ ଜରିପଡ଼ା ସମେତ କହ୍ନେଇପୁର, ଭଟିମୁଣ୍ଡା, ଗୋବିନ୍ଦପୁର ଆଦି ଟାଙ୍ଗୀ ଥାନାର ବିଭିନ୍ନ ପଞ୍ଚାୟତରେ ଘଟିଥିବା ଆଇଆଇସି ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

## ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ



ରାଜଘାଟ, ୨।୯ (ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶ ରେ ସାରା ଭାରତରେ କଂଗ୍ରେସ ଦଳକୁ ସଂଗଠିତ କରିବା ପାଇଁ ଓ ନେତୃତ୍ୱଙ୍କୁ ସାମ୍ନା କୁ ଆଣିବା ପାଇଁ ଆରମ୍ଭ ହୋଇଥିବା ସଂଗଠନ ସୃଜନ ଅଭିଜାନ ଆଜି ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଅଛି। ଆଜି ବସ୍ତା କଟି ପୋଲ ସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଅଛି। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଙ୍କ ସଭାପତିତ୍ୱରେ ଓ ଯୁବ ନେତା ସୁଧାଂଶୁ ଶେଖର ଜେନାଙ୍କ ପରିଚାଳନାରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ଦାୟିତ୍ୱରେ ଥିବା ଅଖିଳ ଭାରତୀୟ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ସାଂସଦ ଶ୍ରେୟାସ ପଟେଲ ଗୈଡା ଓ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ବିପ୍ଳବ ଚୌଧୁରୀ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଦେବୀ ପ୍ରଶନ ଚଣ୍ଡ, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସ, ବସ୍ତା ବିଧାୟକ ପ୍ରାର୍ଥୀ ବିଜନ ନାୟକ ମଞ୍ଚାସିନ ଥିଲେ।

## ବାବା ବେଶ ଧାରୀ ବହୁରୂପୀକୁ ଛେଚିଲେ ଗ୍ରାମବାସୀ



ଭୋଗରାଇ, ୨।୯(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଦେଉଳା ପଞ୍ଚାୟତ ଅଧୀନ ସାତ ଗୁହାଳିଆ ଗ୍ରାମରେ ଜଣେ ବାବା ବେଶ ଧାରୀ ବହୁରୂପୀକୁ ଧରି ଛେଚିଲେ ଲୋକେ। ୧ ସେପ୍ଟେମ୍ବର ସୋମବାର ଦିନ ନିଜକୁ ଜଣେ ବାବା ଭାବରେ ସଜେଇ, ବେକ ରେ ରୁଦ୍ରାକ୍ଷ ମାଳ ପକେଇବା ସହ ଲୋକମାନଙ୍କ ହାତ ଦେଖି ଭବିଷ୍ୟତ କହୁଥିବା ବେଳେ ସନ୍ଦେହ ହେବାରୁ ଗ୍ରାମବାସୀ ଉକ୍ତ ବାବାକୁ ଅଟକ କରି ବାବାର ପ୍ରକୃତ ପରିଚୟ ଜାଣିବାକୁ ଚେଷ୍ଟା କରିଥିଲେ ଏବଂ ବାବା ଙ୍କ ନିକଟରେ ଥିବା ବ୍ୟାଗ ରୁ କିଛି ଷ୍ଟୋନ ସହ ଗଣେଶ ଙ୍କ ମୂର୍ତ୍ତି ଦେଖିବାକୁ ମିଳିଥିଲା। ତାଙ୍କ ନିକଟରୁ ମିଳିଥିବା ଆଧାର କାର୍ଡରେ ବାବା ଅନ୍ୟ ସମ୍ପ୍ରଦାୟ ର ଲୋକ ତାଙ୍କର ନାମ ମୁଷ୍ଟାଫିକ ଅହମ୍ମଦ, ଘର ଦିଲ୍ଲୀ ଅଞ୍ଚଳ ବୋଲି ଜଣାପଡିବା ପରେ ଗ୍ରାମବାସୀ ଉକ୍ତ ଭଣ୍ଡ ବାବାକୁ ନିର୍ଦ୍ଧୁମ ଛେଚି ଥିଲେ। ଖବର ପାଇ ଭୋଗରାଇ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଭଣ୍ଡ ବାବାକୁ ଉଦ୍ଧାର କରି ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ଆଜି ଭୋଗରାଇ ଥାନା ଅଧିକାରୀ ରୋହିତ ବଳ ଅଟକ ଥିବା ବାବାଙ୍କ ଦୁଇ ସହଯୋଗୀ ଉତ୍ତର ପ୍ରଦେଶର ଦିଲ୍ଲୀ ସହରର ପ୍ରେମନଗର ଗ୍ରାମର ଖୁସି ମହବର୍ତର ପୁଅ ସାଲମ ମହବତ ଓ ସୁଖୀ ମହବର୍ତଙ୍କ ପୁଅ ବିହୁ ମହବତଙ୍କୁ ଡାକି ପଚାର ଉଚାର କରୁଥିବା ଦେଖିବାକୁ ମିଳିଛି । ପ୍ରେମନଗର ଥାନାରେ ବାବାଙ୍କ ପରିଚୟ ପାଇଁ ଭୋଗରାଇ ପୁଲିସ ପକ୍ଷରୁ ମେସେଜ ଦିଆଯାଇଛି।

## ଝରକା ତାଡ଼ି ଚୋରି ଉଦ୍ୟମ

ଜଳେଶ୍ୱର, ୨।୯ (ସମିସ) : ପଶ୍ଚିମବଂଗକୁ ଲାଗିରହିଥିବା ଜଳେଶ୍ୱର ବ୍ଲକରେ ଦିନକୁ ଦିନ ଅପରାଧ ବଢି ବଢି ଚାଲିଛି। ଗତ ସୋମବାର ରାତି ୧.୪୫ରେ ୫୭ ରାଜ୍ୟ ରାଜପଥର ଜଳେଶ୍ୱର ବାଇପାସ୍ ନିକଟରେ ଥିବା ମାରୁତି ସୋରୁମ୍ ପାଖରେ ଥିବା ମେଘନାଥ କରଙ୍କ ଘରେ ୪ଜଣ ଦୁର୍ବୃତ୍ତ ଗ୍ରୀଲ ଭାଂଗି ପଶିଥିଲେ। କୋଠରୀ କବାଟ ଖୋଲାଥିବାରୁ ଆଲମାରୀ ଭାଂଗି ଲୁଟ କରିବା ସମୟରେ ଘରମାଲିକଙ୍କ ସ୍ତ୍ରୀ ଉଠିପଡିବାରୁ ତାଙ୍କ ବେକରୁ ସୁନାହାର ଛିଣ୍ଡାଇ ନେଇଥିଲେ। ସେ ଚିତ୍କାର କରିବାରୁ ଦୁର୍ବୃତ୍ତ ଝରକା ଡେଇଁ ଜାତୀୟ ରାଜପଥ ଆଡକୁ ପଳାଇଯିବାର ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଛି। ସେମାନଙ୍କ ନିକଟରେ ଭୁଜାଲି ରହିଥିବା ବେଳେ ବଙ୍ଗଳା ଓ ହିନ୍ଦୀରେ କଥା ହେଉଥିଲେ।

## ସୋର ମେଡିକାଲରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ସୋର, ୨।୯ (ସମିସ): ସୋର ବ୍ଲକ ବାଗୁଡ଼ି ଅଞ୍ଚଳରେ କାମ କରୁଥିବା ଜଣେ ମହିଳା ଶ୍ରମିକଙ୍କର ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଯାଇଛି। କୁପାରୀ ଅଞ୍ଚଳର ରୁପାଲୀ ଖେରୁଆଳ (୪୦) ତାଙ୍କ ସ୍ୱାମୀ ଗୋପାଳ ଖେରୁଆଳଙ୍କ ସହିତ ବାଗୁଡ଼ିରେ ରହି ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଗତକାଲି ରାତିରେ ଉଭୟ ସ୍ୱାମୀ ସ୍ତ୍ରୀ ଖାଇ ପିଇ ଶୋଇଥିବା ବେଳେ ବିଳମ୍ବିତ ରାତିରେ ରୁପାଲୀ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ଗୋପାଳ ତାଙ୍କୁ ଅଟୋ ଯୋଗେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ରୁପାଲୀଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏ ବାବଦରେ ରୁପାଲୀଙ୍କ ପରିବାର ତରଫରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୦୪/୨୫ ରେ ଏକ ମାମଲା ରୁଜୁ କରି ଅପରାହ୍ନରେ ସୋର ମେଡିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

**ଟ୍ରମ୍ପ ଶୁଳ୍କର ପ୍ରଭାବ; କ୍ରମାଗତ ଭାବେ ଖସୁଛି ଚିଙ୍ଗୁଡ଼ି ଦର**

# ପ୍ରଭାବିତ ଉତ୍ତର ବାଲେଶ୍ୱରର ଚିଙ୍ଗୁଡ଼ି ଚାଷୀ

ବାଲେଶ୍ୱର(ଉତ୍ତର),୨।୯ (ସମିସ)



ସମ୍ପ୍ରତି ଭାରତ ଓ ଆମେରିକା ମଧ୍ୟରେ କୂଟନୈତିକ, ରାଜନୈତିକ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ଫଳରେ ଏହାର ସିଧାସଳଖ ପ୍ରଭାବ ବର୍ତ୍ତମାନ ଭାରତରୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ପଡୁଥିବା ଦେଖା ଯାଉଛି। ବିଶେଷ କରି ଗ୍ରାମୀଣ ଅର୍ଥନୀତି ପ୍ରଭାବିତ ହୋଇଛି। ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମ ମାନଙ୍କରେ ଚିଙ୍ଗୁଡ଼ି ଚାଷ କରି ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ ଶ୍ରେଣୀର ଚାଷୀ ମାନେ ଅର୍ଥ ଉପାର୍ଜନ କରିଆସୁଥିଲାବେଳେ ଆମେରିକାର ଶୁଳ୍କ ବୃଦ୍ଧି ପ୍ରଭାବରେ ଚିଙ୍ଗୁଡ଼ି ଦର ବର୍ତ୍ତମାନ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଫଳରେ ଉତ୍ତର ବାଲେଶ୍ୱରର ଚିଙ୍ଗୁଡ଼ି ଚାଷୀମାନେ ଆର୍ଥିକ କ୍ଷତି ସହୁଛନ୍ତି।

ସୂଚନାଯୋଗ୍ୟ ଯେ ଏଭଳି ପ୍ରଭାବ ସାରା ଦେଶରେ ସୃଷ୍ଟି ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସମୁଦ୍ରକୂଳିଆ ବ୍ଲକ୍ ଭୋଗରାଇ ଓ ବାଲିଆପାଳରେ ମଧ ଚିଙ୍ଗୁଡ଼ି ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହି ଅଞ୍ଚଳରେ ବ୍ୟାପକ ଚିଙ୍ଗୁଡ଼ି ଚାଷ ହୋଇଥାଏ। ଭୋଗରାଇର ଚିଙ୍ଗୁଡ଼ି ଚାଷୀ ବାଦଲ ସେନାପତିଙ୍କ କହିବା ଅନୁସାରେ ବ୍ଲକ୍‌ର ୧ ହଜାରରୁ ଅଧିକ ଚାଷୀ ପାଖାପାଖି ୧୨ ଶହ ହେକ୍ଟର ଅଞ୍ଚଳରେ ଚିଙ୍ଗୁଡ଼ି ଚାଷ କରୁଥିବା ବେଳେ ବର୍ଷକୁ ୪ ହଜାର ଟନ୍‌ରୁ ଅଧିକ ଚିଙ୍ଗୁଡ଼ି ଉତ୍ପାଦନ ହୋଇଥାଏ। ସେହିପରି ବାଲିଆପାଳରେ ଭୋଗରାଇଠାରୁ ଅଧିକ ଚିଙ୍ଗୁଡ଼ି ଉତ୍ପାଦନ କରାଯାଏ। ଉଭୟ ବ୍ଲକ୍‌ରେ ଉତ୍ପାଦନ ହେଉଥିବା ଚିଙ୍ଗୁଡ଼ି ଭିଏତନାମ୍, ଚୀନ, ଲଣ୍ଡନ ସମେତ ଆମେରିକାକୁ ରପ୍ତାନି ହୋଇଥାଏ। ବିଶେଷ କରି ଏଠାରୁ ପ୍ରାୟ ୪୦ ପ୍ରତିଶତ ଚିଙ୍ଗୁଡ଼ି କେବଳ ଆମେରିକାକୁ ଯାଇଥାଏ। ଚାଷୀମାନେ ଚିଙ୍ଗୁଡ଼ି କେଜି ପିଛା ୪ ଶହରୁ ୫ ଶହ ଟଙ୍କାରେ ବିକ୍ରି କରନ୍ତି। ଯାହା ସେମାନଙ୍କୁ ଭଲ ଲାଭ ଦେଇଥାଏ। ତେବେ ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ଆମେରିକା ଦୁଇ ପର୍ଯ୍ୟାୟରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ଦ୍ୱାରା ଏଠାରେ ଚିଙ୍ଗୁଡ଼ି ଦର ଖସିଯାଇଛି। ଚିଙ୍ଗୁଡ଼ି ନେଉଥିବା ଆମେରିକାର ଶୁଳ୍କ ପ୍ରଭାବ ଉତ୍ତର ବାଲେଶ୍ୱରର ଚାଷୀ ଚିନ୍ତାରେ ଅଛନ୍ତି। ବିଭିନ୍ନ ରପ୍ତାନୀକାରୀ କମ୍ପାନୀ ଓ ବ୍ୟବସାୟୀମାନେ ନିର୍ଦ୍ଧାରିତ ଦରଠାରୁ ୫୦ରୁ ୧୦୦ ଟଙ୍କା କମ୍ ଦେଉଥିବାରୁ ଚାଷୀମାନେ କ୍ଷତି ସହୁଛନ୍ତି। ଏ ନେଇ ଉତ୍ତର ବାଲେଶ୍ୱରର ଚିଙ୍ଗୁଡ଼ି ଚାଷୀମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ସମସ୍ୟାର ସମାଧାନ କରାଯାଉ ନଚେତ୍ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ଅମୂଲ୍ୟ ସାହୁ, ସୁଶାନ୍ତ ସେନାପତି ଓ ଯତୀନ୍ଦ୍ର ଦାସ, ଯତୀନ୍ଦ୍ର ଗିରି ପ୍ରମୁଖ ଚାଷୀମାନେ ଦାବି ରଖିଛନ୍ତି।

## ପୁସ୍ତକ 'କବିତା ଓ ଛବିରେ ବିଜ୍ଞାନ' ଉନ୍ମୋଚିତ



ବାଲେଶ୍ୱର,୨।୯(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ପ୍ରକାଶିତ କବୀ ମମତା ମହାନ୍ତିଙ୍କ କବିତା ଗ୍ରନ୍ଥ "କବିତା ଓ ଛବିରେ ବିଜ୍ଞାନ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଆସରକୁ ପୌରୋହିତ୍ୟ କରିଥିଲେ। ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲର ଅଧକ୍ଷ ପରେଶ ଚନ୍ଦ୍ର ଦାଶ ଉଦ୍‌ଘାଟକ ଭାବେ ଯୋଗଦେଇ ପୁସ୍ତକଟି ସବୁ ବର୍ଗର ପାଠକ ମହଲରେ ଆଦୃତ ହୋଇପାରିବ ବୋଲି କହିଥିଲେ। ବରିଷ୍ଠ ଗବେଷକ ଡ. ଭାଗବତ ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ପୁସ୍ତକଟିରେ ସନ୍ନିବେଶିତ ପ୍ରତ୍ୟେକଟି କବିତା କିଶୋର ଓ କିଶୋରୀଙ୍କୁ ବିଜ୍ଞାନମନସ୍କ କରିବ ବୋଲି ମତ ଦେଇଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା ମୁଖ୍ୟବକ୍ତା ଭାବରେ ଯୋଗଦେଇ ପୁସ୍ତକଟିର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଆଲୋଚନା କରିଥିଲେ। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ଲେଖିକା ମମତା ମହାନ୍ତି ଏକ ଭଜନ ପରିବେଷଣ କରିବା ସହିତ ଲେଖକୀୟ ଅଭିବ୍ୟକ୍ତି ରଖିଥଲେ। ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ରାଉତ, ଡ. ଶିରୀଶ ଚନ୍ଦ୍ର ଜେନା, ପ୍ରଦୀପ ଚାଟାର୍ଜୀ, ଦୀପକ ବୋଷ, ଭାଗବତ ବେହେରା, ଡ. ହେମମାଳା ଦାଶ, ଶାନ୍ତି ବିଶି, ଝରଣା ମଲ୍ଲିକ, ଲକ୍ଷ୍ମୀଧର ଜେନା, ମମତା ଦାସ, ଅର୍ଚ୍ଚନା କର, ନିବାରଣ ଜେନା, ଶରତ କୁମାର ମହାପାତ୍ର, ବିଜୟ କୁମାର ମହାନ୍ତି, ରାଜେନ୍ଦ୍ର ନାଥ ରାଉତ, କରୁଣାକର ସ, ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଫସଲ ବୀମା ପଞ୍ଜୀକରଣରୁ ବଞ୍ଚିତ ଶତାଧିକ ଚାଷୀ

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୨।୯(ସମିସ) : ଭୋଗରାଇରେ ସୁବର୍ଣ୍ଣରେଖା ନଦୀର ଲାଗାତର ୬ ଥର ବନ୍ୟା ଓ ଉଦବୃତ ବର୍ଷାପାଣି ନିଷ୍କାସନ ଅବ୍ୟବସ୍ଥା ଯୋଗୁଁ ଭୋଗରାଇ ବ୍ଲକର ବ୍ୟାପକ ଫସଲ ହାନିର ସମ୍ଭାବନା ଦେଖା ଦେଇଛି। ଅନ୍ୟପକ୍ଷରେ ପୋର୍ଟାଲ ସମସ୍ୟା ସକାଶେ କେତେକ ଗ୍ରାମର ଚାଷୀମାନଙ୍କ ଫସଲ କିଆରି ବୀମା ଭୁକ୍ତ ହୋଇ ପାରିନାହିଁ।ବସ୍ତୁତଃ ଫସଲବିମା ଭରସାର ସାମାନ୍ୟ ଆଶା ମଉଳି ଯାଇଛି। ସମବାୟ ସମିତିର ବ୍ୟାଙ୍କ ଋଣ କରିଥିବା ଚାଷୀମାନଙ୍କ ସମ୍ପୃକ୍ତି କେତେକ ଗ୍ରାମର ପୋର୍ଟାଲରେ ଆସୁ ନଥିବାରୁ ଫସଲ ବୀମା ଭୁକ୍ତ ହୋଇପାରୁନାହିଁ ବୋଲି ସମିତିର ସମ୍ପାଦକ ମାନେ ଜଣାଇଛନ୍ତି। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ଗୋପିନାଥପୁର ପଞ୍ଚାୟତର ଗୋପିନାଥ ଗ୍ରାମ, ଶ୍ରଦ୍ଧାପୁର ଗ୍ରାମ ପଞ୍ଚାୟତର ପ୍ରହରାଜପୁର ଓ ଗୋଛିଦାତେଘରୀ ପଞ୍ଚାୟତର କୃଷ୍ଣନଗର ଗ୍ରାମ ପୋର୍ଟାଲରେ ଆସୁ ନ ଥିବାରୁ ସଂପୃକ୍ତ ଗ୍ରାମର ଫସଲ କିଆରି ବୀମାଭୁକ୍ତ ହୋଇପାରିନାହିଁ। ଅନ୍ୟପକ୍ଷରେ ଫସଲ ବୀମା ପଞ୍ଜୀକରଣ ସମୟସୀମା ଅତିକ୍ରାନ୍ତ ହୋଇଗଲାଣି। ଯଥା ଶିଘ୍ର ଏହାର ସୁଧାର ସହିତ ପଞ୍ଜିକରଣ ସମୟ ସୀମା ବୃଦ୍ଧି ପାଇଁ ଭୋଗରାଇ କୃଷକ ସଂଘ ଓ ପ୍ରାଥମିକ କୃଷି ସେବା ସମବାୟ ସହିତ ସଭାପତି ସଂଘ ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଉଛି। ଅନ୍ୟଥା ଏନେଇ କ୍ଷତିଗ୍ରସ୍ତ କୃଷମାନେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବର୍ଷାରେ ଭିଜି ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ



ଚନ୍ଦନେଶ୍ୱର, ୨।୯(ସମିସ): ଶିକ୍ଷକଙ୍କ ଅଚାନକ ବଦଳି ଯୋଗୁଁ ସ୍କୁଲ ଫାଟକରେ ତାଲା ପକାଇ ବର୍ଷାରେ ଭିଜି ଭିଜି ବଦଳି ପ୍ରତିବାଦରେ ଛାତ୍ରଛାତ୍ରୀ ଓ ଅଭିଭାବକ ଆନ୍ଦୋଳନ କରିଛନ୍ତି। ଭୋଗରାଇ ବ୍ଲକର ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ମାଟିକେଞ୍ଚା ଉନ୍ନୀତ ଉ:ପ୍ରା: ବିଦ୍ୟାଳୟର ଏକ ଅଭାବନୀୟ ଘଟଣା ଆଜି ସକାଳେ ଦେଖିବାକୁ ମିଳିଛି । ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଏଭଳି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଆଜି ପ୍ରବଳ ବର୍ଷାରେ ଛାତ୍ରଛାତ୍ରୀ ଦୀର୍ଘ ତିନି ଘଣ୍ଟା ପର୍ଯ୍ୟନ୍ତ ଭିଜିଲେ ସ୍କୁଲ ଫାଟକ ଆଗରେ ଛାତ୍ର ଛାତ୍ରୀ ଓ ଅବିଭାବକ। ମାଟିକେଞ୍ଚା ଉନ୍ନୀତ ଉପ୍ରା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବାବେଳେ ୧୧୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ୪ ଜଣ ଶିକ୍ଷକ ରହିଥିଲେ। ଆଜି ସକାଳେ ବିଦ୍ୟାଳୟରେ ସୁବଳ କୁମାର ଭଞ୍ଜଙ୍କୁ ବଦଳି କରାଯାଇଥିବା କଥା ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଶୁଣିବାକୁ ପାଇଁ ବିଦ୍ୟାଳୟ ଗେଟରେ ତାଲା ପକାଇ ବସିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ନିଜ ଜିଦରେ ଛାତ୍ରଛାତ୍ରୀ ଅଟଳ ରହି ଆନ୍ଦୋଳନ ଜାରି ରଖିଥିଲେ। ଖବର ପାଇ ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି ଆଗାମୀ ୭ଦିନ ମଧ୍ୟରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ହଟିଥିଲେ। ସେହିପରି ଆରୁହାପାଳ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀଙ୍କ ବଦଳି ହୋଇଥିବା ନେଇ ଛାତ୍ରଛାତ୍ରୀ ଆନ୍ଦୋଳନ ଜାରି ରଖିଛନ୍ତି।

## ଗ୍ରୋସରୀ ଦୋକାନରୁ ଚୋରି

ଜଳେଶ୍ୱର, ୨।୯ (ସମିସ) : ଜଳେଶ୍ୱର ଥାନା ଅଧିନ ସାନରାଉତପଡା ଗାଁର ନିତ୍ୟଗୋପାଳ ମହାନ୍ତିଙ୍କ ଗ୍ରୋସରୀ ଓ ସାଇକେଲ ମରାମତି ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗାଁ ଛକ ମହାଦେବ ମନ୍ଦିର ସମ୍ମୁଖରେ ଥିବା ଦୋକାନରୁ ସୋମବାର ରାତିରେ ଚୋରି ହୋଇଥିବା ବେଳେ ଦୋକାନରୁ ନଗଦ ଟଙ୍କା, ଗ୍ରୋସରୀ ସାମଗ୍ରୀ ଓ ସାଇକେଲ ପାର୍ଟସ ସହିତ କମ୍ପ୍ୟୁଟର ଓଜନ ମେସିନ୍ ଚୋରି ହୋଇଥିବା ଜଣାଯାଇଛି। ଦୋକାନ ମଧ୍ୟରୁ ଗାଁର ଜନୈକ ଯୁବକଙ୍କ ବେନିୟନ ମିଳିଥିବାରୁ ସେ ଚୋରି କରିଥିବା ସନ୍ଦେହ କରି ଉଚିତ ପଦକ୍ଷେପ ନେବାକୁ ଥାନାରେ ନିବେଦନ କରାଯାଇଛି।

## ଭୋଗରାଇ ଶିକ୍ଷକ ସମନ୍ୱୟ ସମିତି ଓ ସିଆର୍‌ସିସି ବୈଠକ

ଭୋଗରାଇ, ୨।୯ (ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁରସ୍ଥିତ ଏନ୍ ପି ଏସ୍ ଶିକ୍ଷକ ଭବନଠାରେ ପ୍ରଥମ ସମାପ୍ତି ସୂଚକ ଆକଳନ ୨୦୨୫-୨୬ ନିମନ୍ତେ ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଭୋଗରାଇର ସମସ୍ତ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ସଂଯୋଜକ ଯୋଗଦେଇ ଥିଲେ। ସରକାର ଶିକ୍ଷା ବର୍ଷର ଗାଇଲାଇଣ୍ଡ ଅନୁଯାଇ ସେପ୍ଟେମ୍ବର ୪ ସପ୍ତାହ ସୁଦ୍ଧା ପ୍ରଥମ ସମାପ୍ତି ସୂଚକ ଆକଳନ ପରୀକ୍ଷା ନିୟମ ଥିଲା ବେଳେ ଭୋଗରାଇରେ ବାରମ୍ବାର ବନ୍ୟାଯୋଗୁ ବ୍ୟାହତ ହୋଇଥିବା ଦୃଷ୍ଟିରୁ ଅକ୍ଟୋବର ୧୪ ତାରିଖକୁ ଏସ୍ ଏ ୧ ସମ୍ପାଦନ କରିବାକୁ ଆଜିର ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଉକ୍ତ ବୈଠକରେ ଅସ୍ତା ଅଲସ୍ତା ଏନପିଏସ ଏଲାମେନଟ୍ରି ଟ୍ରେନିଂ ଏସସେସନ୍, ଗଣଶିକ୍ଷକ, ପି ଟି ଆଇର ଉତ୍ତର ଭୋଗରାଇ ଓ ଦକ୍ଷିଣ ଭୋଗରାଇର ଶିକ୍ଷକ ସଂଗଠନ କର୍ମକର୍ତ୍ତା ରହି ଅଲସ୍ତାରୁ ପ୍ରଶ୍ନ ପତ୍ର ଆଣି ଏସଏ ୧ ସମ୍ପାଦନ କରିବା ସିଦ୍ଧାନ୍ତ କରାଯାଇଥିଲା। ଏହି ବୈଠକରେ ସମନ୍ୱୟ ସମିତିର ସମ୍ପାଦକ ପ୍ରଶାନ୍ତ ମହାନ୍ତି, ମହାସଚିବ ନଟୋରଞ୍ଜନ ଘଡାଇ, ସାଂଗଠନିକ ସମ୍ପାଦକ ବାଲଗୋପାଲ ଦାସ, ଏନ୍ ପି ଏସ୍ ସଭାପତି ବଂଶୀଧର ମାଝି, ଏନ୍ ପି ଏସ୍ ସମ୍ପାଦକ ଅଶୋକ ସାହୁ, ମୁଖ୍ୟ ଉପଦେଷ୍ଟା ଜାକୀର ହୁସେନ ସାହା, ମହାସଚିବ ରମେଶ ଚନ୍ଦ୍ର ସୁର, ଗଣଶିକ୍ଷକ ସଭାପତି ସୁକୁମାର ଦାସ, ଅଲସ୍ତା ସଭାପତି ଶ୍ୟାମାପଦ ଦତ୍ତ,ଅଲସ୍ତା ସମ୍ପାଦକ ତାପସ ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ।

## ୫୦ ଲିଟର ମଦ ଜବତ

ଭୋଗରାଇ, ୨।୯ (ସମିସ) : ଗତକାଲି ମଧ୍ୟରାତ୍ରରେ ଭୋଗରାଇ ଥାନା ଅଧିକାରୀ ରୋହିତ ବଳଙ୍କ ଏକ ଟିମ୍ ଜଳେଶ୍ୱରପୁର ପଞ୍ଚାୟତର ବାଟ ଗ୍ରାମ ଅନନ୍ତ ପ୍ରଧାନଙ୍କ ପୁଅ ଗୌରାଙ୍ଗ ପ୍ରଧାନ ଦେଶୀ ଚୋରା ମଦ ଚାଳିଆ ଉପରେ ଚଢ଼ାଉ କରି ୫୦ ଲିଟର ଦେଶୀ ମଦ ଜବତ କରିଥିବା ସହିତ ଚୋରା ମଦ ବେପାରୀଙ୍କୁ ଗିରଫ କରିଥିବା ସୁଚନା ଦେଇଛନ୍ତି। ଏନେଇ ଭୋଗରାଇ ଥାନାରେ ଏକ କେସ କରାଯାଇ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ବାହାନଗା ବ୍ଲକର ନବମ ପଞ୍ଚାୟତ ସମିତି ବୈଠକ**

# ଜନପ୍ରତିନିଧିଙ୍କ ପ୍ରଶ୍ନବାଣରେ ସରକାରୀ ଅଧିକାରୀ ଘାଇଲା




ବାହାନଗା,୨।୯ (ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ନୂତନ ସଭାଗୃହରେ ଆଜି ନବମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜନପ୍ରତିନିଧିଙ୍କ ପ୍ରଶ୍ନ ବାଣରେ ବିଭାଗୀୟ ସରକାରୀ ଅଧିକାରୀ ଘାଇଲା ହୋଇଥିବା ଦେଖିବାକୁ ମିଳିଥିଲା। ଆଜି ସକାଳ ୧୧ଟାରେ ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ନବମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବାହାନଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭଶ୍ରୀ ଟୁଡୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ବାସନ୍ତୀ ପତି, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ବୈରାଗୀ ଚରଣ ବେହେରା, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଜୟନ୍ତ କୁମାର ମହାନ୍ତି, ସୋର ବିଧାୟକ ମାଧବ ଧଡା, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲ୍ଲା ପରିଷଦ ସଭ୍ୟ ନୀଳାମ୍ବର ମହାଲିକ, ଏଇ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ଆରମ୍ଭରୁ ବିଭିନ୍ନ ପ୍ରସଙ୍ଗକୁ ଉଠାଇ ଜନପ୍ରତିନିଧିମାନେ ସରକାରୀ ଅଧିକାରୀଙ୍କ ସହ ସମିତି ଅଧ୍ୟକ୍ଷଙ୍କୁ ଘେରିଥିଲେ। ପରେ ବୈଠକ ଆରମ୍ଭରେ ସିଡିପିଓ ପ୍ରୀତିମୟୀ ପାଢୀ ଶିଶୁ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ରଖିଥିଲେ। ଜନପ୍ରତିନିଧି ମାନେ ବିଭିନ୍ନ ଅଙ୍ଗନବାଡି ସେଣ୍ଟରର ଗୃହ ନିର୍ମାଣର ଅସମ୍ପୂର୍ଣ୍ଣ କାର୍ଯ୍ୟ ଅବଂ ଅବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଥିଲେ। ପ୍ରତି ଉତ୍ତରରେ ସିଡିପିଓ ପ୍ରୀତିମୟୀ ପାଢୀ ବିଭିନ୍ନ ସ୍ଥାନରେ ତହସିଲ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରାନଯିବା ଏବଂ ଯେଉଁ ସ୍ଥାନରେ ଜମି ଚିହ୍ନଟ ସରିଛି ସେ ସ୍ଥାନରେ ବ୍ଲକ ପ୍ରଶାସନର ମନ୍ଥର ଗତିରେ କାର୍ଯ୍ୟ କରିବା ଯୋଗୁଁ ଏଭଳି ସମସ୍ୟା ଉପୁଜିଛି ବୋଲି ଉତ୍ତର ରଖିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଏଇଏଇ ଲକ୍ଷ୍ମୀକାନ୍ତ ଦାସ ପ୍ରତିଶ୍ରୁତି ଦେଇଥିଲେ। ପଞ୍ଚାୟତ ସ୍ତରୀୟ କୃଷି ଅଧିକାରୀମାନେ ବିଭିନ୍ନ ପଞ୍ଚାୟତକୁ ଆସୁନଥିବାରୁ ସରକାରଙ୍କ କୃଷି ଭିତ୍ତିକ ଯୋଜନା ସମ୍ପର୍କରେ ଚାଷୀ ଜାଣି ପରୁନଥିବାର ଜନ ପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ। ସେହିପରି ବ୍ଲକ ଶିକ୍ଷା ଅଧିକାରିଣୀ ସୋମାରାଣୀ ସେଠୀ ବୈଠକରେ ଅନୁପସ୍ଥିତ ରହିବାକୁ ନେଇ ବୈଠକରେ ଚାପା ଗୁଞ୍ଜରଣ ଦେଖିବାକୁ ମିଳିଥିଲା। ବ୍ଲକରେ ଉଦ୍ୟାନ କୃଷି ବିଭାଗର କାର୍ଯ୍ୟାଳୟ ନ ଥିବାରୁ ଚାଷୀମାନେ କୃଷି ଭିତ୍ତିକ ଯୋଜନା ସମ୍ପର୍କରେ ଜାଣି ପାରୁନଥିବାର ଜନପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ। ଆଜିର ବୈଠକରେ ସମୁଦାୟ ୧୫ ଗୋଟି କାର୍ଯ୍ୟସୂଚୀ ବାବଦରେ ଆଲୋଚନା ହୋଇଥିଲା।

### ସମିତି ଅଧ୍ୟକ୍ଷଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ସାମ୍ବାଦିକଙ୍କ ଧାରଣା



ବାହାନଗା ପଞ୍ଚାୟତ ସମିତି ପକ୍ଷରୁ ନବମ ପଞ୍ଚାୟତ ସମିତି ବୈଠକରେ ସାମ୍ବାଦିକ ମାନଙ୍କୁ ପୂର୍ବରୁ କୌଣସି ସୂଚନା ଦିଆଯାଇନଥିବା ବେଳେ ବୈଠକ ଆରମ୍ଭ ହେବାର ଦେଢ ଘଣ୍ଟା ଆଗରୁ ସାମ୍ବାଦିକଙ୍କୁ ମେସେଜ ମାଧ୍ୟମରେ ଜଣାଇଥିଲା ବ୍ଲକ ପ୍ରଶାସନ। ଏମିତି କି ସାମ୍ବାଦିକମାନେ ପହଞ୍ଚି ଖବର ସଂଗ୍ରହ କାର୍ଯ୍ୟ ଜାରି ରଖିଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ସାମ୍ବାଦିକମାନେ ଫଟୋ ଉଠାଇ ବାହାରକୁ ପଳାଇ ଯାଆନ୍ତୁ ବୋଲି କହିଥିଲେ। ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ବୈଠକ ହେଉଥିବା ବେଳେ ସାମ୍ବାଦିକଙ୍କୁ ବାହାରି ଯିବାକୁ ଅଧ୍ୟକ୍ଷ କହିବାକୁ ନେଇ ଚାପା ଗୁଞ୍ଜରଣ ଦେଖା ଦେଇଥିଲା। ପରେ ସାମ୍ବାଦିକମାନେ ସଭାଗୃହ ତ୍ୟାଗକରି ଗୃହ ବାହାରେ ଧାରଣାରେ ବସିରହିଥିଲେ। ପରେ ଭଦ୍ରକ ସାଂସଦଙ୍କ ପ୍ରତିନିଧି ଜୟନ୍ତ ମହାନ୍ତି ପହଞ୍ଚି ଧାରଣାରତ ସାମ୍ବାଦିକଙ୍କୁ ବୁଝାସୁଝା କରିଥିଲେ। ପରେ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ନିଜ ଭୁଲ ବୁଝିପାରି ବାହାରକୁ ଆସି ହାତ ଯୋଡ଼ି ଧାରଣାରତ ସାମ୍ବାଦିକମାନଙ୍କୁ କ୍ଷମା ମାଗି ସଭାକକ୍ଷକୁ ଆସି ଖବର ସଂଗ୍ରହ କାର୍ଯ୍ୟ ଜାରି ରଖିବାକୁ ଅନୁରୋଧ କରିଥିଲେ। ପରେ ସାମ୍ବାଦିକମାନେ ସଭାଗୃହରେ ବୈଠକରେ ଯୋଗଦେଇ ଖବର ସଂଗ୍ରହ କାର୍ଯ୍ୟ ଜାରି ରଖିଥିଲେ। ଏହି ଘଟଣାକୁ ସୋର ବିଧାୟକ ମାଧବ ଧଡା ନିନ୍ଦା କରିବା ସହ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଏହାର ପୁନରାବୃତ୍ତି ନ ହେବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ପ୍ରକାଶ କରିଥିଲେ।

## ଅଧିକ ଦରରେ ସାର ବିକ୍ରିକୁ ଖଣ୍ଡନ

ଖଇରା,୨।୯ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଗନଧୁଳି ସେବା ସମବାୟ ସମିତି ଅଧିକ ଦାମରେ ଜୈବ ସାର ବିକ୍ରି କରୁଥିବା ନେଇ ଅଭିଯୋଗ ପରେ ପରିଚାଳନା ବୋର୍ଡ ତରଫରୁ ଏହାକୁ ଖଣ୍ଡନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ପରିଚାଳନା ବୋର୍ଡ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ହରେକୃଷ୍ଣ ଶତପଥି ନିର୍ଦ୍ଦିଷ୍ଟ ସାର ବିକ୍ରି ପାଇଁ ଜିଲ୍ଲା ସହକାରୀ ନିବନ୍ଧକଙ୍କ ଅନୁମତି, କିଣା ଯାଇଥିବା ଓ ବିକ୍ରି ହେଉଥିବା ବିଲ ଦେଖାଇବା ସହ ଜଣେ ହେଲେ ଚାଷୀଙ୍କର ଏହା ଉପରେ ଅଭିଯୋଗ ନଥିବା ପ୍ରକାଶ କରିଥିଲେ। ୧ହଜାର ୩୫୦ ଟଙ୍କାରେ କିଣା ଯାଉଥିବା ବେଳେ ପ୍ରିଣ୍ଟ ଦର ୧ହଜାର୬ଶହରେ ବିକ୍ରି କରାଯାଉଛି। ପରିବହନ , ଲୋଡିଂ ଓ ଅନଲୋଡିଂ ଖର୍ଚ୍ଚ ବହନ ପରେ ଯାହା ବି ଲାଭ ରହୁଛି ଗତବର୍ଷର ସାର ବିକ୍ରିରେ ହୋଇଥିବା କ୍ଷତି ଭରଣା କରାଯାଉଛି। ସମିତି ବିରୋଧରେ ଅପପ୍ରଚାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଖୁବଶିଘ୍ର ବୋର୍ଡ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶକ ନୃସିଂହ ସିଂ ପ୍ରକାଶ କରିଥିଲେ। କାରଣ ଗଗନଧୁଳି ସମିତି ଉତ୍ତମ ପ୍ରଦର୍ଶନ ପାଇଁ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଏଥିରେ ଇର୍ଷାନ୍ୱିତ ହୋଇ ଏଭଳି ଅଭିଯୋଗ କରାଯାଇଛି। ସାର ଯୋଗାଣକାରୀ କମ୍ପାନୀ ହରେକୃଷ୍ଣ ରଇସ ପ୍ରୋସେସିଂ ଏଣ୍ଡ ଏକ୍ସପୋର୍ଟର ଅଧିକାରୀ ଉପସ୍ଥିତ ରହି ଯୋଗା ଯାଇଥିବା ଏହି ଜୈବ ସାର ଗଗନଧୁଳି ସମେତ ଜିଲାର ୨୪ଟି ସମିତିକୁ ଯୋଗାଣ ହୋଇଛି। ବାହାରେ କେହି ଚାହିଁଲେବି କିଣିବାକୁ ପାଇବେ ନାହିଁ ବୋଲି କହିଥିଲେ। ସମ୍ପାଦକ ଗଗନ ବିହାରୀ ଜେନାଙ୍କ ସମେତ ସମିତି ର ଅନ୍ୟତମ ପ୍ରତିଷ୍ଠାତା ଲୋକନାଥ ପଣ୍ଡା ଓ ସମିତିର ବୋର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ।

## ଶ୍ରୀହରି ଚରଣ ନାଥଙ୍କ ସ୍ମୃତିସଭା

ବାଲିଆପାଳ, ୨।୯ (ସମିସ): ସୁବର୍ଣ୍ଣରେଖା ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଦସ୍ୟ ତଥା ମହାବିଦ୍ୟାଳୟ ପ୍ରତିଷ୍ଠାରେ ସର୍ବଶ୍ରେଷ୍ଠ ସମ୍ପତି ଦାତା ଶ୍ରୀହରିଚରଣ ନାଥଙ୍କ ୩୧ ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଗୌରାଙ୍ଗ ରାଉତ ସଭା ପରିଚାଳନା କରିଥିବା ବେଳେ ଶ୍ରୀହରିଚରଣ ନାଥଙ୍କ ପୁତ୍ର ମଧୁସୂଦନ ନାଥ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ରଞ୍ଜନ କୁମାର ପାଢୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ରସାୟନ ବିଜ୍ଞାନର ବିଭାଗୀୟ ମୁଖ୍ୟ ଶାନ୍ତିଲତା ଗିରି, ଶିକ୍ଷା ବିଭାଗ ର ବିଭାଗୀୟ ମୁଖ୍ୟ ଶଚୀନ୍ଦ୍ର ନାଥ ଦତ୍ତ, ଇଂରାଜୀ ବିଭାଗର ଅଧ୍ୟାପକ କାମିନୀ କାନ୍ତ ବକ୍ତବ୍ୟ ରଖିଥିବାବେଳେ ବାଣିଜ୍ୟ ବିଭାଗୀୟ ମୁଖ୍ୟ ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସହର ଉବୁଟୁବୁ








ବାଲେଶ୍ୱର,୨।୯ (ସମିସ)

ବାଲେଶ୍ୱରରେ ଲାଗି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା। ସୋମବାର ରାତିରେ ଏହି ବର୍ଷା ପ୍ରବଳରୁ ଅତି ପ୍ରବଳ ହୋଇଥିବା ବେଳେ ସହରରେ ଏବେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ଡ୍ରେନେଜ ସମସ୍ୟା ରହିଥିବାରୁ ପାଣି ରାସ୍ତାରେ ଲହଡି ମାରୁଥିବା ବେଳେ ଲୋକମାନଙ୍କ ଘରେ ମଧ୍ୟ ପାଣି ପଶିଛି। ସହରର ନୂଆସାହି ରାସ୍ତା ସାଙ୍ଗକୁ ଚିଡିଆପୋଲ, କଂଗ୍ରେସ ଗଳି, ପଡୁଆଁପଦା ଛକରୁ ଆଜିମାବାଦ ସହ୨୦ନମ୍ବର ୱାର୍ଡ ତେଲେଙ୍ଗାସାହି ବୁଡିଯାଇଛି। ଭାସ୍କରଗଞ୍ଜ(ବି)ଅର୍ଥାତ ଦ୍ୱାରୀକା ନଗରୀରେ ଲୋକମାନଙ୍କ ଘରେ ପାଣି ପଶିଯାଇଛି। ଘର ମଧ୍ୟରେ ପାଖାପାଖି ଦୁଇଫୁଟର ପାଣି ଚାଲୁଥିବା ଦେଖିବାକୁ ମିଳିଛି। ମୋଟର ଲଗାଇ ଘରୁ ପାଣି ବାହାର କରାଯାଉଥିବା ଦେଖିବାକୁ ମଧ୍ୟ ମିଳିଛି। ପାଣି ପଶି ଘରର ଜିନିଷପତ୍ର ନଷ୍ଟ ହୋଇଯାଇଛି। ୨୦ନମ୍ବର ୱାର୍ଡ ତେଲେଙ୍ଗାସାହିରେ ଲଗାଣ ବର୍ଷା ହେବା ଫଳରେ ସେଠାରେ ରହୁଥିବା ଲୋକମାନଙ୍କ ଘରେ ପାଣି ପଶିଯାଇଥିଲା। ଏଣୁ ବାଧ୍ୟ ହୋଇ ଲୋକେ ସେମାନଙ୍କ ପିଲାମାନଙ୍କୁ ଧରି ଶୋଭାରାମପୁର ରେଲୱେ ଗେଟର ପୋଲ ତଳେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଖବର ପାଇ ପୂର୍ବତନ ବିଧାୟକ ସ୍ୱରୂପ ଦାସ ଘଟଣା ସ୍ଥଳକୁ ଯାଇ ଲୋକମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ଆରଆଇ ଆସି ତାହାର ତଦନ୍ତ ମଧ୍ୟ କରିଛନ୍ତି। ଅନ୍ୟପଟେ ପୂର୍ବତନ ସରକାର ସମୟରେ ବାଲେଶ୍ୱର ସହରରେ ପାଣି ନ ପଶିବା ପାଇଁ ୬୦ ବର୍ଗ କିଲୋମିଟର ପର୍ଯ୍ୟନ୍ତ ଏକ ଡିପିଆର ପ୍ରସ୍ତୁତ ହୋଇଥିଲା ଯାହାକି ୬୦କୋଟି ଟଙ୍କାର ଥିଲା। ଏପରିକି ପ୍ରାଥମିକ ପର୍ଯ୍ୟାୟରେ ପୌରପରିଷଦକୁ ୨୦କୋଟି ଟଙ୍କା ମଧ୍ୟ ଆସିଥିଲା। ଏହାରି ମଧ୍ୟରେ ନିର୍ବାଚନ ହୋଇଥିବା ବେଳେ ସେଇ କାମ ବନ୍ଦ ହୋଇଯାଇଥିଲା। ତେବେ ବର୍ତ୍ତମାନର ବିଧାୟକ ସେଇ ଡିପିଆର ବଳରେ ଟଙ୍କା ଆଣି ତାହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବା କଥା। ହେଲେ ନୂଆ ସରକାର ଗଠନ ହେବାର ଏକ ବର୍ଷରୁ ଅଧିକ ହୋଇଯାଇଥିବା ବେଳେ ଟଙ୍କା ଆଣିପାରି ନାହାନ୍ତି କି କାର୍ଯ୍ୟ ମଧ୍ୟ ହେଉ ନାହିଁ। ଏଣୁ ସହରରେ ଲୋକଙ୍କ ଧନ ଜୀବନ ନଷ୍ଟ ହେଉଛି ଏଥିପାଇଁ ପୌରପରିଷଦ ଏବଂ ଡ୍ରେନେଜ ବିଭାଗ ଦାୟୀ ରହିଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।










## ଏମ୍‌ଡି ଜେମସ୍ ରାଶିରତ୍ନର ନୂତନ ଶୋ'ରୁମ୍



ବାଲେଶ୍ୱର,୨।୯ (ସମିସ): ସହରର କଚେରୀ ବଜାର ଅଂଚଳରେ ଏମ୍.ଡି. ଜେମସ୍ ରାଶିରତ୍ନର ପରିବର୍ଦ୍ଧିତ ନୂତନ ଶୋରୁମ୍ ଉଦଘାଟିତ ହୋଇଯାଇଛି। ଶୋ ରୁମ୍‌ର ସତ୍ତ୍ୱାଧିକାରୀ ଅବଦୁଲ ଗନିଙ୍କ କନ୍ୟା ନର୍ଗିସ୍ ପରବିନ୍ ଫିତା କାଟି ଉଦଘାଟନ କରିଥିଲେ। ଗ୍ରାହକମାନେ ନିଜ ପସନ୍ଦର ରାଶିରତ୍ନ କିଣିବା ସହ ଅଫର୍ ମଧ୍ୟ ପାଇଥିଲେ। ବିଶେଷକରି ଏଠାରେ ପାନ୍ନା, ପୋଖରାଜ, ହୀରା, ମୋତି, ମାଣିକ, ନୀଲମ୍, ମୁଙ୍ଗା, ମୁନ୍ ଷ୍ଟୋନ, ହକିକ୍ ଭଳି ବିଭିନ୍ନ କମ୍ପାନୀର ରାଶିରତ୍ନ ବିକ୍ରି ହେଉଛି। ସେହିପରି ଏକ ମୁଖି ରୁଦ୍ରାକ୍ଷ ଠାରୁ ୧୪ ମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷ ମଧ୍ୟ ଉପଲବ୍ଧ ରହିଛି। ଏହାବ୍ୟତୀତ ବଗଳାମୁଖି ଯନ୍ତ୍ର, ଶ୍ରୀ ଯନ୍ତ୍ର, ଶ୍ରୀଦୁର୍ଗାଯନ୍ତ୍ର, କୁବେର ଏବଂ ନବଗ୍ରହ ଯନ୍ତ୍ର ମଧ୍ୟ ଉପଲବ୍ଧ ହେଉଛି। ପ୍ରତ୍ୟେକ ସାମଗ୍ରୀ ଉପରେ ୫ ପ୍ରତିଶତ ରିହାତି ମଧ୍ୟ ଦିଆଯାଉଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ



ବାଲେଶ୍ୱର,୨।୯ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅର୍ନ୍ତଗତ ମଇତାପୁର ଜିପିଏଲଏଫର ସିଆରପି ସିଏମମାନେ ଦରମା ପାଇବାରୁ ବଂଚିତ ହୋଇଛନ୍ତି। ଫଳରେ ବାଧ୍ୟ ହୋଇ ସେମାନେ ଆଜି ଦରମା ପ୍ରଦାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ୨୦୨୩ ଡିସେମ୍ବର ୨୧ରେ ମଇତାପୁର ଜିପିଏଲଏଫର ସିଆରପି ସିଏମ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇ ନିଯୁକ୍ତି ପତ୍ର ପାଇଥିଲେ। ଉକ୍ତ ଦିନ ଠାରୁ ସେମାନେ କାର୍ଯ୍ୟ କରୁଛନ୍ତି। ହେଲେ ପରିତାପର ବିଷୟ ସେମାନେ ଦରମା ପାଇବାରୁ ବଂଚିତ ହୋଇଛନ୍ତି। ଏ ସମ୍ପର୍କରେ ଜିପିଏଲଏଫର ସଭାପତି ଓ ସମ୍ପାଦକ, ସିମୁଳିଆ ବିପିଏମ, ସିମୁଳିଆ ବିଡିଓ, ବାଲେଶ୍ୱର ଡିପିଏମ, ପିଡ଼ିଡିଆରଡିଏ ଏବଂ ଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ସେମାନେ ଆଜି ଆମରଣରେ ବସିଛନ୍ତି ବୋଲି ନିରୁପମା ଶିଅଳ, ସୁହାଗୀ ମୁର୍ମୁ, ମଧୁସ୍ମିତା ଶିଅଳ, ଚିନ୍ମୟୀ ନାୟକ, ନମିତା ମିଶ୍ର, ଜୟଶ୍ରୀ ପଣ୍ଡା, ନିର୍ମଳା ଦାସ, ପଦ୍ମାବତୀ ନାୟକ, ପାର୍ବତୀ ପଲେଇ ପ୍ରମୁଖ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି କହିଛନ୍ତି।

## 'ସପ୍ତରଙ୍ଗରେ ସପ୍ତପଦୀ' ଲୋକାର୍ପିତ



ବାଲେଶ୍ୱର,୨।୯ (ସମିସ): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ପଣ୍ଡିତ ଶକ୍ତିପଦ ପଣ୍ଡାଙ୍କ 'ସପ୍ତରଙ୍ଗରେ ସପ୍ତପଦୀ' ଗ୍ରନ୍ଥ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହଯୋଗୀ ପ୍ରଫେସର ଡ. ଦେବାଶିଷ ମିଶ୍ର, ବରେଣ୍ୟ ଅତିଥି ଡା. ସତ୍ୟରଞ୍ଜନ ଦାସ, କବଚ କୁମାର କର ପ୍ରମୁଖ ଯୋଗଦେଇ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। କବି ଗର୍ଗପଦ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଣ୍ଡିତ ସର୍ବେଶ୍ୱର ପତି ମଙ୍ଗଳାଷ୍ଟକ ପାଠ କରିଥିଲେ। ବିଷ୍ଣୁପଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସୁଦୀକ୍ଷା ଦାସ ସ୍ୱାଗତ ନୃତ୍ୟ ଓ ସତ୍ୟଭାମା ମୁଦୁଲି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶ୍ରୀ ପଣ୍ଡା ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିବାବେଳେ ପ୍ରକାଶିକା ରାଧାରାଣୀ ଦାସ ପ୍ରକାଶକୀୟ ଅଭିମତ ଦେଇଥିଲେ। ଭବାନୀ ଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଫକୀରମୋହନ ବିଶ୍ୱବିଦ୍ୟାଳୟ

## ଦୂର ଓ ଆଭାଷୀ ଶିକ୍ଷାକେନ୍ଦ୍ରରେ ପାଠ୍ୟକ୍ରମ ଆରମ୍ଭ

ବାଲେଶ୍ୱର,୨।୯ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଦୂର ଓ ଆଭାଷୀ ଶିକ୍ଷାକେନ୍ଦ୍ର ଆଧୁନିକ ଶିକ୍ଷାର ଏକ ନୂତନ ମାର୍ଗରେ ପଦାର୍ପଣ କରିଛି। ଗତ ୩୦ ଅଗଷ୍ଟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଦୂରାନ୍ତର ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ପୁଣି ନୂତନ କରି ୧୧ଟି ସ୍ନାତକ ପାଠ୍ୟକ୍ରମର ଅନୁମୋଦନ ମିଳିବା ସହିତ ଏହି କେନ୍ଦ୍ର ବର୍ତ୍ତମାନ ସ୍ନାତକୋତ୍ତର ଏବଂ ସ୍ନାତକ ଉଭୟ ମାନଙ୍କରେ ନୂତନ ଶିକ୍ଷାଗତ ସୁଯୋଗ ସୃଷ୍ଟି କରିଛି। ସ୍ନାତକ ସ୍ତରରେ ଏବେ ଅର୍ଥନୀତି, ରାଜନୀତି ବିଜ୍ଞାନ, ସମାଜଶାସ୍ତ୍ର, ଇତିହାସ, ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ଶିକ୍ଷା ବିଷୟରେ ସମ୍ମାନ ସହିତ ବାଣିଜ୍ୟ, ବ୍ୟବସାୟ ପ୍ରଶାସନ, ପୁସ୍ତକାଳୟ ଓ ସୂଚନା ବିଜ୍ଞାନ ଏବଂ ସ୍ନାତକୋତ୍ତର ରେ ପୁସ୍ତକାଳୟ ଓ ସୂଚନା ବିଜ୍ଞାନ ବିଷୟ ଆରମ୍ଭ ହୋଇଛି। ଏହାସହିତ ପୂର୍ବରୁ ଚାଲିଥିବା ସ୍ନାତକୋତ୍ତର ପାଠ୍ୟକ୍ରମରେ ଓଡ଼ିଆ, ଇଂରାଜୀ, ସଂସ୍କୃତ, ଅର୍ଥନୀତି, ରାଜନୀତି ବିଜ୍ଞାନ, ଇତିହାସ, ସମାଜଶାସ୍ତ୍ର ଓ ଶିକ୍ଷାରେ ସ୍ନାତକୋତ୍ତର, ସମାଜସେବା ବିଭାଗ ଓ ବାଣିଜ୍ୟରେ ପ୍ରଦାନ କରାଯାଉଛି। ଗତ ଫେବୃଆରୀ ମାସରେ ଉକ୍ତ କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟରେ ୨୨୧ ଜଣ ଛାତ୍ରଛାତ୍ରୀ ବିବିଧ ସ୍ନାତକୋତ୍ତର ପାଠ୍ୟକ୍ରମରେ ଯୋଗ ଦେଇଥିବା ବେଳେ ବର୍ତ୍ତମାନ ଚାଲୁଥିବା ଜୁଲାଇ ପର୍ଯ୍ୟାୟରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିଛନ୍ତି। ତଥାପି ଭର୍ତ୍ତି ପ୍ରକ୍ରିୟା ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିଥିବାରୁ ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ଦୂର ଓ ଆଭାଷୀ ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ଼କ୍ଟର ମୁନେଶ ଚନ୍ଦ୍ର ଅଧିକାରୀ ଓ ଡେପୁଟି ରେଜିଷ୍ଟ୍ରାର ଡ. ଦେବଦତ୍ତ ଦାସ ଆରମ୍ଭ ହେବାକୁ ଯାଉଥିବା ସ୍ନାତକ ପାଠ୍ୟକ୍ରମଗୁଡିକର ସଫଳ କାର୍ଯ୍ୟାନ୍ୱୟନ ନେଇ ଆଶାପୋଷଣ କରିଛନ୍ତି।

## ତୃତୀୟ ପର୍ଯ୍ୟାୟ ଗଣେଶ ମେଢ଼ ବିସର୍ଜନ





ବାଲେଶ୍ୱର,୨।୯ (ସମିସ): ଗତ୨୯ ତାରିଖରେ ସହରରେ ପ୍ରଥମ ପର୍ଯ୍ୟାୟର ଗଣେଶ ମେଢ଼ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ୩୧ତାରିଖରେ ସହରରେ ଦ୍ୱିତୀୟ ପର୍ଯ୍ୟାୟର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ତୃତୀୟ ଅର୍ଥାତ ଶେଷ ପର୍ଯ୍ୟାୟ ଭାଷାଣୀ। ଆଜି ଦିନ ବେଳୁ ବିଭିନ୍ନ ମଣ୍ଡପର ଗଣେଶ ମୂର୍ତ୍ତିଙ୍କୁ ସହର ଉପକଣ୍ଠ ବାଲିଘାଟ ଅଭିମୁଖେ ଶୋଭାଯାତ୍ରାରେ ନିଆଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପ୍ରଥମ ଦିନରେ ଡିଜେ ପକ୍ଷରୁ ଶବ୍ଦର ମାତ୍ରା ଅଧିକ ଥିବାରୁ ସହରରେ ଏକ ପ୍ରକାର ଅଶାନ୍ତି ପ୍ରକାଶ ପାଇଥିଲା। ଏହାକୁ କେନ୍ଦ୍ର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଭସାଣୀରେ ଡିଜେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ନିର୍ଦ୍ଦେଶ ହୋଇଥିଲା। ତେବେ ଦ୍ୱିତୀୟ ପର୍ଯ୍ୟାୟ ଭସାଣୀ ବିନା ଡିଜେରେ ହୋଇଥିବା ବେଳେ ଆଜି ମଧ୍ୟ ବିନା ଡିଜେରେ ଭସାଣୀ ହୋଇଛି। କେବଳ ମେଢ଼ରେ ଚାରୋଟି ବକ୍ସ ଲାଗିଥିବା ଜଣାଯାଇଛି। ଅନ୍ୟପଟେ ସହରରେ ମୋଟ ୧୫୫ଟି ମେଢ଼ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ପାୟ ଶେଷ ହୋଇଥିବା ବେଳେ ଆଜି ପାଖାପଖି ୧୫ଟି ମେଢ଼ ବାଲିଘାଟ ଠାରେ ବିସର୍ଜନ କରାଯାଇଛି।

## ଗୁରୁ ଦିବସରୁ ପୁଣି ରାସ୍ତାରେ ବସିବେ ଗୁରୁ



ବାଲେଶ୍ୱର,୨।୯ (ସମିସ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବାଲେଶ୍ୱର ଶାଖାର କାର୍ଯ୍ୟାଳୟରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମାନଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ମାନଙ୍କର ନ୍ୟାଯ୍ୟ ଦାବି ଗୁଡ଼ିକୁ ସରକାର ବାରମ୍ବାର ଅଣଦେଖା କରୁଥିବାରୁ ଆଗାମୀ ୫ ତାରିଖ ଗୁରୁ ଦିବସ ଠାରୁ ତିନି ଦିନ ଧରି ଭୁବନେଶ୍ୱରରେ ମହା ସମାବେଶ କରାଯିବା ସହିତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଅନୁଦାନ ପାଇ ନ ଥିବା ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ, ଯେଉଁମାନେ ଅନୁଦାନ ପାଇଛନ୍ତି ସେମାନଙ୍କର ଚାକିରି ସର୍ତ୍ତାବଳୀ ସହିତ ଅବସର ପରେ ପେନସନ ପ୍ରଦାନ ପ୍ରମୁଖ ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମନୋରଞ୍ଜନ ଦାସ, ସଭାପତି ଓଷ୍ଟା ବିଜୟ କୁମାର ପାତ୍ର, ଆବାହକ ମିଳିତ ମଞ୍ଚ ସୁଶାନ୍ତ ଦାସ , ସଭାପତି ଅଲ୍ ଓଷ୍ଟା ରବିନାରାୟଣ ପଣ୍ଡା, ସମ୍ପାଦକ ଅଲ୍ ଓଷ୍ଟା, ନିରଞ୍ଜନ ଘଡାଇ,ଜଗବନ୍ଧୁ ପଣ୍ଡା, ନିରଞ୍ଜନ ଦାସ୍, ପ୍ରମୋଦ କୁମାର ସାହୁ, ରଶ୍ମିରଞ୍ଜନ ଶତପଥୀ, ଅଞ୍ଜନ ଚାନ୍ଦ, ଅତନୁ ପ୍ରଧାନ, ବଂଶୀଧର ଦତ୍ତ, ବଳରାମ ସଙ୍ଗ ସମେତ ମାଦ୍ରାସା,୬୬୨ ଅଣଶିକ୍ଷକ କର୍ମଚାରୀ, ସଂସ୍କୃତ ଟୋଲ ର ନେତୃତ୍ୱ ମାନେ ଉପସ୍ଥିତ ଥିଲେ।

## ଭାଙ୍ଗିଲା ଗଛ; ଅଳ୍ପକେ ବର୍ତ୍ତିଲା ଆମ୍ବୁଲାନ୍ସ




ବାଲେଶ୍ୱର,୨।୯ (ସମିସ): ଲଗାଣବର୍ଷା ଓ ପବନରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପଛପଟରେ ଥିବା ରାତ୍ରୀ ଆଶ୍ରୟସ୍ଥଳୀ ତଥା ଅଙ୍ଗନବାଡି କେନ୍ଦ୍ର ନିକଟରେ ଥିବା ଏକ ବଡ ଗଛ ଭାଙ୍ଗିଯାଇଥିଲା। ରାସ୍ତା ପାର୍କିଂରେ ଠିଆ ହୋଇଥିବା ଏକ ଆମ୍ବୁଲାନ୍ସ ଅଳ୍ପକେ ବର୍ତ୍ତିଯାଇଛି। ଆଜି ସକାଳେ ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚି ଗଛ କାଟିବା ସହ ରାସ୍ତା ଅବରୋଧ ହଟାଇଛନ୍ତି।

## ରେଳ କଲୋନୀରେ ବୃକ୍ଷରୋପଣ ଅଭିଯାନ



ବାଲେଶ୍ୱର,୨।୯ (ସମିସ): ସ୍ୱଚ୍ଛତା ଅଭିଯାନ ୨୦୨୫ ଅଭିଯାନ ଅଧୀନରେ, ପରିବେଶଗତ ସ୍ଥିରତା ଏବଂ ସବୁଜ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ବାଲେଶ୍ୱର ରେଳ କଲୋନିରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜନ କରାଯାଇଥିଲା। ରେଳ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର କଲୋନିଗୁଡ଼ିକରେ ଚାରା ରୋପଣ କରି ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ପଦକ୍ଷେପ ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର ଡିଭିଜନର ଏକ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ପରିବେଶ ସୃଷ୍ଟି ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ଏହି ପ୍ରୟାସ ସ୍ୱଚ୍ଛ ଭାରତ ଅଭିଯାନରେ ଯୋଗଦାନ ଦେବା ଏବଂ ରେଳ ପରିସରରେ ପରିବେଶଗତ ସନ୍ତୁଳନ ବୃଦ୍ଧି କରିବା ପାଇଁ ବ୍ୟାପକ ମିଶନର ଏକ ଅଂଶ। ଖଡ଼ଗପୁର ଡିଭିଜନ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିବା ପାଇଁ ଏପରି ପରିବେଶ-ଅନୁକୂଳ ଅଭ୍ୟାସଗୁଡ଼ିକୁ ଉତ୍ସାହିତ କରିଆସୁଛି।








# ମଝିରାସ୍ତାରେ ଝୁଲୁଛି ମୃତ୍ୟୁର ଫାଶ



ଭୁବନେଶ୍ୱର, ୨।୯(ସମିସ): ରାଜଧାନୀ ରାସ୍ତାରେ ଝୁଲୁଛି ମରଣ ଫାଶ। କେତେବେଳେ କାହା ଜୀବନ ଚାଲିଯିବ ତାହା କହି ହେଉ ନାହିଁ। କାରଣ ଇଲେକ୍ଟ୍ରି ଖୁଣ୍ଟରେ ଏବେ ବୁଢିଆଣି ଜାଲଭଳି କେବୁଲ ତାର ଝୁଲୁଛି। ଅନେକ କେବଲ ତାର ବର୍ଷା କିମ୍ବା ପବନରେ ଛିଡ଼ା ଯାଉଥିଲେ ମଧ ଏହାକୁ କାଢୁ ନାହାନ୍ତି। ଏହି କେବୁଲ ତାର ଗୁଡ଼ିକ ରାସ୍ତା ମଝିରେ ଝୁଲି ରହୁଛି। ଯାହାଫଳରେ ରାସ୍ତାରେ ଯାଉଥିବା ଯାତ୍ରୀଙ୍କ ଗୋଡରେ ଗୁଡାଇ ହୋଇଯିବାକୁ ପଡ଼ି ମୁଣ୍ଡ ଫାଟୁଥିବା ବେଳେ ଅନେକ ବାଇକ୍ ଚାଳକ ଏହି ତାର ଦେଖି ନ ପାରି ବେକରେ ଗୁଡେଇ ହୋଇଯିବାରୁ ତଳେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ପୂରା ସହରସାରା ଏହି ସମସ୍ୟା ଦେଖିବାକୁ ମିଳିଛି। କେବୁଲ କାହାର, କିଏ ସେମାନଙ୍କୁ ଟାଣିବାକୁ ଅନୁମତି ଦେଇଛି। ସେନେଇ ପଚାରିଲେ ମଧ କାହାରିକୁ ଜଣାନାହିଁ। ଯେଉଁ ସଂସ୍ଥାର କେବୁଲ ତାର ଛିଣ୍ଡି ରାସ୍ତାରେ ପଡୁଛି କିମ୍ବା ଝୁଲି ରହୁଛି। ତାହାକୁ କାଢିବା ବଦଳରେ ଛାଡ଼ି ଦେବାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ନିଜର ବିଜୁଳି ଖୁଣ୍ଟରେ କେବୁଲ ତାର ଟାଣିଥିବା ବିଭିନ୍ନ କମ୍ପାନୀ ଠାରୁ ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଲକ୍ଷାଧିକ ଟଙ୍କା ଆଦାୟ କରୁଥିବାବେଳେ ରାସ୍ତାରେ ଝୁଲୁଥିବା, ଛିଣ୍ଡି ପଡ଼ିଥିବା ତାର ଦ୍ୱାରା ଲୋକେ କିଭଳି ହଇରାଣ ହେଉଛନ୍ତି ସେଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି ବୋଲି ଅଭିଯୋଗ ହୋଉଛି। ସହରାଞ୍ଚଳରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବିଭିନ୍ନ ସଂସ୍ଥା ସେମାନଙ୍କର ତାର ଟାଣିଥାନ୍ତି। ଏମାନଙ୍କ ମଧ୍ୟରେ ଘରୋଇ ଟେଲିକମ୍ ସଂସ୍ଥା, ଟିଭି କେବୁଲ ସଂସ୍ଥା, ଇଣ୍ଟନେଟ୍ ସଂସ୍ଥା ଏବଂ ସଂସ୍ଥା ମଧ କେବୁଲ ଟାଣିଛନ୍ତି। ଏଥିପାଇଁ ସେମାନେ ବିଦ୍ୟୁତ୍ ବିତରଣ କମ୍ପାନୀ ସହିତ ଚୁକ୍ତିନାମା କରି ଖୁଣ୍ଟ ପିଛା ଅର୍ଥ ପ୍ରଦାନ କରିଥାନ୍ତି। କିନ୍ତୁ ଲୋକଙ୍କ ଜୀବନକୁ ସେମାନେ ଗୁରୁତ୍ୱ ଦେଉ ନାହାନ୍ତି। ଯେଉଁଥି ପାଇଁ ଗତ ୬ ମାସରେ ୨୩ ଜଣ ଲୋକ ଆହତ ହେଲେଣି। ଅନେକ ଲୋକ ମଧ ଗୁରୁତର ହୋଇ ମୃତ୍ୟୁମୁଖରୁ ବର୍ତ୍ତି ଆସିଛନ୍ତି।

ରାଜଧାନୀରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବିଭିନ୍ନ ଟେଲିଫୋନ୍ ଓ କେବୁଲ ସଂସ୍ଥା ସେମାନଙ୍କ ତାର ଥରେ ବାନ୍ଧି ଚାଲିଗଲା ପରେ ଆଉ ଦୃଷ୍ଟି ଦେଉନାହାନ୍ତ। କେଉଁଠାରେ ଏହା ଲୋକଙ୍କ ମୁଣ୍ଡରେ ବାଜୁଛି ତ ଆଉ କେଉଁଠାରେ ରାସ୍ତାରେ ପଡ଼ି ରହୁଛି। ଏପ୍ରତି ବିଦ୍ୟୁତ୍ ବିତରଣ କମ୍ପାନୀ ଦୃଷ୍ଟି ଦେଉନାହିଁ। ଏପରିକି ଅଭିଯୋଗ କଲେ ଏହା ଆମର ନୁହେଁ କହି ପଳାଇ ଯାଉଛନ୍ତି। ରାଜଧାନୀର ବିଭିନ୍ନ ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଲକ୍ଷାଧିକ ଟଙ୍କା ଆୟ କରୁଥିବା ବିତରଣ କମ୍ପାନୀ ତାର ଟାଣିଥିବା ସଂସ୍ଥାକୁ ତାଗିଦା କରିବାକୁ ବି ପଛାଉଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ଘରୋଇ ସଂସ୍ଥାଗୁଡିକରେ ମାଳ ମାଳ ତାର ଖୁଣ୍ଟରେ ବାନ୍ଧିବା ଯୋଗୁଁ ଆବଶ୍ୟକସ୍ଥଳେ ବିଦ୍ୟୁତ୍ କର୍ମଚାରୀମାନେ ସହଜରେ ଖୁଣ୍ଟରେ ଚଢିପାରୁ ନାହାନ୍ତି। କେତେକ ସ୍ଥାନରେ ତ କେଉଁ ତାର କାହାର ତାହା ସହଜରେ ଚିହ୍ନଟ କରାଯାଇ ପାରୁନାହିଁ। ଆଗକୁ ପାର୍ବଣ ଋତୁ ଆସୁଛି। ଗଳି କନ୍ଦିରେ ଏକାଧିକ ତୋରଣ ହେବ। ଶହ ଶହ ଲୋକ ତୋରଣ ବୁଲିବା ପାଇଁ ଘର ବାହାରିବେ। ତେଣୁ ଏହି କେବୁଲ ତାର ରାସ୍ତା ମଝିରେ ଝୁଲି ରହୁଥିବାରୁ ଲୋକଙ୍କ ପାଇଁ ବଡ଼ ବିପଦ ଆଣିପାରେ ବୋଲି ଆଶଙ୍କା କରାଯାଉଛି। ଯେଉଁଭଳି ଗୁଡ଼ି ଉଡ଼ାଇବା ପାଇଁ ବିକ୍ରି ହେଉଥିବା ମାଞ୍ଜା ସୂତା ରାସ୍ତାରେ ଝୁଲି ରହିବାରୁ ଗାଡି ଚାଳକଙ୍କ ବେକ କାଟିଯିବାରୁ ମୃତ୍ୟୁ ଘଟୁଥିଲା। ସେହିପରି ଏବେ ମାଞ୍ଜା ସୂତାର ରୂପ ଧରିଛି ସହର ସାରା ଯାଇଥିବା କଳା କେବୁଲ ତାର। ରାସ୍ତାରେ ଝୁଲି ରହୁଥିବାରୁ ପାର୍ବଣରେ ଲୋକଙ୍କ ଜୀବନ ଯିବ। ତେଣୁ ପ୍ରଶାସନ ଏହି କେବୁଲ ବିଛାଉଥିବା ସଂସ୍ଥାକୁ ତାଗିଦ କରିବା ସହ ଯେଉଁଠି ସବୁ ତାର ଏଣେ ତେଣେ ପଡ଼ି ରହିଛି, ତାହାକୁ ଠିକ୍ କରିବାକୁ ନିର୍ଦ୍ଦେଶ ଦୁଅନ୍ତୁ। ଆହୁରି ମଧ କେବୁଲ ସଂସ୍ଥାଗୁଡ଼ିକ ପାଇଁ ସରକାର ଏବଂ ପ୍ରଶାସନ ଗାଇଡ୍‌ଲାଇନ୍ ଆଣିବା ଆବଶ୍ୟକ ବୋଲି ସହରବାସୀ ମତ ଦେଇଛନ୍ତି।

**ବୁଢ଼ିଆଣି ଜାଲ ପରି ଇଲେକ୍ଟ୍ରି ଖୁଣ୍ଟରେ କେବୁଲ**

**ତାର ଛିଣ୍ଡି ରାସ୍ତା ଉପରେ ଝୁଲି ରହିଛି**

**ବାଇକ୍ ଚାଳକ ଦେଖି ନପାରି ହେଉଛନ୍ତି ଦୁର୍ଘଟଣାର ଶିକାର**

**୬ ମାସରେ ଆହତ ହେଲେଣି ୨୩ ଜଣ**

ବିଏମ୍‌ସିର ସାଂସ୍କୃତିକ କାର୍ଯ୍ୟକ୍ରମ

## ରାମ୍ପ ଶୋ'ରେ ମହିଳା କର୍ପୋରେଟର୍



ଭୁବନେଶ୍ୱର, ୨।୯(ସମିସ): ବିଏମ୍‌ସି ରିକ୍ରିଏସନ୍ କ୍ଲବ୍‌ର ବାର୍ଷିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ଚାଲୁରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ଇଣ୍ଡୋର ଗେମ୍, ଆଉଟ୍ ଡୋର୍ ଗେମ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦିର କ୍ରମାନୁସାରେ ଚାଲୁ ରହିଥିବାବେଳେ ଆଜି ସଂଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଯାଇଛି। ଆରମ୍ଭରୁ ଇନ୍‌ଡୋର୍ ଗେମ୍ ଯାହାକି କ୍ୟାରମ୍, ଚେସ୍, ମ୍ୟୁଜିକ୍ ଚେୟାର, ବ୍ୟାଡ୍ ମିଂଟନ୍; ଆଉଟ୍ ଡୋର୍ ଗେମ୍‌ରେ ୱାଟର୍ ବଲ୍, ଜାଭ୍ଲିନ୍ ଥ୍ରୋ, ଫୁଟ୍ ବଲ୍, ସଟ୍ପୁଟ୍, କ୍ରିକେଟ୍, ଲେମନ୍ ସ୍ପୁନ୍ ଇତ୍ୟାଦିର ଅଂଶଗ୍ରହଣକାରୀ ମାନେ ପୁରସ୍କୃତ ହୋଇଥିଲେ। ମଞ୍ଚରେ ଭଳି କି ଭଳି ହସ୍ତତନ୍ତ ଶାଢ଼ୀରେ ନିଜକୁ ସଜାଇ ମହିଳା କର୍ପୋରେଟର୍ ଏବଂ ଅଧିକାରୀମାନେ ରାମ୍ପ ଶୋ'ରେ ଭାଗ ନେଇଥିଲେ। କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ସୁମଧୁର ସଙ୍ଗୀତ, ରତ୍ନାକର ସାହୁ ଅତିରିକ୍ତ କମିଶନର, ସହାୟକ କମିଶନର ସତ୍ୟଜିତ ସାହୁ ମଧୁର ସଂଗୀତ ପରିବେଷଣ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ସମ୍ବଲପୁରୀ ନୃତ୍ୟ। ବିବିଧ ସମ୍ବଲପୁରୀ ଏବଂ ଆଦିବାସୀ ନୃତ୍ୟରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ ମହିଳା କର୍ପୋରେଟର୍ ଏବଂ ମହିଳା ଅଧିକାରୀ। ଏହାପରେ ଆରମ୍ଭ ହୋଇଥିଲା ବହୁ ପ୍ରତୀକ୍ଷିତ ନାଟକ ଛାୟା ପୁରୁଷ। ଭାବଗ୍ରାହୀ ମିଶ୍ରଙ୍କ ରଚନା ଏବଂ ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅଭିନୀତ ହୋଇଥିଲା ଏହି ନାଟକ। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା, କଲ୍‌ଚରାଲ୍ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ରାମଚନ୍ଦ୍ର ରଣସିଂହ, ରିକ୍ରିଏସନ କ୍ଲବ୍‌ର ସମ୍ପାଦକ ଶୁଭକାନ୍ତ ପାଢ଼ୀ। ତେବେ ଏହି ଆୟୋଜନର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାଶ ଚନ୍ଦ୍ର ଦାସ।

**ଗୀତ ଗାଇଲେ ଅତିରିକ୍ତ କମିସନର**

## ସମ୍ ହସ୍ପିଟାଲ୍ ପକ୍ଷରୁ ଆଇଏନ୍ଏସ୍ ସ୍କିଲାଥନ-୨୦୨୫

ଭୁବନେଶ୍ୱର, ୨।୯ (ସମିସ): ଗୁଣାତ୍ମକ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ନର୍ସିଂ ସେବାକୁ ଅଧିକ ଦକ୍ଷ କରିବା ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଦୁଇ ଦିନିଆ କର୍ମଶାଳା 'ଆଇଏନ୍‌ଏସ୍ ସ୍କିଲାଥନ-୨୦୨୫' ଉଦଯାପିତ ହୋଇଯାଇଛି। ଇନ୍‌ଫ୍ୟୁଜନ୍ ନର୍ସେସ ସୋସାଇଟି–ଇଣ୍ଡିଆର ଓଡ଼ିଶା ଶାଖା ପକ୍ଷର ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରୀପାଠି, ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଣ୍ଟ ମିନତୀ ମିଶ୍ର ଏବଂ କେୟାର ହସ୍ପିଟାଲ୍‌ର ନର୍ସିଂ ସୁପରିନଟେଣ୍ଡେଣ୍ଟ ସୁଦେଷ୍ଣା ସାହୁ ଯୋଗ ଦେଇଥିଲେ।

## ରେଳ ଉପଭୋକ୍ତା ସମାଚାର ଲୋକାର୍ପିତ



ଭୁବନେଶ୍ୱର, ୨।୯(ସମିସ): ରେଳ ଉପଭୋକ୍ତା ସମିତି, ଓଡ଼ିଶା ପକ୍ଷରୁ ଏକ ତ୍ରୈମାସିକ ପତ୍ରିକା ରେଳ ଉପଭୋକ୍ତା ସମାଚାର ନାମରେ ପ୍ରକାଶିତ ଲୋକାର୍ପିତ ଉତ୍ସବ ଅନୁଷ୍ଠିତ ହୋଇଛି। ନିଜସ୍ୱ କାର୍ଯ୍ୟାଳୟ ମଧୁସୂଦନ ନଗରଠାରେ ପତ୍ରିକାଟିକୁ ମୋନାର ସଭାପତି ଗାନ୍ଧୀବାଦୀ ନେତା ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକଙ୍କ ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ ସମିତିର ସଭାପତି ତଥା ସମ୍ବାଦପତ୍ରର ମୁଖ୍ୟ ସମ୍ପାଦକ ଅର୍ଜୁନ ଚରଣ ସାମନ୍ତରାୟ, ସହ-ସମ୍ପାଦକ ଅରୁଣ କୁମାର ସ୍ୱାଇଁ, ସମ୍ପାଦକ ସୋମ୍ୟ ରଞ୍ଜନ ପ୍ରଧାନ, ମଳୟ କୁମାର ତ୍ରିପାଠୀ, ସତ୍ୟନାରାୟଣ ସାମନ୍ତସିଂହାର ସମେତ ବହୁ ସାମାଜିକ କର୍ମୀ ଓ ବୁଦ୍ଧିଜୀବି ଉପସ୍ଥିତ ରହି ଓଡ଼ିଶାର ରେଳ ଉପଭୋକ୍ତାମାନଙ୍କ ପାଇଁ ଏଭଳି ଏକ ପତ୍ରିକା ଓଡ଼ିଶାରେ ପ୍ରଥମ ଥର ପାଇଁ ପ୍ରକାଶିତ ହେବ ଖୁସିର ବିଷୟ ବୋଲି ବ୍ୟକ୍ତ କରିଥିଲେ।

## ଯୁବ ଚିତ୍ରଶିଳ୍ପୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର, ୨।୯(ସମିସ): ଦିବଂଗତ ଯୁବ ଚିତ୍ରଶିଳ୍ପୀ ତଥା ଧଉଳି ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ମାନସ ରଞ୍ଜନ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଆୟୋଜିତ ହୋଇଯାଇଛି। ୧୯୮୨ ମସିହାରେ ଜନ୍ମିତ ଶିଳ୍ପୀ ମାନସ ବହୁ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରଦର୍ଶନୀ ଓ ଶିଳ୍ପୀ ଶିବିରରେ ଅଂଶ ଗ୍ରହଣ କରି ବହୁ ସୁନାମ ଅର୍ଜନ କରିଥିଲେ। ସେ ରାଜ୍ୟ ହସ୍ତଶିଳ୍ପ ଓ ବୟନ ଶିଳ୍ପ ବିଭାଗର ଡିଜାଇନର ମଧ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ, ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ରାମଶଙ୍କର ସାହୁ, ଭୂପତି ଭୂଷଣ ପଣ୍ଡା ଓ ଛାତ୍ରଛାତ୍ରୀମାନେ ଦିବଂଗତ ଶିଳ୍ପୀଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଦେବା ପୂର୍ବକ ତାଙ୍କ ସ୍ମୃତି ଚାରଣ କରିଥିଲେ।

## ପଦ୍ମଶ୍ରୀ ରଜତ କରଙ୍କ ଜୟନ୍ତୀ

ଭୁବନେଶ୍ୱର, ୨।୯(ସମିସ): ଗୀତଗୋବିନ୍ଦ ସଦନଠାରେ ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ପୌରାହିତ୍ୟରେ ପଦ୍ମଶ୍ରୀ ରଜତ କୁମାର କରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା 'ରଜତ କର' କହିଲେ ଓଡ଼ିଶାର ପତ୍ୟେକ ଘରେ ଲୋକେ ତାଙ୍କ ରଥଯାତ୍ରା ଧାରାବିବରଣୀ ଓ ଭଞ୍ଜ ସାହିତ୍ୟ ଆଲୋଚନାକୁ ମନେ ପକାନ୍ତି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ, ଲେଖକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ପାଲାଗାୟକ ସୁଦର୍ଶନ ମହାପାତ୍ର, ମୁଖ୍ୟବକ୍ତା ଡ. ବିଜୟାନନ୍ଦ ସିଂହ ଯୋଗ ଦେଇଥିଲେ। ଏହି ଅବସରରେ ରଜତ କରଙ୍କ ପ୍ରଥମ ଗଳ୍ପ ସଂକଳନ 'ଅଳ୍ପ ଦିନର ଗଳ୍ପ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ମୃତି ସଂସଦ ତରଫରୁ ଡା. ଅଂଶୁମାନ କର କାର୍ଯ୍ୟକ୍ରମ ସୂଚନା ରଖିଥିଲାବେଳେ ଇଂ ରଣଜୀତ କର ଅତିଥି ପରିଚୟ ପ୍ରଦାନ କରିଥିଲେ।

## ପାରମ୍ପରିକ ବାଦ୍ୟରେ ଗଣେଶ ଭସାଣି

ଭୁବନେଶ୍ୱର, ୨।୯ (ସମିସ): ନୀଳାଦ୍ରି ବିହାରର ବିନ୍ଦାସ କ୍ଲବ ପକ୍ଷରୁ ସେକ୍ଟର ୧ ଚନ୍ଦ୍ରାଲୋକ ମାର୍କେଟ ଠାରୁ ପାରମ୍ପରିକ ଢୋଲ ଓ ଦୁଲୁଦୁଲି ବାଦ୍ୟର ଶୋଭାଯାତ୍ରାରେ ଗଣପତିଙ୍କ ମେଢକୁ ନୀଳାଦ୍ରିବିହାର କଲୋନୀ ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା। ସେହିପରି ହରେକୃଷ୍ଣ ନଗରର ମା ତାରିଣୀ ୟୁଥ କ୍ଲବ, ପଣ୍ଡାପାର୍କ, ରିକ୍ସା କଲୋନୀ, ମା ମଙ୍ଗଳା ସାହି, ଇଶାନେଶ୍ୱର ବସ୍ତି କ୍ଲବ ପକ୍ଷରୁ ନୀଳାଦ୍ରି ବିହାର ୨୦୦ ଫୁଟିଆ ରାସ୍ତାର ଲୁମ୍ବିନୀ ବିହାର ଠାରୁ ଶୋଭାଯାତ୍ରା ବାହାରି ସମସ୍ତ ବସ୍ତି ଦେଇ ନୀଳାଦ୍ରି ବିହାର, ଶୈଳଶ୍ରୀବିହାର ପରିକ୍ରମା କରି କୁଆଖାଇ ଅଭିମୁଖେ ଯାତ୍ରା କରିଥିଲେ। ଢୋଲ ଓ ଦୁଲଦୁଲି ବାଜାରେ ଥରି ଉଠିଲା ରାସ୍ତା, ଘୋଡା ନାଚ, ଷଣ୍ଢ ନାଚ, ପଞ୍ଜାବୀ ବାଜା, ଘଣ୍ଟୁଆ ନାଚ ସାଙ୍ଗକୁ ବ୍ରାସ ବ୍ୟାଣ୍ଡ ଓ ଗୁଆଘିଅ, ସାମୀ ସାମୀ, ଗଣପତି ବାବା ଗୀତରେ ମତୁଆଲା ହୋଇ ନାଚିଥିଲେ ଯୁବପିଢି।

## ଏନ୍‌ଏଚ୍‌ଏଆଇ କାର୍ଯ୍ୟାଳୟ ଘେରିଲା ଚୌଦ୍ୱାର ଜାଗରଣ ମଞ୍ଚ



ଭୁବନେଶ୍ୱର, ୨।୯ (ସମିସ): ଚୌଦ୍ୱାର ଜାଗରଣ ପକ୍ଷରୁ ଜୟଦେବ ବିହାରସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଆଞ୍ଚଳିକ ଅଫିସ୍‌କୁ ମଙ୍ଗଳବାର ଘେରାଉ କରାଯାଇଥିଲା। ମଙ୍ଗୁଳିରୁ ଧୂମାବତୀ ପର୍ଯ୍ୟନ୍ତ ୬ କିମି ରାସ୍ତା ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ନ ହେବା ଏବଂ ୧୨ଟି ଦାବିରୁ କୌଣସି ଗୋଟିଏ ପୂରଣ ନ ହେବାକୁ ନେଇ ଏହି ଆନ୍ଦୋଳନ ହୋଇଛି। ଜାତୀୟ ରାଜପଥ ୫୫ର ମଙ୍ଗୁଳିରୁ ଝାରପୋଖରିଆ ପର୍ଯ୍ୟନ୍ତ ୬୪ କିମି ରାସ୍ତା ନିର୍ମାଣ ପାଇଁ ମହେନ୍ଦ୍ର ସ୍ୱାଇଁ ଇନଫ୍ରା ଇଞ୍ଜିନିୟର ଲିମିଟେଡକୁ ୨୭୮ କୋଟି ଟଙ୍କାର ଚୁକ୍ତି ଦିଆଯାଇଥିଲା। ଡିସେମ୍ବର ୨୦୨୪ ସୁଦ୍ଧା କାର୍ଯ୍ୟ ଶେଷ ହେବାର ଥିଲା, କିନ୍ତୁ ୩୦% କାର୍ଯ୍ୟ ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଚି। ଚୌଦ୍ୱାର ଅଞ୍ଚଳରେ ୧୫ରୁ ଅଧିକ ଏବଂ କଟକ-ସମ୍ବଲପୁର ରାସ୍ତାରେ ୨୦୦ରୁ ଅଧିକ ଲୋକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ କଣ୍ଟ୍ରାକ୍ଟର କୌଣସି କ୍ଷତିପୂରଣ ପ୍ରଦାନ କରି ନ ଥିଲେ। ଏହା ପୂର୍ବରୁ ୨୪ ଜୁଲାଇ ୨୦୨୫ରେ ମଧ ସମାନ ଆନ୍‌ଦୋଳନ କରାଯାଇଥିଲା। ଚୌଦ୍ୱାର ଜାଗରଣ ମଞ୍ଚର ସଂଯୋଜକ ଶ୍ରୀକାନ୍ତ ପାକଳଙ୍କ ନେତୃତ୍ୱରେ ପ୍ରଭାନନ୍ଦ ସାହୁ, ହରିହର ବେଉରା, ପ୍ରତାପ ଜେନା, ଭାସ୍କର ମହାପାତ୍ର ପ୍ରମୁଖ ଆନ୍‌ଦୋଳନରେ ସାମିଲ ହୋଇଥିଲେ। ଆଲୋଚନା ପାଇଁ ରିଜିଓନାଲ ଅଫିସର, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ କଣ୍ଟ୍ରାକ୍ଟର ସୁଜାତା ସ୍ୱାଇଁ ଓ ତାଙ୍କ ପ୍ରୋଜେକ୍ଟ ମ୍ୟାନେଜର ଡି.କେ. ସିଂ ଉପସ୍ଥିତ ଥିଲେ। କିନ୍ତୁ ଦାବିଗୁଡିକର ଅଗ୍ରଗତି ସମ୍ପର୍କରେ ସ୍ପଷ୍ଟ ଉତ୍ତର ନମିଳିବାରୁ ଆଲୋଚନା ବିଫଳ ହୋଇଥିଲା।

ମଞ୍ଚ କଣ୍ଟ୍ରାକ୍ଟରଙ୍କୁ କଳାତାଲିକାଭୁକ୍ତ କରିବା, ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ହଟାଇବା ଏବଂ ରାସ୍ତା ନିର୍ମାଣ ତୁରନ୍ତ ଶେଷ କରିବା ସହ ଦୁର୍ଘଟଣାରେ ମୃତ ଓ ଆହତଙ୍କ ପାଇଁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲା। ଆଲୋଚନାରୁ କୌଣସି ସମାଧାନ ବାହାରି ନଥିବାରୁ ଆନ୍‌ଦୋଳନକାରୀମାନେ ନିରାଶ ହୋଇ ଫେରିଥିଲେ। ମଞ୍ଚ ଭବିଷ୍ୟତରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ସଂକଳ୍ପ ବ୍ୟକ୍ତ କରିଥିଲା।

## ଇଣ୍ଡିଆ ଚେଞ୍ଜ ମେକର୍ ୨୦୨୫ ଭାବେ ସୋଆ ଫ୍ୟାକଲ୍ଟି ମନୋନୀତ



ଭୁବନେଶ୍ୱର, ୨।୯(ସମିସ): ଶିକ୍ଷା, ଗବେଷଣା ଓ ସାମାଜିକ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଆସୋସିଏଟ୍ ପ୍ରଫେସର ଡକ୍ଟର ସ୍ୱର୍ଣ୍ଣପ୍ରଭା ଶତପଥୀଙ୍କୁ 'ଇଣ୍ଡିଆ ଚେଞ୍ଜ ମେକର୍ -୨୦୨୫' ଭାବେ ମନୋନୀତ କରାଯାଇଛି। ଭାରତର ସର୍ବବୃହତ୍ ଘରୋଇ ଷ୍ଟାର୍ଟଅପ୍ ବିଜିନେସ୍ ଟଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଚେଞ୍ଜ ମେକର ତାଲିକାରେ ତାଙ୍କ ନାମ ସ୍ଥାନ ପାଇଛି। ଏହି ସମ୍ମାନ ନିମନ୍ତେ ସେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକଙ୍କର ସାହାଯ୍ୟ ଓ ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି।

## ଇପିଏଫ୍‌ଓ ପକ୍ଷରୁ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' କର୍ମଶାଳା




ଭୁବନେଶ୍ୱର,୨।୯ (ସମିସ): କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ) ପକ୍ଷରୁ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନା ଅଧୀନରେ ପ୍ରଦାନ କରାଯାଉଥିବା ସୁବିଧା ପାଇବା ପାଇଁ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କୁ ସହଯୋଗ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦୀପିକା କଚ୍ଛଲ ଅଧିବେଶନରେ ଅଧକ୍ଷତା କରିଥିଲେ। ସ୍ଥାନୀୟ ଭବିଷ୍ୟନିଧି ସଂଗଠନର ମୁଖ୍ୟ ଏବଂ ଅତିରିକ୍ତ କେନ୍ଦ୍ରୀୟ ଭବିଷ୍ୟନିଧି କମିଶନର ସୁଶ୍ରୀ ଉମା ମଣ୍ଡଳ ଉକ୍ତ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ହିତାଧିକାରୀଙ୍କୁ ସୂଚନା ଦେଇଥିଲେ। ଆଞ୍ଚଳିକ ଭବିଷ୍ୟନିଧି କମିଶନର-୧ ରାଜର୍ଷି ଚକମା ସ୍ୱାଗତ ଭାଷଣ ଦେଇ ଉପସ୍ଥିତ ହିତାଧିକାରୀମାନଙ୍କୁ ଯୋଜନା ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ , ଆଞ୍ଚଳିକ ଭବିଷ୍ୟନିଧି କମିଶନର-୨ ଗୌରବ ମହାନ୍ତି, ଆଞ୍ଚଳିକ ଭବିଷ୍ୟନିଧି କମିଶନର ବିଜୟ କୁମାର ପ୍ରସାଦ, ସୁଶାନ୍ତ କୁମାର ପାଢୀ, ସୁରଜିତ କୁମାର ଅଧିବେଶନରେ ଯୋଗଦେଇଥିଲେ। ଆଞ୍ଚଳିକ ଭବିଷ୍ୟନିଧି କମିଶନର-୨ ମୌସୁମୀ ଲତା ପାଢୀ ଧନ୍ୟବାଦ ଦେଇଥିବାବେଳେ ପ୍ରବର୍ତ୍ତନ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

# କାଫେକୁ ନୂଆ ପରିଚୟ ଦେଇଛି ଆର୍ଟ କ୍ରାଫ୍ଟ

ଭୁବନେଶ୍ୱର, ୨।୯ (ସମିସ)

ବର୍ତ୍ତମାନ ସମୟର କାର୍ଯ୍ୟ ବ୍ୟସ୍ତତା ଭିତରେ ରହି ମାଇଣ୍ଡ ଫ୍ରେସ୍ କରିବା ପାଇଁ ଯୁବପିଢ଼ି ହୁଅନ୍ତୁ କିମ୍ବା ବରିଷ୍ଠମାନେ ବିଭିନ୍ନ ପ୍ରକାରର କାର୍ଯ୍ୟପନ୍ଥା ଅବଲମ୍ବନ କରୁଛନ୍ତି। ଯେଉଁଥିପାଇଁ ଲୋକମାନେ ଅନେକ ସମୟରେ ସାଙ୍ଗମାନଙ୍କ ସହିତ ପାର୍କ, ମୁଭି, ମଲ୍ ଆଦି ଯାଇ ସମୟ ବିତାଇବାକୁ ଭଲ ପାଉଛନ୍ତି। ହେଲେ ସମୟ ପରିବର୍ତ୍ତନ ହେବା ସହିତ ଆସ୍ତେ ଆସ୍ତେ ଲୋକଙ୍କର ଆଭ୍ୟାସ ମଧ ପରିବର୍ତ୍ତନ ହେବାରେ ଲାଗିଲାଣି। ବିଶେଷକରି ସ୍କୁଲ ଓ କଲେଜରେ ପାଠ ପଢୁଥିବା ପିଲାମାନେ କାଫେରେ ଅଧିକ ସମୟ ଦେଉଛନ୍ତି। ଏଥିସହିତ ବରିଷ୍ଠମାନେ ମଧ ଏହି ରେସ୍‌ରୁ ବାଦ୍ ପଡ଼ିନାହାନ୍ତି।

**ଆର୍ଟ କାଫେର ବଢୁଛି ଚାହିଦା**

**ବରିଷ୍ଠଙ୍କ ମାଇଣ୍ଡ ଫ୍ରେସ୍ କରିବାର ନୂଆ ମାଧ୍ୟମ**

ରାଜଧାନୀରେ ଛତୁ ଫୁଟିଲା ଭଳି କାଫେ ରହିଛି। ଏହି କାଫେରେ କଫି, ଚା ସହିତ ବିଭିନ୍ନ ପ୍ରକାରର ଖାଦ୍ୟ ମଧ ଉପଲବ୍ଧ ହେଉଛି। ହେଲେ ଏବେ କାଫେରେ ଅନେକ କିଛି ପରିବର୍ତ୍ତନ ହେଲାଣି। ରବିଟକିଜ୍‌ରେ ରହିଛି ସହରର ପ୍ରଥମ ଆର୍ଟ କାଫେ ଦ ସର୍କ୍ୟୁଲୋ। ଏହି କାଫେକୁ ଆର୍ଟ ଓ କ୍ରାଫ୍ଟ ଏକ ନୂଆ ପରିଚୟ ଦେଇଛି। ଏହି କାଫେରେ ଯୁବପିଢ଼ି, ଛୋଟପିଲାଙ୍କ ସମେତ ବରିଷ୍ଠମାନେ ଏହି କାଫେକୁ ଆସି ଆର୍ଟ କ୍ରାଫ୍ଟ କରିବା ସହିତ ଗିଟାର, କ୍ୟାରମ୍ ଓ ଡ଼ୋମିନୋ ସହିତ ବିଭିନ୍ନ ପ୍ରକାରର ଷ୍ଟୋରି ବହିର ମଜା ନେଉଛନ୍ତି। ଏହା ମଧ୍ୟରୁ ଲୋକମାନେ ଆର୍ଟ କରିବାକୁ ଅଧିକ ପସନ୍ଦ କରୁଛନ୍ତି। କାଫେ ପକ୍ଷରୁ ବିନା ମୂଲ୍ୟରେ ରଙ୍ଗ, ତୁଳୀ, ଓ କାର୍ଡ଼ବୋର୍ଡ଼ ସହିତ ପ୍ଲେଟ୍ ମଧ ଯୋଗାଇ ଦିଆଯାଇଥାଏ। ଯାହା ଫଳରେ ଆସୁଥିବା ଲୋକମାନେ କାଫେରେ କିଛି ସମୟ ଅତିବାହିତ କରିବା ସହିତ ନିଜ ଭିତରେ ଥିବା କିଛି କଳାକୁ ଚିତ୍ର ମାଧ୍ୟମରେ ଦେଖାଇ ପାରୁଛନ୍ତି। ଯଦି କଷ୍ଟମର ନିଜେ କରିଥିବା ଚିତ୍ରକୁ ନେବାକୁ ଚାହିଁବେ ତେବେ ସେହି ପ୍ଲେଟ୍ ହଉ କିମ୍ବା କାର୍ଡ଼ବୋର୍ଡ଼ ପାଇଁ ୨୦ ଟଙ୍କା ଦେଇଥାନ୍ତି। ନତୁବା ନିଜେ ଚିତ୍ର କରି ସେହି କାଫେର କାନ୍ଥରେ ଲଗାଇପାରୁଛନ୍ତି। କାଫେଟି ସକାଳ ୧୦ରୁ ଖୋଲି ରାତି ୯.୩୦ ପର୍ଯ୍ୟନ୍ତ ଖୋଲା ରହୁଛି। ଏଥିସହିତ ପ୍ରତି ରବିବାର କାଫେରେ ୱାର୍କସପ୍ ମଧ କରାଯାଉଛି।



୨୦୨୪ ନଭେମ୍ବରରେ ଏହି କାଫେ ଆରମ୍ଭ ହୋଇଥିଲା। ଏଥିରେ କେବଳ କେକ୍, କଫି, ପିଜ୍ଜା ଆଦି କାଫେରେ ରହିଥିଲା ହେଲେ କିଛି ଗୋଟେ ନୂଆ କରିବା ପାଇଁ ମନକୁ ଆସିଲା ତେଣୁ ଜାନୁଆରୀରୁ ଆର୍ଟ ଓ କ୍ରାଫ୍ଟ କରାଗଲା। ଏହିଦ୍ୱାରା ସବୁ ବର୍ଗର ଲୋକମାନେ ଆସି କାଫେରେ କିଛି ସମୟ ବିତାଇବା ସହିତ ଚିତ୍ର କରୁଛନ୍ତି ବୋଲି କାଫେର ଓନର ଆଭିଲାଷା ଜୀବନ ଦାସ କୁହନ୍ତି। ସେ ଆହୁରି ମଧ କହିଛନ୍ତି ଆର୍ଟ କରିବା ଦ୍ୱାରା ଲୋକମାନେ ମାନସିକ ଚିନ୍ତାରୁ ଏକ ପ୍ରକାରର ମୁକୁଳି ପାରିବେ। ସବୁ ଧ୍ୟାନ କେବଳ ଆର୍ଟ ଓ କ୍ରାଫ୍ଟରେ ରହୁଛି ଏଣୁ ଅନେକ ଲୋକ ଏହାକୁ ପସନ୍ଦ କରୁଛନ୍ତି ବୋଲି ସେ କହିଛନ୍ତି।

କଲେଜ ସରିବା ପରେ ସିଧା ଏଇ ସ୍ଥାନକୁ ଆସି ଯାଉଛୁ। ଏହି କାଫେରେ ରଙ୍ଗ ଆଉ ତୂଳୀ ସହିତ କିଛି ସମୟ ବିତାଇବାକୁ ବହୁତ ଭଲ ଲାଗୁଛି। ଯାହାଦ୍ୱାରା ନିଜ ଭିତରେ ଚିତ୍ର କରିବାର ଇଚ୍ଛା ବଢ଼ି ବଢ଼ି ଯାଉଛି ବୋଲି ବିଜେବି କଲେଜର ଜଣେ ଛାତ୍ରୀ କହିଛନ୍ତି।

# ଭୁବନେଶ୍ୱର ସିଟି



## ଆସୁଛନ୍ତି ମା’ ରସୁଲଗଡ଼ ଦୁର୍ଗାପୂଜା



# ଉତ୍ତରାଖଣ୍ଡ ଗୁମ୍ଫାରେ ଦର୍ଶନ ଦେବେ ମା’



ଭୁବନେଶ୍ୱର, ୨।୯ (ସମିସ): ଚଳିତ ବର୍ଷ ରାଜଧାନୀର ରସୁଲଗଡ଼ ଦୁର୍ଗାପୂଜା ପରିଚାଳନା କମିଟି ପକ୍ଷରୁ ଉତ୍ତରାଖଣ୍ଡ ଗୁମ୍ଫା ତୋରଣ ନିର୍ମାଣ କରାଯିବ। ୮୫ଫୁଟ ଉଚ୍ଚତା ଏବଂ ୧୩୦ ଚଉଡ଼ା ବିଶିଷ୍ଟ ଏହି ତୋରଣରେ ବିରାଜିବେ ମା’ ଦୁର୍ଗା। ଦୀର୍ଘ ୩୨ବର୍ଷ ଧରି ଚାଲିଆସୁଥିବା ଏହି ପୂଜାମଣ୍ଡପରେ ପ୍ରତିବର୍ଷ ଭିନ୍ନଭିନ୍ନ ଡିଜାଇନ୍‌ର ତୋରଣ ଅନୁଷ୍ଠିତ ହୁଏ। ଭୁବନେଶ୍ୱର ପ୍ରବେଶ ପଥରେ ରହିଥିବା ଏହି ପୂଜା କେବଳ ରାଜଧାନୀବାସୀ ନୁହଁନ୍ତି ବରଂ ସହର ଭିତରକୁ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆକର୍ଷିତ କରେ। ଏହି ତୋରଣ ନିର୍ମାଣରେ ପଶ୍ଚିମବଙ୍ଗର ପ୍ରାୟ ୪୫ ଜଣ କାରିଗର କାମ ନିୟୋଜିତ ହୋଇଛନ୍ତି। ତେବେ ଚଳିତ ବର୍ଷ ମା’ଙ୍କ ମୂର୍ତ୍ତିର ଉଚ୍ଚତା ୨୪ ଫୁଟ୍ ରହିଥିବା ବେଳେ ମୂର୍ତ୍ତି ଓ ମେଢ଼ ପରିବେଶ ଅନୁକୂଳ ଅଟେ। ରଙ୍ଗବେରଙ୍ଗର ଲାଇଟ୍‌ରେ ଝଲସିବ ତୋରଣ। ଚଳିତ ବର୍ଷ ମଡର୍ଣ୍ଣ ଲାଇଟ୍ ଥିମ୍‌ରେ ଝଲସିବ ରସୁଲଗଡ଼ ରାସ୍ତା। ୫ଟି ବଡ଼ ଏଲଇଡି ଲାଇଟ୍ ପାଲଟିବ ଅନ୍ୟ ଆକର୍ଷଣ। ବିଧି ଅନୁସାରେ, ୬ଷ୍ଠୀରେ କଳସଯାତ୍ରା ଏବଂ ୬ଷ୍ଠୀରୁ ୧୦ମୀ ପର୍ଯ୍ୟନ୍ତ ରୀତିନୀତିରେ ମା’ଙ୍କ ପୂଜା କରାଯିବ। ମା’ଙ୍କ ନିକଟରେ ବିଭିନ୍ନ ରକମର ଖେଚୁଡି ଭୋଗ ସହ ଚରୁ ଅନ୍ନ ଓ ଦହି ପଖାଳ ଭୋଗ ଲାଗି ହେବ। ସେହିପରି ୫ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡ଼ି ପରିବେଷଣ କରାଯିବା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମହିଳା ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ମହିଳା ଓ ପୁରୁଷମାନଙ୍କ ପାଇଁ ଅଲଗା ଲାଇନ୍ କରାଯିବ ଏ ବ ଂ ସିସିଟିଭି କ୍ୟାମେରା ଲଗାଯିବ। ତେବେ ଚଳିତ ବର୍ଷ ପୂଜାର ବଜେଟ୍ ୩୦ରୁ ୩୫ ଲକ୍ଷ ଟଙ୍କା ରଖାଯାଇଥିବା ସୂଚନା ରହିଛି। ଟ୍ରଫିକ୍ ଜାମ୍ ନିୟନ୍ତ୍ରଣ ପାଇଁ କମିଟି ପକ୍ଷରୁ ୪ଟି ପାର୍କିଂ ବ୍ୟବସ୍ଥା କରାଯିବ। ଏହାସହ ୫ଦିନ ୱାନ୍ ୱେ ବ୍ୟବସ୍ଥା ରହିବାର ଯୋଜନା ରହିଛି।



ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏକ ଥିମ୍‌କୁ ନେଇ ତୋରଣ ପ୍ରସ୍ତୁତ କରାଯାଇଛି। ଉତ୍ତରାଖଣ୍ଡରେ ଭୂସ୍ଖଳନ ଯୋଗୁଁ ଯାତ୍ରୀମାନେ ସେଠାକୁ ଯିବାକୁ ଭୟ କରୁଛନ୍ତି। ରାଜଧାନୀରେ ଲୋକମାନେ ଉତ୍ତରାଖଣ୍ଡର ଅନୁଭୂତି ପାଇବେ। କାରଣ ସହରର ପ୍ରବେଶ ପଥ ହେଉଛି ରସୁଲଗଡ଼। ରସୁଲଗଡ଼ ପୂଜା କମିଟି ଏଥର ନିଜସ୍ୱ ସ୍ୱତନ୍ତ୍ର ଭସାଣୀ କରିବ। ରସୁଲଗଡ଼, ହଂସପାଳ ନେଇ କୁଆଖାଇ ଯାଏ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଚଳିତ ଥର ପାରମ୍ପରିକ ବାଦ୍ୟଯନ୍ତ୍ର ସହ ନାଗା ନାଚ, ଅଘୋରୀ ନାଚ, ଘୋଡ଼ା ନାଚ, ଦୁଲଦୁଲି ନାଚ ଆଦି ପରିବେଷଣ କରାଯିବ।

-ପ୍ରକାଶ କୁମାର ରାଉତରାୟ, ସଭାପତି



ଶାନ୍ତିଶୃଙ୍ଖଳାରେ ପୂଜା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ୱାକିଟକି ସାଙ୍ଗକୁ ଚାରିଆଡ଼େ ସିସିଟିଭି କ୍ୟାମେରା ବ୍ୟବସ୍ଥା ରହିବ। ଏହାସହିତ ଘରୋଇ ସୁରକ୍ଷା କର୍ମୀ, ଅଗ୍ନିନିରାପତ୍ତା ବ୍ୟବସ୍ଥା ଏବଂ ୨୦୦ଜଣ ସଦସ୍ୟଙ୍କ ସମେତ ୫୦ ଜଣ ସୁରକ୍ଷା କର୍ମୀ ଉପସ୍ଥିତ ରହିବେ। ୧୦ଜଣ ମହିଳା ସ୍ୱେଚ୍ଛାସେବୀ ଦିବ୍ୟାଙ୍ଗ ଓ ଶିଶୁଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବେ।

-ସଞ୍ଜୟ କୁମାର ବଳିୟାରସିଂହ, ସମ୍ପାଦକ

## ବାଇକ୍ ଚୋରି କରି ଜଣେ ଗିରଫ

ଭୁବନେଶ୍ୱର, ୨।୯ (ସମିସ): ବାଇକ୍ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାତ୍ରପଡ଼ାର ସନ୍ତୋଷ ନାୟକ। ତା’ ନିକଟରୁ ଚୋରି ବାଇକ୍‌କୁ ଜବତ କରାଯାଇଛି। ଶୂନ୍ୟବସ୍ତ ଚମ୍ପତିଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଗିରଫ କରିଛି। ଶୂନ୍ୟବସ୍ତ ଜଣକ ପରିବାର ସହ ପାତ୍ରପଡ଼ା ଅଞ୍ଚଳରେ ରୁହନ୍ତି। ସେ ନିଜ ମୋଟରସାଇକେଲକୁ ପାତ୍ରପଡ଼ା ମହିମା ମେଳଣ ପଡ଼ିଆ ଠାରେ ପାର୍କିଂ କରିଥିଲେ। ଆଖପାଖରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ସନ୍ତୋଷ ଡୁପ୍ଲିକେଟ ଚାବି ସାହାଯ୍ୟରେ ଅଭିଯୋଗକାରୀଙ୍କ ମୋଟରସାଇକେଲକୁ ସେଠାରୁ ଚୋରୀକରି ନେଇଯାଇଥିଲେ।

## ‘ସାତକୋଡ଼ି ହୋତା ଥିଲେ କିମ୍ବଦନ୍ତୀ ପୁରୁଷ’



ଭୁବନେଶ୍ୱର, ୨।୯ (ସମିସ): ଡ. କବି ପ୍ରସାଦ ମିଶ୍ର ପରିଷଦ ଓ ଡ. ସାତକଡ଼ି ହୋତା ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ପାୱାର ହାଉସ୍ କଲୋନୀ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତା ଓ ଆଲୋଚକ ଭାବେ ସାରସ୍ୱତ ସଂଗଠକ ତଥା ସ୍ମୃତି ପରିଷଦର ସମ୍ପାଦକ ରମାକାନ୍ତ ମିଶ୍ର ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ସାରଳା ଦାଶ, ଜଗନ୍ନାଥ ଦାଶ, ବଳରାମ ଦାଶ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ତଥା ସତ୍ୟବାଦୀ ପଞ୍ଚସଖା, ପଣ୍ଡିତ ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହରଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ସାତକଡ଼ି ହୋତା କିପରି ଓଡ଼ିଶାର ପ୍ରଥମ ରେଳବାଇ ଅଧିକାରୀ ହୋଇ ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଡାକ୍ତର କବିପ୍ରସାଦ ମିଶ୍ର କିପରି ଜଣେ ସଫଳ ପରୋପକାରୀ ଡାକ୍ତର, ସମାଜସେବୀ, ଜଗନ୍ନାଥଙ୍କ ଭକ୍ତ, ପ୍ରାଚୀନ ସାହିତ୍ୟର ବିଶାରଦ ସେ ସମ୍ପର୍କରେ ବର୍ଣ୍ଣନା କରି ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ, ଓ କଠିନ ପରିଶ୍ରମ ସଫଳତାର ଚାବିକାଠି ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ନଳିନୀ କାନ୍ତ ମହାପାତ୍ର ଭଜନ ଗାନ କରିଥିଲେ।

## ବାଲିଅନ୍ତା ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର



ବାଲିଅନ୍ତା/ଧଉଳି, ୨।୯ (ସମିସ): ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ, ଓଡ଼ିଶା ସରକାରଙ୍କ ପକ୍ଷରୁ ବାଲିଅନ୍ତା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ସ୍ଥାନୀୟ ବିଧାୟକ ନବକିଶୋର ମଲ୍ଲିକ ଉଦଘାଟନ କରିଥିଲେ। ଏଥିରେ ବ୍ଲକ ଅନ୍ତର୍ଭୁକ୍ତ ୧୬ ଗୋଟି ପଞ୍ଚାୟତରୁ ଦିବ୍ୟାଙ୍ଗମାନେ ନିଜ ନାମ ପଞ୍ଜୀକରଣ କରିବା ସହ ଉପସ୍ଥିତ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଥିଲା। ଶିବିରରେ ମୋଟ ୧୪୫ ଜଣ ଦିବ୍ୟାଙ୍ଗ ନିଜର ନାମ ପଞ୍ଜୀକରଣ କରିଥିଲେ। ଏଥିରୁ ୬୬ ଜଣ ଶାରୀରିକ ଅକ୍ଷମ, ୨୦ ଜଣ ଦୃଷ୍ଟିହୀନ, ୧୬ ଜଣ ଶ୍ରବଣ ଓ ବାକଶକ୍ତି ବାଧିତ ଏବଂ ୪୩ ଜଣ ମାନସିକ ଅନଗ୍ରସର ହିତାଧିକାରୀ ନାମ ପଞ୍ଜିକରଣ କରିଥିଲେ। ନିୟୋଜିତ ଡାକ୍ତରଙ୍କ ପରୀକ୍ଷଣ ପରେ ୧୦୦ ଜଣ ଦିବ୍ୟାଙ୍ଗଙ୍କୁ ଆବଶ୍ୟକ ପ୍ରମାଣପତ୍ର ଦେବାପାଇଁ ସ୍ଥିର କରାଗଲା। ଏହି ପରିପ୍ରେକ୍ଷୀରେ ୨ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ଓ ୨ ଜଣଙ୍କୁ ପ୍ରମାଣପତ୍ର ବିଧାୟକ ଶ୍ରୀ ମଲ୍ଲିକଙ୍କ ଦ୍ୱାରା ପ୍ରଦାନ କରାଗଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଅପରାଜିତା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗାୟତ୍ରୀ ମିଶ୍ର ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପୂଜାରାଣୀ ବରାଳ, ପିଏ ନାରାୟଣ ଦାସ ସହ ସମସ୍ତ କର୍ମଚାରୀ ଏହି ଶିବିରକୁ ପରିଚାଳନା କରିଥିଲେ।

## ପର୍ଯ୍ୟଟନ ନିଗମ କର୍ମଚାରୀଙ୍କ ୧୫ ଦିନିଆ ପ୍ରତିବାଦ

### ଦାବି ପୂରଣ ନ ହେଲେ ରାଜ୍ୟର ସମସ୍ତ ପାନ୍ଥନିବାସ ଆଗରେ ଦେବେ ଧାରଣା

ଭୁବନେଶ୍ୱର, ୨।୯ (ସମିସ): ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ପକ୍ଷରୁ ଏକ ବରାଦି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବରିଷ୍ଠ ଆଇନଜୀବୀ ତଥା ବିଶିଷ୍ଟ ଶ୍ରମିକ ନେତା ଶିବାନନ୍ଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦୀର୍ଘଦିନ ଦିନ ଧରି ସଂଘ ପକ୍ଷରୁ ହୋଇଆସୁଥିବା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପର୍ଯ୍ୟଟନ ନିଗମର ସର୍ଭିସ କ୍ୟାଡ଼ର ରୁଲ ୪୫ ବର୍ଷ ହେବ କାର୍ଯ୍ୟକାରୀ କରିବାକୁ ସଂଘ ଦାବି କରି ଆସୁଥିଲେ ବି ତାହା ହୋଇପାରୁ ନାହିଁ। ଏହି ରୁଲ କାର୍ଯ୍ୟକାରୀ ହେଲେ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ହେବେ। ସେହିପରି ଏନଏମଆର, କଣ୍ଟ୍ରାକଚୁଆଲ ଏବଂ ମରି ଯାଇଥିବା କିମ୍ବା ନିଖୋଜ ହୋଇଥିବା କର୍ମଚାରୀମାନଙ୍କ ପରିବାର ସଦସ୍ୟଙ୍କୁ ଥଇଥାନ କରାଯିବା, ଆଉଟସୋର୍ସିଂ ପାଇଁ କ୍ୟାଡର୍ ରୁଲ ଲାଗୁ କରିବା ପାଇଁ ବାରମ୍ବାର ଦାବି ସହ ଓଟିଡିସିର କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ଏହାସହ କର୍ମକର୍ତ୍ତାମାନେ ଆଲୋଚନା ପାଇଁ ଅନୁରୋଧ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହାକୁ ଏଡାଇ ଦେଉଥିବା ଅଭିଯୋଗ କରିଛି ସଂଘ। କେବଳ ସେତିକି ନୁହେଁ, ସାଧାରଣ ବୈଠକ ବନ୍ଦ ରହିବା ସହ ବାର୍ଷିକ ଉତ୍ସବ ମଧ୍ୟ ପାଳନ କରାଯାଉ ନାହିଁ। ତେବେ ସଂଘର ବିଭିନ୍ନ ଦାବି ସମ୍ପର୍କରେ ଗତ ଅଗଷ୍ଟ ୧ ତାରିଖରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଭାଗର ସଚିବ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ତେବେ ୧ମାସ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବାରୁ ଚଳିତ ସେପ୍ଟେମ୍ବର ମାସ ୧ ତାରିଖରୁ କର୍ମଚାରୀମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଆସନ୍ତା ୧୫।୪ ତାରିଖ ଯାଏ ଏହି ପ୍ରତିବାଦ ଜାରୀ ରହିବା ସହ ଏହି ୧୫ ଦିନ ମଧ୍ୟରେ ଯଦି କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଓଡ଼ିଶାର ସମସ୍ତ ପାନ୍ଥନିବାସ ଆଗରେ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ରଙ୍କ ସମେତ ସମସ୍ତ ୟୁନିଟର ସଦସ୍ୟମାନେ ଯୋଗଦେଇଥିଲେ।

● ପରିତ୍ୟକ୍ତ ଅବସ୍ଥାରେ ବରପୁତ୍ର ନୀଳମଣି ବିଦ୍ୟାରତ୍ନଙ୍କ ସମାଧିପୀଠ

## ପୁନରୁଦ୍ଧାର ପାଇଁ ଦାବି ଜଣାଇଲା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ



ଭୁବନେଶ୍ୱର, ୨।୯ (ସମିସ): ସ୍ୱାଧୀନତା ସଂଗ୍ରାମୀ ଉତ୍କଳ ସମ୍ମିଳନୀର ଆଦ୍ୟସ୍ରଷ୍ଟା ନୀଳମଣି ବିଦ୍ୟାରତ୍ନଙ୍କ ସତୀଚଉରା ଠାରେ ଥିବା ସମାଧି ପୀଠ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ୧୯୯୯ ମହାବାତ୍ୟା ପରେ ତାଙ୍କ ସମାଧି ଭଗ୍ନ ଅବସ୍ଥାରେ ରହିଥିଲେ ବି ଦୀର୍ଘ ୨୫ ପରେ ବି କୌଣସି ପରିବର୍ତ୍ତନ ଦେଖିବାକୁ ମିଳି ନ ଥିବା କୁହାଯାଇଛି। ଏହି ଅବସରରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ କ୍ରାନ୍ତି କୁମାର ସକ୍ସେନା, ଓଡ଼ିଶା ନାଗରିକ ମହାମଞ୍ଚ ଉପସଭାପତି ଡ. ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଯଥାଶୀଘ୍ର ସରକାର, ସଂସ୍କୃତି ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି କରିଛନ୍ତି। ସରକାର ବରପୁତ୍ରଙ୍କ ସମାଧି ଓ ପ୍ରତିମୂର୍ତ୍ତି ସୁରକ୍ଷା ପ୍ରତି ଯତ୍ନ ନେବା ପାଇଁ ଅଭିଯାନ ପକ୍ଷରୁ ଦାବି କରାଯାଇଛି।

## ପାଲା ଗାୟକ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨।୯ (ସମିସ): ଗଣେଶ ପୂଜା ଉପଲକ୍ଷେ ଭିଏସଏସନଗ ଗଡ଼େଶ୍ୱର ହାଟରେ ଆୟୋଜିତ ପାଲା ପରିବେଷଣ କାର୍ଯ୍ୟକ୍ରମରେ ପାଲା ଗାୟକ ନିରଞ୍ଜନ ସ୍ୱାଇଁ, ସୁନୀଲ ମହାପାତ୍ର ଏବଂ ଗଡ଼େଶ୍ୱର ବଣିକ ସଂଘର ସଭାପତି ଲକ୍ଷ୍ମଣ ସାହୁଙ୍କୁ ମୋ ସଂଗ୍ରହାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କୋକୋଟର ଫାର୍ମରେ ବିଶ୍ୱ ନଡ଼ିଆ ଦିବସ

ଭୁବନେଶ୍ୱର, ୨।୯ (ସମିସ): ‘ବିଶ୍ୱ ନାରିକେଳ ଦିବସ’ ଅବସରରେ ଆଜି ଚନ୍ଦକାସ୍ଥିତ କୋକୋଟର ଫାର୍ମରେ କଳ୍ପବୃକ୍ଷ ଫାଉଣ୍ଡେସନ୍ ସହଭାଗିତାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବୈଜ୍ଞାନିକ ଡ. ପେଟିକାମ୍ ଶ୍ରୀନିବାସ ପ୍ରାଧାନ ଯୋଗଦେଇ କହିଲେ, ନଡ଼ିଆ କେବଳ ଏକ ପ୍ରମୁଖ ବାଣିଜ୍ୟିକ ଫସଲ ନୁହେଁ, ଏହା କୃଷକଙ୍କ ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ କରୁଥିବା ମୂଳ ଆଧାର। କୃଷକମାନଙ୍କର ଆୟବୃଦ୍ଧି, ନିୟମିତ ରୋଜଗାର ସୃଷ୍ଟି ଓ ଗ୍ରାମ୍ୟ ଅର୍ଥନୀତିରେ ନଡ଼ିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଦେବୀପ୍ରସାଦ ଦାଶଙ୍କ ପକ୍ଷରୁ ନଡ଼ିଆ ଖୋଳ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ କାରୁକାର୍ଯ୍ୟ ପ୍ରଦର୍ଶନ କରାଗଲା। ଏହି ଅବସରରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟ ତାପସ ବିସ୍ତାରିତ ଭାବେ ନଡ଼ିଆ ଚାଷର ବୈଜ୍ଞାନିକ ପ୍ରଣାଳୀ, ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ଉନ୍ନତ ପ୍ରବନ୍ଧନ, ଓଡ଼ିଶାର ପରିବେଶ ପାଇଁ ଉପଯୋଗୀ ବିଭିନ୍ନ ପ୍ରଜାତି ଏବଂ ନଡ଼ିଆକୁ କୃଷକଙ୍କ ‘ଆର୍ଥିକ ସୁରକ୍ଷାବଳୟ’ ଭାବେ କିପରି ଗଠିତ କରାଯାଇପାରେ, ତା’ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କର୍ମଶାଳା

ଭୁବନେଶ୍ୱର, ୨।୯ (ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ନବନିର୍ମାତା ତଥା ଔଦ୍ୟୋଗିକ କେନ୍ଦ୍ର ଅନୁକୂଲ୍ୟରେ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ସୃଜନଶୀଳତା ଓ ଅୟମାରମ୍ଭ ପ୍ରତିଯୋଗିତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ଅଧ୍ୟକ୍ଷା ପ୍ରଫେସର ସସ୍ମିତା ମହାନ୍ତି ଓ ଡ଼. ସଞ୍ଜୟ କୁମାର ରାଉଳ ଉଦଘାଟନୀ ଉତ୍ସବରେ ଅତିଥିଭାବେ ଉପସ୍ଥିତ ରହିଥିଲେ। ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟର ଅଧ୍ୟାପକ ତଥା ଛାତ୍ରୀ ଏଥିରେ ଯୋଗ ଦେଇଥିଲାବେଳେ ଗବେଷକ ଭାବେ ଡ଼. ମନୀଷା ଆଚାର୍ଯ୍ୟ, ଜୟଶଙ୍କର ଦାସ ଓ ଜୟନ୍ତୀ ମହାପାତ୍ର ବକ୍ତୃତା ପ୍ରଦାନ କରିଥିଲେ। ନୂତନ ସୃଜନଶୀଳତା ଓ ଔଦ୍ୟୋଗିକ ଆରମ୍ଭ ପାଇଁ ପ୍ରସ୍ତାବ ଚୟନ କରାଯାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ସହାୟତା ଯୋଗାଇ ଦିଆଯିବ।

## ଚୀନ୍ ଗ୍ଲୋବାଲ ସାଉଥ୍ ମିଡିଆ ଫୋରମ୍ କାର୍ଯ୍ୟକ୍ରମରେ ଯୋଗଦେବେ ସୁଧୀର ପଣ୍ଡା



ଭୁବନେଶ୍ୱର, ୨।୯ (ସମିସ): ଦକ୍ଷିଣପୂର୍ବ ଚୀନର ୟୁନାନ ରାଜ୍ୟର କୁନ୍‌ମିଙ୍ଗ୍‌ରେ ଠଆସନ୍ତା ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି ୨୦୨୫ ଗ୍ଲୋବାଲ ସାଉଥ୍ ମିଡ଼ିଆ ଓ ଥିଙ୍କ ଟ୍ୟାଙ୍କ ଫୋରମ୍। ଏହି ଫୋରମ୍‌ର ଉଦ୍‌ଘାଟନା ଉତ୍ସବରେ ‘ସଦର୍ଣ୍ଣ ମେସେଞ୍ଜର୍ସ’ ସାଂସ୍କୃତିକ ଭାବବିନିମୟ କାର୍ଯ୍ୟକ୍ରମ ରହିଛି। ଫୋରମ୍‌ରେ ମଧ୍ୟ ସାଉଥ୍ ଓ ସାଉଥିଇଷ୍ଟ ଏସିଆ ମିଡ଼ିଆ ନେଟୱାର୍କ ବାର୍ଷିକ ସମ୍ମିଳନୀ, ଷ୍ଟଡ଼ି ଟୁର୍ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଫୋରମରେ ୮୦ରୁ ଅଧିକ ରାଷ୍ଟ୍ରର ୧୦୦ରୁ ସରକାରୀ ବିଭାଗ, ଥିଙ୍କ୍ ଟ୍ୟାଙ୍କ୍‌ସ, ଉଦ୍ୟୋଗୀ, ମିଡ଼ିଆ ସଙ୍ଗଠନର ୪୦୦ରୁ ଅଧିକ ପ୍ରତିନିଧି ଭାଗ ନେଉଛନ୍ତି। ଏଥିରେ ଯୋଗ ଦେବାପାଇଁ ନିମନ୍ତ୍ରିତ ହୋଇଥିବା ଭାରତୀୟ ପ୍ରତିନିଧିଙ୍କ ମଧ୍ୟରେ ରହିଛନ୍ତି ‘ପ୍ରତିଦିନ’ ଓ ‘ପ୍ରତିଦିନ ଟିଭି’ ପକ୍ଷରୁ ସୁଧୀର କୁମାର ପଣ୍ଡା। ବୁଧବାର ଶ୍ରୀ ପଣ୍ଡା ୭ ଦିନିଆ ଚୀନ୍ ଯାତ୍ରା କରୁଛନ୍ତି।

## ରାଜପଥ କଡ଼ରେ କୁଢ଼କୁଢ଼ ଆବର୍ଜନା

# ନାକରେ ହାତ ନ ଦେଲେ ଯାଇହଉନି

ଭୁବନେଶ୍ୱର, ୨।୯ (ସମିସ)



ସ୍ୱଚ୍ଛ ଆଉ ସବୁଜ ପରିବେଶର ନାରା ଲାଗୁଛି। ହେଲେ କାର୍ଯ୍ୟରେ ଫଳପ୍ରଦ ହେଉ ନାହିଁ। କଉଠି କୁଢ଼କୁଢ଼ ଅଳିଆ ଗଦା ହୋଇଗଲାଣି ତ, ଆଉ କେଉଁଠି ବର୍ଷା ପାଣିରେ ସେସବୁ ଧୋଇ ହୋଇ ରାସ୍ତାରେ ପହଞ୍ଚିଲାଣି। ସେପଟେ ଡ୍ରେନର ନିଷ୍କାସନକୁ ବାଟ ଓଗାଳିଛି ଏସବୁ ଅଳିଆ। ଆବର୍ଜନାଗୁଡ଼ିକ ସହ ବର୍ଷାପାଣି ମିଶିବା ପରେ ଏଭଳି ଦୁର୍ଗନ୍ଧ ହେଉଛି ଯେ, ଏହି ରାସ୍ତା ଦେଇ ଯାତ୍ରୀମାନେ ମଧ୍ୟ ଯିବା ଅସମ୍ଭବ ହୋଇପଡୁଛି। ମୁହଁରେ ରୁମାଲ ନ ଦେଲେ ଏହି ବାଟ ଦେଇ ଯିବା ସମ୍ଭବ ହେଉନାହିଁ।

ଏପରି ଦୃଶ୍ୟ ଫାୟାର ଷ୍ଟେସଠାରୁ ସିଆର୍‌ପି

### ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା

ଆଡକୁ ଯିବା ବାଟରେ ହିଁ ପରିଲକ୍ଷିତ ହେଉଛି। ଉକ୍ତ ସ୍ଥାନର ପରିବେଶ ବେଳକୁ ବେଳ ବିଗିଡ଼ିବାରେ ଲାଗଛି। ଅଳିଆ ଆବର୍ଜନାରେ ରାସ୍ତାର ଗୋଟିଏ ପାର୍ଶ୍ୱ ଭର୍ତ୍ତି ହୋଇଗଲାଣି। ଆଖପାଖ ଅଞ୍ଚଳର ଲୋକ ସେଠାରେ ମନ ଇଚ୍ଛା ଅଳିଆ ପକାଇ ଚାଲି ଯାଉଛିନ୍ତି। ନିଜ ଘରର ଯାବତୀୟ ଅଳିଆ ସାଙ୍ଗକୁ ପ୍ଲାଷ୍ଟିକ ବୋତଲରେ ସେହି ସ୍ଥାନରେ ପକାଉଛନ୍ତି। ସଞ୍ଜ ହେଲେ ନିକଟବର୍ତ୍ତୀ ଅଞ୍ଚଳର ବିଭିନ୍ନ ହୋଟେଲ୍ ରେସ୍ତୋରାଁର ଆବର୍ଜନା ମଧ୍ୟ ଏଠାରେ ପକାଯାଉଛି। ସେହିଭଳି ବିଭିନ୍ନ କଂସେଇଖାନାର ଆବର୍ଜନା ସହ ଏଠାରେ ମାଛ ଦୋକାନରୁ ବାହାରୁ ଥିବା ଆବର୍ଜନା ଏବଂ ମାଛ କାତି ମଧ୍ୟ ପକାଇ ଦେଇ ଯାଉଛନ୍ତି। ଆବର୍ଜନା ପଡ଼ି ରହୁଛି। ବର୍ଷାଦିନେ ଆବର୍ଜନାଗୁଡ଼ିକ ଡ୍ରେନ୍ ମୁହଁରେ ଅଟକି ରହିବା ସହ ଜଳ ନିଷ୍କାସିତ ହୋଇପାରୁ ନାହିଁ। ଅପରପକ୍ଷେ ଜଳମିଶା ଆବର୍ଜନା ଦୁର୍ଗନ୍ଧ ସୃଷ୍ଟି କରୁଛି। ଫଳରେ ସେହି ବାଟ ଦେଇ ଯାତାୟତ କରିବା ସମ୍ଭବ ହେଉନାହିଁ।

ଅନ୍ୟପଟେ ସନ୍ଧ୍ୟା ହେବା ମାତ୍ରେ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ନିଶାଡ଼ିମାନେ ଏଠାରେ ନିଶାପାନ କରୁଛନ୍ତି। ରାସ୍ତାକଡ଼ ଅନ୍ଧାରିଆ ଏବଂ ବଣୁଆ ହୋଇଥିବାରୁ ଅସାମାଜିକ ଯୁବଗୋଷ୍ଠୀ ଏଠାରେ ନିଶା ସେବନ କରୁଛନ୍ତି। ଅନେକ ସମୟରେ ଏଠାରେ ମାର୍‌ପିଟ୍ ଗଣ୍ଡଗୋଳ ହେବାର ନଜିର ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସାମାଜିକ ଯୁବକମାନେ ଏଠାରେ ଆଡ୍ଡା ଜମାଇବା ସହ ଅପରାଧର ଯୋଜନା ପ୍ରସ୍ତୁତ କରୁଛନ୍ତି। ପୁଲିସ ପାଟ୍ରୋଲିଂ ଗାଡ଼ି କେବଳ ରାସ୍ତାରେ ଚାଲି ଯାଉଥିବା ବେଳେ ଭିତରେ ନିୟମିତ ଅସାମାଜି କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଏମିତି କି ଏଠାରେ ହିଁ ନିଶା କାରବାର ଏବଂ ମୂଳଚାଷ ହେଉଛନ୍ତି। ବ୍ରାଉନ୍‌ସୁଗରଠାରୁ ଆରମ୍ଭ କରି ନିଶାଦ୍ରବ୍ୟ ଏଠାରେ ଲୁଚାଇ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି।

## ସ୍କୁଟି ଡିକିରୁ ଲୁଟିଲେ ୩ ଲକ୍ଷ ଟଙ୍କା



**ଚୌଦ୍ୱାର,୨।୯ (ସମିସ):** ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକିରୁ ୩ ଲକ୍ଷ ଟଙ୍କା ଲୁଟ କରିଥିବା ଚୌଦ୍ୱାର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମଙ୍ଗଳବାର ମଧ୍ୟାହ୍ନ ସମୟରେ ଗୁରୁଡ଼ିଝାଟିଆ ଥାନା ନଇମାଳିଆ ଗ୍ରାମର ବୈକୁଣ୍ଠ ନାଥ ରାଉତ ଚୌଦ୍ୱାର ଧୂମାବତୀ ନିକଟସ୍ଥ ଷ୍ଟେଟବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟି ଡିକିରେ ରଖି ସ୍କୁଟି ଚଳାଇ ଯାଇ ଚୌଦ୍ୱାର ଚାରବାଟିଆ ବଜାରର ଶାନ୍ତି ପ୍ଲାଜା ନିକଟରେ ଛିଡ଼ା ହୋଇଥିଲେ । ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସି ରାସ୍ତାରେ ପଡିଥିବା କିଛି ଦଶଟଙ୍କିଆ ନୋଟକୁ ଦେଖାଇ ଟଙ୍କା ତାଙ୍କର କି ବୋଲି ପଚାରିଥିଲେ । ଉକ୍ତ ଟଙ୍କା ତାଙ୍କର ବୋଲି କହି ବୈକୁଣ୍ଠ ରାସ୍ତାରେ ପଡ଼ିଥିବା ଟଙ୍କା ଗୋଟାଇବାରେ ଲାଗି ପଡିଥିଲେ । ଏହି ସମୟରେ ଅନ୍ୟଜଣେ ବ୍ୟକ୍ତି ଆସି ବୈକୁଣ୍ଠଙ୍କ ସ୍କୁଟି ଡିକି ଖୋଲି ଡିକି ଭିତରେ ଥିବା ଟଙ୍କାକୁ ନେଇ ପାଖରେ ବାଇକରେ ଥିବା ଜନୈକ ଯୁବକଙ୍କ ସହିତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଟଙ୍କା ଉଠାଇବାକୁ କହିଥିବା ବ୍ୟକ୍ତି ଜଣକ ମଧ୍ୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ବୈକୁଣ୍ଠ ତୁରନ୍ତ ଏ ସମ୍ପର୍କରେ ଚୌଦ୍ୱାର ଥାନାକୁ ଖବର ଦେବା ପରେ ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି ।

## ଚଳନ୍ତା କାର୍ ଉପରେ ଭାଙ୍ଗିପଡ଼ିଲା ଗଛ ଡାଳ

**କନ୍ଦରପୁର,୨।୯ (ସମିସ):** କଟକ-ପାରାଦୀପ ଏନଏଚ ୫୫ର ନାହାଭଙ୍ଗା ନିକଟରେ ଆଜି ଦିନ ୧୦ଟାରେ ଏକ ବଡ ଆକାଶୀ ଗଛ ଭାଙ୍ଗି ପଡିଥିଲା । ଗଛର ମୋଟା ଡାଳ କାର ଉପରେ ପଡ଼ିଥିଲା । ସେହି କାରର ହୁଡ୍ ଭାଙ୍ଗି ଯାଇଥିବାବେଳେ ଯାତ୍ରୀ ସୁରକ୍ଷିତ ଥିଲେ । ମାତ୍ର କାରକୁ ଅତିକ୍ରମ କରି ଯାଉଥିବା ୨ ବାଇକ ଆରୋହୀଙ୍କ ଶରୀରରେ ଗଛ ଡାଳର ଆଘାତ ଲାଗିଛି । ଉଭୟଙ୍କୁ ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ କଟକ ବଡ଼ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇ ଦିଆଯାଇଥିଲା । ରାସ୍ତାରେ ସିସିଟିଭି ଲାଗିଥିଲା ବେଳେ ପ୍ରତ୍ୟେକ ଦିନ ବିଚାରପତି, ଆଇଏଏସ ଅଫିସର, ମନ୍ତ୍ରୀ, ନେତା ଯାତାୟାତ କରୁଛନ୍ତି । ରାସ୍ତାରେ ପରିବହନ ସମସ୍ୟା ଉପରେ କାହାର ନଜର ନ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ନାହାଭଙ୍ଗା ଭଙ୍ଗା ଅଞ୍ଚଳର ଯୁବନେତା ତଥା ଯାଦବ ମହାସଭାର କଟକ ଜିଲ୍ଲା ସଭାପତି ସମର ବେହେରା କହିଛନ୍ତି । ଏହି ରାସ୍ତା ପାର୍ଶ୍ୱରେ ବହୁ ସଂଖ୍ୟାରେ ଟ୍ରକ ରହଣୀ କରୁଥିବାରୁ ଏଥିରେ ଧନଜୀବନ କ୍ଷତି ଘଟିବା ନିଶ୍ଚିତ ହୋଇଯାଉଛି ।

## କେୟାର ଆଣ୍ଡ ସେୟାର ଫାଉଣ୍ଡେସନ ପକ୍ଷରୁ କୃତଜ୍ଞତା




**ବଡମ୍ବା,୨।୯ (ସମିସ):** ବଡମ୍ବା ବ୍ଲକ ଅଧୀନ ବଡମ୍ବା ହାଟ ନିକଟସ୍ଥ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ରାଜ୍ୟସରକାରଙ୍କ ତରଫରୁ ବଡମ୍ବା ନରସିଂହପୁରକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା ପରେ କେୟାର ଆଣ୍ଡ ସେୟାର ଫାଉଣ୍ଡେସନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ବଡମ୍ବା ନରସିଂହପୁର ବିଧାୟକଙ୍କ ଉଦ୍ୟମକୁ ମଧ୍ୟ ପ୍ରଶଂସା କରାଯାଇଥିଲା । ସାମ୍ବାଦିକ ସମ୍ମିଳନୀରେ ଯୁବ ଇଞ୍ଜିନିୟର ଲାଲମୋହନ ସାହୁ, ସମାଜସେବୀ ଜ୍ୟୋତି ରଞ୍ଜନ ବଳବନ୍ତରାୟ, ଯୁବ ଇଞ୍ଜିନିୟର କୁମାରେଶ ବେଉରା, ବରିଷ୍ଠ ଆଇନଜୀବୀ ସନ୍ତୋଷ ପଣ୍ଡା, ସମାଜସେବୀ ପ୍ରକାଶଚନ୍ଦ୍ର ମହାପାତ୍ର, ସମାଜସେବୀ ପ୍ରକାଶଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

# ୟୁରିଆ ସାରର ବ୍ୟାପକ କଳାବଜାର

## ଚାଷୀ ହଟହଟା; ଆନ୍ଦୋଳନ ଚେତାବନୀ

**ନିଶ୍ଚିନ୍ତକୋଇଲି,୨।୯ (ସମିସ):** ଡବଲ ଇଞ୍ଜିନ ସରକାରରେ କୃଷି ଓ କୃଷକ ସଶକ୍ତିକରଣକୁ ମିଶନ ଭାବେ ଗ୍ରହଣ କରି ବିଭିନ୍ନ ସମୟରେ ନାନା ପ୍ରକାର ଯୋଜନାମାନ ପ୍ରଣୟନ କରୁଛି । ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ସରକାରଙ୍କର ଲକ୍ଷ୍ୟଭ୍ରଷ୍ଟ ହେଉଥିବା ଅଭିଯୋଗ ହୋଇଛି । ଏଭଳି ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖାଯାଇଛି ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ । ସରକାର ଚାଷୀଙ୍କୁ ସହଜ ଓ ସଠିକ୍ ମୂଲ୍ୟରେ ସାର ଯୋଗାଇଦେବା ପାଇଁ ସମବାୟ ସମିତି ମାଧ୍ୟମରେ ବ୍ୟବସ୍ଥା କରିଥିଲା ବେଳେ ଏହି ବ୍ଲକ ଅଞ୍ଚଳରେ ରହିଥିବା କୃଷି ଋଣ ସମବାୟ ସମିତି ଗୁଡ଼ିକୁ ସଠିକ୍ ଭାବେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇ ଦିଆଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଫଳରେ ଚାଷୀମାନେ ସଠିକ୍ ଭାବେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ପାଇପାରୁ ନ ଥିବାରୁ ବଜାରରୁ ଚଢାଦରରେ ୟୁରିଆ କିଣୁଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସମବାୟ ସମିତି ଗୁଡ଼ିକୁ ସାର ଯୋଗାଇଦେବା ପାଇଁ ସରକାରଙ୍କର ସାର ଯୋଗାଣର ମୁଖ୍ୟ ସଂସ୍ଥା ମାର୍କଫେଡ଼ ରହିଥିବା ବେଳେ ସେ ମଧ୍ୟ ସଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇ ପାରୁନାହିଁ । ଏହି ମାର୍କଫେଡ଼ ସଂସ୍ଥା ପର୍ଯ୍ୟାପ୍ତ ପରିମାଣରେ ସାର ଉଠାଉଥିଲା ବେଳେ କଣ ପାଇଁ ସମବାୟ ସମିତି ଗୁଡ଼ିକୁ ଆବଶ୍ୟକୀୟ ୟୁରିଆ ଯୋଗାଉ ନାହିଁ ସେ ନେଇ ପ୍ରଶ୍ନ ଉଠିଛି ।



ଅପରପକ୍ଷରେ ଏହି ବ୍ଲକରେ ଚାଷୀଙ୍କୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ଯୋଗାଇବା ପାଇଁ ଡିଲର ନିଯୁକ୍ତି ହୋଇଥିଲେ ମଧ୍ୟ ସେମାନେ ସଠିକ୍ ଭାବେ ସାର ଯୋଗାଇ ପାରୁନାହାନ୍ତି । ଏହି ବ୍ଲକରେ ଥିବା ଏକମାତ୍ର ସାର ହୋଲସେଲିଂ ଡ଼ିଲରକୁ କମ୍ପାନୀ ପର୍ଯ୍ୟାପ୍ତ ସାର ଯୋଗାଇ ପାରୁ ନ ଥିବାରୁ ଚାଷୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ପାଇପାରୁ ନାହିଁ । ଯାହାଦ୍ୱାରା ଏହି ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବିନା ଲାଇସେନ୍ସରେ ବହୁ ବେପାରୀ ୟୁରିଆ ସାରର କଳାବଜାର କରି ଚଢାଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ସମବାୟ ସମିତି ଗୁଡ଼ିକରେ ସାର ମିଳୁ ନ ଥିବାରୁ ବଜାରରେ ବେଆଇନ ଭାବେ ବହୁ ବ୍ୟବସାୟୀ ଅତ୍ୟଧିକ ଚଢାଦରରେ ସାର ବିକ୍ରି କରୁଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କୃଷି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଫଳରେ ଦୁର୍ନୀତିଖୋର ବ୍ୟବସାୟୀଙ୍କ ଠାରୁ ଚାଷୀମାନେ ଚଢାଦରରେ ସାର କିଣି ନାହିଁ ନ ଥିବା ହଟହଟା ହେଉଛନ୍ତି । ଖରିଫ ଧାନ ଚାଷର ରୁଆପୋତା ସମୟରେ ଚାଷୀମାନେ ବହୁତ ଚଢା ଦରରେ ସାର କିଣି ଧାନ ତଳି ରୁଆପୋତା କାର୍ଯ୍ୟ କରିଥିଲେ । ବର୍ତ୍ତମାନ ଧାନରେ ୟୁରିଆ ପକାଇବା ସମୟ ହୋଇଥିବାରୁ ଚାଷୀମାନେ ଏବେ ୟୁରିଆ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି । ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ସାର ବସ୍ତା ପ୍ରତି ୫୦କେଜି ଡ଼ିଏପି ମୂଲ୍ୟ ୧୩୩୩ ଟଙ୍କା, ପିପିଏଲ ୨୮-୨୮ ୫୦ କେଜି ପ୍ରତି ୧୬୯୧ ଟଙ୍କା ଏବଂ ୟୁରିଆ ୪୫ କେଜି ପ୍ରତି ୨୬୬ ଟଙ୍କା ରହିଥିବା ବେଳେ ଦୁର୍ନୀତିଖୋର ବ୍ୟବସାୟୀମାନେ ସାର କଳାବଜାର କରି ୟୁରିଆ ବସ୍ତା ୩୮୦ରୁ ୪୦୦ ଟଙ୍କା, ପିପିଏଲ ୨୮-୨୮ ବସ୍ତା ପ୍ରତି ୧୮ଶହରୁ ୨ହଜାର ଟଙ୍କା ଏବଂ ଡ଼ିଏପି ବସ୍ତା ପ୍ରତି ୧୫ଶହରୁ ୧୮ଶହ ଟଙ୍କା ବିକ୍ରି କରୁଥିବା ଦେଖାଦେଇଛି । ଏହି ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଖରିଫ ଧାନ ଚାଷ ପାଇଁ ପର୍ଯ୍ୟାପ୍ତ ୟୁରିଆର ଆବଶ୍ୟକତା ରହିଥିବା ବେଳେ ଚାଷୀମାନେ ସମବାୟ ସମିତି ଓ ସରକାର ଡ଼ିଲରମାନଙ୍କଠାରୁ ସାର ନ ପାଇ ଖୋଲା ବଜାରରେ ଲାଇସେନ୍ସ ନ ଥିବା ଦୁର୍ନୀତିଖୋର ବ୍ୟବସାୟୀଙ୍କ ଠାରୁ ଚଢା ଦାମରେ ସାର କିଣିବା ପାଇଁ ବାଧ ହେଉଥିବା ପ୍ରକାଶ କରିଛନ୍ତି । ଯଥାଶୀଘ୍ର ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇଦେବା ପାଇଁ ଦାବି ହୋଇଛି । ଏହି ବ୍ଲକ ଅଞ୍ଚଳକୁ ଆବଶ୍ୟକ ମୁତାବକ ୟୁରିଆ ଯୋଗାଇ ନ ଦେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି ।

### ୟୁରିଆ ଓ ପଟାସ ସାରର କୃତ୍ରିମ ଅଭାବ

**କଣ୍ଟାପଡ଼ା,୨।୯ (ସମିସ):** ସାରା ଓଡ଼ିଶାରେ ସାର ସମସ୍ୟା ଲାଗି ରହିଥିବା ବେଳେ କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକର ନାହାଳପୁର, ନୂଆଗାଁ ଓ ଗୋବିନ୍ଦପୁର ପଞ୍ଚାୟତରେ ୟୁରିଆ ଓ ପଟାସ ସାରର କୃତ୍ରିମ ଅଭାବ ହେଉଥିବା ପରିଲକ୍ଷିତ ହେଉଛି । ଏହି ତିନି ପଞ୍ଚାୟତରେ ନାହାଳପୁର ଓ ଗୋବିନ୍ଦପୁର ଦୁଇଟି ସେବା ସମବାୟ ସମିତି ଥିଲେ ମଧ୍ୟ ଏହା ଚାଷୀଙ୍କ ହିତରେ ନ ଲାଗି ଅହିତରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ସୁଧା ଏହି ଦୁଇ ସମିତି କୌଣସି ପ୍ରକାରର ଗୋଟିଏ ବସ୍ତା ସାର ଚାଷୀଙ୍କୁ ଯୋଗାଇ ଦେଇନାହାଁନ୍ତି । ଅପରପକ୍ଷରେ ଏହି ବ୍ଲକ ଅନ୍ତର୍ଗତ ଅଡଶପୁର ସେବା ସମବାୟ ସମିତି ପକ୍ଷରୁ ଗତ ଦୁଇଦିନ ହେଲା ଚାଷୀଙ୍କୁ ସାର ବଣ୍ଟନ କରିଚାଲିଛି । କିନ୍ତୁ ଏହି ଦୁଇ ସମିତିରେ ପଞ୍ଜିକୃତ ହୋଇଥିବା ଚାଷୀ ସାର ପାଇବାରୁ ବଞ୍ଚିତ ହୋଇଛନ୍ତି । ଫଳରେ ଏଠାରେ ସାରର କୃତ୍ରିମ ଅଭାବ ହେଉଥିବା ଦେଖିବାକୁ ମିଳିଛି । ସରକାର ମଣ୍ଡିରେ ଧାନ କିଣିବା ପାଇଁ ଚାଷୀ ପଞ୍ଜିକରଣଠାରୁ ଆରମ୍ଭ କରି ରିଆତି ମୂଲ୍ୟରେ ବିହନ ବିକ୍ରୟ କଲେ ହେଲେ ରିଆତି ମୂଲ୍ୟରେ ସମିତିକୁ ସାର କାହିଁକି ଆସୁନି ତାହା, ଚାଷୀ ମହଲରେ ସନ୍ଦେହ ସୃଷ୍ଟି କରିବା ସହ ଘଟଣାରେ ସମିତି କର୍ମଚାରୀ ଓ ଅସାଧୁ ସାର ବ୍ୟବସାୟୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ଚାଷୀ ମହଲରେ ଆଲୋଚନା ବିଷୟବସ୍ତୁ ପାଲଟିଛି । ଘଟଣାର ଗୁରୁତ୍ୱ ଓ ଚାଷୀଙ୍କ ହିତ ପାଇଁ କୃଷି ବିଭାଗ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ସାଂସଦ ଖେଳ ମହୋତ୍ସବ ପାଇଁ ସଚେତନତା

**ତିଗିରିଆ,୨।୯ (ସମିସ):** ସେପ୍ଟେମ୍ବର ୨୧ ତାରିଖରୁ ଆରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ପ୍ରତିଯୋଗିତା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ନେତା ଅଭୟ କୁମାର ବାରିକ ଯୋଗଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଓ ଅତିରିକ୍ତ ଉପଜିଲ୍ଲାପାଳ ମାନସ କୁମାର ବେହେରା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ପୂର୍ବତନ ସମିତିସଭ୍ୟ ସଞ୍ଜୟ କର, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦତ୍ତ, ଯୁବନେତା ତପନ ଲେଙ୍କା ଯୋଗଦେଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ସମସ୍ତ ଅତିଥି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଚଳିତ ମାସ ୨୧ରୁ ଆରମ୍ଭ ହେବାକୁ ଯାଉଥିବା ସାଂସଦ ଖେଳ ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ । ଏଥିସହିତ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଖଟୁଆ ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର ସଂଯୋଜନା କରିଥିଲେ ।



## ଗଣମାଧ୍ୟମ ପ୍ରତିନିଧି ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା

**ସାଲେପୁର,୨।୯ (ସମିସ):** ସାଲେପୁର ଏନ୍ଏସି ମାନ୍ୟତା ପାଇବା ପରେ ସାଲେପୁରକୁ ଏନ୍ଏସି ଘୋଷଣା ଦାବି ନେଇ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନକୁ ଲିଖିତ ଅବଗତ କରିବା ଓ ସାଲେପୁର ଏନ୍ଏସି ମାନ୍ୟତା ପ୍ରଦାନ ଦାବି କରି ବିଭିନ୍ନ ସମୟରେ ସଂଗ୍ରାମ କରିଆସିଥିବା ବ୍ୟକ୍ତିବିଶେଷ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଜେପି ନେତା ହିମାଂଶୁ ମହାନ୍ତି ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ସାଲେପୁର ଏନ୍ଏସି ମାନ୍ୟତା ପାଇବାର ଶ୍ରେୟ ମୁଖ୍ୟତଃ ଗଣମାଧ୍ୟମ ଓ ସହରାଞ୍ଚଳ ବିକାଶ ପରିଷଦର ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ । ସହରାଞ୍ଚଳ ବିକାଶ ପରିଷଦର ଅଧ୍ୟକ୍ଷ ନନ୍ଦ କିଶୋର ଭୂୟାଁ ଓ ସାଲେପୁର ଅଞ୍ଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ମିଠା ବାଣ୍ଟି ଖୁସି ମନାଇଥିଲେ । ଏହି ଅବସରରେ ସାଲେପୁର ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମିହିର ଜେନା ମଧ୍ୟ ହିମାଂଶୁ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସାଲେପୁର ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମକୁ ଅନ୍ତର୍ଯ୍ୟାମୀ ସାହୁ, ଶଶିକାନ୍ତ ମହାନ୍ତି, ମାନସ କରଣ, ରାଜୀବ ଦ୍ୱିବେଦୀ, ରିତେଶ ଦାଶ, ମଳୟ ରଞ୍ଜନ ଦାସ, ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ବାବୁନା ଲେଙ୍କା, ସଞ୍ଜୟ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।



## ବିଷ୍ଣୁପ୍ରିୟା ସେବା ସମିତି ପକ୍ଷରୁ ଚାରାରୋପଣ



**କନ୍ଦରପୁର,୨।୯ (ସମିସ):** କଟକ ସଦରର ସାମାଜିକ ସଂଗଠନ "ବିଷ୍ଣୁପ୍ରିୟା ସେବା ସମିତି' ପକ୍ଷରୁ ରାଜହଂସ କାଠଯୋଡି ନଦୀ ପଠାରେ ଚାରାରୋପଣ କାର୍ଯ୍ୟକ୍ରମ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଷ୍ଣୁପ୍ରିୟା ସେବା ସମିତିର ଅଧ୍ୟକ୍ଷା ତଥା କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ଅଖିଳ ଭାରତ ଯୁବ ଯାଦବ ମହାସଭାର ସଭାପତି ଇଂ ପ୍ରଦୀପ ବେହେରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପାଖାପାଖି ୪୦୦ ଚାରାରୋପଣ କରାଯାଇଥିଲା । ହୃଷୀକେଶ ଜେନା, ଉଗ୍ରସେନ ଭୂୟାଁ, ସମର ବେହେରା, ଅଶୋକ ପାତ୍ର, ନିର୍ମଳ ଦାସ, ଅନିରୁଦ୍ଧ ରାଉଳ, ରାକେଶ ବେହେରା, ସନ୍ତୋଷ ରାଉତ ପ୍ରମୁଖ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ ।

## ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ସ୍ମାରକପତ୍ର

**କଟକ,୨।୯ (ସମିସ):** ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସୁଧାରିବା ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ କଟକ ଜିଲ୍ଲା ପକ୍ଷରୁ ଦାବି କରାଯାଇଛି । ଶିକ୍ଷକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଦେବା ପାଇଁ ନିଷ୍ପତି ନିଆଯାଇଥିଲା । କଟକ ଜିଲ୍ଲା ମାଧ୍ୟମିକ ଶିକ୍ଷକ ସଂଘର ନିଷ୍ପତ୍ତିକ୍ରମେ ଆଜି ଶିକ୍ଷକଙ୍କ ଚାକିରି ସର୍ତ୍ତାବଳୀ, ସଂଶୋଧନ କରିବା, ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କୁ ସଂଶୋଧିତ ହାରରେ ପେନସନ ପ୍ରଦାନ, ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ପାଇଁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି । କଟକ ଜିଲ୍ଲା ଶିକ୍ଷକ ସଂଘର ସମ୍ପାଦକ ବିଜୟ କୁମାର ଛତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ବଡ଼ମ୍ବା ବ୍ଲକ ସଭାପତି ଶ୍ୟାମବନ୍ଧୁ ବେହୁରା, କଲ୍ୟାଣୀ ରାଉତ, ସୁଭ୍ରଜିତ ପ୍ରଧାନ, ପ୍ରମୋଦ ସିଂ, କଳିଙ୍ଗ କେଶରୀ ପ୍ରଧାନ, ଶ୍ରୀମନ୍ତ ମହାପାତ୍ର, କିଶୋର ପ୍ରଧାନ, ମନମୋହନ ମହାରଣା, ଦିଲ୍ଲୀପ ପଣ୍ଡା, ପ୍ରଦୋଷ ଧଳ, ସନ୍ତୋଷ ପରିଡ଼ା, ଭକ୍ତବତ୍ସଳ ସାହୁ ଉପସ୍ଥିତ ଥିଲେ ।



## ଥାନାପତି ବଡ଼ ଗଣେଶଙ୍କ ବିସର୍ଜନ

**ମାହାଙ୍ଗା,୨।୯ (ସମିସ):** କଲ୍ୟାଣପୁରଠାରେ ବଡ଼ ଗଣେଶ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୁହୁଣ୍ଡା ପଞ୍ଚାୟତ "ଯୁଗଜ୍ୟୋତି ସାଂସ୍କୃତିକ ପରିଷଦ' କଲ୍ୟାଣପୁର ପକ୍ଷରୁ ଦୀର୍ଘ ୪୮ ବର୍ଷ ଧରି ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ଚଳିତ ବର୍ଷ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତି ପୌରାଣିକ କଥାବସ୍ତୁ ଉପରେ ନିର୍ମାଣ ହୋଇଥିଲା । ମଙ୍ଗଳବାର ବଡ଼ ଗଣେଶଙ୍କ ବିସର୍ଜନ ଉତ୍ସବ ଦେଖିବା ପାଇଁ କଲ୍ୟାଣପୁର ଗାଁରୁ କୋଠପଦା ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ବାଜା ବାଣ ରୋଶଣିରେ ଦୁଲୁକିଥିଲା ଗାଁ ଦାଣ୍ଡ । ଗାଁ'ର ମୁରବୀ ରବୀନ୍ଦ୍ର ନାଥ ଦାସ, ଅଖିଳେଶ ମହାନ୍ତି, ହେମନ୍ତ ପ୍ରଧାନ, ନିମାଇଁ ଚରଣ ବେହେରା,ବିଭୂତି ଭୂଷଣ ଦାସ, ଦିଲ୍ଲୀପ ବାରିକ, ସୁଶାନ୍ତ ଦାସ, ସୁମନ୍ତ ପଲେଇ, ଶିବ ପ୍ରସାଦ ବେହେରା, ପ୍ରଦୀପ ପଲେଇ, ହିମାଂଶୁ ବେହେରା, ରାକେଶ ବେହେରା, ପ୍ରଣବ ବେହେରା, ଗଦାଧର ସାହୁ, ଅଚ୍ୟୁତାନନ୍ଦ ପଣ୍ଡା, ରମେଶ ମହାନ୍ତି, ମାନସ ବେହେରା ପ୍ରମୁଖ ଅନୁଷ୍ଠାନର ଅଗ୍ରଣୀ ଯୁବକ ପରିଚାଳନା କରିଥିଲେ । ବିରୂପା ନଦୀର କଲ୍ୟାଣପୁର ଘାଟରେ ବଡ଼ ଗଣେଶ ଏବଂ ସାନ ଗଣେଶ ଉଭୟ ବିଗ୍ରହକୁ ବିସର୍ଜନ କରାଯାଇଥିଲା ।



## ହ୍ୟୁଜ୍ ଇଣ୍ଡିଆନ୍ ଆପ୍‌ରେ ଠକେଇ
## ଟାଙ୍ଗୀ ଆଞ୍ଚଳିକ ମୁଖ୍ୟ ଗିରଫ

**ଟାଙ୍ଗୀ,୨।୯ (ସମିସ):** ଅନଲାଇନ୍ ଗେମ୍ ହ୍ୟୁଜ୍ ଇଣ୍ଡିଆ ଆପରେ କୋଟି କୋଟି ଟଙ୍କା ଠକେଇ ଘଟଣା ସମଗ୍ର ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ କଟକ ଜିଲ୍ଲା ଟାଙ୍ଗୀ ପୁଲିସ ଉକ୍ତ ସଂସ୍ଥାର ଟାଙ୍ଗୀ ମୁଖ୍ୟ ବୋଲାଉଥିବା ଟୁକୁ ନନା ଓରଫ ପ୍ରଦୀପ କୁମାର ଦାସ(୬୩)ଙ୍କୁ ଗିରଫ କରି ମଙ୍ଗଳବାର ଅଦାଲତ ଚାଲାଣ କରିଛି । ଅଭିଯୁକ୍ତ ଜଣକ ଟାଙ୍ଗୀ ଥାନା ଜରିପଡ଼ା ପଞ୍ଚାୟତ ଜଗନ୍ନାଥପୁର ବାସିନ୍ଦା । ଥାନା କେସ୍ ନଂ- ୨୭୬, ଦଫା ୩୧୮(୪), ୩୧୯(୨), ୩(୫) ଭାରତୀୟ ନ୍ୟାୟ ସଂହିତା ଓ ଆରଡବ୍ଲୁ ସେକ୍ସନ ୬୬(ସି) ଏବଂ (ଡ଼ି) ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଶ୍ରୀ ଦାସ ନିକଟରୁ କମ୍ପାନୀର ନିଯୁକ୍ତି ପତ୍ର ସହ ନଗଦ ୪୫ ହଜାର ୫୦୦ ଟଙ୍କା, ୬ଟି ଡେବିଟ କାର୍ଡ, ଗୋଟିଏ ପାନ କାର୍ଡ, ଗୋଟିଏ ମୋବାଇଲ ଫୋନ, ଆଧାର ଓ ଭୋଟର କାର୍ଡ ଜବତ କରାଯାଇଥିବା ଥାନା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକଙ୍କ ସୂଚନା ଅନୁଯାୟୀ ଅନଲାଇନ ଗେମର କଟକ ଜିଲ୍ଲା ମୁଖ୍ୟଭାବେ ପାର୍ଥସାରଥୀ ଦାସ, ଟାଙ୍ଗୀ ମୁଖ୍ୟ ପ୍ରଦୀପ ଦାସ ଓ ପ୍ରଫୁଲ୍ଲ କୁମାର ସ୍ୱାଇଁ ନାମକ ୩ ଜଣ ବ୍ୟକ୍ତି ଜରିପଡ଼ା ପଞ୍ଚାୟତ ଟିକରା ନିକଟରେ ଏକ ବିରାଟ ମିଟିଂ ଆୟୋଜନ ପୂର୍ବକ ସଂସ୍ଥାରେ ନିବେଶ କଲେ ଘରେ ବସି ପୁଳାପୁଳା ଟଙ୍କା ରୋଜଗାର ବିଷୟ ବୁଝାଇଥିଲେ । ଫଳରେ ଉକ୍ତ ପଞ୍ଚାୟତର ୨ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଅଧିକ ଲୋଭ ଆଶାରେ ଟଙ୍କା ନିବେଶ କରି ଠକାମୀର ଶିକାର ହୋଇଥିଲେ । ଏ ସଂକ୍ରାନ୍ତରେ କଣି ଗ୍ରାମର କୈଳାସ ବେହେରା ନାମକ ନିବେଶକାରୀ ଗତ ଅଗଷ୍ଟ ୨୩ ତାରିଖରେ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ମାମଲା ରୁଜୁପୂର୍ବକ ତଦନ୍ତ ଆରମ୍ଭ କରିଥିଲା । ଅନ୍ୟପକ୍ଷରେ ଏଭଳି ଠକେଇ ଜରିପଡ଼ା ସମେତ କହ୍ନେଇପୁର, ଭଟିମୁଣ୍ଡା, ଗୋବିନ୍ଦପୁର ଆଦି ଟାଙ୍ଗୀ ଥାନାର ବିଭିନ୍ନ ପଞ୍ଚାୟତରେ ଘଟିଥିବା ଆଇଆଇସି ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି ।



## କିରୋସିନ୍ ଢାଳି ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ସାଲେପୁର,୨।୯ (ସମିସ): ପାରିବାରିକ କଳହ ଯୋଗୁ ଜଣେ ମହିଳା ନିଜ ଦେହରେ କିରୋସିନ୍ ଢାଳି ଆତ୍ମାହୁତି ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାଯାଇଛି। ସାଲେପୁର ଥାନା ଅନ୍ତର୍ଗତ ସିଡ଼ୋ ପଞ୍ଚାୟତ କଙ୍କରାଇଲୋ ଗ୍ରାମର ଅଜୟ କୁମାର ରାଉତଙ୍କ ପତ୍ନୀ ତିଳୋତ୍ତମା ରାଉତ(୫୨) ପାରିବାରିକ କଳହ କାରଣରୁ ଆଜି ସକାଳ ପ୍ରାୟ ୯ଟା ବେଳେ ଏକ କୋଠରୀରେ ଭିତର ପଟୁ କବାଟ ବନ୍ଦ କରି ନିଜ ଦେହରେ କିରୋସିନ୍ ଢ଼ାଳି ନିଆଁ ଲଗାଇଦେଇଥିଲେ। ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବାସୀମାନେ ତିଳୋତ୍ତମାକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ସାଲେପୁର ମେଡ଼ିକାଲରେ ଭର୍ତ୍ତି କରିଥିବାବେଳେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି। ତିଳୋତ୍ତମା ଶରୀରର ପ୍ରାୟ ୬୦ ଭାଗ ଅଂଶ ନିଆଁରେ ପୋଡ଼ିଯାଇଛି। ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଓ ଆଦର୍ଶ ଥାନାଧିକାରୀ ଅନିତା ସାହୁଙ୍କ ଆଗରେ ତିଳୋତ୍ତମା 'ମୋର ନାତିକୁ କେହି ସ୍କୁଲ ନ ନେବାରୁ ମୁ ଉତ୍‌କ୍ଷିପ୍ତ ହୋଇ ଆତ୍ମହତ୍ୟା ଉଦ୍ୟମ କରିଛି' ବୋଲି ବୟାନ ଦେଇଥିବା ଜଣାପଡ଼ିଛି। କେହି ଅଭିଯୋଗ କରି ନ ଥିଲେ ମଧ୍ୟ ପୁଲିସ ନିଜ ପକ୍ଷରୁ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ତଦନ୍ତ ଚଳାଇଛି।

## ଖୁଦୁରୁକୁଣୀ ପୂଜା ଉଦ୍‌ଯାପିତ



କଟକ,୨।୯ (ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୁହାଳୀ ଗ୍ରାମରେ ଖୁଦୁରୁକୁଣୀ ପୂଜା ଉଦଯାପିତ ହୋଇଯାଇଛି। ଖୁଦୁରୁକୁଣୀଙ୍କୁ ବିରାଟ ଶୋଭାଯାତ୍ରା ଜରିଆରେ ଗ୍ରାମର ମୁରବୀଙ୍କ ତତ୍ତ୍ୱବଧାନରେ ଭସାଣି ଉତ୍ସବର ଆୟୋଜନ ହୋଇଥିଲା। ବିଶିଷ୍ଟ ସମାଜସେବୀ ଚନ୍ଦ୍ରଶେଖର ଧଳ, ଅମୀୟ କୁମାର ଧଳ, ଗ୍ରାମ ମୁରବୀ ଚୈତନ୍ୟ ଧଳ, ଚକ୍ରଧର ଧଳ, ହରମୋନ ଧଳ, ନରେନ୍ଦ୍ର ଧଳ, ମଧୁସୂଦନ ଧଳ, ଅଜୟ ଧଳ, ଗଣେଶ ଚନ୍ଦ୍ର ଧଳ, ବିଦୁଷ ଧଳ, ହେମନ୍ତ ଧଳ, ରଞ୍ଜନ ଧଳଙ୍କ ସମେତ ବହୁ ସଂଖ୍ୟାରେ ଗ୍ରମାବାସୀ ଯୋଗଦେଇ ହରିବୋଲ, ହୁଳହୁଳି ପକାଇ ମା'ଙ୍କୁ ମେଲାଣି ଦେଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ନରସିଂହପୁର,୨।୯ (ସମିସ): ନରସିଂହପୁର ଅଦାଲତର କାର୍ଯ୍ୟରତ ପ୍ରକ୍ରିୟା ସେବକ ଅନନ୍ତ ପାତ୍ରଙ୍କୁ ନରସିଂହପୁର ଓକିଲ ସଂଘ, ନରସିଂହପୁର ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଦେୱାନୀ ଅଦାଲତର ବରିଷ୍ଠ ଦେୱାନୀ ବିଚାରପତି ଚନ୍ଦ୍ରଭାସ ବେହେରା, ବିଶିଷ୍ଟ ଅତିଥିଭାବେ ପ୍ରଥମଶେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ସତ୍ୟନାରାୟଣ ଦାଶ ଯୋଗଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ନରସିଂହପୁର ଓକିଲ ସଂଘର ସଭାପତି ସରୋଜ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ପାତ୍ର, ପ୍ରଫୁଲ୍ଲ ପଣ୍ଡା, ଲଳିତ କେଶରୀ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅବସର ପ୍ରାପ୍ତ ପ୍ରକ୍ରିୟା ସେବକ ଶ୍ରୀ ପାତ୍ରଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓକିଲ ସଂଘର ଆଇନଜୀବୀ ରବିନ୍ଦ୍ର ନାଥ ସାହୁ, ଜ୍ଞାନ ରଞ୍ଜନ ନାୟକ, ଭାରତ ଚନ୍ଦ୍ର ଦାସ, ଭୂପେନ ଦାସ, ଅଶୋକ ଶତପଥୀ, ସରୋଜ ମହାରଣା, ପୀତବାସ ମହାପାତ୍ର, ବିଭୁଦତ୍ତ ମିଶ୍ର, ରାକେଶ ରୋଶନ ସାହୁ, ଏନ ଦେବ କୁମାର ଏବଂ ଉପସ୍ଥିତ ଅଦାଲତର କର୍ମକର୍ତ୍ତା, ମୋହରି ଦଲିଲ ଲେଖକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଅମୀୟ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସ୍ୱାଗତ ତୋରଣ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ତିଗିରିଆ,୨।୯ (ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତ ଭାବା ଛକ ନିକଟରେ ନୂତନ ସ୍ୱାଗତ ତୋରଣ ନିର୍ମାଣ ପାଇଁ ମଙ୍ଗଳବାର ଶୁଭ ପ୍ରଦାନ କରାଯାଇଛି। ପୁରୁଣା କଟକ-ସମ୍ବଲପୁର ରାସ୍ତା ନିକଟରେ ଥିବା ପ୍ରବାହିତ ସାପୁଆ ନଦୀ ପୋଲ ନିକଟରେ ଏହି ଶୁଭ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଦୁର୍ଗାଚରଣ ମାଝୀ ଯୋଗଦେଇ ଏହି ଶୁଭ ପ୍ରଦାନ କରିଥିଲେ। ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ବିଜୟ ବଳିୟାର ସିଂହ, ଗ୍ରାମର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ଛତାର, ଗ୍ରାମ୍ୟ କମିଟିର ସଭାପତି ପ୍ରଫୁଲ୍ଲ ଛତାର, ସମ୍ପାଦକ ଗଗନ ବିହାରୀ ମଲ୍ଲିକ, ରବି ସାହୁ, ସୁବାସ ଚନ୍ଦ୍ର ଧଳ, ସରୋଜ ବେହେରା, ପ୍ରଭାତ ରଞ୍ଜନ ସ୍ୱାଇଁ, ଆଲୋକ ରାଉତ, ପ୍ରତାପ ଚନ୍ଦ୍ର ମାଝୀ ପ୍ରମୁଖ ସହଯୋଗ କରିଥିଲେ।



### ରୋଗୀ ମୃତ୍ୟୁକୁ ନେଇ ଘରୋଇ ହସ୍ପିଟାଲ୍‌ରେ ଉତ୍ତେଜନା

# ମୃତଦେହକୁ ଧରି ପରିବାର ଲୋକଙ୍କ ଧାରଣା

କଟକ,୨।୯ (ସମିସ)

ପୁରୀଘାଟ ଥାନା ଅନ୍ତର୍ଗତ ଖୋଲାସାହିରେ ଥିବା ଏକ ଘରୋଇ ହସ୍ପିଟାଲ୍‌ରେ ରୋଗୀ ମୃତ୍ୟୁ ନେଇ ଆଜି ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ପକ୍ଷରୁ ଶବକୁ ଧରି ଦୀର୍ଘ ସମୟ ଧରି ଧାରଣାରେ ବସି ରହିଥିଲେ। ପୁଲିସର ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଢେଙ୍କାନାଳ ଖୋଦେଇପୁର ଗ୍ରାମର ରିପୁ ରଞ୍ଜନ ଦାସ(୩୩) ଖୋଲା ସାହିରେ ଥିବା ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ଏହି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ରୋଗୀ ମୃତ୍ୟୁ ହୋଇଥିବା ବେଳେ ଆୟୁଷ୍ମାନ କାର୍ଡରୁ ଟଙ୍କା ହଡପ କରିଥିବା ଅଭିଯୋଗ କରିଛନ୍ତି ପରିବାର ଲୋକ।

**ପୁଲିସର ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ**

ମିଳିଥିବା ସୂଚନା ମୁତାବକ, ରିପୁରଞ୍ଜନ ଦାସ ଗତ ଶୁକ୍ରବାର ଗଣେଶ ଭସାଣିରେ ନିଶାସକ୍ତ ଅବସ୍ଥାରେ ଅଜାଣତରେ ଜୀବାଣୁମରା ଔଷଧ ପିଇ ଗୁରୁତର ହେବାରୁ ପରିବାର ଲୋକ ପ୍ରଥମେ ଢ଼େଙ୍କୋନାଳ ମେଡିକାଲ ନେଇଥିଲେ। ହେଲେ ସେଠାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଏସ୍‌ସିବିର ନନଟ୍ରମା କାଜୁଆଲଟିରେ ତାଙ୍କୁ ଭର୍ତ୍ତି କରିବା ପରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ଭେଷଜ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଭେଷଜ ବିଭାଗରେ ରିପୁଙ୍କର କୌଣସି ଚିକିତ୍ସା କରାଗଲା ନାହିଁ ବରଂ ଡାକ୍ତର ଆସିଲେ ହିଁ ଚିକିତ୍ସା କରାଯିବ ବୋଲି କର୍ମଚାରୀ ମାନେ କହିଥିଲେ। ଚିକିତ୍ସା ଅପେକ୍ଷାରେ ରିପୁ ସେଠାରେ ୪ ଘଣ୍ଟା ପଡି ରହିଥିଲେ। ଏଭଳି ସ୍ଥିତି ହେବାରୁ ରିପୁଙ୍କ ବାପା ପଦିଆ ଦାସ ତାଙ୍କୁ କଟକ ଖୋଲାସାହିରେ ଥିବା ଏକ ଘରୋଇ ହସ୍ପିଟାଲରେ ଗତ ଶନିବାର ଭର୍ତ୍ତି କରାଇଥିଲେ। ପରେ ସେଠାରେ ତାଙ୍କର ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା କାର୍ଡ ଯୋଗେ ଚିକିତ୍ସା ଆରମ୍ଭ ହୋଇଥିଲା। ହେଲେ ରବିବାର ରିପୁର ଗୋଡ ହାତ ହଠାତ୍ ବନ୍ଧା ଯାଇଥିବା ତାଙ୍କ ବାପା ଦେଖିଥିଲେ ଏବଂ ଏ ବିଷୟରେ ପଚାରିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ କିଛି ନ କହି ରିପୁର ସୁସ୍ଥ ଥିବା କହିଥିଲେ। ପରେ ସୋମବାର ରିପୁଙ୍କୁ ଶୀଘ୍ର ଡିସମାର୍ଜ କରାଯିବ ବୋଲି ଡାକ୍ତର କହିଥିଲେ। ହେଲେ ମଧ୍ୟାହ୍ନ ୧ଟା ସମୟରେ ପୁଅକୁ ଦେଖିବାକୁ ମେଡିକାଲ କର୍ତ୍ତୃପକ୍ଷ ଛାଡି ନଥିଲେ। ଜୋରଜବରଦସ୍ତି ପରିବାର ଲୋକ ଯିବାରୁ ପୁଅ ଅଚେତ୍ ଅବସ୍ଥାରେ ପଡିଥିବା ଦେଖିଥିଲେ। ସେ ବିଷୟରେ ଡାକ୍ତରଙ୍କୁ ପଚାରିବାରୁ ରିପୁ ସୁସ୍ଥ ଅଛି ଏବଂ ଆଉ ୫ ଦିନ ହସ୍ପିଟାଲରେ ରହିବ ବୋଲି କହିଥିଲେ। ପୁଅ ଅଚେତ୍ ହୋଇ ପଡିଥିବା ଦେଖି ସନ୍ଦେହ ହେବାରୁ ପରିବାର ଲୋକ ସେଠାରେ ପାଟିତୁଣ୍ଡ କରିଥିଲେ ଏବଂ କିଛି ସମୟ ପରେ ହସ୍ପିଟାଲ କର୍ତ୍ତୃପକ୍ଷ ରିପୁଙ୍କ ମୃତ ବୋଲି ଘୋଷଣା କରିଥିଲେ। ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଏସ୍‌ସିବି ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ପରେ ମୃତଦେହ ଧରି ପରିବାର ଲୋକ ଉକ୍ତ ଘରୋଇ ହସ୍ପିଟାଲ ସମ୍ମୁଖରେ ଧାରଣା ଦେଇଥିଲେ। ଘଟଣାର ଖବର ପାଇଁ ସ୍ଥାନୀୟ ପୁରୀଘାଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ପରିବାର ଲୋକ ଉକ୍ତ ହସ୍ପିଟାଲ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କେସ ନଂ- ୩୧୭/୨୬ରେ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି। ଏନେଇ ପଦିଆ ଦାସ କହିଛନ୍ତି, ସ୍ୱାସ୍ଥ୍ୟ ବୀମା କାର୍ଡରୁ ଟଙ୍କା ନେବା ପାଇଁ ଏଭଳି ଚିକିତ୍ସାର ଆଳ ଦେଖାଇଛନ୍ତି। ଯଦିଓ ଏସ୍‌ସିବିରେ ଠିକ୍ ଚିକିତ୍ସା ମିଳିଥାନ୍ତି ତେବେ ଏଭଳି ପୁଅର ଜୀବନ ଯାଇ ନଥାନ୍ତା ବୋଲି ସେ କହିଛନ୍ତି। ତଦନ୍ତ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀଘାଟ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାଏକ କହିଛନ୍ତି।



## ଜିପିଏଲ୍‌ଏଫ୍ ଜମାରୁ ଲକ୍ଷାଧିକ ଟଙ୍କା ହେର୍‌ଫେର୍ ଅଭିଯୋଗ

ଭଦ୍ରେଶ୍ୱର,୨।୯ (ସମିସ): ମାହାଙ୍ଗା ବ୍ଲକ ଓଡ଼ିଶା ଜୀବିକା ମିଶନରେ ଲକ୍ଷ ଲକ୍ଷ ଟଙ୍କା ହେରଫେର ହୋଇଥିବାର ଅଭିଯୋଗ ହୋଇଛି। କାର୍ଯ୍ୟାନୁଷ୍ଠାନ ନିମନ୍ତେ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏହି ଅର୍ଥ ହେରଫେର ଘଟଣାରେ ବ୍ଲକର ପ୍ରୋଜେକ୍ଟ ମ୍ୟାନେଜରଙ୍କ ହାତ ରହିଥିବା ଅଭିଯୋଗ ହୋଇଛି। ଭଦ୍ରେଶ୍ୱର ପଞ୍ଚାୟତ ଜିପିଏଲ୍‌ଏଫ୍ ଜମା ଖାତାରୁ ଇସି ମେମ୍ବରଙ୍କ ଅଗୋଚରରେ ସଭାନେତ୍ରୀ ଓ ସଂପାଦିକା ବ୍ୟାଙ୍କ ଜମାଖାତାରୁ ଲକ୍ଷାଧିକ ଟଙ୍କା ଉଠାଣ କରିଛନ୍ତି। ଏହି ଟଙ୍କା ଉଠାଣ କରିବାକୁ ବ୍ଲକର ପ୍ରୋଜେକ୍ଟ ମ୍ୟାନେଜର କହିଥିବା ଅଭିଯୋଗରେ ଦର୍ଶାଯାଇଛି। ଯାହାକୁ ନେଇ ଏବେ ଅଡୁଆରେ ମାହାଙ୍ଗା ବ୍ଲକ ଓଡ଼ିଶା ଜୀବିକା ମିଶନ ବିଭାଗର ପ୍ରୋଜେକ୍ଟ ମ୍ୟାନେଜର। ସୂଚନା ମୁତାବକ ଭଦ୍ରେଶ୍ୱର ପଞ୍ଚାୟତରେ ମୋଟ ୧୬ ଜଣ ଇସି ମେମ୍ବର ଥିବା ବେଳେ ଦୁଇଜଣ ସଭାନେତ୍ରୀ ଓ ସଂପାଦିକା ଅଛନ୍ତି। ଏହି ଇସି ମେମ୍ବରଙ୍କ ୨୬ ମାସର ପାରିଶ୍ରମିକ ଟଙ୍କା ବାବଦକୁ ବ୍ୟାଙ୍କ ଜମାଖାତାରେ ଲକ୍ଷାଧିକ ଟଙ୍କା ରହିଥିଲା। ଯାହାକୁ ଉଠାଣ କରିବାକୁ ଗତ ଜାନୁୟାରୀ ମାସରେ ସଭାନେତ୍ରୀ ଓ ସଂପାଦିକା ଇସି ମେମ୍ବରଙ୍କ ଦସ୍ତଖତ ନେଇଥିଲେ। ତେବେ ୮ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କାହାରିକୁ ପାରିଶ୍ରମିକ ବାବଦର ଅର୍ଥ ମିଳିନାହିଁ। ଏହି ପାରିଶ୍ରମିକ ବାବଦରେ ଇସି ମେମ୍ବର ଉଭୟ ସଭାନେତ୍ରୀ ଓ ସଂପାଦିକାଙ୍କୁ ପଚାରିବାରୁ ସେ ରୋକ୍‌ଠୋକ କହିଥିଲେ ଆମ୍ଭେ ଟଙ୍କା ଉଠାଣ କରିସାରିଛୁ, ତୁମ୍ଭମାନଙ୍କୁ ଦେବୁ ନାହିଁ। ଏପରିକି ଏହି ଅର୍ଥ ଉଠାଣ ଘଟଣା ବ୍ଲକର ପ୍ରୋଜେକ୍ଟ ମ୍ୟାନେଜରଙ୍କ ଜ୍ଞାତସାରର ହୋଇଥିବା ସଂପାଦିକା ସଭାନେତ୍ରୀ ଇସି ମେମ୍ବରମାନଙ୍କୁ କହିଛନ୍ତି। ଅପରପକ୍ଷେ ଉଠାଣ ହୋଇଥିବା ଅର୍ଥରୁ ୫୦ହଜାର ଟଙ୍କା ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ନେଇଥିବା ଉଭୟ ସଂପାଦିକା ଓ ସଭାନେତ୍ରୀ ଇ.ସି ମେମ୍ବରଙ୍କୁ କହିଛନ୍ତି। ଯାହାକୁ ନେଇ ଏହି ପଞ୍ଚାୟତର ୧୫ ଜଣ ଇସି ମେମ୍ବର କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ବ୍ଲକ ପ୍ରୋଜେକ୍ଟ ମ୍ୟାନେଜରଙ୍କ ବିରୁଦ୍ଧରେ ଇସି ମେମ୍ବରମାନେ ଆଣିଥିବା ଅଭିଯୋଗର କେତେ ସତ୍ୟତା ରହିଛି, ଆଉ ଜିଲ୍ଲାପାଳଙ୍କ ପକ୍ଷରୁ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

**ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ**

## ଯଶପଡ଼ା ଗଣେଶ ଭସାଣି ପାଇଁ ପ୍ରସ୍ତୁତି ବୈଠକ



କିଶନନଗର,୨।୯ (ସମିସ): କଟକ ସଦର ଅନ୍ତର୍ଗତ ପ୍ରସିଦ୍ଧ ଯଶପଡା ଗଣେଶ ଭସାଣି ଉତ୍ସବ ପରମ୍ପରା ଅନୁଯାୟୀ ଇନ୍ଦୁ ପୂର୍ଣ୍ଣମୀ ପରଦିନ ଅର୍ଥାତ ଆସନ୍ତା ୮ ତାରିଖ ସୋମବାର ଦିନ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ଆଜି ମଙ୍ଗଳବାର ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ଟି ପଞ୍ଚାୟତର ତଥା ଧରିଣା ପଞ୍ଚାୟତର ୭ଟି ମେଢ଼ ଓ ଯଶପଡା ପଞ୍ଚାୟତର ୬ଟି ମେଢ଼ ଏକତ୍ରିତ ହୋଇ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ଉପଲକ୍ଷେ ୧୩ଟି ପୂଜା ମଣ୍ଡପର କର୍ମକର୍ତ୍ତା ଉପସ୍ଥିତିରେ ଏବଂ ଯଶପଡା ସରପଞ୍ଚ ମିନତୀ ସେଠୀଙ୍କ ସଭାପତିତ୍ୱରେ ଏବଂ ଧରିଣା ସରପଞ୍ଚ ରତ୍ନାକର ରାଉତଙ୍କ ସଂଯୋଜନାରେ ଯଶପଡା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସାଲେପୁର ଉପଖଣ୍ଡ ପୁଲିସ ଅଧିକାରୀ ବିରଞ୍ଚିନାରାୟଣ ପତି ଓ କିଶନନଗର ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି ଯୋଗଦେଇ ଭସାଣିକୁ ଡିଜେ ମୁକ୍ତ ଓ ନିଶା ମୁକ୍ତ କରିବାକୁ ବିଶେଷ ଭାବେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭୁଦତ୍ତ ରାଉତରାୟ, ବସନ୍ତ ଦାସ, ପ୍ରଶାନ୍ତ ପ୍ରଧାନ, ନରେନ୍ଦ୍ର ବେହେରା, ରଞ୍ଜନ ଭୂୟାଁ, ସୁବାସଚନ୍ଦ୍ର ମହାନ୍ତି, ଗୌତମ ସାମଲ, କୈଳାସ ବେହେରାଙ୍କ ସହିତ ଶତାଧିକ ଲୋକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା



ସାଲେପୁର,୨।୯ (ସମିସ): ଦୀର୍ଘବର୍ଷର ପ୍ରତୀକ୍ଷା ପରେ ଶେଷରେ ରାଜ୍ୟ ସରକାର ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଥିବାରୁ ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚର ଅଧ୍ୟକ୍ଷ ତଥା ବିଧାୟକ ପ୍ରାର୍ଥୀ ବିଶେଶ୍ୱର ସ୍ୱାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘବର୍ଷ ଧରି ସାଲେପୁର ଅଞ୍ଚଳବାସୀଙ୍କର ଏହା ଏକ ନ୍ୟାଯ୍ୟ ଦାବି ହୋଇଥିବାବେଳେ ସାମ୍ବାଦିକମାନେ ନିଜର କଲମ ଚାଳନା କରି ସରକାରଙ୍କ ଉପରେ ବାରମ୍ବାର ଚାପ ପ୍ରୟୋଗ କରିବା ଫଳରେ ଶେଷରେ ସରକାର ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଛନ୍ତି। ସେ ମଧ୍ୟ ବାରମ୍ବାର ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ନିକଟରେ ଦାବିପତ୍ର ଦେଇଆସିଛନ୍ତି। ଏ ନେଇ ଶ୍ରୀ ସ୍ୱାଇଁ ସାଲେପୁର ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ଶ୍ରେୟଦେବା ସହ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକ ଅକ୍ଷୟ କୁମାର ଦାଶ, ହୃଷିକେଶ ମଲ୍ଲିକ, ମନୋଜ ଆଚାର୍ଯ୍ୟ, ଦୀପକ ଦାସଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଟାଙ୍ଗୀ କଲେଜ ଯୁବ ରେଡ୍‌କ୍ରସ ପ୍ରଶିକ୍ଷଣ

ଟାଙ୍ଗୀ,୨।୯ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସର ଏକ ପ୍ରଶିକ୍ଷଣ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ବିଲକେଶ ପରବିନଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୁବ ରେଡ଼କ୍ରସର ସଂଯୋଜିକା ତଥା ଷ୍ଟୁଆର୍ଟ ସାଇନ୍ସ କଲେଜର ଅଧ୍ୟାପିକା ଡ଼ ସସ୍ମିତା ପଟ୍ଟନାୟକ ଯୋଗ ଦେଇଥିଲା ବେଳେ ଅନ୍ୟତମ ଅତିଥିଭାବେ ଅଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାଶ ଯୋଗ ଦେଇଥିଲେ। ଯୁବ ରେଡକ୍ରସର ପରାମର୍ଶଦାତା ମାନସ ବେହେରା ପରିଚାଳନା କରିଥିବାବେଳେ ଅଧ୍ୟାପିକା ମନିଷା ମିଶ୍ର ଧନ୍ୟବାଦ ଦେଇଥିଲେ। କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।




## ଆଦର୍ଶ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତିଗିରିଆ,୨।୯ (ସମିସ): ଆଦର୍ଶ ଶିକ୍ଷକ ଭାବରେ ତିଗିରିଆ ବ୍ଲକରେ ବେଶ ପରିଚିତ ମକରନ୍ଦ ଖଟୁଆଙ୍କୁ ମଙ୍ଗଳବାର ସରକାରୀ କେନ୍ଦ୍ର ପ୍ରାଥମିକ ଶିକ୍ଷକ ଦାୟିତ୍ୱରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଚନ୍ଦନା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବ୍ଲକ ସହଶିକ୍ଷା ଅଧିକାରୀ ସୌଦାମିନୀ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିନ୍ଧାଣିମା ସରପଞ୍ଚ ପ୍ରତିନିଧି ମାନସ ଜେନା, ଶିକ୍ଷାବିତ ନିଶାକର ବେହେରା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଟୁନା ରାଉତଙ୍କ ସମେତ ସାଧନକେନ୍ଦ୍ର ସଂଯୋଜକ ମହେଶ୍ୱର ସେଠୀ, ଚନ୍ଦ୍ରମଣୀ ସ୍ୱାଇଁ, ଉମାଶଙ୍କର ରାଉତ, ନିଶାକର ଖଟୁଆ, ଚନ୍ଦ୍ରକାନ୍ତ ମିଶ୍ର, ପ୍ରମୋଦ ଗୋଛି, କର୍ଣ୍ଣାର୍ଜୁନ ନାଏକ, ପ୍ରଭାତ ପଣ୍ଡା, ସମିର ବେହେରା, ରାଜେଶ ପଣ୍ଡା, ଶ୍ରୀଧର ସାହୁ, ସୁବ୍ରତ ମିଶ୍ର ଏବଂ ବଡମ୍ବା ବ୍ଲକର ବରିଷ୍ଠ ଶିକ୍ଷକ ସମୀର ରାଉତ ଏବଂ ବୀରବର ବାରିକଙ୍କ ସହିତ ବ୍ଲକ ଓ କ୍ଲଷ୍ଟର ପ୍ରଧାନଶିକ୍ଷକ ବହୁ ଶିକ୍ଷକ ଶିକ୍ଷିକା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ବିଦ୍ୟାଧର ସାମଲ ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷିକା ଏବଂ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### କମିଶନରେଟ୍ ପୁଲିସ ପକ୍ଷରୁ ଦୁର୍ଗାପୂଜା ସମୀକ୍ଷା ବୈଠକ

# ଏଥର ଭସାଣିକୁ ଦୁଲୁକାଇବ ପାରମ୍ପରିକ ବାଦ୍ୟ

କଟକ,୨।୯ (ସମିସ)

ଡିଜେ ସାଉଣ୍ଡ ସିଷ୍ଟମ୍‌କୁ ଭସାଣିରେ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ। ଭସାଣିରେ ଲେଜର ଲାଇଟ୍ କିମ୍ବା ଫାୟାର ଗନ୍ ବ୍ୟବହାର କରାଯାଇପାରିବ ନାହିଁ। ଏଠାରେ ପାରମ୍ପାରିକ ବାଦ୍ୟକୁ ଅଧିକ ପ୍ରାଧାନ୍ୟ ଦିଆଯିବ। ଯେଉଁ ପୂଜା କମିଟି କେବଳ ପାରମ୍ପରିକ ବାଦ୍ୟ ନେଇ ଶୋଭାଯାତ୍ରାରେ ଆସିବେ ତାହାଲେ ପୁଲିସ ତାଙ୍କୁ ପୁରସ୍କୃତ କରିବ। ଆଜି ଶାରଦୀୟ ଦଶହରା ପାଇଁ ପୁଲିସ ପକ୍ଷରୁ ଆୟୋଜିତ ସମନ୍ୱୟ ବୈଠକରେ ଏହି ସୂଚନା ଦେଇଛନ୍ତି କଟକ ଡିସିପି ଖିଲାରି ରିଷିକେଶ ଦ୍ୟାନ୍‌ଦେଓ।

ପୁଲିସ କମିସନର ଏସ୍ ଦେବଦତ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପ୍ରଭାତ ତ୍ରିପାଠୀ ସଭାକୁ ପରିଚାଳନା କରିଥିଲେ। ତେବେ ପୂଜାକୁ ନେଇ ଏହି ଅବସରରେ ବିଭିନ୍ନ ପ୍ରସ୍ତାବ ଆସିବା ସହିତ ତାହାକୁ ପାଳନ କରିବା ପାଇଁ ନିଷ୍ପତ୍ତି ମଧ୍ୟ ହୋଇଛି। ତେବେ ଚଳିତ ମାସ ଅର୍ଥାତ୍ ସେପ୍ଟେମ୍ବର ୨୮ ତାରିଖ ରବିବାର ଦିନରୁ ମା'ଙ୍କ ମହାଷଷ୍ଠୀରୁ ଶାରଦୀୟ ଦର୍ଗାପୂଜା ଆରମ୍ଭ ହେବ। ଅକ୍ଟୋବର ମାସ ୧ ତାରିଖ ମହାଦଶମୀରେ ପୂଜା ଶେଷ ହୋଇ ୨ ତାରିଖରେ ଭସାଣି ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି। ପୂଜା ମଣ୍ଡପ ପାଇଁ ଅନୁମତି, ଭସାଣି ପାଇଁ ଅନୁମତି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ଲାଇସେନ୍ସ ପୁଲିସଠାରୁ ସିଙ୍ଗଲ୍ ୱିଣ୍ଡୋରେ ମିଳିବ। ସବୁ ମଣ୍ଡପରେ ଅଗ୍ନିସୁରକ୍ଷା ଉପକରଣ ରଖିବା ବାଧ୍ୟତାମୂଳକ। ମଣ୍ଡପ ଓ ସାଜସଜ୍ଜାରେ ନୂଆ ତଥା ଉନ୍ନତମାନର ବିଦ୍ୟୁତ୍ ତାର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଦଶହରା ଦେଖିବା ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ଏଡ୍‌ପୋଷ୍ଟ ଖୋଲିବ। ଏଠାରେ ଯେ କେହିବି ଅଭିଯୋଗ କରିବା ସହିତ ପୁଲିସଠାରୁ ପରାମର୍ଶ ନେଇପାରିବେ। ଚାନ୍ଦା ଆଦାୟ ଉପରେ ପୂର୍ବଭଳି ଏ ବର୍ଷ ମଧ୍ୟ ପୁଲିସ କଟକଣା ଜାରି ରଖିଛି। ପୂଜା ନାଁରେ କାହାଠାରୁ ଜବରଦସ୍ତ ଚାନ୍ଦା ମଗା ଯାଇପାରିବ ନାହିଁ। କେହି ମାଗିଲେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଚେତାଇଛି। ରାସ୍ତାକୁ ସଫସୁତରା ରଖିବା, ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଅଧିକ ମୋବାଇଲ୍ ଟଏଲଟ୍ ସହର ତମାମ୍ ରଖାଯିବ। ଭସାଣିକୁ ନିଶାମୁକ୍ତ କରିବାକୁ ଆହ୍ୱାନ ଦିଆଯାଇଛି। ପୂର୍ବ ବର୍ଷ ଭଳି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁମତି ଆଣି ରାତି ୧୨ଟା ପର୍ଯ୍ୟନ୍ତ ତିନିରାତି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଅନୁଷ୍ଠିତ ହେବ। ରାତି ୧୨ ପରେ ମାଇକ୍ ଓ ବ୍ୟାଣ୍ଡର ସାଉଣ୍ଡ ବନ୍ଦ କରି କେବଳ ପାରମ୍ପାରିକ ବାଦ୍ୟରେ ଭସାଣି ଆଗକୁ ବଢ଼ିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳ, ମେୟର ସୁବାସ ସିଂହ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ପ୍ରକାଶ ସେଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତିକମିଟି ସଭାପତି ବିଜୟ ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ସିଏମ୍‌ସି କମିସନର କିରଣଦୀପ୍ କୌର ସହୋତା, ବିଜେପି ନେତା ନୟନ କିଶୋର ମହାନ୍ତି, ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ସିପିଆଇ ନେତା ଅମରେନ୍ଦୁ ମହାନ୍ତି ଓ ସିପିଏମ୍ ନେତା ବଦ୍ରିନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଏମ୍ କଲେଜ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି,୨।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ସେବା ନିବୃତ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ପଣ୍ଡାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ଶିକ୍ଷକ କର୍ମଚାରୀ ସଂଘ ଆନୁକୂଲ୍ୟରେ କଲେଜ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରାଧ୍ୟାପକ ପ୍ରତାପ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥିଭାବେ ପ୍ରାକ୍ତନ କଲେଜର ଚାରି ଅଧ୍ୟକ୍ଷ ଗଣ ଶିବପ୍ରସାଦ ଦାସ, ଦିଲ୍ଲୀପ ଦାସ, ପଦାରବିନ୍ଦ ବିଶ୍ୱାଳ, ବିରୁପାକ୍ଷ ରାୟ ଏବଂ ପ୍ରାକ୍ତନ ଅଧ୍ୟାପକ ସୁଶାନ୍ତ କୁମାର ନାୟକ, ପ୍ରାଧ୍ୟାପିକା ଡ. ପ୍ରଣତୀ ନାୟକ, ମମତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଂଘର ସମ୍ପାଦକ ଅଧ୍ୟାପକ ମନମୋହନ ଖଟୁଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. କବିତା ଷଡ଼ଙ୍ଗୀ, ଡ. ପ୍ରକାଶଚନ୍ଦ୍ର ପରିଡ଼ା, ଅଧ୍ୟାପକ ସୁଧୀର ଦାସ, ରଞ୍ଜନ ସେଠୀ, ଡ. ନରୋତ୍ତମ ବଳ, ରଜନୀକାନ୍ତ ପଣ୍ଡା, ବିଜୟ ପରିଡ଼ା, ମନୋଜ ରାଉତ, ଅନୁସୂୟା ରାଉତରାୟ, ଅଞ୍ଜିତା ଦାସ, ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ପ୍ରତାପ କିଶୋର ମହାନ୍ତି, ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଡ. କବିତା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ପ୍ରାଧ୍ୟାପିକା ଡ. ସୁପ୍ରଭା ପରିଡ଼ାଙ୍କୁ କଲେଜରେ ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ତାଲା



କାଶୀନଗର,୨।୯ (ସମିସ)

ଗଜପତି ଜିଲ୍ଲା କାଶୀନଗର ବ୍ଲକ ଡିଡିଙ୍ଗଗୁଡ଼ା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ମଙ୍ଗଳବାର ବିଦ୍ୟାଳୟରେ ତାଲା ପକାଇ ବିକ୍ଷୋଭ କରିଥିଲେ ଅଭିଭାବକ। ଫଳରେ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ବିଦ୍ୟାଳୟ ବାହାରେ ଖରାରେ ଛିଡ଼ା ହୋଇ ରହିଥିଲେ।

ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ରହିଥିବା ବେଳେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପିଲା ପାଠ ପଢୁଛନ୍ତି। ଉକ୍ତ ବିଦ୍ୟାଳୟରେ ପୂର୍ବରୁ ୫ଜଣ ଶିକ୍ଷକ ରହିଥିଲେ। କିଛିମାସ ପୂର୍ବେ ଜଣଙ୍କୁ ଡେପୁଟେସନରେ ବଦଳି କରାଯାଇଛି। ବର୍ତ୍ତମାନ ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବାରେ ବହୁ ଅସୁବିଧା ହୋଇଛି। ଉକ୍ତ ଘଟଣାକୁ ନେଇ ୨ମାସ ପୂର୍ବରୁ କାଶୀନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ପରେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ବିଦ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଅଭିଭାବକ। ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ହେଉଥିବା ବେଳେ ସ୍ଥାନୀୟ କର୍ତ୍ତୃପକ୍ଷ କିନ୍ତୁ ନୀରବଦ୍ରଷ୍ଟା ସାଜିଛନ୍ତି। କାଶୀନଗର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏନେଇ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ। ଏଥିଯୋଗୁ ଉକ୍ତ ବିକ୍ଷୋଭ ପ୍ରତି କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଶିକ୍ଷକ ପଦ ପୂରଣ ହେବା ଯାଏ ଏହି ବିକ୍ଷୋଭ ଜାରି ରହିବ ବୋଲି ଅଭିଭାବକ କହିଛନ୍ତି।

### କଣ୍ଡା ପାର୍ଶମ୍ବା ସରକାରୀ ପ୍ରାଥମିକ ବିଦ୍ୟାଳୟ

## ଗୋଟିଏ ଗୃହରେ ୫ଶ୍ରେଣୀର ଛାତ୍ରଛାତ୍ରୀ



ଗୁମ୍ମା,୨।୯ (ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ତରଙ୍ଗଡା ପଞ୍ଚାୟତ କଣ୍ଡା ପାର୍ଶମ୍ବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଶ୍ରେଣୀ ଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ନାହିଁ ଅତିରିକ୍ତ ଶ୍ରେଣୀ ଗୃହ। ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ୩୩ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଗୋଟିଏ ଶ୍ରେଣୀ ଗୃହ ମଧ୍ୟରେ ତିନି ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଗୋଟିଏ ଶ୍ରେଣୀ ଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଏକାଠି ପଢ଼ା ଯାଉଛି। ସେହିପରି ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ବିଶୁଦ୍ଧ ପିଇବା ପାଣିର ଅଭାବ ରହିଥିବା ବେଳେ ବିଦ୍ୟାଳୟରେ ପାଚେରୀ ନଥିବା ସହ ଖେଳପଡ଼ିଆ ଓ ଶୌଚାଳୟ କଥା ନକହିବା ଭଲ। ଏପରି ଅବସ୍ଥାରେ ପିଲାଙ୍କ ଭବିଷ୍ୟତ ବିପନ୍ନ ହୋଇ ଯାଇଥିବା ଦର୍ଶାଇ ଅଭିଭାବକ ମହଲରେ କ୍ଷୋଭ ପ୍ରକାଶ ପାଇଛି। ବିଇଓ ନୟନ ରଞ୍ଜନ ମଣ୍ଡଳ ବିଡ଼ିଓଙ୍କୁ ଏ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିବା କହିଛନ୍ତି। ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହୋଇଥିବା ଜାଣିବା ପରେ ମଧ୍ୟ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ଆଗଭର ହେଉ ନଥିବା ଏବେ ଚିନ୍ତାର ବିଷୟ ପାଲଟିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଦାବି ହେଉଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

ମୋହନା,୨।୯ (ସମିସ): ପୋଖରୀରେ ବୁଡ଼ି ମୋହନା ଥାନା କୁଟିଗୁଡ଼ା ଗାଁର ଧର୍ମେନ୍ଦ୍ର ନାୟକଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଅପରାହ୍ନରେ ଧର୍ମେନ୍ଦ୍ର ଗାଁ ନିକଟ ପୋଖରୀକୁ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୋହନା ପୁଲିସ୍ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

● ରାଇପଦାରେ ହାତୀ

## ଜୀବନଜୀବିକା ସ୍ୱାଭାବିକ ବେଳେ ପୁଣି ଭୟ

ଜି.ଉଦୟଗିରି,୨।୯ (ସମିସ): ତିନିମାସ ହେବ ହାତୀ ଉପଦ୍ରବରେ ଅନେକ ଧନ ଜୀବନ ନଷ୍ଟ ହେବାରୁ ଜନସାଧାରଣ ଆନ୍ଦୋଳନ କରିଥିଲେ। ହାତୀ ଭୟରେ ଲୋକେ ବାହାରକୁ ବାହାରିବାକୁ ଡରୁଥିବା ବେଳେ ଜୀବିକା ଛଡ଼ାଇ ନେଇଥିଲା ହାତୀ। ୧୦ ଦିନ ପୂର୍ବେ ଏହି ହିଂସ୍ର ହାତୀ ଘୁମୁସର ଜଙ୍ଗଲରେ ଗୋଠରେ ମିଶିଥିବା ଜିଲ୍ଲା ବନ ଅଧିକାରୀ ଘୋଷଣା କରିଥିଲେ। ଯାହାକୁ ନେଇ ଲୋକେ ଆଶ୍ୱସ୍ତ ହୋଇଥିବା ବେଳେ



ଜୀବିକା ଧୀରେ ଧୀରେ ସ୍ୱାଭାବିକ ହେବାରେ ଲାଗିଥିଲା। ଏଭଳି ସମୟରେ ସୋମବାର ରାତି ୨ଟାରେ ପୁଣି ଥରେ ୨ ହାତୀ ବୁଲୁଥିବା ଦେଖି ଭୟଭୀତ ହୋଇଛନ୍ତି ଲୋକେ। ହାତୀ ରାଇପଦା ନନ୍ଦୀ ବାବାଙ୍କ ଘର ସାମାନ୍ୟ ଭାଙ୍ଗିଥିବା କହିଛନ୍ତି। ଏ ସମ୍ପର୍କରେ ବନ ବିଭାଗ ତରଫରୁ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ରେଟୁଡ଼ି ଜଙ୍ଗଲରୁ ହାତୀ ରାଇପଦା ଆସିଥିବା କହିବା ସହିତ ଲୋକଙ୍କୁ ସତର୍କ କରାଯାଉଛି। ପୂର୍ବରୁ ଉପଦ୍ରବ କରୁଥିବା ହିଂସ୍ର ହାତୀ ଦେଖାଦେଇଥିବା ନୁହଁନ୍ତି ବୋଲି କୁହାଯାଇଛି। ଲୋକ ହାତୀ ଭୟ ମୁକୁଳୁଥିବା ବେଳେ ପୁଣିଥରେ ହାତୀ ଭୟ ଜୀବନ ଜୀବିକାକୁ ପ୍ରଭାବିତ କରିବା ସମ୍ଭାବନା ରହିଛି।

## ୟୁରିଆ ସାର ଅଭାବ; ଚାଷୀ ହନ୍ତସନ୍ତ

● ଚାଷୀଙ୍କ ସହ ଆଲୋଚନା କଲେ ବିଧାୟକ



କାଶୀନଗର,୨।୯ (ସମିସ): କାଶୀନଗର ବ୍ଲକ ଶିଆଳି ପଞ୍ଚାୟତରେ ୟୁରିଆ ସାର ଅଭାବ ଯୋଗୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ମଙ୍ଗଳବାର ଶିଆଳି ପଞ୍ଚାୟତ କାର୍ଯ୍ୟାଳୟରେ ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ପହଞ୍ଚି ୟୁରିଆ ସାର ଅଭାବ ନେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଗତ କିଛିବର୍ଷ ହେବ ରାଜ୍ୟ ତଥା ଗଜପତି ଜିଲ୍ଲାରେ ୟୁରିଆ ସାର ଅଭାବରୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଧାୟକ ଶ୍ରୀ ପାଣିଗ୍ରାହୀ ଶିଆଳି ପଞ୍ଚାୟତ କାର୍ଯ୍ୟାଳୟରେ ଆଲୋଚନା ବେଳେ ଉକ୍ତ ସମସ୍ୟା ବିଷୟରେ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି କହିଛନ୍ତି। ଆଲୋଚନା ବେଳେ ବିଧାୟକଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗବାର ତିରୁପତି ରାଓ ଓ କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା ଉପସ୍ଥିତ ଥିଲେ। କିଭଳି ଚାଷୀଙ୍କୁ ଆବଶ୍ୟକ ୟୁରିଆ ସାର ମିଳିବ ସେଥିନେଇ ଆଲୋଚନା ହୋଇଥିଲା।

## ପକ୍କା ରାସ୍ତା ପାଇଁ ବିଧାୟକଙ୍କୁ ଦାବିପତ୍ର

ଗୁମ୍ମା,୨।୯ (ସମିସ): ଗୁମ୍ମା ବ୍ଲକ ଭୁବନୀ ପଞ୍ଚାୟତର ସାଣ୍ଡାଙ୍ଗଠାରୁ ପଡୁଏଲ ପର୍ଯ୍ୟନ୍ତ ନୂତନ ରାସ୍ତା ଶୌଚନୀୟ ହୋଇ ପଡ଼ିଛି। ଫଳରେ ସ୍ଥାନୀୟ ଲୋକେ ହନ୍ତସନ୍ତ ହେଉଛନ୍ତି। ଏନେଇ ନିର୍ମାଣ କାର୍ଯ୍ୟ ହେବାକୁ ଥିବା ନୂତନ ରାସ୍ତା କୌଣସି କାରଣବଶତଃ ଅଟକି ରହିଛି। ଗ୍ରାମବାସୀ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଠାରେ ଅଭିଯୋଗ କରିଥିଲେ। ଗାଁକୁ ପକ୍କା ରାସ୍ତା ନଥିବା ଯୋଗୁଁ ଗ୍ରାମବାସୀ ବର୍ଷା ଋତୁରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବିଧାୟକ ଇ. ରୂପେଶ କୁମାର ପାଣିଗ୍ରାହୀଙ୍କୁ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ବିଧାୟକ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ରାସ୍ତା କାର୍ଯ୍ୟ ପାଇଁ ଜମି ବିବାଦ ଲାଗି ରହିଥିବା ଜାଣିବା ପରେ ଡ଼ିଏଫଓଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଖୁବଶୀଘ୍ର ଜମି ଚିହ୍ନଟ କରି ରାସ୍ତା କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ବିଧାୟକ ଶ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି।

## ଶାନ୍ତିଶୃଙ୍ଖଳାରେ ସରିଲା ଗଣେଶ ବିସର୍ଜନ

ଫିରିଙ୍ଗିଆ,୨।୯ (ସମିସ): ଫିରିଙ୍ଗିଆ ସହର ଏବଂ ଆଖପାଖ ଗ୍ରାମାଞ୍ଚଳରେ ଅନୁଷ୍ଠିତ ହୋଇଥିବା ଗଣେଶ ପୂଜା ବିସର୍ଜନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଚଳିତ ବର୍ଷ ଫିରିଙ୍ଗିଆ ବ୍ଲକରେ ପ୍ରାୟ ପଚାଶରୁ ଅଧିକ ଜାଗାରେ ଗଣେଶ ପୂଜା ହୋଇଥିବା ବେଳେ ଫିରିଙ୍ଗିଆ ସହରର ଗଣେଶ ମାର୍କେଟରେ ଥିବା ଫଙ୍କସନ କମିଟିର ଗଣେଶ ପୂଜାର କୋଡିଏ ଫୁଟର ମୂର୍ତ୍ତି ଓ ମଣ୍ଡପର ସାଜସଜ୍ଜା ବେସ ସୁନ୍ଦର ହୋଇଥିଲା। ସନ୍ଧ୍ୟାରେ ଏହି ଫଙ୍କସନ କମିଟିର ମୂର୍ତ୍ତି ବିସର୍ଜନରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ବିସର୍ଜନରେ ବାଲିଗୁଡ଼ାରୁ ଆସିଥିବା ଅଘୋରୀ ନୃତ୍ୟ କଳାକାରଙ୍କ ଶିବ ତାଣ୍ଡବ ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥିବା ବେଳେ ସମ୍ବଲପୁରୀ ପାରମ୍ପରିକ ଦୁଲଦୁଲି ବାଜାରେ ସାରା ଫିରିଙ୍ଗିଆ ସହର କମ୍ପି ଉଠିଥିଲା। ବିସର୍ଜନ ଶୋଭାଯାତ୍ରାରେ କମିଟି ସଭାପତି ଜିତୁ ମୁଖୀଙ୍କ ସହ ସମ୍ପାଦକ ସୁଜିତ ମହାରଣା, କୋଷାଧ୍ୟକ୍ଷ ତନ୍ମୟ ଗୌଡ଼, କମିଟି ସଦସ୍ୟ ସୁଭାଶିଷ ସାହୁ, ପ୍ରକାଶ ବେହେରା, ଅଜିତ ସାହୁ, ଦେବାଶିଷ ସାହୁ , ବାବୁଲା ବେହେରା, ଦୀନବନ୍ଧୁ ମହାରଣା, ରଞ୍ଜିତ ମହାରଣାଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଖଜୁରୀପଡା ମା ବାରକାଣ୍ଡି ଯୁବକ ସଂଘର ବିସର୍ଜନ ଶୋଭାଯାତ୍ରାରେ ବାଘ ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥିଲା।

### ଦୀର୍ଘଦିନ ହେଲା ବିଏସ୍‌ଏନ୍‌ଏଲ୍ ସେବା ବନ୍ଦ

## ରାସ୍ତା ଅବରୋଧ କରି ଧାରଣାରେ ବସିଲେ ପଞ୍ଚାୟତବାସୀ



ଦାରିଙ୍ଗବାଡ଼ି,୨।୯ (ସମିସ)

ଦାରିଙ୍ଗବାଡ଼ି ଅନ୍ତର୍ଗତ ଦାସିଂବାଡ଼ିରେ ଦୀର୍ଘଦିନ ଧରି ବିଏସ୍‌ଏନ୍‌ଏଲ୍ ସେବା ନ ଥିବାରୁ ରାସ୍ତା ଅବରୋଧ କରି ପଞ୍ଚାୟତବାସୀ ଧାରଣା ଦେଇଥିଲେ। ସମସ୍ୟା ନେଇ ଅଞ୍ଚଳବାସୀ ବାରମ୍ବାର ବିଏସଏନଏଲ ବିଭାଗକୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ମଙ୍ଗଳବାର ସକାଳ ୬ଟାରୁ ଦାସିଂବାଡି ବନ୍ଦ ଡାକରା ଦିଆଯିବା ସହ ଦାରିଙ୍ଗବାଡି-ଗଜପତି ପାଣିଗଣ୍ଡା ରାସ୍ତାର ଦାସିଂବାଡିର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାକୁ ଅବରୋଧ କରି ଲୋକେ ଧାରଣା ଦେଇଥିଲେ। ଖବର ପାଇ ଦାରିଙ୍ଗବାଡି ତହସିଲଦାର ଫାଲ୍‌ଗୁନୀ କୁମାର, ପୁଲିସ ଏଏସ୍‌ଆଇ ଅର୍ଜୁନ ଶବର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ରାତି ୯ଟା ସୁଦ୍ଧା ବିଏସ୍‌ଏନ୍‌ଏଲ୍‌ର କର୍ମଚାରୀ ଦାସିଂବାଡିରେ ରହି ସେବା ନିଶ୍ଚିତ କରିବା ପରେ ବିକ୍ଷୋଭକାରୀ ଆନ୍ଦୋଳନରୁ ଓହରିଥିଲେ। ଆଗକୁ ଯଦି ବାରମ୍ବାର ସେବା ଅଚଳ ହୁଏ ତେବେ ପୁଣି ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଥିଲେ। ପ୍ରାୟ ୬ ଘଣ୍ଟା ଧରି ଦାରିଙ୍ଗବାଡିରୁ ବ୍ରାହ୍ମଣୀଗାଁ, ଗଦାପୁର, କାଟିଙ୍ଗିଆ, ତାଜୁଙ୍ଗିଆ, ସରାମୁଲିସମେତ ଗଜପତି ଜିଲ୍ଲାର ପାଣିଗଣ୍ଡା, ଅଡବା,ମୋହନା, ବ୍ରହ୍ମପୁରକୁ ସେହି ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାସ୍ତା ଅବରୋଧ ହଟିବା ପରେ ମଧ୍ୟାହ୍ନ ୧୨ଟା ପରଠାରୁ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଜିଲ୍ଲାପାଳଙ୍କ ଦାରିଙ୍ଗବାଡ଼ି ବ୍ଲକ ଗସ୍ତ



ଦାରିଙ୍ଗବାଡ଼ି,୨।୯ (ସମିସ): କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଦାରିଙ୍ଗବାଡ଼ି ବ୍ଲକ ଗସ୍ତ କରି ପର୍ଯ୍ୟଟନ ସ୍ଥଳୀ ଡୁଲୁରି ପାଇନି ଉଦ୍ୟାନ, ହିଲଭିୟୁ ପଇଣ୍ଟ , ଫରେଷ୍ଟ ପାର୍କ, ପ୍ଲୀହେରି ପ୍ରାଥମିକ ବିଦ୍ୟାଳୟ, ଆମ ଅଙ୍ଗନବାଡ଼ି ମୁକ୍କେଚରୀ ଏବଂ ମନରେଗା ଯୋଜନାରେ ବିକାଶ ସହ ଡ୍ରେନେଜ କାମ ପରିଦର୍ଶନ କରିଥିଲେ। ଅଞ୍ଚଳର ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିବା ସହିତ ପର୍ଯ୍ୟଟନ ସ୍ଥଳୀର ଅଧିକ ବିକାଶ କରାଯିବ ସେ ନେଇ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ବେଳେ ବାଲିଗୁଡା ଉପଜିଲ୍ଲାପାଳ ପ୍ରଣିତା ଦାସ , ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡ଼ିଓ ପ୍ରୀତିରଞ୍ଜନ ରଥ , ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, ତୁଷାର ସେଠୀ, କନିଷ୍ଠ ଯନ୍ତ୍ରୀ ଧୀରେନ ସେଠୀ , ଏପିଓ କେଦାର ଚନ୍ଦ୍ର ପଣ୍ଡା ଓ ବିପିଏମ୍ ପିଣ୍ଟୁ ନାୟକ ଉପସ୍ଥିତ ଥିଲେ।

## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ମାନସିକ ସ୍ୱାସ୍ଥ୍ୟ ଏବଂ ଆତ୍ମହତ୍ୟା ନିବାରଣ କର୍ମଶାଳା

ପାରଳାଖେମୁଣ୍ଡି, ୨।୯ (ସମିସ): ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡି ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ମାନସିକ ସ୍ୱାସ୍ଥ୍ୟ ଏବଂ ଆତ୍ମହତ୍ୟା ନିବାରଣ ଉପରେ ଏକ ସଚେତନତା କର୍ମଶାଳା ଆୟୋଜନ ହୋଇଥିଲା। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପ, ସଚେତନତା ଏବଂ ସାମାଜିକ ଗଣମାଧ୍ୟମର ଦାୟିତ୍ୱପୂର୍ଣ୍ଣ ବ୍ୟବହାରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ମହିଳା ଫେଡେରେସନର ସଭାପତି ତପସାଇ ପ୍ରହରାଜ ଯୁବ ମନ ପାଇଁ ଭାବପ୍ରବଣ ସମର୍ଥନ ପ୍ରଦାନ ଏବଂ ସୁରକ୍ଷିତ ସ୍ଥାନ ସୃଷ୍ଟି କରିବାରେ ପରିବାର ଏବଂ ଶିକ୍ଷାନୁଷ୍ଠାନର ଭୂମିକା ବିଷୟରେ କହିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନୀତା ପାତ୍ର ଶିକ୍ଷାନୁଷ୍ଠାନ ମଧ୍ୟରେ ମାନସିକ ସୁସ୍ଥତା ଉପରେ ପରାମର୍ଶ



ସୁବିଧା ଏବଂ ନିରନ୍ତର ଆଲୋଚନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସେମାନଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ।

## ୨୫ରୁ ଧାରଣା ଦେଉଛନ୍ତି କୃଷକ ସୁରକ୍ଷାମଞ୍ଚ ଦାବି ପୂରଣ ନହେଲେ ଗୁରୁବାରରୁ ଆମରଣ ଅନଶନ

ଜି.ଉଦୟଗିରି,୨।୯ (ସମିସ): କନ୍ଧମାଳ ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ପରିଷଦର ସଦସ୍ୟ ବିଭିନ୍ନ ଦାବି ନେଇ ୨୫ ତାରିଖ ଠାରୁ ମଣ୍ଡାକିଆ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେଉଛନ୍ତି। କିନ୍ତୁ ୯ ଦିନ ବିତିଥିବାବେଳେ କେହି ଅଧିକାରୀ ଏନେଇ ତତ୍ପରତା ଦେଖାଉନାହାନ୍ତି କି ଧାରଣା ସ୍ଥଳକୁ ଆସିନାହାନ୍ତି। ଏହାକୁ ନେଇ କ୍ଷୋଭ ପ୍ରକାଶ ପାଇଛି। ପରିଷଦ ପକ୍ଷରୁ ଯେଉଁ ସବୁ ଦାବି ରଖାଯାଇଛି ତାର ସମାଧାନ ନ କରାନଗଲେ ଆମରଣ ଅନସନ କରାଯିବାକୁ ସଦସ୍ୟ କହିଛନ୍ତି। ୩ ତାରିଖ ସୁଦ୍ଧା ଦାବି ପୂରଣ କରିବାକୁ କୁହାଯାଇଛି। ନହେଲେ ୪ ତାରିଖରୁ ପରିଷଦ ସଦସ୍ୟ



ଆମରଣ ଅନଶନ କରିବେ। ସନାତନ ପ୍ରଧାନ, ମହମ୍ମଦ ଜିଆଉଦ୍ଦିନ ଅହମ୍ମଦ, ବିଜୟ ପ୍ରଧାନ ଶିବ ପ୍ରଧାନ, ବିପିନ୍ ପ୍ରଧାନ, କ୍ରିଷ୍ଟାପ୍ରୀୟା ପ୍ରଧାନ, ବନିପ୍ରଧାନ. ମୁନୀମା ପ୍ରଧାନ, ଅମିନଦେବ ନାୟକ, ରମେସ ପ୍ରଧାନ, ଜାଙ୍କର ଦିଗାଲ, ରବୀନ୍ଦ୍ର ପ୍ରଧାନ, ଅନିତା ପ୍ରଧାନ, ପୂର୍ଣ୍ଣିମା ପ୍ରଧାନ, ଅଞ୍ଜଳି ପ୍ରଧାନ ବିରେନ୍ଦ୍ର ପ୍ରଧାନ, ଲେଜ ପ୍ରଧାନ, ପ୍ରଫୁଲ ନାୟକ, ଗୋକୁଳ ଚନ୍ଦ୍ର ମଳିକ ଓ ବିକ୍ରମ ପ୍ରଧାନ, ଧାରଣା ସ୍ଥଳରେ ଉପସ୍ଥିତ ରହିଥିଲେ।

## ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ଗୁମ୍ମା ବ୍ଲକ ପରିଦର୍ଶନ



ପାରଳାଖେମୁଣ୍ଡି,୨।୯ (ସମିସ): ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ଅକ୍ଷୟ କୁମାର ବେହେରା ଓ ଦୟାନିଧି ଦାଶ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପରିଦର୍ଶନ କରିଥିଲେ। ତିନି ସଦସ୍ୟ ଅନୁକୁଣ୍ଡାଗୁଡା ଅଙ୍ଗନବାଡ଼ି କେନ୍ଦ୍ର, ଆଶ୍ରମ ବିଦ୍ୟାଳୟ, ବାରେଙ୍ଗସିଂର ଅଙ୍ଗନବାଡ଼ି କେନ୍ଦ୍ର, ଭୂବନି ସରକାରୀ ଉଚ୍ଚ ବିଦ୍ୟାଳୟ, ସେରୋଙ୍ଗର ଛତୁଆ ତିଆରି ସେଣ୍ଟର ଓ ତୁମୁଲା ଗ୍ରାମ ପରିଦର୍ଶନ କରି ଖାଦ୍ୟ ନିରାପତ୍ତା ଏବଂ ଉନ୍ନତମାନର ଖାଦ୍ୟ ସରକାରଙ୍କ ଦ୍ୱାରା ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ଓ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନା ଠିକ ଭାବରେ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜ୍ୟ ଦକ୍ଷତା ବିକାଶ ମିଶନ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ, ପୋଷଣ, ମଧ୍ୟାହ୍ନଭୋଜନ, ସମନ୍ୱିତ୍ର ଶିଶୁ ବିକାଶ ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ସମ୍ପର୍କରେ ତଦାରଖ କରିଥିଲେ। ସଦସ୍ୟଙ୍କ ଗସ୍ତ ସମୟରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ମଣ୍ଡଳ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସୁହାନ ଭୋଇଙ୍କ ସମେତ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

● ବାଲିମାଫିଆଙ୍କ ଆକ୍ରମଣ ଓ ହତ୍ୟା ଧମକ

## ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ବୃଦ୍ଧ ଚାଷୀ

ପାରଳାଖେମୁଣ୍ଡି,୨।୯ (ସମିସ)

ଗୋଷାଣି ବ୍ଲକରେ ମହେନ୍ଦ୍ରତନୟା ନଦୀରୁ ବେଆଇନ ବାଲିଚାଲାଣ ହେଉଥିବା ଏବଂ ପ୍ରତିବାଦ କରିବାରୁ ବୃଦ୍ଧ ଚାଷୀ ସୀମାଦ୍ରୀ ଜେନା ବହୁବାର ଆକ୍ରମଣ ଶିକାର ହେବା ସହ ହତ୍ୟା ଧମକ ପାଇଥିବା ଅଭିଯୋଗ କରିଛନ୍ତି। ଆଜି ତୃତୀୟ ଥର ପାଇଁ କେରାଣ୍ଡି ଗ୍ରାମର ବରିଷ୍ଠ ଚାଷୀ ସିମାଦ୍ରୀ ଜେନା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହା ସହ ଏହି ସମାନ ଅଭିଯୋଗପତ୍ର ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ମଧ୍ୟ ପ୍ରଦାନ କରିଥିବା ସେ କହିଛନ୍ତି। ଶ୍ରୀ ଜେନା କହିଛନ୍ତି, ଦୈନନ୍ଦିନ ଗୋଷାଣି ବ୍ଲକର କେରାଣ୍ଡି ଗ୍ରାମ ଦେଇ ପ୍ରବାହିତ ମହେନ୍ଦ୍ରତନୟା ନଦୀରୁ ୩୦ରୁ ୪୦ ଲୋଡ୍ ଟ୍ରକ, ଟିପ୍ପର, ହାଇୱା ଓ ଟ୍ରାକ୍ଟରରେ



ବାଲି ଉତ୍ତୋଳନ କରି ଆନ୍ଧ୍ରପ୍ରଦେଶ ସମେତ ଅନ୍ୟାନ୍ୟ ସ୍ଥାନକୁ ଚାଲାଣ କରାଯାଉଛି। ଅବାଧ ବାଲି ଉତ୍ତୋଳନ ଦ୍ୱାରା ନଦୀରେ ବିରାଟ ଗର୍ତ୍ତ ସୃଷ୍ଟି ହେବାସହ ନଦୀର ଗଭୀର ବୃଦ୍ଧି ପାଇ ଗୋରୁଙ୍କ ସମେତ ସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏପରି ଅବାଧ ଚାଲାଣକୁ ବିରୋଧ କରିବାରୁ ଶ୍ରୀ ଜେନାଙ୍କୁ ୪ରୁ ଅଧିକ ଥର ଆକ୍ରମଣ ସହ ହତ୍ୟା ଧମକ ଦିଆଯାଇଛି।

ପ୍ରକାଶ ଥାଉକି ପୂର୍ବରୁ ଦୁଇଥର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ବାଲିମାଫିଆଙ୍କ ମାଡ଼ ଓ ଧମକର ଶୀକାର ହୋଇଛନ୍ତି। ଖଣି ଅଧିକାରୀ ତଦନ୍ତ ପାଇଁ ଯିବା ପରେ ତଦନ୍ତର ରିପୋର୍ଟ ସର୍ବସାଧାରଣ ହୋଇନାହିଁ। ବାରମ୍ବାର ଜଣେ ବୟସ୍କ ଚାଷୀ ଅଭିଯୋଗ କରିବା ପରେ ମଧ୍ୟ ଜିଲ୍ଲା ପ୍ରଶାସନ ଶ୍ରୀ ଜେନାଙ୍କୁ ସୁରକ୍ଷା ଦେଇପାରିନଥିବା ଓ ବାଲିମାଫିଆଙ୍କୁ ଚୋରାଚାଲାଣରୁ ବାରଣ କରିପାରିନାହିଁ।

### ସୁଜିତ ସ୍ମାରକୀ ଆନ୍ତଃଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ରାହୁଲ ଏଫ୍‌ସିକୁ ହରାଇ ବାଣୀଶ୍ରୀ କ୍ଲବ୍ ଚାମ୍ପିଅନ୍

ଫିରିଙ୍ଗିଆ,୨।୯ (ସମିସ)

ଫିରିଙ୍ଗିଆ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ୨ ଦିନିଆ ସୁଜିତ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗୁଟିଙ୍ଗିଆ ଦଳ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ସମ୍ମାନୀତ ଅତିଥି ଭାବରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ପୂର୍ବତନ ଫୁଲବାଣୀ ବିଧାୟକ ଦୁଗୁନି କହଁର, ଜିଲ୍ଲା ପରିଷଦ ସଭ୍ୟ ନୀଳ ଗିରିଶ ଦିଗାଲ, ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ବରିଷ୍ଠ କ୍ରୀଡ଼ା ଶିକ୍ଷକ ତଥା କ୍ରୀଡା ସଂଗଠକ ପ୍ରଦୀପ ପ୍ରଧାନ, ଫିରିଙ୍ଗିଆ ପ୍ରେସ୍ କ୍ଲବ ସଭାପତି ଉତ୍ତମ ଖମାରି, ଡ଼ିମିରିଗୁଡା ସରପଞ୍ଚ ମନୋଜ କହଁର ଓ ବରିଷ୍ଠ ସାମ୍ବାଦିକ ବଳଦେବ ବେହେରା ଯୋଗ ଦେଇଥିଲେ। ଫାଇନାଲ୍ ମ୍ୟାଚ ରାହୁଲ ଏଫସି ଓ ବାଣୀଶ୍ରୀ କ୍ଲବ ଗୁଟିଙ୍ଗିଆ ମଧ୍ୟରେ ହୋଇଥିଲା। ପେନାଲିଟି ସୁଟ୍‌ଆଉଟ୍‌ରେ (୩-୨)ରେ ଗୁଟିଙ୍ଗିଆ ଚଳିତ ପଞ୍ଚମ ବାର୍ଷିକ ସୁଜିତ ମେମୋରିଆଲ ଚାମ୍ପିଅନ୍ ଟ୍ରଫି ହାସଲ କରିଛି। ବେଷ୍ଟ ଗୋଲ୍‌କିପର




ଏବଂ ପ୍ଲେୟାର ଅଫ ଦି ମ୍ୟାଚ ଭାବରେ ଅଂଶୁମାନ ନାୟକ ଏବଂ ବେଷ୍ଟ ପ୍ଲେୟାର ବିନ ଭୋଇ ବିବେଚିତ ହୋଇଥିଲେ। ସେମିଫାଇନାଲ ଓ ଫାଇନାଲ ମ୍ୟାଚକୁ ବରିଷ୍ଠ କ୍ରୀଡ଼ା ଶିକ୍ଷକ ଶ୍ୟାମ ସୁନ୍ଦର ସା, ସୁଜିତ ରାଜ ହଂସ, ପ୍ରଫୁଲ୍ଲ କହଁର, ସୁଶୀଲ କୁମାର ବେହେରା, ଜଗନ୍ନାଥ କହଁରୟ ଓ ପ୍ରତାପ କହଁର ପରିଚାଳନା କରିଥିଲେ। ଫାଇନାଲ ଖେଳର କମିଶନର ଭାବରେ ସୁଶାନ୍ତ କୁଣ୍ଡି ଦାୟିତ୍ୱ ତୁଲାଇ ଥିଲେ। ଉପସ୍ଥିତ ଅତିଥିଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସୁଜିତ ଏଫ୍‌ସି କ୍ଲବ ସଭାପତି, ସମ୍ପାଦକଙ୍କ ସହ ବିଭୁପ୍ରସାଦ ମୁଖି, ରୋହିତ ନାୟକ, ଜିତୁ ମୁଖି, ଭବାନୀ ଶଙ୍କର ବେହେରା ଓ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ରଙ୍ଗେଇଲୁଣ୍ଡା ବିମାନବନ୍ଦର ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

# ଜମି ଅଧିଗ୍ରହଣରେ ରହିଛି ସମସ୍ୟା; ଖୁବ୍‌ଶୀଘ୍ର ସମାଧାନ

ବ୍ରହ୍ମପୁର, ୨।୯ (ସମିସ)



ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟୁଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପରେ ପ୍ରସଙ୍ଗର ଗୁରୁତ୍ୱ ଦୃଷ୍ଟିରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ସମୀକ୍ଷା କରିଛନ୍ତି। ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭିନ୍ନ ବିଭାଗକୁ ଆବଶ୍ୟକ ଆର୍ଥିକ ଅନୁଦାନ ମିଳିସାରିଥିଲେ ହେଁ ସମନ୍ୱୟର ଅଭାବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢୁନଥିବା ଜଣାପଡିଛି। ଫଳରେ ସମ୍ପ୍ରସାରିତ ରଙ୍ଗେଇଲୁଣ୍ଡା ବିମାନବନ୍ଦର କାର୍ଯ୍ୟକ୍ଷମ ହେବା ନେଇ ରହିଥିବା ସ୍ୱପ୍ନ ବିଳମ୍ବ ହେବାରେ ଲାଗିଛି। ୨(ଖ) କ୍ୟାଟିଗୋରୀରେ ଥିବା ରଙ୍ଗେଇଲୁଣ୍ଡା ବିମାନବନ୍ଦରର ପାଇଁ ୧୧୯୯ ମିଟରର ରନୱେର ଆବଶ୍ୟକତା ଥିବା ବେଳେ ବର୍ତ୍ତମାନ ଏହାକୁ ୧୦୯୦ ମିଟରକୁ ସମ୍ପ୍ରସାରିତ କରାଯାଉଛି। ବର୍ତ୍ତମାନ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ନିକଟରେ ୩୨.୬୬ଏକର ରହିଥିବା ବେଳେ ଅଧିକ ୫୬ଏକର ଜମିର ଆବଶ୍ୟକତା ରହିଛି। ଆବଶ୍ୟକ ଜମିରୁ ୪୦ଏକର ଜମି ସରକାରୀ ଜମି ରହିଥିବା ବେଳେ ଅବଶିଷ୍ଟ ୧୬ଏକର ଘରୋଇ ଜମିକୁ କ୍ରୟ କରାଯିବ। କ୍ରୟ ହେବାକୁ ଥିବା ଘରୋଇ ଜମିରୁ ଅଧିକାଂଶ ଜମି କ୍ରୟ କରାଯାଇସାରିଛି। ଫଳରେ ଆବଶ୍ୟକ ଅବଶିଷ୍ଟ ଜମି ଅଧିଗ୍ରହଣ ସହିତ ସଂଗୃହିତ ଜମିକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟକୁ ହସ୍ତାନ୍ତର କରିବା ପ୍ରକ୍ରିୟା ବାକି ରହିଛି। ସେହିଭଳି ଟିପିଏସ୍‌ଓଡିଏଲ୍ ପକ୍ଷରୁ ହେବାକୁ ଥିବା ଭୂତଳ କେବୁଲ ବିଛା କାର୍ଯ୍ୟ ଓ ବିଦ୍ୟୁତକରଣ କାର୍ଯ୍ୟରେ ମଧ୍ୟ ବିଳମ୍ବ ହେଉଥିବା ସମୀକ୍ଷା ବେଳେ ଜଣାପଡିଛି। ୱାଟକୋ ପକ୍ଷରୁ ହେବାକୁ ଥିବା ପମ୍ପ ହାଉସ ଓ ଜଳଯୋଗାଣ ବ୍ୟବସ୍ଥାରେ ମଧ୍ୟ ଜମିକୁ ନେଇ ସମସ୍ୟା ରହିଥିବା ଜଣାପଡିଛି। ପୂର୍ତ୍ତବିଭାଗ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବାକୁ ହେଲେ ଅଧିକ ସଂଖ୍ୟାରେ ଗଛ କାଟିବାକୁ ପଡୁଥିବା ବୈଠକରେ ଜଣାପଡିଥିଲା। ପୂର୍ବରୁ ପ୍ରକଳ୍ପ ପାଇଁ ପ୍ରାୟ ୬ହଜାର ଗଛ କଟାସରିଥିବା ବେଳେ ଆଗକୁ ଗଛ ନକାଟି ପ୍ରକଳ୍ପ କାର୍ଯ୍ୟ ଅଗେଇ ନେବାକୁ ଆରଡିସି ଶ୍ରୀ ମହାପାତ୍ର ବନବିଭାଗ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। । ସମସ୍ତ ବିଭାଗକୁ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରିବା ପାଇଁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସମୟସୀମା ନିର୍ଦ୍ଧାରଣ କରିଛନ୍ତି। ସେପଟେ ଅର୍ଥର ଅଭାବ ନଥିବା ବେଳେ ସମନ୍ୱୟର ଅଭାବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢୁନଥିବା ନେଇ ଆରଡିସି ବିରକ୍ତି ପ୍ରକାଶ କରିଥିଲେ। ଜମି ଜନିତ ସମସ୍ୟାର ସମାଧାନ ପାଇଁ ତୁରନ୍ତ ଡିସିଏସି ବୈଠକ ଡକାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସେପ୍ଟେମ୍ବର ୧୫ତାରିଖ ସୁଦ୍ଧା ମ୍ୟୁଟେସନ କେସ ଫାଇଲ କରି ଅକ୍ଟୋବର ୧୫ତାରିଖ ସୁଦ୍ଧା ଆରଓଆର ପୂର୍ତ୍ତବିଭାଗ ମାଲିକାନାକୁ କିଭଳି ଆସିପାରିବ ସେନେଇ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ୱାଟକୋ ପକ୍ଷରୁ ହାତକୁ ନିଆଯିବାକୁ ଥିବା ପ୍ରାୟ ୯୭ଲକ୍ଷ ଟଙ୍କାର କାମ ପାଇଁ ଅଗଷ୍ଟରେ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ୱାଟକୋ ମହାପ୍ରବନ୍ଧକ ଇଂ ବିକାଶ ପାଢୀ। ସେହିଭଳି ଟିପିଏସଓଡିଏଲ ପକ୍ଷରୁ ବିଛା ଯିବାକୁ ଥିବା ଭୂତଳ କେବୁଲ ରାଜସ୍ଥାନରୁ ଆସିବ। ଏଥିପାଇଁ ଅନ୍ୟୁନ ୫୦ଦିନ ସମୟ ଲାଗିବ। ଏଥିପାଇଁ ଆବଶ୍ୟକ ୨କୋଟି ୮୩ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମଧ୍ୟ ମିଳିସାରିଛି। ତେବେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ସେମାନଙ୍କୁ ଦିଆଯାଇଥିବା ସମୟସୀମା ଆଧାରରେ ରଙ୍ଗେଇଲୁଣ୍ଡା ବିମାନବନ୍ଦର ସମ୍ପ୍ରସାରଣ କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା ଶେଷ ହୋଇ ୨୦୨୬ମସିହା ଜାନୁଆରୀ ୨୬ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଆଶା ରଖାଯାଇଛି। ପରବର୍ତ୍ତି ସମୟରେ ପୁଣି ଅକ୍ଟୋବର ଓ ଜାନୁଆରୀରେ ପୁଣି ଦୁଇଥର ସମୀକ୍ଷା ବୈଠକ କରାଯାଇ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ସମୀକ୍ଷା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବୈଠକରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ପୂର୍ତ୍ତବିଭାଗ-୨ ଅଧିକ୍ଷଣ ଯନ୍ତ୍ରୀ, ୱାଟକୋ ମହାପ୍ରବନ୍ଧକ, ଟିପିଏସଓଡିଏଲ ଅଧିକାରୀ, ଅଗ୍ନିଶମ ଅଧିକାରୀ, ରାଜସ୍ୱ ବିଭାଗ ଅଧିକାରୀ, ଜିଇଡି ଯନ୍ତ୍ରୀ ଓ ପରିବହନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**● ବିଳମ୍ବ ଯୋଗୁ ବିଭିନ୍ନ ବିଭାଗକୁ ତାଗିଦ୍, ଡିସେମ୍ବର ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ**

**● କଟାଯାଇଛି ୬ ହଜାର ଗଛ, ଆଗକୁ ଗଛ ନ କାଟିବାକୁ ପରାମର୍ଶ**

## ଚାଷୀଙ୍କୁ ଖଣ୍ଡାରେ ଆକ୍ରମଣ ଉଦ୍ୟମ

ବ୍ରହ୍ମପୁର,୨।୯ (ସମିସ): ମସିହାଖାଲି ଗ୍ରାମର କାଳୁ ସାହୁ ନାମକ ଜଣେ ଚାଷୀଙ୍କୁ ଖଣ୍ଡାରେ ଆକ୍ରମଣ ଉଦ୍ୟମ ହୋଇଛି। ଏ ନେଇ ସଦର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ କିଛିଦିନ ଧରି କାଳୁ ନିଜ ଟ୍ରାକ୍ଟରକୁ ଚାଷ ଜମିକୁ ନେବା ପାଇଁ ଚେଷ୍ଟା କରୁଥିବା ବେଳେ ଗ୍ରାମର ଜଣେ ବ୍ୟକ୍ତି ରାସ୍ତାରେ ବୋଲେରୋ ଗାଡି ରଖିବା ସହ ଡ୍ରେନକୁ ଲଗାଇ କାନ୍ଥ ଉଠାଇ ଦେଇଛନ୍ତି। ରାସ୍ତା ଅବରୋଧ ନକରିବାକୁ କାଳୁ ବାରମ୍ବାର କହିବା ପରେ ମଧ୍ୟ ସେ ଶୁଣିନଥିଲେ। ଫଳରେ କାଳୁ ବାଧ ହୋଇ ଉକ୍ତ ରାସ୍ତାରେ ଟ୍ରାକ୍ଟର ନେଇଥିଲେ। କାନ୍ଥରେ ଟ୍ରାକ୍ଟର ଲାଗି ଭାଙ୍ଗିଯିବାପରେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଖଣ୍ଡା ଧରି କାଳୁଙ୍କ ଘରକୁ ଯାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। କାଳୁ ବିଲରୁ ଫେରିବା ପରେ ବ୍ୟକ୍ତି ଜଣଙ୍କ କାଳୁଙ୍କୁ ଆକ୍ରମଣ କରିବାକୁ ଗୋଡାଇଥିଲା। କାଳୁ ଦୌଡିଯିବାରୁ ବର୍ତ୍ତି ଯାଇଥିଲେ ବୋଲି ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ୩୦ ଲକ୍ଷ ଠକିନେଲା ପ୍ରେମିକ

ବ୍ରହ୍ମପୁର,୨।୯ (ସମିସ): ବୈଦ୍ୟନାଥପୁର ଥାନା ଅଞ୍ଚଳର ଜଣୈକା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବକ ୩୦ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ ଯେ, ଗତ ୨୦୨୨ରେ ସମ୍ପୃକ୍ତ ଯୁବତୀ ଜଣକ ବେଙ୍ଗାଲୁରୁରେ ଚାକିରି କରୁଥିଲେ। ସେଠାରେ ଜଣେ ଯୁବକଙ୍କ ସହ ତାଙ୍କର ସମ୍ପର୍କ ଗଢି ଉଠିଥିଲା। ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। ପରେ ବ୍ୟବସାୟ କରିବା ଆଳରେ ବିଭିନ୍ନ ସମୟରେ ଯୁବତୀଙ୍କ ଠାରୁ ଟଙ୍କା ନେଇଥିଲେ। ଗତ ୨ବର୍ଷ ମଧ୍ୟରେ ଯୁବକ ଜଣକ ପ୍ରାୟ ୩୦ଲକ୍ଷ ଟଙ୍କା ନେଇଥିଲେ। ତେବେ ବର୍ତ୍ତମାନ ଯୁବକ ଜଣକ ଟଙ୍କା ଫେରସ୍ତ ନକରିବାରୁ ଯୁବତୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଯୁବକଙ୍କୁ ବ୍ଲେଡ୍‌ରେ ଆକ୍ରମଣ ଘଟଣା; ଜଣେ ଗିରଫ

ବ୍ରହ୍ମପୁର,୨।୯ (ସମିସ): ଜଣେ ଯୁବକଙ୍କୁ ବ୍ଲେଡରେ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗ୍ରାମଦେବତୀ ଦଳିତ ସାହିର ଦିଲ୍ଲୀପ୍ ଦାସ(୧୯)। ଗତ ୩୧ ତାରିଖ ରାତିରେ ଶଙ୍କରପୁର ସାହି ନିବାସୀ ରିଙ୍କୁ ବେହେରା ଉକ୍ତ ସାହି ଛକରେ ଠିଆ ହୋଇଥିବା ବେଳେ କିଛି ଯୁବକ ରିଙ୍କୁଙ୍କ ସମ୍ପର୍କୀୟ ଭାଇ ପ୍ରମୋଦ ବେହେରାଙ୍କୁ ଆକ୍ରମଣ କରିଥିଲେ। ରିଙ୍କୁ ପହଞ୍ଚି ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଆକ୍ରମଣକାରୀ ଡ଼ିଲି ଦାସ, ରଞ୍ଜନ ଦାସ ଓ ଟୁକୁନା ଦାସ ରିଙ୍କୁଙ୍କୁ ଗାଳିଗୁଲଜ କରିବା ସହ ଏକ ବ୍ଲେଡରେ ଆକ୍ରମଣ କରିଥିଲେ। ଏପରିକି ରିଙ୍କୁଙ୍କ ମାଙ୍କୁ ମଧ୍ୟ ବ୍ଲେଡରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଉଭୟେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ହୋଇ ଫେରିବା ପରେ ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦିଲ୍ଲୀପକୁ ଗିରଫ କରାଯାଇଥିବା ଜଣାପଡିଛି।

## ଯୁବକକୁ ଖଣ୍ଡାରେ ଆକ୍ରମଣ ଘଟଣା; ୨ ଗିରଫ

ବ୍ରହ୍ମପୁର,୨।୯ (ସମିସ): ଯୁବକକୁ ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ଧୋବାବନ୍ଧ ହୁଡ଼ା ସାହିର ସୁବ୍ରତ ବେହେରା(୨୧) ଓ ଗଣପତିନଗର ୪ର୍ଥ ଲାଇନର ଦୀପକ କୁମାର ସାହୁ(୨୨)। ଜୁଲାଇ ୨୦ ରାତି ପ୍ରାୟ ୧୧ଟାରେ ଧୋବାବନ୍ଧ ହୁଡ଼ା ସାହିର ରବୀନ୍ଦ୍ର ସାହୁ ଘରକୁ ଫେରିବା ବେଳେ ସାର୍ଗୁଣା ସାହି ନିକଟସ୍ଥ ତ୍ରିନାଥ ମନ୍ଦିର ସମ୍ମୁଖରେ ତାଙ୍କୁ ବାଘା ପାଢ଼ୀ, ହୀନ ପାଢ଼ୀ, ଉଜ୍ଜ୍ୱଳ ପଣ୍ଡା, ନାରାୟଣ ପାଢ଼ୀ, କାହ୍ନା ପାଢ଼ୀ ଓ ସଂଗ୍ରାମ ବେହେରାଙ୍କ ସମେତ ଅନ୍ୟକିଛି ଯୁବକ ସଂଘବଦ୍ଧ ଆକ୍ରମଣ କରି ୪୭ହଜାର ୬୦୦ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ହୀନ ପାଢ଼ୀ ଖଣ୍ଡାରେ ରବୀନ୍ଦ୍ରଙ୍କ ବେକକୁ ଆକ୍ରମଣ କରିବା ବେଳେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ରବୀନ୍ଦ୍ରଙ୍କୁ ତାଙ୍କ ସ୍ତ୍ରୀ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଉପରୋକ୍ତ ଦୁଇଜଣଙ୍କୁ ଗିରଫ କରିଛି।

## ଦୁଇ ୱାର୍ଡ ପରିଦର୍ଶନ କଲେ ମେୟର



ବ୍ରହ୍ମପୁର,୨।୯ (ସମିସ): ଖୋଡାସିଙ୍ଗି ବଡ଼ ସାହି ଓ ହନୁମାନ ନଗରରେ ପ୍ରସ୍ତାବିତ ରାସ୍ତା ନିର୍ମାଣ କାର୍ଯ୍ୟକୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ପରିଦର୍ଶନ କରିଛନ୍ତି। ପୂର୍ବରୁ ଏହି ରାସ୍ତାରେ ପେଭର ବ୍ଲକ ପକାଇବାକୁ ଯୋଜନା ରହିଥିବା ବେଳେ ସ୍ଥାନୀୟ ବାସିନ୍ଦା ପ୍ରତିବାଦ କରିଥିଲେ। ପରିବର୍ତ୍ତି ସମୟରେ ଉଭୟ ରାସ୍ତାକୁ କଂକ୍ରିଟ ରୋଡ଼ କରିବାକୁ ନିଷ୍ପତି ନିଆଯାଇଛି। ଯାହାକୁ ନେଇ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ଉପସ୍ଥିତିରେ ବିଜେପି ନେତା ବନମାଳୀ ସେଠୀ, ଭିକି ସେଠୀ, ଗଙ୍ଗାଧର ସେଠୀ, କାମା ପ୍ରସାଦ ସେଠୀ, ନୀଳାଞ୍ଚଳ ସେଠୀ ଓ ରଂଜନ ସେଠୀଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଅଞ୍ଚଳବାସୀ ନିଜ ଇଲାକାରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମେୟରଙ୍କୁ ଅବଗତ କରି ସ୍ଥାୟୀ ପ୍ରତିକାର ନିମନ୍ତେ ନିବେଦନ କରିଥିଲେ। ମେୟର ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ବ୍ରହ୍ମପୁରରେ ଗ୍ରୀନ୍ ଫିଲ୍‌ଡ୍ ବିମାନବନ୍ଦର ପ୍ରତିଷ୍ଠା ନେଇ ଆର୍‌ଡିସିଙ୍କୁ ଦାବିପତ୍ର



ବ୍ରହ୍ମପୁର,୨।୯ (ସମିସ): ବ୍ରହ୍ମପୁରରେ ଗ୍ରୀନଫିଲଡ଼ ବିମାନ ବନ୍ଦର ପ୍ରତିଷ୍ଠା ଦାବିରେ ଓଡ଼ିଶା ଡେଭେଲପମେଣ୍ଟ ଫୋରମ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଦକ୍ଷିଣ ଓଡ଼ିଶାର ଭୌଗଳିକ ସୀମାରେଖା, ଜନସଂଖ୍ୟା ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଲୋକଙ୍କ ବିମାନସେବାର ସୁବିଧା ପାଇଁ ବ୍ରହ୍ମପୁରରେ ଗ୍ରୀନଫିଲଡ଼ ବିମାନ ବନ୍ଦର ପ୍ରତିଷ୍ଠାର ଆବଶ୍ୟକତା ରହିଥିବା ଦର୍ଶାଯାଇଛି। ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମ ଦୀର୍ଘଦିନରୁ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବାକୁ ଫୋରମର ପକ୍ଷରୁ ନିବେଦନ କରାଯାଇଛି। ସରକାର ଏହି କ୍ଷେତ୍ରରେ ଉଦାସୀନତା ନଦେଖାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବି ମହଲରେ ମଧ୍ୟ ଆଲୋଚନା ହେଉଛି। ଦାବି ପତ୍ର ପ୍ରଦାନ ବେଳେ ସମାଜସେବୀ ଭି.ସୋମେଶ୍ୱର ରାଓ, ସରୋଜ ରଞ୍ଜନ ପଟ୍ଟନାୟକ, ପ୍ରିତିଶ ପାଣିଗ୍ରାହୀ, ମାନସ ରଞ୍ଜନ ପାତ୍ର, ଆଦିତ୍ୟ ନାରାୟଣ ରଥ, ସିମାଞ୍ଚଳ ସାହୁ, ପ୍ରବୀଣ ପଟ୍ଟନାୟକ, ରମେଶ ସାହୁ, ପ୍ରକାଶ ଭାଜନୀ, ବାସୁଦେବ ବିଷୋୟୀ ଓ ହୃଷିକେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସାମ୍ବାଦିକ ସମ୍ମିଳନୀ



ବ୍ରହ୍ମପୁର,୨।୯ (ସମିସ): ଜାତୀୟ ରାଜପଥ ନିକଟରେ ଏକ ଘରୋଇ ସ୍କୁଲରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସମ୍ପନ୍ନ ହୋଇଥିବା ବେଳେ ଏଥିରେ ସଂଗଠନ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଚଳିତ ଶିକ୍ଷାବର୍ଷରେ ଓଡ଼ିଶା ପୂର୍ବରେ ଥିବା ୨୦ଟି ପ୍ରଶାସନିକ ଜିଲ୍ଲାରେ ୧ଲକ୍ଷ ୨୦ହଜାର ବିଦ୍ୟାର୍ଥୀଙ୍କୁ ସଦସ୍ୟତା ଦେବାର ଲକ୍ଷ୍ୟ ନିର୍ଦ୍ଧାରିତ କରାଯାଇଥିବା ଏବିଭିପିର ରାଜ୍ୟ ସମ୍ପାଦକ ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି। କ୍ୟାମ୍ପସରେ ବଢୁଥିବା ଅଣଛାତ୍ର ପ୍ରବେଶ, ନିଶା କାରବାର, ଏବଂ ସେଲ୍ଫ-ଫାଇନାନ୍ସ ଓ ପିପିପି ମୋଡରେ ହେଉଥିବା ଛାତ୍ରମାନଙ୍କ ଉପରେ ଅତ୍ୟାଚାରକୁ ରୋକିବା ସମେତ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ଏବିଭିପିର ଗଞ୍ଜାମ ବିଭାଗ ସଂଯୋଜକ ରୁଦ୍ର ପ୍ରସାଦ ସେଠୀ, ରାଜ୍ୟ ସୋସିଆଲ ମିଡ଼ିଆ ସଂଯୋଜକ ସୁନିଲ କୁମାର ଦୋରା, ଗଞ୍ଜାମ ଜିଲ୍ଲା ସଂଯୋଜକ ବିକାଶ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୀୟାରାଣୀ ପାତ୍ର ଓ ସଞ୍ଜୟ ପ୍ରମୁଖ ଉପସ୍ଥିତ ଥିଲେ।

## ସିଡିଏମ୍‌ଓଙ୍କ ଦ୍ୱାରସ୍ଥ ହେଲା ନର୍ସିଂ ସଂଘ



ବ୍ରହ୍ମପୁର,୨।୯ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର କିଛି କର୍ମଚାରୀ କାର୍ଯ୍ୟରେ ବିଳମ୍ବ କରୁଥିବା ନେଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଏମ୍‌କେସିଜି ମେଡିକାଲ ଶାଖା ଅଭିଯୋଗ କରିଛି। ଏନେଇ ମଙ୍ଗଳବାର ଏମ୍‌କେସିଜି ମେଡ଼ିକାଲରେ କାର୍ଯ୍ୟତର ବହୁ ନର୍ସିଂ କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାର କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କର୍ମଚାରୀଙ୍କ ବାର୍ଷିକ ପଦୋନ୍ନତି, ବର୍ଦ୍ଧିତ ଦରମା ଓ ଜରୁରୀକାଳୀନ ଛୁଟି ଅନୁମୋଦନ ଭଳି ଭିଭିନ୍ନ ସମସ୍ୟାର ସମାଧାନ ନହୋଇ ଦୀର୍ଘ ମାସ ଧରି ପଡ଼ି ରହୁଥିବା ସଂଘ ଅଭିଯୋଗ କରିଛି। ଫଳରେ ଏମ୍‌କେସିଜି ମେଡ଼ିକାଲରେ କାର୍ଯ୍ୟରତ ଶତାଧିକ ନର୍ସିଂ ଅଫିସରଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅଭିଯୋଗ ସମ୍ପର୍କରେ ସଂଘ ପକ୍ଷରୁ ବାରମ୍ବାର ଅବଗତ କରାଯାଉଥିଲେ ହେଁ ଏଥିପ୍ରତି ଧ୍ୟାନ ଦିଆଯାଉନଥିବା ସଂଘ ଅଭିଯୋଗ କରିଛି। ଅନ୍ୟପକ୍ଷରେ କର୍ମଚାରୀଙ୍କ ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡ଼ା. ସୁଶାନ୍ତ କୁମାର ନାୟକ ଆଲୋଚନା କରିବା ସହ ୭ଦିନ ମଧ୍ୟରେ ସମସ୍ତ ବକେୟା କାର୍ଯ୍ୟ ଶେଷ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ବିକ୍ଷୋଭରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଏମକେସିଜି ମେଡିକାଲ ଶାଖାର ସଭାନେତ୍ରୀ କନକଲତା ଦାସ, ସାଧାରଣ ସମ୍ପାଦିକା ସୁପ୍ରଭା ବେହୁରା, ଯୁଗ୍ମସମ୍ପାଦକ ମହେନ୍ଦ୍ର ଗମାଙ୍ଗ, ସୁଜିତ ସିଂ, ବଳରାମ ପରିଜା, ମନୋରମା ନାୟକ ଓ ମନସ୍ୱିନୀ ନାୟକଙ୍କ ସମେତ ବହୁ ନର୍ସିଂ ଅଫିସର ଉପସ୍ଥିତ ଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୨।୯ (ସମିସ): ଦୁଇଦିନ ପୂର୍ବେ ଗଜପତି ଜିଲ୍ଲା ସୀମାନ୍ତ ତଥା ଚଷାନିମଖଣ୍ଡି ପଞ୍ଚାୟତ ବଡପଦର ଗ୍ରାମ ନିକଟସ୍ଥ ଉଦୟନାଥେଶ୍ୱର ମନ୍ଦିର ରାମନଦୀ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର କରିଛି କେ. ନୂଆଗାଁ ଥାନା ପୁଲିସ। ମୃତକଙ୍କ ବୟସ ପ୍ରାୟ ୫୫ରୁ ୬୦ବର୍ଷ ହେବ। ତାଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ପରିଚୟ ଜାଣିବାକୁ ଏମକେସିଜି ମେଡ଼ିକାଲର ଶବ ବ୍ୟବଚ୍ଛେଦ ଗୃହରେ ଶବକୁ ସଂରକ୍ଷିତ ରଖାଯାଇଛି। ମୃତକଙ୍କ ପରିଚୟ ଦେବାକୁ କେ. ନୂଆଗାଁ ଫାଣ୍ଡି ପୁଲିସକୁ ଯୋଗାଯୋଗ କରିବାକୁ ପୁଲିସ ପକ୍ଷରୁ ନିବେଦନ କରାଯାଇଛି।

## ଗଞ୍ଜାମ ଉପ-ନିର୍ଦ୍ଦେଶକ ଭାବେ ଅଜିତ ପଟ୍ଟନାୟକଙ୍କ ଦାୟିତ୍ୱ ଗ୍ରହଣ

ବ୍ରହ୍ମପୁର,୨।୯ (ସମିସ): ଗଞ୍ଜାମ ଜିଲ୍ଲାରେ ଡେପୁଟି ଡ଼ାଇରେକ୍ଟର ଅଫ ପ୍ରସିକ୍ୟୁସନ (ଉପ ନିର୍ଦ୍ଦେଶକ) ଭାବେ ଅଜିତ କୁମାର ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ରାୟଗଡା ଓ ଗଜପତି ଜିଲ୍ଲାର ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଏନେଇ ଗୃହବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିପରି ପୂର୍ବରୁ ଗଞ୍ଜାମରେ କାର୍ଯ୍ୟରତ ଉପ ନିର୍ଦ୍ଦେଶକ ସୁବ୍ରତ ମହାନ୍ତି ଗତ ୩୧ତାରିଖରେ ଅବସର ଗ୍ରହଣ କରିଥିଲେ। ପୂର୍ବରୁ ଅଜିତ ପଟ୍ଟନାୟକ ରାୟଗଡା ଓ ସୁନ୍ଦରଗଡରେ ପବ୍ଲିକ ପ୍ରସିକ୍ୟୁଟର ଭାବେ କାର୍ଯ୍ୟକରି ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସରକାରଙ୍କ ପକ୍ଷରୁ ପରିଚାଳନା କରି ଦଣ୍ଡବିଧାନ ହାର ବୃଦ୍ଧି କରିବାରେ ସହାୟକ ହୋଇଥିଲେ। ଏହି ଅବସରରେ ତାଙ୍କୁ ଗଞ୍ଜାମ ଜିଲ୍ଲା କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର(ପିପି) ବିଶ୍ୱଜିତ ବରାଳ, ସହକାରୀ ନିର୍ଦ୍ଦେଶକ ଲଳିତ ରଞ୍ଜନ ଗମାଙ୍ଗୋ , କାର୍ତ୍ତିକ ତିରିଆ, ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା, ସୁରେନ୍ଦ୍ର ପଣ୍ଡା, ସୁମିତ ନାୟକ, ପୂର୍ବତନ ପିପି ଶରତ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ପିପି ମଧୁସ୍ମିତା ସାହାଣୀ, ଅଶୋକ କୁମାର ନାୟକ, ସନ୍ତୋସିନୀ ପୁରୋହିତ, ପ୍ରଭାତ ଜେନା, ଆଲୋକ ଜ୍ୟୋତି କଦମ, ରଜତ କୁମାର ଦାଶ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଭାରତୀୟ ନ୍ୟାୟ ସଂହିତା ଲାଗୁ ପରେ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ କିଭଳି ମାମଲା ଗୁଡିକର ଫଇସଲା ହେବ ସେନେଇ ପ୍ରତି ଜିଲାରେ ଜିଲ୍ଲାସ୍ତରୀୟ ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟ (ଡିଷ୍ଟ୍ରିକ୍ଟ ଡାଇରେକ୍ଟୋରେଟ୍ ଅଫ୍ ପ୍ରସିକ୍ୟୁସନ) ପ୍ରତିଷ୍ଠା କରିବାକୁ ପୂର୍ବରୁ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରତ୍ୟେକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଶା ରାଜ୍ୟ ପବ୍ଲିକ ପ୍ରସିକ୍ୟୁସନ ସେବାରେ କାମ କରୁଥିବା କର୍ମଚାରୀଙ୍କ ପାଇଁ କାର୍ଯ୍ୟାଳୟ ଖୋଲାଯାଇଛି। ଜିଲା ସ୍ତରରେ ପ୍ରତିଷ୍ଠା ହେବାକୁ ଥିବା କାର୍ଯ୍ୟାଳୟର ମୁଖ୍ୟଭାବେ ଦାୟିତ୍ୱନିର୍ବାହ କରିବେ ପ୍ରସିକ୍ୟୁସନ ଉପ-ନିର୍ଦ୍ଦେଶକ। ମଙ୍ଗଳବାର ଉପ ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାଜଜ୍‌ଙ୍କ ଅଦାଲତର ବିଭିନ୍ନ ନ୍ୟାୟାଧୀକାରୀଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।



# ବ୍ରହ୍ମପୁର ପୁଲିସ ଜିଲ୍ଲାରେ 'ଅପରେସନ ପ୍ରହାର' ଆରମ୍ଭ



ବ୍ରହ୍ମପୁର,୨।୯ (ସମିସ): ଶିକ୍ଷାନୁଷ୍ଠାନ ନିକଟରେ ପାନ, ଗୁଟଖା ଓ ସିଗାରେଟ ଭଳି ମାଦକଦ୍ରବ୍ୟ ବିକ୍ରି କରିବା ଆଇନାନୁସାରେ ନିଷିଦ୍ଧ କରାଯାଇଛି। ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଅପରେସନ 'ପ୍ରହାର' ଜରିଆରେ ଏହି ଆଇନର କଡାକଡି ପାଳନ ପାଇଁ ପଦକ୍ଷେପ ନିଆଯାଉଛି। ସେହିକ୍ରମରେ ବ୍ରହ୍ମପୁର ପୁଲିସ ପକ୍ଷରୁ ମଙ୍ଗଳବାର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ଦୋକାନ ଖୋଲି ପାନ, ଗୁଟ୍‌ଖା ଓ ସିଗାରେଟ ବିକ୍ରୀ କରୁଥିବା ମୋଟ ୪୪ଟି ଦୋକାନ ଉପରେ ଅତର୍କିତ ଚଢ଼ଉ କରାଯାଇଛି। ଉକ୍ତ ଦୋକାନ ଗୁଡ଼ିକରୁ ବିପୁଳ ଗୁଟ୍‌ଖା, ସିଗାରେଟ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଜବତ କରାଯିବା ସହ ଦୋକାନୀଙ୍କୁ ନୋଟିସ ଜାରି କରାଯାଇଛି। ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମପୁରର ୪ଟି ଥାନା ପକ୍ଷରୁ ମଙ୍ଗଳବାର ନିଜ ନିଜ ଇଲାକାରେ ଥିବା ପାନ ଓ ଗୁଟଖା ଦୋକାନରେ ଚଢ଼ଉ କରାଯାଇଥିଲା। ଟାଉନ ଥାନା ପକ୍ଷରୁ ୧୦ଟି ଦୋକାନରେ ଚଢଉ କରାଯାଇଥିବା ବେଳେ ବଡବଜାର ଥାନା ପକ୍ଷରୁ ୧୧ଟି, ବୈଦ୍ୟନାଥପୁର ଥାନା ପକ୍ଷରୁ ୧୧ଟି ଓ ଗୋସାଣୀନୂଆଗାଁ ଥାନା ପକ୍ଷରୁ ୧୨ଟି ଦୋକାନରେ ଚଢଉ କରାଯାଇଥିଲା। ଚଢଉ ବେଳେ ଅନେକ ଶିକ୍ଷାନୁଷ୍ଠାନ ଠାରୁ ୧୦୦ମିଟର ମଧ୍ୟରେ ଥିବା ଦେକାନଗୁଡ଼ିକରେ ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ନଜରକୁ ଆସିଥିଲା। ସେହିଭଳି କିଛି ଶିକ୍ଷାନୁଷ୍ଠାନକୁ ଲାଗି ଥିବା ଦୋକାନରେ ମଧ୍ୟ ଖୋଲାଖୋଲି ଗୁଟଖା ଓ ସିଗାରେଟ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ପୁଲିସ ଦୋକାନରୁ ସମସ୍ତ ଗୁଟଖା ଓ ସିଗାରେଟକୁ ଜବତ କରିଥିଲା। ଆସନ୍ତା ୨ସପ୍ତାହ ପର୍ଯ୍ୟନ୍ତ ଏଭଳି ଚଢଉ ଜାରି ରହିବ ବୋଲି ଏସପି ସୂଚନା ଦେଇଛନ୍ତି।

**■ ୪୪ଟି ଦୋକାନରେ ଅତର୍କିତ ଚଢ଼ଉ**

**■ ଶିକ୍ଷାନୁଷ୍ଠାନ ନିକଟରେ ପାନ, ଗୁଟ୍‌ଖା ବିକ୍ରି ଉପରେ ରୋକ୍**

# ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରୁଛି ଆଇଟେମ୍ ଡ୍ୟାନ୍ସ

ବାରିକପୁର, ୨।୯(ସମିସ): ବିଘ୍ନନାଶକ ଶ୍ରୀଗଣେଶଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟଙ୍କ ପୂଜାର୍ଚ୍ଚନା ହେବା ସହ ଭସାଣି ଯାତ୍ରା ଶେଷ ହୋଇଛି। ସ୍ଥାନ ବିଶେଷରେ ତିନିରୁ ପାଞ୍ଚ ଦିନ ଯାଏଁ ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା। ବ୍ଲକର କୁରିଗାଁ, ମାନ୍ତପୁର, ବାଲିପୋଖରୀ, ମାଳଦା, ରହଣିଆ, ଆକୁଳିକଣା, ରାଣୀଗାଡିଆ ପ୍ରମୁଖ ସ୍ଥାନରେ ବେଶ୍ ଧୁମ୍‌ଧାମରେ ୫ ଦିନ ପୂଜା ଅନୁଷ୍ଠିତ ହୋଇଛି। ଏହାଛଡା ମଞ୍ଜୁରୀରୋଡ୍, ନାଆମୀ, ଆଖୁଆପଦା, ବିଷ୍ଣୁପୁର, ନିର୍ଗୁଣ୍ଡି, ତେସିଙ୍ଗା ପ୍ରମୁଖ ଅଞ୍ଚଳରେ ମଧ୍ୟ ଗଣପତିଙ୍କୁ ପୂଜାର୍ଚ୍ଚନା କରାଯାଇଛି। କେତେକ ପୂଜା କମିଟି ପକ୍ଷରୁ କଲିକତାରୁ ଆସିଥିବା ଡିଜେ ସାଉଣ୍ଡକୁ ପ୍ରତିଯୋଗିତାମୂଳକ ଭାବେ ବ୍ୟବହାର କରାଯାଇଛି। ଫଳରେ ଗଣେଶଙ୍କ ଭସାଣି ଶୋଭାଯାତ୍ରାର ଗାରିମା ନଷ୍ଟ ହୋଇଥିବା ମତ ପ୍ରକାଶ ପାଇଛି। ଅତ୍ୟଧିକ ଡିଜେ ସାଉଣ୍ଡ ଯୋଗୁ ଲୋକମାନେ ମଧ୍ୟ ଅତିଷ୍ଠ ହୋଇଛନ୍ତି। କେତେକ ଭସାଣି ଶୋଭାଯାତ୍ରାରେ ଆଇଟମ ଡ୍ୟାନ୍ସ ମଧ୍ୟ ଦେଖିବାକୁ ମିଳିଛି। ଶୋଭାଯାତ୍ରାର ଆଗେଆଗେ କିଟିମିଟି ଅନ୍ଧାରରେ ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ରହିଥିବା ବେଳେ ପଛେ ପଛେ ନୃତ୍ୟାଙ୍ଗନାଙ୍କ ଅର୍ଦ୍ଧ ନଗ୍ନ ନୃତ୍ୟ ପ୍ରଦର୍ଶନ ଦେଖିବାକୁ ସେଠାରେ ଦର୍ଶକଙ୍କ ଭିଡ଼ ଲାଗିଥିବା ଦେଖାଯାଇଛି। ଆୟୋଜକ କମିଟି ସଦସ୍ୟଙ୍କ ସହିତ କିଛି ଯୁବ ବର୍ଗ ଆଇଟମ ଗାର୍ଲଙ୍କ ପାଦରେ ପାଦ ମେଳାଇ ନୃତ୍ୟ କରିଛନ୍ତି। ବୈଦିକ ଉତ୍ସବ ପାଳନ ନାଁରେ ଏଭଳି ଉଚ୍ଚାଟ ଓ ଅର୍ଦ୍ଧ ନଗ୍ନ ନୃତ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଧାର୍ମିକ ବିଶ୍ୱାସ ଆଧାରରେ ପୂଜା ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ପାଶ୍ଚାତ୍ୟ ଅଭିମୁଖି ଅପସଂସ୍କୃତିକୁ ବ୍ୟବହାର କରାଯିବା ଗ୍ରହଣ ଯୋଗ୍ୟ ନୁହେଁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏହା ଧର୍ମ ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରୁଥିବା ବେଳେ ଆଗାମୀ ଦିନରେ ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା: ୭୦ ଜଣ ଜିଲ୍ଲା ସ୍ତରକୁ ମନୋନୀତ

ଭଣ୍ଡାରିପୋଖରୀ, ୨।୯(ସମିସ): ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବଳଦେବଜୀଉ ଉଚ୍ଚବିଦ୍ୟାଳୟ ପରିସରରେ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ତଟିନୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ସୁବାସ ଗୋଚ୍ଛାୟତ, ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା, ପୂର୍ବତନ ପ୍ରଧାନଶିକ୍ଷକ ଅର୍ଜ୍ଜୁନ ଚରଣ ସାହୁ, ବ୍ଲକ କ୍ରୀଡ଼ା ସମ୍ପାଦକ ଜିତେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବାଡି, ଖୋ ଖୋ, ଚେସ, ସାଇକ୍ଲିଂ, ଫୁଟବଲ, ବ୍ୟାଡମିଣ୍ଟନ ଆଦି ବିଭାଗରୁ ୭୦ ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ବରିଷ୍ଠ ଶିକ୍ଷକ ଗୌରୀଶଙ୍କର ମିଶ୍ର ଅତିଥି ପରିଚୟ ଓ କ୍ରୀଡା ଶିକ୍ଷକ ଅମୂଲ୍ୟ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ କ୍ରୀଡା ଶିକ୍ଷୟିତ୍ରୀ ବିକଶି ସାହୁ, ମାନସ ସାହୁ, ଦେବାଶିଷ ଆଚାର୍ଯ୍ୟ, ଗୋବିନ୍ଦ ବେହେରା, ପୂର୍ଣ୍ଣିମା ମହାନ୍ତ, ପ୍ରଶାନ୍ତ କୁମାର ଜେନା, ସପନ କୁମାର ବାରିକ, ପବିତ୍ର ମୋହନ ଦାଶ କ୍ରୀଡ଼ା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା କର, ଦେବସ୍ମିତା କର, ମଞ୍ଜୁଲତା ପଣ୍ଡା, କଳ୍ପନା ମଲ୍ଲିକ, ଶିକ୍ଷକ ଶୁଭେନ୍ଦୁ କୁମାର ମଲ୍ଲିକ, କେଦାରସେନ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଆରଏମଏସ୍ ସ୍ଥାନାନ୍ତର ହେଲେ ଆନ୍ଦୋଳନ: କଂଗ୍ରେସ

ଭଦ୍ରକ, ୨।୯(ସମିସ): ଦୀର୍ଘବର୍ଷ ଧରି ଭଦ୍ରକ ଷ୍ଟେସନରେ ଥିବା ରେଳବାଇ ଡାକସେବା (ଆରଏମଏସ)କୁ ବାଲେଶ୍ୱରକୁ ସ୍ଥାନାନ୍ତର କରାଯିବାକୁ ଯୋଜନା ଚାଲିଛି। ଏହାକୁ ବାଲେଶ୍ୱର ସ୍ଥାନାନ୍ତର ନକରି ପୂର୍ବଭଳି ଭଦ୍ରକ ଷ୍ଟେସନରେ ରଖିବାକୁ ଦାବି କରିଛନ୍ତି କଂଗ୍ରେସ ଜିଲ୍ଲା ସଂଯୋଜକ ଅସିତ ପଟ୍ଟନାୟକ। ଏନେଇ ଭଦ୍ରକ ଡାକ କାର୍ଯ୍ୟାଳୟର ମୁଖ୍ୟ ପରିଚାଳକ ବିଜୟ ମହାନ୍ତିଙ୍କୁ ଭେଟି ଏହି ମର୍ମରେ ଏକ ଦାବିପତ୍ର ଶ୍ରୀ ପଟ୍ଟନାୟକ ପ୍ରଦାନ କରିଛନ୍ତି। ଏଥିରେ ରେଳ ଡାକସେବାରୁ ଭଦ୍ରକବାସୀ ବଞ୍ଚିତ ହେବେ। ଏଭଳି ନିଷ୍ପତ୍ତିରୁ ବିଭାଗ ନିବୃତ୍ତ ରହିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ବିଭାଗ ଦାବି ନଶୁଣିଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।



# ପ୍ରବଳ ବର୍ଷାରେ ଭାଙ୍ଗିଲା କୁଲଣା ଉଚ୍ଚ ବିଦ୍ୟାଳୟ ପାଚେରି

ଭଣ୍ଡାରିପୋଖରୀ,୨।୯(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାଳୟ ପାଚେରି ମଙ୍ଗଳବାର ସକାଳ ବର୍ଷାରେ ଭାଙ୍ଗିଯାଇଛି। ମଙ୍ଗଳବାର ଭୋରୁ ଲଗାଣ ବର୍ଷା ଲାଗି ରହିଥିଲା। ମାତ୍ର ସକାଳ ୭ଟାରେ ବ୍ୟାପକ ବର୍ଷା ହୋଇଥିଲା। ଏହି ସମୟରେ ବିଦ୍ୟାଳୟର ଦକ୍ଷିଣପାଶ୍ୱର୍ ପୂର୍ତ୍ତ ରାସ୍ତା ସଂଲଗ୍ନ ୨୦ମିଟର ଦୀର୍ଘ ପାଚେରୀ ଭାଙ୍ଗିଯାଇଥିଲା। ଏହାଦ୍ୱାରା ବିଦ୍ୟାଳୟ ହତାରେ ବୁଲା ଗୋରୁଗାଈଙ୍କ ସମେତ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ଯୋଗୁଁ ବିଦ୍ୟାଳୟ ଅସୁରକ୍ଷିତ ହୋଇପଡିଛି। ଏହି ବିଦ୍ୟାଳରେ ୪୫୨ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଚଳିତ ବର୍ଷ ଏହି ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନିତ କରାଯାଇଛି। ଏବେ ବିଦ୍ୟାଳୟର ସୁରକ୍ଷା ପାଚେରୀ ଭାଙ୍ଗିପଡି ବିଦ୍ୟାଳୟ ପ୍ରତି ବିପଦ ସୃଷ୍ଟି କରିଛି। ଏହାର ପୁନଃନିର୍ମାଣ ପାଇଁ ସଂପୃକ୍ତ ପ୍ରଧାନଶିକ୍ଷକ ସ୍ଥାନୀୟ ବିଡିଓଙ୍କୁ ପତ୍ର ଯୋଗେ ଅନୁରୋଧ କରିଛନ୍ତି। ଏଥି ପୂର୍ବରୁ ଗତ ଅକ୍ଟୋବର ମାସ ବାତ୍ୟାରେ ବିଦ୍ୟାଳୟର ୭୦ ମିଟର ଲମ୍ବ ପାଚେରୀ ଭୁସୁଡି ପଡିଥିଲା। ଏହାର ପୁନଃ ନିର୍ମାଣ ପାଇଁ ବ୍ଲକକୁ ଅନୁରୋଧ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ନିଆଯାଇ ନଥିଲା। ବିଦ୍ୟାଳୟ ପକ୍ଷରୁ ଅସ୍ଥାୟୀ ବାଡ ବ୍ୟବସ୍ଥା କରାଯାଇଥିଲା। ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଡିଓ ଦେବଦତ୍ତ ଦାଶ ସୂଚନା ଦେଇଛନ୍ତି।

# ବଦଳୁନି ଦୋବଲ ବସଷ୍ଟାଣ୍ଡ ଅବସ୍ଥା



- କାଦୁଅରେ ଯାତ୍ରୀ ହୀନସ୍ତା
- ରାସ୍ତାରେ ଘଣ୍ଟାଘଣ୍ଟା ରହୁଛି ବସ୍

ଦୋବଲ, ୨।୯(ସମିସ): ଦୋବଲ ବସଷ୍ଟାଣ୍ଡର ଅବସ୍ଥା ସୁଧୁରୁନାହିଁ। ଭଦ୍ରକ-ଯାଜପୁରର ଏହା ମଧ୍ୟସ୍ଥଳ। ଏହି ଷ୍ଟାଣ୍ଡଠାରୁ ଭୁବନେଶ୍ୱର, କଟକ, ବାଲେଶ୍ୱର, କେନ୍ଦୁଝର, ଯାଜପୁର ଓ ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳକୁ ଦୈନିକ ସରକାରୀ ଓ ଘରୋଇ ବସ ଚଳାଚଳ କରୁଛି। ଉକ୍ତ ଅଞ୍ଚଳକୁ ଆତଯାତ କରୁଥିବା ପ୍ରାୟ ସମସ୍ତ ଘରୋଇ ଓ ସରକାରୀ ବସ ଏହି ଦୋବଲ ବସଷ୍ଟାଣ୍ଡରୁ ବାହାରି କ୍ଷେତ୍ରପୁର, ପଧାନୀ, ସୋହଡା, ଖଡିପଦା, ଆନନ୍ଦପୁର ଆଦି ସ୍ଥାନକୁ ଯାତାୟତ କରୁଥାଏ। ମାତ୍ର ବର୍ଷା ଦିନରେ ଉକ୍ତ ବସଷ୍ଟାଣ୍ଡ ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ମୁଖ୍ୟରାସ୍ତାଠାରୁ ବସଷ୍ଟାଣ୍ଡ ନିଚା ହୋଇଥିବାରୁ ଜଳ ନିଷ୍କାସନରେ ବାଧାପ୍ରାପ୍ତ ହେଉଛି। ବଜାର, ରାସ୍ତା ଓ ସେଠାରେ ଥିବା ଗେଙ୍ଗୁଟି ନଦୀବନ୍ଧରୁ ବର୍ଷା ପାଣି ଗଡ଼ି ବସଷ୍ଟାଣ୍ଡରେ ଜମି ରହୁଛି ବର୍ଷା ଜଳ। ଷ୍ଟାଣ୍ଡରେ ଗାଡ଼ି ପଶିଲେ କାଦୁଅ ପଚପଚ ଯୋଗୁଁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଅନ୍ୟପଟେ ଉକ୍ତ ଷ୍ଟାଣ୍ଡଟି ଅଳ୍ପ ଜମିରେ ହୋଇଥିବାରୁ ବସ ରହିବା ସମସ୍ୟା ସୃଷ୍ଟି ହେଉଛି। ହେଲେ କେତେକ ଘରୋଇ ଟ୍ରକ, ଟ୍ରାକ୍ଟର, ହାଲୁକା ଓ ଭାରୀଯାନ ମାଲିକ ଏବଂ ଚାଳକ ନିଜର ଗାଡିକୁ ଘଟାଂ ଘଟାଂ ଧରି ଏଠାରେ ରଖୁଛନ୍ତି ଫଳରେ ବସ ରହିବାରେ ବାଧା ମଧ୍ୟ ସୃଷ୍ଟି ହେଉଛି। ପ୍ରଶାସନ ପକ୍ଷରୁ ସେଠାରେ ବସ ବ୍ୟତୀତ ଅନ୍ୟ କୌଣସି ଗାଡ଼ି ରଖିପାରିବେ ନାହିଁ ବୋଲି ତାଗିଦ କରିବା ସହିତ ଏକ ଫଳକ ଲଗାଇଥିଲେ, ହେଲେ ତାହାକୁ କେହି ଖାତିର କରୁନାହାନ୍ତି। ଷ୍ଟାଣ୍ଡ ଭିତରେ କାଦୁଅ ଯୋଗୁଁ ବର୍ଷା ହେଲେ ବସଗୁଡିକ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଠିଆ ହେଉଛି। ଯାତ୍ରୀ ବି ଷ୍ଟାଣ୍ଡ ଭିତରକୁ ପଶିବାକୁ ରାଜି ହେଉ ନାହାନ୍ତି। ରାସ୍ତାରେ ବସ ରହିବା ଫଳରେ ବଜାରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସାଧାରଣ ଲୋକ ରାସ୍ତା ପାରି ପାଇ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଠିଆ ହେବାକୁ ପଡୁଛି। ବସଷ୍ଟାଣ୍ଡର ଉନ୍ନତିକରଣ ଓ ନୂଆ ବସଷ୍ଟାଣ୍ଡ ପାଇଁ ଉକ୍ତ ବସଷ୍ଟାଣ୍ଡଠାରୁ ପ୍ରାୟ ୧ କିମି ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରାୟ ଦୁଇ ଏକର ଜମିରେ ୫ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ନୂତନ ବସଷ୍ଟାଣ୍ଡ ପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ଅଢ଼େଇ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। କାର୍ଯ୍ୟ ମଧ୍ୟ କିଛି ହୋଇଥିଲା ହେଲେ ରାଜ୍ୟରେ ସରକାର ବଦଳି ଗଲା ପରେ ଉକ୍ତ କାର୍ଯ୍ୟକୁ ନୂତନ ସରକାର ବନ୍ଦ କରିଦେଇଥିଲେ। ଯେଉଁ ପୁରୁଣା ଷ୍ଟାଣ୍ଡ ଅଛି ସେଠାରେ କଂକ୍ରିଟ କରିବା ସହିତ ଯାତ୍ରୀଙ୍କ ପାଇଁ ଆଶ୍ରୟସ୍ଥଳି ଏବଂ ପାନୀୟ ଜଳ ବ୍ୟବସ୍ଥା କରାଯିବା ପାଇଁ ନୂଆ ସରକାର କହିଥିଲେ। ହେଲେ ନା ନୂଆ ବସଷ୍ଟାଣ୍ଡ ହେଲା ନା ପୁରୁଣା ବସଷ୍ଟାଣ୍ଡ ମରାମତି ହେଲା ମାତ୍ର ନୂଆ ଓ ପୁରୁଣା ବସଷ୍ଟାଣ୍ଡରେ ଜବର ଦଖଲ ବଢ଼ିବାରେ ଲାଗିଛି। ମାତ୍ର ଉଚ୍ଛେଦର ନା ଧରୁନି ପ୍ରଶାସନ। ହେଲେ ନାନାଦି ସମସ୍ୟା ରେ ଛନ୍ଦି ହେଉଛନ୍ତି ସାଧାରଣ ଜନତା ଏ ଦିଗରେ ଧାମନଗର ତହସିଲ ଦାର ଲୋକନାଥ ସେଠୀ କୁହନ୍ତି ଉକ୍ତ ସ୍ଥାନରେ ଖୁବଶୀଘ୍ର ଜବରଦଖଲ ହଟାଯିବ। ଏଥିସହିତ ସେଠାରୁ ଜବରଦଖଲ ଉଚ୍ଛେଦ କରାଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ଉକ୍ତ ବସଷ୍ଟାଣ୍ଡରେ ବାଲି ଓ ଡଷ୍ଟ ପକାଇ ବା କିମ୍ବା କଂକ୍ରିଟ କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଜିଲ୍ଲାପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଚାଷୀ ପଞ୍ଜୀକରଣ ପରେ ଆରମ୍ଭ ଡିଜିଟାଲ ସର୍ଭେ

ବାରିକପୁର, ୨।୯(ସମିସ): ଖରିଫ ଧାନ ବିକ୍ରୟ ପାଇଁ ଅଗଷ୍ଟ ୨୫ ତାରିଖ ସୁଦ୍ଧା ଚାଷୀ ପଞ୍ଜୀକରଣ କାର୍ଯ୍ୟ ଶେଷ ହୋଇଛି। ଗତ ୨୫ତାରିଖରୁ ଅଗଷ୍ଟ ୩୧ତାରିଖ ଯାଏଁ ଅନଲାଇନରେ ଚାଷୀ ପଞ୍ଜିକୃତ କାଗଜପତ୍ର ମଧ୍ୟ ଅପଲୋଡ୍ ହୋଇସାରିଛି। ଏବେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ତ୍ରୁଟିପୂର୍ଣ୍ଣ ଜମିଗୁଡିକୁ ଅନୁଧାନ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ବ୍ଲକର ୧୬ଟି ମଣ୍ଡିରେ ଧାନ ବିକ୍ରୟ ପାଇଁ ସମସ୍ତ ଚାଷୀ ପ୍ରାୟ ନାମ ପଞ୍ଜୀକରଣ କରିଛନ୍ତି। ବ୍ଲକର ବାଲିପୋଖରୀ ସମିତିଠାରେ ୭୦୭, ରହଣିଆଠାରେ ୧୦୭୯, ତେସିଙ୍ଗାରେ ୮୨୮, ନେରଡ଼ାଠାରେ ୫୫୧, ନାଆମୀଠାରେ ୧୦୫୭, ନାରାୟଣପୁରରେ ୮୧୭, ମାଳଦାରେ ୮୦୧ ଓ ଜଳମଣ୍ଡୁଆ ସମିତିଠାରେ ସର୍ବାଧିକ ୧୨୩୧ ଜଣ ଚାଷୀ ଚଳିତ ବର୍ଷ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଛନ୍ତି। ସେହିଭଳି କୁରିଗାଁ ମା' ଦୁର୍ଗା ଏସଏଚଜିଠାରେ ୪୨୬, ଶିରିଡି ସାଇ ଠାରେ ୭୪୮, ସାରୋ ଆଦିଶକ୍ତି ଏସଏଚଜିଠାରେ ୬୩୬, ଆସ୍ଥା ମନ୍ତବାସିନୀଠାରେ ୫୮୫, ମା ବଡମ୍ମା ଏସଏଚଜିଠାରେ ୪୯୧, ବୟାବନାପୁର ମା' ଦୁର୍ଗା ଏସଏଚଜିଠାରେ ୫୦୩, ଓଁ ବାବାମଣି ଠାରେ ୫୪୬ ଓ ଶକ୍ତି ସ୍ୱରୂପା ଏସଏଚଜିଠାରେ ୩୮୭ ଜଣ ଚାଷୀଙ୍କ ନାମ ପଞ୍ଜିକୃତ ହୋଇଥିବା ଜଣାଯାଇଛି। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଚାଷୀଙ୍କ ପଞ୍ଜିକୃତ ଅପେକ୍ଷାକୃତ ଭାବେ ସାମାନ୍ୟ ଅଧିକ ହୋଇଛି। ପଞ୍ଜିକରଣ ପରେ ଏବେ ରାଜସ୍ୱ, ସମବାୟ ଓ କୃଷି ବିଭାଗ ପକ୍ଷରୁ ମିଳିତ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶେଷ କରି ଡିଜିଟାଲ ସର୍ଭେ ଜରିଆରେ ଅନାବାଦୀ, ଗ୍ରାମ୍ୟ ଜଙ୍ଗଲ, ଗୋଦଣ୍ଡା, ଘରବାଡି, ଚାରଣ ଭୂଇଁ, ଗ୍ରାମ୍ୟ ଜଙ୍ଗଲ କିସମର ଜମିକୁ ଚିହ୍ନଟ କରାଯାଉଥିବା ଜଣାପଡିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସରକାର ପ୍ରଥମ କରି ବଂଶାବଳୀ ତଥ୍ୟ ପ୍ରଦାନ ଆଧାରରେ ଚାଷୀ ପଞ୍ଜୀକରଣ ପାଇଁ ନିୟମ ଆଣିଥିବା ଯୋଗୁ କିଛି ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ଜଣାପଡିଛି। ଯଦିଓ ଶେଷ ପର୍ଯ୍ୟାୟରେ ଉକ୍ତ ନିୟମକୁ ପ୍ରତ୍ୟାହାର କରାଯାଇଥିଲା କିନ୍ତୁ କେତେକ ଅଂଚଳର ଚାଷୀ ନାମ ପଞ୍ଜୀକରଣ କରିପାରି ନଥିବା ସୂଚନା ଦିଆଯାଇଛି।

# 'ସକାଳ' ପ୍ରଭାବ: ସ୍କୁଲ ସମସ୍ୟା ନେଇ କ୍ଲଷ୍ଟରସ୍ତରୀୟ ତଦନ୍ତ



ବନ୍ତ/ଆଗରପଡ଼ା,୨।୯(ସମିସ): 'ସକାଳ'ରେ ଏକ ଖବର ଆଧାରରେ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଦୁଇଟି କୋଠରୀରେ ପାଠପଢ଼ା ସହ ପରିଚାଳନା ଅବ୍ୟବସ୍ଥା ନେଇ ଉକ୍ତ ଖବରକୁ ଆଧାରକରି ସାମାଜିକ କର୍ମୀ ଅକ୍ଷୟ ପାତ୍ର ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ପରେ ନିର୍ଦ୍ଦେଶ ଆସିବା ପରେ ବ୍ଲକ ଶିକ୍ଷାଧିକାରିଣୀ, ବନ୍ତଙ୍କ ନିର୍ଦ୍ଦେଶାନୁସାରେ ସୋମବାର କାଦବରାଙ୍ଗ ଓ ନରାଜପୁର କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆରସିସି ପ୍ରଦୀପ କୁମାର ପଲାଇ ଏବଂ ଛୟାଳସିଂହ କ୍ଲଷ୍ଟର ସିଆରସିସି ଗିରିଜା ଶଙ୍କର ଲେଙ୍କା ବିଶଲକଣା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଆସି ବିଦ୍ୟାଳୟରେ ଲାଗି ରହିଥିବା ଶ୍ରେଣୀ ଗୃହ ସମସ୍ୟାର ତଦନ୍ତ କରିଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତ ଅନ୍ତର୍ଗତ ତଥା କାଦବରାଙ୍ଗ କ୍ଲଷ୍ଟର ଅଧୀନସ୍ଥ ବିଶଲକଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠପଢା ବିପର୍ଯ୍ୟୟ ହୋଇପଡ଼ିଲାଣି। ୧୯୬୭ରେ ସ୍ଥାପିତ ଏହି ପ୍ରାଥମିକ ବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷରେ ୫୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୫ଟି ଶ୍ରେଣୀ ପାଇଁ ୨ଟି ଗୃହ ଉଦ୍ଦିଷ୍ଟ ଥିବା ବେଳେ ୩ ଜଣ ଶିକ୍ଷକ ନିଯୁକ୍ତି ପାଇଥିଲେ। ଏହା ମଧ୍ୟରେ ୫୭ ବର୍ଷ ଅତିକ୍ରମ କରିଯାଇଥିଲେ ସୁଦ୍ଧା ବିଦ୍ୟାଳୟଟିର ଶୈକ୍ଷିକ ପରିବେଶରେ ଉନ୍ନତି ହୋଇପାରିନାହିଁ। ବିଦ୍ୟାଳୟରେ ମାତ୍ର ୨ଟି ଶ୍ରେଣୀଗୃହ ରହିଥିବାରୁ ୨ଟି ଗୃହରେ ୨ଟି ଲେଖାଏଁ ଶ୍ରେଣୀର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ଆଉ ଗୋଟିଏ ଶ୍ରେଣୀର ପାଠପଢା ଅଫିସ ଗୃହରେ ଚାଲୁଥିବାର ଜଣାପଡ଼ିଛି। ଗୋଟିଏ ଗୃହରେ ୨ଟି ଶ୍ରେଣୀର ପିଲାଙ୍କୁ ଏକ କାଳୀନ ଶିକ୍ଷାଦାନ କରାଯାଉଥିବାରୁ ଏଠାରେ ଗୁଣାତ୍ମକ ମାନର ଶିକ୍ଷା କିପରି ଭାବରେ ପ୍ରଦାନ କରାଯାଉଥିବ ତାହା ସହଜରେ ଅନୁମେୟ। ବିଦ୍ୟାଳୟଟିର ସମ୍ମୁଖ ଭାଗକୁ ଛାଡ଼ି ଦେଲେ ଅନ୍ୟ ପାଶ୍ୱର୍ରେ ସ୍ଥାୟୀ ପାଚେରୀ ନଥିବାରୁ ଏହା ବୁଲା ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଏତେ ପୁରାତନ ବିଦ୍ୟାଳୟଟିରେ ଏହିପରି ଅବ୍ୟବସ୍ଥା ଲାଗି ରହିଥିବାରୁ ଏହା କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ସହ ବିଦ୍ୟାଳୟ ପରିସରରେ ଗୁଣାତ୍ମକ ଶିକ୍ଷାଦାନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଭଦ୍ରକ କଲେଜ ମୁଖ୍ୟ ଫାଟକରୁ ଘରୋଇ ବ୍ୟାନରକୁ ହଟାଇବାକୁ ନିର୍ଦ୍ଦେଶ



ଦୋବଲ,୨।୯(ସମିସ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ଘରୋଇ ବ୍ୟାନର ଲଗାଇବାକୁ ନେଇ ଆଜି ବିଭିନ୍ନ ସୋସିଆଲ ମିଡିଆରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଜିଲ୍ଲାପାଳ ଦିଲୀପ ରାଉତରାଏ ଏହାକୁ ନେଇ କଲେଜ ଅଧ୍ୟକ୍ଷଙ୍କୁ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ଆଦେଶ ପରେ ଖୁବଶୀଘ୍ର ଏହି ଘରୋଇ ବ୍ୟାନରକୁ ହଟାଇ ଦିଆଯିବ ବୋଲି ଅଧ୍ୟକ୍ଷ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲାର ଏହି ପ୍ରତିଷ୍ଠିତ ସରକାରୀ ମହାବିଦ୍ୟାଳୟରେ ଏକାଧିକ ସଂସ୍ଥା ମନଇଚ୍ଛା ପୋଷ୍ଟର, ବ୍ୟାନର ଲଗାଇବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# 'ଆଗରପଡ଼ାକୁ ବୈମାତୃକ ମନୋଭାବର ଜବାବ ଦିଆଯିବ'




ବନ୍ତ/ଆଗରପଡ଼ା,୨।୯(ସମିସ): ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କ ଜନ୍ମମାଟିକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ଘୋଷଣା ନ କରାଯିବା ପ୍ରତିବାଦରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ଦାଶଙ୍କ ଆବାହକତ୍ୱରେ ଆଗରପଡ଼ାସ୍ଥିତ ହେମପଦ୍ମ ଗ୍ୟାଲେକ୍ସି ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା ଆଗରପଡ଼ାକୁ ଓଡ଼ିଶା ସରକାରଙ୍କ ବୈମାତୃକ ମନୋଭାବ ଦ୍ୱାରା ଅଞ୍ଚଳବାସୀଙ୍କୁ ଗଭୀର ଆଘାତ ଦେଇଛି। ଆଗାମୀ ଦିନରେ ସରକାରଙ୍କୁ ଏ ଅଞ୍ଚଳବାସୀ ଉଚିତ ଜବାବ ଦେବେ ବୋଲି କହିଥିଲେ। ସମସ୍ତ ପ୍ରକାରର ଭିତ୍ତଭୂମି ଥାଇ ସରକାରୀ ସ୍ତରରେ ଏହି ଅଞ୍ଚଳକୁ କାହିଁକି ବାଦ ଦେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଓ ସରକାରଙ୍କ ହୀନମନ୍ୟତା ପଦାରେ ପଡ଼ିଯାଇଛି। ଏହି ମାଟି ସ୍ୱାଭିମାନର ମାଟି। ଏହି ସରଳ ସ୍ୱାଭିମାନର ସୁଯୋଗ ନେଇ ସରକାର ଏହି ଅଞ୍ଚଳବାସୀଙ୍କୁ ପ୍ରତାରଣା କରିଛନ୍ତି। ଏହା କେବଳ ବିଜେଡିର ଦାବି ନୁହେଁ, ଏହା ସମସ୍ତଙ୍କ ଦାବି ତେଣୁ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହେବାପାଇଁ ସେ ଆହ୍ୱାନ ଦେଇଥିଲେ। ସଭ୍ୟା ରୁନୀତା ଦାସ, ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ, ଯୁବନେତା ସତ୍ୟ ସାଧନ ବେଜ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବଡ଼ମହିଁଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତି, ବିଟିପୁର ସମିତିସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀନାଥ ମହାନ୍ତି, ରାମଚନ୍ଦ୍ର ନାୟକ, ରବୀନ୍ଦ୍ର ଆଇଚ, ନନ୍ଦକିଶୋର ନାୟକ, ପ୍ରସନ୍ନ ସିଂହ, ଗଗନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ଧାମନଗର, ୨।୯(ସମିସ): ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦ୍ୱାରା ବିଭିନ୍ନ ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧୀନ ପୂର୍ତ୍ତ ବିଭାଗ ରାସ୍ତାଠାରୁ ପଲିକିରୀ ରାସ୍ତା, ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ଇଚ୍ଛଦା ମଜଫରପୁର ରାସ୍ତା ଓ କଲ୍ୟାଣୀଠାରୁ କୋଠାର ପର୍ଯ୍ୟନ୍ତ ଏହି ରାସ୍ତାର ପ୍ରଶସ୍ତି ସହ ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ସମରୋହରେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ବିଜେପି ନେତା ରଘୁନାଥ ଲେଙ୍କା, ଦୀପ୍ତିରଞ୍ଜନ ଜେନା, ଅରବିନ୍ଦ ପତି, ଶ୍ରୀକାନ୍ତ ନାୟକ, ଅନନ୍ତ ବେହେରା, ରାଜୀବ ନାୟକ, କିଶୋର ଦାସ, ରାଜୀବ ଦାସ, ସୁଦର୍ଶନ ସାମଲ, ବଳରାମ ଦାଶଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତୃମଣ୍ଡଳୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ମନ୍ତ୍ରୀଙ୍କୁ ନେତା ଓ କର୍ମୀ ଏବଂ ମହିଳା ଉପସ୍ଥିତ ରହି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



# 'ଯ' ନଇକୁ ଖସିଲା ଅଟୋ

ବାରିକପୁର,୨।୯(ସମିସ): ଭଣ୍ଡାରିପୋଖରୀ ବ୍ଲକ ୧୬ ନମ୍ବର ଜାତୀୟ ରାଜପଥର ପାଳଦା ବାଙ୍କ ଓଭରବ୍ରିଜ ନିକଟରେ ଏକ ଯାତ୍ରୀବାହୀ ଅଟୋ 'ଯ' ନଇକୁ ଖସିପଡ଼ିବାରୁ ଏଥିରେ ଦୁଇ ଜଣ ଆହତ ହୋଇଛନ୍ତି। ରାତି ପ୍ରାୟ ଆଠଟା ବେଳେ ଭଦ୍ରକ ପଟୁ ଏକ ଅଟୋ କଟକ ଅଭିମୁଖେ ଯାଉଥିବା ବେଳେ କୌଣସି କାରଣରୁ ଏହା ଜଳପୂର୍ଣ୍ଣ ନାଳକୁ ଖସି ପଡିଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଟୋରେ ଥିବା ଦୁଇ ଜଣଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଆହତଦ୍ୱୟଙ୍କ ଘର ଧାମନଗର ଗୋଡିପୋଖରୀ ହୋଇଥିବା ବେଳେ ସେମାନଙ୍କ ନାମ ବଳରାମ ମଲ୍ଲିକ ଓ ବିଶ୍ୱମ୍ବର ମଲ୍ଲିକ ବୋଲି ଜଣାପଡିଛି।

# ସରସଦା ସମବାୟସମିତି ସମିତିରେ ଝୁଲୁଛି ତାଲା



ଭଣ୍ଡାରିପୋଖରୀ, ୨।୯(ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦକୁ ଭଦ୍ରକ ସମବାୟ ସମିତି ସମୂହ ଉପନିବନ୍ଧକ ଦୁଃଖିଆ ଟୁଡୁ ବରଖାସ୍ତ କରିଥିବା ଜଣାଯାଇଛି। ଗତ ସୋମବାର କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୦୯୦ ଯୋଗେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସମବାୟ ସମିତି ସମୂହ କାର୍ଯ୍ୟାଳୟର ବରିଷ୍ଠ ସହକାରୀ ନିବନ୍ଧକଙ୍କ ଗତ ଅଗଷ୍ଟ ୩୦ ତାରିଖର ପତ୍ର ସଂଖ୍ୟା ୧୭୩୩ ଓ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ପରିଚାଳକଙ୍କ ଗତ ଜାନୁୟାରୀ ମାସ ୩ ତାରିଖ ପତ୍ର ସଂଖ୍ୟା ୭୨୦ ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି। ଉପରୋକ୍ତ ପତ୍ରଗୁଡିକରେ ସଂପୃକ୍ତ ପରିଚାଳନା ପରିଷଦ ଦାୟିତ୍ୱ ପାଳନରେ ଅବହେଳା ପ୍ରଦର୍ଶନ କରୁଥିଲା। ଏହାଦ୍ୱାରା ସମିତି ଓ ସମିତି ସଦସ୍ୟମାନେ ପକ୍ଷପାତର ଶିକାର ହେଉଥିଲେ। ଏପରିକି ସମିତି ପରିଚାଳନା ପରିଷଦର ବୈଠକ ଗତ ୨୮ ମାସ ଧରି ଅନୁଷ୍ଠିତ ହେଉ ନଥିଲା ବୋଲି ଉଲ୍ଲେଖ କରାଯାଇଥିଲା। ଏହି ବରଖାସ୍ତ ଆଦେଶ ତତ୍କାଳ କାର୍ଯ୍ୟକାରୀ କରାଯାଇଛି। ଏଥିସହ ସମବାୟ ସମିତି ସମୂହ କାର୍ଯ୍ୟାଳୟ ସହକାରୀ ନିବନ୍ଧକ ସତ୍ୟପ୍ରକାଶ ସେଠୀଙ୍କୁ ସମିତିର ପରିଚାଳକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ବରଖାସ୍ତ ପରିଚାଳନା ପରିଷଦ ପକ୍ଷରୁ ଗତ ୨୨ ତାରିଖରେ ନବନିଯୁକ୍ତ ସମ୍ପାଦକଙ୍କୁ ବରଖାସ୍ତ ସମ୍ପାଦକ ଦାଇତ୍ୱ ହସ୍ତାନ୍ତର ଦାବି କରାଯାଇ ସମିତରେ ତାଲା ପକାଯାଇଥିଲା। ଏଯାବତ ତାଲା ଖୋଲାଯାଇ ନଥିବା ଜଣାଯାଇଛି। ଏଥିପୂର୍ବରୁ ଭଦ୍ରକ ସମବାୟ ସମିତି ସହକାରୀ ନିବନ୍ଧକଙ୍କ ଦ୍ୱାରା ଗତ ଅଗଷ୍ଟ ମାସରେ ତତ୍କାଳୀନ ସମ୍ପାଦକ ଅଜୟ ବେହେରାଙ୍କୁ ବଦଳା ଯାଇଥିଲା। ସେହି ବଦଳି ଆଦେଶକୁ ୩ ଦିନ ପରେ ପ୍ରତ୍ୟାହାର କରାଯାଇଥିଲା। ବଦଳି ପ୍ରତ୍ୟାହାର ଆଦେଶ ଉପରେ ସମିତିର ସଭାପତି ଅବିନାଶ ରାଉତଙ୍କ ମାମଲା ବଳରେ ହାଇକୋର୍ଟରୁ ରହିତାଦେଶ ମିଳିଥିଲା। ଏବେ ସେହି ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ଏଭଳି ପରିସ୍ଥିତିରେ ସମିତିର ପରିଚାଳନା ପରିଷଦକୁ ବାରଖାସ୍ତ କରାଯାଇଛି।

# ୨ଟି ଗ୍ରାମ୍ୟ ସଡ଼କର ଶିଳାନ୍ୟାସ



ବନ୍ତ/ଆଗରପଡ଼ା,୨।୯(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଆଡିଆ ଓ ନିଳୋକ ପଞ୍ଚାୟତରେ ସାଂସଦ ଓ ବିଧାୟକଙ୍କ ଦ୍ୱାରା ଗ୍ରାମ୍ୟ ଉନ୍ନୟନ ବିଭାଗର ୨ଟି ରାସ୍ତାର ଶିଳାନ୍ୟାସ ହୋଇଯାଇଛି। ନିଳୋକ ପଞ୍ଚାୟତରେ ୪ କୋଟି ୨୩ ଲକ୍ଷ ୫୬ ହଜାର ଟଙ୍କା ବ୍ୟୟ ଅଟକଳରେ ୪.୯ କିମି ଦୈର୍ଘ୍ୟ ବିଶିଷ୍ଟ ସାହାଡାପଲ୍ଲୀ ପୂର୍ତ୍ତ ବିଭାଗ ରାସ୍ତାରୁ ଓଳମ ରେବ ନଦୀ ଭାୟା ତାଳବାଙ୍କ ମୁଣ୍ଡାସାହି ଏବଂ ଆଡିଆ ପଞ୍ଚାୟତରେ ୩ କୋଟି ୩୬ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ଅଟକଳରେ ୩କିମି ଦୈର୍ଘ୍ୟ ବିଶିଷ୍ଟ ଗ୍ରାମ୍ୟ ରାସ୍ତା ଆଡିଆ(ଗୋହିରା ଛକ)ରୁ ଭାୟା ଜିରିଣା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ଭଣ୍ଡାରିପୋଖରୀ ବିଜେପି ନେତା ସୁଧାଂଶୁ ଶେଖର ନାୟକ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗଣେଶ ହେମ୍ବ୍ରମ, ବନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁପଣ୍ଡା ସୋରେନ, ସହକାରୀ ଯନ୍ତ୍ରୀ ସୁରଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନିଳୋକ ପଞ୍ଚାୟତ ସରପଞ୍ଚ ରଜନୀ ସେଠୀ, ପୂର୍ବତନ ସରପଞ୍ଚ ଅଶୋକ ମହାନ୍ତି, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ନେତା ଶଙ୍କର୍ଷଣ ଜେନା, ବିଜେଡି ଯୁବନେତା ସ୍ମୃତିରଞ୍ଜନ ସ୍ୱାଇଁ, ବିଜେପି ଯୁବନେତା ହରେକୃଷ୍ଣ ସେନାପତି, ଆଡିଆ ସରପଞ୍ଚ ମୀନା କୁମାରୀ ଜେନା, ବନ୍ତ ବିଜେପି ମଣ୍ଡଳ ସଭାପତି ସନ୍ତୋଷ ନାୟକ, ମହତାବ ବିଜେପି ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ବିଜେପି ମହିଳା ନେତ୍ରୀ ପଙ୍କଜିନୀ ଲେଙ୍କା, ପୂର୍ବତନ ସରପଞ୍ଚ ଆନନ୍ଦଚନ୍ଦ୍ର ଓଝା, ବିଜୟ ଜେନାଙ୍କ ସମେତ ଦୁଇ ଦଳର ଶତାଧିକ କର୍ମୀ ଉପସ୍ଥିତ ଥିଲେ।